ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ, ୨୦୧୯ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା, ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।**

 Magazine Downloaded from www.aahwaan.com

# ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଊଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ**

 Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୫ |
| **କାହାଣୀ ବିଭାଗ** | | **୨୭** |
| ସୁନେଲୀ ସିଂହ | ଅଶୋକ ବିଶ୍ୱାଳ | ୨୮ |
| ହେଲ୍‌ମେଟ୍ | ଆକାଶ କୁମାର ଭୋଳ | ୩୩ |
| ଦୁଇଟି ଅଣୁଗଳ୍ପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୩୫ |
| ମୋ ଗାଁ | ସୀତାରାମ | ୩୮ |
| ଆତ୍ମହତ୍ୟା | ଜିତେନ୍ଦ୍ର କୁମାର କହଁର | ୩୯ |
| ହଜିଯାଇଥିବା ଲୋକର ଠିକଣା | ତ୍ରିଲୋଚନ ଦାସ | ୫୦ |
| ଆମ ଗାଁ ମଶାଣୀ ପଦର | ସତ୍ୟପ୍ରକାଶ ସେଠୀ | ୫୫ |
| ଚଇତି ଘୋଡ଼ା | ପ୍ରମୋଦ କୁମାର ପଣ୍ଡା | ୬୦ |
| ପରକିୟା ପ୍ରୀତି | ଗଦାଧର ବଳ | ୭୦ |
| ପାୱାର୍ କଟ୍ | ସୁଲଗ୍ନା ମହାନ୍ତି | ୭୪ |
| ନଗଡ଼ା ଉପାଖ୍ୟାନ | ଶିଶିର କୁମାର ଚୌଧୁରୀ | ୭୯ |
| ପୂର୍ଣ୍ଣ ଅପୂର୍ଣ୍ଣ | ସ୍ମୃତିରେଖା ମିଶ୍ର | ୮୪ |
| ଫଣ୍ଡା | ସୁବଳ ମହାପାତ୍ର | ୯୪ |

Magazine Downloaded from www.aahwaan.com


| | | |
|---|---|---|
| ଅହ୍ୟସୁଲକ୍ଷଣୀ | ରାଜବାଳା ତ୍ରିପାଠୀ | ୯୮ |
| ନୂଆ ସକାଳ | ବିନୟ ଭୂଷଣ ପାଣିଗ୍ରାହୀ | ୧୦୩ |
| ସୁଭଦ୍ରା ଖୁଡ଼ି | ସେଠୀ କାର୍ତ୍ତିକ ଚନ୍ଦ୍ର | ୧୧୫ |
| ଭୁଲି ହେବକି ସେ ଅଭୁଲା ମୁହୂର୍ତ୍ତ | ନାରାୟଣ ଚନ୍ଦ୍ର ସେନାପତି | ୧୧୮ |
| ନୂଆବର୍ଷ ବନାମ ଗରିବ ବାପା | ପ୍ରିୟଙ୍କା ସାହୁ | ୧୨୧ |
| ସାବିତ୍ରୀ ଭାବି | ମହାପାତ୍ର ବି ସୁନନ୍ଦା | ୧୨୫ |
| ଯାହା ପାଇଁ ଯିଏ | ଭାଗିରଥୀ ବେହେରା | ୧୩୦ |
| ଅଭିଶପ୍ତ ଆଇନା | ଦୀପକ ଷଡ଼ଙ୍ଗୀ | ୧୪୦ |
| ନିର୍ବାକ ସଂପର୍କ | କଲ୍ୟାଣୀ ନନ୍ଦ | ୧୪୯ |
| ଗୌରୀ, ତୁ ଏ କୂଳର ନା ସେ କୂଳର | ଶିବାଶିଷ ନାଏକ | ୧୫୦ |
| ଭିନ୍ନ ଏକ ବହୁରୂପୀ | ଜ୍ୟୋତିରଞ୍ଜନ ସାହୁ | ୧୫୬ |
| ଗୋଲାପ | ରୁଖ୍‌ସାର୍ ବେଗମ୍ | ୧୬୧ |
| ପ୍ରତିଶୃତି | ପ୍ରକାଶଚନ୍ଦ୍ର ପଣ୍ଡା | ୧୬୨ |
| ପିତେଇ ବାୟାଣୀ | ସୁଷମା ପରିଜା | ୧୬୭ |
| ତିନୋଟି ଅଣୁଗଳ୍ପ | ଆଶୁତୋଷ ବରାଳ | ୧୭୫ |
| ବିରାଟ ପରିବର୍ତ୍ତନ | ଶିଶିର ପଣ୍ଡା | ୧୭୭ |
| ସନ୍ୟାସୀ ବାବାଙ୍କ ପ୍ରତ୍ୟାବର୍ତ୍ତନ | ବାଲ୍ମୀକି ନାୟକ | ୧୮୨ |

 Magazine Downloaded from www.aahwaan.com


| | | |
|---|---|---|
| **କବିତା ବିଭାଗ** | | **୧୯୨** |
| ତିନୋଟି ଛୋଟ କବିତା | ବେବିସ୍ମିତା କର | ୧୯୩ |
| ମୁଁ କଣ ଖରାପ ସତରେ | ପ୍ରିୟଙ୍କା ପ୍ରିୟଦର୍ଶିନୀ | ୧୯୪ |
| ବାପା | ସୁଶାନ୍ତ କୁମାର ଧଳ | ୧୯୮ |
| ଜୟ ହନୁମାନ | ଡମ୍ବରୁଧର ବାଗ୍ | ୧୯୯ |
| ଅତିଥି ବନାମ ଗେଷ୍ଟ | ସସ୍ମିତା ସାହୁ | ୨୦୦ |
| ସବୁ ଭାବନାର ପ୍ରତିକ୍ରିୟା | ଅନସୂୟା ପଣ୍ଡା | ୨୦୨ |
| ସିଏ ସିନା କବି | ସୁରେନ୍ଦ୍ର କୁମାର ମଲ୍ଲିକ | ୨୦୪ |
| ଶେଷ ମାନବର ବିଳାପ | ପ୍ରିୟଙ୍କା ସାହୁ | ୨୦୬ |
| ନୂଆ ବରଷ ହେ | ସମ୍ବିତ୍ ସତ୍ୟପ୍ରକାଶ ମିଶ୍ର | ୨୦୭ |
| ଆସ ନୂଆବର୍ଷ | ସତ୍ୟବ୍ରତ ସାହୁ | ୨୦୮ |
| ନବବର୍ଷ | ସନାତନ ମହାକୁଡ଼ | ୨୦୯ |
| ନବବର୍ଷ | ବନଜ୍ୟୋସ୍ନା ପଣ୍ଡା | ୨୧୦ |
| ନବବର୍ଷ ୨୦୧୯ | ଶ୍ରୀ ରମା କାନ୍ତ ମିଶ୍ର | ୨୧୧ |
| ନୂତନବର୍ଷର ଶୁଭେଚ୍ଛା | ବେଦବ୍ୟାସ ମାଝୀ | ୨୧୩ |
| ନୂଆ ଦିବସ | ଦିଲ୍ଲୀପ କୁମାର ସାମଲ | ୨୧୪ |
| ନୂଆ ବରଷ | ରାହାସ କୁମାର ବେହେରା | ୨୧୬ |

 Magazine Downloaded from www.aahwaan.com


| | | |
|---|---|---|
| ସ୍ୱାଗତ ହେ ନବାଗତ | ଡା ନୀଳମାଧବ କର | ୨୧୮ |
| ଅତିଥି ୨୦୧୯ | ଚନ୍ଦ୍ରଶେଖର ଗୋ | ୨୧୯ |
| ନବବରଷଟି ଆସୁଛି | ତପନକୁମାର ସ୍ୱାଇଁ | ୨୨୨ |
| ଅଭିନନ୍ଦନ ୨୦୧୯ | ଶିବାଶିଷ ନାଏକ | ୨୨୪ |
| ବିଦାୟ ୨୦୧୮ | ମନୋରଞ୍ଜନ ମୁଦୁଲି | ୨୨୬ |
| ଅସରନ୍ତି ଆଶାର ଗନ୍ତାଘର | ରତ୍ନାକର ଶୀୟ | ୨୨୮ |
| ଆମେ ଓଡ଼ିଆ | ତପନ କୁମାର ସାହୁ | ୨୩୦ |
| ବିଦାୟ ବେଳା | ଆଶୁତୋଷ ମେହେର | ୨୩୩ |
| ଡାକ୍ତର | ରୋଜା ପଣ୍ଡା | ୨୩୪ |
| ଶୀତ | ଅର୍ଚ୍ଚନା ପଟ୍ଟନାୟକ | ୨୩୬ |
| ନାରୀ ହୋଇଯିବେ ଲୁପ୍ତ | କେ. ନିର୍ମଳ | ୨୩୭ |
| ଗୌରବାନ୍ୱିତ ମନେ କରୁଛି | ଶୁଭକାନ୍ତ ଗୌଡ଼ | ୨୩୮ |
| ସବୁଠି ଲୁଚି କି ଥାଅ | ସେଠୀ କାର୍ତ୍ତିକ ଚନ୍ଦ୍ର | ୨୩୯ |
| ହେ ସମୟ ତୁମେ ଫେରିଯାଅ | ସିଦ୍ଧେଶ୍ୱର ତ୍ରିପାଠୀ | ୨୪୦ |
| ପଛଧାଡ଼ିର ମଣିଷ | ପ୍ରଦୀପ ବନ୍ଧ | ୨୪୨ |
| ଝିଅ ତୁ ଏକ ନମ୍ବର | ସୌମ୍ୟରଞ୍ଜନ ପାଲ | ୨୪୪ |
| ମାଆ ପାଇଁ ପଦେ | ପ୍ରିୟବ୍ରତ କର | ୨୪୫ |

 Magazine Downloaded from www.aahwaan.com


| | | |
|---|---|---|
| ଅଳସୀ ଜହ୍ନ | ଗୌରାଙ୍ଗ ଚରଣ ବେଉରା | ୨୪୬ |
| ଆମେ ଘାସଫୁଲ | ଜଗନ୍ନାଥ ତରେଇ | ୨୪୭ |
| ଗାଁଟି ମୋର | ଡଃ ଅମରେଶ ପଟ୍ଟନାୟକ | ୨୪୮ |
| ପ୍ରେମ-ଏକ କାହାଣୀ | ପ୍ରତିଭା ପ୍ରିୟଦର୍ଶିନୀ | ୨୫୦ |
| ଶୀତ ସକାଳ | ଶୁଭସ୍ମିତା ବେହେରା | ୨୫୨ |
| ସ୍ୱପ୍ନ | ଜୟଶ୍ରୀ ମହାରଣା | ୨୫୩ |
| ଆହ୍ୱାନ | ବିଦ୍ୟାଧର ସେଠୀ | ୨୫୪ |
| ସୈନିକ | ତୁଷାରକାନ୍ତ ପ୍ରସାଦ | ୨୫୫ |
| ମୋ ଗାଁର ସୌନ୍ଦର୍ଯ୍ୟ | ପ୍ରେମଶିଳା ରାଉତ | ୨୫୭ |
| ମା | ଭାଗିରଥୀ ଯାନୀ | ୨୫୮ |
| ମାଆ | ମନୋଜ କୁମାର ପ୍ରଧାନ | ୨୫୯ |
| କହ ଝିଅ ତୁ କଣ ହେବୁ ? | ବନ୍ଦିତା କର | ୨୬୧ |
| ମହାମାୟୀ | ଚିତ୍ତରଞ୍ଜନ ସାହୁ | ୨୬୨ |
| ଦୂରେଇ ଗଲାପରେ | ଅଜୟ କୁମାର ବେହେରା | ୨୬୩ |
| ମୁଁ ଯେବେ ତୁମକୁ ଭେଟିଲି | କସ୍ତୁରୀ ଚରଣ ରାଉତ | ୨୬୪ |
| ଗୁହାରୀ ଶୁଣ ମୋ ଭୋଳାଶଙ୍କର | କୁମାର ଲୋକେଶ୍ | ୨୬୫ |
| ସ୍ରଷ୍ଟାର ସୃଷ୍ଟି | ଅମ୍ବିକା ସ୍ୱାଇଁ | ୨୬୬ |

 Magazine Downloaded from www.aahwaan.com


| | | |
|---|---|---|
| ଆଇନା | ଜ୍ୟୋତିରଞ୍ଜନ ମହାରଣା | ୨୬୭ |
| ଆନନ୍ଦବର୍ଦ୍ଧନ ଅଭିନନ୍ଦନ | ମଦନ ମାଝୀ | ୨୬୮ |
| ତୁମେ ଗଲାପରେ | ସାଗର ପ୍ରଧାନ | ୨୬୯ |
| ମୋ ମାନସ ସନ୍ତାନ | ଅର୍ପିତା ରଣା | ୨୭୦ |
| ପ୍ରଜାପତିର ଡେଣା | ଅଶ୍ୱିନୀ ଦାସ | ୨୭୨ |
| ଯନ୍ତ୍ରଣା ଏକ ଅବ୍ୟକ୍ତ ମନର | ପରେଶ ଚନ୍ଦ୍ର ଦାସ | ୨୭୩ |
| ଗୁରୁ ମହାନ | କଳ୍ପନା ଜେନା | ୨୭୪ |
| ସ୍ମୃତି ସଦନ | ଅନିଲ କୁମାର ମହାରଣା | ୨୭୫ |
| କବିତା ମୋ ପ୍ରେମିକା | ନୂତନ କୁମାର ବେହେରା | ୨୭୭ |
| ମୋ ଗାଁ | କ୍ଷମାନିଧି ସାହୁ | ୨୭୯ |
| ସପନରେ ପ୍ରିୟା ତୁମେ | ଶରତ କୁମାର ଦାସ | ୨୮୦ |
| ଗଲାଦିନ | ବିନୟ ମହାପାତ୍ର | ୨୮୨ |
| ଜୀବନର ଧର୍ମ | ସନ୍ତୋଷ ପଟ୍ଟନାୟକ | ୨୮୩ |
| ଆଲୁଳାଏ ସ୍ମୃତି | ଜ୍ୟୋତ୍ସ୍ନାମୟୀ ପାତ୍ର | ୨୮୪ |
| ହେ ପୁଣ୍ୟାତ୍ମା କୃଷକ | ନାରାୟଣ ଚନ୍ଦ୍ର ସେନାପତି | ୨୮୬ |
| ନୂଆ ସକାଳ | ଧିରେନ୍ ବାଗ୍ | ୨୮୮ |
| ସ୍ମୃତିରୁ ଫର୍ଦ୍ଦେ | ଲୀନାରାଣୀ ଧଳ ମଙ୍ଗରାଜ | ୨୮୯ |

 Magazine Downloaded from www.aahwaan.com


| | | |
|---|---|---|
| ପ୍ରେମାମୃତ | ସସ୍ମିତା ମିଶ୍ର | ୨୯୨ |
| ଅନ୍ନଦାତାର ଆର୍ତ୍ତନାଦ | ବିକେଶ ସାହୁ | ୨୯୩ |
| ଶାନ୍ତିଦୂତ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୯୬ |
| ରାଧେକୃଷ୍ଣ | ଅକ୍ଷୟ କୁମାର ବେହେରା | ୨୯୭ |
| ରକ୍ତର ନମୂନା | ଏମ୍. ବିଜୟ କୁମାର | ୨୯୮ |
| କବିର କବିତା | ତିଳ ରାଉତ | ୨୯୯ |
| ରାଗ ଅନୁରାଗ | ରାମ କଲତା | ୩୦୦ |
| ପ୍ରେମର ମିଠା ଦୁର୍ଘଟଣା | ସୁଧାଂଶୁ ଶେଖର ମଣ୍ଡଳ | ୩୦୧ |
| ଅଭିମାନ | ପ୍ରିୟଙ୍କା ପ୍ରିୟଦର୍ଶିନି ଦାସ | ୩୦୨ |
| ନୀଳ ଦରିଆ | ସତ୍ୟବ୍ରତ ବାରିକ | ୩୦୪ |
| ମା | ସସ୍ମିତା ପାତ୍ର | ୩୦୫ |
| ଆରତୀ | ସ୍ୱର୍ଣ୍ଣପ୍ରଭା ଖଟୁଆ | ୩୦୭ |
| ଫେରିଆସ ପରଦେଶୀ | ପୂର୍ଣ୍ଣଚନ୍ଦ୍ର ରାଣା | ୩୦୮ |
| ଈଶ୍ୱରଙ୍କ ସନ୍ଧାନରେ | ଦେବଦତ୍ତ ମିଶ୍ର | ୩୦୯ |
| କାନ୍ଦୁଛି ଜଙ୍ଗଲ ପରିବାର | ସୌମ୍ୟରଞ୍ଜନ ହୋତା | ୩୧୦ |
| ଦିପୁ ଦୁନିଆରେ ତପୁ | ସାଗର ନାୟକ | ୩୧୨ |
| ମୁଁ... ପାରଲା | ରିଭୁଆଭୁଷଣ ପଣ୍ଡା | ୩୧୪ |

 Magazine Downloaded from www.aahwaan.com


| | | |
|---|---|---|
| ଏହି ଦରବାରେ | ହୃଦୟାନନ୍ଦ ପଧାନ | ୩୧୫ |
| ଏମିତି ହୁଅଇ ମାଆ | ମହେଶ୍ୱର ସାହୁ | ୩୧୬ |
| ନାହିଁ / ହଁ | ସ୍ମିତା ମିଶ୍ର | ୩୧୭ |
| ସୁନ୍ଦରୀ ସୁକନ୍ୟା | ଶ୍ରୀରାଜଶେଖର 'ଚିମା' | ୩୧୮ |
| ମାଆ ମଙ୍ଗଳା | ହରେରାମ ପଣ୍ଡା | ୩୨୦ |
| ଅନ୍ତରେ ଜ୍ୱଳନ ତୁମପାଇଁ ସାଥୀ | ସୁଜ୍ଞାନ କୁମାର କହଁର | ୩୨୨ |
| ପ୍ରଭୁ ତୁମେ ଶୁଣୁଛ ନା | ସ୍ୱବିତ କୁମାର ପାତ୍ର | ୩୨୩ |
| ତପ୍ତ ଅନୁଭବ | ମମତା ଦାଶ | ୩୨୫ |
| ସଂଚାର | ସୌରଭ ପାଣିଗ୍ରାହୀ | ୩୨୯ |
| କପଟିଆ ଜଗନ୍ନାଥ | ପ୍ରଶାନ୍ତ କୁମାର ପ୍ରଧାନ | ୩୩୦ |
| ଆଇନା | ସୌମ୍ୟରଞ୍ଜନ ସ୍ୱାଇଁ | ୩୩୨ |
| ରାତି ଆହୁରି ଅନେକ ବାକି | ଅଭିଷେକ ପାଢ଼ୀ | ୩୩୪ |
| ଆଦିମ ପ୍ରବୃତ୍ତି | ପ୍ରଫୁଲ୍ଲ କୁମାର ନାହାକ | ୩୩୫ |
| ଧର୍ଷଣ ଛାପ | ଶାରଦା ପ୍ରସନ୍ନ ସାହୁ | ୩୩୬ |
| ଶସ୍ତା ପ୍ଲାଷ୍ଟିକ | ପଙ୍କଜ କୁମାର ମାହାନା | ୩୩୮ |
| ହଁ, ତୋରି ପାଇଁ | ଶତ୍ରୁଜିତ ସିଂହ | ୩୩୯ |
| ସ୍ୱାର୍ଥପର ପ୍ରେମ | ସୁଧାଂଶୁ ଶେଖର ସାହୁ | ୩୪୧ |

 Magazine Downloaded from www.aahwaan.com


| | | |
|---|---|---|
| କାଗଜ ଖୋଜେ କଲମ | ଜୟନ୍ତ କୁମାର ସାହୁ | ୩୪୨ |
| ଦୁଃଖ ଏ ଦେହଜୀବିର | ମାନସ ରଞ୍ଜନ ବେହେରା | ୩୪୩ |
| ଅଫେରା ରାଇଜ | ଅମରେନ୍ଦ୍ର କର | ୩୪୪ |
| ଭ୍ରଷ୍ଟ ରାତ୍ରୀ | ବିକାଶ କୁମାର ପାଲ | ୩୪୫ |
| ବେଳେ ବେଳେ | ପ୍ରଦ୍ୟୁତ କୁମାର ମହାଖୁଡ଼ | ୩୪୭ |
| ମୋ କଳା କହ୍ନେଇ | ଭାରତୀପ୍ରଭା ପଣ୍ଡା | ୩୪୮ |
| ମୋ ଅଗଣାକୁ ଆ’ | ବି ନିରୁପମା | ୩୫୧ |
| ଭୁଲି ମୁଁ ପାରୁନି... | ଭଗବାନ ବେହେରା | ୩୫୨ |
| ପ୍ରଶ୍ନୋତ୍ତର | ପ୍ରମୋଦ ରାୟ | ୩୫୩ |
| ନୂଆକର ଚିନ୍ତାଧାରା | ନିରୁପମା ନାୟକ | ୩୫୪ |
| ଯମୁନା ଡାକେ ରାଧିକା | ରାମ ପ୍ରସାଦ ସିଂହ | ୩୫୫ |
| ଅସହାୟ | ଗୌରୀ ପଣ୍ଡା | ୩୫୬ |
| ଅଜଣା ପକ୍ଷୀ | ମନୋଜା ନାୟକ | ୩୫୭ |
| **ସମ୍ବଲପୁରୀ ବିଭାଗ** | | **୩୫୮** |
| କୁକ୍‌ରା ଉବାଚ | ଆର୍ତ୍ତତ୍ରାଣ ଖୁର୍ଡ଼ିଆ | ୩୫୯ |
| ମନର୍ କଥା | କବି ପ୍ରସାଦ | ୩୬୦ |
| ଇ ପୂଜାବିଧି | ଏମ୍. ବିଜୟ କୁମାର | ୩୬୧ |

 Magazine Downloaded from www.aahwaan.com


| | | |
|---|---|---|
| ପେଟର୍ କାଜେ ତୋ | ଜ୍ୟୋତିରାଦିତ୍ୟ ପୁଝାରୀ | ୩୬୨ |
| ସମ୍ବଲପୁରୀ ନନୀ | ଫିରୋଜ କୁମାର ପଟେଲ | ୩୬୩ |
| ମା | ଆକାଶ ଚୌହାନ | ୩୬୪ |
| **ପ୍ରବନ୍ଧ ବିଭାଗ** | | **୩୭୨** |
| ବିତର୍କିତ ରାମ ସେତୁ ବନାମ ଶ୍ରୀରାମ | ଡଃ ଲକ୍ଷ୍ମଣ ସାହୁ | ୩୭୩ |
| ଭଗବାନ କେଉଁଠି ? | କୃଷ୍ଣ ଦାସ | ୩୮୦ |
| ବଞ୍ଚାଅ, ବଢ଼ାଅ କନ୍ୟାରତ୍ନକୁ | ନାରାୟଣ ଚନ୍ଦ୍ର ସେନାପତି | ୩୮୩ |
| ଏଇ ଦେଶର କଣ ହେବ କେଜାଣି | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୩୮୭ |
| ସୁରକ୍ଷା ଶିକ୍ଷା | ଶ୍ରୀ ରମା କାନ୍ତ ମିଶ୍ର | ୩୯୩ |
| ବିଶେଷ ସୂଚନା | | ୩୯୯ |


ଚଳିତ ସଂସ୍କରଣ ନିମନ୍ତେ ଶେଷ ତାରିଖ ପର୍ଯ୍ୟନ୍ତ ମିଳିଥିବା ସମସ୍ତ ଲେଖା ପତ୍ରିକାରେ ପ୍ରକାଶିତ କରାଯାଇଛି, ଯେଉଁମାନଙ୍କର ଲେଖା ପ୍ରକାଶିତ ହୋଇନାହିଁ, ସେମାନେ ପୁଣିଥରେ ପଠାଇ ପାରିବେ । ପ୍ରତ୍ୟେକ ମାସରେ ପ୍ରକାଶିତ ହୁଏ ଆହ୍ୱାନ ଇ-ପତ୍ରିକା, ତାହେଲେ ଆପଣ କେବେ ବି ବିଳମ୍ବ ହେବେ ନାହିଁ । ଚଳିତ ମାସରେ ନ ହେଲେ ଆପଣ ଆଗାମୀ ମାସରେ ପତ୍ରିକାରେ ସ୍ଥାନ ପାଇବେ ।

**ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ଫେବୃଆରୀ ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।**

 Magazine Downloaded from www.aahwaan.com

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଇଂରାଜୀ ନବବର୍ଷ ନିଜର ପଦଧ୍ୱନୀ ଦେଇ ପୁରୁଣା ହୋଇଗଲାଣି । ବିଷୁବ ସଂକ୍ରାନ୍ତିକୁ ହିଁ ଆମେ ନବବର୍ଷ ବୋଲି ମାନୁଥିବା ବେଳେ ସମଗ୍ର ବିଶ୍ୱର ଆନନ୍ଦରେ ଆମେ ମଧ୍ୟ ସାମିଲ ହେବାପାଇଁ ଇଂରାଜୀ ନବବର୍ଷ ଉତ୍ସବକୁ ଅବହେଳା କରିବା ଅନୁଚିତ ହେବ । ତେଣୁ ସମସ୍ତଙ୍କ ଖୁସିରେ ଆମେ ଖୁସି ହେବା ନ୍ୟାୟରେ ମୋର ସମସ୍ତ ବନ୍ଧୁଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ।

ପ୍ରାର୍ଥନା କରୁଛି ଏହି ବର୍ଷ ଆପଣଙ୍କ ପାଇଁ ସମସ୍ତ ଖୁସି ଆଣିଦେଉ । ଆପଣଙ୍କ ସମସ୍ତ ସ୍ୱପ୍ନ ସାକାର ହେଉ । ଦିନ ଖୁସିରେ ବିତୁ । ଓଡ଼ିଆ ଭାଷା ସାହିତ୍ୟ ପାଇଁ ଆପଣଙ୍କ ସ୍ପୃହା ଆହୁରି ଦ୍ୱିଗୁଣିତ ହେଉ । ଆପଣ ଆମ ଭାଷା ପାଇଁ ଅଧିକ ମନୋନିବେଶ କରନ୍ତୁ ଏବଂ ଆହ୍ୱାନ ଇ-ପତ୍ରିକାର ଆହ୍ୱାନରେ ଅନୁପ୍ରାଣିତ ହୁଅନ୍ତୁ ।



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବର୍ଷର ପ୍ରଥମ ସଂସ୍କରଣ । ଆହ୍ୱାନ ବର୍ତ୍ତମାନ ଚତୁର୍ଦ୍ଦଶ ବର୍ଷରେ । ୨୦୦୬ ମସିହାରେ ଆରମ୍ଭ ହୋଇଥିବା ଆହ୍ୱାନ ଇ-ପତ୍ରିକା ସଂପ୍ରତି ଚଉଦବର୍ଷରେ ପହଞ୍ଚିଛି । ଏହାର ପ୍ରକାଶନ ଆପଣଙ୍କ ଭଳି ସହୃଦୟ ପାଠକ ପାଠିକାଙ୍କ ଯୋଗୁଁ ହିଁ ସମ୍ଭବ ହେଉଛି । ତେଣୁ ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ଏହାର ସମସ୍ତ ଲେଖକ ଲେଖିକା ମାନଙ୍କ ତରଫରୁ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ କୃତଜ୍ଞତା ଜ୍ଞାପନ କରୁଛି ।

ଚଳିତ ସଂସ୍କରଣରେ ଅନେକ ନୂତନ ଲେଖକ ଲେଖିକାଙ୍କ ଲେଖା ପ୍ରକାଶିତ ହୋଇଛି, ସେହିମାନଙ୍କ ଲେଖନୀ ସମୃଦ୍ଧ ହେଉ ବୋଲି ପ୍ରାର୍ଥନା କରୁଛି । ସେମାନେ ଭବିଷ୍ୟତରେ ଆମ ଭାଷାର ରକ୍ଷାପାଇଁ କର୍ତବ୍ୟରତ ହେବେ ଏଥିରେ ଦ୍ୱିମତ ନାହିଁ ।

ଚଳିତ ସଂସ୍କରଣ ପଢ଼ିବା ପୂର୍ବରୁ ଆସନ୍ତୁ ଧ୍ୟାନ ଦେବା ବିଗତ ମାସର କିଛି ପ୍ରମୁଖ ଖବର ଓ ଘଟଣା ବିଷୟରେ ।

## ୧. ସାଧାରଣବର୍ଗଙ୍କ ପାଇଁ ସଂରକ୍ଷଣ ନିୟମ

ନୂଆବର୍ଷରେ ସମସ୍ତ ରାଜନୈତିକ ଦଳଙ୍କୁ ଚମକାଇ ଦେଇ ଭାରତର ପ୍ରଧାନମନ୍ତ୍ରୀ ଏକ ଏମିତି ଘୋଷଣା କରିଲେ ଯାହାକୁ କେହି ବିରୋଧ କରି ପାରିବେ ନାହିଁ । ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଭାରତରେ ଆରକ୍ଷଣ ବା ସଂରକ୍ଷଣ ନିୟମ ଦ୍ୱାରା ନିର୍ଦ୍ଦିଷ୍ଟ କେତୋଟି ଜାତି ହିଁ ଲାଭାନ୍ୱିତ ହେଉଥିବା ବେଳେ ପ୍ରଥମ ଥର ମୋଦୀ ସରକାର ସ୍ୱଛଳବର୍ଗଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା କରି ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିଛନ୍ତି । ଆର୍ଥିକ ଭାବେ ଦୁର୍ବଳ ଉଚ୍ଚବର୍ଗର ବ୍ୟକ୍ତିଙ୍କ ପାଇଁ ଏହି ନିୟମ ଲାଭଜନକ ହେବ । କେବଳ ଅନୁସୁଚିତ ଜାତି, ଜନଜାତି ତଥା ଅନ୍ୟ ପଛୁଆବର୍ଗଙ୍କୁ ଆରକ୍ଷଣ ଦିଆଯାଉଥିଲା । ଏହାଦ୍ୱାରା ଅନେକ ପରିବାର ସ୍ୱଛଳ ହେବା ସତ୍ତ୍ୱେ ଜାତି ଦାୟରେ ଆରକ୍ଷଣର ଲାଭ ପାଇ ଚାଲିଛନ୍ତି ।

 Magazine Downloaded from www.aahwaan.com

ଏହା ବିରୋଧରେ ଅନେକ ସଂଗଠନ ଅନେକ ବର୍ଷରୁ ଆନ୍ଦୋଳନ କରି ଆସୁଛନ୍ତି, କିନ୍ତୁ କୌଣସି ସରକାର ଆରକ୍ଷଣକୁ ସମ୍ପୂର୍ଣ୍ଣ ବା ଆଂଶିକ ଭାବରେ ପ୍ରତ୍ୟାହୃତ କରିବା ଭଳି ଦୁଃସାହାସ କରୁନାହାନ୍ତି । ଏହିପରି ସ୍ଥଳରେ ମୋଦୀ ସରକାରଙ୍କ ନିଷ୍ପତ୍ତି ଏକ ଏମିତି ପରିସ୍ଥିତି ସୃଷ୍ଟି କରିଛି ଯାହା ଫଳରେ ସମୁଦାୟ ବିପକ୍ଷ ବାଟବଣା ହୋଇଯାଇଛି ।

ଅବଶ୍ୟ ମୋଦୀଙ୍କର ଏହି ମାଷ୍ଟରଷ୍ଟ୍ରୋକ୍‌କୁ ନେଇ ରାଜନୀତି ସୃଷ୍ଟି ହୋଇଗଲାଣି । ବିରୋଧୀ ଦଳମାନେ କହିଛନ୍ତି ଯେ ୨୦୧୯ ସର୍ବସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ମୋଦୀ ଏହିଭଳି ଏକ ଯୋଜନା ସୃଷ୍ଟି କରିଛନ୍ତି । ଯଦି ସେ ସତରେ ଉଚ୍ଚବର୍ଗଙ୍କ ପାଇଁ ଏତେ ଚିନ୍ତିତ ଥିଲେ ତା ହେଲେ ଶାସନରେ ସାଢ଼େ ଚାରିବର୍ଷ ଭିତରେ ଏହି ଯୋଜନା କାର୍ଯ୍ୟକାରୀ କରିଲେ ନାହିଁ କାହିଁକି ? ଏହାର ବିପରୀତ ବିଜେପି ତରଫରୁ କୁହାଯାଉଛି ଯେ କଂଗ୍ରେସ ଚାହିଁଥିଲେ ବିଗତ ସାତ ଦଶନ୍ଧିରେ ଏହିଭଳି ଯୋଜନା ଆଣି ପାରିଥାନ୍ତା କିନ୍ତୁ ସେମାନେ କରି ପାରିଲେ ନାହିଁ ବୋଲି ଏବେ ଚିତ୍କାର କରୁଛନ୍ତି ।

କୁହାଯାଉଛି ଏହି ଯୋଜନା ଫଳରେ ମୋଦୀଙ୍କ ପକ୍ଷରେ ଜନାଦେଶ ଆସିବ ଏବଂ ପୁନର୍ବାର ମୋଦୀ ହିଁ ସରକାର ଗଠନ କରିବେ । ଅବଶ୍ୟ ଉଚ୍ଚବର୍ଗରେ ଏହାକୁ ନେଇ ବିଶେଷ ଉତ୍ସାହ ପରିଲକ୍ଷିତ ହେଉନଥିବା କଥା ଗଣମାଧ୍ୟମ କହୁଛନ୍ତି । ଅଧିକ ଆରକ୍ଷଣ ଦ୍ୱାରା ଆମେ ଦେଶର ସମୁଦାୟ ଘରୋଇ ଉତ୍ପାଦକୁ ପୁଣି ନ୍ୟୂନ ସ୍ତରକୁ ନେଇଯିବା ସିନା ଏହା

 Magazine Downloaded from www.aahwaan.com

ଦ୍ୱାରା କୌଣସି ଲାଭ ହେବନାହିଁ ବୋଲି ଅନେକ ମତ ଦେଇଛନ୍ତି ।

ଆମ ମତରେ ଏହାକୁ ସ୍ୱାଗତ କରାଯିବା ଉଚିତ । କାରଣ ସ୍ୱାଧୀନତା ପରେ ଏହା ପ୍ରଥମ ଯୋଜନା ଯେଉଁଥିରେ ଜାତିଭିତ୍ତିକ ଆରକ୍ଷଣକୁ ପ୍ରାଥମିକତା ଦିଆନଯାଇ ଆର୍ଥିକ ମାନଦଣ୍ଡକୁ ଦିଆଯାଇଛି । ଆମେ ଆଶା କରୁଛୁ ଆଗାମୀ ଦିନରେ ସମାଜର ଆର୍ଥିକ ଦୁର୍ବଳ ବର୍ଗଙ୍କୁ ହିଁ ଏହି ଭଳି ଆରକ୍ଷଣ ଦିଆଯିବା ବ୍ୟବସ୍ଥା କରାଯାଉ । ଆରକ୍ଷଣ ଦ୍ୱାରା ଅନେକ ଦୁର୍ବଳବର୍ଗ ପରିବାର ସ୍ୱଚ୍ଛଳ ହେବା ସତ୍ତ୍ୱେ ସେମାନେ ଆରକ୍ଷଣର ଲାଭ ପୀଢ଼ିପରେ ପୀଢି ନେଇ ଆସୁଛନ୍ତି ଯାହା ହେବା ଅନୁଚିତ ।

ସମାଜର କ୍ରିମି ଲେୟର ବା ଆରକ୍ଷଣର ଲାଭ ନେଇଥିବା ପରିବାରଙ୍କୁ ପୁନଶ୍ଚ ଆରକ୍ଷଣ ଦିଆ ନ ଯାଉ, ଏବଂ ଏହା ଦ୍ୱାରା ସମାଜରେ ସମତା ଏବଂ ଆର୍ଥିକ ସାମ୍ୟତା ଆସିବ, ଏଥିରେ ଦ୍ୱିମତ ନାହିଁ ।

## ୨. ଆୟକର ରହିବ ନା ନାହିଁ ?

ସରକାର ସଦ୍ୟ ଦେଇଥିବା ସୂଚନା ଅନୁଯାୟୀ ବାର୍ଷିକ ଆଠଲକ୍ଷରୁ କମ ଆୟ କରୁଥିବା ପରିବାର ମାନେ ଉଚ୍ଚବର୍ଗର ହେବା ସତ୍ତ୍ୱେ ଆରକ୍ଷଣର ସୁବିଧା ପାଇ ପାରିବେ । ଏଥିରେ ଗଣମାଧ୍ୟମ ସକ୍ରିୟ ହୋଇଯାଇଛନ୍ତି । ଆଠଲକ୍ଷରୁ କମ ଦରମା ପାଉଥିବା ଏକ ବିଶାଳ ଗୋଷ୍ଠୀ ଏହା ଫଳରେ ଲାଭାନ୍ୱିତ ହେବେ ନିଶ୍ଚୟ ।

ଏବେ ପ୍ରଶ୍ନ ଉଠୁଛି ଅଢ଼େଇ ଲକ୍ଷରୁ ଅଧିକ ଦରମା ପାଉଥିବା

 Magazine Downloaded from www.aahwaan.com

ବ୍ୟକ୍ତିଙ୍କ କ୍ଷେତ୍ରରେ ଆୟକର ଦେବା ବାଧ୍ୟତାମୂଳକ ଥିବା ବେଳେ ଏହି ଯୋଜନାରେ କଣ ହେବ ତାହା ସମସ୍ତେ ଚିନ୍ତା କରୁଛନ୍ତି ।

ଏକ ଆକଳନ ଅନୁସାରେ ସମ୍ଭବତଃ ଆଠଲକ୍ଷ ପର୍ଯ୍ୟନ୍ତ ଆୟଥିବା ବ୍ୟକ୍ତିମାନଙ୍କୁ ଆୟକର ଛାଡ଼ ହୋଇପାରେ ବୋଲି କୁହାଯାଉଛି । ଯଦି ସତରେ ଏମିତି କିଛି ହୁଏ ତା ହେଲେ ମୋଦୀ ଗୋଟିଏ ପରେ ଗୋଟିଏ ମାଷ୍ଟର ଷ୍ଟ୍ରୋକ୍ ଦେଇ ବିପକ୍ଷକୁ ଧରାଶାୟୀ କରିଦେବେ ବୋଲି ବୁଦ୍ଧିଜୀବି ମହଲରେ କୁହାଯାଉଛି ।

## ୨. ଦିଲ୍ଲୀରେ ବିଜେଡ଼ିର କୃଷକ ଅଧିକାର ସମାବେଶ

ବିଗତ ଦିନରେ ଓଡ଼ିଶାର ବିଜୁ ଜନତା ଦଳ ସରକାର ଦିଲ୍ଲୀରେ ଏକ ବିଶାଳ ସମାବେଶର ଆୟୋଜନ କରିଥିଲେ । କୃଷକ ଅଧିକାର ସମାବେଶ ନାମରେ ଏହି କାର୍ଯ୍ୟକ୍ରମ ଦିଲ୍ଲୀର ତଲକଟୋରା ଷ୍ଟାଡ଼ିୟମ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମେତ ଅନେକ ନେତା ଓ ମନ୍ତ୍ରୀଙ୍କ ସମକ୍ଷରେ ଆୟୋଜିତ ହୋଇଥିଲା । କେନ୍ଦ୍ର ସରକାର ଓଡ଼ିଶାର କୃଷି ଓ କୃଷକଙ୍କୁ ନେଇ କୌଣସି ପଦକ୍ଷେପ ନେଉ ନଥିବା ଦାବୀ କରି ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟରେ ବୃଦ୍ଧି ସମେତ ଅନେକ ଦାବୀକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା ।

ଏହି ସମାବେଶରେ ହଜାର ହଜାର ସଂଖ୍ୟାରେ ବିଜେଡ଼ି ସମର୍ଥକ, ଦଳୀୟ କର୍ମୀ, ବିଧାୟକ, ସାଂସଦ ଓ ସଙ୍ଗଠନ ଦାୟିତ୍ୱରେ ଥିବା

 Magazine Downloaded from www.aahwaan.com

ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟ ପ୍ରତିନିଧିଙ୍କୁ ଭେଟିବା ପାଇଁ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିର ଆଲୋଚନା କରାଯାଇଛି । ୨୦୧୪ ନିର୍ବାଚନ ସମୟରେ ଦିଆଯାଇଥିବା ପ୍ରତିଶୃତି ଏପର୍ଯ୍ୟନ୍ତ ପୂରଣ ନ ହୋଇଥିବା ନିଶ୍ଚୟ ଦୁଃଖର ବିଷୟ ବୋଲି କୁହାଯାଇଛି ।

## ୩. କୃଷକ ଅଧିକାର ସମାବେଶକୁ ନେଇ ସନ୍ଦେହ

ଦିଲ୍ଲୀରେ ଆୟୋଜିତ କୃଷକ ସମାବେଶ କେତେ ସଫଳ ବା ବିଫଳ ତାହା ରାଜନୈତିକ ବୁଦ୍ଧିଜୀବି ମାନେ ହିଁ କହି ପାରିବେ । କିନ୍ତୁ ଏହି ସମାବେଶ ପାଇଁ ଯେଉଁ ଧରଣର ଆୟୋଜନ କରାଯାଇଥିଲା ତାହାକୁ ନେଇ ଅନେକ ସମାଲୋଚନା ଗଣମାଧ୍ୟମରେ ହେଉଛି ।

ପ୍ରଥମତଃ ଏହି ସମାବେଶ ପାଇଁ ଯେଉଁମାନେ ଦିଲ୍ଲୀ ଯାଇଥିଲେ ସେମାନେ କେବଳ ଦଳୀୟ କର୍ମୀ ଥିଲେ, ସେମାନଙ୍କ ମଧ୍ୟରେ କେହି କୃଷକ ନଥିଲେ ବୋଲି କୁହାଯାଉଛି । ଶୀତତାପ ନିୟନ୍ତ୍ରିତ ବଗିରେ ଦିନରେ ତିନିଥର ଉତ୍ତମ ଭୋଜନର ବ୍ୟବସ୍ଥା ସମେତ ଫଳମୂଳ ଖାଇ ଦିଲ୍ଲୀ ଯାତ୍ରା କରୁଥିବାର କିଛି ଚିତ୍ର ସୋସିଆଲ୍ ମିଡ଼ିଆରେ ପ୍ରଚାର ହେବାପରେ ଏହାକୁ ନେଇ ଅନେକ କଳ୍ପନା ଜଳ୍ପନା ସୃଷ୍ଟି ହୋଇଥିଲା । ଯାତ୍ରା କରୁଥିବା ବ୍ୟକ୍ତିମାନେ କେଉଁ ଧରଣର କୃଷକ ବୋଲି ଅନେକ ବ୍ୟଙ୍ଗ କରିଥିଲେ ।

କିଛି ବ୍ୟକ୍ତି କହିଥିଲେ ଯେ ଦିଲ୍ଲୀ ଯାଇଥିବା କୃଷକମାନେ ଉଡ଼ଲ୍ୟାଣ୍ଡ ଜୋତା ପିନ୍ଧିଥିଲେ, ରେବ୍ୟାନ୍ ଚଷମା ପିନ୍ଧିଥିଲେ । ସେମାନେ

 Magazine Downloaded from www.aahwaan.com

କେଉଁ ପ୍ରକାରର କୃଷକ ଏବଂ ସେମାନଙ୍କ କେଉଁ ଦୁଃଖ ସରକାର ଶୁଣିବେ ? ଇତ୍ୟାଦି ଅନେକ ବ୍ୟଙ୍ଗ ସଂପ୍ରତି ସୋସିଆଲ୍ ମିଡ଼ିଆରେ ପ୍ରଚାର ହେଉଛି ।

## ୪. ରାଫେଲ ମନ୍ତ୍ରରେ ଦିକ୍ଷିତ କଂଗ୍ରେସ ବୁଝିବାକୁ ନାରାଜ

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ରାଫେଲ୍ ସଉଦାରେ କୌଣସି ଅନିୟମିତତା ହୋଇଥିବା କଥା ପାଇନଥିବା ସତ୍ତ୍ୱେ କଂଗ୍ରେସ ଦଳ ଲୋକସଭାରେ ଏହାକୁ ନେଇ ତୁମ୍ବିତୋଫାନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ବାରମ୍ବାର ରଫେଲ୍ କିଣାବିକାରେ ଦୁର୍ନୀତି ହୋଇଛି ବୋଲି କହିବା ପରେ ଅର୍ଥମନ୍ତ୍ରୀ ସମୁଦାୟ ପ୍ରକ୍ରିୟା ବିଷୟରେ ସବିଶେଷ ବିବରଣୀ ଲୋକସଭାରେ ଦେଇଥିଲେ, ରକ୍ଷାମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ବକ୍ତବ୍ୟ ଦେବା ସତ୍ତ୍ୱେ ବିରୋଧ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଦାବୀ କରି ଆସୁଛି ।

କୁହାଯାଏ, ଗୋଟିଏ ମିଥ୍ୟାକୁ ବାରମ୍ବାର କହିଲେ ତାହା ସତ୍ୟରେ ପରିଣତ ହୋଇଯାଏ । ୨୦୧୪ ମସିହାରେ ଯେତେବେଳେ ଅଟଳ ବିହାରୀ ବାଜପେୟୀଙ୍କ ସରକାର ନିର୍ବାଚନ ହାରି ଯାଇଥିଲା ସେହି ସମୟରେ କଂଗ୍ରେସ ଦଳ ବିଜେପି ଉପରେ ଶବବାହକ କଫିନ କୀଣାରେ ଦୁର୍ନୀତି ହୋଇଛି ବୋଲି ପ୍ରଚାର କରିଥିଲା ଏବଂ ଏହାଫଳରେ ବିଜେପି ନିର୍ବାଚନ ହାରିଥିଲା । ଦୁର୍ଭାଗ୍ୟର ବିଷୟ ୨୦୧୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ସଉଦାରେ କୌଣସି ଅନିୟମିତତା ହୋଇନଥିବା କଥା କହିଥିଲେ ।

 Magazine Downloaded from www.aahwaan.com

କିନ୍ତୁ ସେତେବେଳକୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ଧରାଶାୟୀ ହୋଇ ସାରିଥିଲା ।

ଶୁଣାଯାଉଛି ବର୍ତ୍ତମାନ କଂଗ୍ରେସ ସେହିଭଳି ରାଫେଲ୍ କିଣା ଦୁର୍ନୀତି ବିଷୟକୁ ବାରମ୍ବାର କହି କହି ସର୍ବସାଧାରଣଙ୍କ ମଧ୍ୟରେ ମୋଦି ବିରୋଧୀ ଚିନ୍ତାଧାରା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ।

ଅନ୍ୟ ଏକ ସୂଚନା ଅନୁଯାୟୀ, କାଲେ ରାଫେଲ୍ ବିଷୟରେ ସବିଶେଷ ବିବରଣୀ ପାଇଁ ଚୀନ ସରକାର ରାହୁଲଗାନ୍ଧୀଙ୍କୁ ଏକ ବିଶାଳ ପରିମାଣର ଅର୍ଥ ଦାନ କରିଛନ୍ତି । ଅବଶ୍ୟ ଏହା ସୋସିଆଲ୍ ମିଡ଼ିଆରେ ପ୍ରଚାରିତ ତଥ୍ୟ ତେଣୁ ଏହାର ସତ୍ୟତା ଆମେ ଦେଇ ପାରିବୁ ନାହିଁ । କିନ୍ତୁ ଯଦି ସତରେ ସେମିତି କିଛି ହୋଇଥାଏ ତାହା ହେଲେ ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ନିଶ୍ଚୟ ।

## ୫. ସାବରିମାଲାରେ ପ୍ରବେଶ କରିଲେ ମହିଳା

ଦୀର୍ଘଦିନ ଧରି ଚାଲିଥିବା ଘମାସାନକୁ ଅନ୍ତ କରି ବିଗତ ସପ୍ତାହରେ କେରଳର ପ୍ରସିଦ୍ଧ ସାବରିମାଲା ଧର୍ମପୀଠରେ ଅନ୍ତତଃ ମହିଳା ପ୍ରବେଶ କରିବାକୁ ସଫଳ ହୋଇଛନ୍ତି । ଏହି ଧର୍ମପୀଠରେ ମହିଳାଙ୍କ ପ୍ରବେଶକୁ ନେଇ ଥିବା ନିଷେଧାଦେଶ ବିରୋଧରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟରେ ହୋଇଥିବା ଏକ ଜନହିତକର ଯାଚିକାରେ ଦାବୀ କରାଯାଇଥିଲା ଯେ ଏହି ମନ୍ଦିରକୁ ପ୍ରବେଶ ପାଇଁ ଅନେକ ମହିଳା ଇଚ୍ଛୁକ ଥିବା ସତ୍ତ୍ୱେ ସେମାନଙ୍କୁ ପ୍ରବେଶାଧିକାର ଦିଆଯାଉନାହିଁ । ସେଇଥିପାଇଁ

 Magazine Downloaded from www.aahwaan.com

ସର୍ବୋଚ୍ଚ ନ୍ୟାୟାଳୟ ମନ୍ଦିର ପରିସର ଭିତରକୁ ମହିଳାଙ୍କ ପ୍ରବେଶ ହେତୁ ନିଷ୍ପତ୍ତି ଦେଇଥିଲେ । କିନ୍ତୁ ଏହାକୁ ବିରୋଧ କରି ଅନେକ ହିନ୍ଦୁବାଦୀ ସଂଗଠନ ଆନ୍ଦୋଳନାତ୍ମକ ପଦକ୍ଷେପ ନେବା ଫଳରେ ମନ୍ଦିର ଭିତରକୁ ମହିଳାଙ୍କ ପ୍ରବେଶ ସମ୍ଭବ ହୋଇନଥିଲା ।

ଦୀର୍ଘଦିନର ଘମାସାନ ପରେ ଚଳିତ ମାସରେ ଦୁଇଜଣ ମହିଳା ମନ୍ଦିରରେ ପ୍ରବେଶ କରିଥିଲେ । ସେମାନଙ୍କୁ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ରଖି ମନ୍ଦିର ଭିତରେ ପ୍ରବେଶ କରାଯାଇଥିଲା । ଏହାପରେ ମନ୍ଦିରର ପୂଜାରୀ ମନ୍ଦିରକୁ ବନ୍ଦ କରି ଦେଇଥିଲେ । ଶୁଦ୍ଧ କର୍ମ କରିବାପରେ ମନ୍ଦିରକୁ ଖୋଲାଯାଇଥିଲା ।

ଆଶ୍ଚର୍ଯ୍ୟର କଥା ବିଶ୍ୱର ଅନେକ ମନ୍ଦିରରେ ମହିଳା ମାନଙ୍କ ନିମନ୍ତେ ପ୍ରବେଶ ଅଧିକାର ନଥିବା ବେଳେ ସାବରିମାଲା ମାମଲାରେ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା । ବ୍ୟାପକ ଜନଅସନ୍ତୋଷ ସତ୍ତ୍ୱେ ନ୍ୟାୟାଳୟ ନିଜ ନିଷ୍ପତ୍ତିରେ ଅଟଳ ରହିବା ଦୁଃଖଦ ବୋଲି ଅନେକ ମତ ଦେଇଛନ୍ତି ।

## ୬. ସାବରିମାଲାରେ ମହିଳା ପ୍ରବେଶ ପରେ କେରଳରେ ହିଂସାକାଣ୍ଡ

ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ପାଇଁ ରାଜ୍ୟବ୍ୟାପୀ ସରକାରଙ୍କ ଦ୍ୱାରା ଆୟୋଜିତ ମାନବଶୃଙ୍ଖଳା ଚର୍ଚ୍ଚାର ବିଷୟ ରହିଥିଲା, କାରଣ ଏହି ଶୃଙ୍ଖଳାରେ ହିନ୍ଦୁ ମହିଳା କମ, ମୁସଲମାନ୍ ଏବଂ ଖ୍ରୀଷ୍ଟିଆନ୍ ମହିଳା ଅଧିକ ସଂଖ୍ୟାରେ ଥିଲେ । ଆଶ୍ଚର୍ଯ୍ୟର ବିଷୟ, ମୁସଲମାନ

 Magazine Downloaded from www.aahwaan.com

ମାନଙ୍କ ମସଜିଦ ମାନଙ୍କୁ ମହିଳା ମାନଙ୍କ ପ୍ରବେଶ ଅଧିକାର ନଥିବା ବେଳେ ସେମାନେ ଗୋଟିଏ ହିନ୍ଦୁ ମନ୍ଦିରରେ ମହିଳାଙ୍କ ପ୍ରବେଶ ପାଇଁ ଆଗେଇ ଆସିବା ସମ୍ପୂର୍ଣ୍ଣ ଭାବରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଲାଗୁଛି । କିଛି ମୁସଲିମ୍ ମହିଳାଙ୍କ ହାତରେ ଥିବା ପ୍ଲାକାର୍ଡ଼କୁ ଦେଖିଲେ ସହଜରେ ବୁଝି ହେଉଥିଲା, ସେମାନେ ସେଥିରୁ କିଛି ବୁଝୁନଥିଲେ କେବଳ ବିରୋଧ କରିବାପାଇଁ ହିଁ ଧାଡ଼ିରେ ଠିଆ ହୋଇଥିଲେ ।

ସାବରିମାଲାରେ ମହିଳା ପ୍ରବେଶ ପରେ ଅନେକ ହିନ୍ଦୁବାଦୀ ସଂଗଠନ ବନ୍ଦ ଡାକରା ଦେଇଥିଲେ । ଏବଂ ଏହି ସମୟରେ ହୋଇଥିବା ହିଂସାକାଣ୍ଡରେ ଅନେକ ବ୍ୟକ୍ତି ପ୍ରାଣ ହରାଇଥିଲେ । ଏହା ସମ୍ପୁର୍ଣ୍ଣ ଭାବେ ଅପ୍ରତ୍ୟାଶିତ ଭାବରେ ହୋଇଥିଲା ।

## ୭. ଏକ୍ସିଡେଣ୍ଟାଲ୍ ପ୍ରାଇମ୍‌ମିନିଷ୍ଟର ଆସୁଛି ଚଳଚ୍ଚିତ୍ରରେ

ଦୀର୍ଘ ଦଶବର୍ଷ ଭାରତର ପ୍ରଧାନମନ୍ତ୍ରୀ ରହିଥିବା ମନମୋହନ ସିଂହଙ୍କ ବିଷୟରେ ରଚିତ ଏକ ପୁସ୍ତକ ଅନେକ ଚର୍ଚ୍ଚାରେ ରହିଥିଲା । ଅଚାନକ ଭାବରେ ଭାରତର ପ୍ରଧାନମନ୍ତ୍ରୀ ପଦବୀ ପାଇଥିବା ଶ୍ରୀ ସିଂହଙ୍କୁ ଏକ୍ସିଡେଣ୍ଟାଲ୍ ପ୍ରାଇମମିନିଷ୍ଟର ବୋଲି କୁହାଯାଇଥିଲା । ପୁସ୍ତକରେ ଅନେକ ଚର୍ଚ୍ଚିତ ଏବଂ ଅଜଣା ତଥ୍ୟ ପ୍ରକାଶିତ ହୋଇଥିଲା ଏବଂ ଏହାର ବିରୋଧ ମଧ୍ୟ ହୋଇଥିଲା । ବର୍ତ୍ତମାନ ଏହି ପୁସ୍ତକର ଏକ ଚଳଚ୍ଚିତ୍ର ଆସୁଛି ଜାନୁଆରୀ ୧୧ ତାରିଖରେ । ବର୍ଷିୟାନ ଅଭିନେତା ଅନୁପମ ଖେର ଏଥିରେ ମନମୋହନ ସିଂହଙ୍କ ଭୂମିକାରେ ଅଛନ୍ତି ।

 Magazine Downloaded from www.aahwaan.com

ଏହି ସିନେମାର ଟ୍ରେଲର୍ ରିଲିଜ୍ ହେବାପରେ ଏହାକୁ ନେଇ ଅନେକ ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି କଂଗ୍ରେସ ଦାବୀ କରୁଥିବା ବେଳେ ଚଳଚ୍ଚିତ୍ରର ନିର୍ମାତା ଏହାକୁ ଅଭିବ୍ୟକ୍ତିର ସ୍ୱାତନ୍ତ୍ରତା ବୋଲି ଦାବୀ କରୁଛନ୍ତି । ଏହି ଚଳଚ୍ଚିତ୍ରରେ କଂଗ୍ରେସ ଦଳର ଅନେକ କୁକର୍ମକୁ ଦର୍ଶକ ମାନଙ୍କ ନିକଟରେ ଉପସ୍ଥାପନ କରି ଆଗାମୀ ସାଧାରଣ ନିର୍ବାଚନରେ ବିଜେପି ନିଜ ପାଇଁ ସ୍ଥାନ ସୃଷ୍ଟି କରୁଛି ବୋଲି ଦାବୀ କରାଯାଉଛି ।

ଏହି ଚଳଚ୍ଚିତ୍ରର ଟ୍ରେଲରକୁ ୟୁଟ୍ୟୁବ୍‌ରୁ ମଧ୍ୟ କିଛି ସମୟ ପାଇଁ ହଟେଇ ଦିଆଯାଇଥିଲା । ଏହା ସବୁ ରାଜନୈତିକ ବୋଲି ନିର୍ମାତାଙ୍କ ତରଫରୁ କୁହାଯାଇଥିଲା । କଂଗ୍ରେସ ଦଳ ତରଫରୁ ଏହି ଚଳଚ୍ଚିତ୍ରକୁ ବିରୋଧ କରାଯାଉଛି ଏବଂ ମଧ୍ୟପ୍ରଦେଶରେ ଏହି ଚଳଚ୍ଚିତ୍ର ବ୍ୟାନ୍ ମଧ୍ୟ କରାଯାଇଛି । ବିହାରରେ ଏହି ଚଳଚ୍ଚିତ୍ର ସହ ସଂଶ୍ଳିଷ୍ଟ ଅନେକ ଅଭିନେତାଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି । ଦେଖାଯାଉ ଏହି ଚଳଚ୍ଚିତ୍ର ଆସିବା ପରେ ଦେଶରେ କେଉଁ ଧରଣର ରାଜନୈତିକ ବାତାବରଣ ସୃଷ୍ଟି ହେଉଛି ।

## ୭. ଡଙ୍ଗା ଦୁର୍ଘଟଣାରେ ଅନେକ ମୃତ

ନୂଆବର୍ଷ ଦିନ ରାଜ୍ୟର ଏକ ମର୍ମନ୍ତୁଦ ଡଙ୍ଗାବୁଡ଼ି ଘଟଣା ପାଇଁ ଦୁଃଖର ବାତାବରଣ ଖେଳି ଯାଇଥିଲା । ଜଗତସିଂପୁର ଜିଲ୍ଲାର ହସିନା ଗାଁର ଅନ୍ୟୁନ ୫୫ ଜଣ ବ୍ୟକ୍ତି ସପରିବାର ବଣଭୋଜି କରିବାପାଇଁ କେନ୍ଦ୍ରାପଡ଼ା ସ୍ଥିତ ହୁକିଟୋଲା ଯାଇଥିଲେ । ଫେରିବା ବାଟରେ ସେମାନେ

 Magazine Downloaded from www.aahwaan.com

ଯାତ୍ରା କରୁଥିବା ମାଛଧରା ଡଙ୍ଗାରେ ପାଣି ପଶିବାପରେ ଡଙ୍ଗା ଓଲଟି ଯାଇଥିଲା । ନିପାଣିଆ ଗାଁ ନିକଟରେ ଡଙ୍ଗା ବୁଡ଼ି ଯାଉଥିବା ବେଳେ ସ୍ଥାନୀୟ ଅଧିବାସୀଙ୍କ ସହସା ପଦକ୍ଷେପ ହେତୁ ଅବଶ୍ୟମ୍ଭାବୀ ବ୍ୟାପକ କ୍ଷୟକ୍ଷତି ନ ହୋଇଥିଲେ ସୁଦ୍ଧା ଅନ୍ୟୁନ ଦଶଜଣଙ୍କ ପ୍ରାଣହାନୀ ହୋଇଥିଲା ।

ସୂଚନାଯୋଗ୍ୟ ଯେ ଗୋଟିଏ ଛୋଟ ମାଛଧରା ଡଙ୍ଗାରେ ଆବଶ୍ୟକଠାରୁ ଅଧିକ ସଂଖ୍ୟକ ଯାତ୍ରୀ ହୋଇଥିବା ହେତୁ ଡଙ୍ଗାଟି ଭାରସାମ୍ୟ ହରାଇ ପାଣିରେ ବୁଡ଼ି ଯାଇଥିଲା । ଏହିପରି ଘଟଣା ଓଡ଼ିଶା ପାଇଁ ନୂଆ ହୋଇନଥିଲେ ସୁଦ୍ଧା ଲୋକମାନେ ସଚେତନ ହେବାର ଆବଶ୍ୟକ ରହିଛି ବୋଲି ବୁଦ୍ଧିଜୀବିମାନେ ମତ ଦେଇଛନ୍ତି ।

ନବବର୍ଷର ପ୍ରଥମ ସଂସ୍କରଣ ଆପଣ ମାନଙ୍କୁ ଭଲ ଲାଗିବ ବୋଲି ଆଶା ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାଣୀ ବିଭାଗ

 Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ଖେଳର ଉପାଦାନମାନ -ରାଟେଲ ବା ଗାଡ ଭାଲୁ

ସେଦିନ ମାନଙ୍କରେ ସେମାନଙ୍କ ଭଳି କିଶୋର ଛୁଆ ସିଂହମାନେ ପ୍ରାୟ ସବୁ ଜନ୍ତୁଙ୍କୁ ଶିକାର କରିବାକୁ ଚେଷ୍ଟା କରନ୍ତି । ଏମିତି ଏକ ଘଟଣା ଘଟିଥିଲା ରାଟେଲ୍ ବା ଗାଡ ଭାଲୁ ସହିତ । ସମସ୍ତେ ସିଂହକୁ ଡରନ୍ତି । ବଜ୍ରକାପ୍ତା ବା ଝିଙ୍କ କ୍ଷେତ୍ରରେ ଦୁଇ ପ୍ରାଣୀ ଭିନ୍ନ ଭିନ୍ନ ଶୈଳୀରେ ନିଜକୁ ବଂଚେଇବାକୁ ଚେଷ୍ଟା କରୁଥିଲେ । ଏ ଦୁଇଭାଇ ଭାବିଥିଲେ ସିଂହର କେହି ପ୍ରତିଦ୍ୱନ୍ଦ୍ୱୀ ନାହାନ୍ତି ଆଉ ସିଂହକୁ କେହି ଆକ୍ରମଣ କରି ନପାରେ ।

ଜଙ୍ଗଲ କିନ୍ତୁ ସେମିତି ନୁହେଁ ।

ରାଟେଲ ବା ଗାଡ ଭାଲୁ ଜଙ୍ଗଲରେ ଏକୁଟିଆ ଚାଲୁଥିଲା । ସିଂହମାନେ ଏପଟୁ ଆସୁଥିଲେ । ସିଂହ ଦେଖିଲେ ସବୁ ପ୍ରାଣୀ ରାସ୍ତା ଛାଡି ଦିଅନ୍ତି । କିନ୍ତୁ ରାଟେଲର କିଛି ଚିନ୍ତା ନଥିଲା । ସେ ନିଜ ରାସ୍ତାରେ ଖୁସିରେ ଚାଲି ଚାଲି ଆସୁଥିଲା । ସିଂହସହ ଭେଟା ଭେଟି ହୋଇଗଲା ।

ଏକ ଅଳ୍ପ ବାଳବାଲା ମୋଟା କିନ୍ତୁ ଛୋଟ ଲାଙ୍ଗୋଡଥିବା ଜନ୍ତୁଟିଏ ମୁଣ୍ଡ ତଳକୁ କରି ଆସୁଥିଲା । ମଝିରେ ମଝିରେ ମୁଣ୍ଡ ଉପରକୁ କରି ଏଣେ ତେଣେ ଅନାଉଥିଲା । ଦେହଟା କଳା ଧୂସରିଆ । ନେଉଳଠାରୁ ଟିକିଏ ଚଉଡା ମୁହଁ । ଉଚ୍ଚାରେ ସିଂହର ତଳ ପେଟ ପର୍ଯ୍ୟନ୍ତ ହେବନି । ଛୋଟ ଛୋଟ ଗୋଡ଼ । ତଳକୁ ମଝିରେ ମଝିରେ ଶୁଂଘୁଥିଲା । କେବେ କେବେ

 Magazine Downloaded from www.aahwaan.com

ରହିଯାଇ ଆଗଦୁଇ ଗୋଡରେ ମାଟି ଖୋଳୁଥିଲା । କିଛି ମାଟି ପଛକୁ ଫିଙ୍ଗି ହୋଇଯାଉଥିଲା । ଏମିତି ଜୀବଟି ଚାଲି ଚାଲି ଆସୁଥିଲା । ତାର ଚାଲି ମାନେ ହେଉଛି ସାମାନ୍ୟ ଦଉଡା ।

ଏହି ରାଟେଲ ଗୋଟିଏ ଛୋଟ ଜନ୍ତୁ, କିନ୍ତୁ ତାର ଲଢ଼େଇ କରିବାର କ୍ଷମତା ଅଦ୍ଭୁତ । ରାଟେଲ୍ ସବୁଠାରୁ ନିର୍ଭୀକ ଜନ୍ତୁ । ସେ କାହାକୁ ଡରେ ନାହିଁ । ଆଉ ନିଶ୍ଚିତ ଭାବରେ ଲଢେଇ କରି ଚାଲିବ ତାର ଓଜନ ପ୍ରାୟ ୧୫ କିଲୋ । ବେଶୀ ନୁହେଁ । ସିଂହତ ୨୦୦ କିଲୋ ପର୍ଯ୍ୟନ୍ତ ଓଜନ ହୋଇପାରେ । ଏହାର ଲମ୍ବା ମୋଟେ ଦୁଇ ଫୁଟ ପର୍ଯ୍ୟନ୍ତ । ରାଟେଲ୍ ତାର ନଖ ଦାନ୍ତ ସବୁ ଅଂଶକୁ ନେଇ ଯୁଦ୍ଧ ପାଇଁ ପ୍ରସ୍ତୁତ ରହେ । ଏମାନେ ଖୁବ୍ ଜୋରରେ କାମୁଡି ଦେଇ ପାରନ୍ତି । ଗୋଟାଏ କାମୁଡାରେ ସାପର ମୁଣ୍ଡ ଛିଡେଇ ଦେଇ ପାରନ୍ତି । ଆଉ ସାପକୁ ପୂରା ଖାଇଦେଇ ପାରନ୍ତି । ଏହାର ଚମଡା ଖୁବ୍ ମୋଟା, ପ୍ରାୟେ ଇଂଚିଏ ମୋଟା । ଦାନ୍ତ ଗୁଡିକ ଖୁବ୍ ତୀକ୍ଷ୍ଣ । ଧାରୁଆ ପଞ୍ଝା । ଆଉ ଦେହରେ ଅନେକ ଶକ୍ତି । ସେମାନେ କଲରାପତରିଆ ବାଘ ଭଳି ଖୁବ୍ ସହଜରେ ଗଛ ଚଢି ଯାଇ ପାରନ୍ତି । ଏମାନେ ଖୁବ୍ ସହଜରେ ଗାତ ମଧ୍ୟ ଖୋଳି ଦେଇପାରନ୍ତି ଆଉ ତା ମଧ୍ୟରେ ଲୁଚି ଯାଇପାରନ୍ତି । ଯଦି କେହି ଶିକାର ଆକ୍ରମଣ କଲା ଏମାନେ ଖୁବ୍ ଜୋରରେ ଚିତ୍କାର କରନ୍ତି । ଆଉ ହିସିଂ କରନ୍ତି । ଶିକାରୀମାନେ ଜାଣନ୍ତି ଯଦି ରାଟେଲେକୁ ଆକ୍ରମଣ କରାଯାଏ ତାହା ହେଲେ ଅକ୍ଷତ ଫେରିହେବ ନାହିଁ । ନିଶ୍ଚିତ ଭାବରେ ଶିକାରୀର କିଛି କ୍ଷତି ଘଟିବ । ଏମିତିବି ଶିକାରୀ ମରିଯାଇପାରେ । ବେଳେ ବେଳେ କଲରାପତରିଆ ବାଘ, ସିଂହ ରାଟେଲେକୁ ମାରିଦେଇଥାନ୍ତି । କିନ୍ତୁ କେବେ ବି ରାଟେଲ୍କୁ ସିଂହମାନେ ଖାଆନ୍ତି ନାହିଁ ।

ରାଟେଲ କେଇ ଖୋଜ ଦୂରରେ ଥିଲା । ଟିକିଏ ପରେ ବୁଦା ଆଉ ଘାସ ଗହଳରେ

 Magazine Downloaded from www.aahwaan.com

ଲୁଚି ଯାଇଥାନ୍ତା । ଏକ ଛୋଟ ପ୍ରାଣୀକୁ ଟିକିଏ ଖୋଲା ଯାଗାରେ ଦେଖି ଦୁଇ ଭାଇ ତା ଆଉକୁ ଦୌଡିଯାଇ ତାର ରାସ୍ତା ଘେରିଦେଲେ । ଆଉ ରାଟେଲ ଖସିଯାଇ ପାରିବ ନାହିଁ । ଦୁଇ ତରୁଣ ସିଂହ ରାଟେଲ୍‌କୁ ଚାରିପଟେ ବୁଲୁଥିଲେ । ମୌକା ମିଳିଲେ ତାର ବେକ ଧରିନେବେ । ସିଂହ ପ୍ରାଣୀମାନଙ୍କ ଶ୍ୱାସରୋଧ କରି ଶିକାର କରେ । ସିଂହମାନଙ୍କ ଲାଙ୍ଗୁଡ ତଳୁଆ ଥିଲା କିନ୍ତୁ ରାଟେଲର ଲାଙ୍ଗୁଡ ଠିଆ ହୋଇଗଲା । ସେ ନିଜ ମୁହଁକୁ ଖୋଲିଦେଇଥିଲା । ତାର ଖୁବ ଧାରୁଆ ଦାନ୍ତ ସବୁ ବାହାରି ଆସିଥିଲା । ରାଟେଲଟି ପଳାଇବା ବାଟ ଖୋଜୁଥିଲା । ସିଂହମାନେ ତାକୁ ଘେରିଥିଲେ । ଜୟ ତାକୁ ଥାବା ମାରିଲା । ରାଟେଲ ତଳେ ପଡିଗଲା । ସେ ନିଜ ଥାବାରେ ମାଡିବସି ତାର ଗଳାକୁ ନିଜ ମୁହଁରେ ଧରିଲା । ସିଂହ ପଶୁର ତଂଟି ଝୁଣି ଶିକାର କରେ । ଏଣୁ ସହଜରେ ରାଟେଲର ତଂଟି ଝୁଣି ଦେବ ବୋଲି ଭାବୁଥିଲା । ତା କିନ୍ତୁ ମୋଟେ ସମ୍ଭବ ହେଲାନି । ରାଟେଲ ଚମଡାରେ ସିଂହର ଦାନ୍ତ ସହଜରେ ଗଳିଲା ନାହିଁ । ରାଟେଲ ବୁଲିପଡି ସିଂହର ମୁହଁକୁ ନିଜ ଦାନ୍ତରେ ଧରିନେଲା । ରାଟେଲର ଖୁବ ତୀକ୍ଷ୍ଣ ଦାନ୍ତ । ସିଂହର ଥୋଡିରେ ସେ ଦାନ୍ତ ଗଳିଗଲା ଆଉ ସିଂହ ନିଜ ମୁହଁ ବନ୍ଦ କରି ରାଟେଲର ତଂଟି ଝୁଣି ପାରିଲା ନାହିଁ । ରାଟେଲ ମୁକ୍ତି ପାଇଲା । ତାପରେ ଧିରେ ଦୌଡି ଚାଲିଯିବାକୁ ଚେଷ୍ଟାକଲା । ସେପଟୁ ବିଜୟ ତାର ରାସ୍ତା ଘେରି ପୁଣି ତାର ବେକକୁ ଧରିବାକୁ ଚେଷ୍ଟା କଲା । ରାଟେଲ ତା ଆଡକୁ ମାଡିଆସିଲା । ବିଜୟ ପଛକୁ ଡେଇଁ ପଡିଲା । ରାଟେଲର ଉଚ୍ଚତା ବହୁତ କମ । ଏକ ବଡ ଠେକୁଆ ଆକାରର । ବିଜୟ ତାକୁ ସହଜରେ କାବୁ କରିବ ବୋଲି ଭାବୁଥିଲା । ଯେମିତି ରାଟେଲ ମୁହଁ ବୁଲାଇଛି ବିଜୟ ତାକୁ ମାଡି ବସିଲା ଆଉ ଉପର ବେକକୁ ଧରିନେଲା । କିନ୍ତୁ ରାଟେଲର ପୁରା ବେକ ତା ମୁହଁରେ ଆସିଲା ନାହିଁ । ରାଟେଲ ଏଣେ ବୁଲିପଡି ଖୁବ ଜୋରରେ ବିଜୟର ପାଟିକୁ

 Magazine Downloaded from www.aahwaan.com

ଧରିନେଲା । କିଏ ସିଂହର ପାଟିକୁ ଧରିପାରେ ଏକଥା ବିଶ୍ୱାସ କରି ହୁଏ ନାହିଁ । ସିଁହ ମୁହଁ ବନ୍ଦ କରି ପାରିଲାନି । ତାର ଭିତରେ ଖୁବ ମୁନିଆ ଦାନ୍ତ ଗଳିଗଲା । ସେ ରାଟେଲକୁ ଛାଡି ଜୋରରେ ପଛକୁ ଡେଇଁ ପଡିଲା ।

ସେମାନେ କିନ୍ତୁ ଏତିକିରେ ରାଟେଲକୁ ଛାଡିଲେ ନାହିଁ । ରାଟେଲ୍‌ଟି ନିର୍ଭୟରେ ହିସିଂ ବା ସି ସି କରୁଥାଏ । କିନ୍ତୁ ସିଂହମାନେ ତାକୁ କାମୁଡିବାକୁ ଚେଷ୍ଟା କରୁଥିଲେ । ରାଟେଲ୍‌ଟି ସେହି ସ୍ଥାନରୁ ଦୌଡି ପଳାଇବାକୁ ଚେଷ୍ଟା କଲାନାହିଁ । ଏପଟ ସେପଟ ହୋଇ ଦୌଡୁଥାଏ । ସହଜରେ ସିଂହକୁ ତାର ତଂଟି ଧରିବାକୁ ଦେଉ ନଥାଏ । ଯଦି ସିଂହ ରାଟେଲର ତଂଟି ତଳପଟୁ ଧରିନେବ ତାହେଲେ କ୍ଷଣକରେ ତାର ତଂଟି ଝୁଣି ମାରି ଦେବ । କିନ୍ତୁ ଏମିତି ସୁଯୋଗ ରାଟେଲ କେବେବି ଦେବନି । ରାଟେଲ ଭଳି ସାହାସୀ ଜନ୍ତୁ ଜଙ୍ଗଲରେ ନାହାନ୍ତି । ଆକାର ଛୋଟ ହେଲେବି ସେ କେଉଁଠି ହାର ମାନିବାକୁ ରାଜି ନୁହେଁ ।

ଘମାଘୋଟ ଲଢେଇ ଚାଲିଥାଏ । ଛଅଟା ସିଂହମାନେ ରାଟେଲ୍‌କୁ ଘେରି ଯାଇଥାନ୍ତି । ଏପଟ ସେପଟ ଦୌଡୁଥାନ୍ତି । କିନ୍ତୁ ରାଟେଲ୍ ତା ସ୍ଥାନରେ ଠିଆ ହୋଇ ଲଢେଇ କରିଚାଲିଥାଏ । ରାଟେଲ ଖୁବ୍ ଚେଷ୍ଟା କରୁଥାଏ କେମିତି ବି ସିଂହମାନଙ୍କର ଦାନ୍ତ ଭିତରକୁ ନ ଆସିବ । ପ୍ରାୟେ ଅଧଘଂଟା ବିତିଗଲା । ସିଂହମାନେ କାମୁଡି ଦେଉଥାନ୍ତି । ପଞ୍ଝା ମାରୁଥାନ୍ତି । କିନ୍ତୁ ରାଟେଲେ ଛାଡୁ ନଥାଏ । ସେମିତି ଗର୍ଜନ କରୁଥାଏ ଆଉ ଲଢ଼େଇ କରୁଥାଏ । ଅନେକ ସମୟ ଲଢେଇ ଚାଲିଲା । ରାଟେଲେର କିଛି କ୍ଷତି ଘଟିଲାନି । ଆଉ ସିଂହମାନେ ମଧ୍ୟ ଥକି ଗଲେ । ଏମିତି ଶିକାର ଦରକାର ନାହିଁ । ତାପରେ ସିଂହମାନେ ନିଜ ଯାଗାକୁ ଫେରିଗଲେ । ସେମାନେ ଜୋର ଜୋରରେ ନିଜ ମୁହଁ ହଲାଉଥିଲେ । ରାଟେଲର କାମୁଡାରେ ସମସ୍ତେ କିଛି ନା କିଛି ଆହାତ ହୋଇଛନ୍ତି । ରାଟେଲ ନିଜ ଯାଗାକୁ ଫେରିଗଲା

 Magazine Downloaded from www.aahwaan.com

ଆଉ ଜଙ୍ଗଲ ଭିତରେ ଲୁଚିଗଲା । ତାର ବେଶୀ କିଛି ଆଘାତ ହୋଇଥିଲା ପରି ମନେ ହେଉନଥାଏ ।

ସିଂହର କାମୁଡାରୁ ବଂଚିବା କିଛି ସହଜ ନୁହେଁ । କିନ୍ତୁ ରାଟେଲ ଏକ ଭିନ୍ନ ପ୍ରାଣୀ ।

ସିଂହମାନେ ଏକ ଶକ୍ତିଶାଳୀ ଆଉ ସାହାସୀ ପ୍ରାଣୀକୁ ସମ୍ମାନ ଦେଉଥିଲେ । ତା ପଛରେ ଆଉ ଦୌଡିଲେନି । ସେମାନେ ନିଜ ଶୋଇବା ଯାଗାକୁ ଫେରିଗଲେ । ସେଇଠି ପେଟେଇ ପଡି ଧକଉଥାନ୍ତି । ସମସ୍ତଙ୍କ ମୁହଁ ରକ୍ତାକ୍ତ ହୋଇ ଯାଇଥାଏ ।

ଏ ଭିତରେ ଅନେକ ଦିନ ବିତିଗଲାଣି । ସେମାନେ ପ୍ରାୟ ଦେଢବର୍ଷର ହୋଇଗଲାଣି । ଧିରେ ଧିରେ ସେମାନଙ୍କର କେଶର ଉଠିବାକୁ ଆରମ୍ଭ କଲାଣି । ବର୍ତ୍ତମାନ କିନ୍ତୁ ଖେଳୁଆଡପଣ ପୂର୍ଣ ଭାବେ ଯାଇ ନାହିଁ । ବୟସ ଧୀରେ ଧୀରେ ଆଗକୁ ଗଡିଯାଏ । ଦଳର ଛୋଟ ଛୁଆଙ୍କ ସହିତ ଅନେକ ସମୟରେ ସେମାନେ ଖେଳନ୍ତି । ମା'ମାନେ ବଡ ଛୁଆମାନଙ୍କୁ ଅନେକ ସମୟରେ ସାବଧାନ କରିଦିଅନ୍ତି । ଛୋଟ ଛୁଆମାନଙ୍କୁ ବେଶୀ ହଇରାଣ କରିବ ନାହିଁ । ସେମାନେ ଆଜିକାଲି ଆଉ ମା କଥା ବେଶୀ ମାନୁ ନାହାନ୍ତି । ସବୁବେଳେ ଆଗୁଆ ବାହାରି ଆସୁଛନ୍ତି । ଆଗରେ ସବୁବେଳେ ଦୌଡି ଯାଉଛନ୍ତି । ଏବେ ବାପ ସିଂହ ସହ ପ୍ରାୟ ଖେଳୁ ନାହାନ୍ତି । ସେମାନଙ୍କୁ ବାପ ସିଂହର ଆଗୁଆ ଖାଇବା ନୀତି ମୋଟେ ଭଲ ଲାଗୁନି । ସେମାନେ ଅବଶ୍ୟ ମୁଖ୍ୟ ସିଂହ ସହ ଲଢାଇ କରି ନାହାନ୍ତି । ମୁଖ୍ୟ ସିଂହ ପ୍ରଥମରେ ଆକାରରେ ସେମାନଙ୍କରଠାରୁ ଅନେକ ବଡ । ସେମାନଙ୍କର ବଡ ସିଂହ ପ୍ରତି ଏବେବି ସମ୍ମାନ ଅଛି ।

 Magazine Downloaded from www.aahwaan.com

# ହେଲ୍‌ମେଟ୍



ଆକାଶ କୁମାର ଭୋଳ

ମ୍ୟାଡ଼ମ ମୁଁ ଆପଣଙ୍କୁ ପୂର୍ବ କେତେ ବର୍ଷ ହେଲା ଦେଖୁଛି, ଆପଣ ସ୍କୁଟି ଚଲାଇଲା ବେଳେ କି କାହା ପଛରେ ବସି ଗଲା ବେଳେ, ବିନା ହେଲମେଟରେ କେବେ ଯାଆନ୍ତିନି । ଆପଣ ସଂସ୍କାରବଦ୍ଧ ହୋଇ ଏଇ ନିୟମ ପାଳନ କରନ୍ତି, ନା କିଛି ବିଶେଷ କାରଣ ଅଛି ?

ଶୁଣ, ବିବାହ ପୂର୍ବରୁ, ଯେତେବେଳେ ମୁଁ କଲେଜ ଗଲି ମତେ ସ୍କୁଟି ମିଳିଗଲା । ମୁଁ ଦିନ ସାରା ତାକୁ ଚଲାଉଥିଲି, ବିନା ହେଲମେଟରେ, କାହିଁକି ନା ମୁଁ ଚାହୁଁଥିଲି ଲୋକ ଦେଖନ୍ତୁ କି ସ୍କୁଟିବାଲି ଝିଅଟି କିଏ ? ଗୋଟେ ଦିନ ଆମ କଲୋନୀକୁ ନୂଆ ରହିବାକୁ ଆସିଥିବା ଅଙ୍କଲ ମତେ ଅଟକାଇଲେ, ଆଉ କହିଲେ - ଝିଅ ହେଲମେଟ ପିନ୍ଧି ସ୍କୁଟି ଚଲଉନା ।

ମୁଁ ବେଖାତିର ଭାବେ କହିଲି - ନାଁ  ଅଙ୍କଲ, ମତେ ହେଲମେଟ ପିନ୍ଧିବାକୁ ଭଲ ଲାଗେନି । ତା ଛଡା ମୋର କିଛି ହବନି ।

ସେ କିନ୍ତୁ ରାଗିଲା ପରି କହିଲେ - କାଇଁ, ତୁମ ମୁଣ୍ଡ କଣ ପଥରରେ ତିଆରି କି ?

ମୁଁ ତାଙ୍କୁ ଖୁସି କରିବାକୁ କହିଦେଲି - ନାଁ ଅଙ୍କଲ, ମୋ ମୁଣ୍ଡ ତ ଅନ୍ୟ ଝିଅ ମାନଙ୍କ ପରି, ହେଲେ ଇଏ ମୁଣ୍ଡ ଉପରେ ପରା ଆପଣଙ୍କ ହାତ ଅଛି ।

ସେ କେଜାଣି କଣ ଭାବିବାକୁ ଲାଗିଲେ । ଆଉ ହଠାତ ମତେ ସେଇଠି ରହିବାକୁ କହି ନିଜ ଘର ଭିତରକୁ ଗଲେ, ଆଉ ଗୋଟେ ନୂଆ ହେଲମେଟ ଆଣି ପାଖକୁ ଆସିଲେ । ନରମ ସ୍ୱରରେ ମତେ କହିବାକୁ ଲାଗିଲେ -

 Magazine Downloaded from www.aahwaan.com

ମୋର ବି ଗୋଟେ ଝିଅ ଥିଲା, ଠିକ ତୋ ପରି । ମୁଁ ତାକୁ ସ୍କୁଟି ଦେଇଥିଲି । ସେ ବି ବିନା ହେଲମେଟରେ ଚଲାଉଥିଲା । ଗୋଟେ ଦିନ ମୁଁ ତାକୁ କିଛି ନ କହି ତା ପାଇଁ ହେଲମେଟଟିଏ କିଣି କରି ଆଣିଥିଲି । ମୁଁ ଘରେ ପହଞ୍ଚୁ ପହଞ୍ଚୁ ଖବର ପାଇଲି ଗୋଟେ ସଡକ ଦୁର୍ଘଟଣାରେ ସେ ଚାଲିଗଲା । ମୁଁ ତାକୁ ହେଲମେଟ ପିନ୍ଧେଇ ପାରି ନଥିଲି । ଦୀର୍ଘ ଦୁଇବର୍ଷ ହେଲା ଇଏ ମୋ ପାଖରେ ଅଛି, ମୁଁ କାହାକୁ ହାତ ଲଗେଇବାକୁ ଦେଇନି, ଆଜି ମୁଁ ୟାକୁ ତୋ ମୁଣ୍ଡ ଉପରେ ରଖୁଛି, କେବେ ବାହାର କରିବୁନି । ଏହାକୁ ମୋ ହାତ ଭାବି ତୋ ମୁଣ୍ଡ ଉପରେ ରଖିବୁ ।

ଭ୍ରମରକୋଲା, ରାହାମା, ଜଗତସିଂହପୁର

 Magazine Downloaded from www.aahwaan.com

# ଦୁଇଟି ଅଣୁଗଳ୍ପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ୧. ଈଶ୍ୱରଙ୍କ ଜନ୍ମ

ଭାଇଭଉଣୀ ଦୁହେଁ ଭଙ୍ଗା ଘରର ଇଟା-ପଥର ସଫା କରନ୍ତି । ନହେଲେ ପୁରୁଣା ଖବର କାଗଜ, ଭଙ୍ଗାଟିଣ, ଫଟା ପ୍ଲାଷ୍ଟିକ୍, ଶୂନ୍ୟ ପାଣିବୋତଲ, ମଦବୋତଲ ପ୍ରଭୃତି କିଣିନେଇ କବାଡ଼ି ଗୋଦାମରେ ବିକି ଦିଅନ୍ତି । ତା ବଦଳରେ ଯାହା ମିଳେ ଭୋକିଲା ପେଟ ଶାନ୍ତ ହୁଏ । କେବେ କାମ ମିଳିଗଲେ ପେଟପୁରା ଖାଆନ୍ତି ତ ନ ମିଳିଲେ ଭୋକ ଉପାସରେ ରାସ୍ତା କଡ଼ ଦୋକାନ ପିଣ୍ଡାରେ ଶୋଇ ପଡ଼ନ୍ତି ।

ଅଭାବ ଦାସ ମାନଙ୍କର ପିଲାମାନେ ଜୀବନ ଗଢ଼ିବା ପାଇଁ ନା ସ୍କୁଲ ଦ୍ୱାର ମାଡ଼ିପାରନ୍ତି ନା ଭଲ ଗଣ୍ଡେ ଖାଆନ୍ତି । ନା ଭଲ ଖଣ୍ଡେ ପିନ୍ଧିପାରନ୍ତି । ସବୁବେଳେ ପେଟଚିନ୍ତା, ମହାଚିନ୍ତାରୁ ବର୍ତ୍ତିଲେ ସିନା ଜୀବନକୁ ଚିହ୍ନି ପାରିବେ ।

ଖାଲି ସମୟରେ ଭାଇଭଉଣୀ ଦୁହେଁ ଅନେକ କିଛି ଭାବନ୍ତି, ଭୋକଜ୍ୱାଳାରେ ପେଟକୁ ଅଣ୍ଡାଳନ୍ତି । ରାସ୍ତାକଡ଼ ସରକାରୀ ନଳରୁ ପେଟେ ପାଣି ପିଇଦିଅନ୍ତି, ତଥାପି ଭୋକ ମରେନି । କେବେ କେବେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉପରକୁ ଚାହିଁ ପ୍ରାର୍ଥନା କରି କହନ୍ତି, "ଆମ ପାଇଁ କିଛି ଚମତ୍କାର କରିଦିଅ ପ୍ରଭୁ ।"

କଅଁଳ ମନର ପ୍ରାର୍ଥନାକୁ ବୋଧହୁଏ ଈଶ୍ୱର ଶୁଣିପାରିଲେ । ସେଦିନ ପ୍ରଳୟଙ୍କାରୀ ଝଡ଼ବତାସ ବର୍ଷାକୁ ନ ମାନି କଂସ କାରାଗାରରେ ଜନ୍ମ ନେଇଥିବା ଈଶ୍ୱର ପୁଣିଥରେ ଜନ୍ମ

 Magazine Downloaded from www.aahwaan.com

ନେବାପାଇଁ ଇଚ୍ଛା କଲେ ।

ଦିନେ ଭାଇଭଉଣୀ ଦୁହେଁ ରାସ୍ତାରେ ପଡ଼ିଥିବା ଛୋଟ ପଥର ମୂର୍ତ୍ତିଟେ ପାଇଲେ । ଦୁହିଁଙ୍କ ମନ ମଧ୍ୟରେ କିଛି ଗୋଟେ କରିବାକୁ ଇଚ୍ଛା ହେଲା । ସହରର ଗୋଟେ ପାଖରେ ଥିବା ଛୋଟ ଏକ ପାର୍କ କୋଣରେ ତିନିଚାରୋଟି ଇଟା ଉପରେ ମୂର୍ତ୍ତିଟିକୁ ରଖି ଲାଲ ଲୁଗାଦ୍ୱାରା ସଜେଇ ଦେଲେ । ଫୁଲମାଳ ପିନ୍ଧେଇ, ଧୂପଦୀପ ଜଳେଇ ନିଜ ତରଫରୁ କିଛି ଟଙ୍କା ପଇସା ମୂର୍ତ୍ତି ଆଗରେ ପକେଇଦେଲେ ।

ବାସ୍... ତାପରେ ଆଉ କଣ ! ସଂଧ୍ୟା ପର୍ଯ୍ୟନ୍ତ ଲୋକମାନଙ୍କର ବଦାନ୍ୟତାରେ ମୂର୍ତ୍ତି ସମ୍ମୁଖରେ ଧନରାଶି ଭରି ରହିଥିଲା । ମୁହଁ ଅନ୍ଧାର ବେଳକୁ ଦୁହେଁ ସେଇଠିକୁ ଆସିଲେ । ବ୍ୟାଗଭର୍ତ୍ତି ଟଙ୍କାପଇସା ଧରି ଅପେକ୍ଷା କଲେ ତା ପରଦିନକୁ । ସଂଭବତଃ ସେତେବେଳକୁ ଆଉଜଣେ ଇଶ୍ୱରଙ୍କ ଜନ୍ମ ହୋଇ ସାରିଥାଏ ।

## ୨. ଆଉ ଜଣେ ଈଶ୍ୱର

ଦୀନବନ୍ଧୁ ସରକାରୀ ଚାକିରୀ କରେ । ପରିବାରର ସମସ୍ତେ ତାକୁ ଖୁବ୍ ଭଲ ପାଆନ୍ତି । ପ୍ରତିମାସ ନିଜ ଦରମାରୁ ଅଧେ ରଖି ଅବଶିଷ୍ଟ ମା'ବାପାଙ୍କ ହାତରେ ଧରେଇ ଦିଏ । ଅନ୍ୟ ଦିନମାନଙ୍କରେ ଅଫିସ ଛୁଟିପରେ ସ୍ୱାଭାବିକ ରୂପେ ଘରକୁ ଫେରିଆସେ, କିନ୍ତୁ ଶୀତଦିନେ ଖୁବ୍ ଲେଟରେ ଫେରେ । ଖିଆପିଆ ନ କରି ଚୁପଚାପ୍ ଶୋଇଯାଏ । କେବେ କେବେ ତା'ପରଦିନ ସକାଳେ ଫେରିଆସେ ।

ତାର ଏଭଳି ପରିବର୍ତ୍ତନ ପାଇଁ ପରିବାରର ସମସ୍ତେ ବ୍ୟସ୍ତବିବ୍ରତ ହେଉଥାନ୍ତି । ରାତିସାରା କୁଆଡ଼େ ଯାଉଛି ? କଣ କରୁଛି ? କିଛି ଖରାପ କାମ କରୁନାହିଁ ତ ? ଏଇଭଳି

 Magazine Downloaded from www.aahwaan.com

ଅନେକ ପ୍ରଶ୍ନର ଚିନ୍ତା ତା ବାପାଙ୍କ ମନ ମଧ୍ୟରେ ଅଡୁଆ ସୁତା ଭଳି ଗୋଡ଼ାଇ ଯାଉଥାଏ ।

ଦିନେ ସେ ଯୋଜନାବଦ୍ଧ ଅନୁସାରେ ପୁଅର ପିଛାକଲେ । ଦୀନବନ୍ଧୁର ଅଫିସ ଛୁଟି ବେଳକୁ ସେଇଠି ପହଞ୍ଚି ଯାଇଥାନ୍ତି । କ୍ରମଶଃ ଅନ୍ଧାର ଘୋଟି ଆସୁଥାଏ ଧରାପୃଷ୍ଟକୁ । ଅଫିସ ସମ୍ମୁଖରେ ଥିବା ପାଚେରୀ କଡ଼ରେ ଛପିରହି ପୁଅର କାର୍ଯ୍ୟକଳାପକୁ ଦେଖୁଥାନ୍ତି ସେ ।

ଦୁଇ ହାତରେ ଦୁଇଟି ବଡ଼ ଥଳି ଧରି ଅଫିସରୁ ବାହାରକୁ ଆସିଲା ଦୀନବନ୍ଧୁ । ପରେ ଗୋଟେ ଅଟୋରିକ୍ସାକୁ ଅଟକାଇ ତା ଭିତରେ ବସି ପଡ଼ିଲା । ଅଟୋଟି କିଛି ଦୂର ଯିବାପରେ ଫୁଟ୍‌ପାଥ ସାଇଡ଼ରେ ଅଟକି ରହିଲା । ଫୁଟପାଥରେ କେତେଜଣ ଅଭାବ ଦାସ ଶୀତରେ ଥରୁଥାନ୍ତି, ଦୀନବନ୍ଧୁ ଅଟୋରିକ୍ସାରୁ ଓହ୍ଲାଇ ଥଳିରୁ କମ୍ବଳ ବାହାର କରି ସେମାନଙ୍କୁ ଗୋଟେ ଗୋଟେ ଘୋଡେଇ ଦେଉଥାଏ ।

ଅଳ୍ପ କିଛି ଦୂରତାରେ ଅନ୍ୟ ଏକ ଅଟୋରିକ୍ସା ଭିତରେ ଅପେକ୍ଷାରତ ଦୀନବନ୍ଧୁଙ୍କ ବାପା ଏ ସବୁ ଦୃଶ୍ୟ  ଦେଖି ଯେତେ ଚକିତ ହେଉଥାନ୍ତି ସେତେ ଗୌରବରେ ତାଙ୍କ ଛାତି କୁଣ୍ଢେ ମୋଟ ହୋଇଯାଉଥାଏ ।

ଅଚାନକ ଅଟୋଚାଳକ କହିଲା, “ଆପଣ ଜାଣିଛନ୍ତି ବାବୁ ! ଏଇ ଫୁଟପାଥରେ ଶୀତରାତିକୁ ବିତଉଥିବା ଅଭାବ ଦାସ ମାନଙ୍କ ପାଇଁ ଆଉ ଜଣେ ଈଶ୍ୱର ଜନ୍ମ ନେଇଛନ୍ତି ।”

ଇମେଲ୍ : s.dwibedy@rediffmail.com

ଯୋଗଫର୍ ଲାଇଫ୍, ସଲ୍ଟ୍‌ଲେକ୍, କୋଲକାତା - ୬୪

 Magazine Downloaded from www.aahwaan.com

# ମୋ ଗାଁ



ସୀତାରାମ

"ଛୋଟ ମୋର ଗାଁଟି, ଭୂଗୋଳ ପୋଥି ପତରେ ପଡ଼େ ନ ଥାଉ ତାର ନାଁ ଟି" । ଗାଁ ଏବେ ଦ୍ରୁତ ଗତିରେ ସହରୀକରଣ ହେଉଛି । ନା ଅଛି ପାହାନ୍ତା ପହରରେ ଅଣ୍ଡିରା ବିଲୁଆର ହୁକେ ହୁ ଶବ୍ଦ, ନା ଅଛି ସକାଳର କାଉ ରାବ ନା ଗୋଧୂଳିରେ ଗାଈପଲ । ନା ଅଛି ପୁର୍ବର ଭାଇଚାରା ନା ପୂର୍ବର ଖୋଳ, ତାଳ କୀର୍ତ୍ତନ । ଗହୀର ପାଟରେ ଧାନକଟା ସହ ମାଛ କଙ୍କଡା ଧରିବାର ଦୃଶ୍ୟ ଆଉ ନାହିଁ । ଗାଁର ଗୁଡ଼ିଆ ମଉସାର ମୁଢ଼ି, ଚୁଡା ମୁଆଁ ଆଉ ନାହିଁ । ଶୀତ ସକାଳରେ ଗାଁ ଦାଣ୍ଡରେ ନିଆଁ ପୋଇଁବାର ଦୃଶ୍ୟ ଏବେ ସ୍ୱପ୍ନ । ତଥାପି ମୋ ଗାଁ ହସୁଛି । ଗାଁ ଗାଁ, ସହର ସହର । ଗାଁର ପାଣି ପବନ, ଖାଦ୍ୟପେୟ, ଜୀବନ ଜୀବିକା ସବୁ କିଛି ନିଆରା । ପଖାଳଭାତ ସାଙ୍ଗକୁ ସଜନା ଶାଗ, ବଡି ଚୁରା, ଡାମ୍ଫେଡା ଶୁଖୁଆ ନ ହେଲେ ଆଳୁ, ବାଇଗଣ ପୋଡା, ମଦରଙ୍ଗା ଶାଗ ସୋରିଷବଟା ରାଇ ସ୍ୱାଦ ଖାଇବା ଲୋକ ହିଁ ଜାଣେ । ବର୍ଷା ଦିନେ ଗରମ ଗରମ ଭାତକୁ କୋଳଥ ଡାଲି ପାଣି କଖାରୁ, ଲାଉ ରାଇର ସ୍ୱାଦ, ବୋଉର ସାରୁ ସଜନା ଶାଗ ତରକାରୀର ସ୍ୱାଦ କଣ ପାଞ୍ଚ ତାରକା ହୋଟେଲରେ ମିଳିବ ? ? ବୋଧେ ନା । ଗାଁକୁ ନିର୍ବିକାର ଭାବରେ ଭଲ ପାଉଥିବା ନିରଳସ ମଣିଷଟିଏ ହିଁ ନିର୍ନିମେଷ ନୟନରେ ଅବଲୋକନ କରିପାରେ ଗାଁର ଅପୂର୍ବ ସୌନ୍ଦର୍ଯ୍ୟକୁ ।

ସନମୂଳାଇ, କଟକ

ଯୋଗାଯୋଗ-୮୪୭୯୨୩୭୧୭୨

 Magazine Downloaded from www.aahwaan.com

# ଆତ୍ମହତ୍ୟା



ଜିତେନ୍ଦ୍ର କୁମାର କହଁର

ସନ୍ଧ୍ୟା ସମୟ ଅତିକ୍ରାନ୍ତ ହୋଇ ଧୀରେ ଧୀରେ କାନ୍ଥ ଘଣ୍ଟାର ଟିକ୍ ଟିକ୍ ଶବ୍ଦ ରାତ୍ରିକୁ ନିମନ୍ତ୍ରଣ କରୁଥାଏ । ଘରେ ଏକୁଟିଆ ସଂଗ୍ରାମ । ହଠାତ ଚାରିଦିଗ ତାକୁ ଅନ୍ଧାର ଅନ୍ଧାର ଲାଗିଲା । ଚିନ୍ତାରେ ଅଲଗା ଦୁନିଆରେ ବୁଲୁଥିବା ସଂଗ୍ରାମ ଜାଣି ପାରିନଥିଲା କେତେବେଳେ ଲାଇନ୍‌ଚାଲି ଯାଇଥିଲା । ଘର ଭିତରୁ ଦୁଇଟି ଚେୟାର ଧରି ଅଗଣାକୁ ଚାଲି ଆସିଲା । ଗୋଟିଏ ଚେୟାର ଉପରେ ବସି ଅନ୍ୟ ଚେୟାର ଉପରେ ଦୁଇ ଗୋଡ଼କୁ ଲମ୍ବେଇ ଖୋଲା ଆକାଶକୁ ଚାହିଁ ଭାବୁଥିଲା, "ଜୀବନ ଯୁଦ୍ଧରେ ସେ ଏକ ପରାଜିତ ସୈନିକ । ବଞ୍ଚିବାର ତା'ର ଅଧିକାର ନାହିଁ । ଜୀବନର ଅଡୁଆ ଜାଲରେ ଯେମିତି ସେ ଛନ୍ଦି ହୋଇ ଯାଇଥାଏ । ଯେଉଁ ଅଡୁଆ ଜାଲକୁ ଠିକ୍ କରିବା ପାଇଁ ତା ପାଖରେ ଶକ୍ତି ଅଛି ନା ସମୟ ନା ସାମର୍ଥ୍ୟ । ବାସ୍ ଶେଷ କଥା ସେ ଆତ୍ମହତ୍ୟା କରିଦେବ ।" ଖୋଲା ଆକାଶରେ ହାତ ଗଣତି କିଛି ତାରାଗଣ ଯେମିତି ସଂଗ୍ରାମକୁ ଦେଖୁଥାନ୍ତି ଆଉ ତା କଥା ଶୁଣୁଥାନ୍ତି । ହେଲେ ଏ କଣ ସେ ତାରାଗଣ ମଧ୍ୟ ଆକାଶରୁ ଉଭେଇଗଲେ । ସଂଗ୍ରାମକୁ ଲାଗେ ବୋଧହୁଏ ସେମାନେ ବି ତା'ର ବିପକ୍ଷରେ । କିଛି ସମୟ ପୂର୍ବରୁ ଯେମିତି ଲାଇନ କଟି ଯାଇଥିଲା ଆଉ ଏବେ ସାଙ୍ଗରେ ଥିବା ତାରାଗଣ ମଧ୍ୟ ଲୁଚିଗଲେ । ସତେ ଯେମିତି ସଂଗ୍ରାମର ଆତ୍ମହତ୍ୟା କରିବାର ନିଷ୍ପତ୍ତିକୁ ସେମାନେ ଠିକ ବୋଲି ପ୍ରମାଣିତ କରୁଥିଲେ ।

ହାତରେ ଥିବା ନିଜର ମୋବାଇଲର କଣ୍ଟାକ୍ଟ ଲିଷ୍ଟରେ କାହା ନମ୍ବରକୁ କେଜାଣି

 Magazine Downloaded from www.aahwaan.com

ସଂଗ୍ରାମ ବ୍ୟସ୍ତତାର ସହ ଖୋଜି ଚାଲିଥିଲା । ବୋଧେ ଏକୁଟିଆ ପଣରୁ ମୁକ୍ତି ପାଇବା ପାଇଁ । ସେ ସ୍ମିତି ପାଖକୁ ରିଙ୍ଗ କଲା । ହେଲେ ଏ କଣ !! ବାରମ୍ବାର ଫୋନ କଲା ପରେ ବି ସେ ରିସିଭ କଲାନି । ଯେମିତି ସାରା ଦୁନିଆ ସଂଗ୍ରାମକୁ ପର କରି ଦେଇଥିଲା ଆଉ ବାରମ୍ବାର କହୁଥିଲା ତୁ ଆତ୍ମହତ୍ୟା କରି ଦେ । ଠିକ ସେତିକି ବେଳକୁ ଚନ୍ଦ୍ରର କିରଣ ରେ ଚମକି ପଡିଲା ସଂଗ୍ରାମ । ଯେମିତି ସେ ତାରା ଲୁଚିଯିବା ଲାଇଟ ଚାଲି ଯିବା ସ୍ମିତି ଫୋନ ନ ଉଠାଇବା ସବୁକୁ ବିରୋଧ କରି ସଂଗ୍ରାମର ସାଥି ଦେବାପାଇଁ ଚନ୍ଦ୍ରର କିରଣ ଆସି ଯାଇଥିଲା । ପୁଣି ଦୋଛକିରେ ପଡିଗଲା ସଂଗ୍ରାମ । କଣ ସେ କରିବ ଏବେ । ଆତ୍ମହତ୍ୟା ନା ଆତ୍ମହତ୍ୟା ଶବ୍ଦ ଭିତରେ ଜୀବନ ନାମକ ଶବ୍ଦକୁ ପୁଣି ଖୋଜିବ ।

ହେଲେ କ'ଣ ହୋଇଛି ସଂଗ୍ରାମର । ସେ କାହିଁକି ଆଉ କେଉଁ ପରିସ୍ଥିତିରେ ଏମିତି ଚରମ ନିଷ୍ପତି ନେବାକୁ ବସିଛି । ସେ ସବୁ ଜାଣିବାକୁ ହେଲେ ଆମକୁ ଯିବାକୁ ପଡ଼ିବ ଦଶ ବର୍ଷ ତଳକୁ । ଯେବେ ସଂଗ୍ରାମର କଲେଜ ଜୀବନର ଆରମ୍ଭ ହୋଇଥିଲା । ଭାରି ଖୁସ ମିଜାଜର ପିଲା ଆଉ ସରଳ ପିଲାଟିଏ ଥିଲା ସେ । ସବୁବେଳେ ତା ଓଠରେ ଯେମିତି ସ୍ମିତ ହସଟିଏ ଘର କରି ରହିଥାଏ । ସେଇ ହସ ଅନ୍ୟମାନଙ୍କ ପାଇଁ ଆକର୍ଷଣର କାରଣ ଥିଲା । ସେଇ କଲେଜ ସମୟ ଭିତରେ ସଂଗ୍ରାମ ତାର କିଛି ସାଙ୍ଗ ପାଖରୁ ସ୍ମିତି ନାମକ ଝିଅ ବିଷୟରେ ଜାଣିବାକୁ ପାଏ । କାହିଁକି କେଜାଣି ଝିଅ ବିଷୟରେ କିଛି ନ ଜାଣି ସେ ସେଇ ସ୍ମିତି ନାଁରୁ ହିଁ ଆକର୍ଷିତ ହୋଇସାରିଥାଏ । ଆଉ ମନେ ମନେ ସ୍ମିତି କୁ ଦେଖିବାକୁ ଖୋଜୁଥାଏ । କାଳେ ସାଙ୍ଗ ମାନେ କିଛି ଭାବିବେ ସେ ନିଜ କଥାକୁ ଛାତି ତଳେ ଚାପି ରଖିଦେଲା । ସଂଗ୍ରାମ ସେ ଝିଅ ବିଷୟରେ କିଛି ଜାଣି ନ ଥାଏ କିନ୍ତୁ ତାକୁ ଲାଗେ ସେ ଯେମିତି ଦେଖିବାକୁ ଭାରି ସୁନ୍ଦର । ଗୋଟିଏ ଚାଉଳରେ ଗଢ଼ା ପରି । କଳ୍ପନାରେ ତା ଛବି ଆଙ୍କି ସାରିଥାଏ ।

 Magazine Downloaded from www.aahwaan.com

ସଂଗ୍ରାମର ଇଛା ହେଉଥାଏ ସ୍ମିତି ତାର ବାନ୍ଧବୀ ହୋଇଥାନ୍ତା କି... ଏମିତି ଅନେକ ଦିବା ସ୍ୱପ୍ନ ଦେଖିଚାଲେ ସେ । ବୋଧହୁଏ ସେ ମନେ ମନେ ତାଙ୍କୁ ନ ଦେଖି ନ ଜାଣି ବି ଭଲ ପାଇ ବସିଥିଲା ।

ଥରେ କଲେଜରେ ପ୍ରାକ୍ଟିକାଲ୍ ପରୀକ୍ଷା ଥାଏ । ନିଜ ବାଇକ୍ ରେ ସଂଗ୍ରାମ ବାହାରି ଥାଏ କଲେଜ ଅଭିମୁଖେ । ରାସ୍ତା କଡରେ ତାଙ୍କରି କଲେଜ ୟୁନିଫୋର୍ମ ଥିବା ଏକ ସୁନ୍ଦର ତରୁଣୀର ଲିଫ୍ଟ ଡାକରେ ଅଟକି ଯାଏ । ସଂଗ୍ରାମ କୁହେ, “କଲେଜ ଯିବେ କି ?” ଝିଅଟି କୁହେ, “ହଁ କଲେଜରେ ଟିକେ ଛାଡ଼ିଦେବେ ପରୀକ୍ଷା ଅଛି, ବସ ମିସ୍ କରିଗଲି ।” ହଉ ବସନ୍ତୁ କହି ସଂଗ୍ରାମ ଗାଡି ଷ୍ଟାର୍ଟ କରି ସେହି ଝିଅ ସହ କଲେଜ ଅଭିମୁଖେ ଚାଲିଲା । ସଂଗ୍ରାମ କୁହେ, “କିନ୍ତୁ କାହିଁ ମୁ ତ କଲେଜରେ କେବେ ଆପଣଙ୍କୁ ଦେଖିନି ।” ହଁ ଦେଖି ନ ଥିବେ ମୁଁ ବି ଆପଣଙ୍କୁ କେବେ ଦେଖିନି । ଆମ ଡିପାର୍ଟମେଂଟ ସମାନ ନୁହେଁ ନା ବୋଧହୁଏ ସେଇଥି ପାଇଁ, ପ୍ରତ୍ୟୁତ୍ତରରେ କୁହେ ସେଇ ଝିଅଟି । ଏମିତି କଥା ହେଉ ହେଉ କଲେଜ ପହଂଚି ସାରିଥାଏ । ଦୁହେଁ ପରୀକ୍ଷା ଦେବାକୁ ବାହାରି ଗଲେ । ଝିଅଟି ଥାଙ୍କସ୍ କହି ଚାଲି ଯାଉ ଯାଉ ସଂଗ୍ରାମ କହିଲା, “ଆରେ ଆପଣଙ୍କର ନାଁ ତ କହିଲେନି ।” ଝିଅଟି ଯାଉ ଯାଉ କହିଲା, “ମୋ ନାଁ ସ୍ମିତି ।” ସଂଗ୍ରାମ ନିଜ କାନ ଆଉ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ସେ ଯାହାକୁ ମନେ ମନେ ଖୋଜୁଥଲା ଏଇ ସେ ଝିଅ । ପରୀକ୍ଷା ଶେଷ ପରେ ସଂଗ୍ରାମର ଆଖି ଖୋଜି ବୁଲିଲା ସେଇ ଝିଅକୁ ହେଲେ କୋଉଠି ବି ପାଇଲାନି । ଆଉ କାହାକୁ ତା ବିଷୟରେ ପଚାରିବାକୁ ବି ସାହସ କରିନି କାଳେ କିଏ କଣ ଭାବିବ । କିଂତୁ ସେଦିନ ରାତିରେ ବହୁତ ଡେରି ଯାଏଁ ଖୁସିରେ ସେ ଶୋଇ ପାରିଲାନି । ମନେ ପକାଉଥାଏ ସ୍ମିତିକୁ କଲେଜ ଯାଏଁ ଲିଫ୍ଟ ଦେବାର ମୁହୂର୍ତ୍ତକୁ ଆଉ ବାରମ୍ବାର ଖୁସି ହେଉଥାଏ ।

 Magazine Downloaded from www.aahwaan.com

ତା'ପର ଦିନ କଲେଜ ଯିବା ପରେ କାହିଁ ସେ କଲେଜ ରେ ଆଉ ସ୍ମିତିକୁ କେବେ ଦେଖିନି । ମନେ ମନେ ବହୁତ ଖୋଜିଛି । ସେ ଭାବେ ସେ ଦିନ ମୋବାଇଲ ନମ୍ବର ମାଗିଥିଲେ ଭଲ ହୋଇଥାନ୍ତା । ହେଲେ ଏବେ ବା ସେ କଣ କରି ପାରିବ । ନିଜ ଭାଗ୍ୟକୁ ଆଦରି ନିଜ ଜୀବନରେ ହଜି ଯିବାକୁ ଚେଷ୍ଟା କଲା । ଏମିତି ଗୋଟିଏ ବର୍ଷ ବିତିଗଲା ।

*ଗୋଟିଏ ବର୍ଷ ପରେ...*

ସଂଗ୍ରାମର ହୃଦୟରେ ଆଜି ବି ସ୍ମିତିର ସ୍ମୃତି ସତେଜ ରହିଛି । ବେଳେ ବେଳେ ସେ ମନେ ପକାଏ ସେଇ ସ୍ମୃତି ଆଉ ଖୁସି ହୁଏ । ବେଳେ ବେଳେ ଟିକିଏ ମନ ଦୁଃଖ ବି କରେ ତାକୁ ଅନେକ ଖୋଜି ବି ପାଇ ପାରିଲାନି ବୋଲି । ହଠାତ ସଂଗ୍ରାମ ର ଫୋନ ବାଜି ଉଠିଲା, ଫୋନ କରିଥିଲା ମନୋଜ ତାର ପିଲା ବେଳେର ସାଙ୍ଗ । ସହରରେ ଭଲ ଚାକିରୀ ଟିଏ କରିଛି । ଫୋନ କରି କହୁଥିଲା,“ ଆରେ ମୁଁ ତୋ ଘର ଆଗରେ କବାଟ ଖୋଲୁନୁ ।” ସଂଗ୍ରାମ ଯାଇ କବାଟ ଖୋଲନ୍ତେ ଦୁଇ ବନ୍ଧୁଙ୍କର ଖୁସି ଦେଖିଲା ଭଳିଆ । ମନୋଜକୁ ସଂଗ୍ରାମ ନେଇଯାଏ ନିଜ ରୁମକୁ । ବେଶ କିଛି ସମୟ ଦୁଇ ବନ୍ଧୁ କଥା ହୁଅନ୍ତି । ଶେଷରେ ମନୋଜ କୁହେ, “ସାଙ୍ଗ ମୋର ବାହାଘର ଆର ମାସରେ ତୁ ନିଶ୍ଚୟ ଆସିବୁ... ଏତକ କହି ନିଜ ବାହାଘର କାର୍ଡ ଦେଇ ମନୋଜ ଯିବାକୁ ବାହାରି ପଡ଼ିଲା ।” ସଂଗ୍ରାମ ଆଡ଼ଭାନ୍ସ କଂଗ୍ରାଚୁଲେଶନ ଜଣାଇ ମନୋଜକୁ ବିଦାୟ ଦେଲା । ଆରେ ବାହାଘର କାର୍ଡ଼ ତ କେତେ ସୁନ୍ଦର ହୋଇଛି... ମନେ ମନେ ଭାବେ ମନୋଜ କେତେ ଟଙ୍କା ଖର୍ଚ୍ଚ କରିଛି କାର୍ଡ଼ରେ ! ! କାର୍ଡ଼ ଖୋଲି ଦେଖେ ତ ସେ ଆଶ୍ଚର୍ଯ୍ୟ ହୋଇଯାଏ । ଏ କଣ ! ! ! କାର୍ଡରେ ଲେଖା ହୋଇଛି ମନୋଜ ସହିତ ସ୍ମିତି । ତାର ପୁଣି ମନେ ପଡ଼ିଯାଏ ତା ସ୍ମିତି ର ସ୍ମୃତି କଥା । ହେଲେ ସେ ଜାଣି ପାରେନି ଇଏ ସେଇ ସ୍ମିତି ନା ଆଉ କିଏ ? ତାର ଭାରି ଜାଣିବାକୁ ଇଛା ହୁଏ । ହେଲେ

 Magazine Downloaded from www.aahwaan.com

ଅବା ସେ କ'ଣ କରିବ । ତା'ର ତ ବାହାଘର ଠିକ ହୋଇଯାଇଛି । ତାହା ବି ନିଜର ପିଲା ବେଳର ସାଙ୍ଗ ସହ । ମନେ ମନେ ଭାବେ ଏ ସ୍ମିତି ସେ ସ୍ମିତି ନ ହୋଇଥାଉ ।ସତେ ଯେମିତି ତାକୁ କୋଉଠି ଗୋଟିଏ ଛାତି ଭିତରେ ବହୁତ କଷ୍ଟ ଲାଗୁଥାଏ ।

ବାହାଘର ଦିନ ଯଥେଷ୍ଟ ପୂର୍ବରୁ ସଂଗ୍ରାମ ପହଂଚି ଯାଇଥିଲା ମନୋଜ ପାଖରେ । ଯେତେବେଳେ ବାହାଘର ସମୟ ଆସିଲା । କନ୍ୟା ବାହାଘର ବେଦି କୁ ଆସୁଥାଏ । ସଂଗ୍ରାମ ଚକିତ ହୋଇ ଚାହିଁ ରହିଥାଏ । ଆରେ ଏଇତ ମୋ ସ୍ମିତି ! ! ଯାହାକୁ ଆଜି ଯାଏଁ ମୋ ଛାତି ତଳେ ମୁ ସାଇତି ରଖିଛି । ସତେ ଯେମିତି ସେ ଚାହୁଁଥାଏ ଏ ବାହାଘର ଭାଙ୍ଗି ଯାଆନ୍ତା କି ? ସେ ସ୍ମିତି କୁ ତାର ମନ କଥା କହିଦିଅନ୍ତା । ଆଉ ତାକୁ ତାର ନିଜର ଜୀବନ ସାଥି କରନ୍ତା । ହେଲେ ସେ ସବୁ ଭାବି ଏବେ କଣ ଲାଭ । ବନ୍ଧୁତାରେ ସେ କେବେ ବିଶ୍ୱାସଘାତ କରି ପାରିବନି । ସ୍ମିତିକୁ ସେ ଭଲ ପାଉଥିଲା ଭଲ ପାଉଥିବ କିନ୍ତୁ କେବଳ ନିଜଠୁ ନିଜ ପର୍ଯ୍ୟନ୍ତ । ଏମିତି ଭାବି ସେ ବାହାଘରର ବ୍ୟସ୍ତତା ଭିତରେ ନିଜକୁ ହଜେଇବାକୁ ଚେଷ୍ଟା କଲା । ହେଲେ ତାର ଆଖି ସ୍ମିତିକୁ ପାଖରେ ପାଇ ଯେତିକି ଖୁସି ହୋଇଥିଲା ପୁଣି ତାକୁ କ୍ଷଣିକରେ ହରାଇ ଦେବ ବୋଲି କଷ୍ଟ ଅନୁଭବ କରୁଥାଏ । ପୁଣି ନିଜକୁ ବୁଝାଏ ପ୍ରେମର ମାନେ ନୁହେଁ କେବଳ ପାଇବା...ପ୍ରେମର ଅନ୍ୟ ଏକ ନାମ ହେଉଛି ତ୍ୟାଗ । ହେଲେ ଏ କଣ ହସ୍ତ ଗଣ୍ଠି ପଡିବା ପୂର୍ବରୁ ଆଉ କାହାର ଚଢା ଗଳାର ଡାକରେ ସବୁ ଯେମିତି ଅଟକି ଗଲା । ଜଣେ ଅଜଣା ଲୋକ ଆସି କ୍ରୋଧଭରା କଣ୍ଠରେ କହିଲା, ମନୋଜ ତୁମେ କେତେଥର ବାହା ହେବ । ମୋ ଭଉଣୀକୁ ବାହା ହୋଇ ତା ଜୀବନକୁ ନଷ୍ଟ କରି ତୁମେ ଦ୍ୱିତୀୟ ବାହା ହେବାକୁ ଯାଉଛ । ସେ ଲୋକ ସାଥିରେ ଥାଏ ଝିଅଟିଏ । ଆଖିରେ ତାର ଧାର ଧାର ଲୁହ । ସେ ଥିଲେ ସମ୍ପୂର୍ଣ୍ଣା । ନିଜକୁ ମନୋଜର ସ୍ତ୍ରୀ ବୋଲି ପରିଚୟ ଦେଉଥିଲେ । ଆଉ ଚିତ୍କାର କରି

 Magazine Downloaded from www.aahwaan.com

କହୁଥିଲେ, "ଏ ବାହାଘର ବନ୍ଦ କର ।" ସେମାନେ ସାଥିରେ ପୋଲିସ ନେଇ ଆସିଥିଲେ । ସ୍ମିତି ସହ ସ୍ମିତିର ବାପା ମା' ସମସ୍ତେ ଆଶ୍ଚର୍ଯ୍ୟ । ମନୋଜ ଏମିତି କାମ କରି ପାରିଲା । ସମ୍ପୂର୍ଣ୍ଣା ପାଖରେ ଯଥେଷ୍ଟ ପ୍ରମାଣ ମନୋଜ ତାର ସ୍ୱାମୀ ବୋଲି । ବାହାଘରର ଫୋଟ ସବୁ ରହିଛି ତା ପାଖରେ । ସଂଗ୍ରାମ ହଠାତ ମାଡିଗଲା ମନୋଜ ପାଖକୁ ଆଉ କହିଲା, "ମନୋଜ ତୁ ଏମିତି କାମ କେମିତି କରି ପାରିଲୁ । ଦୁଇ ଦୁଇଟି ଜୀବନ ସହ ତୁ ଖେଳିଲୁ । ତୋତେ ମୋ ସାଙ୍ଗ ବୋଲି କହିବାକୁ ମୋତେ ଘୃଣା ଲାଗୁଛି ।" ମନୋଜ କିଛି କହିବାକୁ ଉଦ୍ୟତ ହୁଅନ୍ତା ତାକୁ ପୋଲିସ ବାବୁ ନିଜ ସାଥିରେ ନେଇଗଲେ । ସ୍ମିତି ଆଶ୍ଚର୍ଯ୍ୟ ହୋଇ ଦେଖୁଥାଏ । ଏ ସବୁ କ'ଣ ଘଟି ଯାଉଛି ତା'ର ଚାରି ପାଖରେ । ଆଖିରେ ତାର ଧାର ଧାର ଲୁହ । ସ୍ମିତିର ବାପା ମା କଣ କରିବେ ଏବେ । ଝିଅ ମଙ୍ଗୁଳା ହୋଇ ରହିଯିବ । ସ୍ମିତି ଏ ଭିତରେ ସଂଗ୍ରାମକୁ ଚିହ୍ନି ପାରିଥାଏ । ଆଉ ସଂଗ୍ରାମ ଲିଫ୍ଟ ଦେବା କଥା ତାର ଝାପ୍ସା ଝାପ୍ସା ମନେ ପଡ଼ିଯାଏ । ସେ ସଂଗ୍ରାମ ଆଗକୁ ଆସି ତାକୁ ବିବାହ କରିବାକୁ ପ୍ରସ୍ତାବ ଦିଏ । ସଂଗ୍ରାମ କଣ କରିବ ଜାଣି ପାରେନି । ଶେଷରେ ସେ ସମସ୍ତଙ୍କ ଅନୁରୋଧରେ ବାହାଘର ପାଇଁ ରାଜି ହୋଇଯାଏ । ବାହାଘର ସୁରୁଖୁରୁରେ ସରିଯାଏ । ସଂଗ୍ରାମ ନ ପ୍ରକାଶ କଲେ ବି ଭିତରୁ ବହୁତ ଖୁସି ଥାଏ । କାରଣ ସେ ତାର ମନର ମଣିଷକୁ ଜୀବନସାଥି ଭାବରେ ପାଇ ସାରିଛି । ସ୍ମିତି ବି ସବୁ କିଛି ଭୁଲି ନିଜକୁ ନୂଆ ଦୁନିଆରେ ହଜାଇବାକୁ ଚେଷ୍ଟା କଲା । କିଛି ଦିନ ପରେ ଖବର କାଗଜରେ ବାହାରିଲା ମନୋଜକୁ ପାଂଚ ବର୍ଷ ଜେଲ ହୋଇଯାଇଛି । ସ୍ମିତି କହୁଥାଏ, "ଏମିତି ଲୋକଙ୍କୁ ଫାଶୀ ଦେଇଦେବା କଥା । ଝିଅ ମାନଙ୍କ ଜୀବନ ସହ ଖେଳିବେ ।" ସଂଗ୍ରାମ ସ୍ମିତିର କଥାକୁ ସମର୍ଥନ କରୁଥାଏ ।

ଭଗବାନଙ୍କ ଆଶୀର୍ବାଦରୁ ବାହାଘରର ଦେଢ଼ବର୍ଷେ ପରେ ସ୍ମିତି ଆଉ ସଂଗ୍ରାମ

 Magazine Downloaded from www.aahwaan.com

କୋଳରେ ସୁନ୍ଦର ଝିଅଟିଏ । ନା' ତାର କଳ୍ପନା । ବେଶ ହସ ଖୁସିରେ ଗଡି ଚାଲେ ସେମାନଂକର ସଂସାର ରଥ । ଝିଅ କଳ୍ପନାକୁ ନେଇ ସେମାନେ ବେଶ ଖୁସି । ସଂଗ୍ରାମର ଜୀବନ ତ ତା ଝିଅ ଭିତରେ ହିଁ ଥାଏ । ସ୍ମିତି ଏ ସବୁ ଦେଖି ଭଗବାନଙ୍କୁ ଧନ୍ୟବାଦ ଦେଉଥାଏ । ଏତେ ଭଲ ଜୀବନସାଥି ଆଉ ଏତେ ସୁନ୍ଦର ଝିଅଟିଏ କୋଳକୁ ଦେଇଥିବାରୁ । ସମୟ ସ୍ରୋତରେ ଜୀବନ ହସ ଖୁସିରେ ଗଡ଼ି ଚାଲିଥାଏ । ଦେଖୁ ଦେଖୁ ପାଂଚ ବର୍ଷ ବିତି ଗଲାଣି । ହେଲେ ସ୍ମିତି ଆଉ ସଂଗ୍ରାମକୁ ପାଂଚ ଦିନ ପରି ଲାଗୁଥାଏ । କେତେ ଜଲଦି ଯେ ସମୟ ବିତି ଯାଉଛି ସେମାନେ ଜାଣି ପାରୁନଥିଲେ । ଦିନେ ସନ୍ଧ୍ୟା ସମୟରେ କବାଟ ପାଖରେ କାହାର ଅସ୍ୱାଭାବିକ ଧଡ଼ ଧଡ଼ ଶବ୍ଦରେ ଚମକି ପଡିଲେ ସ୍ମିତି ଆଉ ସଂଗ୍ରାମ । ସ୍ମିତି ଯାଇ କବାଟ ଖୋଲନ୍ତେ ଦେଖିବାକୁ ପାଏ ଆଗରେ ଠିଆ ହୋଇଛି ଜେଲ ଫେରନ୍ତା ମନୋଜ । ରକ୍ତମୁଖା ହୋଇ ସେ ଠିଆ ହୋଇଥାଏ । ସ୍ମିତି ରାଗିକି କୁହେ, "ତୁମେ ଏଠି ପୁଣି କଣ କରିବାକୁ ଆସିଛ ? ଶୀଘ୍ର ଚାଲିଯାଅ ଏଠୁ ନ ହେଲେ ମୁଁ ପୁଲିସ ଡାକିବାକୁ ବାଧ୍ୟ ହେବି ।" ସ୍ମିତିର ପାଟି ଶୁଣି ସଂଗ୍ରାମ ଦୌଡ଼ି ଆସେ । ମନୋଜକୁ ଦେଖି ସଂଗ୍ରାମ ରାଗିଯାଏ । ସେ ମନୋଜକୁ ଯାଇ ଧୋକାଦେବା ପାଇଁ ଉଦ୍ୟତ ହେଲା ବେଳକୁ ମନୋଜର ପାଟିରୁ ଶୁଭେ ସମ୍ପୂର୍ଣ୍ଣା । ସଂଗ୍ରାମର ପାଦ ଅଟକି ଯାଏ ସମ୍ପୂର୍ଣ୍ଣା ଶୁଣି । ସମ୍ପୂର୍ଣ୍ଣା ଘର ଭିତରକୁ ଆସେ । ସ୍ମିତି ବି ଚକିତ ଥାଏ ଏ ସବୁ ଦେଖି । ସ୍ୱାମୀ ସ୍ତ୍ରୀ ଦୁହେଁ ଏଠି କି ନାଟକ ଚଲାଇଛ । ଜଲଦି ଚାଲି ଯାଅ ଏଠାରୁ । ନ ହେଲେ କିଛି ଭଲ ହେବନି କହିଦେଉଛି, ସଂଗ୍ରାମ ଚିତ୍କାର କରି ଉଠେ । ଠିକ ସେତିକି ବେଳକୁ ପୋଲିସ ବାବୁ ଭିତରକୁ ପଶି ଆସନ୍ତି । ସ୍ମିତି କିଛି ବୁଝି ପାରୁନ ଥାଏ କଣ ହେଉଛି ଏ ସବୁ । ସମ୍ପୂର୍ଣ୍ଣାକୁ ମନୋଜ ସେ ବାହାଘର ଦିନର ସତ କଥା କହିବାକୁ କୁହେ । "ସତ କଥା ପୁଣି କଣ ? ସବୁ ତ ଆମ ସାମ୍ନାରେ, କୁହେ ସ୍ମିତି । ମନୋଜ କୁହେ, "ନା

 Magazine Downloaded from www.aahwaan.com

ସ୍ମିତି ତୁମେ ପୁରା ସତ ଜାଣିନ । ଶୁଣ ଏଇ ସମ୍ପୂର୍ଣ୍ଣା ମୁହଁରୁ ।" ମନୋଜ ସମ୍ପୂର୍ଣ୍ଣାକୁ ସତ କଥା କହିବା ପାଇଁ ପୁଣି ପାଟି କରି କୁହେ । ସମ୍ପୂର୍ଣ୍ଣା ମନୋଜର ପାଟି ଶୁଣି ଚମକି ଉଠେ ଆଉ କାନ୍ଦି କାନ୍ଦି କୁହେ, "ମୋତେ କ୍ଷମା କରି ଦିଅନ୍ତୁ । ମୁଁ ମନୋଜର ସ୍ତ୍ରୀ ନୁହେଁ । କିଛି ଟଙ୍କା ଲୋଭରେ ମୁଁ ସେଇ ଦିନ କେବଳ ଅଭିନୟ କରିଥିଲି ।" ସ୍ମିତି ମୁଣ୍ଡକୁ କିଛି ପଶୁ ନ ଥାଏ । ସ୍ମିତି ପଚାରି ଉଠେ ସମ୍ପୂର୍ଣ୍ଣାକୁ କିଏ ସେ କାହା ପାଇଁ ତମେ ଏମିତି କଲ ? ଝିଅଟିଏ ହୋଇ ଆଉ ଗୋଟିଏ ଝିଅର ଜୀବନ ସହିତ କେମିତି ଏମିତି କରି ପାରିଲ ? ମନୋଜ ସ୍ମିତି ପାଟିରୁ କଥା ଛଡାଇ ଆଣି କହେ, "ସେ ଆଉ କେହି ନୁହଁ ସ୍ମିତି ସେ ତୁମ ସ୍ୱାମୀ ସଂଗ୍ରାମ ଆଉ କେହି ନୁହେଁ ।" ସ୍ମିତିର ପାଦ ତଳୁ ମାଟି ଖସିଯାଏ । ସେ ବିଶ୍ୱାସ କରି ପାରେନି । ସଂଗ୍ରାମ କୁହେ ନା ସ୍ମିତି ଏ ସବୁ ମିଛ । ମୁଁ ଏମିତି କରି ପାରିବିନି କେବେ । ସ୍ମିତି କୁହେ, "ମୋର ତୁମ ଉପରେ ଭରସା ଅଛି ସଂଗ୍ରାମ । ତୁମେ ବ୍ୟସ୍ତ ହୁଅନି ।" ମନୋଜ କୁହେ, "ସଂଗ୍ରାମ ଝିଅ ମୁଣ୍ଡ ଉପରେ ହାତ ରଖି କହିପାରିବ ସେ ଦୋଷୀ ନୁହେଁ ବୋଲି ।" ସ୍ମିତି କୁହେ, "ନିଶ୍ଚୟ କହି ପାରିବେ କାହିଁକି ନୁହେଁ ।" ସ୍ମିତି ସଂଗ୍ରାମକୁ କୁହେ, "କହି ଦିଅ ସଂଗ୍ରାମ ଆଉ ସମସ୍ତଙ୍କ ମୁହଁ ବନ୍ଦ କରିଦିଅ ।" ଝିଅ କଳ୍ପନାକୁ ଆଣି ସଂଗ୍ରାମ ଆଗରେ ଠିଆ କରିଦିଏ ସ୍ମିତି । ହେଲେ ସଂଗ୍ରାମ ନିର୍ବାକ । ଯେମିତି ସ୍ଥାଣୁ ପାଲଟି ଯାଇଥିଲା ସେ । ସଂଗ୍ରାମ କୋହଭରା କଣ୍ଠରେ କୁହେ, "ନା ମୁଁ ପାରିବିନି ମୋ ଝିଅ ମୁଣ୍ଡରେ ହାତ ରଖି ପାରିବିନି । କାରଣ ମୁଁ ଭୁଲ କରିଛି ସ୍ମିତି । ମୁଁ ତୁମ ସମସ୍ତଙ୍କର ଦୋଷୀ ।" ସ୍ମିତି ନିଜ ଆଖି ଆଉ ଆଉ କାନକୁ ବିଶ୍ୱାସ କରି ପାରେନି । ହଁ ସ୍ମିତି ମୁଁ ତୁମକୁ କଲେଜ ଟାଇମରୁ ହିଁ ଭଲ ପାଇ ବସିଥିଲି । ତୁମ ସହ ପ୍ରଥମ ଦେଖାର ସ୍ମୃତି ଆଜି ବି ମୋ ଛାତି ତଳେ ସାଇତି ହୋଇ ରହିଛି । ହେଲେ ତୁମକୁ ଭଲପାଏ ବୋଲି କହିବାକୁ କେବେ ସୁଯୋଗ ପାଇ ପାରିଲିନି । ହେଲେ ଯେତେବେଳେ ତୁମର ଖବର

 Magazine Downloaded from www.aahwaan.com

ପାଇଲି । ତୁମର ବାହାଘର ଠିକ ହୋଇ ସାରିଥିଲା । ମୁ ତୁମକୁ ଏତେ ପାଖରେ ପାଇ କେବେ ହରାଇବାକୁ ଚାହୁଁ ନ ଥିଲି । ତେଣୁ ଟିଭିରେ ଆସୁଥିବା ଏକ କ୍ରାଇମ ସିରିଏଲରୁ ଉପାୟ ପାଇଲା ପରେ ସମ୍ପୂର୍ଣ୍ଣାକୁ କିଛି ଟଙ୍କାର ଲୋଭ ଦେଖାଇ ମୁଁ ଏମିତି ଏକ ଚକ୍ରବ୍ୟୁହର ରଚନା କରିଥିଲି । ମୋତେ ଯାହା ଦଣ୍ଡ ଦେବା କଥା ଦିଅ । ମୁଁ ସବୁଥିରେ ରାଜି । ସେ ଜେଲ ଦଣ୍ଡ ହେଉ ଅବା ଫାଶି ଦଣ୍ଡ । ସ୍ମିତି କୁହେ, “ବାଃ ସଂଗ୍ରାମ ଭଲ ଉପହାରଟିଏ ଦେଲ ତୁମେ ବିଶ୍ୱାସଘାତ ରୂପରେ ।” ଝିଅ କଳ୍ପନାକୁ ଧରି ସ୍ମିତି କାନ୍ଦି କାନ୍ଦି ଘର ଛାଡ଼ି ଚାଲି ଯିବାକୁ ବାହାରି ପଡ଼ିଲା । ସଂଗ୍ରାମ ଯେତେ ସ୍ମିତି ଆଉ ମନୋଜକୁ କ୍ଷମା ମାଗିବା ପାଇଁ ଚେଷ୍ଟା କଲେ ବି କେହି ଶୁଣିଲେନି । ପୋଲିସବାବୁ ଆଗେଇ ଆସିଲେ ସଂଗ୍ରାମକୁ ନେବା ପାଇଁ । ହାତକଡ଼ି ପଡିଗଲା ସଂଗ୍ରାମ ହାତରେ । ଝିଅ କଳ୍ପନା କାନ୍ଦୁଥାଏ । ସ୍ମିତି ଆଖିରେ ବି ଧାର ଧାର ଲୁହ ।

ସଂଗ୍ରାମକୁ ପୋଲିସବାବୁ ଟାଣି ଟାଣି ନେଇ ଯାଆନ୍ତେ ମନୋଜ କହିଲା, “ମିଛରୁ ଆରମ୍ଭ ସମ୍ପର୍କ ବେଶି ଦିନ ରୁହେନି ସଂଗ୍ରାମ । ମୁଁ ତୁମକୁ ଜେଲ ପଠାଇବିନି । ତୁମେ ତ ଥିବ କିନ୍ତୁ ତୁମ ସାଥିରେ କେହି ନ ଥିବେ । ତୁମେ ପ୍ରତି କ୍ଷଣ ଛଟପଟ ହେବ । ଅନ୍ୟକୁ କଷ୍ଟ ଦେଇ ଆଜି ପର୍ଯ୍ୟନ୍ତ କେହି ଭଲରେ ରହିନାହାନ୍ତି ସଂଗ୍ରାମ ।” ମନୋଜ ପୋଲିସବାବୁଙ୍କ ଆଡକୁ ଅନାଇ କୁହେ, “ମୁଁ କେସ ଉଇଥଡ୍ର କରି ନେଉଛି ପୋଲିସ ବାବୁ । ସଂଗ୍ରାମ ଆଉ ସମ୍ପୂର୍ଣ୍ଣାକୁ ଛାଡି ଦିଅନ୍ତୁ । ମୁଁ ଖାଲି ଚାହୁଁଥିଲି ସତ ସାମ୍ନାକୁ ଆସୁ ଆଉ କିଛି ନୁହେଁ । ସେଥିପାଇଁ ତ ଜେଲରୁ ଫେରିଲା ପରେ ମୁଁ ପ୍ରଥମେ ସମ୍ପୂର୍ଣ୍ଣାକୁ ଖୋଜିଥିଲି । ସମ୍ପୂର୍ଣ୍ଣାକୁ ପାଇଲା ପରେ ମୁଁ ତା ପାଟିରୁ ସବୁ ସତ କଥା ଶୁଣି ନିଜକୁ ବିଶ୍ୱାସ କରି ପାରିନଥିଲି । ମୁଁ ସଂଗ୍ରାମକୁ ଜେଲ ପଠେଇବାକୁ ଚାହେଁନି । କିନ୍ତୁ ତଥାପି ମୁଁ ତାକୁ କେବେ କ୍ଷମା କରି ପାରିବିନି । ଏଇ ଜନ୍ମରେ ତ ନୁହେଁ ।” ପୋଲିସବାବୁ ସଂଗ୍ରାମ ଆଉ ସମ୍ପୂର୍ଣ୍ଣାକୁ ଛାଡିଦେଲେ ସତ କିନ୍ତୁ ସଂଗ୍ରାମ ପୁରା

 Magazine Downloaded from www.aahwaan.com

ଏକୁଟିଆ ହୋଇଯାଇ ଥିଲା । ନା ସ୍ମିତି ନା ଝିଅ କଳ୍ପନା ନା ମନୋଜ କେହି ବି ତା ସାଥିରେ ଥିଲେ । ସେ ସ୍ମିତି ଆଉ କଳ୍ପନାର ବିଚ୍ଛେଦକୁ ସହ୍ୟ କରି ପାରୁନଥିଲା । ନିଜକୁ ଭାରି ଦୋଷୀ ଦୋଷୀ ମନେ କରୁଥିଲା । ଛାତି ଭିତରଟା ତା'ର ଯେମିତି ଅସହ୍ୟ ଯନ୍ତ୍ରଣାରେ ଭରି ଯାଇଥିଲା । କିଛି ସମୟ ଭିତରେ ତା'ର ଚାରି ପାଖରେ କେବଳ ଶୂନ୍ୟସ୍ଥାନ ଥିଲା । ସ୍ମିତି ବାଟ ଭାଙ୍ଗି ଯାଇ ସାରିଥିଲା । ମନୋଜ ବି ଫେରି ଯାଇଥିଲା ନିଜ ଜୀବନକୁ । ସଂଗ୍ରାମ ଭାରି ଅସହାୟ ଆଉ ଏକୁଟିଆ ଏକୁଟିଆ ମଣୁଥିଲା ନିଜକୁ । ସେ ନିଜ ଆଗରେ ଦୋଷୀ ହୋଇ ଯାଇଥିଲା । ନିଜକୁ ନିଜେ ସେ ନିଜ ଭୁଲ ପାଇଁ କ୍ଷମା କରି ପାରୁନଥିଲା ।

ତେଣୁ ଘରେ ଏକୁଟିଆ ଥିଲାବେଳେ ସଂଗ୍ରାମ ଭାବୁଥିଲା ଆଉ କିଛି ନୁହଁ ସେ ଆତ୍ମହତ୍ୟା କରିଦେବ । ଏ ଜୀବନ ଆଉ ରଖିବନି.... । ଠିକ୍ ଏଇ ସମୟ ଭିତରେ ସେ ଚନ୍ଦ୍ର କିରଣରୁ ସକାରାତ୍ମକ ଭାବନା ପାଇଥିଲା ଆଉ ଆତ୍ମହତ୍ୟା ଆଉ ଜୀବନ ନାମକ ଦୋ ଛକିରେ ଛନ୍ଦି ହୋଇ ଯାଇଥିଲା । ଶେଷରେ ସେ ନିଷ୍ପତ୍ତି ନେଲା... ସେ ଆତ୍ମହତ୍ୟା କରିବ । ଆଉ ବଞ୍ଚିବନି । ଆତ୍ମହତ୍ୟା କରିବା ପାଇଁ ଘର ଭିତରକୁ ଯାଇ ସେ ଫାଶି ଦଉଡି ଭାବରେ ସ୍ମିତିର ଲୁଗାକୁ ଫ୍ୟାନରେ ଝୁଲାଇ ସାରିଥାଏ । ଜୀବନର ଶେଷ ପାଦ ମୃତ୍ୟୁର କୋଳକୁ ବଢ଼ିଲା ବେଳକୁ  ତା'ର ବହୁତ ମନେ ପଡେ ସ୍ମିତି ଆଉ ଝିଅ କଳ୍ପନା କଥା । ସେ ଛୋଟ ପିଲା ପରି କାନ୍ଦି ଉଠେ । ନିଜକୁ ନିଜେ ଗାଳି କରି ନିଜ ଭୁଲ ପାଇଁ ସେ ଅନୁତାପ କରୁଥାଏ । ଷ୍ଟୁଲ ଉପରେ ସେ ଚଢ଼ିଗଲା ନିଜକୁ ଫାଶିରେ ଝୁଲାଇବା ପାଇଁ । ତା'ର ମୁଣ୍ଡ ଘୁରେଇ ଯାଉଥାଏ । ବାରମ୍ବାର ମନେ ପଡିଯାଉଥାଏ ସ୍ମିତି ଫୋନ ନ ଉଠାଇବା... ତାରା ଲୁଚିଯିବା... ଲାଇଟ ଚାଲି ଯିବା ଇତ୍ୟାଦି । ଆଖିରେ ତାର ଅସରନ୍ତି ବୋହି ଯାଉଥିବା ଲୁହ । ଏମିତି ଭାବିଲା ବେଳକୁ ଝରକା ଦେଇ ପଶି ଆସୁଥିବା ଚନ୍ଦ୍ର କିରଣରେ ପୁଣି ଅଟକି

 Magazine Downloaded from www.aahwaan.com

ଯାଏ । ସତେ ଯେମିତି ସେ ଚନ୍ଦ୍ର କିରଣ ବାରମ୍ବାର କହୁଥାଏ ସଂଗ୍ରାମକୁ ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ ବୋଲି । ସେ କିଛି ସମୟ ନିଜକୁ ସ୍ଥିର ଚିତ୍ତ ଭାବରେ ରଖିଲା । ଏଥର ସଂଗ୍ରାମର ନିଷ୍ପତି ବଦଳିଯାଇଥିଲା । ସଂଗ୍ରାମ ନିଜକୁ ନିଜେ କୁହେ ନା ସେ ଆତ୍ମହତ୍ୟା କରିବନି । ସେ ବଞ୍ଚିବ କିନ୍ତୁ ନିଜ ପାଇଁ ନୁହଁ କାରଣ ସେ କେବେ ବି ନିଜକୁ ନିଜେ କ୍ଷମା କରି ପାରିବନି । ସେ ବଞ୍ଚିବ ଅନ୍ୟ ମାନଙ୍କ ପାଇଁ । ତିନୋଟି ଜୀବନକୁ ସେ ନଷ୍ଟ କରିଛି ନା ସେ ଏବେ ତିନିଶହ ଜୀବନକୁ ସଜାଡ଼ିବ । ସମାଜରେ ଥିବା ଅନେକ ସ୍ମିତି ଆଉ ମନୋଜ ପରି ଅନେକ ମଣିଷଙ୍କ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିବ ଆଉ ସେମାନଙ୍କ ମୁହଁରେ ହସ ଫୁଟାଇବ । ତେବେ ଯାଏଁ ସେ ନିଜକୁ ନିଜେ ତା କ୍ଷମା କରିପାରିବନି କିନ୍ତୁ ଶାନ୍ତିରେ ଟିକିଏ ମୃତ୍ୟୁର କୋଳରେ ଶୋଇ ପାରିବ । ସେ ଷ୍ଟୁଲ ଉପରୁ ତଳକୁ ଓହ୍ଲାଇ ଆସିଲା । ଝରକା ପାଖକୁ ଯାଇ ଆକାଶର ଚନ୍ଦ୍ରକୁ ଦେଖି ମନେ ମନେ ଭାବୁଥିଲା ଆତ୍ମହତ୍ୟା ତା'ର ଏକ ଭୁଲ ନିଷ୍ପତ୍ତି ଥିଲା ଆଉ ଏକ ଦୀର୍ଘ ନିଶ୍ୱାସ ନେଇ ସ୍ମିତି ଆଉ କଳ୍ପନାକୁ ହୃଦୟରେ ସାଇତି ରଖି ନୂଆ କର୍ତ୍ତବ୍ୟ ସହ ନୂଆ ଦୁନିଆରେ ପାଦ ଦେବା ପାଇଁ ନିଜକୁ ଅନ୍ତରରୁ ପ୍ରସ୍ତୁତ କରୁଥିଲା ।

ଗ୍ରାମ- କଳାଡ଼ିପୋ- ଚିଟ୍ରାପଙ୍ଗା, ଭାୟା- ଗୁମାଗଡ଼ ଜିଲ୍ଲା- କନ୍ଧମାଳ

ପିନ- ୭୬୨୦୨୯, ଦୂରଭାଷ- ୯୪୩୯୫୪୨୫୨୧

 Magazine Downloaded from www.aahwaan.com

# ହଜିଯାଇଥିବା ଲୋକର ଠିକଣା



ତ୍ରିଲୋଚନ ଦାସ

ମୋତେ ସିଏ ପଚାରିଲେ, "ତୁମେ କାଫକାଙ୍କୁ ପଢ଼ିଛ" ? ପ୍ରକୃତରେ ମୁଁ ଜାଣିପାରିଲି ନାହିଁ ସେ କ'ଣ କହିବାକୁ ଚାହୁଁଛନ୍ତି । ମୋ ଆଖିରୁ ସେ ଜାଣିନେଲେ ଯେ ସେ ଯାହା କହୁଛନ୍ତି ମୁଁ ତାହା ଆଦୌ ବୁଝି ପାରୁନାହିଁ । ଏବେ ସେ ସ୍ପଷ୍ଟ କରି କହିଲେ, "ଆରେ ଫ୍ରାଞ୍ଜ୍ କାଫକା, ଏହି ଶତାବ୍ଦୀର ଜଣେ ଶ୍ରେଷ୍ଠ ଲେଖକ, ଯାହାଙ୍କ ପୁସ୍ତକ 'ମେଟାମୋରଫୋସିସ୍ ଓ ଦି ଟ୍ରାଏଲ୍' ପାଇଁ ସେ ବିଶ୍ୱ ପ୍ରସିଦ୍ଧ । ଏକ ପରାସ୍ତ ସୈନିକ ଭଳି ମୁଁ ଖୁବ୍ ଧିର ସ୍ୱରରେ କହିଲି "ନା, ଜାଣି ନାହିଁ, କି ପଢ଼ି ନାହିଁ ।" ସେ କହିଲେ, "ଏବେ ପୃଥିବୀ ବ୍ୟାପି ସବୁ କଲେଜ ଓ ବିଶ୍ୱବିଦ୍ୟାଳୟ ମାନଙ୍କରେ କାଫକା ଓ କାମୁ୍ୟ (ଆଲବର୍ଟ କାମୁ୍ୟ)ମାନଙ୍କର ରାଜୁତି, ତୁମେ ଜାଣିଥିବ ବୋଲି ପଚାରିଦେଲି, ଖରାପ ଭାବିବ ନାହିଁ ।" ପ୍ରକୃତରେ ସେଦିନ କାଫକାଙ୍କୁ ଜାଣିଥିଲେ ଆଜିର ଏହି ପ୍ରସଙ୍ଗର ଅବତାରଣା ହୋଇ ନ ଥାଆନ୍ତା । ମୁଁ କିଛି କହିଲି ନାହିଁ, କିନ୍ତୁ ମୋର ଅଜ୍ଞତାକୁ ସେ ତାଚ୍ଛଲ୍ୟ କରୁଛନ୍ତି ବୋଲି ଅନୁଭବ କଲି । ସେତେବେଳେ ଆମେ ଦୁଇଜଣ ସ୍ନାତକ ଶ୍ରେଣୀରେ ପଢୁଥିଲୁ, ବନ୍ଧୁ ଜଣକ କଲିକତାର ପ୍ରସିଦ୍ଧ ପ୍ରେସିଡେନ୍ସି କଲେଜରେ ପଢୁଥିବା ବେଳେ ମୁଁ ଆମ ରାଜ୍ୟର ଏକ ଛୋଟ କଲେଜରେ ପଢୁଥିଲି । ସେ ଇଂରାଜୀ ସମ୍ମାନ ନେଇ ପଢୁଥିବା ବେଳେ ମୁଁ ଅର୍ଥନୀତିର ଛାତ୍ର ଥିଲି । ସମୟ ଥିଲା ସତୁରୀଦଶକର ଆଦ୍ୟ ସମୟ । ଏହି ଘଟଣା ପରେ ସେହି ବର୍ଷ ମୁଁ ପଢ଼ିବା ପାଇଁ ଆମ ସହର ଛାଡି ବାହାରକୁ ଚାଲିଗଲି । ତାପରେ ତାଙ୍କ ସହିତ ମୋର ଆଉ ଦେଖା ହୋଇନାହିଁ । ତାଙ୍କ ଘର ଆମ ଗାଁକୁ ଲାଗିଥିବା ଅନ୍ୟ ଏକ ରାଜ୍ୟରେ ଏବଂ ତାଙ୍କ ଭଉଣୀ ଆମ ଗାଁରେ ବିଭା ହୋଇଥିବା ହେତୁ ସେ

 Magazine Downloaded from www.aahwaan.com

ଖରାଛୁଟିରେ ନିଶ୍ଚିତ ଭାବରେ ଭଉଣୀଘରକୁ ଆସୁଥିଲେ ଏବଂ ସେହି ସୂତ୍ରରେ ଆମର ବନ୍ଧୁତ୍ୱ ଗଢ଼ି ଉଠିଥିଲା । ପାଠପଢ଼ା ସରିବାପରେ ମୁଁ ଗାଁକୁ ଯାଇଥିବା ବେଳେ ତାଙ୍କ ଭଉଣୀଙ୍କୁ ତାଙ୍କ ବିଷୟରେ ପଚାରିଥିଲି । ତାଙ୍କ ଭଉଣୀ ଅତି ଦୁଃଖରେ କହିଲେ ଯେ ପ୍ରାୟ ଦୁଇ ବର୍ଷ ତଳେ ସେ ନିରୁଦ୍ଦିଷ୍ଟ ହୋଇ ଯାଇଛନ୍ତି । ଏକମାତ୍ର ପୁଅ ହୋଇଥିବାରୁ ପୁଅକୁ ଝୁରି ଝୁରି ମା ତାଙ୍କର ବର୍ଷେ ତଳେ ମୃତ୍ୟୁ ବରଣ କରିଛନ୍ତି ଏବଂ ଏବେ ବାପାଙ୍କ ଅବସ୍ଥା ମଧ୍ୟ ଭଲ ନାହିଁ । ନିରୁଦ୍ଧିଷ୍ଟ ହେବାର କାରଣ ଠିକ୍ ଭାବରେ ନ କହିଲେ ବି ତାଙ୍କ ଭଉଣୀଙ୍କ କଥାରୁ ଯାହା ଜାଣିଲି, ସେ କୌଣସି ବେଆଇନ୍ ଘୋଷିତ ସଂସ୍ଥା ସହିତ ସମ୍ପୃକ୍ତ ଥାଇ ଆତ୍ମଗୋପନ କରିଛନ୍ତି । କାରଣ କଲିକତାରେ ସେହି ସମୟରେ ବହୁ ଉଗ୍ରବାଦୀ ଗୋଷ୍ଠୀ ସକ୍ରିୟ  ଥିଲେ ଏବଂ ଭଲ ଭଲ କଲେଜରୁ ବଛା ବଛା ପିଲାଙ୍କୁ ବିଭିନ୍ନ କୌଶଳରେ ତାଙ୍କ ଆଦର୍ଶରେ ଦୀକ୍ଷା ଦେଇ ସଶସ୍ତ୍ର ସଂଗ୍ରାମରେ ସାମିଲ କରୁଥିଲେ । ପୂର୍ବ କଥା ମନେ ପକାଇ ମୁଁ ଭାବୁଥିଲି ଯେ ମାତ୍ର ୧୮-୧୯ ବର୍ଷରେ ଯିଏ କାଫକା ବା କାମ୍ୟୁଙ୍କ ଲେଖା ପଢୁଛି, ସିଏ ନିଶ୍ଚୟ ମାର୍କସ୍ ଓ ଲେନିନଙ୍କ ପ୍ରେମରେ ପଡିବା କିଛି ବିଚିତ୍ର ନୁହେଁ । କିନ୍ତୁ ଦୁଃଖ ଲାଗିଲା ଯେ ତାଙ୍କର ଏଭଳି ଏକ ନିଷ୍ପତ୍ତି ପରିବାରର ବିପର୍ଯ୍ୟୟ ଡାକି ଆଣିଲା ।ଏହା ଭିତରେ ପ୍ରାୟ ଚାରି ଦଶନ୍ଧିରୁ ଅଧିକ ସମୟ ବିତି ଯାଇଥିଲା ଏବଂ  ତାଙ୍କ ସ୍ମୃତି  ମୋ ମାନସପଟରୁ ଫିକା ପଡିଯାଇଥିଲା । କିନ୍ତୁ ହଠାତ୍ ଦିନେ ସେ ଦେଖା ହୋଇଗଲେ ଭୁବନେଶ୍ୱରର ଏକ ଯାନ୍ତ୍ରିକ ମହାବିଦ୍ୟାଳୟ ସାମ୍ନାରେ । ସେ ଦୂରରୁ ମୋତେ ଚିହ୍ନିପାରି ମୋ ନାଁ ଧରି ଡାକିଲା ବେଳକୁ ମୁଁ ଖୁବ୍ ଅପ୍ରସ୍ତୁତ ହୋଇପଡିଲି । ମୁଁ ତାଙ୍କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲାରୁ ସେ ନିଜ ପରିଚୟ ଦେଇ କହିଲେ, “ଆରେ ମୁଁ ଅନିମେଶ ! ମାନେ ତୁମର ଖୋକନ ଦା ।” ଲିଭି ଆସୁଥିବା ଆଲୁଅଟି ହଠାତ୍ ଦପ୍ କିନା ଜଳିଲା ଭଳି ତାଙ୍କ ସ୍ମୃତି ପୁଣି ମୋ ମାନସପଟରେ ଭାସି ଉଠିଲା । ଅଜାଣତରେ ମୋ ମୁହଁରୁ ବାହାରି ପଡିଲା, “ଆରେ ଖୋକନଦା ! ତୁମେଏଠି ।”

 Magazine Downloaded from www.aahwaan.com

ସେ କହିଲେ, "ମୋ ଝିଅକୁ ଏଠି ଆଡମିସନ୍ କରିବାକୁ ଆସିଛି ।" ଝିଅକୁ ଇଂଞ୍ଜିନିୟରିଂ କଲେଜରେ ଭର୍ତ୍ତି କରିବାକୁ ଆସିଥିବା କଥା ଶୁଣି ଆହୁରି ଆଶ୍ଚର୍ଯ୍ୟ ହେଲି । ଭାବିଲି ଯେ, ଦିନେ ଏକ ଆଦର୍ଶର ସନ୍ଧାନରେ ଯିଏ ଆତ୍ମନିର୍ବାସନ ନେଇଥିଲେ ଏବଂ ଯେଉଁ ରାସ୍ତା ପ୍ରାୟତଃ ଅଫେରା, ସେଠୁ ସେ କେମିତି ମୁକୁଳି ଆସି ଘରସଂସାର କରିପାରିଲେ । ମୋ ଆଖିରୁ ବୋଧହୁଏ ସେ ମୋର ମନୋଭାବ ଜାଣିପାରିଲେ । କହିଲେ, "ତୁମେ ଏବେ କ'ଣ ଭୁବନେଶ୍ୱରରେ ରହୁଛ ?" ମୁଁ ହଁ କହିଲାରୁ ସେ କହିଲେ, "ତେବେ ମୋତେ କଣ ଆତିଥ୍ୟ ଦେବନି ? ତାଙ୍କ ପ୍ରଶ୍ନର ଉତ୍ତର ଦେବାର ଅବକାଶ ନ ଦେଇ ସେ ପୁଣି କହିଲେ, "ତୁମ ଅନୁଚ୍ଚାରିତ ପ୍ରଶ୍ନର ଉତ୍ତର ଅବଶ୍ୟ ମୁଁ ଦେବି ଏବଂ ମୋ ଉପରେ ଥିବା ଭ୍ରାନ୍ତ ଧାରଣା ବଦଳାଇବାକୁ ଯତ୍ପରୋନାସ୍ତି ଚେଷ୍ଟା କରିବି । ଏକ ମରିଚୀକା ପଛରେ ଗୋଡ଼ାଇ ମୋ ଜୀବନର ଅମୂଲ୍ୟ ସମୟକୁ ମୁଁ କିପରି ହଜେଇ ଦେଇଛି, ତା'ର ବିବରଣୀ ଶୁଣିଲେ କେହି ନ ବୁଝିଲେ ବି ଅନ୍ତତଃ ତୁମେ ତାହା ବୁଝିପାରିବ ।"

ମୁଁ କହିଲି, "ତେବେ ଚାଲନ୍ତୁ ଆମ ଘରକୁ ଯିବା, ଅବଶ୍ୟ ଆମ ଘରଟା ଏଠୁ ପନ୍ଦର କିଲୋମିଟର ଦୂର ।" ଖୋକନ ଦା କହିଲେ, "ନା, ନା, ଆଜି ମୁଁ ଫେରିଯିବି, ମୋର ରିଜର୍ଭେସନ ଅଛି ପୁରୀ ଏକ୍ସପ୍ରେସରେ, ଆଉ ତୁମ ଘରକୁ ଗଲେ ଟ୍ରେନ ଧରି ପାରିବିନି । ଫେରିବାର କଥା ନଥିଲେ ଗୋଟିଏ ଦିନ ନିଶ୍ଚୟ ତୁମ ସହିତ ବିତେଇଥାନ୍ତି । ବରଂ ତୁମ ହାତରେ ଯଦି ସମୟ ଅଛି ଚାଲ ଏଇଠି କେଉଁଠି ବସିବା ଅନ୍ତତଃ ଘଣ୍ଟାକ ପାଇଁ ।"

ମୋ ହାତରେ ବିଶେଷ ସମୟ ନ ଥିଲେ ବି ଖୋକନଦାଙ୍କର ସାନ୍ନିଧ୍ୟ ପାଇଁ ମୁଁ ସେ ଦିନର ବାକି କାମତକ ବାତିଲ କଲି । ଚା' କପଟି ହାତରେ ଧରି ଖୋକନଦା ଆରମ୍ଭ କଲେ ତାଙ୍କ ଅଜ୍ଞାତାବାସର ଅନୁଭୂତି । ତାଙ୍କର ରୁମମେଟ୍ ଜଣକ ଥିଲେ ଦର୍ଶନଶାସ୍ତ୍ରର ଛାତ୍ର । କଲେଜରେ ସେ ପ୍ରାୟ ଅଧିକାଂଶ ସମୟ ଅନୁପସ୍ଥିତ ରହୁଥିଲେ ଏବଂ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱକୁ

 Magazine Downloaded from www.aahwaan.com

ନେଇ ଘଣ୍ଟା ଘଣ୍ଟା ଅନର୍ଗଳ ବକ୍ତୃତା ଦେଉଥିଲେ । ରହସ୍ୟମୟ ମନେ ହେଉଥିଲେ ବି ପ୍ରଚଣ୍ଡ ପ୍ରତିଭାଧର ଏହି ପିଲାଟି ତା'ର ବ୍ୟକ୍ତିତ୍ୱ ପାଇଁ କଲେଜରେ ଖୁବ୍ ପରିଚିତ ଥିଲା । ଅଧିକାଂଶ ସମୟରେ ସେ କହୁଥିଲେ, "ଅନିମେଶ ! ସ୍ୱାଧୀନୋତ୍ତର ଭାରତବର୍ଷରେ ବି ଆମେ ପରାଧୀନ । ଯେଉଁମାନେ ଆମକୁ ଦିନେ ଏକ ଶୋଷଣ ମୁକ୍ତ ସମାଜର ସ୍ୱପ୍ନ ଦେଖାଇଥିଲେ ସେମାନେ ଆଜି ନିଜେ ସାଧାରଣ ଜନତାର ରକ୍ତ ଶୋଷୁଛନ୍ତି । ଏହା ଠାରୁ ଆଉ ଅଧିକ ବିଡ଼ମ୍ବନାର ବିଷୟ କ'ଣ ହୋଇପାରେ ? ତୁମେ କେବେ ଆସ, ଆମ ସଂଗଠନର ବିଚାର ଧାରା ସମ୍ପର୍କରେ ପରିଚିତ ହୁଅ, ତୁମେ ନିଶ୍ଚୟ ଅନୁଭବ କରିବ ଯେ ଯେଉଁ ଆଦର୍ଶକୁ ନେଇ ଆମେ ସଂଗ୍ରାମ କରୁଛୁ ତା'ର କୌଣସି ପଟାନ୍ତର ନାହିଁ ।" ତାଙ୍କ କହିବାର ଶୈଳୀ ଏତେ ଚମତ୍କାର ଥିଲା ଯେ ମୁଁ ଅଜାଣତରେ ତାଙ୍କର ଏହି ଚୁମ୍ବକୀୟ ବ୍ୟକ୍ତିତ୍ୱ ଆଡକୁ ଟାଣି ହୋଇଗଲି । ସେ ବର୍ଷ ପୂଜାଛୁଟିରେ ଆଉ ଘରକୁ ନ ଯାଇ ବନ୍ଧୁଙ୍କ ଅନୁରୋଧରେ ତାଙ୍କ ସଂଗଠନ ଅଫିସ୍ ବୁଲି ଗଲି । ସେ ତ ଅଫିସ ନୁହେଁ, ଏକ ଗୁପ୍ତ ଆଡ୍ଡା । ସେଦିନ ତାଙ୍କ ଚିଫଙ୍କ ସହିତ ନୂଆ ଯୋଗ ଦେଇଥିବା ସଦସ୍ୟମାନଙ୍କର ବୈଠକ ଥାଏ । ବନ୍ଧୁ ଜଣକ ଚିଫଙ୍କ ସହିତ ମୋର ପରିଚୟ କରାଇଦେଲେ । ଚିଫଙ୍କ କଥାରେ ଏଭଳି ଏକ ସମ୍ମୋହନ ଥିଲା ଯେ ମୁଁ ତାଙ୍କ ତତ୍ୱକୁ ଭୁଲ୍ ଠିକ୍ ନ ବିଚାରି ତୁରନ୍ତ ଗ୍ରହଣ କରିନେଲି ଏବଂ ସଂଗଠନର ସଦସ୍ୟ ହୋଇଗଲି । ମୋର ଗୋଟେ ଦୁନିଆ ଅଛି, ସେଥିରେ ମୋର କିଛି କର୍ତ୍ତବ୍ୟ ଅଛି, ଏସବୁ ମୁଁ ସମ୍ପୂର୍ଣ୍ଣ ପାଶୋରି ଗଲି ଏବଂ ମୋର ବିପର୍ଯ୍ୟୟ ଆରମ୍ଭ ହେଲା ଠିକ୍ ସେହି ଦିନଠୁ । କୌଣସି ପ୍ରକାରେ ଗ୍ରାଜୁଏସନ୍ ପରୀକ୍ଷା ସରିବା ପରେ ମୁଁ ସଂଗଠନର ପୁରା ସମୟ ସଦସ୍ୟ ହୋଇଗଲି । ମୁଖ୍ୟତଃ ମୋର କାମ ଥିଲା ସଂଗଠନର ହେଡ୍ ଅଫିସରୁ ଆସୁଥିବା ପ୍ରଚାରପତ୍ର ସବୁ ଆମ ଆଞ୍ଚଳିକ ଭାଷାରେ ଅନୁବାଦ କରିବା ଏବଂ ଏହା ଠିକ୍ ଯାଗାରେ ପହଞ୍ଚାଇବାର ବନ୍ଦୋବସ୍ତ କରିବା । ଏହି ଗୋଷ୍ଠୀ ଯେ ଏକ ସଶସ୍ତ୍ର ସଂଗ୍ରାମରେ ଲିପ୍ତ ଅଛନ୍ତି,

 Magazine Downloaded from www.aahwaan.com

ତାହା ଜାଣିଲି ସେହି ଦିନ, ଯେଉଁ ଦିନ ମୋ ହାତରେ ଏକ ବନ୍ଧୁକ ଧରାଇ ଦିଆଗଲା । ମୋର ମୋହଭଙ୍ଗ ହେଲା ବେଳକୁ ମୁଁ ଅଥଳ ସମୁଦ୍ରରେ ଭାସୁଥିଲି, ମୋତେ କିଛି କୂଳକିନାରା ଦେଖାଯାଉ ନଥିଲା, କି ଫେରିବାର ରାସ୍ତା ମଧ୍ୟ ମୋତେ ଜଣା ନ ଥିଲା । କିନ୍ତୁ ବିଧିର ବିଧାନ ଥିଲା ବିଚିତ୍ର । ସରକାରୀ କୋଷାଗାର ଲୁଟ୍ ଉଦ୍ୟମ ସମୟରେ ଆମ ଗୋଷ୍ଠୀର ସମସ୍ତେ ଖସିଗଲା ବେଳକୁ ମୋର ଅନଭିଜ୍ଞତା ଯୋଗୁଁ ପୋଲିସ ହାତରେ ଧରା ପଡିଗଲି । ତା'ପରେ ସାତବର୍ଷ ଅନ୍ଧକାରମୟ କାରାବାସ । ଯେଉଁ ଦିନ କାରାମୁକ୍ତ ହୋଇ ଗାଁକୁ ଫେରିଲି, ସେତେବେଳକୁ ଆଉ ମୋର ବୋଲି କେହି ନ ଥିଲେ । ତା'ପରେ ସଂସାରରେ ଅନିଚ୍ଛାକୃତ ଭାବରେ ଯୋଡ଼ି ହୋଇଗଲି କେବଳ ବଡ଼ ଭଉଣୀ ପାଇଁ, ଆଉ ଆଜି ଯେଉଁ ସଂସାରୀ ମଣିଷଟିକୁ ଦେଖୁଛ ତାହା ସେହି ଖୋକନ ଦା'ଙ୍କର ନବ କଳେବର ।

ଏତିକି କହିଲା ବେଳକୁ ଖୋକନଦାଙ୍କର ସ୍ୱର ଭାରି ଭାରି ହୋଇ ଆସୁଥିଲା । ତାଙ୍କ ଆଖି ଛଳଛଳ ହୋଇ ଆସୁଥିବା ଦେଖି ମୁଁ କହିଲି "ଖୋକନଦା ଥାଉ, ବାକି ଆଉ ଦିନେ ।" ଖୋକନଦା ମଧ୍ୟ ଘଣ୍ଟାକୁ ଅନେଇ କହିଲେ, "ହାତରେ ଆଉ ବେଶି ସମୟ ନାହିଁ, ମୋତେ ଶୀଘ୍ର ଷ୍ଟେସନରେ ପହଞ୍ଚିବାକୁ ପଡ଼ିବ ।" ସଂଗେ ସଂଗେ ଟ୍ୟାକ୍ସିଟା ମଧ୍ୟ ମିଳିଗଲା । ତରବରରେ ଟ୍ୟାକ୍ସି ଭିତରକୁ ପସିଯାଇ ଖୋକନଦା କହିଲେ, "ଭାଉଜଙ୍କୁ କହିଦେବ, ଆଉଥରେ ଆସିଲେ ନିଶ୍ଚୟ ମୁଁ ତୁମର ଅତିଥି ହେବି ।"

ମୋବାଇଲ୍ : ୭୦୦୮୬୩୫୧୬୯,

ଠିକଣା: ୨୯ - ଏ, କଳ୍ପନା ଏରିଆ, ବି.ଜେ.ବି ନଗର, ଭୁବନେଶ୍ୱର-୭୫୧୦୧୪,

ଅବସରପ୍ରାପ୍ତ ପରିଚାଳକ, ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

 Magazine Downloaded from www.aahwaan.com

# ଆମ ଗାଁ ମଶାଣୀପଦର



ସତ୍ୟ ପ୍ରକାଶ
ସେଠୀ

ଆମ ଗାଁ ମଶାଣି ପଦର ପଳାଶ ବଣ ଘେରା ବିସ୍ତୀର୍ଣ୍ଣ ପ୍ରାନ୍ତର । ଭାରି ନିଛାଟିଆ ନିକାଞ୍ଚନ ଜଙ୍ଗଲ । ଗାଁଠୁ ଟିକିଏ ଛାଡି ତା'ର ଅବସ୍ଥିତି । ରାତି ହେଲେ କେହି ଏକୁଟିଆ ସେଠାକୁ ଯିବାକୁ କେବେ ସାହସ କରେ ନାହିଁ । ସେଇଠି ପୁଣି ଅଛି ବଡ଼ ବଡ଼ ଦ୍ରୁମ କେଇଟା, ଗଛର କୋରଡ, ଚଢେଇ ଚିରିଗୁଣୀର ବସା । ଭାରି ଭୟଙ୍କର ତା'ର ପରିବେଶ । ଗାଁରେ କେହି ମରିଗଲେ ତାହାରି ଶବ ଉଠେ ସେହି ମଶାଣି ଭୂଇଁକି । ସେଇଠି କେତେ ଯେ ଶବ ପୋତା ହୋଇଛି ତା'ର ହିସାବ ଏଯାଏଁ କେହି ରଖି ନାହିଁ । ଆଉ କେତେକ କଞ୍ଚା ମଣିଷର ଶବ ବି ସେଇଠି ପୋଡ଼ା ହୋଇଛି, ଯେଉଁଠି ହାଡ଼ର ମର୍ମର ଶବ୍ଦ କର୍ଣ୍ଣ ଗୁହା ଭେଦି ଗିରି ଲଂଘେ । ବଡ଼ କରୁଣ ଓ ମର୍ମନ୍ତୁଦ ସେ ଦୃଶ୍ୟ । ଅନେକ ସ୍ମୃତି ଓ ଅନେକ ଶୋକାକୁଳ ପରିବେଶ, ସତେ କି ସବୁ ସେଇଠି ସେ ଓଜାଡ଼ି ହୋଇ ପଡ଼ିଛି । ହେତୁ ହେଲାଠୁଁ ଏଯାଏଁ ଦେଖିଛି କେତେ ଯେ ଶବ ବୁହା ହୋଇ ସେଇଠିକି ଯାଇଛି । କେତେ ଯେ ହାଡ଼ ମାଂସ ସବୁ ସେ ସେଇଠି ଜମାଟ ବାନ୍ଧିଛି- ତା'ର ହିସାବ କେହି ରଖି ପାରି ନାହିଁ । ତେବେ ସେଇଠାକୁ ଗଲେ ଖାଲି ଯନ୍ତ୍ରଣା ଦଗ୍ଧ ସ୍ମୃତି ଗୁଡ଼ାକ ସବୁ ଥେଇ ଥେଇ ହୋଇ ଆଖି ସାମ୍ନାରେ ନାଚି ଉଠେ । ସେଦିନ ମଦନା ମାଆ ମରିଗଲା ପରେ ସିଏ ବି ସେଇଠି ପୋଡ଼ା ହୋଇଥିଲା । ତା'ରି ପାଖକୁ ପୁଣି ଲାଗିଥିଲା ଆଉ କେତୋଟି ଯୂଇ । ରଡ଼ ରଡ଼ ନିଆଁ, ହାଡ଼ର ଚର୍ବଣ, ମାଂସର ଫୁରୁକିଟିଆ ଗନ୍ଧ ସବୁ ସେ ନାକରେ ବାଜେ । ହରିଆ ବୁଢ଼ା ଓ ଧନୀକ ସାଆଁନ୍ତେ ସେଇଠି ପୋତା ହୋଇଥିଲେ । ମାନ୍ଦୁ ମୁଣ୍ଡା ବି କାଠ ଅଭାବରୁ

 Magazine Downloaded from www.aahwaan.com

ପୋଡା ହୋଇନପାରି ସେଇଠି ପୋତା ହୋଇଥିଲା । ରୋଦନା ମାଆ କଷ୍ଟ ନେଇ ପିଲା ଜନ୍ମ କରି ପାରିଲା ନାହିଁ, ତେଣୁ ମାଆ ଛୁଆ ସେଇଠାରେ ପୋତା ହୋଇଛନ୍ତି । ଯିଏ ମରିଗଲା ସେ ତରି ଗଲା, ସିଧା ସ୍ୱର୍ଗ ପ୍ରାପ୍ତି କରନ୍ତି । କିନ୍ତୁ ଯାହାର ସାଂସାରିକ ମୋହ ମାୟା ତୁଟି ନଥାଏ ବା ଅକାଳ ବିୟୋଗରେ ମୃତ୍ୟୁ ବରଣ କରଥାଏ ସେମାନଙ୍କର ପ୍ରେତାତ୍ମା ସବୁ କୁଆଡେ ସେଇଠି ଘୂରି ବୁଲେ । ରାତି ଅଧରେ ସେମାନେ ଜାଗ୍ରତ ହୋଇ ଉଠନ୍ତି । ସେଇଠି ଡାଆଁଣୀ ଜୀବନ୍ତ ହୋଇ ତା ଛୁଆକୁ ନିଆଁରେ ସେକେ । ଭେଟଣା ହୋଇଗଲେ କଞ୍ଚା ଖାଇଯିବେ । ଲମ୍ବ ଲମ୍ବ ପାଉଲ ବଢାଇ ଧାଇଁ ଆସିବେ । ବେକକୁ ମୋଡି ତଳେ ପକେଇଦେବ । କେତେ ଲୋକ ବେହୋସ୍ ହୋଇଛନ୍ତି । ତେଣୁ କେହି ସାହସ କରନ୍ତି ନାହିଁ । ସେଇଠି ମୁହଁ ସଞ୍ଜ ବେଳେ କୁଆଡେ ଖଡଖାଡ ଶବ୍ଦ ହୁଏ । ଗଛରୁ ପତ୍ର ଝରିଲା ପରିକା ଟେକା ବୃଷ୍ଟି ହୁଏ । ଏକୁଟିଆ ପାଇଲେ ଖପିସ ଦେହରେ ସବାର ହୁଏ । ମାଉଁସ କି ମାଛ ସେଇ ବାଟ ଦେଇ ଧରି ଆସିଲେ ଡାଆଁଣୀ ପିତାଶୁଣୀ ଗୋଡ଼ାଏ । ରାତି ଅଧରେ ବ୍ରହ୍ମ ରାକ୍ଷସ ଜଗି ବସି ଥାଏ । ବାଟ ଓଗାଳେ । ଆଗକୁ ଯିବାକୁ ଦିଏ ନାହିଁ । ଲୋକଙ୍କ ମନରେ ଭାରି ଡର । ରାତି ହେଲେ ସେପଟେ କେହି ଯାଆନ୍ତି ନାହିଁ ।

କିନ୍ତୁ ଷ୍ଟେସନରୁ ଓହ୍ଲାଇ ଗାଁକୁ ଯିବା ଆସିବା ବାଟରେ ଆଗ ସେଇ ମଶାଣି ଭୂଇଁ ପଡେ । ତେଣୁ ଘରକୁ ଯେବେ ଆସିବାର ଥାଏ, ଆଗ ଘରକୁ ଓ ଗାଁକୁ ଖବର ଦିଆ ଯାଇଥାଏ । ଗଣ୍ଡେ ଛଅଟା ଲୋକ ଆସି ବାଟ ଯଗିଥାନ୍ତି । ରାତି ଲୋକାଲ ଟ୍ରେନ୍ ଟା ଡେରି ହେଲେ ସେମାନଙ୍କର ସାହାଯ୍ୟରେ ପାଦଚଲା ରାସ୍ତାଦେଇ ଗାଁରେ ପହଞ୍ଚିବାକୁ ହୁଏ । ନୋହିଲେ ବେଳ ଖରାପ ପଡ଼ିଲା ଜାଣ । ଏକାଏକା ଘରକୁ ଆସିବାର ଉପାୟ ନାହିଁ ।

ସେଦିନ ଟ୍ରେନଟା ଲେଟ୍ ଥାଏ । ମୁଁ ବି ଘରକୁ ଆସୁଛି ବୋଲି କାହାକୁ କହି ପାରି

 Magazine Downloaded from www.aahwaan.com

ନଥାଏ । ହଠାତ୍ କଲେଜରେ ସାଏନ ଡାଏ ହୋଇଯିବାରୁ ଏମିତି ଦିନେ ପଳାଇ ଆସିବାକୁ ମୁଁ ବାଧ୍ୟ ହେଲି । ହେଲେ ଅନ୍ଧକାର କିଟିମିଟିଆ ରାସ୍ତା । କେମିତି ଘରକୁ ଆସିବି କିଛି ବୁଦ୍ଧି ବାଟ ଦିଶୁ ନଥାଏ । ପାଖରେ ତ କେହି ଗାଁ ଲୋକ ନଥାନ୍ତି, ରାତି ଦି'ଘଡ଼ି ହେଲାଣି । ପ୍ରଥମେ ଭାବିଲି ରାତିଟା ଷ୍ଟେସନରେ ବସି ବସି କାଟିଦେବି । ପରେ ସକାଳ ହେଲେ ଘରକୁ ଯିବି । ହେଲେ ପୁଣି ମନରେ ସାହସ ବାନ୍ଧିଲି । ହିମ୍ମତ ହାରିଲି ନାହିଁ । ହାତରେ ସମାନ ପତ୍ର ଧରି ସିଧା ଚାଲିଲି ରାସ୍ତେ ରାସ୍ତେ । ରାସ୍ତାରେ ଚଢେଇଟେ ଉଡି ଗଲେ କି ପତ୍ର ପଡ଼ି ଖସଖାସ୍ ଶବ୍ଦ ହେଲେ ମନରେ ଭିତ୍ତି ସଞ୍ଚାରିତ ହେଉଥାଏ । ଆହୁରୁ ଦ୍ରୁତ ପଦପାତରେ ଆଗକୁ ଆଗକୁ ଧାଇଁ ଚାଲି ଯାଉଥାଏ । ଡରରେ ଦେହରେ ପ୍ରାଣ ନଥାଏ । ମନରେ ଟିକିଏ ଦମ୍ଭ ଥାଏ । ଘର ପାଖରେ ପହଁଞ୍ଚିଲା ବେଳକୁ ଠାକୁବା ପାଖରୁ ଶୁଣିଥିବା କଥା ଗୁଡ଼ାକ ମନେ ପଡ଼ି ଯାଉଥିବାରୁ ମୁଁ ଅଧାମରା ହୋଇ ସାରିଥାଏ । ଘର କବାଟ ବାଡେଇଲି । "କିଏସେ, କିଏସେ" କହି ଆଗ ମାଆ ଓ ପରେ ବାପା ଉଠି ପଡ଼ିଲେ । ମୋ ପାଟି ବାରି କବାଟ ଖୋଲିଲେ । ବହେ ହାଇପ ସାଇପ ହେଲେ । ଏତେ ରାତିରେ କାହିଁକି ଏକୁଟିଆ ଆସିଲୁ, କାହିଁକି ଖବର ଦେଲୁ ନାହିଁ, ବାଟରେ ଭୂତ ପ୍ରେତ କିଛି ଦେଖି ନାହୁଁ ତ – ଏମିତି କିଛି ବ୍ୟସ୍ତଆସ୍ତ ହୋଇ ପ୍ରଶ୍ନ । ଆଗ ଛାଞ୍ଚୁଣିରେ ବହେ ଝାଡି ପକାଇଲେ, ତା 'ପରେ ଗୁଣିଆ ପାଗଳ ବଡ଼ପାକୁ ଡାକି ଝଡ଼ାଫୁଙ୍କା କଲେ । ମନ୍ତରା ପାଣି ବି ପିଇବାକୁ ଦେଲେ – କାଳେ ଭୂତ ପ୍ରେତ ଦେହରେ ରହି ଯାଇଥିବ ବୋଲି । ଏଇମିତି ବଡ଼ ଅଜବ ସେଦିନର ସ୍ମୃତି, ଯାହା ମୋ କଲେଜ ପଢ଼ିଲା ବେଳର ମୋ ଗାଁର ଅଭୁଲା ସ୍ମୃତି ।

ବଡ଼ ହୋଇଗଲା ପରେ ଏବେ ନିରୋଳାରେ ଏକାନ୍ତରେ ବସି ବେଳେ ବେଳେ ଭାବେ ସତରେ କ' ଣ ଭୂତ ପ୍ରେତ ଅଛନ୍ତି ? ଠାକୁବା କହନ୍ତି – କୁଆଡେ ଆଗ କାଳରେ ସବୁ ଥିଲା ।

 Magazine Downloaded from www.aahwaan.com

ଏବେ ଜଙ୍ଗଲ କାଟି ସଫା କରିଦେଲା ଠାରୁ, ପୁଣି ଗାଁକୁ ବିଦ୍ୟୁତ୍ ଆଲୁଅ ଆଇଲା ଦିନଠାରୁ ସେ ଡାଆଁଣୀ ପିଶାଚ ଗୁଡ଼ାକ କୁଆଡେ ଏ ଜାଗା ଛାଡ଼ି ପଳେଇଲେଣି । ସେମାନଙ୍କ ପାଇଁ ଗାଡି ମୋଟରର ପେଁ ପାଁ ଶବ୍ଦରେ ଏ ଜାଗା ଆଉ ପ୍ରକୃଷ୍ଠ ଜାଗା ହୋଇ ରହି ନାହିଁ ।

ଦିନେ କୁଆଡେ ଚେମା ବୋଉ ସଞ୍ଜ ସଂଜୁଆ ନଇ ଆଡ଼େ ଯାଇଥିଲା । ସେହି ଶ୍ମଶାନ ପଦର ପାଖରେ ପହଞ୍ଚିଛି କି ନାହିଁ ତାକୁ ଡାଆଁଣୀ ଗୋଡାଇଲା । ସେ ଦୌଡ଼ି ଦୌଡ଼ି ଆସି ଘର ପାଖରେ ଅଛାଟ ହୋଇ ପଡିଗଲା । ତା'ର ହୋସ୍ ନଥାଏ । ପାଣି ଛାଟି ସ୍ରାଷ୍ଟମ କଲାଠୁଁ ହୋସ୍ କୁ ଆସିଲା । ତିନିଦିନ ତିନିରାତି ଜ୍ୱର ରହିଲା । ଖାଲି ବାଉଳି ଚାଉଳି ହେଉଥାଏ । ପୁଣି ଗୁଣିଆ ଡାକି ଝାଡିଲାଠୁଁ ଭଲ ହେଲା ।

ସେମିତି ଆଉ ଦିନେ ଧଡ଼ିଆ ବାପା ଖାସି ମାଂସ ଧରି ବଜାରରୁ ଘରକୁ ଫେରୁଥିଲା । ବାଟରେ ଡେରି ହୋଇଯିବାରୁ ରାତି ହୋଇଗଲା । ଏକୁଟିଆ ଦେଖି ଆଇଁଷ ବାସନାରେ ବ୍ରହ୍ମ ରାକ୍ଷସଟା ତା ପିଛା କଲା । ଖାଲି ବାଟ ଛେକୁଥାଏ । ସେ ଖଣ୍ଡେ ମାଂସ ଖୋଲି ଦୂରକୁ ଫିଙ୍ଗି ଦେଉଥାଏ । ବ୍ରହ୍ମ ରାକ୍ଷସ ଖାଉ ଖାଉ ସେ କିଛି ବାଟ ଚାଲି ଆସେ । ଖାଇ ସାରି ପୁଣି ଗୋଡାଏ, ଆଗ ଛେକେ । ପୁଣି ଖଣ୍ଡେ ଫିଙ୍ଗି ଦେଲେ କିଛି ବାଟ ଚାଲି ଆସେ । ଏଇମିତି ଘର ପାଖରେ ପହଞ୍ଚିଲା ବେଳକୁ ଝୁଲି ମୁଣିରେ କିଲେ ମାଉଁସରୁ ଆଉ ଅଢେଇ ସହ ସରିକେ ଥାଏ । ଏକା ବେଳକେ ସେ ଯଦି ସବୁ ମାଂସ ଫିଙ୍ଗି ଦେଇଥାନ୍ତା, ତାହାଲେ ସେତକ ମାଉଁସ ଖାଇ ସାରି ବ୍ରହ୍ମ ରାକ୍ଷସ ତାକୁ ଗୋଟାପୁଣି କଞ୍ଚା ଚୋବାଇ ଯାଇଥାନ୍ତା । ତା'ର ବୁଦ୍ଧି ଥିଲା ବୋଲି ସେଦିନ ସେ ବ୍ରହ୍ମ ରାକ୍ଷସ କବଳରୁ ମୁକ୍ତି ପାଇଲା ।

ଆଉ ଦିନେ ସେମିତି ଚଇତା ଓ ସଇତା ଦୁଇ ସାଙ୍ଗ ରାତିରେ କଥା ହୋଇଥିଲେ- ଭୋରରୁ ଉଠି ଯାଇ ଚଉକା ବୋହି ମାଛ ଧରିବା ପାଇଁ । ଏ କଥା କୁଆଡେ ବହୁରୂପି ଖପୀଶ

 Magazine Downloaded from www.aahwaan.com

ଶୁଣି ପାରିଥିଲା । ତେଣୁ ସେ ରାତି ଅଧାରୁ ସଇତା ରୂପ ପରିଗ୍ରହଣ କରି ହାତରେ ପାଣି ବୁହା ଜନ୍ତ୍ର ଶେଣୀ ଖଣ୍ଡେ ଧରି ଚଇତାକୁ ଡ଼ାକିଲା । ଚଇତା ବି ହାତରେ ଦଣ୍ଡୁରୀ (ମାଛ ପୂରାଇ ରଖିବା ପାତ୍ର) ଓ ମୁଣ୍ଡୁଳି ଜାଲ ଧରି ଘରୁ ବାହାରି ଆସିଲା । ଚଉକାରୁ ଶେଣୀରେ ଡବ ଡବ କରି ପାଣି ବୋହି ଲା । ଚଇତା ଯେତେ କଥା କହୁଥାଏ ବା ପ୍ରଶ୍ନ ବାଢୁଥାଏ – ସେ କିଛି ଉତ୍ତର ରଖୁ ନଥାଏ । ଖାଲି ହଁ ଢ଼ଁ ସିନା ମାରୁଥାଏ, ହେଲେ ପାଟି ଖୋଲୁ ନଥାଏ । କାରଣ ସେ ସଇତା ନୁହଁ ଭୂତ । ଏ କଥା ଜାଣି ପାରି ଆହୁରି କୁହ ! ଚଇତା ଗୋଡ଼ରେ ଚଉକାରେ ଘଳିଆ ପକାଇ ଦେଲା । ଫଳରେ ଯେତେ ପାଣି ବୁହା ହେଉଥାଏ ସେତେ ପାଣି ପୁଣି ଚଉକା ଭିତରକୁ ପଶି ଆସୁଥାଏ । ନୋହିଲେ ପାଣି ବୁହା ସରିଯାଇଥିଲେ ଭୂତ ତାକୁ ମାଡ଼ି ବସି ମାରି ଦେଇଥାନ୍ତା । ସାହସ ଓ ବୁଦ୍ଧି ଥିଲା ବୋଲି ସେ ବଞ୍ଚିଗଲା । ରାତି ପାହି ଆସିଲା ବେଳକୁ ସଇତା ଖୋଜି ଖୋଜି ଆସି ପହଞ୍ଚିଗଲା । ତେଣୁ ଭୂତ ଛାଡ଼ି ପଳାଇ ଗଲା ।

ଏଇମିତି ଅନେକ କଥା ଅଛି ଠାକୁବା କହୁଥିଲେ । ତେବେ ଆଜି କାଲି ସେ ସବୁ କଥା ଆଉ ନାହିଁ । ଏ କଥାରେ କେତେଦୂର ସତ୍ୟତା ରହିଛି ତାହା ଆପଣମାନେ ଠିକ୍ ସେ ଜାଣିଥିବେ । ହେଲେ ହୁଏତ ଠାକୁବା ଆଉ ଟିକିଏ ଫିଟାଇ କହିଥିଲେ ମୁଁ ଟିକେ ଭଲ ଭାବେ କଥାଟା ବୁଝିଥାନ୍ତି । ହେଲ ସେଦିନ ଏହି ଗାଉଁଲି ଲୋକମାନଙ୍କର ସରଳ ବିଶ୍ୱାସ ବୋଧକୁ ମୁଁ ବା କେମିତି ସହଜରେ ଏଡ଼ାଇ ଯାଇ ପାରିଥାନ୍ତି ?

ଉପସହକାରୀ ସମବାୟ ସମିତି ସମୂହ

ଓଡିଶା ସରକାର, ଭଦ୍ରକ ସର୍କଲ, ଭଦ୍ରକ,

ଦୂରଭାଷା- ୯୯୩୭୨୧୮୧୮୪୬

 Magazine Downloaded from www.aahwaan.com

# ଚଇତି ଘୋଡ଼ା



ପ୍ରମୋଦ କୁମାର ପଣ୍ଡା

**ଏକ**

ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥିତ ଢଙ୍ଗରେ ଚଳି ଆସିବାର ଅଭ୍ୟାସରତ ଥିଲେ ଅବିନାଶ । ଟିକିଏ ଏପାଖ ସେପାଖକୁ ସେ ସମ୍ଭାଳି ପାରୁ ନ ଥିଲେ । ଅନସୂୟା ଘଣ୍ଟାଏ ହେଲାଣି ମୋବାଇଲକୁ କାନ ପାଖରୁ ବାହାର କରୁ ନ ଥିଲେ । ଖବର କାଗଜ ଉପରୁ ନଜର ଉଠାଇ ଥରେ ଦି ଥର ତାଙ୍କ ଆଡେ ଚାହିଁଲେଣି ସେ । କିନ୍ତୁ ଅନସୂୟା ସେହି ଅବସ୍ଥାରେ ହିଁ ରହିଥିଲେ । ଅବିନାଶଙ୍କୁ ଚାହା ଦେଇ ସାରିଲା ପରେ ଯେମିତି ତାଙ୍କର ଆଉ କିଛି ଦାୟିତ୍ୱ ନ ଥିଲା । ମନେ ମନେ ବିରକ୍ତ ହୋଇ ଉଠିଲେ ସେ । ଚାକିରୀରୁ ଅବସର ସିନା ନେଇ ସାରିଲେଣି, ହେଲେ ଅର୍ଥ ଉପାର୍ଜନ ପାଇଁ ଚିନ୍ତା କରିବା ଅଭ୍ୟାସ ଛାଡି ପାରି ନାହାଁନ୍ତି । କିଛି ଲୋକଙ୍କୁ  ବେଙ୍କ ଅଳ୍ପ ମାସିକ ଦରମା ବ୍ୟବସ୍ଥାରେ ନେବ ବୋଲି ସେ ଅବସର ନେଲା ଆଗରୁ ଶୁଣି ଆସୁଥିଲେ । ବାରମ୍ବାର ତାଙ୍କ ତଳେ ଥିବା ଅଫିସର ମାନଙ୍କୁ ଫୋନ ବି କରୁଛନ୍ତି । କିନ୍ତୁ କିଛି ଖବର ମିଳୁନାହିଁ । ଆଜି ଭାବୁଥିଲେ ହେଡ୍ଅଫିସ ଆଡେ ଟିକେ ବୁଲି ଦେଇ ଆସିବେ । ଅନସୂୟା ଯଦି ଖାଇବା ଦେବାକୁ ବିଳମ୍ବ କରିବେ, ଆଜି ବି ସେ ଯାଇ ପାରିବେ ନାହିଁ ।

"ଶୁଣୁଛ" ମୋବାଇଲରେ କଥା ସରିଲା ପରେ ପାଖକୁ ଆସି ଅନସୂୟା କହିଲେ, "ଭାଉଜଙ୍କ ଫୋନ ଥିଲା । ବୁନୁ ପାଇଁ ସେ ପ୍ରସ୍ତାବ ଦେଖିଛନ୍ତି ।"

"କୋଉଠି ?"

 Magazine Downloaded from www.aahwaan.com

" ଆମ ଗାଁରେ । ପିଲାଟା କଲେଜ ସାରି ଘରେ ବସିଛି ।"

"ଘରେ ବସିଛି ! କଣ ପାଇଁ ?"

"କଣ ପାଇଁ କଣ ବା ? ପାଠ ସରିଲା । ତାର ବାହାଘର କରିବା ପାଇଁ ଯୋଗାଡ ଯତ୍ନ ଚାଲିଛି ।"

ଅବିନାଶ ସ୍ତ୍ରୀ ଙ୍କୁ ନିରିଖେଇ ଚାହିଁଲେ । ଟିକେ ଥଙ୍ଗେଇ କହିଲେ – ଯେମିତି ତମେ ବସି ରହିଥିଲ ମୋତେ ବାହା ହେବା ପାଇଁ ?

ଏଇଟା ତାଙ୍କ ପ୍ରଶ୍ନ ଥିଲା, ତା ସଙ୍ଗେ ସଙ୍ଗେ ତାତ୍ସଲ୍ୟ ବି ଥିଲା ।କିନ୍ତୁ ଅନସୂୟା କିଛି ବୁଝି ନ ପାରିଲା ଭଳି କହିଲେ – ହଁ, ମୁଁ ନ ହେଇଥିଲେ ତମ ଜଞ୍ଜାଳ କିଏ ସମ୍ଭାଳିଥାନ୍ତା ?

**ଦୁଇ**

ସନ୍ଧ୍ୟାରେ ପୁରୁଣା ଅଫିସରୁ ନିରାଶ ହୋଇ ଅବିନାଶ ଯେତେବେଳେ ଫେରିଥିଲେ, ତାଙ୍କ ପାଦ ଘରେ ପଡୁ ପଡୁ ଅନସୂୟା ମୋବାଇଲ ଆଣି ଦେଖେଇଲେ – ଦେଖ, ଭାଉଜ ପଠେଇଛନ୍ତି । ସେ ପିଲାଟିର ଫୋଟ ।

ଅବିନଶ ଫୋଟଟିକୁ ଦେଖିଲେ । ଅତି ଚମତ୍କାର ଚେହେରା । ଯେମିତି କାହାଣୀକାର ମାନେ ଲେଖିଥାନ୍ତି – ଗୋଟିଏ ଚାଉଳରେ ଗଢା ।

ସ୍ତ୍ରୀଙ୍କୁ ଚାହିଁ କହିଲେ – ଏଇଟା ସତ ସେଇ ଝିଅର ଫୋଟ ନା, ଇଣ୍ଟରନେଟରୁ କୋଉ ଫୋଟ ଉଠେଇକି ତମକୁ ପଠେଇ ଦେଇଛନ୍ତି ।

ଅନସୂୟା ବିଳିବିଳେଇ ଉଠିଲେ । ତାଙ୍କ ବାପାଘର କାହାକୁ ହେଲେ ଅବିନାଶ ଛାଡୁ ନାହାଁନ୍ତି । ତଥାପି ନିଜକୁ ସଞ୍ଜତ କରି କହିଲେ – ହୁଁ, ତମର ଯେତେ ସବୁ ଆମ ଲୋକଙ୍କୁ

 Magazine Downloaded from www.aahwaan.com

ନିନ୍ଦା କରିବା ଅଭ୍ୟାସ । ମୁଁ ଯାକୁ ଦେଖିଥିଲି । ଗଲା ବର୍ଷ ଯେତେବେଳେ ଗାଁ କୁ ଯାଇଥିଲି, ଦେଖିଥିଲି । ହୁଁ, ତା ହେଲେ ତମ ମନ ପାଇଛି !

ଅବିନାଶ ନିରାଶ କଣ୍ଠରେ କହିଲେ – ମୋର ମନ ପାଇଲେ କଣ ହେବ ? ବାହା ହେବ ବୁନୁ । ମୁଁ ଆଉ ତା ମୁଣ୍ଡରେ ମୋ ନନାଙ୍କ ଭଳି ଅଠା ବୋଳି ଦେବିନି ।

"ଅଠା ?" ସତକୁ ସତ ଅନସୁୟା ଆହତ ହୋଇ ଉଠିଲେ । ମୁହଁ ଶୁଖେଇ ଅବିନଶଙ୍କ ପାଖରୁ ଉଠି ରୋଷେଇ ଘର ଭିତରକୁ ପଶିଗଲେ । ହଠାତ୍‌ସୃଷ୍ଟି ହେଇ ଯାଇଥିବା ପରିସ୍ଥିତିକୁ ସମ୍ଭାଳିବା ପାଇଁ ଅବିନାଶଙ୍କୁ ବି ତାଙ୍କ ପଛେ ପଛେ ଯିବାକୁ ପଡିଲା । ଏକରେ ଅଫିସରୁ ନୈରାଶ୍ୟର ବାଣୀ, ସେଥିରେ ଏହି ସହସା ଆରମ୍ଭ ହେଇ ଯାଇଥିବା ଅଭାବନୀୟ ଅବସ୍ଥା । ତାକୁ ତ ସମ୍ଭାଳିବାକୁ ହେବ ।

ରୋଷେଇ ଘର ବାହାରେ ଠିଆ ହେଇ ଅବିନାଶ ଆରମ୍ଭ କଲେ – କିନ୍ତୁ ତମେ ଯାହା କୁହ, ଭାଉଜଙ୍କ ବାଛିବା ଭାରି ବଢିଆ । ଝିଅଟା ଗୋଟିଏ ଚାଉଳରେ ଗଢା ।

ପଛକୁ ମୁହଁ କରି କାମ କରୁଥିବା ଅନସୂୟା ସ୍ୱାମୀଙ୍କ ଆଡକୁ ବୁଲି ପଡିଲେ । ଶୁଖି ଯାଇଥିବା ଅନସୂୟାଙ୍କ ମୁହଁରେ ହସ ଫୁଟି ଉଠୁଥିଲା । ତାଙ୍କର ଏହି ଦୁର୍ବଳତା ଅବିନାଶ ପ୍ରଥମ ଦିନରୁ ହୃଦୟଙ୍ଗମ କରି ସାରିଥିଲେ । ଆଜି ବି ତାକୁ ପ୍ରୟୋଗ କରିବାକୁ ଭୁଲି ନ ଥିଲେ ।

କହିଲେ – ହଁ, ଭାଉଜଙ୍କ ସହ ମିଶି ମା ଝିଅ ଦି ଜଣ ଯାକ ବଡି ପକେଇବାକୁ ଘରକୁ ଆସିଥିଲେ । ତା ହସ ଦେଖିବ, ଭୁଲି ପାରିବନି । ମୁଁ ଭାଉଜଙ୍କୁ ହଁ କହିବି ?"

ଅବିନାଶ ସ୍ତ୍ରୀଙ୍କ କଥାକୁ ଏଡାଇ ନ ପାରି କହିଲେ – ବୁନୁକୁ ପଚାର । କଣ କହୁଛି ସେ ।

 Magazine Downloaded from www.aahwaan.com

## ତିନି

ରାତିରେ ବାପା ପୁଅ ଦି ଜଣ ଖାଇବାକୁ ବସିଥିଲେ । ବୁନୁର ଖାଇବା ଥାଳି ଉପର ଦେଇ ମୋବାଇଲର ଫୋଟ ନେଇ ତାକୁ ଦେଖେଇଲେ ଅନସୂୟା ।

ବୁନୁ ହସି ହସି ପଚାରିଲା – କାହା ଫୋଟ ଇଏ ମାମା ?

ଅନସୂୟା ବି ସେମିତି ହସି ହସି କହିଲେ – ଆମ ଗାଁ ରାଜଶ୍ରୀ ଭାଉଜଙ୍କ ଝିଅ । ସୁନ୍ଦର ଅଛି ?

"ହଁ, ବହୁତ ସୁନ୍ଦର ଅଛି । ମୋତେ କାହିଁକି ଦେଖଉଛୁ ?"

"ତୋ ବାହାଘର ପ୍ରସ୍ତାବ ପାପା ଯ୍ୟା ସହ ପକେଇବେ ?"

ବିନୟ ପାପାଙ୍କୁ ଚାହିଁଲା – ବାହାଘର ପାଇଁ ମୋ ନିଜ ପସନ୍ଦ କିଛି ନାହିଁ ପାପା । ତମେ ପ୍ରସ୍ତାବ ଦିଅ । ତମକୁ ଯଦି ଠିକ ଲାଗିଲା, ମୋର କିଛି କହିବାର ନାହିଁ ।

ଯେମିତି ଆକାଶରୁ ହଠାତ୍‌ଖସି ପଡିଲେ ଅବିନାଶ । ଖାଇବା ଥାଳି ଉପରୁ ଦୃଷ୍ଟି ଉଠେଇ ବିନୟକୁ ଚାହିଁ ରହିଲେ । ତାଙ୍କୁ ସେମିତି ଚାହିଁ ରହିଥିବା ଦେଖି ବିନୟ କହିଲା – ବାପାଙ୍କ ପସନ୍ଦରେ ତମେ ବାହା ହେଇଥିଲ ନା ? ଦେଖ, ମାମା ଭଳି ତମକୁ ଜଣେ ମିଳିଗଲେ । ତମ ଜୀବନ କିଛି କଷ୍ଟ ହେଇଛି ?

କଣ ଉତ୍ତର ଦେବେ ଅବିନାଶ ? ତାଙ୍କ ଅଜାଗା ଘା ଉପରେ ବିନୟ ଦୃଷ୍ଟି ପକେଇଛି । ତାଙ୍କ ଇଚ୍ଛା ନ ଥିଲା । ନନା କହିଲେ । ତଥାପି ସେ ବାହା ହେଲେ । ତାଙ୍କ ଚାକିରୀଆ, ଆଧୁନିକ ଢଙ୍ଗର ଝିଅ ଆବଶ୍ୟକ ଥିଲା । ବେଙ୍କ୍‌ରେ ଅଫିସର ଚାକିରୀ ମିଳିଲା ପରେ ତାଙ୍କର ମନ ସପ୍ତାକାଶ ଭିତରେ ଉଡି ବୁଲିଥିଲା । କିନ୍ତୁ ନନାଙ୍କ ପସନ୍ଦ ଆଗରେ ମୁଣ୍ଡ ନୁଆଇଁ ହଁ କହିଥିଲେ । ଅନସୂୟାଙ୍କ ପ୍ରସ୍ତାବ ନନାଙ୍କ ସାଙ୍ଗ ଜରିଆରେ ଆସିଥିଲା । ତାଙ୍କୁ

 Magazine Downloaded from www.aahwaan.com

କେବଳ ଔପଚାରିକତା ରଖିବାକୁ ତାଙ୍କୁ ଦେଖିବାକୁ ଯିବାକୁ ହେଇଥିଲା । ତାଙ୍କର ଇଚ୍ଛା ଥିଲା, ତାଙ୍କ ସହ ଅନ୍ତରଙ୍ଗ ଆଳାପ କରିବା ପାଇଁ । ପାଖରେ ନନା ଓ ତାଙ୍କ ସାଙ୍ଗ । ଦୁଇ ମିନିଟ ସେ ଆସି ଠିଆ ହେଲା ପରେ ନନାଙ୍କ ଗମ୍ଭୀର କଣ୍ଠ ଶୁଭିଥିଲା – ହଉ, ତମେ ଏବେ ଭିତରକୁ ଯାଅ ।

ଅନସୂୟା ସଙ୍ଗେ ସଙ୍ଗେ ତାଙ୍କ ଭିତର ଘରକୁ ଚାଲି ଯାଇଥିଲେ । ସେଦିନ ତାଙ୍କ ଚେହେରା ସେ ଭଲ ଭାବେ ଦେଖି ନ ଥିଲେ କିମ୍ବା ବାହାଘର ବେଦୀରେ ମଧ୍ୟ । କିନ୍ତୁ ହାତଗଣ୍ଠି ବେଳେ ତାଙ୍କ ଲମ୍ବା ଲମ୍ବା ଆଙ୍ଗୁଠି ସହ ପାପୁଲିର ସ୍ପର୍ଶରେ ସେ ଉଷୁମତା ଅନୁଭବ କରିଥିଲେ, ଯାହା ସେ ଆଜି ପର୍ଯ୍ୟନ୍ତ ମନେ ରଖିଛନ୍ତି ।

ସେ କିଛି ଉତ୍ତର ଦେବା ଆଗରୁ ଅନସୂୟା ଅଭିମାନ ଭରା ହସ ହସି କହିଲେ – ହଁ, ସେଇକଥା ତାଙ୍କୁ କହ । କେବେହେଲେ ସନ୍ତୁଷ୍ଟ ହେଉ ନାହାଁନ୍ତି ।

ଖାଇବା ଶେଷ ହେଲା ଯାଏଁ ଅବିନାଶଙ୍କ ପାଟିରୁ କଥା ବାହାରି ପାରି ନ ଥିଲା । ବିନୟର ସରଳ ତର୍କର ବିଚାରଧାରା ଆଗରେ ତାଙ୍କ ତଥାକଥିତ ବିକଶିତ ବିଚାରର ନ୍ୟୁନତର ବୋଧ ହେଉଥିଲା ।

## ଚାରି

ଅନେକ ରାତି ଯାଏ ତାଙ୍କୁ ନିଦ ହେଲା ନାହିଁ । ଅନସୂୟା ଫୋନରେ ଗପି ଗପି ପାଖରେ ଶୋଇ ଯାଇଛନ୍ତି । ଟିକିଏ ସମୟ ମିଳିଲେ, ସେ ଓ ତାଙ୍କ ଭାଉଜ । ଘଣ୍ଟା ଘଣ୍ଟା ଗପନ୍ତି । ମୋବାଇଲ୍ଆସିଲା ଠୁଁ ଅଧିକ । କଣ ଯେ ଗପନ୍ତି ତାଙ୍କୁ ହିଁ ଜଣା । ଆଜି ବିନୟ ଠାରୁ ତାର ମନର କଥା ଜାଣିଲା ପରେ ଦ୍ୱନ୍ଦରେ ପଡିଗଲେ ଅବିନାଶ । ଯଦିବା ତାଙ୍କ କଥା

 Magazine Downloaded from www.aahwaan.com

ସେ କେବେ ବି ଶୁଣିନି, ତଥାପି କେବେ ବି କହିନି, ତାଙ୍କ କଥା ଭୁଲ, ସେ ପାଇଥିବା ସଂସ୍କାର ଭୁଲ ବୋଲି । ହଁ, ତାକୁ ନେଇ ତା ବାପା ତିଆରି କରିଥିବା ସ୍ୱପ୍ନର ସୌଧକୁ ସତରେ ପରିଣତ କରିବାକୁ କେବେ ବି ସହମତ ହେଇନି କିମ୍ବା ସେହି ବିଚାର ଧାଡିରେ ଯିବାକୁ ଚେଷ୍ଟା କରିନି ।

ଡିଏଭିରେ ନାଁ ଲେଖେଇବାକୁ ଗଲାବେଳେ ସେ ଗଲାନି । ଇଞ୍ଜିନିୟରିଂରେ ଯାଇ ଏମବିଏ କିମ୍ବା ଆଇଏଏସ କରିବାକୁ ପରାମର୍ଶ ଦେଲେ । ସେ ଶୁଣିଲାନି । ଯୁକ୍ତ ଦୁଇ ପରେ ଫାର୍ମାସୀରେ ଡିପ୍ଲୋମା କଲା । ତାପରେ ଡିଗ୍ରୀ ବି କଲାନି । ଡିପ୍ଲୋମା ସରିଲା ପରେ ଔଷଧ ଦୋକାନ କରିବାକୁ ଜିଦ ଧରିଲା । ତାର ସମସ୍ତ ଅଗତାନୁଗତିକ ନିଷ୍ପତ୍ତିରେ ଅଣନିଶ୍ୱାସୀ ହୋଇ ଯାଇଛନ୍ତି ଅବିନାଶ ।

ବେଙ୍କ ପରୀକ୍ଷା ପ୍ରତିଯୋଗିତାରେ ସଫଳ ହେଲା ପରେ ସିଧା ଅଫିସର ଚାକିରୀରେ ତାଙ୍କ ସହ ଯୋଗ ଦେଇଥିବା ସାଙ୍ଗମାନେ ଯେତେ ଜଲଦି ପାହ୍ୟା ଚଢୁଥିଲେ, ସେ ଚଢି ପାରୁ ନ ଥିଲେ । ଛତିଶି ବର୍ଷର ଚାକିରୀରେ ସ୍କେଲ ପାଞ୍ଚରେ ଅବସର ନେଇଗଲେ । ତା ପାଇଁ ସେ ସବୁବେଳେ ନିଜର କମ ପାଠ ଓ ତାଙ୍କ ଉଚ୍ଚପଦସ୍ଥ ଅଫିସର ମହଲର ପତ୍ନୀମାନଙ୍କ ସହ ଖାପ ଖୁଆଇ ପାରୁ ନଥିବା ଅନସୂୟାଙ୍କ ଅଣଉଚ୍ଚାଭିଳାଷକୁ ସେ ସବୁବେଳେ ଦାୟୀ କରୁଥିଲେ । ସେଥିପାଇଁ ସ୍ୱାଚ୍ଛନ୍ଦ୍ୟର ପରିବେଶର ଗାଲିଚା ଉପରେ ସେ ଚାହୁଁଥିଲେ ବିନୟ ଅଧିକରୁ ଅଧିକ ଡିଗ୍ରୀ ହାସଲ କରୁ; ସମାଜରେ ଅଧିକରୁ ଅଧିକ ପ୍ରତିଷ୍ଠିତ ହେଉ; ବିଦେଶ ଯାଇ ତାଙ୍କ ଘରର ନାଁ ରଖୁ; ତାକୁ ଯୋଗ୍ୟ ହେଲା ଭଳି ଝିଅଟିକୁ ବାହା ହେଉ ।

କିନ୍ତୁ ଏଇଠି ତ ସବୁକିଛି ଓଲଟା ଗତିରେ ଚାଲିଛି । ଆଜି ପୁଣି କହୁଛି ଅନସୂୟାଙ୍କ ଆଗମନ ତାଙ୍କ ଜୀବନରେ ସଠିକ୍‌ନିଷ୍ପତ୍ତି । କଡ ଲେଉଟାଇ ଲେଉଟାଇ ବଳପୂର୍ବକ

 Magazine Downloaded from www.aahwaan.com

ନିଦ୍ରାରେ ଯିବା ପାଇଁ ତାଙ୍କ ଅଥକ ଚେଷ୍ଟା ବିଫଳ ହେଉଥିଲା ।

ସେହି ସମୟରେ ତାଙ୍କ ମୋବାଇଲ ବାଜି ଉଠିଲା । ଏ ଅସମୟରେ କିଏ ? ଡାକିବା ଲୋକକୁ ପରଦା ଉପରୁ ଦେଖିବାକୁ ଚେଷ୍ଟା କଲେ । ତାଙ୍କ କଲୋନୀରେ ଘର କରି ରହୁଥିବ ତାଙ୍କର ଜଣେ ଅନେକ ଆଗରୁ ତାଙ୍କଠୁ ଉଚ୍ଚ ପଦବୀରୁ ବେଙ୍କରୁ ଅବସର ନେଇ ଏକ ସୁଉଚ୍ଚ ପ୍ରାସାଦ ନିର୍ମାଣ କରି ରାଜପୁରୁଷ ସଦୃଶ୍ୟ ଜୀବନ ବ୍ୟତୀତ କରୁଥିବା ବୟସ୍କ ବନ୍ଧୁଙ୍କର । ସେ ସୁଇଚ ଟିପି ହାଲୋ କହିଲେ । ସେପଟୁ ଜଣେ ମହିଳାଙ୍କ ବ୍ୟସ୍ତ କଣ୍ଠ ଶୁଣାଗଲା – ହେ ଭଗବାନ ! ୟାଙ୍କ ଦେହ ହଠାତ୍‌ବିଗିଡି ଯଇଛି । ମୋ ହାତଗୋଡ କିଛି ପାଉନି । ଆପଣ ଟିକେ ଘରକୁ ଆସିବେ ?

ରାତି ଅଧରେ ଦେହ ବିଗିଡିବା ଅର୍ଥ ଅବିନାଶ ବୁଝୁଥିଲେ । ବିଷୟ ଅତି ଗମ୍ଭୀର । ଅନସୂୟାଙ୍କୁ ଓ ବିନୟକୁ ଉଠେଇ ହିଁ ସେ ତାଙ୍କ ଘରକୁ ଯାଇ ପାରିଲେ । ସେ ସରକାରୀ ଆମ୍ବୁଲାନ୍‌ସ କୁ ଡାକିବା ଆଗରୁ ବିନୟ କାହାକୁ ଫୋନ କରିଥିଲା । ଏମାନେ ତାଙ୍କ ଘରେ ପହଞ୍ଚିବା ବେଳକୁ ବିନୟର ଆମ୍ବୁଲାନ୍‌ସ ପହଞ୍ଚି ସାରିଥିଲା । ମଧୁମେହ ରୋଗଗ୍ରସ୍ତ ଥିଲେ ସେ ଲୋକ । ହଠାତ୍‌ସୁଗର ସ୍ତର ତଳକୁ ଖସି ଆସିଥିଲା । ପହଞ୍ଚିଲ ପରେ କାଳ ବିଳମ୍ବ ନ କରି ତାଙ୍କ ଅଚେତ ଶରୀର ପାଟିରେ ବିନୟ କିଛି ଗ୍ଳୁକୋଜ ପାଣି ବଳପୂର୍ବକ ପିଆଇ ଦେଇଥିଲା । ତାଙ୍କ ସହ ଆମ୍ବୁଲାନ୍‌ସରେ ବିନୟ ବସି ଗଲା । ତାଙ୍କ ପଛେ ପଛେ ଅବିନାଶ ଅନସୂୟାଙ୍କୁ ଧରି ତାଙ୍କ ଗାଡି ରେ ଡାକ୍ତରଖାନାରେ ଯାଇ ପହଞ୍ଚିଥିଲେ । ଡାକ୍ତରଖାନାରେ ଦି ଘଣ୍ଟା ପରେ ତାଙ୍କ ଚେତା ଆସିଥିଲା । କଲୋନୀରୁ ଅନ୍ୟମାନେ ଆସିଲା ପରେ ସେମାନେ ଘରକୁ ଫେରି ଆସିଥିଲେ । ଆସିଲାବେଳେ ଖଟ ଉପରେ ପଡିଥିବା ଅସୁସ୍ଥ ବ୍ୟକ୍ତିଙ୍କ ଆଖିରେ କୃତଜ୍ଞତା ଜଳଜଳ ଦେଖା ଯାଉଥିଲା । ସ୍ତ୍ରୀ ଲୋକ ଜଣକ ବିନୟର ହାତକୁ ଅନେକ ସମୟ

 Magazine Downloaded from www.aahwaan.com

ଯାଏଁ ଛାଡି ନ ଥିଲେ । ଆସିଲାବେଳେ ମୂଳରୁ ଚୁପ୍‌ହୋଇ ରହିଥିବା ଅନସୂୟା ଅନୁଶୋଚନା କଣ୍ଠରେ କହୁଥିଲେ – ପୁଅ ଝିଅ ସମସ୍ତେ ବିଦେଶରେ । ବୟସ ଗଲାବେଳେ ଜଣେ କେହି ପାଖରେ ନାହାଁନ୍ତି । କଣ ମିଳିଲା ଏ ଉଚ୍ଛାଟ ଜୀବନରୁ ?

ତାଙ୍କୁ ଆଶ୍ୱାସନା ଦେଇ ବିନୟ କହୁଥିଲା – ମାମା, ସେମାନେ ଏଇଠି ଥିଲେ ବି କଣ ୨୪ ଘଣ୍ଟା ଏମାନଙ୍କ ପଖରେ ରହି ପାରିବେ ? କାହା ପାଇଁ କିଏ ହେଲେ ଅଛନ୍ତି ନା ଦୁନିଆରେ !

ହଁ, ଠିକ କହିଛି ବିନୟ । କାହା ପାଇଁ କିଏ ହେଲେ ରହିଥିବ ! ଅବିକଳ୍ପ ସିଦ୍ଧାନ୍ତର ଏହି ସତ୍ୟଟିକୁ ଆହରଣ କରିବାକୁ ଏତେ ସମୟ ଲାଗିଲା ଅବିନଶଙ୍କୁ !

ଧୀରେ ଧୀରେ ଅବିନାଶଙ୍କ ସନ୍ଦେହ ପୁଷ୍ପଗୁଛ ସତ୍ୟର ଆଲୋକରେ ତାର ସ୍ୱ-ପାଖୁଡା ଖୋଲିବାରେ ଲାଗିଥିଲା । ଅନୁଶୋଚନା ଓ କ୍ଷୁଦ୍ର-ମନା ଭାବ ଭିତରେ ଏକ ତେଜସ୍ୱୀ ଚେତନା ତାଙ୍କ ଅତି ନିକଟତର ହେବାରେ ଲାଗିଥିଲା ।

କେତେ ନିରାଟ ସତ୍ୟର ନିକଟବର୍ତ୍ତୀ ହେଇ ଯାଇସାରିଛି ତାଙ୍କ ପୁଅ ! ବିନୟକୁ କେଉଁ ଦୂର ବିକାଶରେ ସେ କାହିଁକି ଖୋଜି ବୁଲୁଛନ୍ତି ? ଚରମ ବିକଶିତ ଅବସ୍ଥାରେ ସେ ତ ତାଙ୍କର ଅତି ନିକଟରେ ଅଛି !

ଘରେ, ନିଦ୍ରାଗତ ଅବସ୍ଥାରେ ତାଙ୍କ ଗୋସେଁଇବାପା ବିନୟର ମୁଖା ପିନ୍ଧି ଚଇତି ଘୋଡା ନାଚିବାର ଦୃଶ୍ୟ ତାଙ୍କ ଆଖି ଆଗରେ ନାଚି ଉଠିଲା । ଚୈତ୍ର ପୂର୍ଣ୍ଣମୀର ଚଳମାନ ପରମ୍ପରାରେ ପ୍ରତିବର୍ଷ ନାଚି ଆସୁଥିବା ତାଙ୍କ ଗୋସେଁଇବାପା ୭୦ ବର୍ଷ ବୟସରେ ବି ସେ ଦିନ ନାଚିଥିଲେ ବିନା ଯାତ୍ରା ପୋଷାକରେ । ଏକରୁ ଅନେକ ଦିଗକୁ ଯାତ୍ରାର ସନାତନ ଚଉଷଠି ଯୋଗିନୀ ତନ୍ତ୍ର-ମଣ୍ଡଳ ଉପରେ ଶିବସମ ଐକ୍ୟ ପ୍ରାକ୍-ତାଣ୍ଡବ ମୁଦ୍ରାରେ ! ଆଉ

 Magazine Downloaded from www.aahwaan.com

ଛୋଟ ଅବିନାଶ ସେ ନୃତ୍ୟ ଦେଖି କୁରୁଳି ହୋଇ ଉଠିଥିଲା । ତାହା ଥିଲା ତାଙ୍କ ଗୋସେଁଇ ବାପାଙ୍କର ଶେଷ ନୃତ୍ୟ ଓ ଶେଷ ଦିବସ । ତା ପରଦିନ ସକାଳେ ତାଙ୍କ ନିଦରୁ ସେ ଉଠି ନ ଥିଲେ ।

**ପାଞ୍ଚ**

ସକାଳେ ଉଠିଲା ବେଳେ ଅନେକ ବେଳ ହୋଇ ଯାଇଥିଲା । ଆଡମ୍ବରପୂର୍ଣ୍ଣ ଜୀବନ ଯାପନ ନିମନ୍ତେ ୪୫ ବର୍ଷରୁ ଦେଖି ଆସୁଥିବା ସ୍ୱପ୍ନର ଶେଷ ପର୍ଯ୍ୟାୟରେ ନିଦ ଭାଙ୍ଗିବା ଅବସ୍ଥାରେ ସେ ଆସି ପହଞ୍ଚିଥିଲେ ।

ଦ୍ୱାର ଦିଗରୁ କାହାର ପାଉଁଜିର ଧୀର କୋମଳ ସ୍ୱର ଶୁଣି ସେ ପାଖକୁ ଚାହିଁଲେ ।

ହଠାତ୍‌ଚତୁର୍ଦ୍ଦିଗରୁ ବ୍ୟାପ୍ତ ସହସ୍ର ସୂର୍ଯ୍ୟାଲୋକର ଦୀପ୍ତିମାନ ଆଭା ଭିତରେ ତାଙ୍କ ସମ୍ମୁଖରେ ଉଭା ହୋଇଥିବା ସହସ୍ରକୋଟି ଚନ୍ଦ୍ରଙ୍କ କାନ୍ତି ସହ ଆଦିବର୍ଣ୍ଣଯୁକ୍ତ ନୀଳରଙ୍ଗ ବସ୍ତ୍ର ପରିହିତା ଶୈଳ-ନିବାସୀ, ସ୍ୱର୍ଣ୍ଣ-ସୁନ୍ଦରୀ, ପ୍ରସନ୍ନ-ଚିତ୍ତା, ପଦ୍ମହସ୍ତା ପଦ୍ମ-ପୁଷ୍ପ-ସଦୃଶ୍ୟ କିଶୋରୀ, ରତ୍ନଜଡିତ ହାର, ବାହୁବନ୍ଧ, ମୁଦ୍ରିକାର ପ୍ରଭାରେ ଅଧିକରୁ ଅଧିକ ଉଦଭାସିତ ହୋଇ ଉଠିଥିବା ଜଗନ୍ନାଥ-ପ୍ରିୟାଙ୍କୁ ନାକ-ନୋଥରେ ମୋତିର ନାକଚଣା ଅପୂର୍ବ ଶୋଭା ପ୍ରଦାନ କରୁଥିଲା । ଗଳାରେ କଣ୍ଠହାର, ସୀମନ୍ତରେ ମଥାମଣି ଓ କର୍ଣ୍ଣକୁଣ୍ଡଳ ଝକମଲ ଦେଖା ଯାଉଥିଲା ।

ତଟସ୍ଥ ହୋଇ ସେହି ଅପରୂପ ମୂର୍ତ୍ତିକୁ ଚାହିଁ ରହିଥିଲେ ଅବିନାଶ ।

ତାଙ୍କ ତନ୍ଦ୍ରା ସହସା ଦ୍ୱାରମୁହଁରେ ଠିଆ ହୋଇ ପଚାରୁଥିବା ଅନସୂୟାଙ୍କ କଣ୍ଠସ୍ୱରରେ ଭାଙ୍ଗିଲା । ସେ ପଚାରୁଥିଲେ – ଚାହା କରିବି ?

 Magazine Downloaded from www.aahwaan.com

ବୋଧହୁଏ ସେ ଏହି ଅନସୂୟାଙ୍କୁ ୩୦ ବର୍ଷ ପରେ ପ୍ରଥମ ଥର ପାଇଁ ଦେଖୁଛନ୍ତି । ସନ୍ତୁଷ୍ଟିର ବିସ୍ତରିତ ଦୃଷ୍ଟିକୋଣ ଭିତରେ ଏତେ ପାଖରେ ଥାଇ ବି ସେ ତାଙ୍କୁ କେତେ ଦୂରରେ ରଖିଥିଲେ । ମଝିରେ କେବଳ ବୈଚାରିକ ଜ୍ଞାନର ଅଭାବ ଥିଲା, ବିନୟର ବିଚାର ଜ୍ଞାନର ! ସମ୍ମୋହିତ ମନରେ ଉଠୁଥିବା କୋହକୁ ସମ୍ବରଣ କରି ସେ ଟିକିଏ ହସି କହିଲେ – ତମେ ଭାଉଜଙ୍କ ସହ କଥା ହେବି କହୁଥିଲ ନା ?

ଅନସୂୟା ପାଖକୁ ଆସିଗଲେ । ଟିକେ ଗେଲେଇ କି କହିଲେ – ମୁଁ ଜାଣିଥିଲି, ତମେ କେବେ ମୋ କଥାକୁ ନାହିଁ କରିବ ନାହିଁ ।

ଏକ ଅଦେଖା, ଅନିର୍ବଚନୀୟ ଅଦୃଶ୍ୟ ଶକ୍ତିର ପ୍ରଭାବରେ ଉଭୟ ସ୍ୱାମୀ-ସ୍ତ୍ରୀ ମୋହଗ୍ରସ୍ତ ଅଦ୍ୱୟେ ତଲ୍ଲୀନ ଥିଲେ ।

**ସମାପ୍ତ**

ପ୍ଲଟ ନଂ – ୧୦୦୦
୨ୟ ତୋଟା ସାହି, ବିଜିପୁର
ବ୍ରହ୍ମପୁର (ଓଡିଶା) -୭୬୦୦୦୫

 Magazine Downloaded from www.aahwaan.com

# ପରକିୟା ପ୍ରୀତି



ଗଦାଧର ବଳ

ପରକ୍ରିୟା ପ୍ରୀତି ଅଭିଯୋଗର ପରିଣାମ ଏତେ ଯେ ଭୟଙ୍କର ହରିଆ ଆଜି ଅନୁଭବ କରୁଛି । ଦିନ ଯାକର ଅକ୍ଲାନ୍ତ ପରିଶ୍ରମ କରି ଘରକୁ ଫେରି ଟିଭି ସାମ୍ନାରେ ବସି କେଉଁ ଏକ ସିରିଏଲ ଦେଖୁଥାଏ । ହରିଆ ସୁରତର ଏକ ଛୋଟ କଂପାନୀରେ କାମ କରି ସାରିଆ ସହ ବହୁ କଷ୍ଟରେ ସଂସାର କରି ଚଳି ଆସୁଛି ଦୀର୍ଘ କୋଡିଏ ବର୍ଷ ହେବ । ସେମାନଙ୍କର ଏକମାତ୍ର ପୁଅ ପ୍ରକାଶ । ବୟସ ଏବେ ୧୭ ପୁରି ୧୮ ଚାଲିବ । ସତ କହିବାକୁ ଗଲେ ଦୀର୍ଘ ୨୦ ବର୍ଷ ତଳର ସବୁ ଘଟଣା ତା ଆଖି ଆଗରେ ଗୋଟି ଗୋଟି ନାଚି ଯାଉଛି, ଲାଗୁଛି କାଲିପରି । ସେ କଣ ଏମିତି ପାପ କରି ଥିଲା ଯେ, ତାକୁ ରାତି ପାହିବା ପୁର୍ବରୁ ଗାଁ ଛାଡି ଚାଲିଯିବା ପାଇଁ ଗାଁ ମୁଖିଆ କଡା ନିର୍ଦ୍ଦେଶ ଦେଇଥିଲେ ? ନ ହେଲେ ଜୀବନରୁ ମାରି ଦେବାକୁ ଧମକ ।

ମୁଖିଆଙ୍କର ଏମିତି ଏକପାଖିଆ ନିର୍ଦ୍ଦେଶର ଭିତିରି କଥା ଆଜି ପର୍ଯ୍ୟନ୍ତ ବି ବୁଝି ପାରୁନି ହରିଆ । ନିଜକୁ ନିଜେ ଅନେକ ପ୍ରଶ୍ନ ପଚାରି କ୍ଷତାକ୍ତ ହେଉଛି ସିନା ଉତ୍ତର ଖୋଜି ପାଉ ନି ଆଜି ପର୍ଯ୍ୟନ୍ତ ସେ ।

ସାରିଆକୁ ତ ସେ ପିଲା ବେଳୁ ହିଁ ଭଲ ପାଉଥିଲା । ପିଲାବେଳେ ବାଲି ଖେଳରୁ ବହୁ ଚୋରି ପର୍ଯ୍ୟନ୍ତ ଖେଳ ଉଭୟ ମିଳି ମିଶି ହିଁ ଖେଳନ୍ତି । କେତେ ଯେ ମିଛି ମିଛିକା ବରବୋହୁ ହେଇଛନ୍ତି, ତାର ହିସାବ ନାହିଁ ତା ପାଖରେ । ଖେଳରେ ଖେଳରେ ଉଭୟ ଗାଁ ମଙ୍ଗଳାଙ୍କୁ ସାକ୍ଷୀ ରଖି ବିବାହ ବି କରିଛନ୍ତି । ସେତେବେଳେ ଉଭୟଙ୍କ ବାପାମାଆ ବି ଉପସ୍ଥିତ ରହି

 Magazine Downloaded from www.aahwaan.com

ସେମାନଙ୍କ ଖେଳକୁ ଉପଭୋଗ କରୁଥିଲେ । ମଜା ବି ନେଉଥିଲେ । ମିଛ ମିଛରେ ସାରିଆର ବାପା ହରିଆର ବାପାକୁ ସମୁଦି, ହରିଆର ମାଆକୁ ସମୁଦୁଣି ଡାକି ଥଟା ମଜା ବି ହେଉଥିଲେ । ସେମାନେ ବି ମିଛ ବାହାଘର ଭାବି ସେମାନଙ୍କର ଅନେକ ଆନନ୍ଦ ବି ଉଠେଇଛନ୍ତି ।

ମାତ୍ର ହରିଆ ନିଚ୍ଚ ଜାତିର ଓ ସାରିଆ ଉଚ୍ଚ ଜାତିର ତେଣୁ ଉଭୟଙ୍କର ପରିବାର, ସମାଜିକ ବ୍ୟବସ୍ଥା, ସାଂପ୍ରତିକ ପରିସ୍ଥିତି ଜୀବନ ସାଥୀ ହେବାରେ ବାଧକ ହେଲା ଓ ଉଭୟଙ୍କର ମିଳାମିଶାକୁ ସମୟକ୍ରମେ ସେମାନେ ନାପସନ୍ଦ କଲେ । ଯେତେବେଳେ ବିବାହ ଯୋଗ୍ୟ ବୟସ ହେଲା ସେମାନଙ୍କ ମିଳାମିଶାକୁ ଉଭୟଙ୍କ ପରିବାର ଅନୁମତି ଦେଲେନି । ତ ସେମାନଙ୍କର ଦୋଷ କଣ ଥିଲା ଯେ ?

ପ୍ରେମ, ଭଲପାଇବା, ମନ ଦିଆନିଆ କଣ ଜାତିଆଣ ଭାବନାର ସୀମା ସରହଦର ଆକଟକୁ ମାନିବ ? ସବୁ ପରେ ବି ସାମାଜିକ ବ୍ୟବସ୍ଥା ସେମାନଙ୍କ ଭଲ ପାଇବାକୁ ମଞ୍ଜୁରୀ ଦେଲାନି ।

ହରିଆର ପରିବାର ତାର ମନ କଥା ନ ବୁଝି ତା ପ୍ରତିବାଦ ସତ୍ୱେ ଗୀତା ସହିତ ବିବାହ କରାଇ ଦେଇଥିଲେ । ସେହିପରି ସାରିଆର ବାହାଘର ମଧ୍ୟ ପାଖ ସହରରେ ଆକାଶ ସହ ହୋଇଥିଲା । ଆକାଶର ପରିବାର ବହୁତ ବଡ ଲୋକ, କଂପାନୀ ଚାକିରୀ କରି ମାସକୁ ଲକ୍ଷାଧିକ ଟଂକା ରୋଜଗାର କରନ୍ତି । ମାତ୍ର ସେ ଭୀଷଣ ମଦ୍ୟପଟିଏ । ବିବାହର ଦୁଇ ବର୍ଷ ମଧ୍ୟରେ କିଡନି ଜନିତ ଦୁରାରୋଗ୍ୟ କ୍ୟାନସରର୍ ପଡ଼ି ମାରା ପଡିଲା ସେ । ତ ଏଥିରେ ସାରିଆର ବା ଦୋଷ କେଉଁଠି ରହିଲା ? ମାତ୍ର ଶଶୁରଘର ଲୋକଙ୍କ ଆକ୍ରୋଶର ଶିକାର ହେବାକୁ ପଡିଲା ସାରିଆକୁ । ସେ କାଳେ ଅସତୀ, କୁଳଟା, ଡାହାଣୀ ପୁଣି ସ୍ୱାମୀର

 Magazine Downloaded from www.aahwaan.com

କଞ୍ଚା ବୟସରେ ସାରିଆ ହିଁ ଆକାଶକୁ ଖାଇଦେଲା । ସବୁ ପରେ ବି ବୈଧବ୍ୟର ତାଡନାକୁ ଟପି ଗଲା ଶାଶୁଶଶୁରଙ୍କ ଯୌତୁକ ନିର୍ଯାତନା । ମାନସିକ ତଥା ଶାରିରୀକ ନିର୍ଯ୍ୟାତନା ଦେଇ ଶେଷରେ ତାଙ୍କ ଘରୁ ବାହାର କରିଦେଲେ ସାରିଆକୁ । ତା ପରଠୁଁ ସାରିଆ ଆସି ବାପ ଘରେ ରହିଲା ।

ସେହିପରି ହରିଆର ପତ୍ନୀ ଗୀତା ବିବାହପରେ ଶୁଣିଲା ଯେ ତାର କୁଆଡେ ସାରିଆ ସହିତ ବିବାହ ପୁର୍ବରୁ ଅନୈତିକ ସଂପର୍କ ଥିଲା । ସେହି କାରଣରୁ ସେ ନିଜକୁ ହରିଆର ପରିବାର ସହ ଆଡଜଷ୍ଟ କରି ନ ପାରି  ବିବାହର କିଛି ଦିନ ପରେ ମିଥ୍ୟା ଯୌତୁକ ମାମଲା ଦେଇ ତା ବାପ ଘରକୁ ଚାଲି ଯାଇଛି ଯେ ଆଉ ଫେରିନି ।

ଏଭଳି ପରିସ୍ଥିତିରେ ସାରିଆ ଓ ହରିଆର ପୁଣି ଗାଁରେ ଦେଖା ସାକ୍ଷାତ ହୁଏ । ପୁରୁଣା କଥା ଗୁଡା ସେମାନଙ୍କର ସ୍ମୃତିକୁ ସତେଜ କରି ପକାଏ । ଉଭୟ ଉଭୟଙ୍କ ମଧ୍ୟରେ ସୁଖ ଦୁଃଖର କେତେକ ମୁହୁର୍ତ୍ତ ଗାଁ ଲୋକଙ୍କ ଦୃଷ୍ଟି ଗୋଚରକୁ ଆସେ । ତ ଗାଁ ଲୋକ ସାରିଆର ବୈଧବ୍ୟକୁ ସହାନୁଭୁତି ବଦଳରେ ତାର ଚରିତ୍ରକୁ ସଂହାର କରିବାରେ ଲାଗି ପଡିଲେ । ପରିଣାମ ହେଲା ଓଲଟା । ଗାଁ ମାଇପେ ଟୁପୁର ଟାପର ହେଲେ ସେମାନଙ୍କ ଚରିତ୍ରକୁ ନେଇ, କଥା କ୍ରମଶଃ ଗାଁ ମୁରବୀଙ୍କ କାନକୁ ଗଲା । ଗାଁରେ ନିଶାପ ବସିଲା, ସେମାନଙ୍କ ଚରିତ୍ରକୁ ନେଇ । ବିବାହିତ ହରିଆକୁ ଲାଞ୍ଛିତ, ଅପମାନିତ କରାଗଲା ନିଶାପରେ । ସାରିଆକୁ ମଧ୍ୟ ସମାନ ଭାବେ ପରକ୍ରିୟା ପ୍ରୀତିରେ ଜଡିତ କହି ଚରିତ୍ର ସଂହାର କରାଗଲା । କିଏ କେତେ ପ୍ରକାର ମତାମତ ଦେଲେ, ନାନା ଉପାୟରେ ହରିଆକୁ ଦଣ୍ଡିତ କରିବା ପାଇଁ । ଶେଷରେ ଗାଁ ମୁଖିଆ ସିଦ୍ଧାନ୍ତ ଶୁଣାଇଲେ ହରିଆ ରାତି ପାହିଲା ପୁର୍ବରୁ ଗାଁ ଛାଡି ଚାଲିଯିବ, ଆଉ ଗାଁକୁ ଯେମିତି କେବେ ବି ନ ଫେରେ । ବାପା ମାଆ ପରିବାର, ସଂପର୍କୀୟମାନେ କାନ୍ଦୁଥାନ୍ତି,

Magazine Downloaded from www.aahwaan.com

ହରିଆ ରାତିରେ ସେମାନଙ୍କ ନିକଟରୁ ସବୁଦିନ ପାଇଁ ବିଦାୟ ନେବା ସମୟରେ । ମାତ୍ର ସେମାନେ ନାଚାର, ଗାଁର ଖାପ ପଞ୍ଚାୟତର ସିଦ୍ଧାନ୍ତ ଯିଏ ନ ମାନିବ, ସେମାନଙ୍କୁ ମଧ୍ୟ ସମାନ ଦଣ୍ଡରେ ଦଣ୍ଡିତ କରାଯିବ । ସଭା ଶେଷରେ ସେଦିନ ଗାଁ ଲୋକମାନେ ଯିଏ ଯେମିତି ନିଜ ଘରକୁ ଚାଲି ଗଲେଣି । ହରିଆ ମଧ୍ୟ ନିଛାଟିଆ ଅଂଧାର ରାତିରେ ସେଦିନ ଘରୁ ନିକଟସ୍ଥ ଷ୍ଟେସନକୁ ଆସୁଥାଏ, ଚାଲି ଚାଲି ତାର ଠିକଣା ଖୋଜିବା ପାଇଁ । ପଛରୁ ଦେଖିଲା କେହି ଜଣେ ତା ଆଡକୁ ଦୌଡି ଦୌଡି ଆସୁଛି । ପାଦ ଶବ୍ଦ ଶୁଣି କିଛି ସମୟ ଅଟକି ଗଲା ସେ । ଦେଖିଲା କିଟି କିଟିଆ ଅନ୍ଧାର ରାତିରେ ସାରିଆ ତା ପାଖକୁ ଧାଇଁ ଆସିଛି, ସିଦ୍ଧାନ୍ତ ବି ନେଇଛି ସବୁଦିନ ପାଇଁ ତା ସହ ଏ ଅମଣିଷ ସ୍ୱାର୍ଥପର ସମାଜରୁ ନିଜକୁ ଦୁରେଇ ଦେଇ ହରିଆ ସହିତ ହାତରେ ହାତ ମିଶାଇ ବାକି ଜୀବନକୁ ବିତାଇବାକୁ । ଦୁହେଁ ମନସ୍ଥ କଲେ ଅନେକ ଦୁରକୁ ଚାଲିଯିବା ପାଇଁ, ଯେଉଁଠି ଏ ଖାପ୍ ପଞ୍ଚାୟତର କର୍ତ୍ତୃତ୍ୱ ନ ଥିବ କି ଅବିବେକୀ ସ୍ୱାର୍ଥପର ମଣି ଷ ଗୁଡା ନଥିବେ, ଦୁହେଁ ମିଶି ଏକ ସ୍ୱପ୍ନର ବାଇ ଟଢେଇର ବସା ବାନ୍ଧିବେ । ସେବେଠୁଁ ସୁଦୁର ସୁରଟକୁ ଚାଲି ଆସିଛନ୍ତି ଉଭୟ । ଆଜି ସମସ୍ତେ କଥା ହେଉଛନ୍ତି କଣ ଗୋଟେ ନୁଆ ଆଇନ ହେଲା, ପରକ୍ରିୟା ପ୍ରୀତି ଆଉ ଅପରାଧ ନୁହେଁ । ତାର ମନ କାହିଁକି ଆନ୍ଦୋଳିତ ହେଲା, ଏମିତି ଆଇନ ଯଦି ୨୦ ବର୍ଷ ତଳେ ହୋଇଥାନ୍ତା, ତେବେ ତାକୁ ହୁଏତ ଗାଁ ଛାଡିବାକୁ ପଡି ନଥାନ୍ତା କି ନିର୍ବାସନ ଦଣ୍ଡ ତାକୁ ଭୋଗିବାକୁ ପଡି ନଥାନ୍ତା । ମିଛ ପରକ୍ରିୟା ପ୍ରୀତିର ଛନ୍ଦି ହୋଇ ସେ ଯେଉଁ କଷ୍ଟ ପାଉଛି ସେ କଷ୍ଟ ଆଉ କାହାରିକୁ ଭଗବାନ ନ ଦିଅନ୍ତୁ । ମନେମନେ ଠାକୁରଙ୍କୁ ଗୁହାରୀ କରୁଥାଏ ସେ । ତାର ଭାବନାର ଅନ୍ତ ଘଟାଇ ସାରିଆ ସେଦିନ ରାତ୍ରୀ ଭୋଜନ ପାଇଁ ତାକୁ ଡାକିଥିଲା ।

ଆଇନଜୀବି, ଭଦ୍ରକ, ୯୪୩୭୧୨୮୪୧.

 Magazine Downloaded from www.aahwaan.com

# ପାୱାର୍ କଟ୍



ସୁଲଗ୍ନା ମହାନ୍ତି

ବାଙ୍ଗାଲୋରରେ ସେଦିନ ପାୱାର କଟ୍ । ଲୋଡ୍ ସେଡ଼ିଂ । ଆସିବ କେତେବେଳେ ଜଣାନାହିଁ । ତେବେ ରାସ୍ତାରେ ଘୋଷଣା କରି କରି ଗଲେ ବିଦ୍ୟୁତ ବିଭାଗବାଲା ଯେ କିଛି ସମୟ ଭିତରେ ଆସିଯିବ । କିନ୍ତୁ କେତେବେଳେ ? ସନ୍ଧ୍ୟା ହେଲାଣି । ଇନ୍‌ଭର୍ଟର ବି ଏବେ ବନ୍ଦ ହୋଇଗଲା ପୁରାପୁରି । ଘରେ ଲାଗିଛି ଗୋଟିଏ ଏମେର୍ଜେନ୍‌ସି ଲାଇଟ୍ ।

- ଏଡ଼େ ବଡ଼ ସିଟିରେ ପୁଣି ପାୱାର କଟ୍ ! ଏଇଠି ଏଇଦିନ ପାଇଁ କଣ ଆସି ରହିଥିଲୁ ଆମେ ? ଟିକିଏ ଅଧିକ ସୁଖ ସୁବିଧା ପାଇଁ ହିଁ ତ ନିଜ ରାଜ୍ୟ ଛାଡ଼ି ଏଠି ଆସି ରହିବା କଥା । ହେଲେ ଦେଖୁନ ଏଠି ବି ଶାନ୍ତି ନାହିଁ । ସେଇ ଲଣ୍ଡନ ଭଲ ଥିଲା । ବିରକ୍ତ ହୋଇ କହିଲା ପତ୍ନୀ ସୋନାଲି ।

- ହଉ, ହେଲା । ଏଇଠି ବସ । ଗପିବା । ଏମିତିରେ ତ କେବେ ସମୟ ମିଳୁନି । ସୋନାଲି ଉଦ୍ଦେଶ୍ୟରେ କହିଲା ସୁମିତ ।

- ବିରକ୍ତ ଲାଗୁଛି ମୋତେ । ଫୋନର ବ୍ୟାଟେରୀ ସରିବାକୁ ବସିଲାଣି । ୱାଇଫାଇ ଆସିବନି । ପୁଣି ମୋବାଇଲ ଡାଟା ଏତେ ସ୍ଲୋ । ଆସୁ ହିଁ ନାହିଁ ଜମାରୁ । କେତେବେଳୁ ନେଟ୍ କରିନି । କି ଫାଲତୁ ପାୱାର କଟ୍ ଇଏ ? ସୋନାଲି ଚିଡ଼ିଚିଡ଼ି ହେଉଥାଏ ।

ସୋନାଲିର କଥା ଶୁଣି ନିଜ ପାୱାର କଟର କାହାଣୀ ମନେ ପଡ଼ିଗଲା ସୁମିତର । ମନେ ପଡ଼ିଗଲା ବଲାଙ୍ଗୀରର ସେ ମାଇନର୍ ଇରିଗେସନ୍ କଲୋନୀ କଥା । ସେଇ ଛୋଟିଆ

 Magazine Downloaded from www.aahwaan.com

କଲୋନୀଟିରେ ପାୱାର କଟ୍ ଆଉ ତା'ଭିତରେ ଥିବା ପୁରୁଣା ସମ୍ପର୍କ କଥା । ଭାବିଲା ଆଜି ସୋନାଲିକୁ କହିବ ସେ ନିଜ ସାନ ବେଳର କଥା ।

ପଶ୍ଚିମ ଓଡ଼ିଶାର ଖରାଦିନ । ନାହିଁ ନଥିବା ତାତି । ରାତିରେ କିନ୍ତୁ ପବନ । ତେବେ ଥଣ୍ଡା ପବନ ନ ହେଲେ ବି ଝାଞ୍ଜି ନାହିଁ । କଲୋନୀ ଭିତରେ ଲାଗିଥିବା ୩-୪ ଗଛ ବି ଆଉ ପବନର ମାନ ଆଉଟିକେ ବଢ଼େଇଦିଏ । ରାତିରେ ୭ରୁ ୯ ଦୁଇ ଘଣ୍ଟା ପାୱାରକଟ୍ ।

ମା ଆଉ ବାକି ଘରର ମାଉସୀମାନେ ସନ୍ଧ୍ୟାସୁଦ୍ଧା ରନ୍ଧାବଢ଼ା ସାରି ବସିପଡ଼ନ୍ତି ବାରଣ୍ଡାରେ । ଫୁସଫୁସ୍ ହୋଇ ତାଙ୍କର କଥାବାର୍ତ୍ତା ଚାଲେ । କାହାଘରେ କଣ ହେଲା ଆଜି । ଆଜି କିଏ କଣ ରାନ୍ଧିଲା । କିଏ କାହାକୁ କଣ କହିଲା । କାହା ଶାଶୁଭଲ । କାହା ଭାଉଜ ଖରାପ । କିଏ କଣ ନୂଆ କିଣିଛି । କାହା ବାଡ଼ିରେ କି ଫଳ ଧରିଛି । ସବୁ ଗପର ପସରା ମେଲାହୁଏ ସେଇଠି ।

ସେପଟେ ସାମ୍ନା ଘର ବାରଣ୍ଡାରେ ବାପା ଆଉ କେତେଗୁଡ଼ିଏ ମଉସାଙ୍କର ହାଟ ବସିଥାଏ । ଦେଶ ବିଦେଶର ଅନେକ କଥାର ଚର୍ଚ୍ଚା । ସବୁ ଚର୍ଚ୍ଚା ସେଇଠି । ବିଲ୍ କ୍ଲିଣ୍ଟନ୍ କଣ୍ଟ୍ରୋଭର୍ସି ପରି ତା'ର ଏବେ କଣ ହେବ । ଅଟଳ ବିହାରୀ ବାଜପେୟୀ ଗୋଟେ ଭଲ ଲୋକ ହେଲେ କଣ ହେବ ? ମେଜୋରିଟି ଭୋଟ ତ ମିଳୁନି । ସେଇ କଂଗ୍ରେସ୍ ଆସିଯିବ ପୁଣି । ବଲାଙ୍ଗିରର ଟ୍ୟୁସନ୍ ମାଷ୍ଟର ମାନେ ପଇସା ଲୁଟିବା ଆରମ୍ଭ କଲେଣି ଏବେ । ଏଇ ବର୍ଷ ଲାଇଟ୍ ପ୍ରବ୍ଲେମ୍ ପରେ ପାଣି ପ୍ରବ୍ଲେମ୍ ବି ଦେଖା ଦେଇପାରେ ।

ବାରଣ୍ଡାର ସେପଟ କଣ ହେଲା କଲେଜ ପଢୁଆ ଅପାମାନଙ୍କର ଆଡ୍ଡା ସ୍ଥଳୀ । ସେଠି ତାଙ୍କର ଚାଲେ ସବୁ ପ୍ରେମଗପ । କିଏ କାହାକୁ ଲାଇନ୍ ମାରିଲା । କିଏ କାହାକୁ ଲଭ୍ ଲେଟର୍ ଦେଲା । କୋଉ ପୁଅ କୋଉ ଝିଅ ପଛରେ କଲେଜରୁ ସାଇକେଲ୍ ଚଲେଇ ଚଲେଇ

 Magazine Downloaded from www.aahwaan.com

ଘରଯାଏଁ ପିଛାକଲା । କିଏ କାହାକୁ ଖୁବ୍ ଶୀଘ୍ର ପ୍ରପୋଜ୍ କରିବାକୁ ଯାଉଛି । କୋଉ କ୍ଲାସରେ ନୁଆ ହ୍ୟାଣ୍ଡସମ୍ ଲେକ୍‌ଚରଟିଏ ଆସିଛି । କଲେଜରେ କେମିତି କୋଉ ଝିଅ ନାଁ + କୋଉ ପୁଅ ନାଁ = ଛୁଆ ଲେଖା ହେଲାଣି । ଏମିତି ଗୁଡ଼ାଏ ମସଲାଦାର ଖବର ।

ସେଇ ଟିକେ ଦୂରରେ ପଛପଟ କାନ୍ଥରେ ଡେଇ ଦେଇ ଠିଆ ହୋଇଥିବେ ହିରୋମାର୍କା ଭାଇମାନେ ଏଇ କଲୋନୀର । ସେମାନେ ଗପୁଥିବେ କେମିତି ଦିବ୍ୟାଭାରତୀ ମଲାପରେ ହିନ୍ଦୀ ସିନେମାରେ ଆଉ କେହି ସୁନ୍ଦର ହିରୋଇନ୍ ନାହାନ୍ତି । କାଜଲ ସୁନ୍ଦର ନୁହେଁ କିନ୍ତୁ ବଢ଼ିଆ ଆକ୍ଟିଂ କରୁଛି ବୋଲି ଚଳିଯାଉଛି । ଅମିତା ବଚନ ପରେ ଖାଲି ଶାରୁ ଖାଁ ହିଁ ସୁପରଷ୍ଟାର୍ । ସେ ପ୍ରଭୁଦେବାର ଦେହରେ କୁଆଡ଼େ ଗୋଟିଏ ବି ହାଡ଼ ନାହିଁ । ତା'ପରେ କିଛି ଗୋଟେ ଗୁପ୍‌ଚୁପ୍ କଥା ହେଇ ଖେଁ ଖେଁ ହସ ।

ଆଉ ସେତେବେଳେ ସେଇ ସମୟ ଥାଏ ସୁମିତ ଆଉ ତା' ବୟସର ସାଙ୍ଗମାନଙ୍କ ପାଇଁ ଲୁଚକାଳିର ସମୟ । ଅନ୍ଧାରରେ ଯିଏ ଯୋଉଠି ଲୁଚି ପାରିଲା । ଲୁଚକାଳି, ବିଷ ଅମୃତ, ପାହାଡ଼ପାଣି ଏମିତି କେତେ କଣ ଖେଳ । ସେଇଠି କେତେ ପିଟାମରା । ମାଡ଼ଗୋଳ । କେତେ କଟି । କେତେ ମିଟି । ପୁଣି କେତେବେଳେ ଅଂତାକ୍ଷରୀ ଖେଳ ହେବ । ସମସ୍ତେ ମିଶିବେ ସେଇଠି । ମଉସା ମାଉସୀ । ଅପା ଭାଇ ସମସ୍ତେ । ଲାରେଲାପା ଲାରେଲାପା ଡାକେ ଠେକୁଆ । ଠେକୁଆର ବଡ଼ଭାଇ ଭକୁଆ ।

ସେଇ ପାଙ୍ଗାର କଟ୍‌ରେ ଲୁଚକାଳି ଖେଳି ଖେଳି ବଡ଼ ହେଲ ସୁମିତ । ବଡ଼ ହେଇ ସେଇ କାନ୍ଥରେ ଡେରା ଦେଇ ଠିଆ ବି ହେଲା । ସେମିତି ଠିଆ ହୋଇ ପାଙ୍ଗାର କଟ୍‌ର ଜଣଙ୍କ ପାଉଁଜି ଶବ୍ଦକୁ ଅପେକ୍ଷା କରୁଥିବା । ଅନ୍ଧାରରେ ସେଇ ଶବ୍ଦ ଶୁଣିଲେ ଖଣ୍ଡିକାଶ ମାରୁଥିଲା । ତା' ଖଣ୍ଡିକାଶ ଶୁଣି ପାଉଁଜିଟି କାହିଁକି କେଜାଣି ଆହୁରି ଅଧିକ ରୁଣୁଝୁଣୁ କରୁଥିଲା । କିନ୍ତୁ

 Magazine Downloaded from www.aahwaan.com

ଆଶ୍ଚର୍ଯ୍ୟର କଥା ଦିନ ଆଲୁଅରେ ସେଇ ପାଉଁଜି ତାକୁ ନ ଚିହ୍ନିଲା ଭଳି ବାଟକାଟି ଚାଲି ଯାଉଥିଲା । ସାମ୍ନାରେ ଦେଖିଲେ ଆଖି ତଳକୁ କରି ଦେଉଥିଲା । ଦିନ ଆଲୁଅରେ ସେଇ ପାଉଁଜି ଶବ୍ଦ ଅଲଗା ଶୁଭୁଥିଲା ଆଉ ପାଞ୍ଚାରକଟ୍ ବେଳେ ଅଲଗା ଶୁଭୁଥିଲା । ତେଣୁ ସବୁଦିନ ସନ୍ଧ୍ୟାରେ ସେଇ ପାଞ୍ଚାରକଟ୍‌କୁ ଜବି ବସୁଥିଲା ସୁମିତ ।

ତେବେ ପରବର୍ଷ ଖରାଦିନିଆ ପାଞ୍ଚାର କଟ୍ ବେଳକୁ ବଦଳି ହୋଇ ଅନ୍ୟ ସହରକୁ ଚାଲି ଯାଇଥିଲା ରୁଣୁଝୁଣୁ ହେଉଥିବା ପାଉଁଜ ଯୋଡ଼ିକ ଆଉ ସୁମିତ ବି ଆସିଯାଇଥିଲା ଭୁବନେଶ୍ୱର କୋଚିଂ ପାଇଁ । ତା'ପରେ ଭେଲୋରରେ ପାଠପଢ଼ା । ବଲାଙ୍ଗୀରରୁ ଭେଲୋର । ତା'ପରେ ମୁମ୍ବାଇ । ତା'ପରେ ଲଣ୍ଡନ । ତା'ପରେ ଏବେ ବାଙ୍ଗାଲୋର । ସାରା ଦୁନିଆ ବୁଲି ବୁଲି ସୁମିତ୍ ଭୁଲିଯାଇଥିବା ପାଞ୍ଚାର କଟ୍ ବୋଲି କିଛି ଗୋଟିଏ ଛୋଟ ସହରିଆ ଜିନିଷ ଅଛିବୋଲି ।

ତେବେ ଆଜି ଏଇ ପାଞ୍ଚାର କଟ୍ ପରେ ବହୁତ ଦିନପରେ ସୁମିତ ନିଜେ ସେଇ ପିଲାବେଳକୁ ଫେରିଗଲା । ଭାବିଲା ଆଜି ଗପିବ ସୋନାଲି ସହ । କିଛି କିଛି ପୁରୁଣା କଥା କହିବ ବି ସୋନାଲିକୁ । ମନେ ପକେଇବ କେତେ ସୁନ୍ଦର ଥିଲା ସେଇ ଦୁଇଘଣ୍ଟାର ସମୟ । ଜୀବନ ତାଙ୍କୁ ସମୟ ଦେଉଥିଲା କିଛି ସମୟ ପରସ୍ପର ସାଙ୍ଗରେ ବିତେଇବା ପାଇଁ । ପରସ୍ପରର ଦୁଃଖସୁଖ ବାଣ୍ଟିବା ପାଇଁ । ସେଇ ଦୁଇଘଣ୍ଟାର ଖଟିଗପରେ ଲୋକ ଭୁଲିଯାଉଥିଲେ ତାଙ୍କ ଜୀବନର କଷଣ । ପୁଣି ନିଜକୁ ତିଆରି କରୁଥିଲେ ଆସନ୍ତା କାଲିର ସଂଘର୍ଷ ପାଇଁ ।

- ଜାଣିଛ ସୋନାଲି ମୁଁ ସାନ ଥିବାବେଳେ... । ଆରମ୍ଭ କଲା ସୁମିତ । ହଠାତ୍ ସୁମିତକୁ ଚମକେଇ ଦେଇ ବିଜୁଳିବତୀ ଜଳି ଉଠିଲା ଡ୍ରଇଁ ରୁମରେ । ଫ୍ୟାନଟା ଘୁରିବା ଆରମ୍ଭ

 Magazine Downloaded from www.aahwaan.com

କରିଦେଲା । ଫ୍ରିଜ୍ ଷ୍ଟାବିଲାଇଜର୍ ଘୁଁ ଘୁଁ ଶବ୍ଦ ଶୁଣାଗଲା ।

- ଆସିଗଲା... ! ! ! ଛୁଆଙ୍କ ଭଳି ପାଟିକରି ଉଠିଲା ସୋନାଲି । ଦୌଡ଼ିଯାଇ ଫୋନ୍ ଚାର୍ଜରେ ବସେଇଦେଲା । ଆଉ ତା'ପରେ ଫୋନରେ ନେଟ୍ ଲଗେଇ ନିଜ ଦୁନିଆରେ ମଗ୍ନ ହୋଇଗଲା ।

ସୁମିତ ସେଇଠି ସେଇମିତି ବସି ରହିଥାଏ । ସେଇମିତି ସୋନାଲିକୁ ଦେଖୁଥାଏ ଆଉ ଭାବୁଥାଏ ବଲାଙ୍ଗିରର ସେଇ ମାଇନର୍ ଇରିଗେସନ୍ କଲୋନୀର ଖରାଦିନିଆ ପାୱାରକଟ୍ କଥା । ସୁମିତର ମନେ ଅଛି ସାନ ଥିଲାବେଳେ ପାୱାର ଆସିଗଲା ପରେ ସେ କେତେ ଖୁସି ହେଉଥିଲା । ଟିଭି ଦେଖିବ । ସିରିଏଲ୍ ଦେଖିବ । ଫିଲିମ୍ ଦେଖିବ । ହେଲେ ଆଜି ? ଆଜି କାହିଁକି ପାୱାର ଫେରି ଆସିବା ପରେ ତାକୁ ଜମା ବି ଖୁସି ଲାଗୁନଥିଲା । ଭାବୁଥିଲା ସେଇ ପାୱାର୍ କଟ୍ ହେଲେ ସମ୍ପର୍କ ଗୁଡ଼ାକ ଯେମିତି ଆହୁରି ପାଖକୁ ଆସି ଯାଉଥିଲେ । ଆଉ ଆଜି ? ଆଜିର ମୋବାଇଲ୍ ଯୁଗରେ ପାୱାର ଫେରି ଆସିଲେ ସମ୍ପର୍କ ଗୁଡ଼ାକ ଯେମିତି ପରସ୍ପରଠାରୁ ଦୂରେଇ ଚାଲି ଯାଉଛନ୍ତି ।

ସହକାରୀ ଅଧ୍ୟାପିକା, ଅମୃତା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ

ଅମୃତା ବିଶ୍ୱବିଦ୍ୟାଳୟ, କୋଇମ୍ବାଟୁର୍, ତାମିଲନାଡୁ

ଭ୍ରାମ୍ୟଭାଷ : ୦୭୭୪୯୯୯୫୩୬୬

ଇମେଲ୍ : sulagna2008@gmail.com

Magazine Downloaded from www.aahwaan.com

# ନଗଡ଼ା ଉପାଖ୍ୟାନ



ଶିଶିର କୁମାର ଚୌଧୁରୀ

ଲେଖକ ବନ୍ଧୁ ଫୋନରେ ପଚାରିଲେ, "ଆପଣଙ୍କ ଘର ପାଖରୁ ନଗଡ଼ା କେତେ ବାଟ ?" କହିଲି, ଏଇ ୪୫/୫୦ କିଲୋମିଟର ହେବ । "ଆପଣ କଟକ, ଭୁବନେଶ୍ୱର ଆସୁଛନ୍ତି, କୋଣାର୍କ ପାଖ କଳକୀ ଯୋଗାଶ୍ରମକୁ ଆସୁଛନ୍ତି । କିନ୍ତୁ ଅପପୁଷ୍ଟିର ଇଲାକା ନଗଡ଼ା ଆପଣଙ୍କ ଘରଠୁଁ ଏତେ ପାଖରେ ହୋଇ ମଧ୍ୟ ଯାଉନାହାନ୍ତି କେମିତି ?"

ନଗଡ଼ା ଯାଇ ନଥିବାରୁ ଦୁଃଖ ଲାଗିଲା । ବନ୍ଧୁଙ୍କୁ ଉତ୍ତର ଦେଲି, "ନଗଡ଼ା ସମସ୍ୟା କେବଳ ସେଇ ପାହାଡ଼ ଉପରର ସମସ୍ୟା ନୁହେଁ । ଏହା ସାରା ଦେଶର ସମସ୍ୟା, ସାରା ସମାଜର ସମସ୍ୟା । ମଣିଷ ଯେତେ ଧନୀ ହେଉଛି, ସେତେ ସେତେ ନଗଡ଼ା ସୃଷ୍ଟି ହେଉଛି ।"

ଆମ ଘରଠୁ ଅଢ଼େଇ କିଲୋମିତର ଦୂରରେ ଆମର କାଜୁ ଫାର୍ମ୍ ଅବସ୍ଥିତ । ୨୦/୨୨ ବର୍ଷ ତଳେ ପଥୁରିଆ ପଡ଼ିଆ ଅରଣା ହୋଇ ପଡ଼ିଥିଲା । ସେଠାରେ ପାଖାପାଖି ୧୨୦୦ ଗଛ କାଜୁ ଓ ୬/୭ ହଜାର ୟୁକାଲିପଟାସ୍ ଗଛ ଲଗାଗଲା । ବର୍ଷେ ମଧ୍ୟରେ ଯାଗାର ଚେହେରା ବଦଳିଗଲା, ଅପନ୍ତରା ଭୂମିରେ ଘାସର ଗାଲିଚା ବିଛେଇ ହୋଇଗଲା । କିଛି ବର୍ଷ ମଧ୍ୟରେ ପଡ଼ା ଗାଁଟିର ଆରମ୍ଭ ହେଲା । ସେଠାକାର ଟିକି ଟିକି ପିଲାମାନେ କାଜୁବାଡ଼ିରେ କାଜୁଫୁଲ୍ ଖାଇକୁ ବୁଲନ୍ତି । ରୋଷେଇଆ ଓ ଜଗୁଆଳ ମାନଙ୍କର ମଧ୍ୟ ଛୋଟ ଛୋଟ ବୋଲହାକ କରନ୍ତି ।

ଥରେ ରୋଷେଇଆକୁ କହିଲି, "ଏଇ ଛୁଆଙ୍କୁ କ'ଣ ଟିକେ ଖାଇବାକୁ ଦିଅନା ।"

 Magazine Downloaded from www.aahwaan.com

ଉଦୁଉଦିଆ ଖରାବେଳ, ସେମାନେ ଆଗ୍ରହର ସହ ଖାଇବାକୁ ବସିଲେ । ସେମାନଙ୍କୁ ଭାତ ସାଙ୍ଗରେ ଲୁଣ ଲଙ୍କା ଦେଇ ରୋଷେଇ ଖାଇବାକୁ କହିଲା । ସେ ତର୍କାରୀ ଦେଉ ଦେଉ ଛୁଆମାନେ ସବୁ ଭାତକୁ ଲୁଣ ଲଙ୍କା ସାଙ୍ଗରେ ଖାଇଦେଇ ପାଣି ପିଇ ଡିଆଁ ମାରି ଚାଲିଗଲେ । ମୁହଁରେ ତାଙ୍କର ତୃପ୍ତିର ହସ । କିଛି ସମୟ ପରେ ଦେଖିଲା ବେଳକୁ ସେହି ଛୁଆମାନେ ଯାଇ ଆମ ବନ୍ଧ ପାଣିରେ ଖୁସିରେ ପହଁରୁଛନ୍ତି । ମୁହଁରେ ଖୁସିର ଲହରୀ, ସତେ ଯେପରି ଗୋଟେ ବଡ଼ ଭୋଜି ଖାଇଛନ୍ତି । ମନକୁ ପ୍ରଶ୍ନ ଆସିଲା, ଏମାନେ ଘରେ କଣ ଖାଆନ୍ତି ? ଏମାନଙ୍କ ଖାଦ୍ୟ ପ୍ରଣାଳୀ କଣ ? କେମିତି ଏମାନେ ଏତେ ସୁସ୍ଥ ସବଳ ହୋଇଛନ୍ତି ? ଏହି ଉହଡହିଆ ଖରାବେଳେ ଏତେ କାର୍ଯ୍ୟକ୍ଷମ ହେଉଛନ୍ତି । ପାଣିରେ ପହଁରୁଛନ୍ତି ଯେ ଘଣ୍ଟେ ଦି ଘଣ୍ଟା ପର୍ଯ୍ୟନ୍ତ ପାଣିରୁ ବାହାରୁନାହାନ୍ତି । ଏମାନଙ୍କ ଦେହରେ ଏତେ ବଳ କେଉଁଠୁ ଆସୁଛି । କିଏ ଭରିଛି ୟାଁଙ୍କ ଦେହରେ ଏତେ କାର୍ଯ୍ୟକ୍ଷମତା ।

ସେମାନେ ଫଳାନ୍ତି ବାଇଗଣ, ମକା, ଜହ୍ନି, ଭେଣ୍ଡି, କୁନ୍ଦୁରୀ । ବଣରୁ ସଂଗ୍ରହ କରନ୍ତି କାଙ୍କଡ, ଅଷାଢୁଆ ଆଦି ପରିବା । ତାକୁ ପାଖ ହାଟ ବଜାରରେ ବିକନ୍ତି । କିନ୍ତୁ ଖାଆନ୍ତି ହାଣ୍ଡିଆ, ତା ସାଙ୍ଗକୁ ଶୁଜୁନା ଶାଗଭଜା । ଭାତରାନ୍ଧି ସେଥିରେ ବାଖର ମିଶାଇ (ଧଳା ଧଳା ବଟିକା) ହାଣ୍ଡିଆ ଓ ରସି ତିଆରି କରନ୍ତି । ତାକୁ ଖାଇଦେଇ ଶାନ୍ତିରେ ଶୋଇଯାଆନ୍ତି ।

ନଗଡ଼ା ଭଳି ଓଡ଼ିଶାରେ ବହୁତ ଅଗମ୍ୟ ଇଲାକା ଅଛି, ଯେଉଁଠି ସବୁ ଅପହଞ୍ଚ । ଏମାନଙ୍କ ଘର ପାଇଁ ସ୍ୱତନ୍ତ୍ର ଯୋଜନା ଦରକାର ଏବଂ ତାକୁ କାର୍ଯ୍ୟକାରୀ କରିବା ପାଇଁ ତ୍ୟାଗୀ, ନିଷ୍ଠାପର ଓ ସଚ୍ଚୋଟ ବ୍ୟକ୍ତି ଦରକାର ।

ଏ କ୍ଷେତ୍ରରେ ସ୍ୱର୍ଗତଃ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ କଥା ମନେପଡ଼େ । ଯେ ନିଜ ଜୀବନକୁ ବାଜି ଲଗାଇ ଫୁଲବାଣୀର ଅଗମ୍ୟ ଇଲାକାରେ ପରିବର୍ତ୍ତନ ଆଣିଥିଲେ । ଆଦିବାସୀ କନ୍ଧ

 Magazine Downloaded from www.aahwaan.com

ପିଲାଙ୍କୁ ଆଖି ଆଗରେ ରଖି ପାଠପଢ଼ାର ବ୍ୟବସ୍ଥା କରି ଯାଇଥିଲେ । ଏମାନଙ୍କ ମୁହଁରେ ସଂସ୍କୃତ ଶ୍ଳୋକ ଶୁଣାଇଲେ ।

ସେ ଦିନ କଥା ପ୍ରସଙ୍ଗରେ ସହକର୍ମୀ ଦଶରଥବାବୁ କହିଲେ, ନଗଡ଼ାର ଲୋକମାନେ କିଭଳି ଏଲୋପାଥିକ୍ ଔଷଧ ଖାଉନାହାନ୍ତି ।

ସେମାନେ ପାରମ୍ପାରିକ ଚେରମୂଳ ଔଷଧ ଖାଇବେ । କହିଲି, "ସେମାନେ ଠିକ୍ କରୁଛନ୍ତି । ଯେଉଁଥିରେ ଯେଉଁ ରୋଗ ଭଲ ହେବାର ପ୍ରମାଣ ଅଛି, ତାହା ନ ଖାଇ ଇୟାଡୁ ସିୟାଡୁ ଖାଇଲେ କଣ ହେବ ? ଥଣ୍ଡଜ୍ୱରରେ ଘିଅରେ ହଳଦୀ ଗୁଣ୍ଡକୁ ଭାଜି ଖାଇଲେ ଭଲ ହେବ, ବା ଅଦାଲୁଣ ଟିକିଏ ଖାଇଲେ ଉପସମ ହେବ ଅଥବା ଗରମ ପାଣିରେ ଲେମ୍ବୁରସ ମିଶାଇ ଖାଇଲେ ଥଣ୍ଡା, ଶର୍ଦ୍ଦିରେ ଖୁବ୍ ଶୀଘ୍ର ଭଲହେବ । ଯେଉଁ ଲୋକ ଏହି ବ୍ୟବସ୍ଥା ପରଖିଛନ୍ତି, ସେମାନେ କାହିଁକି ଏଲୋପାଥିକର ଅନ୍ଧଗଳିରେ ପାଦଦେବେ ?

ନଗଡ଼ାର ଜନସାଧାରଣଙ୍କ ନିଷ୍ପତ୍ତି ପୁରାପୁରି ଠିକ୍ । ଆୟୁଷ ଡାକ୍ତରମାନେ ତ ଆୟୁର୍ବେଦ ଚିକିତ୍ସା କରିଥା'ନ୍ତି, ତେଣୁ ଏ କ୍ଷେତ୍ରରେ ଠିକ୍ ବ୍ୟବସ୍ଥା ହୋଇପାରିବ ।"

ଘରେ ପହଞ୍ଚିବା ବେଳକୁ ପୁପୁନି ଆସି ପହଞ୍ଚିଲା, ସେ ସାନପୁଅ ସିପୁର ସାଙ୍ଗ । କ୍ଲବର ପିଲାମାନଙ୍କ ସାଙ୍ଗରେ ନଗଡ଼ା ଯାଇଥିଲା, ଫେରିଛି । ସେ କହୁଥାଏ, " ମଉସା ନଗଡ଼ାର ପରିବେଶ ବହୁତ ଭଲ । ପାହାଡ଼ ଉପରେ ଖୋଲା ଆକାଶ, ଭଲ ଜଳବାୟୁ; ବେଶ୍ ଭଲ ଲାଗିଲା ।" ପଚାରିଲି, "ସେଠି ଚାଷବାସ କ'ଣ ?" କହିଲା, "ଏବେ ପାଳଧାନ, ଖସା, ହରଡ଼ ସବୁ ଚାଷ ହୋଇଛି । ଗାଇ, ଘୁଷୁରୀ, ଛେଳି, ମେଣ୍ଢା ବି ଲୋକେ ପାଳନ କରୁଛନ୍ତି । ସେଠି ଝରଣା ପାଣିରେ ଗାଧୁଆ, ସେଇ ପାଣିରେ ଘୁଷୁରୀ ବି ବୁଡ଼ ପକାଇଛନ୍ତି । ତେଣୁ ଟିକିଏ ବେଶୀ ଅସୁବିଧା ହେଉଛି ।"

 Magazine Downloaded from www.aahwaan.com

ପୁପୁନି କହୁଥାଏ ରାସ୍ତାଘାଟ ନାହିଁ, ଗଛ ଭାଙ୍ଗି ପଡ଼ିଥାଏ, ସେଥିରେ ବହୁକଷ୍ଟରେ ଗଳିକି ଗଲୁ । ସେଠି ସ୍କୁଲ୍ ନାହିଁ, ଲୋକମାନେ ସାଧାରଣତଃ ଅଶିକ୍ଷିତ । ଅଙ୍ଗନବାଡ଼ି ମହିଳା ଗୋଷ୍ଠୀ ବି ନାହିଁ । ସେ ଦୁଃଖ କରୁଥାଏ । ଅଳ୍ପ ବୟସରେ ବାହାଘର, ଛୁଆପିଲା ବହୁତ । ଦାୟିତ୍ୱ ନେବାକୁ କିଛି ସୁବିଧା ନାହିଁ । ରୋଜଗାରର ବି ସେମିତି କିଛି ନିର୍ଦ୍ଦିଷ୍ଟ ପନ୍ଥା ନାହିଁ । ଶୀତଦିନେ ସୋରିଷ ହୁଏ । ବର୍ଷାଦିନେ ଏଇ କିଛି କିଛି ଖସା, ମକା, ପାଳଧାନକୁ ନେଇ ସେମାନେ ଚଳନ୍ତି । ହାଣ୍ଡିଆ ମୁଖ୍ୟ ଖାଦ୍ୟ ।

ବଡ଼ପୁଅ ରାଜୁ ପଚାରିଲା, ଆରେ ପୁପୁନି, ସେଠି ଆଉ କଣ ସବୁ ଚାଷ ହୋଇପାରିବ ? ହଁ ନନା, ସେଠି ବର୍ଷା ଦିନିଆ ଫୁଲକୋବି, ବନ୍ଧାକୋବି, ବିଲାତିବାଇଗଣ ଆଦି ଅର୍ଥକାରୀ ଫସଲ ହୋଇପାରନ୍ତା । ପାହାଡ଼ ତଳେ ଥିବା ଦେବୀ ଖଣ୍ଡୁରୀଙ୍କ ଆଦ୍ୟ ପୀଠ ଦେଓ ଗାଁ ଠାରେ ବା କାଳିଆପାଣିରେ, କଳାରଙ୍ଗୀରେ ଟାଟା ହାଟରେ ସେ ସବୁ ପରିବା ବିକି ସେମାନେ ଭଲ ଦି’ ପଇସା ରୋଜଗାର କରିପାରନ୍ତେ ।”

କାଲି ଆମ ଅଫିସକୁ ଶୁରବାବୁ ଆସିଥିଲେ । ତାଙ୍କୁ ନଗଡ଼ା ବିଷୟରେ ପଚାରିଲି ଓ ସେ କହିଲେ, ୨୦୦୨ ମସିହାରେ ସୁକିନ୍ଦା ବ୍ଲକରେ ଠିକାଦାରୀ କାମ କରୁଥିଲେ । ଯାଜପୁରର ତତ୍କାଳୀନ ଏସ୍‌ଡିଓ ଶ୍ରୀଯୁକ୍ତ ଏସ୍.ବି. ଅଗ୍ନିହୋତ୍ରୀଙ୍କ ସାଙ୍ଗରେ ନଗଡ଼ା ପାର ହୋଇ ତାପର ଗାଁ ଗୁହ୍ୟଶାଳକୁ ଯାଇଥିଲେ । ଭାରି କଷ୍ଟବାଟ । ଉଠାଣି ଗଡ଼ାଣି ପୁଣି ସମତଳ । ପାହାଡ଼ ବାଟରେ ଦେଓଗାଁ ପାଖରୁ ନଅ କିମି ଯିବାକୁ ହେଲା । ସେଠି ଲୋକମାନେ ଲଙ୍ଗଳା ପ୍ରାୟ । ସେମାନଙ୍କୁ ଲୁଗାପଟା ବାଣ୍ଟିବାକୁ ଯାଇଥିଲୁ ।

ଶୁରବାବୁଙ୍କ ଠାରୁ ଶୁଣିଲି ଏବେ ନଗଡ଼ାରେ ୧୪୦ ଘରେ ସୋଲାର୍ ଫ୍ୟାନ୍ ଲଗାଯାଇଛି । ଲୋକମାନେ ଆଗ୍ରହରେ ଫ୍ୟାନ୍ ଲାଇଟକୁ ନିରୀକ୍ଷଣ କରୁଛନ୍ତି । ତିନୋଟି

 Magazine Downloaded from www.aahwaan.com

ଅଙ୍ଗନବାଡ଼ି କେନ୍ଦ୍ର ଖୋଲାଯାଇଛି । ପ୍ରତିଦିନ ସ୍ଥାନୀୟ ପ୍ରଶାସନ ତଥା ରାଜ୍ୟ ବା କେନ୍ଦ୍ରର କେହି ନା କେହି ଉଚ୍ଚପଦସ୍ଥ ଅଧିକାରୀ ସେଠାକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି । ରାସ୍ତାକାମ ଚାଲିଛି । ଏ ସବୁ ଗହଳି ଚହଳି ପ୍ରାୟ ମାସେ ପର୍ଯ୍ୟନ୍ତ ଚାଲିବ ।

କିନ୍ତୁ ମାସେ ପରେ କ'ଣ ହେବ ? ଆରମ୍ଭ ହୋଇଥିବା କାର୍ଯ୍ୟଗୁଡ଼ିକୁ ନଗଡ଼ାରେ ଆଗେଇ ନେବାକୁ ତଥା ତାଙ୍କର ଦୁଇ ମୁଖ୍ୟ ସମସ୍ୟା ଯଥା ଅଳ୍ପ ବୟସରେ ବାହାଘର ଏବଂ ଅଶିକ୍ଷା ବିରୁଦ୍ଧରେ ଲଢ଼ିବା ପାଇଁ ସୁଚିନ୍ତିତ ଯୋଜନା କରି ତାକୁ ଫଳପ୍ରଦ କରିବ କିଏ ? ଶ୍ରୀଯୁକ୍ତ ଅଗ୍ନିହୋତ୍ରୀଙ୍କ ପରି ଦାୟିତ୍ୱ ସଂପନ୍ନ ଅଧିକାରୀ ମିଳିଲେ ହୁଏତ କିଛି ହୁଅନ୍ତା । ଉଣେଇଶି ଶିଶୁଙ୍କ ଅପପୁଷ୍ଟି ଜନିତ ମୃତ୍ୟୁ ହୁଏତ ଖାଲି ସୋଲାର୍ ଆଲୁଅରେ ନୁହେଁ ଶିକ୍ଷାର ଆଲୋକରେ ଅନ୍ତ ହୋଇପାରନ୍ତା । ନଗଡ଼ାକୁ ଆଧାର କରି ଓଡ଼ିଶାରେ ଥିବା ହଜାର ହଜାର ନଗଡ଼ାରେ ବିକାଶର ସୂର୍ଯ୍ୟୋଦୟ ହୁଅନ୍ତା ।

ସେଥିପାଇଁ ପ୍ରଭୁଙ୍କ କରୁଣା ଲୋଡ଼ା ।

ଗ୍ରା : ମାନପୁର, ଗୋବର୍ଦ୍ଧନପୁର, ଯାଜପୁର

 Magazine Downloaded from www.aahwaan.com

# ପୂର୍ଣ୍ଣ ଅପୂର୍ଣ୍ଣ



ସ୍ମୃତିରେଖା ମିଶ୍ର

—କେତେ ?

— ଶହେ ଦୁଇ !

— ଭଲ ! ଖୁବ୍ ଭଲ ! ଏଇମିତି ବଢୁଥାଉ !

—ତୁମ ମୁଣ୍ଡ ଖରାପ କି ? ? ଉଠ ଏଥର ଔଷଧ ଖାଇବାକୁ ହେବ ! !

— ନା ! ଲୋଡ଼ା ନାହିଁ ! ଟିକେ ବି ଉଠିବାକୁ ବଳ ନାହିଁ ଦେହରେ !

— ଛୁଆଙ୍କ ପରି ଜିଦ୍ କରନି !

— ଶୁଣ ! ଗୋଟାଏ ସର୍ତ୍ତ, ଗପଟେ କହିବ ଯଦି କଥା ମାନିବି ! ନହେଲେ ଏଇମିତି ଶୋଇଥିବି ଶେଷ ଯାଏଁ !

ଋତୁ ସବୁବେଳେ ଏମିତି, ଋତୁ ପରି ଆନମନା, ଅମାନିଆ ପୁଣି ଜିଦ୍ ଖୋର୍ । ତାକୁ ବୁଝିବା ଯେତିକି ସହଜ, ବୁଝେଇବା ସେତିକି କଷ୍ଟ ! ତା' ପ୍ରେମ, ରାଗ, ମାନ ଅଭିମାନ ଆଉ ଜିଦ୍ ସବୁ ଆଗରେ ନିରବ ହାରଟାଏ ମାନିବା ଛଡା ଭିନ୍ନ ବାଟ ନଥାଏ ଆଶିଷ ପାଖରେ ! ତା'ଛଡା ସ୍ୱାମୀ ଜଣେ, ପ୍ରେମିକ ହେବା ନିମନ୍ତେ, କିଛି କଥାରେ ହାର୍ ମାନି ନେବାରେ ଥାଏ ସୁଲଭ ସହଜ ଉପାୟ !

ଅଗତ୍ୟା ଗପଟାଏ କହିବାର ପ୍ରତିଶୃତି ଦେଇ, ବହୁ କଷ୍ଟରେ ଖାଦ୍ୟ ଆଉ ଔଷଧର ପର୍ବ ସରିଲା ! ଏଥର ଗପଟାଏ କହିବାକୁ ହେବ ଋତୁକୁ ନିହାତି । ଆଶିଷକୁ କୋଉ ଗପକହି ଆସେ ଯେ ? ?

 Magazine Downloaded from www.aahwaan.com

କିନ୍ତୁ ଋତୁ କେଉଁ ଛାଡିବା ଝିଅ ? ଆଶିଷର ଏଇ କାହାଣୀ - କବିତା ମନସ୍କମନଟିକୁଖୁବ୍ ଭଲପାଏ । ଭାବପ୍ରବଣ ମଣିଷମାନେ ଅତ୍ୟନ୍ତ ସ୍ନେହିଁ ଥା'ନ୍ତି । ସହଜରେ କାଟି ଦେଇହୁଏ ସେମାନଙ୍କ ସହ ଅୟୁତ ଅୟୁତ ମାସବର୍ଷ ।

— ଶୁଣ ! ରାଜାଟାଏ ଥିଲା, ତାଙ୍କର ଶହେ ସରିକି ରାଣୀ ... !

— ହେ ! ରାଜା-ରାଣୀ ଗପ ନୁହେଁ ! ! କେତେ ସେ ମିଛ ଗପ ସବୁ କହିବ ! ମୁଁ ଆଉ ଶୁଣିବିନି ସେ ଡାହା ମିଛ ମନ ଗଢ଼ା କାହାଣୀ ସବୁ ! ସତ ଗପଟିଏ କୁହନା ! ନିରୁତା ସତ ପ୍ଲିଜ୍ ! !

ଋତୁର ଜିଦ୍ ସତ ଗପ ! ଗପ କଣ ସତ ହୁଏ ? ? ନା ସତକଥା ଗୁଡାକ ପୁରୁଣା ହେବା ସହ, ଧିରେ ଧିରେ ଦିନେ ଗପ ପାଲଟି ଯାଆନ୍ତି ? ?

ମନର ଅନ୍ଧାରରେ ସାଇତା ହୋଇଥିବା ଅନେକ ଅତୀତ, କେବେ କେବେ ଗପର ରୂପ ନିଏ ! ସେ ଯାହା ବି ହେଉ ଆଶିଷ କୋଉ ଗାଳ୍ପିକ ଯେ ? ? ଆଜି କିନ୍ତୁ ଗପଟାଏ କହିବାକୁ ହେବ ! ଭୟଙ୍କର ଅସୁସ୍ଥ ପ୍ରାଣପ୍ରିୟା ଋତୁର ଆଗ୍ରହକୁ ସମ୍ମାନ ଦେଇ ।

ଆରମ୍ଭ ହେଲା ଗପ ...

ସେ'ଥିଲା, କୃଷି ବିଜ୍ଞାନ ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର ! ତିନିବର୍ଷର କଲେଜ୍ ଟପର୍ ! କଲେଜର ସବୁଠାରୁ ଭଦ୍ର ଓ ନମ୍ରପିଲା ଭାବେ ବେଶ୍ ସୁଖ୍ୟାତି ତାର ଅଧ୍ୟାପକମାନଙ୍କ ପାଖରେ !

ଅଥଚ, ହଷ୍ଟେଲ ଭିତରେ ରାଗିଂ ଗୁରୁ ଭାବେ ବେଶ୍ ପରିଚିତି ତା'ର ! ଭୟର ପରିମାଣ ଏତେ ଅଧିକ ଯେ ତା ବିରୁଦ୍ଧରେ ପାଟି ଫିଟାଇବା ସମ୍ଭବ ହୁଏନି କାହାର ! ସହରର ଏତେ ବଡ଼ କଣ୍ଟ୍ରାକ୍ଟରଙ୍କ ପୁଅ, ପୁଣି ଏଣ୍ଟୋମୋଲୋଜି ଏଚ୍.ଓ.ଡି.ଙ୍କ ଭଣଜା ସହ କିଏ କାହିଁ ଶତ୍ରୁତା କରିବାକୁ ଚେଷ୍ଟା କରିବ ?

 Magazine Downloaded from www.aahwaan.com

— ଶୋଇ ପଡ଼ିଲ କି ?

— ନା ଶୁଣୁଛି ! ଆଗକୁ କୁହ  ! !

— ଗପମଝିରେ "ହୁଁ" ନମାରିଲେ ମଜା ଆସେନି କହିବାକୁ ! !

ଜାକି ହୋଇଗଲା ଋତୁ ଆଉଟିକେ ଆଶିଷର ମଝି ଛାତିରେ ! ଜୀବନଟା ବି ବଡ଼ ବିଚିତ୍ର ! ବିଶ୍ୱାସ ଅବିଶ୍ୱାସକୁ ନେଇ ସାରା ଜୀବନ ଧନ୍ଦି ହେଉଥାଏ ! ଆଶିଷ ଜାଣେ ରୁତୁ ଶୁଣୁଥିବ ନିଶ୍ଚିତ କିନ୍ତୁ ସେ ପ୍ରତ୍ୟୁତ୍ତର ନ ଦେବାଟା ଅବିଶ୍ୱାସ ଜନ୍ମାଏ ! ସେ ବ୍ୟସ୍ତ ହୁଏ, ପ୍ରଶ୍ନ କରେ ! ରୁତୁ ଆହୁରି ନିକଟେଇ ଆସେ ! ତା ଜ୍ୱର ଭର୍ତ୍ତି ଦେହର ତାତିରେ ଝାଳ ବାହାରେ ଆଶିଷ ଦେହରୁ ! ଆଶିଷ ଅଥୟ ହୁଏ, ପୁଣି ଗପରେ ମନ ଦିଏ ! !

ସେଦିନ ଥାଏ ନୂଆ ବ୍ୟାଚ୍ ର ସ୍ୱାଗତ ଉତ୍ସବ । ଦ୍ୱିତୀୟ ଓ ତୃତୀୟ ବର୍ଷ ପିଲା କାମରେ ବ୍ୟସ୍ତ ସମସ୍ତେ । ଆଉ ଚତୁର୍ଥ ବର୍ଷ ପିଲାଙ୍କର ଏକରକମ ରାଜୁତି । ନିମନ୍ତ୍ରିତ ଅତିଥି ଭାବେ ବେଶ୍ ଆଡମ୍ବର ସହ ଅପେକ୍ଷା କରିଥାନ୍ତି ରାଗିଂର ସମୟକୁ । ଜଣେ ପରେ ଜଣେ ନବାଗତଙ୍କୁ ଭିନ୍ନ ଭିନ୍ନ ଅଜବ କାମ କରିବାକୁ ପଡୁଥାଏ । ହଠାତ୍ ପାଳି ପଡିଲା ଯାହାର ସେ ପୁରା କଂଚି କାଠିଠୁ ପତଳା ।  ନିପଟ ଗାଉଁଲି ଝିଅ, ଲମ୍ବା ବେଣୀ, ସବୁଜ ରଂଗର କୂର୍ତ୍ତା ନୀଳ ପ୍ୟାଣ୍ଟକୁ ନୀଳ ଓଢଣା । ବେଶ୍ ଭାଙ୍ଗରେ ସେଫ୍ଟିପିନ୍ ଖଞ୍ଜା, ପୁରା ଆବୃତ୍ତମୟ ।

ଗୋଟାଏ ଓଜିନିଆ ବହି ମୁଣ୍ଡରେ ଥୋଇ ଚାଲିବାକୁ ପଡେ ଝିଅଟିକୁ ! ! ବହିଟିକୁ ନ ଛୁଇଁ ! ବହି ଖସିଲେ ଦଣ୍ଡ ! ! ଖସିପଡ଼େ ବହିଟି ମାତ୍ର କେଇପାଦରେ ! ଡେମ୍ଫ ଉପର ଗୋଲାପ ଫୁଲ ପରି ଲାଲ୍ ପଡ଼ିଯାଏ ଝିଅଟିର ମୁହଁ । ଲାଜରେ ଅବା ଭୟରେ ! ! ଏବେ ଦଣ୍ଡ ସ୍ଥିର । କାଟିବାକୁ ହେବ ଲମ୍ବାବେଣୀ । ଉଚ୍ଚଶିକ୍ଷା ପାଇଁ ଏତେ ଯାକ ମାନସିକ ଶାରୀରିକ ନିର୍ଯାତନା ! ! ! ! ମୃତ୍ୟୁସମ କଷ୍ଟ, ଅସହ୍ୟ ଲଜ୍ଜ୍ୟା !

 Magazine Downloaded from www.aahwaan.com

ରାଗିଙ୍ଗକୁ ସର୍ବାଧିକ ଉପଭୋଗ୍ୟ ଘଟଣା ମଣୁଥିବା ପୁଅଟିର ମନ, କେଜାଣି କାହିଁକି ଠିକ୍ ଏଇ ସମୟରେ ଆଦ୍ର ହୁଏ ! ଇଚ୍ଛା ହୁଏ ରୋକି ଦିଅନ୍ତା କି ? ? ପୁରା କଲେଜ ଆଗରେ ପାଟି କରି କାହାନ୍ତା କି, କେହି କାଟି ପାରିବେନି ଝିଅଟିର ବେଣୀ ।

ଯିଏ ବି ହାତ ମାରିବ ତାକୁ ଜବାବ୍ ଦେବି ମୁଁ, ପାଟିରେ ନୁହେଁ ହାତରେ ।

କିନ୍ତୁ ଅସହାୟ ସିଏବି । ପାରେନି, କଟିଯାଏ ଲମ୍ବା ବେଣୀ । ରାଗରେ, ଦୁଃଖରେ, ଅପମାନରେ ଆଉରି ଲାଲ୍ ପଡେ ଝିଅଟିର ମୁହଁ ! ଆଉରି ବତୁରି ଯାଏ ପୁଅଟି, କେଜାଣି କାହିଁକି ସହାନୁଭୂତିଟାଏ ଆସିଯାଏ ମନରେ ! !

—ହୁଁ ! ଯେଉଁ ମଣିଷ ନିଜେ କଷ୍ଟ ଦିଏ ପୁଣି ସେ ନିଜେ ସହାନୁଭୁତି ବି ସଜାଡିପାରେ ? ବଡ଼ ବିଚିତ୍ର କଥା !

- ହୁଁଉଁଉଁ ।

ପ୍ରତି ମଣିଷ ଭିତରେ ଗାଲ୍ପିକଟିଏ ଲୁଚି ରହିଥାଏ ! ପ୍ରତିଦିନ ଆମେ ଯେତିକି ସତମିଛ କହୁ ସେ କେଉଁ ବିରାଟ ଗପ ବହି ଠାରୁ କମ୍ ନୁହେଁ । ନୂଆ ନୂଆ ଅଧ୍ୟାୟ, ନୂଆ ନୂଆ ପ୍ରସଙ୍ଗ ଆଉ ଭିନ୍ନ ଭିନ୍ନ ଗପ ! !

ଏଥର ଅଜାଣତରେ ବି ପୁଅଟିର ଆଖି ଖୋଜେ ଝିଅଟିକୁ ! ! ଥରେ, ଦୁଇଥର, ବାରମ୍ବାର ଅଟକି ଯାଏ ଝିଅଟିର କ୍ଲାସ୍ ଆଗରେ ପାଦ ଦୁଇଟି । ଝିଅଟିର ଅଟୋ ପଛରେ ଅଜାଣତରେ ମାଡିଯାଏ ବାଇକ୍ । ଏଥର ଛୋଟ ଛୁଟିରେ କ୍ଲିପ୍ ମାରି ଆସେ ଝିଅ । ଭାରି ମନକଷ୍ଟ ହୁଏ ପୁଅକୁ । ନିଜକୁ ଦୋଷୀ ମାନେ ।

- ହୁଁ, ତା'ପରେ ?

ପୁରୁଷର ସହଜାତ ପ୍ରବୃତ୍ତି ହେଉଛି ଅହଂକାର । ଯାହାକୁ ଆହୁରି ବଳବତ୍ତର କରେ

 Magazine Downloaded from www.aahwaan.com

ଆମର ପୁରୁଷକୈନ୍ଦ୍ରିକ ସମାଜ ! ନାରୀଟିଏକୁ ପୁରୁଷ ଅନେକ ପ୍ରେମ କରିପାରେ, ପ୍ରେମବଶତଃ ସମସ୍ତ ଇଛା ପୂରଣ କରିପାରେ ! କିନ୍ତୁ ମନନେଇ ଭୁଲ୍ ମାଗି ପାରେନା ବିନା ବାଧ୍ୟବାଧକତାରେ ! ପୁଅଟି ଭୁଲ ମାଗେନି ଜମା ! କିନ୍ତୁ ମନ ଭିତରେ ବୋଝଟାଏ ନେଇ ଢେର୍ କଷ୍ଟ ସାଉଁଟି ରଖୁଥାଏ ଯାହା !!

ବଡ଼ ଆଶ୍ଚର୍ଯ୍ୟ ହୁଏ ! ଏ ଝିଅଟି କଣ କେବେ କିଛି ଖାଏନି ?? ଏତେ ପତଳା କାହିଁକି ? ଲାଗୁଛି ଯେମିତି କଙ୍କାଳ ଉପରେ ଗୋରା ଚର୍ମର ଆବରଣଟିଏ ମାତ୍ର !! ଠିକ୍ ଅତି ପତଳା ବାର୍ବି ଡଲ୍ ପରି ! ଆଉ କଥା କଥାକେ ଲାଲ୍ ପଡି ଯାଉଥିବା ଗୋଲାପି ମୁହଁଟିଏ, ଯାହା ବେଳେବେଳେ ଭାରି ଶୋଥା ଦିଶେ ।

ମଣିଷ ଅନେକ କିଛି ଆଶା କରେ, ସ୍ୱପ୍ନ ଦେଖେ, ଯୋଜନା କରେ କିନ୍ତୁ ଘଟେ ଅଦୃଷ୍ଟର ଇଚ୍ଛାରେ ! ଗାଢ଼ ହୁଏ ପୁଅଟିର ପ୍ରେମ । ସିଧା ସିଧା କହିଦେବାକୁ ଅନେକ ଚେଷ୍ଟା କରେ । କିନ୍ତୁ କେଜାଣି କାହିଁକି ପାରେନି । ଝିଅଟି ଏଡାଇଯାଏ ତାକୁ ।

ସମାଜ ଭାବେ ପୁରୁଷ ସେହି ନାରୀ ଆଗରେ ହାର୍ ମାନେ ଯାହାକୁ ସେ ପ୍ରେମ କରେ । କିନ୍ତୁ ନା !! ପୁରୁଷ ସେହି ନାରୀ ଆଗରେ ହାର୍ ମାନେ ଯାହାକୁ ସେ ସମ୍ମାନ କରେ ! ସମ୍ମାନ ଭିନ୍ନ ପ୍ରେମ କେବଳ ଭୋଗୀ ଓ ଭୋଗ୍ୟର ସମ୍ପର୍କ ପରି !

ଖୁବ୍ ଭଲ ଲାଗେ ଝିଅଟିର ମାର୍ଜିତ ପୋଷାକ, ନମ୍ର ବ୍ୟବହାର ! ନିରୀହ ମୁହଁ, ଆଉ ମନ ଖୋଲା ହସ !! ଅନେକ କିଛି ଖବର ରଖେ ପୁଅଟି !! ଏଣ୍ଟ୍ରାନ୍ସରେ ସର୍ବାଧିକ ନମ୍ବର ରଖିଛି ଝିଅଟି !! ଡାକ୍ତରୀ ପଢ଼ା ଛାଡି ପଶୁ ଡାକ୍ତରୀ ପଢିବାକୁ ଆସିଛି କେବଳ ପଶୁପକ୍ଷୀ ପ୍ରତି ନିଜ ପ୍ରେମକୁ ପାଥେୟ କରି !! ହସ ଲାଗେ ପୁଅଟିକୁ ! ଏତେ ଦୁର୍ବଳ ଯେ ନିଜେ ଚାଲିବାକୁ ଶକ୍ତି ଥିବ କି ନା ଅଜଣା !! ପଶୁ ପକ୍ଷୀ ସେବା କି କରିବ ସେ ?

 Magazine Downloaded from www.aahwaan.com

ପାଖେଇ ଆସେ ସେମିଷ୍ଟର ପରୀକ୍ଷା !! ପ୍ରଥମ ବର୍ଷୀୟ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ନିୟମ !! ସମସ୍ତ ସିନିୟରଙ୍କୁ ମୁଣ୍ଡିଆ ମାରି ଯିବାକୁ ହେବ ପରୀକ୍ଷାକୁ !! ଯେମିତି ସିନିୟର ମାନେ ଆଶୀର୍ବାଦ ଦେଇ ସବୁ ପାଠ ପୁରେଇ ଦେବେ ମୁଣ୍ଡ ଭିତରେ !! ତଥାପି ମାନିବାକୁ ପଡେ !! ଝିଅଟି ଆସେ ଡେରିରେ । ପ୍ରାୟ ପରୀକ୍ଷା ସମୟ ହୋଇଗଲାଣି । ତରବରରେ ଦୁଇ ଚାରି ଜଣ ସିନିୟରଙ୍କୁ ଟପିଯାଏ ବିନା ମୁଣ୍ଡିଆରେ । ପରୀକ୍ଷା ସରେ ! ହଲ୍ ବାହାରେ କିନ୍ତୁ ଝିଅଟି ପାଇଁ ଅପେକ୍ଷା କରିଥାଏ ବିପଦ । ପ୍ରାୟ କୋଡିଏ ଜଣ ଚତୁର୍ଥ ବର୍ଷ ଛାତ୍ରଛାତ୍ରୀ, ଆଉ ଗୋଟାଏ ଦଣ୍ଡାଦେଶ ! ନିଜ ଆପ୍ରନରେ ସରି ଲେଖି, ସାରା କଲେଜ ବୁଲି ବୁଲି ସମସ୍ତ ସିନିୟରଙ୍କୁ ମୁଣ୍ଡିଆ ମାରିବା ପରେ ହିଁ ଫେରି ପାରିବ ଝିଅଟି !

ପୁଣି ଲାଲ୍ ପଡ଼ିଯାଏ ଝିଅଟିର ମୁହଁ !! କିଛି ଉପାୟ ନାହିଁ । କରିବାକୁ ହେବ !! ଲୁହ ଭର୍ତ୍ତି ଆଖିରେ ଆପ୍ରନରେ ଲେଖେ "ସରି", ଆଉ ଘୁରି ବୁଲିବାକୁ ହୁଏ ସିନିୟରମାନଙ୍କ ପଛରେ ! ଜାଣି ଜାଣି ଦୁରେଇ ଯାଉଥାନ୍ତି ସେମାନେ ! ଅଧିକରୁ ଅଧିକ ଚାଲିବାକୁ ହେଉଥାଏ ଝିଅଟିକୁ !! ହଠାତ୍ ଝିଅଟି ଆସି ପୁଅଟିର ପାଦ ଛୁଏଁ !! ଚମକି ପଡେ ପୁଅଟି । ଅବସ୍ଥା ଦେଖି ଘଟଣା ବୁଝିବାକୁ ବେଶୀ ଡେରି ହୁଏନାହିଁ ତାକୁ !!

କେଉଁଟା ଭାଗ୍ୟ କେଉଁଟା ଦୁର୍ଭାଗ୍ୟ, ତା ମଣିଷ ଆଦୌ ଜାଣି ପାରେନା ! ବେଳେବେଳେ ସୌଭାଗ୍ୟ ସିନ୍ଦୁର ବି ଜାଳି ଦିଏ ଜୀବନ ! ପୁଣି କେବେ ଅପରିଚିତ ହାତଟିଏ ଭିଡିନିଏ ସୁରକ୍ଷା ବଳୟ ଭିତରକୁ ! ଝିଅଟିର କାନ୍ଦ କାନ୍ଦ ଲାଲ୍ ମୁହଁ ଭାରି କଷ୍ଟଦିଏ ପୁଅଟିକୁ !! ଘଟେ କେବଳ ଏତିକି, କରିଡରରୁ ପ୍ରିନ୍ସପାଲ୍ ଅଫିସ ଆଉ ଗୋଟାଏ ଦିନରେ କୋଡିଏ ଜଣଙ୍କ ନାଁରେ ୱାର୍ନିଙ୍ଗ ଲେଟର !!

— ହୁଁ ! ଭଲ ହେଲା ଏମିତି ଦରକାର !! ଝିଅ ଟି ଖୁସି ହୋଇଥିବ ଏଥର !!

 Magazine Downloaded from www.aahwaan.com

ଥ୍ୟାଙ୍କ୍ ୟୁ ଟାଏ ବି ନ କହି ଚାଲିଯାଏ ଝିଅଟି !! ମନେ ମନେ ରାଗିଯାଏ ପୁଅଟି !! ବିରକ୍ତ ହୁଏ । ନିଜ ଉପରେ କି ଝିଅଟି ଉପରେ ତା ଅଜଣା !! ଏଥର କଥା ହେବାକୁ ପଡିବ । ମନ ଭିତରେ ମନ ମାରି ରହିବାର କିଛି କାରଣ ନାହିଁ । ନ କହିଲେ ସେ ଜାଣିବ କେମିତି ? ? ପୁଅଟି ଅପେକ୍ଷା କରେ ଏଥର ଝିଅଟିକୁ ! ପାର୍କିଂ ପାଖରେ, ଅଟକାଇ ଦିଏ ।

— ତୁମେ କଣ ଥ୍ୟାଙ୍କ୍ ୟୁ କହି ଶିଖିନ ? ?

— ଶିଖିଛି କିନ୍ତୁ ଅକାରଣ କୁହେନି !!

— ମୁଁ କିନ୍ତୁ ତୁମକୁ ସାହାଯ୍ୟ କଲି । ମୋ ସାଙ୍ଗମାନଙ୍କ ବିରୁଦ୍ଧରେ ଯାଇ । ।

—ମୁଁ ତ କହି ନଥିଲି !! ତା' ଛଡ଼ା ଆପଣ ସେମାନଙ୍କ ଭିତରୁ ଜଣେ ! ସେଇମାନଙ୍କ ପରି । କହିବାକୁ ଗଲେ ଆପଣଙ୍କ ଇଶାରାରେ ହୁଏ ସବୁକିଛି । କରି କରାଉଥାଏ ମୁହିଁ । ଏ ଭଦ୍ରତା ପଛର ମୁଖାଟିକୁ ମୁଁ ଦେଖିପାରେ ସାର୍ ।

—ନା, ଭୁଲ୍ ବୁଝୁଛ ! ମୁଁ ଆଉ ରାଗିଂ କରୁନି !

—କାହିଁକି ? ? ?

— ତୁମ ପାଇଁ । ମୁଁ ତୁମକୁ ଖୁବ୍ ଭଲପାଏ !

ବିନା ଶବ୍ଦ, ବିନା ଉତ୍ତରରେ ଚାଲିଯାଏ ଝିଅଟି ! ଆହତ ହୁଏ ଭାରି ପୁଅଟି !! ଢେର୍ ଖୋଜେ ଏଥର ଝିଅଟିକୁ । ବେଶୀ ବେଶୀ ଲୁଚେ ଝିଅଟି । ସବୁଥର ଏଡିଯାଏ ପ୍ରଶ୍ନଟିକୁ ! ପୁଅଟି ଭାରି ବୁଝାଏ, ତା ସାଙ୍ଗ ମାନଙ୍କ ହାତରେ ଖବର ବି ଦିଏ ! ଚିଠି ଲେଖେ, କବିତା ଲେଖେ କିନ୍ତୁ ପଢେନି ଝିଅଟି ! ସବୁଥର ଫେରାଇ ଦିଏ ନ ହେଲେ ଚିରି ଦିଏ !

ସରିଆସେ କଲେଜର ଶେଷ ବର୍ଷ ! ବିଦାୟୀ ଦିନରେ ସମସ୍ତଙ୍କ ଆଖିରେ ଲୁହ ! ନିଜ ନିଜ ସାଙ୍ଗଙ୍କୁ ବାରମ୍ବାର ଭେଟିବାର ପ୍ରତିଶୃତି ଦିଆ ନିଆ ହେଉଥାଏ । ସ୍ମୃତି ସବୁ ସାଇତା

 Magazine Downloaded from www.aahwaan.com

ଚାଲିଥାଏ ବର୍ଷ ବର୍ଷ ପାଇଁ ! ପୁଅଟି ଖୋଜୁଥାଏ ଝିଅଟିକୁ କଲେଜ ସାରା । କେଉଁଠି ହେଲେ ଆଖିରେ ପଡୁ ନଥାଏ ପ୍ରତୀକ୍ଷିତ ମୁହଁଟି ! ଅନ୍ତତଃ ଉତ୍ତର ତ ଦେଉ ଏ ଦୁରତ୍ୱର କାରଣ କଣ ? ? ଏମିତି କି ଭୁଲ କରି ବସିଛି ପୁଅଟି ଯେ ଏ ଘୃଣାର ଭାଗିଦାରୀ ହେବକୁ ପଡୁଛି ! !

— ସେ ଆସିବନି ! ତା ଦେହ ଖୁବ୍ ଖରାପ । ତା ବାପା ଆସି ନେଇଗଲେ । ଗଲା ବେଳେ କହିଲା ତୁମକୁ କିଛି ବି ନ କହିବା ପାଇଁ ।

ଝିଅଟିର ସାଙ୍ଗ ଏକା ନିଶ୍ୱାସରେ ଏତକ କହି ଚାଲିଗଲା । ପୁଅଟି ଦୌଡ଼ିବାକୁ ଲାଗିଲା ତା ସାଙ୍ଗ ପଛରେ । କେଉଁଠି ଅଛି ଝିଅଟି ? କେଉଁଠି ତା ଘର ? ଗୁଡାଏ ପ୍ରଶ୍ନ ନେଇ । ଉତ୍ତର ପାଇଲା କେବଳ ଏତିକି ଝିଅଟି ସହରର କେଉଁ ଏକ ଡାକ୍ତରଖାନାରେ ଆଡ଼ମିଟ୍ ।

ମଣିଷ ବେଳେବେଳେ ଅତି ପାଖରେ ଥାଇ ବି ଜାଣି ପାରେନି ଅତି ନିଜର ମଣିଷର କଷ୍ଟ ! ! ପୁଅଟି ପାଗଳ ଭଳି ଖୋଜି ବୁଲେ ସବୁ ଡାକ୍ତରଖାନା । ଶେଷରେ ପାଏ ଠିକଣା ।

କ'ଣ ହୋଇଛି ତା'ର ? ବାରମ୍ବାର ପ୍ରଶ୍ନ କରେ ସେ' ଝିଅଟିର ଘର ଲୋକଙ୍କୁ । ବିରକ୍ତି ହୁଅନ୍ତି ସେମାନେ । ସିକ୍ୟୁରୀଟି ଡାକନ୍ତି । କିନ୍ତୁ ପୁଅଟି ମାନେନି ଖୁବ୍ ଅନୁନୟ ହୁଏ ! ବାଧ୍ୟ ହୁଅନ୍ତି ଘରଲୋକ ।

— ତା ରୋଗ ତାକୁ ବେଶୀ ଦିନ ବଞ୍ଚିବାକୁ ଦେବନିରେ ବାପା ।  ତୁ ତାକୁ ଭୁଲିଯା ! !

— ବିଶ୍ୱାସ କରନ୍ତୁ ମଉସା ମୁଁ ତାକୁ ଖୁବ୍ ଭଲପାଏ । ତାକୁ ଭଲ ପାଇବା ବେଳେ ରୋଗକୁ ନେଇ କୌଣସି ଧାରଣା ନଥିଲା ମନରେ । ଆଜି ଜାଣିବା ପରେ ତାକୁ ଛାଡି ଯିବାର ଭୀରୁତା ମୁଁ କରି ପାରିବି ନାହିଁ । ମୁଁ ତାର ସମ୍ପୂର୍ଣ୍ଣ ଦାୟିତ୍ୱ ନେବାକୁ ପ୍ରସ୍ତୁତ ।

ପ୍ରେମ ମଣିଷକୁ ଶକ୍ତ କରେ ଦୁର୍ବଳ ବି କରେ ! ଅସମର୍ଥ କରେ ସାମର୍ଥ୍ୟ ବି ଆଣିଦିଏ ! ମଣିଷ ବେଳେବେଳେ ଏମିତି କିଛି କରିଯାଏ ଯାହା ସାରା ଜୀବନ କେବେ କରିବାର ଚିନ୍ତା

 Magazine Downloaded from www.aahwaan.com

ଟାଏ ବି କରି ନ ଥାଏ !

ହଠାତ୍ ଋତୁର ହାତଟା ଖସିପଡ଼େ ଆଶିଷ ଦେହରୁ ! ବେଶ୍ ସ୍ଥିର ଭାବେ ଶୋଇଥାଏ ଋତୁ ! ଗୋରା ମୁହଁରେ ଶାନ୍ତିର ଛାପ ଅବା ଯନ୍ତ୍ରଣାର ଅବଶେଷ ବୁଝିବା ମୁସ୍କିଲ୍ ! ! ତାକୁ ଚାହିଁ ବସେ ଆଶିଷ ଅନେକ ବେଳ ଯାଏଁ ! ! ଶୀତ ଦିନର ଲାଲ୍ ଗୋଲାପଟିକୁ ନିଷ୍ଠୁର ହିମଖଣ୍ଡ ପ୍ରାଣହୀନ କରିବାର ଆପ୍ରାଣ ଉଦ୍ୟମଟାଏ କରୁଛି ନିରନ୍ତର ! ! ଭଲହେଲା ଶୋଇପଡ଼ିଲା ଋତୁ । କାହାଣୀଟିକୁ ଆଉ ଆଗକୁ କହିପାରିବାର ସାମର୍ଥ୍ୟ ନଥିଲା ଆଶିଷର ।

ଖୁବ୍ ଧୀରେ ଚାଲୁଥିଲା ଋତୁର ନିଶ୍ୱାସ, ସେ ବି ବରଫ ପରି ଥଣ୍ଡା ! ! ଧୀରେ ତାତି କମିବାରେ ଲାଗିଲା । ଏଥର ଉଠେଇବାକୁ ଚେଷ୍ଟା କଲା ତାକୁ ଆଶିଷ !

— ଋତୁ ! ଏ ଋତୁ ! !

ଋତୁ ନୀରବ୍ ! ଖୁବ୍ ବ୍ୟସ୍ତ ହେଲା ଆଶିଷ, ଚିତ୍କାର କଲା, କିନ୍ତୁ ତଥାପି ଋତୁ ନିରବ୍ ! ବାରମ୍ବାର ଡାକିଲା ଆଶିଷ, ଆଉ ବୁଝିବାକୁ ବାକି ନଥିଲା ଋତୁ ବେହୋସ୍ ! ଡାକ୍ତରଖାନା ଯାଏଁ ବାଟ କିପରି କଟିଲା ଜଣା ନ ଥିଲା ଆଶିଷକୁ ! ସିଧା ଭେଣ୍ଟିଲେଟର୍ ରେ ରଖାଗଲା ପେସେଣ୍ଟ କୁ ।

— ଡକ୍ଟର ?

— ଦେଖନ୍ତୁ ଆପଣ ଜାଣନ୍ତି ଏ ରୋଗଟା ଏମିତି ! ତା ଛଡା ଶେଷ ଅବସ୍ଥା । ଶରୀର ରକ୍ତ ବି ଗ୍ରହଣ କରୁନାହିଁ । ଆନିମିଆ ଓ ଆନାରେକ୍ସିଆ ନର୍ଭସା ଏକାଠି ହେବା ଖୁବ୍ ବିରଳ । ଏଭଳି ରୋଗୀଙ୍କୁ ଖାଦ୍ୟର ଆବଶ୍ୟକତା ଖୁବ୍ । କିନ୍ତୁ ଆନାରେକ୍ସିଆ ଯୋଗୁଁ ଖାଦ୍ୟ ଖାଆନ୍ତି ନାହିଁ ଏମାନେ ! ଶରୀର କ୍ଷୀଣ ହୋଇଚାଲେ । ଯାହା ବି ଖାଦ୍ୟ ଖାଆନ୍ତି ଶରୀରରେ ଉପଯୋଗ ହୁଏ ଖୁବ୍ କମ୍ । ରକ୍ତ ଓ ଔଷଧ ଦେଇ ବଞ୍ଚେଇ ରଖିବା ବ୍ୟତୀତ ଅନ୍ୟ ବାଟ ନାହିଁ ।

 Magazine Downloaded from www.aahwaan.com

— ଡକ୍ଟର ପ୍ଲିଜ୍ !!

— ଏ ଯାଏଁ ଚେଷ୍ଟା ତ କଲେ ଆଶିଷବାବୁ ! ଦୀର୍ଘ ବର୍ଷେ ହେବ ଆପଣ ଢ଼େର୍ କିଛି କଲେଣି । କିନ୍ତୁ ଶରୀର ଆଉ ରକ୍ତ ଗ୍ରହଣ କରୁନାହିଁ । ତା ଛଡା ହ୍ୱାଇଟ୍ ବ୍ଲଡ୍ ସେଲ୍ ଖୁବ୍ କମ୍ । ତେଣୁ ଇମ୍ୟୁନ୍ ସିଷ୍ଟମ ନାହିଁ କହିଲେ ଚଳେ । ଏମିତିରେ ସାଧାରଣ ଜ୍ୱର ବି ପ୍ରାଣଘାତୀ ।

ଧୈର୍ଯ୍ୟ ରଖନ୍ତୁ ଭଗବାନ ଏତେ ନିଷ୍ଠୁର ନୁହେଁ । ଆପଣଙ୍କ ଭଲପାଇବାକୁ ଆଖିରେ ଦେଖିଛି ମୁଁ ବର୍ଷେ ହେଲା । କେତେ ରାତି ଏଇ କରିଡର୍ ରେ କାଟି ଦେଇଛନ୍ତି ଆପଣ । ଆମେ ପୁରା ଚେଷ୍ଟା କରିବା ।

▯▯▯

ହସ୍ପିଟାଲ୍ କରିଡର୍ ର ସେଇ ଚିକ୍ ଚିକ୍ ଷ୍ଟିଲ୍ ଚେୟାର ! ଏଇଠି ବସି କଥା ଦେଇଥିଲା ଦିନେ ଜୁନିୟର ଝିଅଟିର ବାପାଙ୍କୁ, ସେ ସିନିୟର୍ ପୁଅଟି । ଝିଅଟିର ସବୁ ଦାୟିତ୍ୱ ନେବାକୁ ସେ ପ୍ରସ୍ତୁତ ।

ଫେରିଆସ୍ ଋତୁ । ଅଧାଗଢା କାହାଣୀକୁ ଢେର୍ ଆଗକୁ ନେବାକୁ ହେବ । ଅସରନ୍ତି କରିବାକୁ ହେବ । ପ୍ରେମଗପରେ ପୂର୍ଣ୍ଣଚ୍ଛେଦ ନଥାଏ । ଭଲପାଇବା ଏକ ଦୁର୍ଭାଗ୍ୟ ନୁହେଁ ।

ଶୋଇଗଲୁ ସିନା । ନହେଲେ ଗପଟିରେ ଆହୁରି ଅନେକ ସମ୍ଭାବନା ଅଛି । କେବଳ ସାହାସଟିକେ କରିଲେ ହେଲା ଖାଲି ।

ମିଳିମିଶି ଲଢିବା ହିଁ ତ ଜୀବନ !!!!!

ଓଲଡ୍ ଟାଉନ୍ , ଭୁବନେଶ୍ୱର

 Magazine Downloaded from www.aahwaan.com

# ଫଣ୍ଡା



ସୁବଳ ମହାପାତ୍ର

ରବିବାର, ଛୁଟି । ଛୁଟି କିନ୍ତୁ କେମିତି ? ଯାହାହେଲେ ବି କାମ ତ କରିବାକୁ ପଡିବ । ଅଫିସ ନ ଯାଇ ଘର କାମ, ଯେମିତି କି ଲୁଗା ସଫା, ଘର ସଫା, ଚୁଟି କଟା....ଓଃ.... । ହଠାତ ରମେଶର ମନେ ପଡ଼ିଲା, ଆରେ ଆରେ ଚୁଟି ଗୁଡା ବଢି ଗଲାଣି, କାଟିବାକୁ ଯିବାକୁ ପଡ଼ିବ । ଏବେ ତ ଡିଜିଟାଲ ଯୁଗ, ଆଉ ସେଲୁନକୁ ଯାଇ ଲାଇନ ଲମ୍ବେଇବାକୁ ପଡୁନି । ଘରେ ବସି whatsappରେ ମେସେଜଟିଏ କରିଦେଲେ କାମ ସରିଲା । ତମ ନମ୍ବର କେତେ ସେମାନେ ଜଣେଇଦେବେ । ଜଣକା ୧୫ ମିନିଟ ହିସାବରେ ହିସାବ କରି, ସେହି ସମୟରେ ପହଞ୍ଚି ଗଲେ ହେଲା ।

ରମେଶ ବି ସେଲୁନ ବାଲାକୁ ମେସେଜଟିଏ କଲା । ନମ୍ବର ଆସିଲା ୫ । ତେବେ ଘଣ୍ଟେ ଛାଡି ଗଲେ ଠିକ ହେବ । ତେବେ ସେତିକି ଭିତରେ ଘର ଝାଡୁ ଓ ପୋଛା କାମ ସାରିଦେଲେ ଚଳିବ ।

ରମେଶ, ରମେଶ ପାଇକରାୟ । କମ୍ପାନୀ ଚାକିରୀ, ଘରଠୁ ବହୁତ ଦୂରରେ । ଏକା ଏକା ଜୀବନ । ସିଂଗିଲ ରୁମ କିଚେନ ଘର ଗୋଟିଏ ଭଡା ନେଇ ରହେ । ସୋମବାରରୁ ଶନିବାର ଅଫିସ, ଏଇ ରବିବାରଟି ଟିକେ ଅଳସୁଆ । ତେବେ ନିଜ କାମ ସବୁ ନିଜେ ହାତରେ କରେ । ଘର ଝାଡୁ ପୋଛା, ଲୁଗା ସଫା, ରୋଷେଇ, ବାସନ ମଜା... ସବୁ ।

ଶୀଘ୍ର ଶୀଘ୍ର କାମ ସାରି ଠିକ ଘଣ୍ଟାଏ ପରେ ସେ ପହଞ୍ଚିଲା ସେଲୁନରେ । ପୂର୍ବ ଲୋକର କାମ ସରି ନଥାଏ, ଟିକେ ଅପେକ୍ଷା କଲା ପରେ ତା ପାଳି ଆସିଲା । ସେ ବସି ବସି

 Magazine Downloaded from www.aahwaan.com

ଦେଖୁଥାଏ । ବୁଢା ଲୋକ ଜଣେ ଧୋତି କୁର୍ତ୍ତା ପିନ୍ଧି ବାଇକ ସବୁ କୁ ଲିଫ୍ଟ ମାଗୁଥାନ୍ତି ରାସ୍ତାରେ । କିନ୍ତୁ ଅଟୋକୁ ହାତ ଦେଖାଉ ନଥାନ୍ତି । ପିନ୍ଧିଥାନ୍ତି ଧୋତି, କୁର୍ତ୍ତା । ବୟସ ୭୫ ଉପରେ ହେବ । ଚୁଟି ସବୁ ପାଚି ଧଳା । ଅଳ୍ପ ଧନୀ ଲାଗୁଥାନ୍ତି, ସଫା ସୁତୁରା ଲୁଗା ପିନ୍ଧିଥାନ୍ତି । କୁଆଡେ ଯିବାକୁ ବାହାରିଛନ୍ତି ବୋଧେ, କିନ୍ତୁ ଲିଫ୍ଟ ମାଗି ଠିଆ ହୋଇଥାନ୍ତି । ଖରା ବଢି ବଢି ଚାଲିଥାଏ ।

ରମେଶର ନମ୍ବର ଆସିବାରୁ ସେ ଦୋକାନ ଭିତରକୁ ଗଲା । ପନ୍ଦର ମିନିଟ ପରେ ଚୁଟି କାଟି ସାରି ବାହାରକୁ ଆସି ଦେଖେ ତ ବୁଢା ଜଣଙ୍କ ସେମିତି ଲିଫ୍ଟ ହିଁ ମାଗୁଥାନ୍ତି, କିନ୍ତୁ କେହି ରହୁ ନଥାନ୍ତି । ଅଧଘଣ୍ଟେ ଉପରେ ହେବ । ତାଙ୍କର ଝାଳ ବୋହି ପଡୁଥାଏ । ଟିକେ ଟିକେ ଅସ୍ତବ୍ୟସ୍ତ ଲାଗୁଥାନ୍ତି, ଯେମିତି କି ଯେଉଁଠି ପହଞ୍ଚିବାର ଥିଲା, ଡେରି ହୋଇ ଗଲାଣି । ରମେଶ ମନରେ ଟିକେ ଦୟା ଆସିଲା । ବୁଢା ଲୋକ ଜଣଙ୍କ, ପାଖରେ ପଇସା ନଥିବ ବୋଧେ, ନଚେତ ଏ ଖରାରେ ଠିଆ ହୋଇ ଲିଫ୍ଟ କାହିଁକି ମାଗିବେ । ଅଳ୍ପ ଧନୀ ହୋଇଥିଲେ ବି ଅଟୋରେ କୋଡିଏ, ତିରିଶ ଦେଇ ଯେ କୌଣସି ଜାଗାକୁ ଯାଇ ପାରିବେ । ବେଶୀରେ ବେଶି ହେଲେ ଅଟୋ ଚାଳିଶ ଟଙ୍କା ନେବ, ଲୋକାଲ ଚାର୍ଜ । ସେ ତ କୌଣସି ଅଟୋକୁ ରଖାଉ ନାହାନ୍ତି । ତେବେ ? ? ନିଶ୍ଚିତ ପଇସା ନଥିବ ତାଙ୍କ ପାଖରେ ।

ବାଇକ ଷ୍ଟାର୍ଟ କରି ବୁଢା ଲୋକଙ୍କ ପାଖକୁ ଆସିଲା ସେ । ପଚାରିଲା, "ମଉସା କୁଆଡେ ଯିବ କି ? "

-- ଏଇ ଆଗ ଛକ ଯାଏଁ, ସେଠୁ ପୁଣି ଆଉ ଟିକେ ଆଗକୁ ।

-- ବସ, ଛାଡି ଦେବି । (ରମେଶର ସେପଟକୁ ଯିବାର ନଥିଲେ ବି କାହିଁକି କେଜାଣି ମନ ହେଲା ବୁଢ଼ାଟିକୁ ସାହାଯ୍ୟ ଟିକେ କରିବା ପାଇଁ । )

 Magazine Downloaded from www.aahwaan.com

– ତମେ ଏପଟକୁ ଯିବ କି ?

– ନା, ମୋ ଘର ଏଇ ପାଖରେ, ତେବେ ଆପଣ କେତେ ସମୟ ଆଉ ଏ ଖରାରେ ଠିଆ ହେବେ, ଚାଲନ୍ତୁ ଛାଡି ଦେଇ ଆସିବି ।

ବୁଢା ମନ ଖୁସିରେ ବାଇକ ପଛରେ ବସି ପଡ଼ି ରାସ୍ତା ଦେଖେଇବାର ଲାଗିଲା । ଛକ ପାଖରେ ଅଟକି ରମେଶ ପଚାରିଲା ଏଇଠୁ କୁଆଡେ ?

– ଏଇ ଆଗ ଛକ

– ହଉ କହି ରମେଶ ପୁଣି ଚାଲିଲା । ବାଁ, ଡାହାଣ, ବାଁ କହି କହି ବୁଢା ରମେଶକୁ ପାଖାପାଖି ୬ କିଲୋମିଟର ଆଗକୁ ଆଣି, ଏକ ମାର୍କେଟ ପାଖରେ ରହିବାକୁ କହିଲା ।

ରମେଶ ପଚାରିଲା," ମଉସା ଆଗରୁ କହିଲେନି ଏଇ ଜାଗାକୁ ଆସିବେ ବୋଲି ? "

– ଏଇଟା ମୋ ଦୋକାନ । ମୁଁ ସବୁଦିନ ଏଇଠିକୁ ଆସେ, କହି ସେ ଯେଉଁ ଦୋକାନକୁ ଦେଖେଇଲା ରମେଶର ହୋସ ଉଡିବା ଉପରେ । ସହରର ସବୁଠୁ ବଡ ଅଳଙ୍କାର ଦୋକାନ ।

ସତ କହୁଛି କି ମିଛ କହୁଛି ଜାଣିବା ପାଇଁ ରମେଶ ଟିକେ ଦୂରକୁ ଆସି ଅପେକ୍ଷା କଲା । ବୁଢା ପାହାଚ ଚଢି ଗଲାବେଳେ ଦରବାଁନ ସାଲୁଟ କରିବାରୁ ରମେଶ ନିଶ୍ଚିତ ହେଲା ଯେ, ୟେ ତେବେ ମାଲିକ ।

ଫେରିଲା ବେଳେ ତା ମନ ଓ ବିବେକ ଭିତରେ ଲଢେଇ ଆରମ୍ଭ ହୋଇ ଯାଇଥିଲା । ମନ କହୁଥିଲା, "ଶଃ... ଆଉ କେବେ ବି କାହାକୁ ଲିଫ୍ଟ ଦେବିନି, ଖାଲି ଖାଲିରେ ୬ କିଲୋମିଟର ଆସି ୬ କିଲୋମିଟର ଫେରିବାକୁ ପଡିଲା ଏ ଧନୀ ମାନଙ୍କୁ ଲିଫ୍ଟ ଦେବାକୁ, ଯିଏ କେବଳ ନିଜ ପଇସା ଚିହ୍ନନ୍ତି । ମୋର କଣ ପେଟ୍ରୋଲ ପୋଡିଲାନି ? ?"

 Magazine Downloaded from www.aahwaan.com

ବିବେକ କହୁଥିଲା, "ଭାବି ନେ, ସେ ହିଁ ସବୁଠାରୁ ଗରିବ । କିନ୍ତୁ ନିଜ ଭିତରୁ ଅନ୍ୟକୁ ସାହାଯ୍ୟ କରିବାର ମନବୃତି ଯେମିତି ଲୋପ ନପାଏ" ।

କିନ୍ତୁ... ୪୦ ଟଙ୍କା ବଞ୍ଚେଇବାକୁ ଯାଇ ଖରାରେ ଅଧଘଣ୍ଟେ ଠିଆ ହୋଇ ଲିଫ୍ଟ ମାଗିବା ଫଣ୍ଡାଟା ରମେଶ ମୁଣ୍ଡରେ ପଶୁ ନଥିଲା ।

ଖଲାରୀ, ଅନୁଗୁଳ, ଓଡିଶା

୯୩୭୬୦୧୨୫୦୦ , subal.mohapatra@gmail.com

 Magazine Downloaded from www.aahwaan.com

# ଅହ୍ୟସୁଲକ୍ଷଣୀ



ରାଜବାଳା ତ୍ରିପାଠୀ

ଦାଣ୍ଡ ଦୁଆର ବାରଣ୍ଡା ଝାଡୁ କରୁ କରୁ ପାଉଁଜିର ରୁଣୁ ଝୁଣୁ ଶବ୍ଦ ଶୁଣି ମୁହଁ ଟେକି ଚାହିଁଲେ ସୁଜାତା । ଖୁବ ଜୋରରେ ପାଦ ପକେଇ ପକେଇ ଆଗକୁ ମାଡିଆସୁଛି ସରଳା । ପାଉଁଜିର ଝୁମ ଝୁମୁ ସହ ହାତରେ ମେଂଚାଏ ଲେଖାଏଁ ନାଲି ନେଳି ରଙ୍ଗର ଚୁଡିର ଝଣ ଝଣ ମିଶି ଏକ ଅଦ୍ଭୁତ ଶବ୍ଦ ତୋଳୁଛି । ମଝି କପାଳରେ ଦାଉ ଦାଉ ଜଳୁଛି ବଡ ଗୋଟେ ନାଲି ସିନ୍ଦୁର ଟୋପା, ଅଧା କପାଳ ଯାଏଁ ଲମ୍ବିଛି ସୀମନ୍ତର ସିନ୍ଦୁର ଗାର, ପାଦରେ ଛମ ଛମ କରୁଥିବା ମୋଟା ମୋଟା ପାଉଁଜି, ପାଦ ଆଙ୍ଗୁଠିରେ ଝୁଣ୍ଟିଆ, ବେକରେ ପେଟ ଯାଏଁ ଲମ୍ବି ଥିବା ବଡ ଗୋଟେ ମଙ୍ଗଳ ସୁତ୍ର ସହ ଆଉ ଏକ ସୁନାର ହାର । ସେ ହାରରେ ବନ୍ଧା ହୋଇଥାଏ କଳା ମାଳିର ଛୋଟ ଛୋଟ ହାର ଗୁଡିଏ, ପ୍ରତି ସାବିତ୍ରୀ ବ୍ରତରେ ଯାହା ଥର ଥର କରି ହାରଟିରେ ବନ୍ଧା ହୋଇଥାଏ । ବାହୁରେ ଭିଡା ଯାଇଥାଏ ସୁଦଶା ବ୍ରତ ସହ ଆହୁରି କେତେ କଣ ବ୍ରତର ସୁତା । ସବୁକୁ ମିଶେଇଲେ ସୁଜାତାଙ୍କ ଆଖିକୁ ଚକ ଚକ କରୁଥିବା ଦେବୀ ମେଢଟେ ପରି ଦେଖାଯାଏ ସରଳା । ସୁଜାତାର ଘର ଆଗ ଦେଇ ଥରଟେ ବି ଆଖି ନ ଫେରେଇ ଚାଲିଗଲା ସରଳା । ବେଶ ଭଲରେ ବୁଝିଗଲେ ସୁଜାତା ସେଦିନର ଘଟଣାକୁ ଏବେ ବି ମନରେ ଧରି ବସିଛି ସରଳା । ସାହିର ଅନ୍ୟ ସବୁ ବିବାହିତା ମହିଳାଙ୍କ ପରି ଚୁଡି ସିନ୍ଦୁରରେ ନିଜକୁ ମଣ୍ଡଣୀ କରନ୍ତି ନାହିଁ ସୁଜାତା । ଦୁଇ ହାତରେ ଦୁଇପଟ ବଳା, ବେକରେ ସରୁ ସୁନା ଚେନଟେ, କପାଳରେ ଛୋଟ ଗୋଟେ ବିନ୍ଦି, ବାସ ଏତିକି । ହାତ ଭର୍ତି ଶଙ୍ଖା ତାଙ୍କୁ କାମ

 Magazine Downloaded from www.aahwaan.com

କଲା ବେଳେ ଭାରି ଅସୁବିଧା ଲାଗେ । ବାମପନ୍ଥୀ ଚିନ୍ତାଧାରାର ପରିବେଶରେ ବଢି ଆସିଥିବା ସ୍ୱାମୀ ଶୁଭକାନ୍ତଙ୍କ ପାଇଁ ବିବାହିତା ଜଣାପଡିବା ପାଇଁ ନାରୀର ଶରୀରରେ କୌଣସି ଏକ ବିଶେଷ ଚିହ୍ନର ପ୍ରୟୋଜନ ନାହିଁ । ଦୂର ସହରରେ ରହି ଇଂଜିନିୟରିଂ ପଢୁଥିବା ଶୁଭକାନ୍ତଙ୍କର ଏକମାତ୍ର ଗେହ୍ଲୀ ଝିଅ ରୋଜୀ ତା ବାପାଠୁ ବି ବେଶି ଖୋଲା ମନର । ପୂଜା, ବ୍ରତ, ଉପବାସ କଥା ଶୁଣିଲେ ଚିଡିଯାଆନ୍ତି ଶୁଭକାନ୍ତ । ପରିବାରର ଶୁଭ, ଶାନ୍ତି ଆଉ ମଙ୍ଗଳ ପାଇଁ, ସ୍ୱାମୀର ଆୟୁଷ ବଢେଇବା ନାଁରେ ସ୍ତ୍ରୀର ଭୋକଶୋଷରେ ରହିବା କୌଣସି ଆବଶ୍ୟକତା ନାହଁ ବୋଲି ସିଧା ସିଧା କୁହନ୍ତି । ପରସ୍ପର ଭିତରେ ସ୍ନେହ, ସମ୍ମାନ ଓ ବୁଝାମଣା ଏକ ସୁଖ ଶାନ୍ତିପୂର୍ଣ୍ଣ ପରିବାର ପାଇଁ ଦରକାର କେବଳ । ତାଙ୍କର ଯୁକ୍ତିଯୁକ୍ତ କଥା ସୁଜାତାକୁ ମଧ୍ୟ ଠିକ ଲାଗେ । ତେଣୁ ବିଶେଷ କିଛି ପୂଜା, ବ୍ରତ ବା ଉପବାସ ମଧ୍ୟ ହୁଏନି ତାଙ୍କ ଘରେ । କିନ୍ତୁ ପୂଜା ପାର୍ବଣରେ ଭଳିକି ଭଳି ପିଠାପଣା କରିବାକୁ ଭୁଲନ୍ତି ନାହିଁ ସୁଜାତା ।

ସୁଜାତାର ବିବାକ ବନ୍ଧନହୀନ ଜୀବନ ପାଇଁ ସେ ପାଲଟିଛନ୍ତି ସାହିର ନାରୀ ମହଲରେ ଏକମାତ୍ର ଭ୍ରୂକୁଂଚନର କାରଣ । "ଯେତେ ପାଠ ଶାଠ ପଢିଲେ କଣ ହେବ ଆମ ସଂସ୍କୃତି ପରମ୍ପରାକୁ ଭୁଲିଗଲେ ଚଳିବ କି । ଦେଖୁନ ମୋ ବୋହୂକୁ ମାସକୁ ମାସ ଲକ୍ଷେ କମଉଛି, ଘରେ ଶଶୁର ଆଗରେ ମୁଣ୍ଡରୁ ଓଢଣା ଖସେନି କି ଯେତେ ଯାହା କହିଲେ ବି ପାଟିରୁ ପଦୁଟେ ବି ବାହାରେନି । ଅଫିସରୁ ଫେରି ନଅ ତିଅଣ ଛଅ ଭଜା କରି ସ୍ୱାମୀକୁ ପରଷିଦିଏ । ଖାଲି ସେତିକି ନୁହେଁ ସାବିତ୍ରୀ ବ୍ରତ ହେଉ ବା ମାଣବସା କେଡେ ଭକ୍ତିରେ ନକରେ ସେ ।" ଗର୍ବରେ ଫାଟିପଡି ସୁଜାତା ଆଡକୁ ଇଙ୍ଗିତ କରି ମହାନ୍ତି ବାବୁଙ୍କ ସ୍ତ୍ରୀ କହୁଥାଆନ୍ତି । ସୁଜାତାର ମନେ ପଡିଗଲା ମହାନ୍ତି ବାବୁଙ୍କ ବୋହୂ ରଶ୍ମୀର ନିରୀହ ମୁହଁଟି ।

 Magazine Downloaded from www.aahwaan.com

ବାହାଘର ପରେ ଶାଶୁ ଶଶୁରଙ୍କର ଚାକିରୀ ଛାଡିବାର ଜିଦ୍ଦି ଆଗରେ ନିଜ ଚାକିରୀକୁ ବଂଚେଇବାର ସାଲିସରେ ବାଛିନେଇଛି ଏହିଭଳି ଏକ ଜୀବନ । ଗୋଡି ଶ୍ରମିକ ପରି ମୁହଁ ପୋତି ଅଫିସ ଆଉ ଘରର ସବୁ କାମ କରିବା ବ୍ୟତୀତ ଆଉ କିଛି ବାଟ ନାହିଁ ତାର । କେବେ କେମିତି ରଶ୍ମୀ ସହ ଦେଖା ହେଲେ ବେଶ ଭଲରେ ଦେଖିପାରେ ସୁଜାତା, ରଶ୍ମୀର ଢଳ ଢଳ ଆଖି ଦୁଇଟି କେତେ ଅକୁହା ବ୍ୟଥାରେ ଛଳ ଛଳ ହେଇଉଠେ । ଛାତି ଭିତରଟା ଭାରି ହେଇ ଆସିଲା ସୁଜାତାଙ୍କର ।

"ହେଇଟି ସୁଜାତା ଅପା, ବାହା ହେଲା ସ୍ତ୍ରୀ ମଥାକୁ ସିନା ସିନ୍ଦୁର ଗାର ଶୋଭାପାଏ । ଖାଲି ସୁନ୍ଦର ନୁହେଁ ମ, ସ୍ୱାମୀର ମଙ୍ଗଳ ହୁଏ, ଘର ପରିବାରର ଉନ୍ନତି ହୁଏ । କାଳ କାଳରୁ ରହି ଆସିଛି ବା, ପୂଜା, ବ୍ରତ, ଉପବାସରେ ସ୍ୱାମୀର ଆୟୁଷ ବଢେ । ତାଙ୍କରି ଆଖି ଆଗରୁ ଜୀବ ଗଲେ ସିନା ଅହ୍ୟସୁଲକ୍ଷଣୀ ହେଇ ଏ ଦୁନିଆରୁ ତରିଯିବୁ । ଦେଖୁନ, ମୁକୁନ୍ଦ ମାହାନ୍ତି ସ୍ତ୍ରୀକୁ ଏକା । କି ଭାଗ୍ୟ କରିଥିଲା, ସିନ୍ଥାରେ ଦାଉ ଦାଉ ସିନ୍ଦୁର, ବାହାରେ ବାହେ ଶଙ୍ଖା ଘିନି ଅହ୍ୟ ଡେଙ୍ଗୁରା ବଜେଇ ଏ ଜଂଜାଳରୁ ମୁକ୍ତି ପାଇଗଲା ନା । ଏମିତିକା ମରଣ ଭାଗ୍ୟରେ ଥିଲେ ମିଳେ ବା" ଭକ୍ତି ଗଦଗଦ ହେଇ କପାଳରେ ହାତ ଲଗେଇଲା ସରଳା । ସୁଜାତା ବେଶ ବୁଝିପାରିଲା ସବୁତକ ଆକ୍ଷେପ କେବଳ ତା ଆଡକୁ । ସରଳାର ସ୍ୱାମୀ ସୁରେଶ ମୁନିସିପାଲିଟି ଅଫିସରେ କିରାଣୀ ଚାକିରୀ କରେ । ସାନ ସାନ ଦୁଇ ଝିଅ ଆଉ ଶଶୁରକୁ ନେଇ ତା ପରିବାର । ଘରେ ସବୁଦିନେ ଅଶାନ୍ତି । ସରଳା ଆଉ ତା ସ୍ୱାମୀ ଭିତରର କଥା କଟାକଟି ଘର ଦୁଆର ଡେଇଁ ବେଳେ ବେଳେ ବାହାରକୁ ବି ଛିଟିକି ଆସେ । ଆଜି ସାବିତ୍ରୀ, କାଲି ରଜ, ପହର ଦିନ ଧନତେରାସ, ସ୍ତ୍ରୀର ଶାଢୀ ଆଉ ସୁନା କିଣାର ଦାବିରେ ଚାପି ହେଇପଡୁଥାଏ ସୁରେଶର ନହନହିକା ଦେହ । ଘର ଖର୍ଚ୍ଚ, ବନ୍ଧୁ ବାନ୍ଧବ ସହ ସରଳାର

 Magazine Downloaded from www.aahwaan.com

ଫରମାଇସ ପୁରା କରୁ କରୁ ଋଣ ଭାରରେ ଆଣ୍ଠୁ ଯାଏଁ ପୋତି ହେଇଯାଇଛି ସୁରେଶ । ଅହର୍ନିଶ ଧଇଁ ପେଲିଲା ପରି ନହ ନହକା ଦେହଟି ତାର ନଇଁ ଯାଏ । କେବେ କେମିତି ଦେଖା ହେଲେ ଲମ୍ବା ନମସ୍କାରଟେ ପକାଏ । "ଯଦି ମଥାରେ ମଥାଏ ସିନ୍ଦୁର ଲଗେଇ ପୂଜା ବ୍ରତ କଲେ ସ୍ୱାମୀର ଆୟୂଷ ବଢୁଥାଆନ୍ତା, ତେବେ ଭାରତୀୟ ପୁରୁଷମାନେ ଦୁନିଆର ସବୁଠୁ ଆୟୁଷ୍ମାନ ମଣିଷ ହୋଇଥାଆନ୍ତେ ଆଉ ବନାରସର ଘାଟରେ ଶହ ଶହ ବିଧବାଙ୍କୁ ଦେଖିବାକୁ ମିଳୁ ନ ଥାଆନ୍ତା । ଖାଲି ସିନ୍ଦୁର ଲଗେଇ ଉପବାସ କଲେ ସ୍ୱାମୀର ଆୟୂଷ ବଢେନି ସରଳା, ସ୍ୱାମୀକୁ ମାନସିକ ଶାନ୍ତି ଦେଲେ, ତା ମନ କଥା ବୁଝିଲେ, ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଭଲପାଇବା ବୁଝାମୁଣା ଥିଲେ ଖାଲି ସ୍ୱାମୀ ନୁହେଁ, ସ୍ତ୍ରୀର ବି ଆୟୂଷ ବଢେ । କେବେ ବୁଝିବ ତୁମେମାନେ ଏସବୁ" ଟିକେ ଉଚ୍ଚ ସ୍ୱରରେ ଉତ୍ତର ଫେରେଇ ଘରମୁହାଁ ହେଲେ ସୁଜାତା । ସେ ଜାଣିଥିଲେ ତାଙ୍କ ପଛରେ ସେ ଆଜିର ବୈଠକର ଖଳନାୟିକା ପାଲଟି ସାରିବେଣି । ମନଟା ଖଟ୍ଟା ହେଇଗଲା ତାଙ୍କର । ବିଶେଷ ଇଚ୍ଛା ନଥିଲେ ବି ଗୋଟିଏ ସାହିରେ ରହୁଥିବାରୁ କେବେ କେବେ ସେମାନଙ୍କ ସହ ମିଶିବାକୁ ପଡେ, ଅଂଶ ହେବାକୁ ପଡେ ସେମାନଙ୍କର ବୈଠକର ।

"ଏ ଜିତା ଶୁଣିଲଣି ବଡ ଦୁଃଖ ଖବର ।" ଶୁଭକାନ୍ତ ହଲେଇ ଦେଲେ ସୁଜାତାଙ୍କୁ । ରବିବାର ଖରାବେଳିଆ ଲାଗିଆସୁଥିବା ଛାଇ ନିଦଟା ଚାଉଁକିନା ଭାଙ୍ଗିଗଲା ସୁଜାତାଙ୍କର । ଧଡକିନା ଉଠିବସିଲେ ଖଟ ଉପରେ, "କାହାର କଣ ହେଲା ।" "ସରଳାର ସ୍ୱାମୀ ଫାଶି ଲଗେଇ ଦେଇଛି, ବୋଧ ହୁଏ ଆଉ ଜୀବନ ନାହିଁ" ମୁହଁ ଥମ ଥମ କରି ଶୁଭକାନ୍ତ କହିଲେ । "କଣ କହୁଛ" ସତେକି ବୋମାଟିଏ ଫୁଟିଗଲା ସୁଜାତାଙ୍କର ଛାତି ଭିତରେ । ଧାଇଁ ଗଲେ ବାହାରକୁ । ସରଳାର ଘର ଆଗରେ ଲୋକ ଭିଡ, ଭିତରରୁ ସରଳାର ଚାପା କାନ୍ଦ ଶବ୍ଦ ଶୁଣି

 Magazine Downloaded from www.aahwaan.com

ଆଉ ଘର ଭିତରକୁ ଯିବାକୁ ସାହାସ ହେଲାନି ତାଙ୍କର । "ଟଙ୍କା ସୁନା ପାଇଁ ମୋ ପୁଅକୁ ଶୋଷି ଶୋଷି ମାରିଦେଲା କାଳନାଗୁଣୀଟା" କାନ୍ଦି କାନ୍ଦି ଲୋଟୁଥିଲା ସରଳାର ବୁଢା ଶଶୁର । ସବୁଦିନିଆ ଅଶାନ୍ତିରୁ ତ୍ରାହି ପାଇଯାଇଥିଲା ସୁରେଶ, ହେଲେ ସରଳା, ତା ମଥା ସିନ୍ଦୁର, ହାତର ଶଙ୍ଖା, ବ୍ରତ, ଉପବାସ, ଅହ୍ୟସୁଲକ୍ଷଣୀର ସ୍ୱପ୍ନ, ସବୁ କଣ ବ୍ୟର୍ଥ ତା'ହେଲେ ହେଇଗଲା ? ଛାତିର ଦୀର୍ଘଶ୍ୱାସ ସହ ଧୂଆଁ ପରି ଆକାଶରେ ମିଳେଇଗଲା ସୁଜାତାଙ୍କ ମନରେ ଉଠିଥିବା କେତୋଟି ପ୍ରଶ୍ନ ।

Magazine Downloaded from www.aahwaan.com

# ନୂଆ ସକାଳ



ବିନୟ ଭୂଷଣ ପାଣିଗ୍ରାହୀ

ସରକାରୀ ଚାକିରୀରୁ ଅବସର ନେବାର ବୟସ ସୀମାକୁ ଅଠାବନରୁ ଷାଠିଏ ବର୍ଷ ପର୍ଯ୍ୟନ୍ତ ସମ୍ପ୍ରସାରଣ କରା ନ ଯାଇଥିଲେ ଜଙ୍ଗଲ ବିଭାଗର ଚନ୍ଦକା ବନଖଣ୍ଡ ଅଧିକାରୀଙ୍କ ଅଫିସର ବରିଷ୍ଠ କିରାଣି ବିଘ୍ନେଶ ବାବୁ ଗତବର୍ଷ ମାର୍ଚ୍ଚରୁ ଅବସର ନେଇ ସାରନ୍ତେଣି । ଯେଉଁଦିନ ଏ ସମ୍ବନ୍ଧୀୟ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଲା, ତାଙ୍କ ଅଫିସରେ ତାଙ୍କ ପୂର୍ବରୁ ଓ ତାଙ୍କ ପାଖାପାଖି ଅବସର ନେବାକୁ ଥିବା ପ୍ରାୟ ସମସ୍ତ ସହକର୍ମୀ ଖୁସି ହେଲା ବେଳେ ବିଘ୍ନେଶ ବାବୁ କିନ୍ତୁ ସାମାନ୍ୟ ଟିକେ ଖୁସି ହେଇ ପାରି ନଥିଲେ ସେଦିନ ।

ଦୀର୍ଘ ସଇଁତିରିଶ ବର୍ଷ ଧରି ଗୋଟେ ନିର୍ଦ୍ଦିଷ୍ଟ ଧରାବନ୍ଧା ଧାରାବାହିକ ଜୀବନଶୈଳୀକୁ ଆପଣେଇ ଆଦ୍ୟ ଯୌବନରୁ ଜୀବନର ଗୋଧୂଳି ଛୁଇଁବା ଭିତରେ ଜୀବନର ଦିନଟିଏ ନିଜ ପାଇଁ କିମ୍ବା ନିଜର ପରିବାର ପାଇଁ ମୁକ୍ତ ଭାବରେ ବଞ୍ଚି ନ ପାରିଥିବାର ଅବଶୋଷ ଏଣିକି ଅଧିକରୁ ଅଧିକ ବିଚଳିତ କରୁଥିଲା ତାଙ୍କୁ । ତାଙ୍କ ଆଖି ସାମ୍ନାରେ ଅଥଚ, ତାଙ୍କ ଅଲକ୍ଷରେ ପିଲା ଦୁହେଁ କେତେବେଳେ ବଡ଼ ହେଇଗଲେ ତାହା ସେ କେମିତି ଜାଣିପାରିଲେ ନାହିଁ ସେକଥା ଭାବିଲେ ନିଜ ପ୍ରତି ଖୁବ ବେଶୀ ଦୟାହୁଏ ତାଙ୍କର, ଭାରି ଅସହାୟ ମନେ କରନ୍ତି ନିଜକୁ । ପତ୍ନୀଙ୍କ ସହ ବସି କେବେ ଘଂଟାଏ ଅନ୍ତରଙ୍ଗ ଆଳାପ କରି ପାରି ନଥିବାର ଅପରାଧ ବୋଧ ଏଣିକି ଅଧିକାଂଶ ବେଳେ ବହୁତ ଭାରି ଭାରି ଲାଗେ ।

ପୁଅ ଅଂଶୁମାନ ଦୁଇବର୍ଷ ହେଲା ଇଂଜିନିଅରିଙ୍ଗ ପଢା ଶେଷକରି ବେଙ୍ଗାଲୁରୁରେ ଏକ

 Magazine Downloaded from www.aahwaan.com

ବହୁରାଷ୍ଟ୍ରୀୟ ସଫ୍ଟୱେର କମ୍ପାନୀରେ ମୋଟା ଅଙ୍କ ଦରମାରେ କାର୍ଯ୍ୟରତ । ଚାକିରୀ କରିବା ପରେ ବିଗତ ଦୁଇବର୍ଷ ଭିତରେ ଅତିବେଶିରେ ଦୁଇ-ତିନିଥର ଘରକୁ ଆସିଛି । ତାହାପୁଣି ଦିନେ କି ଓଳିଏ ପାଇଁ । ଅବଶ୍ୟ ମଝିରେ ମଝିରେ ତା ମାଆ ପାଖକୁ କିଛି କିଛି ପଇସା ପଠାଇ ଦିଏ । ଭୁବନେଶ୍ୱର ଭଳି ଛୋଟ ସହର ଭିତରେ ରହିଲେ ତା'କୁ ଅଣନିଶ୍ୱାସୀ ଲାଗେ । ବିଶେଷକରି ବିଘ୍ନେଶ ବାବୁ ଚାକିରି ଆରମ୍ଭରୁ ରହି ଆସୁଥିବା ଏଇ ଦୁଇ ବଖରିଆ ସରକାରୀ ବାସଭବନଟି ତା'ପାଇଁ ଭାରି ବିରକ୍ତିକର । ପାଠ ପଢୁଥିବା ସମୟରେ ସରକାରୀ କ୍ୱାର୍ଟର ଛାଡି ସହରର କୌଣସି ପ୍ରମୁଖ ସ୍ଥାନରେ ଗୋଟେ ବଡ ଏବଂ ଭଲ ଘରଟିଏ ଭଡାରେ ନେବାଲାଗି ତାଙ୍କୁ କହିବା ପାଇଁ ସେ ତା ମା'ଙ୍କୁ ବହୁତ ବାର କହିଥିଲା ଯଦିଓ ପତ୍ନୀ ସୌମ୍ୟା ସେ ବାବଦରେ ଥରେହେଲେ କେବେବି ତାଙ୍କୁ କହିନାହାନ୍ତି । କାରଣ, ଜଣେ ସ୍ୱଳ୍ପ ଆୟକାରୀ ସଚ୍ଚୋଟ ସରକାରୀ କର୍ମଚାରୀଙ୍କ ପତ୍ନୀ ହୋଇଥିବାରୁ ସୌମ୍ୟା ବିଘ୍ନେଶ ବାବୁ ଓ ତାଙ୍କ କାନ୍ଧ ଉପରେ ଥିବା ବୋଝସବୁର ଓଜନକୁ ବେଶ ବୁଝନ୍ତି । ପୁଅକୁ ମଧ୍ୟ ବିଭିନ୍ନ ପ୍ରକାର କଥାକହି ବାପାଙ୍କର ସୁବିଧା-ଅସୁବିଧା ସବୁକୁ ବୁଝାଇବାରେ ଅବହେଳା କରିନାହାଁନ୍ତି କୌଣସି ସମୟରେ । ସେସବୁ ଯାହାବି ହେଉନା କାହିଁକି, ଏବେ ସେ ତା ମନ ପସନ୍ଦର ଜୀବନ ବଞ୍ଚିପାରୁଛି ବୋଲି ତାଙ୍କର ଏହି ଦୁଇ ବଖରିଆ ସରକାରୀ ବାସଭବନଟିକୁ ନେଇ ଅସୁଖ ପ୍ରକାଶ କରୁନାହିଁ ।

ଝିଅ ଅର୍ପିତା ଗତବର୍ଷ ସ୍ନାତକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହେଇ ଉତ୍ତୀର୍ଣ୍ଣ ହେଲାପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ପଢିବା ସହ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରୁଛି । ପାଠ ବ୍ୟତୀତ ଅନ୍ୟାନ୍ୟ ଅନେକ ସୁଗୁଣର ଅଧିକରିଣୀ ଅର୍ପିତା ବିଲକୁଲ ତା ମାଆଙ୍କ ପରି ଶାନ୍ତଶିଷ୍ଟ, ନମ୍ର

 Magazine Downloaded from www.aahwaan.com

ଓ ସଂସ୍କାରୀ ପିଲା । କଥାବାର୍ତ୍ତା, ଚାଲି-ଚଳନ, ଆଚାର-ବ୍ୟବହାର ଓ ବେଶଭୁଷା ସବୁଥିରେ ଖୁବବେଶି ମାର୍ଜିତ । ଆଜିକାଲିର ସହରି ବାତାବରଣ ଭିତରେ ଏମିତି ଗୋଟେ ସୁଶୀଳା କନ୍ୟାର ପିତା ହିସାବରେ ନିଜକୁ ବହୁତ ଭାଗ୍ୟବାନ ମନେକରିବା ସଂଗେ ସଂଗେ ନିଜର ପିତୃତ୍ୱକୁ ନେଇ ମନେମନେ ଗର୍ବିତ ହୁଅନ୍ତି ବିଘ୍ନେଶ ବାବୁ ।

ଚାକିରୀରେ ଯୋଗଦେବା ପରେପରେ, ସେ ମ୍ୟାନେଜର ପଦବୀକୁ ଉନ୍ନୀତ ନହେବା ପର୍ଯ୍ୟନ୍ତ ତା ବାହାଘର ପ୍ରସଙ୍ଗ ନ ଉଠାଇବା ପାଇଁ ଅଂଶୁମାନ ମୂଳରୁ ହିଁ ତା ମା'ଙ୍କୁ ରୋକଠୋକ କହିଦେଇଛି । ପୁଅପିଲା, ଚାକିରୀ କରି ନିଜ ଗୋଡ଼ରେ ନିଜେ ଛିଡ଼ାହେଲାଣି । ତେଣୁ, ପୁଅକୁ ନେଇ ତାଙ୍କ ମନ ଭିତରେ ବିଶେଷ କିଛି ଉଦବିଘ୍ନତା ନାହିଁ । ବିଘ୍ନେଶ ବାବୁ ମନେମନେ ସ୍ଥିର କରିଥିଲେ, ଚାକିରୀରୁ ଅବସର ନେବାମାତ୍ରେ ଭବିଷ୍ୟନିଧି ପାଣ୍ଠିରେ ଯାହାକିଛି ଥିବ ସେତକ ଉଠାଇ, ଯୋଗ୍ୟ ବରପାତ୍ରଟିଏ ଖୋଜି ଅର୍ପିତାକୁ ହାତରୁ ଦି'ହାତ କରିଦେଇ ଶାନ୍ତିରେ ଟିକେ ନିଶ୍ୱାସ ମାରିବେ ।

ବିଘ୍ନେଶ ବାବୁଙ୍କ ଅଫିସରେ ତାଙ୍କର ସହକର୍ମୀମାନେ ପ୍ରାୟ ସମସ୍ତେ ଅର୍ପିତା ବିଷୟରେ ଜାଣନ୍ତି । ତେଣୁ, ସେମାନେ କୁହନ୍ତି, ଆପଣ ଖାଲି ଅଯଥାରେ ବ୍ୟସ୍ତ ହେଉଛନ୍ତି । ଅର୍ପିତା ପରି ଝିଅଟିଏ ଘରେ ଥିଲେ ବରପାତ୍ର ଖୋଜିବା କଣ ଦରକାର ଯେ, ଆଜି 'ହଁ' କହିଲେ କାଲି ଦୁଆର ଆଗରେ ବରପାତ୍ର ମାନଙ୍କର ଲମ୍ବା ଧାଡ଼ି ଲାଗିଯିବ, ଖାଲି ବାଛିବା କଥା ଯାହା । ନିଜ ଝିଅ ବିଷୟରେ ଏଇସବୁ ପ୍ରଶଂସା ପୂର୍ଣ୍ଣ କଥା ଶୁଣିବା ବେଳେ ବିଘ୍ନେଶ ବାବୁଙ୍କ ଛାତିଫୁଲି କୁଣ୍ଢେମୋଟ ହେଇଯାଏ । ସେ ମନେମନେ ଭାବନ୍ତି, "ଅର୍ପିତା ପରି ଝିଅର ବାପ ହେବାଠୁଁ ବଡ ଭାଗ୍ୟ ଆଉ କଣ ହେଇପାରେ  !"

ଠିକ ତାର ପରମୁହୂର୍ତ୍ତରେ ମନରେ ସୃଷ୍ଟି ହୁଏ ଭାବାନ୍ତର । ମନକୁ ମନ କୁହନ୍ତି,

 Magazine Downloaded from www.aahwaan.com

ମୋ'ପରି ସ୍ୱଳ୍ପ ବେତନଭୋଗୀ ସରକାରୀ ଚାକିରିଆ ପାଇଁ ଝିଅ ଠାରୁ ବଡ ବୋଝ ଆଉ କଣ ବା ହେଇ ଥାଇପାରେ । ପିଲାମାନଙ୍କର ପେଟ, ପିଠି ଆଉ ପାଠ ପାଇଁ ଯେଉଁ ଲୋକର ରୋଜଗାର ପର୍ଯ୍ୟାପ୍ତ ନୁହେଁ ସେ ଲୋକ ଘରେ ବିବାହଯୋଗ୍ୟା ଝିଅ ଥାଉଥାଉ ଶାନ୍ତିରେ ନିଶ୍ୱାସ କେମିତି ନେଇ ପାରିବ ଯେ !!

ଆଜିକା ଦିନରେ ଝିଅଥିବା ଘରେ କୋଉ ମା'ବାପ ଆଖିମୁଦି ଶୋଇପାରିବ ? ଖାଲିଟାରେ ଲୋକେ କୁହନ୍ତି, "ଝିଅ ଘିଅ" ।

ବସାଘର ଠାରୁ ଅଫିସ ପାଖାପାଖି ଗୋଟେ କିଲୋମିଟର ଦୂର । ଆଜିକାଲି ଅଫିସ ଗଲାବେଳେ ବିଘ୍ନେଶ ବାବୁ ରାସ୍ତାଘାଟରେ ଗାଡିଘୋଡାର ଭିଡକୁ ଆଖିରେ ରଖି ନିଜର ପୁରୁଣା ମାତ୍ର ଅତିପ୍ରିୟ ଚେତକ ସ୍କୁଟରଟିକୁ ବାହାର ନକରି ମହାନଗର ନିଗମ ବସ ସେବାକୁ ଅଧିକ ପସନ୍ଦ କରୁଛନ୍ତି । ମଧ୍ୟାହ୍ନ ଭୋଜନ ପାଇଁ ବିଘ୍ନେଶ ବାବୁ ଦିନେକାଳେ ବସାକୁ ଆସନ୍ତି ନାହିଁ । ଗଲାବେଳେ ସୌମ୍ୟା ଟିଫିନରେ ଆବଶ୍ୟକତା ଠାରୁ ଟିକେ ବେଶି ପରିମାଣର ରୁଟି, ସନ୍ତୁଳା, ଆଚାର ଆଦି ଭରି ଦେଇ ଦେଇଥାନ୍ତି । କେବେକେବେ, ସାଙ୍ଗସାଥି ମାନଙ୍କର ବାଧ୍ୟବାଧକତାରେ ଅଫିସ କ୍ୟାଣ୍ଟିନରେ କିଛି ଟିକେ ଖାଇନେଲେ ତାଙ୍କର ପେଟ ବିଗିଡି ଯାଏ ।

ପାଞ୍ଚଟା ବେଳେ ଅଫିସ ଛୁଟି ହେବାପରେ ଅନ୍ୟମାନେ ତରବର ହେଇ ବାହାରୁ ଥିଲା ବେଳେ ବିଘ୍ନେଶ ବାବୁଙ୍କଠାରେ ସେମିତି ବ୍ୟସ୍ତତା ପରିଲକ୍ଷିତ ହୁଏନାହିଁ । ନିଜ ଟେବୁଲ ଉପରେ ଥିବା ଆଜିର କୌଣସି କାମକୁ କାଲିପାଇଁ ଛାଡ଼ି ଆସିବାକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ । ସବୁକାମ ଶେଷ କରି ଉଠିଲା ବେଳକୁ ଅଫିସର ପିଅନକୁ ଛାଡି ଆଉ କେହିବି ନଥାନ୍ତି । ବିଘ୍ନେଶ ବାବୁଙ୍କ ଯୋଗୁଁ ଅଧିକ ଘଣ୍ଟେ ଅଧଘଣ୍ଟେ ଅଫିସରେ ରହିବାକୁ

 Magazine Downloaded from www.aahwaan.com

ପଡୁଥିଲେବି ପିଅନ କାଳୁ କେବେ ବିରକ୍ତ ହୁଏନାହିଁ । କାରଣ, ବେଳ ଅବେଳରେ ଏ ଅଫିସରେ ସେ ହିଁ ତା'ପାଇଁ ସବୁଥିରେ ସାହା ।

ବିଘ୍ନେଶ ବାବୁଙ୍କର ଅନେକ ସାଙ୍ଗସାଥି ସେମାନଙ୍କ ପିଲାମାନଙ୍କର ବାହାଘର କରି ସାରିଲେଣି । ବିଶେଷ କରି ଯେଉଁ ମାନଙ୍କର ଝିଅ ଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଝିଅ ବାହାଘର କାମ ସାରିଦେଇ ବେଶ ନିଶ୍ଚିନ୍ତ ହେଇ ଯାଇ ସାରିଲେଣି । ଗତମାସ ପଣ୍ଡାବାବୁଙ୍କ ଝିଅ ବାହାଘର ଭୋଜିଖାଇ ଫେରିବା ପରେ ସେଇ ରାତିରେ ଝିଅ ଅର୍ପିତାର ବାହାଘର ପ୍ରସଙ୍ଗରେ ପତ୍ନୀ ସୌମ୍ୟାଙ୍କ ସହ କଥା ଆରମ୍ଭ କରିବାକୁ ଯାଇ କହିଥିଲେ, "ଅର୍ପିତା ପାଇଁ ପାତ୍ର ଦେଖିବା ପାଇଁ ସୁରେନ୍ଦ୍ରକୁ କହିଛି । ଭାବିଛି, ଭଲ ପିଲାଟିଏ ମିଳିଗଲେ ଅପେକ୍ଷା ନକରି ଯଥାଶୀଘ୍ର କାମଟା ସାରି ଦେବାକୁ ପଡିବ । ମୁଣ୍ଡରୁ ଅନ୍ତତଃ ବୋଝଟା ଓହ୍ଲେଇ ଯିବ ।"

ବିବାହର ପରଠୁଁ ଦୀର୍ଘ ଏତେବର୍ଷ ସଂସାର କରିବା ଭିତରେ ସ୍ୱାମୀଙ୍କର ଛୋଟବଡ କୌଣସି ନିଷ୍ପତ୍ତିର ବିରୋଧ କରିନାହାନ୍ତି କେବେ ସୌମ୍ୟା । ସେଦିନ କିନ୍ତୁ କାହିଁକି କେଜାଣି କିଛି କହିବାରୁ ନିଜକୁ ନିବୃତ୍ତ କରି ନପାରି କହିଥିଲେ, "ଅର୍ପିତାର ବାହାଘରକୁ ନେଇ ଏବେଠାରୁ ତମେ ଏତେ ବ୍ୟସ୍ତ କାହିଁକି ହେଉଛ ? ବୟସ କୋଉ ବଳି ପଡ଼ିଲାଣି ଯେ । ଆଜିକାଲି ଯୁଗରେ ଝିଅମାନେ ପୁଅ ମାନଙ୍କ ଠାରୁ କୋଉଥିରେ ପଛରେ ଅଛନ୍ତି କି ।

ଅର୍ପିତାକୁ ବୋଝ ବୋଲି ଭାବନା । ତା'ର ଏକମାତ୍ର ଇଛା ଯେ ସେ ଆଇଏଏସ ଅଫିସରଟିଏ ହେବ ନଚେତ ଅଧ୍ୟାପିକା ଚାକିରୀ ଖଣ୍ଡେ ପାଇଗଲା ପରେ ବାହାହେବ । ମା'ବାପ ହେଇ ପିଲାଟାର ଏଇ ଗୋଟିଏ ଇଛା କଣ ଆମେ ପୁରଣ କରି ପାରିବା ନାହିଁ ?"

ସୌମ୍ୟାଙ୍କର କଥା ସରିବା ପୂର୍ବରୁ ବିଘ୍ନେଶ ବାବୁ ଶୋଇ ସାରିଥିଲେ । ସେ ମୂଳରୁ ସେମିତି । ଭୁଲ ହେଉ ବା ଠିକ ହେଉ, ଥରେ ଯଦି କୌଣସି ବିଷୟରେ କିଛି ଗୋଟେ ସିଦ୍ଧାନ୍ତ

 Magazine Downloaded from www.aahwaan.com

ନେଇଗଲେ ତା'ଉପରେ ଆଉ କୌଣସି ବ୍ୟକ୍ତିଠାରୁ ଭଲମନ୍ଦ କିଛି ପଦେ ଶୁଣିବାକୁ ପସନ୍ଦ କରନ୍ତି ନାହିଁ । ସୌମ୍ୟା କିନ୍ତୁ ସ୍ୱାମୀଙ୍କର ଏପରି ଅତର୍କିତ ଓ ଅନାବଶ୍ୟକ ନିଷ୍ପତ୍ତିକୁ ନେଇ କୌଣସି ଆଡୁ ନିଜକୁ ମନେଇ  ନେଇ ନ ପାରିଥିଲେ ମଧ୍ୟ ନୀରବ ରହିଯିବାକୁ ଏକ ପ୍ରକାର ବାଧ୍ୟ ଥିଲେ ।

ଦିନେ ଦୁଇଦିନ ପରେ ଅର୍ପିତା କ୍ଲାସରୁ ଫେରି ଖାଇସାରିବା ପରେ ଏଣୁତେଣୁ କଥା କହିବା ଭିତରେ ବାପାଙ୍କର ନିଷ୍ପତ୍ତି ବିଷୟରେ ଦେଢ଼ିଆ ତେଢ଼ିଆ କରି ତା କାନରେ ପକେଇ ଦେବାପରେ ଲକ୍ଷ୍ୟକଲେ ଗୋଟେ ମୁହୁର୍ତ୍ତରେ ତା ମୁହଁର ସବୁଯାକ ସରସତା କେମିତି ଏକ ଅପରିପ୍ରକାଶ୍ୟ ନୈରାଶ୍ୟପଣରେ ପରିବର୍ତ୍ତିତ ହେଇଯାଇଥିଲେ ମଧ୍ୟ ଉପରକୁ କୌଣସି ପ୍ରତିକ୍ରିୟା ପ୍ରଦର୍ଶନ କରିପାରି ନଥିଲା । କାରଣ, ସେ ବାପାଙ୍କୁ ଖୁବ ଭଲ କରି ଜାଣିଥିଲା । ଏକଥା ବି ଜାଣିଥିଲା ଯେ ବାପାଙ୍କ ନିଷ୍ପତ୍ତି ସବୁବେଳେ ଚୁଡାନ୍ତ ହିଁ ଥିଲା ।

ଅର୍ପିତା ପାଇଁ ଭଲ ପ୍ରସ୍ତାବଟିଏ ଦେଇଛନ୍ତି ସେକ୍ରେଟାରିଏଟରେ ବରିଷ୍ଠ କିରାଣି ଚାକିରୀ କରୁଥିବା ତାଙ୍କ ଗାଁ'ସାଙ୍ଗ ସୁରେନ୍ଦ୍ର । ପିଲାଟି କୌଣସି ଏକ ବହୁରାଷ୍ଟ୍ରୀୟ କମ୍ପାନୀର ଫାଇନାନ୍ସ ମ୍ୟାନେଜର ଅଛି । ସୌମ୍ୟ, ସୁଶୀଳ ଏବଂ ଉଚ୍ଚଶିକ୍ଷିତ ମଧ୍ୟ । ପ୍ରତିଷ୍ଠିତ ତଥା ସଂପନ୍ନ ପରିବାରର ଏକମାତ୍ର ଉତ୍ତରାଧିକାରୀ । ଆସନ୍ତା କାଲି ଝିଅକୁ ଦେଖିବାପାଇଁ ପୁଅଘର ତରଫରୁ ପୁଅର ବାପା, ମା ଓ  ମଉସା ଆସିବେ । ତେଣୁ ବିଘ୍ନେଶ ବାବୁ ଆଜି ଟିକେ ଆଗୁଆ ଅଫିସ ଛାଡି ସିଟି ବସଷ୍ଟାଣ୍ଡକୁ ଆସି ତାଙ୍କ ଘରପାଖ ଛକ ଦେଇ ଯାଉଥିବା ବସକୁ ଅପେକ୍ଷା କଲାବେଳେ ସାଙ୍ଗ ସୁରେନ୍ଦ୍ର ସ୍କୁଟର ଅଟକେଇ ଡାକଟେ ପକେଇ ପାଖକୁ ଆସି ପଚାରିଲା, "ଆରେ ସାଙ୍ଗ, କାଲି ପାଇଁ ପ୍ରସ୍ତୁତ ଅଛୁ ତ ?"

"ଆରେ ସୁରେନ୍ଦ୍ର ! ଆ ଆ, ମୁଁ ମନେମନେ ତୋତେ ହିଁ ଖୋଜୁଥିଲି । ମୁଁ ଖୋଜିବାକୁ, ତୁ

 Magazine Downloaded from www.aahwaan.com

ଆସିଯିବା - ବହୁତ ଦିନ ବଞ୍ଚିବୁରେ ତୁ ।" - ବିଘ୍ନେଶ ବାବୁ କହୁକହୁ ସୁରେନ୍ଦ୍ର ବାବୁଙ୍କ ହାତକୁ ଧରିପକେଇ ବସଷ୍ଟାଣ୍ଡ ସାମ୍ନା ଗେଟର ବାଁ ପାଖ ଚାଦୋକାନ ଆଡକୁ ଏକ ପ୍ରକାରେ ଟାଣି ନେଇଗଲେ ।

ଚାହା ଦୁଇ କପ ଦେବାପାଇଁ ଦୋକାନୀକୁ କହିସାରି ବିଘ୍ନେଶ ବାବୁ କଥା ଆରମ୍ଭ କଲେ, "ଆରେ, କାଲି ସେମାନେ ଦିନ ଦଶଟା ବେଳେ ଆସିବେ ବୋଲି ତୁ ତ ଜାଣିଛୁ । ମୋତେ କାହିଁକି କେଜାଣି ଡର ଡର ଲାଗୁଛି । ମୋ ଅଫିସ ଭଲ ତ ମୁଁ ଭଲ, ଏକଥା ତ ତୋତେ ଅଛପା ନୁହେଁ । ବାହାଘର ସାହାଘର ଭଳି କଥାକୁ ମୁଁ ଜମାରୁ ନୁହେଁ ଭାଇ, ଇଏ ପୁଣି ଝିଅ ବାହାଘର କଥା । ତୁ ଟିକେ ସକାଳୁ ସକାଳୁ ଆସି ନ ପହଁଚିଲେ ମୋ ଅକଲ ଗୁଡୁମ ହେଇଯିବ ।"

"ବ୍ୟସ୍ତ କାହିଁକି ହେଉଛୁ ଯେ, ଅର୍ପିତା କଣ ଏକୁଟିଆ ତୋଅରି ଝିଅ, ମୋର କେହି ନୁହେଁ କି ? ତୋ କହିବାକୁ ମୁଁ କଣ ଅପେକ୍ଷା କରିବି ? ତୁ ବିଛଣା ଛାଡ଼ିବା ଆଗରୁ ମୁଁ ହାଜିର ହେଇ ଯାଇଥିବି ।" କହୁକହୁ ସୁରେନ୍ଦ୍ର ବାବୁ ଶେଷ ସୁଡୁକା ମାରି ଚା' ଗିଲାସଟା ଷ୍ଟାଣ୍ଡ ଉପରେ ଥୋଇଦେଇ ସ୍କୁଟର ଚାବି ବାହାର କରିବା ପାଇଁ ପକେଟରେ ହାତ ପୁରେଇଲେ ।

ଘରକୁ ଫେରିବା ପରେ ବିଘ୍ନେଶ ବାବୁ ଅର୍ପିତାର ବାହାଘର କଥା ଭାବି ଭିତରେ ଭିତରେ ଭାଙ୍ଗି ପଡୁଥିଲେ । ତାଙ୍କୁ ଲାଗୁଥିଲା ଝିଅର ବାପା ହେବାଠୁଁ ଏ ଦୁନିଆରେ ଆଉକିଛି ବଡ ଦୁଃଖ ନଥାଇପାରେ । ବିଘ୍ନେଶ ବାବୁଙ୍କ ମୁହଁକୁ ଚାହିଁ ତାଙ୍କ ମନଭିତର ର ଭାବାନ୍ତରକୁ ବୁଝିବାରେ ସୌମ୍ୟାଙ୍କୁ ଆଦୌ ଅସୁବିଧା ହେଲାନାହିଁ । ବିଘ୍ନେଶ ବାବୁ ଉପରକୁ ଯେତିକି କଠୋର ଓ ସାହସୀ ଲାଗନ୍ତି ଭିତରେ ତା'ଠାରୁ କାହିଁ କେତେଗୁଣା କୋମଳ, ସ୍ନେହୀ ଓ ଅସାମାନ୍ୟ ଭାବେ ଦୁର୍ବଳ । ଅନ୍ୟବେଳ ହେଇଥିଲେ ସୌମ୍ୟା କିଛି ନା କିଛି ପଦେ

 Magazine Downloaded from www.aahwaan.com

କହିଥାନ୍ତେ, ମାତ୍ର, ବର୍ତ୍ତମାନ ପରିପ୍ରେକ୍ଷୀରେ ଚୁପ ରହିବାକୁ ଶ୍ରେୟସ୍କର ମନେକଲେ । କାରଣ, ଅର୍ଦ୍ଧାଙ୍ଗିନୀ ହେଇଥିବା ଦୃଷ୍ଟିରୁ ସ୍ୱାମୀଙ୍କ ମାନସିକ ଅଚଳାବସ୍ଥା ଦୂର କରିବା ପାଇଁ ଏକ ଦୃଢ଼ ମାନସିକ ସହଯୋଗର ଆବଶ୍ୟକତା ଥିବାର ଉପଲବ୍ଧି ତାଙ୍କ ପାଇଁ କିଛି ନୂଆ କଥା ନଥିଲା ।

ରାତି ବଢି ଚାଲିବା ସଙ୍ଗେସଙ୍ଗେ ବିଘ୍ନେଶ ବାବୁଙ୍କ ଆଖିରୁ ନିଦ କ୍ରମଶଃ ଅପସରି ଯାଉଥିଲା । ଜଣେ ବାପା ହିସାବରେ ବିଘ୍ନେଶ ବାବୁଙ୍କ ଜୀବନରେ ଏ ପ୍ରକାର ଅନୁଭବ ଆଜିହିଁ ପ୍ରଥମ । ଯେଉଁ ଝିଅ ତାଙ୍କ ପାଇଁ ଓ ତାଙ୍କ ପରିବାର ପାଇଁ ଏତେ ଗୌରବ ଆଣିଦେଇଛି, ଯାହାର ଚରିତ୍ର, ସ୍ୱଭାବ, ଚାଲିଚଳନ ବିଷୟରେ ଘରଠୁଁ ବାହାର ସମସ୍ତେ ପ୍ରସଂଶାରେ ଶତମୁଖ ସେଇ ତାଙ୍କରି ଝିଅ ଅର୍ପିତା ଯାହାକୁ ସେ ଏ ଯାଏ ଆଖି ପୁରାଇ ଥରେ ଦେଖିବାର ପ୍ରୟାସ ମଧ୍ୟ କରିନାହାନ୍ତି ! ବାପା ହେଇ ଏତେବର୍ଷ ଭିତରେ ଥରୁଟିଏ ଝିଅକୁ ପାଖରେ ବସାଇ ତା'ର ଇଛା-ଅନିଚ୍ଛା, ଭଲମନ୍ଦ ପଚାରି ବୁଝିବା ପାଇଁ ଘଡ଼ିଏ ସମୟ ବାହାର କରି ପାରିନାହାନ୍ତି ଜଣେ ବଡବାବୁର କାର୍ଯ୍ୟବ୍ୟସ୍ତତାରୁ !!

ହଠାତ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ସରକାରୀ କର୍ମଚାରୀ ବିଘ୍ନେଶ ବାବୁଙ୍କ ମନ ଭିତରର ଦାୟିତ୍ୱହୀନ ପିତୃତ୍ୱ ଦ୍ରୁତ ଜାଗ୍ରତ ହେଲା । ସବୁକିଛି ଠିକଠାକ ଲାଗୁଥିବା ତାଙ୍କର ସେ ଦୁଇ ବଖରିଆ ସରକାରୀ ବାସଭବନଟି ପିଲାମାନଙ୍କ ବସବାସ ଓ ଚଳପ୍ରଚଳ ପାଇଁ ଖୁବ ଅପ୍ରସସ୍ତ ଲାଗିଲା । ଭାବନାର ଗତିବେଗ କ୍ରମେକ୍ରମେ ବିଘ୍ନେଶ ବାବୁଙ୍କ ନିୟନ୍ତ୍ରଣ ବାହାରକୁ ଚାଲି ଯାଉଥିଲା । ତାଙ୍କ ଭିତରୁ ଏକ ବ୍ୟସ୍ତ ପିତୃତ୍ୱର କେମିତି ଏକ ବିବ୍ରତ ସ୍ୱର ଶୁଣିପାରୁଥିଲେ ସେ । ବହୁତ ପୂର୍ବରୁ କରଣୀୟ କିଛି କର୍ତ୍ତବ୍ୟ ଯାହା ସେ କରିପାରି ନ ଥିଲେ ସେ ସବୁକୁ ସକାଳ ହେବା ପୂର୍ବରୁ ଯଥାସମ୍ଭବ ସାରି ଦେବାକୁ ମନସ୍ଥ କରି ନେଲେ ବିଘ୍ନେଶ ବାବୁ ।

 Magazine Downloaded from www.aahwaan.com

ଝିଅକୁ ଥରେ ଆଖିପୁରେଇ ଦେଖି ନେବାକୁ, ଝିଅ କପାଳରେ ବାପ ହାତର ସ୍ନେହବୋଳା ସ୍ୱର୍ଶ ଦେଇ ଭଲମନ୍ଦ ଟିକେ ପଚାରି ନେବାକୁ, ଖାସ କରି ଥରୁଟିଏ ନିଜ ଝିଅର ବାପା ହେବାକୁ ।

କାନ୍ଥଘଣ୍ଟାକୁ ଚାହିଁଲେ, ସମୟ ସାଢ଼େଦୁଇଟା । ବିଘ୍ନେଶ ବାବୁ ଡ୍ରଇଂରୁମ ସୋଫାରୁ ଉଠିଆସି ନିଜ ବେଡରୁମ ଭିତରକୁ ଚାହିଁଲେ । ସୌମ୍ୟା ଶାନ୍ତିରେ ଶୋଇଯାଇଛନ୍ତି । ଅପେକ୍ଷାରେ ମୁହୂର୍ତ୍ତେ ସମୟ ନଷ୍ଟ ନକରି ଅର୍ପିତାର ବେଡ଼ରୁମ ଆଡ଼କୁ ପାଦ ବଢାଇଲେ ବିଘ୍ନେଶ ବାବୁ ।

ଅର୍ପିତାର ଶୋଇବା ଘର ଦୁଆର ପାଖରେ ପହଞ୍ଚି ଦେଖିଲେ ଦୁଆର ଅଧାମେଲା ଅଛି, ଜଳୁଥିବା ଟେବୁଲ ଲ୍ୟାମ୍ପ ପାଖରେ ଖୋଲା ଖାତା ଉପରେ ମୁଣ୍ଡରଖି ଶୋଇଯାଇଛି ଅର୍ପିତା । ହାତରେ କଲମ ସେମିତି ରହିଛି ଲାଗୁଛି ଯେମିତି ଗଣିତର କୌଣସି ଏକ କଠିନ ପ୍ରଶ୍ନ ସମାଧାନ କରୁକରୁ ମନେ ପଡୁନଥିବା ଗୋଟେ ଗୁରୁତ୍ୱପୂର୍ଣ୍ଣ ସୂତ୍ର ମନେ ପକାଉଛି ।

ଖୁବ ସନ୍ତର୍ପଣତାର ସହ ପାଦ ଚିପି କୋଠରୀ ଭିତରକୁ ପଶି ଟେବୁଲ ସାମ୍ନାରେ ନୀରବରେ ଦଣ୍ଡାୟମାନ ହେଇ ଅର୍ପିତାର ନିରୀହ ମୁହଁ ଉପରେ ଦୃଷ୍ଟି କେନ୍ଦ୍ରିତ କଲେ ବିଘ୍ନେଶ ବାବୁ । ସରକାରୀ ବଡ଼ମେଡିକାଲର ପୁରୁଣା ପଙ୍ଖା ପରି ତାଙ୍କର ଦୟନୀୟ ଆଖି ଯୋଡିକ ଅର୍ପିତାର ମୁଣ୍ଡ ଠାରୁ ପାଦ ଯାକେ ଖୁବ ଧୀରେ ଧୀରେ କେଇଥର ବୁଲିବା ଭିତରେ ବାହାହେଇ ପରଘରକୁ ଯିବାକୁ ଯୋଗ୍ୟା ପଲଟିଯାଇଥିବା ଅର୍ପିତା ତାଙ୍କ ଆଖି ସାମ୍ନାରେ ଦୀର୍ଘ ଏକୋଇଶ ବର୍ଷ ତଳର ସେଇ କୁନି ଛୁଆରେ ଦ୍ରୁତ ରୂପାନ୍ତରିତ ହେବାକୁ ଲାଗିଲା । ଫ୍ୟାନ ପବନରେ ଫୁରଫୁର ହେଇ ଉଡୁଥିବା ଝୁରଝୁରିଆ ଅଲରା ବାଳ ଗୁଡିକ ବିଘ୍ନେଶଙ୍କ ଅପାରଗ ପିତୃତ୍ୱକୁ ବିଦ୍ରୁପ କରି ସତେ ଯେପରି, କହୁଥିଲେ, "ତମେ ଅର୍ପିତାର ବାପା ନୁହେଁ

 Magazine Downloaded from www.aahwaan.com

ବିଘ୍ନେଶବାବୁ, ତମେ ବନବିଭାଗର ଚନ୍ଦକା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟର ଦାୟିତ୍ୱବାନ ଓ ସଚ୍ଚୋଟ ବଡ଼ବାବୁ କେବଳ ।"

ବିଶାଳ ସାଗରର ଅଭ୍ୟନ୍ତର ପ୍ରଦେଶର ଛୋଟିଆ ଢେଉଟି ଯେମିତି ବେଳାଭୂମିରେ ମୁଣ୍ଡ ନ ପିଟିବା ଯାକେ ଗତିଶୀଳତା ବଜାୟ ରଖେ ଠିକ ସେମିତି ବିଘ୍ନେଶ ବାବୁଙ୍କ ପିତୃତ୍ୱର ଅତଳ ସାଗରରେ ଅଚାନକ ସୃଷ୍ଟି ହେଉଥିବା ଦୁର୍ବଳ ତରଙ୍ଗ ସବୁ ଏକସଙ୍ଗେ ବେଳାଭୂମି ଆଡକୁ ପ୍ରବଳ ବେଗରେ ଆଗେଇ ଆସୁଥିଲେ । ପିତୃତ୍ୱ ର ଅନୁଭବ  ଦୁନିଆର ସବୁଠାରୁ ଶକ୍ତ ମଣିଷକୁ ମଧ୍ୟ ଯେକୌଣସି ବାପା ସହ ସମାନ ଦୁର୍ବଳ କରିଦିଏ ।

ଅର୍ପିତାର ମୁଣ୍ଡ ପାଖରେ ବସିପଡିଲେ ବିଘ୍ନେଶ ବାବୁ । ଏକସଙ୍ଗେ ଦୁଇଟି ଯାକ ହାତ ମମତାର ସ୍ପର୍ଶ ଦେବାକୁ ବ୍ୟାକୁଳ ହେଇ ଉଠିଲେ । ବାଁ ହାତକୁ ଝିଅ ମୁଣ୍ଡର ପଛପଟେ ଦେଇ ଡାହାଣ ହାତରେ ମୁହଁ ଉପରକୁ ଉଡ଼ିଆସୁଥିବା ଅଲରା ବାଳ ଗୁଡିକୁ ସଯତ୍ନରେ ଆଡେଇ ଦେଇ କୋଳ ଉପରକୁ ଉଠେଇ ଆଣିଲେ ବିଘ୍ନେଶ ବାବୁ । ଘନୀଭୂତ ପିତୃତ୍ୱର ପ୍ରଥମ ବର୍ଷାର ଟୋପା ଟି ଅର୍ପିତାର କପାଳ ଉପରେ ପଡିବା ମାତ୍ରେ କୋଠରୀ ଭିତରେ ଆଦ୍ୟ ଆଷାଢ଼ର ପହିଲି ବର୍ଷାରେ ଓଦା ମାଟିର ବାସ୍ନା ପରି ଛୋଟିଆ ଘର ଭିତରର ଆହୁରି ବହୁତ ଛୋଟ କୋଠରୀଟି ଭିତରେ ବିସ୍ତାରିତ ହେଇଗଲା ଶାଶ୍ୱତ ପ୍ରେମର ଅନନ୍ତ ଆକାଶ ।

"ବାପା ! ! !" ଅର୍ପିତା କଣ୍ଠରୁ ନିସୃତ ଶବ୍ଦଟି ସ୍ୱପ୍ନ ଆଉ ସତ ଭିତରର ପାର୍ଥକ୍ୟ ଖୋଜୁଥିଲା ସମ୍ଭବତଃ ।

"ହଁ ରେ ମାଆ, ତୋ ବାହାଘର ବିଷୟରେ ଭାବୁଥିଲି ଯେ ନିଦ ହେଲାନାହିଁ । ଗୋଟେ ଛୋଟିଆ ନିଷ୍ପତ୍ତି ନେବାବେଳକୁ ମନରେ ଟିକେ ଦ୍ୱନ୍ଦ୍ୱ ସୃଷ୍ଟି ହେଲା । ମା ଥକ୍କାରେ ଶୋଇଯାଇଛି ତେଣୁ ତାକୁ ନିଦରୁ ଉଠେଇବା ଉଚିତ ମନେ ହେଲାନାହିଁ । ଭାବିଲି ତୋତେ

 Magazine Downloaded from www.aahwaan.com

ପଚାରି ନେଲେ ବି ଚଳିବ । ସେଥିପାଇଁ ତୋ ପାଖକୁ ଟିକେ ଚାଲି ଆସିଲି ।"- ପ୍ରଥମ ବନ୍ୟାରେ ଫୁଲି ଉଠିଥିବା ନଦୀ କୁଳଲଙ୍ଘି ଅବାଟରେ ବୋହିଗଲା ଭଳି ଅର୍ପିତା ଆଖିରୁ ବୋହିଯାଇ କାନପାଖ ବାଳକୁ ଭିଜେଇ ଦେଉଥିବା ଲୁହ ପୋଛୁପୋଛୁ ବିଘ୍ନେଶ ବାବୁ ଏତକ କହିସାରି ଅର୍ପିତାର ଆଖିରେ ଆଖି ମିଳାଇ ପ୍ରତ୍ୟୟର ପ୍ରଥମ ଶିଳାନ୍ୟାସ କଲେ ।

"ବାପା, ତମ ଝିଅ କଣ ଜୀବନରେ ଥରେ ହେଲେ କେବେ ତମ ନିଷ୍ପତ୍ତିର ବିରୋଧାଚରଣ କରିଛି ? ଆଜି କାହିଁକି ମନରେ ଏ ପ୍ରକାର ସଂଶୟ ବାପା ! ! କୁହ, ମୋ ଅଜାଣତରେ ମୁଁ ସେମିତି କିଛି ଭୁଲ କରିଦେଇଛି କି ? ପଚାର ବାପା, ଭରସା ରଖ ଯେ ତମ ପ୍ରଶ୍ନର ଉତ୍ତର ନିଶ୍ଚୟ ତମେ ଆଶା କରୁଥିବା ଉତ୍ତର ହିଁ ହେବ ।"- ଏକା ନିଶ୍ୱାସରେ କହିସାରିଲା ବେଳକୁ ଅର୍ପିତାର କଣ୍ଠ ବାଷ୍ପରୁଦ୍ଧ ହେଇ ଉଠିଲା ।

ଅଳ୍ପ ହସି ବିଘ୍ନେଶ ବାବୁ କହିଲେ, "ନାଁ ରେ ମା, ତୁ ତ ମୋ ସୁନା ଝିଅ, ତୁ କେମିତି କିଛି ଭୁଲ କରିବୁ ଯେ ! କାହିଁ କେବେଠାରୁ ଏଯାଏଁ ମୋ ଭିତରେ ଡାଳ ପନକା ମେଲି ମହାଦ୍ରୁମ ପାଲଟି ଯାଇଥିବା ଗୋଟେ ବିରାଟ ଭୁଲକୁ ମୁଁ ଏଇ ଏବେଏବେ ସୁଧାରି ଫେରିଲି ଆମ ଏଇ ଛୋଟିଆ ଘରକୁ ।"

ଛାତି ଭିତରେ ଆଡା ପଡିଥିବା ଦୀର୍ଘଶ୍ୱାସଟିକୁ ବାହାରକୁ ଠେଲିଦେଇ ସେ ପୁଣି କହିଲେ, "ମୁଁ ଭାବୁଛି, ତୁ ସ୍ନାତକୋତ୍ତର ଶେଷକଲା ପରେ ଦିଲ୍ଲୀ ଯାଇ ଅନ୍ତତଃ ପକ୍ଷେ ବର୍ଷକ ପାଇଁ ସିଭିଲ ସର୍ଭିସ ପାଇଁ ପ୍ରଶିକ୍ଷଣ ନେ । ମୋର ପୂର୍ଣ୍ଣ ବିଶ୍ୱାସ ଅଛି, ତୁ ନିଶ୍ଚୟ କୃତକାର୍ଯ୍ୟ ହେବୁ । ତା'ପରେ ତୋ ମନ ପସନ୍ଦର ଯୋଗ୍ୟ ପାତ୍ରଟିଏ ଖୋଜି ତୋ'ର ବାହାଘର କରିବି । ତୋ'ର ମତ କଣ ମା ?"

ଅର୍ପିତା କିଛି ନକହି ବାପାଙ୍କ ହାତକୁ ଦୁଇ ହାତରେ ଜାବୁଡି ଧରି ଛୋଟପିଲାଟିଏ ପରି

 Magazine Downloaded from www.aahwaan.com

କାନ୍ଦି ଉଠିଲା । ସତେ ଅବା ଯୁଗଯୁଗ ଧରି ଆକାଶରେ ଭାସି ବୁଲିଥିବା ବାଦଲ ଖଣ୍ଡିକ ଘନୀଭୂତ ହେଇ ଅକସ୍ମାତ ବରସି ଗଲା । ବିଘ୍ନେଶବାବୁ ଝିଅର ମୁଣ୍ଡକୁ ଛାତିରେ ଜାବୁଡି ଧରି ନିଜ ଆଖିରୁ ଗଡି ଆସୁଥିବା ଲୁହକୁ ନପୋଛି ଅବାଧରେ ବୋହିଯିବାକୁ ଦେଇ ନୀରବ ହେଇଗଲେ ସତେ ଯେପରି ତାଙ୍କୁ ତାଙ୍କ ସବୁ ପ୍ରଶ୍ନର ଉତ୍ତର ମିଳିଯାଇଥିଲା ।

ବହୁତ ଆଗରୁ ଦୁଆର ପାଖରେ ନୀରବରେ ଛିଡାହେଇ ସବୁକିଛି ଦେଖୁଥିବା ଆଉ ଶୁଣୁଥିବା ସୌମ୍ୟା ପଣତରେ ଲୁହ ପୋଛିପୋଛି କୋଠରୀ ଭିତରକୁ ପଶିଆସି ଗୋଟେ ହାତ ସ୍ୱାମୀଙ୍କ କାନ୍ଧରେ ରଖି ଏବଂ ଆର ହାତରେ ଅର୍ପିତାର ମୁଣ୍ଡକୁ ସାଉଁଳେଇ ଦେଇ କହିଲେ," ଆରେ, ମୋ'ର ଏ ଛୋଟିଆ ଘରକୁ ତମେ ବାପଝିଅ ଦୁହେଁ ମିଶି ରାତାରାତି ଏତେ ବଡ଼ କରିଦେଲ ଅଥଚ ମୋତେ କେହି ଏଯାଏଁ ଡାକୁନ !!!"

ବିଘ୍ନେଶ ବାବୁ ଓ ସୌମ୍ୟା ଉଭୟ ଏକସଙ୍ଗେ ହସି ଉଠିଲେ ଆତ୍ମତୃପ୍ତି ପରିପୂର୍ଣ୍ଣ ହସ । ମଧ୍ୟରାତ୍ରର ବହଳ ଅନ୍ଧକାରର ବକ୍ଷଚିରି ଉଇଁ ଆସୁଥିଲେ ସମାନ୍ତରାଳ ଭାବେ ଦୁଇଟି ସୂର୍ଯ୍ୟ ଅର୍ପିତାର ଦି ଆଖି ଭିତରେ ।।

ହରସିଂହପୁର, ପୀରହାଟ ବଜାର,ଭଦ୍ରକ-୩୧

ଦୁରଭାଷ କ୍ରମାଙ୍କ: ୯୯୩୭୫୪୮୪୩୧, ୯୪୩୮୬୭୦୧୨୦

---(ବର୍ତ୍ତମାନର ଠିକଣା)----

ପ୍ଲଟ ନଂ- ୩୪୨, ସେକ୍ଟର-୫,

ନୀଳାଦ୍ରି ବିହାର, ଚନ୍ଦ୍ରଶେଖର ପୁର

ଭୁବନେଶ୍ୱର-୨୧

 Magazine Downloaded from www.aahwaan.com

# ସୁଭଦ୍ରା ଖୁଡ଼ୀ



ସେଠୀ କାର୍ତ୍ତିକ ଚନ୍ଦ୍ର

ଘନଶ୍ୟାମ ତା' ପିଉସୀ ଘରକୁ ଯାଇଥିଲା । ମୋବାଇଲ୍ ଦେଖୁ ଦେଖୁ ଟିକେ ଅନ୍ୟ ମନସ୍କ ହୋଇଯାଇଥିଲା । ଇତି ମଧ୍ୟରେ ତା' ପିଉସୀ ଝିଅ ଡଲି ଟେବୁଲ ଉପରେ କିଛି ଖାଇବାକୁ ଦେଲା ।

- କିରେ, କ'ଣ କିରେ ଡଲି, ଜେଲାବି ନା କ'ଣ ?

- ହଁ, ଭାଇ

- ଥଣ୍ଡା ହୋଇଯାଇଛି , କେତେବେଳେ ତିଆରି ହୋଇଥିଲା କି ?

- ଗତକାଲି ସନ୍ଧ୍ୟାରେ

- ଛି.. ଛି, ଏ ମୋତେ ଟିକେ ଆଗରୁ କହିଥାନ୍ତ ଭଲା । ଖାଇ ନଥାନ୍ତି ।

- ଫ୍ରିଜରେ ନ ଥିଲା କି ହୁଣ୍ଡୀ !!

- ନାଇଁ, ଭାଇ

- ତା'ହେଲେ ମୋତେ ଦେଉଥିଲୁ କାହିଁକିରେ । ଆଲୋ, ବାସି ଖାଦ୍ୟ ପଦାର୍ଥ ଫିଙ୍ଗିଦେବୁ । କାହାରିକୁ ବି ଦେବୁନି ।

- ଆଜ୍ଞା, ଘନ ଭାଇ

- କ'ଣ କହିବିରେ ତୋତେ ମୁଁ, ଲୋଭରେ ଦୁଇ ଚାରି ପିସ୍ ତ ଚୋବେଇ ଦେଇ ସାରିଲଣି । ହେଉ ରଖ ୟାକୁ । ବଳକାତକ ଫିଙ୍ଗି ଦେବୁ । କାହାରିକୁ ବି ଦେବୁନୁ ।

- ଭାଇ

 Magazine Downloaded from www.aahwaan.com

ଇତି ମଧ୍ୟରେ ମୋବାଇଲ୍ ରିଂ ହେଲା ଘନଶ୍ୟାମର ।

ସେପଟୁ ତା ଖୁଡ଼ୀ ଡାକୁଥିଲେ ଶୀଘ୍ର ଆସିବା ପାଇଁ କହୁଥିଲେ । ଘନଶ୍ୟାମ ପାଞ୍ଚବର୍ଷର ହୋଇଥିଲା ବେଳେ ତା ମାଆ ତାକୁ ଇହଧାମ ଛାଡ଼ି ଚାଲିଯାଇଥିଲେ । ପିଲାଟି ଦିନରୁ ମା' ଛେଉଣ୍ଡ ସେ । ତା'ଖୁଡ଼ୀ ତାକୁ ଲାଳନପାଳନ କରି ଆସୁଅଛନ୍ତି । ବାପା ସାଉଦୀ ଆରବରେ କାମ କରନ୍ତି । ଦୁଇ ତିନିବର୍ଷକୁ ଥରେ ଆସନ୍ତି ।

ପିଉସୀଙ୍କ ଘରଠାରୁ ଅଟୋରେ ଗଲେ କୋଡ଼ିଏ ମିନିଟ୍ ର ରାସ୍ତା ଘନଶ୍ୟାମର ଘର ପାଖକୁ । ଖୁଡ଼ୀଙ୍କର ଫୋନ୍ ଆସିଲା ପରେ ଶୀଘ୍ର ଫେରିଗଲା ଘନଶ୍ୟାମ । ଅଟୋରେ ଫେରୁ ଫେରୁ ଖୁଡ଼ୀଙ୍କର ଦେହ କିଛି ଖରାପ ହେଲା ନା କ'ଣ ଭାବି ଚାଲିଥିଲା ଘନଶ୍ୟାମ । ନା ନା ସବୁ ଠିକ୍ ଥିବ ମ । ମୁଁ କାହିଁକି ଇଆଡୁ ସିଆଡୁ ଭାବି ଚାଲିଛି ! ଖୁଡ଼ୀ ମୋ ଦେହ ଟିକେ କିଛି ହେଲେ ଛାନିଆ ହୋଇଯାଆନ୍ତି ତ ! ସେଇ ସେନେହର ଡୋରୀ ...

ଏଇତ ପାଣି ଟାଙ୍କି ଆସିଗଲା । ଏଇଟି ରଖିବି ଭାଇ ..

(ଅଟୋବାଲା ଗାଡ଼ି ରୋକିଦେଲା ଏତିକି କହି )

- ହଁ, ଭାଇ । ଓହ୍ଲାଇ ପଡ଼ି.. ପଇସା ନିଅ ଭାଇ । ୧୨ ଟଙ୍କା ବଢେଇ ଦେଲା । ଅଟୋବାଲା ଖୁସି ହୋଇଗଲା । ଲୋକଟା ବହୁତ ଭଲ । ପାଉଣା ଦେବାରେ ହିଚ୍ କିଚ୍ ନାହିଁ ।

ଅଟୋଷ୍ଟାଣ୍ଡ ଠାରୁ ଅଧ କିଲୋମିଟର ବି ନୁହଁ, ଘନଶ୍ୟାମର ଘର । ଚାଲି ଚାଲି ଯାଉଥିଲା ବେଳେ ଦେହଟା କେମିତି ଶୀତୁଆ ଶୀତୁଆ ଲାଗୁଥିଲା । ଆସନ୍ନ ଜ୍ୱରର ହାବଭାବ ପରିକା ।

- ଆରେ, ଏଇଠି ଅଗଣାରେ ବସିଛ ନା ଖୁଡ଼ୀ ! ! !

(ଘର ସମ୍ମୁଖରେ ଥିବା ଅଗଣା ରେ ଖୁଡୀଙ୍କୁ ଦେଖି )

- ତୋରି ବାଟ ଚାହିଁ ବସିଚିରେ ଘନ ! ! !

 Magazine Downloaded from www.aahwaan.com

ସ୍ନେହ ବାତୁଳୀଟିଏ ଏଇ ସୁଭଦ୍ରା ଖୁଡ଼ୀ । ଟିକିଏ ନିଜଠାରୁ ଅନ୍ତର ହୋଇଲେ ତାକୁ ଭୋକ ବି ହୁଏନି, ନିଦ ବି ହୁଏନି । ସନ୍ତାନ ସୁଖ ତା'ର ଏଇ ଘନଶ୍ୟାମ ଠାରେ... ନିଜର ପିଲାପିଲି କିଛି ନ ହେବା ପରେ ଏଇ ଘନିଆ ହିଁ ସବୁ କିଛି ତା'ର..

- କିରେ ସେଇଠି ବସି ପଡ଼ିଲୁ କାହିଁକି ? ତୋ' ଦିହ ଭଲ ଅଛି ଟି ?

- ଜମା ଭଲ ଲାଗୁନି ଖୁଡୀ, ଦେହଟା ଶୀତୁଆ ଶୀତୁଆ ଲାଗୁଛି । ଜ୍ୱର ଆସିବ କି କେଜାଣି ।

- କାହିଁକି, କ'ଣ ଖାଇଲୁ କିରେ ?

- ବାସି ଜେଲାବି ଖାଇଥିଲି ଦୁଇ ତିନି ପିସ୍, ଖୁଡ଼ୀ ।

- କେତେ ଥର ମନା କରିଛି ତୋତେ ! ! ତୁ କ'ଣ ଶୁଣୁଚୁ । ହଉ ଚାଲ୍, ଘର ଭିତରକୁ ଚାଲ୍ । ଏହାକହି ସୁଭଦ୍ରା ଖୁଡ଼ୀ ଘନଶ୍ୟାମକୁ ଘର ଭିତରକୁ ଝଟ୍ କରି ନେଇଗଲେ । ବେଞ୍ଚ୍ ଉପରେ ବସାଇ ଦେଇ ଘର ଭିତରକୁ ଚାଲିଗଲେ । କିଛି ପାଣିକୁ ଅଳ୍ପ ଟିକିଏ ଗରମ କରି ଆଣିଲେ । ଉଷୁମ ପାଣିରେ ଘରେ ପେଷାଯାଇଥିବା ହଳଦୀ ଗୁଣ୍ଡ ଏକ ଚାମଚ ପକେଇ ଘୁଣ୍ଟିଦେଲେ । ଅଧ ଗିଲାସ ହଳଦୀ ମିଶା ପାଣିକୁ ପିଆଇ ଦେଲେ । ମୁଣ୍ଡ ଆଉଁସି ଦେଇ... ତୋର କିଛି ହେବନି ବାବା । ସତକୁ ସତ, କିଛି ସମୟ ପରେ ଘନିଆର ଆସନ୍ନ ଜ୍ୱର କୁଆଡ଼େ ଉଭେଇ ଗଲା । ଘନିଆ ସ୍ନେହମୟୀ ଖୁଡ଼ୀଙ୍କ କୋଳରେ ମୁଣ୍ଡ ଗୁଞ୍ଜି ଶୋଇ ପଡ଼ିଲା । ମୁଣ୍ଡ ଆଉଁସି ଦେଉ ଦେଉ ସୁଭଦ୍ରା ଖୁଡ଼ୀ ଘରେ ଟଙ୍ଗା ଯାଇଥିବା "କୃଷ୍ଣ ଯଶୋମତୀ"ଙ୍କ ଫଟୋ ଦେଖୁଥିଲେ । ଆଖିରୁ ଦୁଇ ଟୋପା ଲୁହ ଗଡି ପଡୁଥିଲା ହେଲେ ସେ ଚରମ ସୁଖ ଅନୁଭବ କରୁଥିଲେ ପିଲାଟିକୁ କୋଳରେ ଧରି ...

ଚଉମୁଖ, ବାଲେଶ୍ୱର

ଦୂରଭାଷ :୬୨୮୧୬୯୫୮୯୨

 Magazine Downloaded from www.aahwaan.com

# ଭୁଲି ହେବକି ସେ ଅଭୁଲା ମୁହୂର୍ତ୍ତ



ନାରାୟଣ ଚନ୍ଦ୍ର ସେନାପତି

ପାହାନ୍ତାର କୁକୁଡା ରାବ ସାଥେ ସାଥେ ଅନାଥାଶ୍ରମର ସହାୟିକାଙ୍କ ହୁଇସିଲର ସ୍ୱର କନ୍ୟାମାନଙ୍କୁ ଶୀଘ୍ର ଶଯ୍ୟାତ୍ୟାଗ କରିବାପାଇଁ ଆହ୍ୱାନ ଦେଲା । ହେଲେ ଆଜି ସଭିଙ୍କ ମନରେ ଦୁଃଖର ଛାୟା, କାହିଁକି ? ଆଶ୍ରମର ତତ୍ତ୍ୱାବଧାରିକା ସଭିଙ୍କ ବିଳମ୍ବ ଦେଖି ଆସିଲେ କୋଠରୀ ଭିତରକୁ । କହିଲେ... ଆରେ କୁନି, ମୁନି, କବିତା, ଅନୀତା... ଆଜି ପରା ରାକ୍ଷୀ ପୁନେଇଁ... ଉଠ, ଶୀଘ୍ର ସ୍ନାନ ଶୌଚ ସାରି ବାହାରିପଡ, ରାକ୍ଷୀ ପୁନେଇଁ ପାଳିବାପରା । ଦିଦି ଚାଲି ଯାଉଁ ଯାଉଁ ତାଙ୍କ କର୍ଣ୍ଣକୁ ସ୍ପର୍ଶକଲା କାହାର.. କ୍ରନ୍ଦନର ସ୍ୱର । ଅବାକ୍ ହୋଇ ପଛକୁ ଚାହିଁ ଦେଖିଲେ ସେ ସ୍ୱର ଆଉ କାହାର ନୁହଁ... ସେଇ ହତଭାଗିନୀ ବାଳିକାମାନଙ୍କର । ଦିଦି ପାଖକୁ ଆସି କୋମଳ ଦରଦୀ କଣ୍ଠରେ ଶ୍ରଦ୍ଧାରେ ପଚାରନ୍ତେ.. ଉତ୍ତର ପାଇଲେ.. ଦିଦି, ଆମେ ପରା ଅନାଥ, ଆମର ତ ଭାଇ ନାହିଁ.. ଆମେ କଣ କାହା ହାତରେ ରାକ୍ଷୀ ବାନ୍ଧିପାରିବୁ ? ଛଳଛଳ ଆଖି ଓ ବୁକୁଥରା ହୃଦୟରେ ଦିଦି କହିଲେ, ମୋ ସୁନାଟା ପରା... ଆରେ ତୁମେ ସବୁ ପ୍ରସ୍ତୁତ ହୁଅ, ମୁଁ କଥା ଦେଉଛି.. ଆଜି ନିଶ୍ଚୟ ତୁମ ଭାଇଙ୍କ ହାତରେ ମୁଁ ରାକ୍ଷୀ ବନ୍ଧା କରାଇବି ।

ନୈରାଶ୍ୟର ସାହାରା ମରୁବାଲିରେ ସ୍ୱର୍ଗର ନନ୍ଦନକାନନର ପାରିଜାତ ଫୁଟିଲା ପରି ଅନାଥ କନ୍ୟାମାନଙ୍କ ହୃଦୟରେ ହସଖୁସିର ଜୁଆର ଖେଳିଗଲା । ଉତ୍କଣ୍ଠାର ଆକାଶରେ ଛବିଳ ଇନ୍ଦ୍ରଧନୁ ସତେ ଯେମିତି ଆବିର୍ଭାବ ହେଲା । ଚଳଚଞ୍ଚଳ ମନରେ ନିଜର ପ୍ରାରମ୍ଭିକ କାମ ସାରି ସଜାଇଲେ ସେମାନେ ଅତି ଶରଧାରେ ରକ୍ଷାବନ୍ଧନର ଥାଳି । ଆଶ୍ରମରେ ପାଳିତ ହେଲା ରକ୍ଷାବନ୍ଧନ । ଏହା ଭିତରେ ସେମାନଙ୍କର ଭାଇଙ୍କୁ ଦେଖିବା ଓ ରାକ୍ଷୀବାନ୍ଧିବାର

 Magazine Downloaded from www.aahwaan.com

ଜିଜ୍ଞାସା ତ୍ୱରାନ୍ୱିତ ହେଉଥାଏ । ଦିଦି ଡାକିଲେ ପିଲେ.. ଆସ ଯିବା ରାକ୍ଷୀ ବାନ୍ଧି । ମନପବନର ଉଜାଣି ସ୍ରୋତରେ.. ଆବେଗର ଚିରସ୍ରୋତା ସୁଅ ଓ ଉଦବେଗର ତରଙ୍ଗ ଟାଣିନେଲା ରାକ୍ଷୀ ବାନ୍ଧିବାକୁ । ଏ ଭିତରେ ପହଞ୍ଚି ଯାଇଥିଲେ ସଭିଏଁ ଗୋଟିଏ ଫାଟକ ନିକଟରେ । ତାହା ଥିଲା ଆମ ଦେଶର ସୁରକ୍ଷାକାରୀ ମହାମାନବ ଯବାନଙ୍କର ଆବାସସ୍ଥଳି ।

ଆଜି ବି ଉଦାରତାର ବାଦଲରେ ଆଚ୍ଛାଦିତ ମାଟିର ମଣିଷ ଏ ଯବାନଙ୍କ ମନରେ ଦୁଃଖର କଳାବାଦଲ । ପାଖରେ ନାହାଁନ୍ତି ପରିବାର ଲୋକ ଆଉ ସେମାନଙ୍କର ଅନାବିଳ ସ୍ନେହ । ଆଜି ପବିତ୍ର ରକ୍ଷାବନ୍ଧନ । ଭାରତୀୟ ପବିତ୍ର ସଂସ୍କୃତିରେ ଭଉଣୀ ବାନ୍ଧିବ ମମତାର ରାକ୍ଷୀ । ମାତ୍ର ଆଜି ଆମ ପାଖରେ ନାହିଁ ଭଉଣୀ.. କିଏ ବାନ୍ଧିବ ଏ ମମତାର ରାକ୍ଷୀ !!!

ହଠାତ୍ ଆଖିର ଲୁହର ଧାର ଚିରସ୍ରୋତା ହୋଇ ବୋହିନେଲା ଫାଟକ ଆଡକୁ । କେତେକ କୁନି ଝିଅ ଓ ଭଦ୍ର ମହିଳାମାନଙ୍କୁ ଦେଖି ମନେ ପଡିଲା ଭଉଣୀମାନଙ୍କ କଥା, ସ୍ନେହ ମମତା ଓ ସମ୍ପର୍କର ଅଭୁଲା ମୁହୂର୍ତ୍ତ ॥

ସୁରକ୍ଷାକାରୀ ଫାଟକଟିକୁ ଖୋଲିବାପରେ ସହାସ୍ୟ ବଦନରେ ପ୍ରବେଶକଲେ କନ୍ୟାଏ । ହାତରେ ରକ୍ଷାବନ୍ଧନର ଅର୍ଘ୍ୟଥାଳି । ଉଦାସ ମନରେ ବସିଥିବା ଯବାନମାନଙ୍କ ପାଖକୁ ଯାଇ ଦିଦି କହିଲେ.. ଏଇ ମାନେ ତୁମ ମାନଙ୍କ ଭାଇ । ଦିଦି ଏମାନେ !!! ଏମାନେ କ'ଣ କରନ୍ତି ଯେ ?ର ଉତ୍ତରରେ ପୁନଶ୍ଚ କହିଲେ ଯେଉଁ ଜନ୍ମଭୂମିରେ ଆମେ ଜନ୍ମ, ଯେ ତା'ର ସର୍ବସ୍ୱ ଦେଇ ଆମକୁ ଖୁସି କରାଏ ସେଇ ଭାରତମାତାକୁ ଶତ୍ରୁ କବଳରୁ ରକ୍ଷା କରିଥାନ୍ତି ଏଇମାନେ । ଖରା ବର୍ଷା ଶୀତ କାକର ଭ୍ରୂକ୍ଷେପ ନ କରି, ଦିବାରାତ୍ର ଆମ ଦେଶର ସୀମାନ୍ତକୁ ଜଗି, ଆମକୁ ଆନନ୍ଦରେ ଶୁଆନ୍ତି...ଏଇମାନେ । ନିଜ ଜୀବନକୁ ଜଳାଞ୍ଜଳି ଦେଇ ଆମ ଓଠରେ ଗୋଲାପି ହସ ଭରନ୍ତି ଏଇମାନେ । ବିଶ୍ୱ ଏମାନଙ୍କ ତ୍ୟାଗପାଇଁ ମଥାନତ କରେ । ଏମାନେ ମା, ଭଉଣୀ, ଭାଇ ପରିବାର ସମସ୍ତଙ୍କୁ ଦୂର କରି ଆପଣାନ୍ତି ଦେଶର ଆବାଳ

 Magazine Downloaded from www.aahwaan.com

ବୃଦ୍ଧବନିତାଙ୍କୁ ।

କନ୍ୟାମାନଙ୍କର ଆନନ୍ଦର ସୀମା କହିଲେ ନ ସରେ । ମନ କୁଣ୍ଡେ ମୋଟ ହେଉଥାଏ... ଏଭଳି ମହାନ ଦେଶଭକ୍ତଙ୍କୁ ଭାଇରୂପେ ପାଇ । ରକ୍ଷାବନ୍ଧନ ଥାଳି ନେଇ ଆଗେଇ ଯାଆନ୍ତି ରାକ୍ଷୀ ବାନ୍ଧିବାକୁ । ଯବାନମାନେ ହାତ ବଢେଇଦିଅନ୍ତି... ଆନନ୍ଦର ଅଶ୍ରୁ ଝରି ଯାଉଥାଏ ତାଙ୍କ ଆକୁଳ ନୟନରୁ ।

ଅପୂର୍ବ ଏ ମୁହୂର୍ତ୍ତ । କନ୍ୟାଏ ଭାଇଙ୍କର ଆଖିରୁ ଲୁହ ପୋଛି.. ତୀଳକ ପିନ୍ଧାଇ ସତେ ଯେମିତି କହୁଥିଲେ ଭାଇ, ତୁ ସଦା ବିଜୟ ହୋ,ଚନ୍ଦନ ଲଗାଇ ଅନ୍ତରେ କହୁଥାନ୍ତି.. ଭାଇ ତୁ ଏମିତି କାମ କର ଯେମିତି ତା'ର ମହକ ଚଉଦିଗ ମହକାଉ । ହାତରେ ପବିତ୍ର ରାକ୍ଷୀ ବାନ୍ଧି ଭିତରେ କହୁଥାଏ  ଭାଇ, ଏ ମମତାର ରାକ୍ଷୀ ବାନ୍ଧିଲି.. ତୁ କେବଳ ମୋର ନୁହେଁ.. ସବୁ ମା' ଭଉଣୀଙ୍କର ମାନ ସମ୍ମାନ ରଖିବୁ, ସୁରକ୍ଷା ଦେବୁ.. ଆଉ ମୋ ଭାରତମାତାର ଶୀର ଉନ୍ନତ କରିବାକୁ କେବେ ଭୁଲିବୁ ନାହିଁ ।

ଯବାନ ମାନେ ଭଉଣୀଙ୍କ ହାତରୁ ଶ୍ରଦ୍ଧାର ମିଠାଖାଇ ହୃଦୟର ଗଭୀରତମ ପ୍ରଦେଶରୁ ସତେ ଯେମିତି କହୁଥାନ୍ତି... ହଁ ଲୋ ଭଉଣୀ... ଏ ଭାଇଟା ତା'ର ଜୀବନ ଉତ୍ସର୍ଗ କରିଦେବ ପଛେ... ମା' ଭଉଣୀ ଓ ଦେଶର ଇଜ୍ଜତକୁ କେବେ ତଳେ ପକାଇଦେବ ନାହିଁ ।

ସକାଳ ସୁରୁଜର ସୁନେଲି କିରଣ ଏସବୁ ଦେଖି ସତେ ଯେମିତି ମୁରୁକି ହସୁଥିଲା ! ମନ୍ଦ ସମୀରଣ ଗର୍ବରେ କହୁଥିଲା.. ବାଃ ବାଃ ରେ ଭାରତୀୟ ସଂସ୍କୃତି, ଭାଇ ଭଉଣୀର କି ଅକାଟ୍ୟ ବନ୍ଧନ ! ! ! ଭାଇ ଭଉଣୀର ଏ ରକ୍ଷାବନ୍ଧନର ଦୃଶ୍ୟ ଦେଖି ସତେ ଯେମିତି ରାକ୍ଷୀପୁନେଇଁ ହସିହସି କହୁଥିଲା .."ଭୁଲିହେବନି.... ଭୁଲିହେବକି ଏ ଅଭୁଲା ମୁହୂର୍ତ୍ତ" ॥

ଶିକ୍ଷକ, ସରକାରୀ ଉ.ପ୍ରା.ବିଦ୍ୟାଳୟ,
ଡିମିରିଆ, ଜିଲ୍ଲା-କେନ୍ଦୁଝର । ପିନ୍-୭୫୮୦୧୯,
ଯୋଗାଯୋଗ-୭୯୭୮୩୭୯୯୬୬

 Magazine Downloaded from www.aahwaan.com

# ନୂଆବର୍ଷ ବନାମ ଗରୀବ ବାପା



ପ୍ରିୟଙ୍କା ସାହୁ

ଧରମୁ ଘରେ ପହଞ୍ଚି ଛିଣ୍ଡା ମଶିଣାରେ ଲଥ୍ କିନାବସି ପଡିଲା । କାର୍ଯ୍ୟଚାପରେ ଥକି ପଡିଥାଏ । ଶୋଇବା ବିଛଣାରୁ ରାଜୁ ଉଠି ଆସି କୋଳରେ ବସିପଡିଲା । ବାପା ... ବାପା ଜାଣିଚ ଗୋଟେ କଥା କାଲି ନୂଆବର୍ଷ ଏଇ ନୂଆବର୍ଷର ମାନେ କଣ ? ଧରମୁ କହିଲା ତୁ ଏଯାଏଁ ଶୋଇନୁ କାହିଁକି ?

ରାଜୁର ଉତ୍ତର- ନାଁ ଆଜି ତୁମସହ ଅନେକ କଥା ଅଛି ସେଥିପାଇଁ ମୋତେ ନିଦ ହେଲାନି । କଣ ତ ସେଇଟା... ହଁ କଟଲେଟ୍ ଆଉ କୋଫତା ଏ ସବୁ କେମିତିକା ଖାଦ୍ୟ ବାପା । ବୋଉକୁ ପଚାରିଲି ସେ କହିଲା ବାପା ବଡବାବୁଙ୍କ ଘରେ କାମ କରୁଛନ୍ତି ସେମାନେ ଏସବୁ ଖାଦ୍ୟ ଖାଉଥିବେ, ତୁମେ ଦେଖିଚ ନା କୁହ କେମିତିକା ଖାଦ୍ୟ ସେ । ଆଉ ଗୋଟେ କଥା ଜାଣିଚ କାଲି ବର୍ଷରେ ଯଦି ନୂଆଲୁଗା ପିନ୍ଧି ଭଲ ଭଲ ଖାଇବା ଖାଇବ ତେବେ ବର୍ଷକସାରା ଭଲ ଖାଦ୍ୟ ମିଳିବ । ଆମେ ବି କାଲି ଭଲ ଖାଦ୍ୟ ଖାଇବା ନା ?

ଧରମୁ କହିଲା ଏତେ ସବୁ କଥା କେମିତି ଜାଣିଲୁ । ଆଜି ବୋଉ ଆଉ ମୁଁ ବସଷ୍ଟାଣ୍ଡ ଆଡେ ଯାଇଥିଲୁ ସେଇଠି କିଛି ପିଲାମାନେ କଥା ହେଉଥିଲେ ।

ଧରମୁ – ହଉ ରାତି ଅନେକ ହେଲାଣି ତୁ ଯା ଶୋଇପଡ କାଲି ମୁଁ ବାବୁଙ୍କ ଘରୁ କାମ ସାରି ଫେରିଲେ ତୋ ପାଇଁ ନୂଆଜାମା ଆଣିଦେବି । ଭଲଖାଦ୍ୟ ବି ଖାଇ ନୂଆବର୍ଷ ପାଳିବା ।

ବସ୍ତି ଅଞ୍ଚଳର ବାସିନ୍ଦା ଧରମୁ । ପରିବାର କହିଲେ ସାବି ଆଉ ତାର ୪ ବର୍ଷ ପୁଅ

 Magazine Downloaded from www.aahwaan.com

ରାଜୁ । ଧରମୁ ଜଣେ ଅଫିସରଙ୍କ ଘରେ ଚାକର ଭାବେ କାମ କରେ । ଦୁଃଖ ସୁଖେ ପରିବାର ଏମିତି ଚଳିଯାଏ । ପୁଅ ତା'ର ବେଶି ଅଝଟ ନ ହେଲେ ବି ପିଲାଳିଆ ମନ କେତେବେଳେ କଣ ଟିକେ ଆଶାକରେ ଖାଇବା ପାଇଁ ଏଇ ଅଳିକୁ ସେ କଣ ପୂରା କରି ପାରିବନି । କାଲି ଜାନୁଆରି ୧ ତାରିଖ ତେଣୁ ସମସ୍ତେ ନୂଆବର୍ଷ ପାଳୁଛନ୍ତି । କିନ୍ତୁ ତାଙ୍କ ପାଇଁ ନୂଆ କଣ ନା ପୁରୁଣା କଣ ଏ କଥା ସାବି ସିନା ବୁଝିବ, ଛୋଟ ଛୁଆଟା ରାଜୁ ସେ ବା କେମିତି ବୁଝନ୍ତା ।

ନୂଆବର୍ଷର ନୂତନ ସୁରୁଜ ଆଶାର କିରଣ ବିଛୁରିତ କରିବାର ଢେର ଆଗରୁ ଧରମୁ ଉଠି ନିତ୍ୟକର୍ମ ସାରି ବାବୁଙ୍କ ଘରକୁ ବାହାରିଲା ଆଜି ସେଠି ଅଧିକା କାମ ବଡଘର କଥା ପାର୍ଟି ହେବ, କେତେ ରକମର ଖାଇବା ଜିନିଷ ତିଆରି ହେବ, ସଜାସଜି ହେବ ସବୁ ବଡବଡିଆ ବାବୁ ମାନେ ଆସିବେ ତେଣୁ ଧରମୁ ବେଶ୍ କର୍ମତତ୍ପରତା ସହ ତାର ସବୁ କାର୍ଯ୍ୟ ସମ୍ପାଦନ କରିଲା ।

ମୃତ ମୁହୂର୍ତ୍ତ ସବୁର ପାଉଁଶ ଗଦା ଅଣ୍ଡାଳୁ ଅଣ୍ଡାଳୁ ହଠାତ୍ ଯେମିତି ଚୋରା ନିଆଁ ମୁଣ୍ଡାଟିକୁ ଝୁଣ୍ଟି ପଡିଲା ପରି ମନ ମଧ୍ୟରେ ଆଶା ଜାଗିଥାଏ ଆଜି ଦରମାମିଳିବ । ପାର୍ଟି ଶେଷ ହେଲାପରେ ଯିଏ ଯାହା ଗୃହକୁ ବାହୁଡି ଗଲେ । ଧରମୁ କେତେଟା ମଦ ଗିଲାସରେ କେତେ ଖଣ୍ଡ ବରଫ ମିଶେଇଛି ତାର ହିସାବ ସିନା ରଖିନି କିନ୍ତୁ କେତେଟା ପ୍ଲେଟ୍ ଖାଦ୍ୟ ଫୋପଡା ଯାଇଛି ତାର ହିସାବ ଠିକ୍ ମନେ ରଖିଛି ଧରମୁ । କାଗଜ ଖଣ୍ଡିକରେ ସେ ଅଇଁଠା ଖାଦ୍ୟରୁ କିଛି ସାଇତି ରଖିଲା ତା ପୁଅ ରାଜୁପାଇଁ । ବେଶ୍ ବିନମ୍ରତାର ସହିତବାବୁଙ୍କ ସାମ୍ନାକୁ ଗଲା ସେତେବେଳେ ବାବୁ ଥକି ପଡିଥାନ୍ତି । ନିଶା ପାଟିରୁ ଯାଇ ବୋଧେ ମୁଣ୍ଡରେ ନେଶି ହେଲାଣି । ଧରମୁ ଧୀରେ କହିଲା ବାବୁ ଦରମା...

 Magazine Downloaded from www.aahwaan.com

ମାଲିକଙ୍କ ଉତ୍ତର - କାଲି ନେବୁ

ଧରମୁ – ବାବୁ ଆଜି ଦରକାର ଥିଲା

ଗରଜି ଉଠିଲେ ବାବୁ । ଆଜି ପଇସା କ'ଣ ତୋର ନିହାତି ଦରକାର । ଏତେ ରାତିରେ ଟଙ୍କା ନେଇ କଣ କରିବୁ । କହିଲି ପରା କାଲି ଆସିନେବୁ । ଏଇ ଲୋ ଷ୍ଟାଣ୍ଡାର୍ଡ ଲୋକ ଗୁଡାଙ୍କର ସମୟ ଜ୍ଞାନ ବୋଲି କିଛି ନଥାଏ ।

ପାଦତଳୁ ମାଟି ଅତଡା ଖସିଗଲା ପରି ମନେ ହେଉଥାଏ । ସତେ ଯେମିତି ଶକ୍ତ ଭୂମିକମ୍ପ ସହ ସଂଘର୍ଷ କରୁଛି ଧରମୁ । ଝରି ଯାଉଛି ଦୁଇ ଆଖିରୁ ତତଲା ଲୁହ ଧାର । ରାସ୍ତା କଡ଼ରେ ବସିପଡିଛି ସେ ।

ଏପଟେ ରାଜୁ ଆଶା ଆଉ ଆଶଙ୍କା ମଧ୍ୟରେ ନିଦକୁ ଭୁଲି ଯାଇଛି । ଚାତକଟେ ପରି ଚାହିଁ ରହିଥାଏ ବାପାର ଫେରିବା ବାଟକୁ ।

ସବୁ ଦିନ ଧରମୁ ଫେରିବା ସମୟଠୁ ଢେର୍ ଅଧିକା ବିଳମ୍ବ ହେଲାଣି । ସାବି ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ । ଇଏ ଏତେବେଳ ଯାଏଁ ଗଲେ କୁଆଡେ । ହଁ ନୂଆବର୍ଷ ପାଇଁ ଘଡିଏ କି ଦି ଘଡି ଡେରି ହେବା କଥା । ରାତି ଅଧ ହେଲାଣି, ଚାନ୍ଦ ଆସି ବୁଡିବାକୁ ବସିଲାଣି ଏ ଯାଏଁ ଫେରିନାହାଁନ୍ତି କାହିଁକି । ସାଙ୍ଗରେ ରାଜୁକୁ ନେଇ ହାତରେ ମିଞ୍ଜି ମିଞ୍ଜି ଲଣ୍ଠନ ଆଲୁଅ ଧରି ବାବୁଘର ଅଭିମୁଖେ ଅଗ୍ରସର ହେଉଥାନ୍ତି ।

ରାସ୍ତାକଡରେ ଧରମୁ ଇଲେକ୍ଟ୍ରି ଖୁଣ୍ଟକୁ ଆଉଜି ବସିଛି । ମୁଣ୍ଡ ଫାଟି ଲହୁ ନିଗିଡି ପଡୁଛି । ରାଜୁର ନଜର ଅଟକିଗଲା । ସମ୍ମୁଖରେ ରାଜୁକୁ ଦେଖି ଧରମୁ ଛାତି ତଳର ଯନ୍ତ୍ରଣାରେ ଲଗାମ ଦେଇ ପାରିଲାନି । ଜୋରରେ କାନ୍ଦି ଉଠିଲା । ଧିକ୍ ମୋ ବାପାପଣିଆ ମୋ ପୁଅକୁ ଦେଇଥିବା କଥାଟେ ରଖି ପାରିଲିନି । ଭଲ ଜାମାଖଣ୍ଡେ ନ ହେଲା ନାହିଁ

 Magazine Downloaded from www.aahwaan.com

ହରେକମାଲର ଗଞ୍ଜି ଖଣ୍ଡେ ବି ଦେଇ ପାରିଲିନି । ନୂଆବର୍ଷରେ ମନଲାଖି ଚିଜଟିଏ ଖାଇବାକୁ ଦେଇ ପାରୁ ନଥିବା ଦରିଦ୍ର ବାପାଟେ ।

ସାବି ଆଖିର ଲୁହ ବନ୍ଧବାଡ଼ ମାନୁନଥାଏ । ରାଜୁ କହି ଉଠିଲା ବାପା କିଏ କହିଲା ତୁମେ ଦରିଦ୍ର ବୋଲି । ଦରିଦ୍ର ତାକୁ କୁହନ୍ତି ଯାହା ପାଖରେ ଧନ ନଥାଏ । ବୋଉ ପରା କହେ ମୁଁ ତୁମ ଦୁହିଁଙ୍କର ଧନ । ତେବେ ତୁମେ ଦରିଦ୍ର କେମିତି ହୋଇପାରିବ । ନୂଆ ଜାମା ମୋର କଣ ହେବ ଯେ ମୁଁ କଣ ଚିରାଜାମା ପିନ୍ଧିଛି କି ? ସେଦିନ ଜଣେ ମହିଳା ଆସି ଆମ ବସ୍ତିରେ ଲୁଗା ବାଣ୍ଟୁଥିଲେ ସେ ମୋତେ ଏଇ ଜାମା ଦେଇଥିଲେ । ଦେଖୁନ କୋଉଠି ବି ଚିରିନି ।

ବାବୁ ଘର ଆଜି ପଇସା ଦେଲେନି ବୋଲି ତୁମେ ଏଇ ଖୁଣ୍ଟରେ ମୁଣ୍ଡ ବାଡେଇ କାହିଁକି ଏତେ ଲହୁ ନିଗାଡିଛ ? ତୁମେ କଣ ଜାଣିନ ବାପା ଧନୀ ଲୋକଙ୍କ ହୃଦୟ ଏଇ ଲୁହା ଖୁଣ୍ଟଠାରୁ ଆହୁରି କଠିନ ବୋଲି ।

ଆଜି ସେଇ କୋଫତା ଆଉ କଟ୍‌ଏଲୁ ନ ଖାଇଲି ନାହିଁ ଆରସନକୁ ମୁଁ ବଡ ହୋଇଗଲେ ତୁମସାଙ୍ଗରେ ମୁଁ ବି କାମକୁ ଯିବି । ଆମେ ଦୁହେଁ ମିଶି ବହୁତ ପଇସା ଆଣିବା ନୂଆବର୍ଷ ବି ପାଳିବା ।

ଘରକୁ ଫେରି ସାତସିଆଁ ପାରୁସୁଆରେ ଶୋଇ ଧରମୁ କହୁଥାଏ, ଜାଣିଲ ସାବି ଭଗବାନ ଆମକୁ ଟଙ୍କା ପଇସା ରୁପକ ଧନ ନଦେଲେ କଣ ହେଲା ଆମ ରାଜୁ ପୁଅ କଣ କୋଉ ଧନଠାରୁ କମ୍ ନା କଣ ।

ସାହାନିଆଜ ପୁର, କଟକ

 Magazine Downloaded from www.aahwaan.com

# ସାବିତ୍ରୀ ଭାବି



ମହାପାତ୍ର ବି ସୁନନ୍ଦା

ବନ୍ୟାଜଳରୁ ବର୍ତ୍ତି ଯାଇଥିବା କିଛି ଫଟୋକୁ ସାଇତିବା ବେଳେ ହଠାତ ସାବିତ୍ରୀ ଭାବିଙ୍କର ଫଟୋଟା ଆଖିରେ ପଡ଼ିଗଲା, କେମିତି ଗୋଟେ କୋହରେ କଣ୍ଠ ରୁଦ୍ଧ ହୋଇଯିବା ପରି ଲାଗିଲା ! ଆଜି କେବଳ ଦୁଃଖଦ ସ୍ମୃତିଟିଏ ଭାବି ମୋ ପାଇଁ । ସାବିତ୍ରୀ ଭାବିଙ୍କ ନାଁ ପ୍ରକୃତରେ ସାବିତ୍ରୀ ନୁହେଁ, ଏ ନାଁ ଟା ମୁଁହିଁ ଦେଇଥିଲି । ସେ ବର୍ଷ ସାବିତ୍ରୀ ଅମାବାସ୍ୟା ଦିନ ପଡ଼ିଶା ଘରେ ପୂଜା ଚାଲିଥାଏ । ଖବର ଆସିଲା ଜଗନ୍ ଭୈୟାଙ୍କ ଦେହ ବହୁତ ଖରାପ । ବଞ୍ଚିବାର ଆଶା ନାହିଁ । ଛାତିଟା ଦାଉଁ କଲା । ପୂଜା ଅଧାରୁ କେହି ଉଠିକି ଯିବାକୁ ରାଜି ହେଲେ ନାହିଁ । ମୁଁ କିନ୍ତୁ ରହି ପାରିଲି ନାହିଁ । ତାଙ୍କ ଝିଅ ଥିଲା ମୋର ପ୍ରିୟ ଛାତ୍ରୀ । ଅଣଓଡ଼ିଆ ହୋଇ ଥିବାରୁ ପୁଅଟାବି ଓଡ଼ିଆ ପଢ଼ିବାକୁ ଆସେ ମଝିରେ ମଝିରେ । ସେଇ କାରଣରୁ କେମିତି ଏକ ଆତ୍ମିକ ସମ୍ପର୍କ ଯୋଡ଼ି ହେଇ ଯାଇଥାଏ ପୁରା ପରିବାର ସହିତ । ଯେମିତି ରୂପ, ସେମିତି ଗୁଣ । ଏତେ ଶାନ୍ତ, ସ୍ନେହୀ, ମାର୍ଜିତ, ଆମାୟିକ ଯେ, ଦେବୀ ଦେବୀ ଲାଗନ୍ତି ବେଳେବେଳେ । ଭୈୟା ମଧ୍ୟ ଖୁବ୍ ଶାନ୍ତ, ଭଦ୍ର ସ୍ୱଭାବର ମଣିଷ । କମ୍ କଥାବାର୍ତ୍ତା କରନ୍ତି । ଭାବି ମୋତେ ନଣନ୍ଦ ଭଳି ଦେଖୁ ଥିବାରୁ, ବର୍ଷରେ ଥରେ ମୁଁ କେବଳ ରାକ୍ଷୀ ବାନ୍ଧେ ଭୟାଙ୍କ ହାତରେ । ବାସ୍ ସେତିକି ସମ୍ପର୍କ । ସେ ମୋ ମୁଣ୍ଡରେ ହାତ ରଖି ଆଶୀର୍ବାଦ କରନ୍ତି, କିଛିଟଙ୍କା ରଖି ଦିଅନ୍ତି ପ୍ଲେଟରେ । ଭାବି କିନ୍ତୁ ରଖି ଥାଆନ୍ତି ଶାଢ଼ୀ, ଚୁଡ଼ି ସିନ୍ଦୂର !

ନନାଙ୍କୁ ଠାକୁରଙ୍କ ଦେହରେ ଫୁଲ ଛୁଏଁଇ ଦେବାକୁ କହିଲି । ଫୁଲକୁ ଧରି ଏକମୁହାଁ

 Magazine Downloaded from www.aahwaan.com

ହୋଇ ଧାଇଁଲି ଘର ଆଡ଼େ । ଘର ଆଗରେ ଯାତରା ଦେଖିବା ପରି ଭିଡ଼ । ମନକୁ ପାପ ଛୁଇଁଲା, ଅଛନ୍ତି ତ ? ମୁଁ ହାତରେ ଥିବା ଫୁଲକୁ ଶକ୍ତକରି ଜାବୁଡ଼ି ଧରି ଭିତରକୁ ଧସେଇ ପଶିଲି । ଘରେ କାନ୍ଦ ବୋବାଳି । ଡାକ୍ତର ଶେଷ ନିଷ୍ପତ୍ତି ଶୁଣେଇ ଦେଇ ଘରକୁ ପଠେଇ ଦେଇଛନ୍ତି । ମୁଁ ଧୀର ଏବଂ ଶଙ୍କିତ ପାଦରେ ଭୈୟାଙ୍କ ପାଖକୁ ଗଲି, ଭାବିଙ୍କ ପିଠିରେ ହାତ ମାରିଲି । ସେ ମୋତେ ଦେଖି ରଡ଼ି ଛାଡ଼ିବା ପୂର୍ବରୁ ତାଙ୍କୁ ଏକ ପ୍ରକାର ଭିଡ଼ି ନେଇଗଲି ଠାକୁର ଘରକୁ । ଭାବିଙ୍କ ହାତରେ ଫୁଲ ଦେଲି, ଭୈୟାଙ୍କ ମଥାରେ ଲଗେଇ କାନିରେ ବାନ୍ଧିବାକୁ ନିର୍ଦ୍ଦେଶ ଦେଲି । ଭାବି ପ୍ରଶ୍ନିଳ ଆଖିରେ ମୋତେ ଚାହିଁଲେ ।

କହିଲି, ଆଜି ସାବିତ୍ରୀ ବ୍ରତ । ଇଏ ସାବିତ୍ରୀ ପୂଜାର ଫୁଲ । ସାବିତ୍ରୀ ପୂଜା, ଉପବାସ କରି ଯମ ମୁହଁରୁ ତାଙ୍କ ସ୍ୱାମୀ ସତ୍ୟବାନଙ୍କୁ ଛଡ଼େଇ ଆଣି ଦେବୀ ବୋଲାଇ ଥିଲେ । ସେବେଠୁ ଏ ପୂଜା । ତୁମେବି ପାରିବ । ଥରୁଟେ ଭରସା କରି ଦେଖ, ଭୈୟା ନୂଆ ଜନ୍ମ ପାଇବେ । ମୋ ମନ କହୁଛି, କିଛି ଚମତ୍କାର ହେବ ।  ଭାବି ମୋ ଦୁଇ ହାତକୁ ଧରି ଦୁଇଟା ଚୁମାଦେଲେ । ଫୁଲତକ ମୋ ହାତରୁ ନେଇ ଭିତରେ ପଶିଲେ । ମୁଁ ଭାବିଙ୍କ କପାଳ ଏବଂ ସିନ୍ଥିର ସିନ୍ଦୂରକୁ ଥରେ ଚାହିଁ ଲୁହ ଟଳମଳ ଆଖିରେ ପରି ପଛକଲି । ଫେରିଲା ବେଳକୁ ପୂଜା ସରି ନଥାଏ । ସନ୍ଧ୍ୟା ବେଳକୁ ଭୈୟା ଆଖି ଖୋଲିଲେ । ଡକ୍ଟରଙ୍କ ଆଖିରେ ଆଶାର ଆଲୋକ । କହିଲେ, ଚିକିତ୍ସା ପାଇଁ ଏବେ ରୋଗୀକୁ ବାହାରକୁ ନେଇ ଯାଇହେବ । ପନ୍ଦର ଦିନପରେ ଭୈୟା ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଲେ ।

ଖବର ପାଇ ମୁଁ ଦୌଡ଼ିଗଲି, ଭାବି ମତେ ଦେଖି କୁଣ୍ଢେଇ ପକେଇଲେ । ତାଙ୍କ ଆଖିରୁ ଲୁହ ପୋଛି କହିଲି, ବାଃ ଭାବି, ତୁମେ ତ ସାବିତ୍ରୀଙ୍କ ଠୁ ବଳିଗଲ !

ବାସ୍ ସେବେଠୁ ସେ ମୋ ପାଇଁ ସାବିତ୍ରୀ ପାଲଟି ଗଲେ ।

 Magazine Downloaded from www.aahwaan.com

ପୂର୍ବ ପରି ସବୁ ସହଜ ଓ ସମାନ୍ତରାଳ ଗତିରେ ଗଡ଼ି ଚାଲିଲା ଜୀବ । କିନ୍ତୁ ସବୁଦିନ ଏ ସୁଖ ରହିଲାନି । କାହା ନଜର୍ ଲାଗିଲା କେଜାଣି, ସଂସାର ନାବଟା ମଝି ନଈରେ ପୁଣି ଉବୁଟୁବୁ ହେଲା । ବୁଡିଯିବା ଭୟରେ ଭାବି ବିଚଳିତ ହେଇପଡ଼ିଲେ ।  ଏହାର ଠିକ୍ ଦୁଇ ବର୍ଷ ପରେ ସାବିତ୍ରୀ ଅମାବାସ୍ୟା ପୂର୍ବରୁ ଭାବି ମୋତେ ଜରୁରୀ ଅଛି କହି ଡକେଇ ପଠେଇଲେ । ପହଞ୍ଚିଲା ପରେ ମୋତେ ଧରିକି ଅତି ବିକଳ ହୋଇ କାନ୍ଦିଲେ । ତାଙ୍କୁ ବୁଝାଇବା ମୋ ସକ୍ଷମ ବାହାରେ ଥିଲା । ମୁଁ କିଛି ଅନୁମାନ ଲଗେଇ ପାରୁ ନଥାଏ ଘଟଣା କ'ଣ ହେଇ ପାରେ । ଭୈୟା ଠିକ୍ ଅଛନ୍ତି ତ ?

କିଛି ସମୟ ପରେ, ଝିଅ ଆରମ୍ଭ କଲା, ପାପାଙ୍କ ପାଇଁ ଆମ ଘର ଡୁବିବାକୁ ଲାଗିଲାଣି ଦିଦି । ସେ ଅମଣିଷ ହୋଇ ଯାଇଛନ୍ତି । ଆମକୁ ଆଉ ଭଲ ପାଉନାହାନ୍ତି । ମମି ସହ କଥାବାର୍ତ୍ତା ବନ୍ଦ ଅନେକ ଦିନୁ । ଏମିତିକି ଅଲଗା ରୁମରେ ଶୋଉଛନ୍ତି । ମୁଁ ଭାବିଲି ବୋଧେ ମଦ ଫଦ ପରି କିଛି ନିଶାରେ ପଡ଼ିଛନ୍ତି । ହଁ, ନିଶାରେତ ପଡ଼ିଥିଲେ, କିନ୍ତୁ ଏମିତି ସେମିତି ନିଶା ନୁହେଁ, ପ୍ରେମ ନିଶା । ଯେଉଁ ନିଶା ମଣିଷକୁ ରସାତଳକୁ ନେଇଯାଏ, ବର୍ବାଦ କରିଦିଏ ସବୁକିଛି । ଯେଉଁ ନିଶାର କୌଣସି ଉପଚାର ନଥାଏ ।

ଉପକାରୀ ମଣିଷଟିଏ ଆର୍ଥିକ ଅନାଟନରେ ପଡ଼ିଥିବା ଅସହାୟ ମଣିଷକୁ ସାହାଯ୍ୟ କରିବାକୁ ଯାଇ, ନିଜେ ଅସହାୟ ହୋଇଗଲେ ପର ନାରୀ ପାଖରେ । ସ୍ୱାମୀର ନିଅଣ୍ଟିଆ ରୋଜଗାରରେ ସଂସାର ଚଳେଇବାରେ ଅସମର୍ଥ, ଅସହାୟା ନାରୀଟିକୁ ସାହାଯ୍ୟର ହାତ ବଢ଼େଇ ଥିଲେ ପ୍ରଥମେ ଭାବି । ଏଥିରେ ଭୈୟା ମଧ୍ୟ ହାତ ମିଳେଇଥଲେ ଭାବିଙ୍କ ସହିତ । ସ୍ୱାମୀଟିକୁ ଗୋଟେ ସ୍କୁଲରେ ରାତ୍ରି ଜଗୁଆଳି କାମରେ ଲାଗେଇଦେଲେ । କିନ୍ତୁ କେଉଁ ଅଶୁଭ ମୁହୂର୍ତ୍ତରେ ଏ ପ୍ରକ୍ରିୟା ଆରମ୍ଭ ହୋଇଥିଲା କେଜାଣି, ଭୈୟା ନିଜକୁ ବି ଦେଇ ଦେଇଥିଲେ,

 Magazine Downloaded from www.aahwaan.com

ଦାନରେ ଦକ୍ଷିଣା ପର ।

ନିଜ ପରିବାର ପ୍ରତି ଅନ୍ୟାୟ କରି, ସ୍ତ୍ରୀ, ପିଲାଙ୍କୁ ଉପେକ୍ଷା କରି ସେଇଠି ପଡ଼ି ରହିଲେ । ପରକୀୟା ପ୍ରେମର ନିଶାରେ ପଡ଼ି ଥିଲେ ସେ । ଏ ନିଶାରେ ସେ ଏମିତି ଅନ୍ଧ ହେଲେ ଯେ, ସାରା ଜଗତ ତାଙ୍କୁ ଅନ୍ଧାର ଦିଶିଲା କେବଳ ସେଇ ନାରୀକୁ ଛାଡ଼ି । ସବୁ ପଇସାପତ୍ର ଏବେ ସେପଟେ । ବ୍ୟବସାୟ କଥାବି ଠିକରେ ବୁଝୁନାହାନ୍ତି । ମାଲ୍ୟାଣି ପାଖରେ ଦିନରେ ପୁରୁଷ ରାତିରେ ମେଣ୍ଢା, ପାଲଟୁଥିବା ମଣିଷ ପରି ଭାଇୟାଙ୍କ ଅବସ୍ଥା । ସଂଜ ନଇଁଲେ ସମସ୍ତେ ଘର ମୁହାଁ ହୁଅନ୍ତି, ସେ କିନ୍ତୁ ଘରକୁ ପଛ କରନ୍ତି । ଚଡକ ପଡ଼ିଛି ସବୁରି ମୁଣ୍ଡରେ । ଭାବିଙ୍କର ସକଳ ଚେଷ୍ଟା, ଆକଟ, ରାଣ ନିୟମ, ବ୍ୟାକୁଳତା, ପିଲାଙ୍କ ଆଖିଲୁହ, ଉଦାସ ଚେହେରା ନିଷ୍ଫଳ ଯାଉଥିଲା । ତିନି ତିନିଟା ବଢ଼ିଲା ଝିଅ, କଣ କରିବେ ଭାବି । ପରିବାରର ମର୍ଯ୍ୟାଦା ହାନିର ଭୟ ବେଶି ଘାରୁଥିଲା ଭାବିଙ୍କୁ । ଏସବୁ ଜାଣିଲେ ଘରୁ କିଏ ଝିଅ ନବ ? କେଇଟା ଦିନରେ ଶୁଖିକି କଳା କାଠ ପଡ଼ିଗଲେଣି । ଦେହରେ ହାଡ଼ ଦିଖଣ୍ଡ, କାନ୍ଧରୁ ଗଳି ପଡୁଛି ବ୍ଲାଉଜ ।  କଣ କହି ସାନ୍ତ୍ୱନା ଦେବି ? ଭାବି ପୁଣି ଧରି ପକେଇଲେ ମୋ ହାତକୁ ।

- ସାବିତ୍ରୀ ଅମାବାସ୍ୟାର ନିୟମ କୁହ । ମୁଁ ଚମକି ପଡ଼ିଲି, ହଠାତ ଏ କଥାରେ ।

- ଏଇଟାତ ଓଡ଼ିଆ ମାନଙ୍କ ପୂଜା ।

- ମୁଁବି କରିବି  ।

ସେଥର କେମିତି ସାବିତ୍ରୀଙ୍କ ଫୁଲ, ସିନ୍ଦୂର ଦେଇ ତାଙ୍କୁ ଯମ ମୁହଁରୁ ଫେରି ପାଇଥିଲି  ! ହଁ, ଶୁଣ ଏ ପୂଜା କରୁଛି ବୋଲି ଯେମିତି କେହି ନ ଜାଣନ୍ତି  !

ଭାବୁଥିଲି କହିବି କି ଭାବି, ସାବିତ୍ରୀ ସତ୍ୟବାନଙ୍କୁ ମରଣ ମୁହଁରୁ ବଞ୍ଚେଇ ଥିଲେ

 Magazine Downloaded from www.aahwaan.com

ଜମଙ୍କ ପାଖରୁ, ଯେଉଁଠାକୁ ସେ ସ୍ୱଇଚ୍ଛାରେ ଯାଇ ନଥିଲେ । ଭୈୟା ତ ନିଜ ଇଛା, ବୁଦ୍ଧି ବିବେକ ସହ ଏ ରାସ୍ତାରେ ପାଦ ଦେଇଛନ୍ତି । ଭାବିଙ୍କ ଭାବନାକୁ ଅସମ୍ମାନ କରି, ତାଙ୍କ ବିଶ୍ୱାସ ଭାଙ୍ଗିବାକୁ ଚାହିଁଲିନି । ମନର ମୂଳେ ଏ ଜଗତ, ବିଶ୍ୱାସେ ମିଳଇ ହରି । ଏଥରବି ସାବିତ୍ରୀ ନିଶ୍ଚୟ ଶୁଣିବେ । ସତୀ ନାରୀର ପ୍ରାର୍ଥନା ବ୍ୟର୍ଥ ଯିବନାହିଁ । ଭାବିଙ୍କ ଆଖିରୁ ଲୁହ ପୋଛି ତାଙ୍କ ମୁହଁକୁ ଚାହିଁଲି, ମୋତେ ସତକୁ ସତ ଦେବୀ ପରି ଲାଗିଲେ । ଏତେ ସୁନ୍ଦର,ଏତେ କମନୀୟ !! ଆଃ, ବିଚାରୀ ଭାବି !!

ସାବିତ୍ରୀ ବ୍ରତ ପାଇଁ ଯାହା ଯାହା ଦରକାର ସବୁ ପଠାଇଦେଲି, ବହି ସହିତ । କାଳେ କେହି ଦେଖିବ, ଭାବି ନିଜେ ନ ଆସି ପୂଜାଥାଳି ପଠେଇ ଦେଇଥିଲେ ।

ଭୈୟାଙ୍କୁ ଅପେକ୍ଷା କଲେ, ସାରାଦିନ ପାଣି ଟିକେବି ଦେଇ ନଥିଲେ ତୁଣ୍ଡରେ । ବେଶ୍ୟାବାଡ଼ିରୁ ଫେରିବା ପରି ରାତି ତିନିଟା ପାଖାପାଖିରେ ଫେରି ବିଛଣାକୁ ଚାଲିଗଲେ ଭୈୟା । ଆଖି ଲାଗିଗଲାଣି ଭାବି ଯେମିତି ପାଦ ଛୁଇଁ ପ୍ରଣାମ କଲେ, ଗୋଡ଼ରେ ଶକ୍ତ ଲାତଟିଏ ପେଟକୁ ମାରିଲେ ଭୈୟା । ଖୁବ୍ କଷ୍ଟରେ ପେଟକୁ ମୁଠେଇ ବ୍ରତକୁ ହାତରେ ବାନ୍ଧିଲେ, ଚୁଡ଼ି ସିନ୍ଦୂର ଲଗେଇଲେ, ନୂଆ ଶାଢ଼ୀ ପିନ୍ଧିଲେ ସେଇ ରାତିରେ । ଭୈୟାଙ୍କ ପାଦ ପାଖରେ ତଳେ ସପଟିଏ ପାରି ପଡ଼ିଗଲେ । ରାତି ପାହିଲା । ପୂଜାର କି ଫଳ ମିଳିଲା ସେଇ ଅଦୃଷ୍ଟଙ୍କୁ ଜଣା । ଭୈୟା ଅବାଟରୁ ଫେରେଇ ଆଣିବା ପୂର୍ବରୁ ଭାବି ଏମିତି ବାଟ ଧରିଲେଯେ, ଯେଉଁଠିକୁ ଥରେ ଗଲେ ଫେରିବାର ସବୁ ବାଟ ବନ୍ଦ ହେଇଯାଇଥାଏ । ଏଣିକି ଭୈୟାଙ୍କ ପାଇଁ ଦିନ, ରାତି ସବୁ ସମାନ ।

ବେଙ୍ଗାଲୁରୁ, କର୍ଣ୍ଣାଟକ

 Magazine Downloaded from www.aahwaan.com

# ଯାହାପାଇଁ ଯିଏ



ଭାଗିରଥୀ ବେହେରା

ରାଧିକାର ଡାକରେ ନିଦଭାଙ୍ଗିଗଲା ଶେଫାଳିର । ରାଧିକା ତା' ଅଜାଘର ଗାଁ'ର ଝିଅ, ଯେଉଁଠି ସେ ଏବେ ଅଛି ଏବଂ ସବୁଠୁ ବଡ ସାଙ୍ଗ । ସେମାନେ ଦୁଇଜଣ ଗୋଟିଏ କଲେଜରେ ଏଇନେ ଦ୍ୱାଦଶ ଶ୍ରେଣୀ ପାସ କରି ଗ୍ରାଜୁଏସନରେ ନାଁ ଲେଖେଇଛନ୍ତି ।

ନିଦ ଭାଙ୍ଗିଗଲା ବେଳକୁ ଶେଫାଳି ଦେଖିଲା ସମୟ ପ୍ରାୟ ଦିନ ଏଗାରଟା ପାଖାପାଖି ହେବ । ରାଧିକାର ବିବ୍ରତ ଭାବ ମୁହଁ ଦେଖି ସେ ଅନୁମାନ କରିପାରିଲା କିଛି ଗୋଟେ କ'ଣ ହେଇଛି । ସେ କିନ୍ତୁ କହିବା ପୂର୍ବରୁ ରାଧିକା କହିଲା - "ଶେଫି ! ତତେ ଅଜା ଆଉ ଘରେ ଡାକୁଛନ୍ତି ଏଇନେ । ଜଲ୍‌ଦି ଆସ । ସବୁ ଅନର୍ଥ ହୋଇଗଲା ।"

ଏକପ୍ରକାର ଟାଣିଟାଣି ନେଇଗଲା ରାଧିକା ଶେଫାଳିକୁ ଆରଘରକୁ । କ'ଣ ଅନର୍ଥ ହେଇଗଲା ତାକୁ ଭାବିବାକୁ ସମୟ ମିଳିଲା ନାହିଁ । ଶେଫାଳି ଜାଣିପାରୁଥିଲା ପଡିଶା ମଙ୍ଗୁଲୁ ମଉସା ଓ ମାଳତୀ ମାଉସୀଙ୍କ ଏକମାତ୍ର କନ୍ୟା ସୁଲତା ଦିଦିର ବାହାଘର ହେଉଥିଲା । ବାହାଘର ଶୁଭସମୟ ରାତିର ତୃତୀୟ ପ୍ରହର ତିନିରୁ ଚାରିଟା ମଧ୍ୟରେ ବାହାରିଲା । ଗତ ଦିନ ଓ ରାତିସାରା ବାହାଘର କାମରେ ହାଲିଆ ହୋଇ ଶୋଇପଡିଲା ସେ ଏକୁଟିଆ । ବର ଓ ବରଯାତ୍ରୀ ଆସିବାର ଡେରି ହେଉଥିଲା ବୋଲି ବରକୁ ଦେଖିବାର ଉତ୍କଣ୍ଠା କମିଯାଇଥିଲା ତା'ମନରେ । ତାହାହେଲେ ସୁଲତା ଦିଦିଙ୍କର ବାହାଘର ସରିଗଲା ବୋଧେ ।

ଅଜାକୁ ଦେଖି ଟିକେ ଶାନ୍ତ ହେଲା ଶେଫାଳି । ଅଜା ସବୁବେଳେ ପାଇଁ ଚୁପ୍‌ଚାପ୍ ଶାନ୍ତଶିଷ୍ଟ । ଯେତେ ଗମ୍ଭୀର ସମସ୍ୟା ହେଲେ ବି ଅଜା ସବୁବେଳେ ଏମିତି ।

 Magazine Downloaded from www.aahwaan.com

ଶେଫେଳି ଅଜାକୁ କୁଣ୍ଢେଇ ପକେଇ ଗେଲ ହେଲା । ରାଧିକାକୁ ପାଖରେ ରହିବାକୁ ଇଶାରା କରି ଅଜା କହିଲେ - "ଶେଫାଳି ! ତୋତେ ସିଧାସିଧା ପ୍ରଶ୍ନଟିଏ ପଚାରିବି । ତୁ ସିଧାସିଧା ଉତ୍ତର ଦେବୁ । ତୁ ଯାହା କହିବୁ ତାହା ହିଁ ହେବ । ତୋ ମତାମତ ଲୋଡିଲା ପରେ ସବୁ କାମ ଆଗକୁ ବଢିବ ।"

କିଛି ବୁଝା ପଡୁନଥିଲା ଶେଫାଳିକୁ । ସେ ଅନେଇଲା ରାଧିକାକୁ । ରାଧିକା ମୁଣ୍ଡ ନାଡି ନାହିଁ କଲା । ଶେଫାଳି ଶାନ୍ତିର ନିଃଶ୍ୱାସ ନେଲା ଯେ ଏଇ କିଛି ଦିନ ହେଲା ତା' କଲେଜର ପିଲାଟିଏ ତାକୁ ପ୍ରେମ ନିବେଦନ କରିଥିଲା । ସେ କଥା ଏଠି ପହଁଚିନି ।

ଅଜା ରାଧିକାକୁ ଇସାରା ଦେଲେ । ରାଧିକା ଯାଇ ବାହାରୁ ମଙ୍ଗୁଲୁ ମଉସା ଓ ମାଳତୀ ମାଉସୀଙ୍କୁ ନେଇ ଆସିଲା । ମାଉସୀଙ୍କ ଆଖିରୁ ଧାରାଧାର ଲୁହ । ମଉସା ପୁରାପୁରି ଭାଙ୍ଗି ପଡିଥିଲେ ।

ରାଧିକାକୁ ମାଉସୀକୁ ସମ୍ଭାଳିବାକୁ କହି ମଉସା କହିଲେ - "ଶେଫାଳି ! ତୋ ସୁଲତା ଦି ଆମକୁ ମରିବାକୁ ଛାଡି, ଚାଲିଗଲା ଅନ୍ୟ କାହା ସାଥିରେ ।"

ଶେଫାଳି କିଛି ବୁଝି ପାରୁନଥିଲା । କାରଣ ସୁଲତା ଦି'ର ବାହାଘରେ ତାକୁ ଏ ସବୁ କହିବାର କୌଣସି ପ୍ରୟୋଜନ ହିଁ ନଥିଲା । ସେ ଅନେଇଲା ରାଧିକାକୁ । ରାଧିକା ଆଖିରେ ଇଶାରା ଦେଲା ସବୁ ପଛେ ବୁଝେଇଦେବ ।

"ଏବେ ବର ଜିଦି ଧରିଛି ସେ ଆସିଛିମାନେ ଏଠୁ ବାହାହେଇ କନ୍ୟା ସାଙ୍ଗରେ ଧରି ଯିବ । ନ ହେଲେ କାଣ୍ଡ କରିବ ଏଠି । ଯେକୌଣସି ଝିଅକୁ ବାହାହେବାକୁ ରାଜି ସେ । ତା' ସଙ୍ଗରେ ସମସ୍ତ ବରଯାତ୍ରୀ ବସିଛନ୍ତି ଏଠି । କିଏ କେତେ ବୁଝେଇଲେ ବୁଝିବାକୁ ନାରାଜ୍ । ବର ତା ମାଆ ସାଥିରେ ବି କଥା ହେଉଛି । ପୁଅଠୁ ମାଆ ବି ଜିଦ୍ । ସେ ବି କହୁଛି ମୋ ପୁଅ ଶିଶୁପାଳ ହେଲେ ଫେରିବନି ସେ ।" ମଉସା ବୁଝେଇଲେ ଶେଫାଳିକୁ ଏ କଥା ।

 Magazine Downloaded from www.aahwaan.com

"ଯାହାହେଉ ! ମାନିବାକୁ ପଡିବ ବରକୁ ଓ ତା' ପରିବାରକୁ । ନଚେତ କନ୍ୟାକୁ ଛାଡି ବର ତ ନିଜେ ଚାଲିଯାଆନ୍ତି ସମାଜରେ କେବେ ଯଉତୁକ ପାଇଁ ତ କେବେ ଆଉ କ'ଣ ପାଇଁ । ତେବେ ମୋତେ କାହିଁକି ସବୁ ଏକଥା କହୁଛନ୍ତି । ମୁଁ ତ ଏମିତି କୌଣସି ଝିଅକୁ ଜାଣିନି କି ଯେ ଆପଣମାନଙ୍କୁ କହିବି ସେ ବର ପାଇଁ । "ଏତିକି କହି ସେ ରାଧିକା ଆଡକୁ ଅନେଇଲା ।

ଅଜା ଶେଫାଳିର ରାଧିକାକୁ ଅନେଇବାର ଅର୍ଥ ବୁଝିଲେ । ମାଉସୀ ପୁଣିଥରେ କାନ୍ଦି ଉଠିଲେ ବାଉଳା ହୋଇ । ମଉସାର ଇଙ୍ଗିତରେ ରାଧିକା ମାଉସୀକୁ ନେଇ ଚାଲିଗଲା ବାହାରକୁ ।

"ବୁଝିଲୁ ଶେଫାଳି । ରାଧିକାର ପିଲାବେଳୁ ତା' ବାପା ତାଙ୍କ ବନ୍ଧୁଙ୍କ ପୁଅସହ ବାହାଘର ନିର୍ଦ୍ଧାରିତ କରିଛନ୍ତି ଯାହା ରାଧିକା ଜାଣିନି । ତେଣୁ ସେ ତ ବରକୁ ବାହାହେଇ ପାରିବନି । ତେଣୁ ମଙ୍ଗୁଳୁ ଚାହୁଁଛି ତୁ ସେ ବରକୁ ବାହା ହୁଅ ।"

ଅଜାର ଏ କଥାଶୁଣି ଶେଫାଳିର ମୁଣ୍ଡ ଭାବିବା ବନ୍ଦ କରି ଦେଇଥିଲା । ସେ ବୁଝୁନଥିଲା ଘଟୁଛି କ'ଣ ? ଏ ସବୁ ଗହଳିରେ ସେ କୁଆଡେ ପଶିଆସିଲା । ବାହାହେବାର ତ ଦୂରର କଥା । ପାଖରେ ରାଧିକା ବି ନଥିଲା । ନ ହେଲେ ତାକୁ ଭିଡିଧରିଥାନ୍ତା ପାଖରେ । ତା' ଛାତି ଓ ହାତଗୋଡ ଥରୁଥିଲା ।

ଅଜାଙ୍କ ଆଦେଶରେ ମଉସା ବାହାରକୁ ଚାଲିଗଲେ । ଅଜା ଶେଫାଳିକୁ କୋଳେଇ ନେଲେ । କହିଲେ - "ତୁ ତ ଜାଣିଛୁ ମା ତୋ ଘର କଥା । ମୁଁ ଏଠି ଏକୁଟିଆ ଏ ଗାଁରେ । ମୋ ଝିଅମାନେ ତୋ ବିଧବା ମାଆ, ସମୟର କରାଘାତରେ ସେଠି ଗାଁରେ ତା' ବିଧବା ଶାଶୁ ସଙ୍ଗରେ ଏକୁଟିଆ । ପୁରୁଷବିହୀନ ପରିବାର, ଗରିବି ମାଡ ସହୁଥିବା ସଂସାରରେ ଝିଅଟିଏର ଭବିଷ୍ୟ ଓ ବାହାଘର କେତେ ବଡ ସମସ୍ୟା ବୁଝିବାର ବୟସ ହେଲାଣି ତୋର । ମୋତେ

 Magazine Downloaded from www.aahwaan.com

ବର ପିଲାଟା ଭଲ ଲାଗିଲା । ଯେତେବେଳେ ଗାଁ ସାରା କନିଆ ଖୋଜାହେଲା ମୁଁ ତୋ କଥା ଭାବିଲି । ଏ ଯାଏଁ ତୋ ମାଆକୁ କହିନି । କାରଣ ମୋ ପ୍ରିୟ ନାତୁଣୀର ସମର୍ଥନ ନ ନେଇ ଏମିତି କେମିତି କରିବି କହିଲୁ । ତୁ ଭଲଭାବରେ ଦେଖ । ଭଲରେ ଭାବ । ଯେମିତି ହେଲେତ ତୁ ସଂସାର କରିବୁନା । ଏବେ କାହିଁକି ନୁହଁ । ପୁଣ୍ୟ କାମଟିଏ କରିବୁ । ଅଳ୍ପସମୟ ପରେ ମୁଁ ପୁଣି ଆସିବି । ତୁ ଯାହା କରିବୁ ତାହା ହେବ ।" ଏତିକି କହି ଅଜା ଚାଲିଗଲେ ।

ଅଜା ଯିବା ପରେ ରାଧିକା ପଶିଆସିଲା ଘର ଭିତରକୁ । କୁଣ୍ଢେଇ ପକେଇଲା ଶେଫାଳିକୁ । କହିଲା - "ଆହା ! ଦେଖାଯାଉ କେମିତି ମୋ ସାଙ୍ଗ ବୋହୁ ବେଶରେ ଦେଖାଯିବ ।" ଏତିକି କଥାରେ ତା ଆଲିଙ୍ଗନକୁ ଛିଞ୍ଚାଡିଦେଇ ଶେଫାଳି କହିଲା - "ତୁ ନିଜେ ବାହାହେଇ ପଡୁନୁ । ମୋ ମୁଣ୍ଡ ଖରାପ ହେଇଗଲାଣି ଇଆଡେ । ହଉଛି କ'ଣ ସବୁ ? ବୋଧେ ସମସ୍ତେ ପାଗଳ ହେଇଗଲେଣି । ମୁଁ କ'ଣ ଆଳୁ ବାଇଗଣ ଯେ, ଏବେ କିଣି ଏବେ ରାନ୍ଧିଦେଇ ପରଶିଦେବେ । ଏମିତି କ'ଣ ଗୋଟେ ଝିଅର ବାହାଘର ହୁଏ ? ଦୁଇଘର ଏକାଠି ବସିବେ । ବରକନ୍ୟା ଦେଖାଦେଖି ହେବେ । ଦୁଇପରିବାର ରାଜିହେବେ । ଦିଆନିଆ ଛିଣ୍ଡିବ । ନିମନ୍ତ୍ରଣକାର୍ଡ ବଣ୍ଟାହେବ । ବାହାଘର ଚାନ୍ଦୁଆ ପଡିବ । ବର ଆସିବ । ବାହାହେବ । କେତେ କ'ଣ କଥା ।"

ଶେଫାଳିର ରାଗଦେଖି ଟିକେ ଥଣ୍ଡା ପଡିଲା ରାଧିକା । ତଥାପି କହିଲା - "କ'ଣ କରିବା । ମୋ ବାହାଘର ପରା ଆଗରୁ ଛିଡିଯାଇଛି । ନହେଲେ ଏମିତିକା ବର କ'ଣ ମୁଁ ତୋ ପାଇଁ ଛାଡିଥାନ୍ତି କି ?"

ଶେଫାଳି ମୁଣ୍ଡରେ ହାତଦେଇ ବସିଲା । ସାଙ୍ଗର ଏ ଅବସ୍ଥା ଦେଖି ରାଧିକା କେତେ କଥା ବୁଝେଇଲା । କହିଲା - "ଝିଅ ଜନମର ପୀଡା ସେ ବି ସହୁଛି । ଯଦି ତା' ବାପା ଆଗରୁ ନ ଠିକ୍ କରିଥାନ୍ତେ ତେବେ ତା ମନର ମଣିଷକୁ ଜୀବନସାଥି କରିପାରନ୍ତା । କେବଳ

 Magazine Downloaded from www.aahwaan.com

ସଂସାରର କାଠପିତୁଳା ସେ, ଯାହାପାଖରେ ଭଲପାଇବା ତ ଦୂରର କଥା ନିଜ ଇଚ୍ଛାରେ ବରକୁ ଅଯୋଗ୍ୟ ବି କହିପାରିବନି । କେବଳ ବଂଚିବା କଥା ଚାବିଦିଆ କଣ୍ଢେଇପରି । ଯଦିବା ସୁଲତା ଦିଦି ଏମିତି ମଉସା ମାଉସୀଙ୍କୁ ସମାଜ ଆଗରେ ଅପମାନ କରିବାର ନଥିଲା, ତଥାପି ମୁଁ ଝିଅଟିଏ ହୋଇ ଖୁସି ଯେ ଅନ୍ତତଃ ପରାଧିନତାର ଶିଙ୍କୁଳି ଛିଡେଇ ସେ ଏବେ ବଞ୍ଚିପାରିବ ନିଜ ମନର ମଣିଷ ସାଙ୍ଗରେ । ସଜେଇ ନିଜ ଇଛାର ଦୁନିଆ ।”

“ସୁଲତା ଦି ଟିକେହେଲେ କାହାକୁ ଜଣେଇବାକୁ ଦେଲାନି ଯେ ଏ ବାହାଘର ତା’ ଇଚ୍ଛା ବିରୁଦ୍ଧରେ ହେଉଛି । ରାତି ଘଣ୍ଟେ ବେଳକୁ ଯେତେବେଳେ କନ୍ୟାମାତା ତାକୁ ସଜେଇବାକୁ ଗଲେ ଦେଖିଲେ ଦିଦି ନାହାନ୍ତି । ସେଇଠୁ ଖୋଜା ଚାଲିଛି ଦିଦିଙ୍କୁ । ସକାଳ ନଅଟାରେ ସେ ମୋବାଇଲରେ ମେସେଜ୍ ଦେଲା ଯଦି ତା’ ପରିବାର ତାକୁ ଜୀବନ୍ତ ଦେଖିବାକୁ ଚାହାନ୍ତି, ତେବେ ନଖୋଜି ବାହାଘର ବନ୍ଦ କରନ୍ତୁ । ସେ ଆଉ ଜଣଙ୍କୁ ବାହାହୋଇ ପଡିଲେଣି ।”

ପାଞ୍ଚ ଦଶଖଣ୍ଡ ଗାଁର ମାମୁଲତକାର ପହଞ୍ଚି ଗଲେଣି । ମିଟିଂ ପରେ ମିଟିଂ ହେଲାଣି । କିନ୍ତୁ ବର ପିଲା ଏତେ ଭଲଯେ ପଦେ ବି ମଉସା ମାଉସୀଙ୍କ କନ୍ୟାଘର ଲୋକଙ୍କୁ କିଛି ନକହି କେବଳ ଏତିକି ଜିଦ୍ ଧରିଛି ସେ ବାହାହେବାକୁ ଆସିଛି ମାନେ ବାହାହେଇ ଯିବ ।

ରାଧିକା ବୁଝେଇଲା ଶେଫାଳିକୁ । “ସାଙ୍ଗଲୋ ! ତୋ କହିବା ଅନୁଯାୟୀ ବରତ ଅଛି । କନ୍ୟାତ ଅଛି । ବରଯାତ୍ରୀ ଅଛି । ମଣ୍ଡପ ସଜା ହେଇଛି । ଭୋଜିଭାତ ହୋଇଛି । ଆଉ ରହିଲା ଇଛା ଅନୁରୋଧ କଥା । କନ୍ୟାର ଇଛାକୁ ସମସ୍ତେ ଅପେକ୍ଷା କରିଛନ୍ତି । ରହିଲା ବରକୁ ଦେଖିବା କଥା । ଥରେ ବରକୁ ଦେଖି କଥା ହେଇଗଲେ ନିର୍ଣ୍ଣୟ ନେବାକୁ ସୁବିଧା ହୁଅନ୍ତା । ସଂପୂର୍ଣ୍ଣ ମନା କରିବା ପୂର୍ବରୁ ହଁ ପାଇଁ ଟିକେ ସୁଯୋଗ ଦେବାକଥା ।”

ସାଙ୍ଗର କଥା ଶୁଣି ମନଟିକେ ବୁଝିଲା ଶେଫାଳିର । ତା’ର ଉତ୍ତର ନା ହିଁ ହେବ । ତଥାପି ବରକୁ ଟିକେ ଦେଖିନେଲେ, କି କଥାହେଲେ ଅସୁବିଧା କ’ଣ ? ତା ମନକଥା

 Magazine Downloaded from www.aahwaan.com

ରାଧିକାକୁ ଜଣେଇଲେ ।

ରାଧିକା ଯାଇ ଅଜାଙ୍କୁ କହିଲା । ଅଜା ଯାଇ ମଙ୍ଗୁଲୁ ମଉସାଙ୍କୁ, ମଙ୍ଗୁଲୁ ମଉସା ଯାଇ ବରକୁ କହିଲା ପରେ ରାଧିକା ବରକୁ ନେଇ ଶେଫାଳିଥିବା ରୁମ୍‌କୁ ଗଲା । ବରକୁ ଭିତରକୁ ଛାଡୁ ଛାଡୁ ରାଧିକା କହିଲା - "ଜିଜୁ ! ମୋ ସାଙ୍ଗ ନା କହିଲା ମାନେ ନା । ତମେ ତ କଥା ହେଇଛ ଯେ ଠିକ୍ ହେଇଥିବା ଝିଅ ଯଦି ମନା କରିବ, ତେବେ ତମେ ଅବିବାହିତ ନିଜଗାଁକୁ ଫେରିଯିବ ।"

ବର କହିଲା - "ଭଲ କହୁଛୁ ! ଜିଜୁ ବି କହୁଛୁ । ଫେରି ଯିବାକୁ କହୁଛୁ ହେଲା ହେଲା ! ଜଲ୍‌ଦି କର । ଅଳ୍ପ କଥା ହେବ । ଏଇଟା ଗାଁ । ମୋ ସାଙ୍ଗ ବଦନାମ ହେଇଯିବ ।" ଏତିକି କହି ରାଧିକା ଦ୍ୱାର ପାଖରେ ଠିଆହେଲା ।

ନିଜ ରୁମ୍ ଭିତରକୁ କାହାର ପଶିଆସିବାର ଦେଖି ଶେଫାଳି ଦେଖିଲା ବେଳକୁ ପଛରେ ଠିଆ ନିଜ ଗାଁର ସହଦେବ ଭାଇ ଯିଏ ସହରରେ ଚାକିରୀ କରୁଛନ୍ତି ।

- "ଭାଇ ତମେ ? ବର ବେଶରେ ?" ପଚାରି ବସିଲା ଶେଫାଳି ଆଶ୍ଚର୍ଯ୍ୟରେ ।

ସାମନାରେ ପରିଚିତ ଶେଫାଳିକୁ ଦେଖି ପାଖରେ ଥିବା ଚେୟାର ଉପରେ ବସିଲା ବର ଓରଫ ସହଦେବ ଭାଇ । - "ଯାହାହେଉ ! ମଣିଷ ଟିକେ ଏବେ ଶାନ୍ତିର ନିଃଶ୍ୱାସ ମାରିବ । ନ ହେଲେ ସୁଲତା ମୋତେ ତ ଅଧା ମରା କରିଚାଲିଥିଲା ।"

ଶେଫାଳି ପାଖରେ ଥିବା ପାଣିଗ୍ଲାସ ଦେଲା ପିଇବାକୁ । କଣେଇ କଣେଇ ଚାହୁଁଥିଲା । ସହଦେବ ଭାଇଙ୍କୁ । ଏ ଭିତରେ ତା' ଦେହରେ ଶିହରଣଟିଏ ଖେଳିଯାଉଥିଲା । ବରବେଶ ପୋଷାକରେ ତାଙ୍କୁ ଦେଖି । କିନ୍ତୁ କ୍ଷଣଭିତରେ ତା' ଛୋଟ ସ୍ୱପ୍ନ କାଚଭଳି ଭାଙ୍ଗିଗଲା ଯେତେବେଳେ ମନପଡିଲା ତାଙ୍କ ମାଆଙ୍କ ଡରାବନା ମୁହଁ ।

ବାପା ମରିଗଲା ପରେ ମା'ର ଜୀବନ କଷ୍ଟମୟ ହୋଇପଡିଲା । ଶେଫାଳି ସାହିର

 Magazine Downloaded from www.aahwaan.com

ପଛପଟେ ଆଉଗୋଟେ ସାହି । ଠିକ୍ ତାଙ୍କ ବାରିପଟକୁ ଲାଗିଛି ସହଦେବ ଭାଇଙ୍କ ଘର ।

ସହଦେବ ଭାଇଙ୍କ ଘରେ କେବଳ ତାଙ୍କ ମା, ମାଆର ମାମୁଁ ଓ ସାନ ଭଉଣୀ ଅଳକା । ଅଳକା ଓ ଶେଫାଳି ପିଲାଦିନର ସାଙ୍ଗ । ଶାଶୁମାନଙ୍କ ସମୟରୁ ଦୁଇ ପରିବାରର ଝଗଡା ମାଆମାନଙ୍କ ମଧ୍ୟରେ ଚାଲିଥିଲା । ଯେମିତି ସହଦେବ ଭାଇ ଚାକିରୀ କରିବା ଆରମ୍ଭ କଲେ, ହଠାତ୍ ତାଙ୍କ ମାଆକୁ ଲାଗିଲା ଯେମିତି ଗାଁ ସାରା ଶତ୍ରୁ । ତାଙ୍କୁ ଲାଗୁଛି ଶେଫାଳିର ମାଆ ତାଙ୍କ ଚାକିରିଆ ପୁଅକୁ ଫସେଇବାକୁ ଚାହୁଁଛି । ତେଣୁ ଦୁଇ ଘର ପରମଶତ୍ରୁ ବୋଲି ସାରା ଗାଁ ଜାଣିଛି ।

ପ୍ରଥମେ ପ୍ରଥମେ ସହଦେବ ଭାଇ ପାଠପଢି ଆସିଲାମାନେ ଶେଫାଳି ଓ ଅଳକା ସହ ବୁଲାବୁଲି କରୁଥିଲେ । ସାନଭଉଣୀ ସହର ପାଠପଢିବାକୁ ଗଲାପରେ ଛୁଟିରେ ଆସିଲାମାନେ ସହଦେବ ଭାଇ ଦୁଃଖସୁଖ ହେଉଥିଲେ । ଶେଫାଳି ବି ଭଲପାଉଥିଲା ସହଦେବ ଭାଇ ସହ ସମୟ ବିତେଇବାକୁ । କିନ୍ତୁ ଦୁଇ ପରିବାରଙ୍କ ଝଗଡା ଅତି ହେଉଥିଲା । ଶେଫାଳି ମନେ ମନେ ବହେ ଗାଳି କରୁଥିଲା ସହଦେବ ଭାଇଙ୍କ ମାଆକୁ ଡାହାଣୀ, ବାଘୁଣୀ, ଡ୍ରାକୁଲା, ଚିରୁଗୁଣି, ଅଣ୍ଡିରାଚଣ୍ଡୀ କହି ।

ତେଣୁ ଧିରେ ଧିରେ ଛୁଟି ହେଲାମାନେ ତା' ମାଆ ତାକୁ ଅଜା ଘରକୁ ପଠେଇ ଦେଉଥିଲା । ଝିଅ ବଡ ହେଲାଣି । ଯେବେ ବି ସହଦେବ ଆସିବେ ଶେଫାଳିକୁ ଖୋଜିବେ । ଗାଁ ସାରା ଟୁପୁରୁ ଟାପର ହେବେ । ନିଜେ ସହଦେବର ମା ଝିଅର ଚରିତ୍ରକୁ ନେଇ ଏପଟ ସେପଟ କହିବା, ପୁଣି ବର ମିଳିବା କଷ୍ଟ ହେବ ।

ଏଥର ଦ୍ୱାଦଶ ସରିବା ପରେ ଶେଫାଳିକୁ ତିନିଚାରି ମାସ ପାଇଁ ଅଜାଘରକୁ ପଠେଇଦେଲେ ତା' ମାଆ । ତାଙ୍କୁ ଜଣାଥିଲା ଯେ ସହଦେବର ମାଆ ସହଦେବ ପାଇଁ ଝିଅ ଖୋଜୁଛି ବାହାଘର ପାଇଁ । ତେଣୁ ଏ ବାହାଘର ସରିଯାଉ ସବୁ ଝଗଡା ଟିକେ କମିଯିବ ।

 Magazine Downloaded from www.aahwaan.com

କିନ୍ତୁ ଶେଫାଳିକୁ ଏଯାଏଁ ଜଣାନଥିଲା ଯେ ସୁଲତା ଦିଦିଙ୍କ ସହ ସହଦେବ ଭାଇଙ୍କ ବାହାଘର ହେଉଛି । ବର ଆଉ କିଏ ନୁହଁ ସ୍ୱୟଂ ସହଦେବ ଭାଇ ।

ଦୁହେଁ ଦୁହିଁଙ୍କ ମୁହଁକୁ ଦେଖି ହସାହସି ହେଲେ । ଶେଫାଳିକୁ ବଡ ଦୁଃଖ ଲାଗିଲା ସହଦେବ ଭାଇଙ୍କ ଏ ଅବସ୍ଥା ପାଇଁ । କେତେ ଅପମାନ ପାଇଲା ପରେ ବି ହସୁଛନ୍ତି ।

କିନ୍ତୁ ଅଳ୍ପ ସମୟପରେ ଶେଫାଳିର ମୁହଁ ଶୁଖିଗଲା । ସହଦେବ କହିଲେ - "ଶେଫାଳି ! ଭଗବାନ ଯାହା କରନ୍ତି ଭଲ ପାଇଁ । ବାହାଘର ପରେ ଯଦି ମୋତେ ଜଣାପଡି ଥାଆନ୍ତା ସୁଲତା ଆଉ କାହାକୁ ଭଲପାଉଛି, ତିନୋଟି ଜୀବନ ସହ ତିନୋଟି ପରିବାର ନଷ୍ଟ ହୋଇଯାଆନ୍ତା । ତୋ ମୁହଁ ଶୁଖିଯିବାର କାରଣ ମୁଁ ବୁଝିପାରୁଛି । ବରଂ ତୁ ହଁ କଲେ ଦୁଇ ପରିବାରର ଯୁଗ ଯୁଗର ଶତୃତା ବନ୍ଦ ହେବ । ମୁଁ ବାଧ୍ୟ କରିବି ନାହିଁ । ସୁଲତା ପରି ଯଦି ତୋ ହୃଦୟରେ କିଏ ଅଛି କହିଦେଲେ ଏଇନେ ଫେରିଯିବି ଗାଁକୁ ।

- "ମୁଁ ତୋ ମୋ ମାଆକୁ ବୁଝେଇଦେବି କିନ୍ତୁ ତମ ମାଆ ? ମୋ ଜୀବନ ତ ନଷ୍ଟ କରିଦେବ ।" - ଶେଫାଳି ମୁହଁ ପୋତି କହିଲା ।

- "ମାଆ କଥା ତ ! ଠିକ୍ ଅଛି ଏବେ ହିଁ ତୋ ଆଗରେ ଠିକ୍ କରିଦେଉଛି । କିନ୍ତୁ ମାଆ ରାଜି ହୋଇଗଲେ ତୁ ରାଜି ତ ।"

- ମୁହଁ ପୋତି ଲାଜରେ ହସିଲା ଶେଫାଳି । ଛାତି ତାର ଧଡଧଡ ହେଉଥିଲା । ଡରରେ ନୁହଁ ବରଂ ଭଲ ପାଇବାରେ ।

ଏତେବେଳକୁ ରାଧିକା ପଶିଆସିଲା ଭିତରକୁ । ତାକୁ ଚୁପ୍ ରହିବାକୁ କହି ସହଦେବ ଫୋନ୍ ଲଗେଇଲା ତାଙ୍କ ମାଆକୁ ସ୍ପିକର ଅନ୍ କରି ।

ସିଆଡୁ ମାଆର ବଡପାଟି ଶୁଭିଲା - "ସଦୁ ! ବିନା ବୋହୁରେ ଗାଁକୁ ଫେରିଲେ ତୋତେ ଘରେ ପୁରେଇ ଦେବିନି । ଏଇଟା ଆମ ଘର ଓ ମୋ ମାନ ଇଜତର କଥା । କିଏ କ'ଣ

 Magazine Downloaded from www.aahwaan.com

କହିଲେ ବି ଚଳିବ । କିନ୍ତୁ ସେ ଅଣ୍ଡିରାଚଣ୍ଡୀ ଶେଫାଳିର ଅଣ୍ଡିରାଚଣ୍ଡୀ ମାଆ ମୋତେ ପଦେ କହିଦେବ ମୋଟେ ସହିପାରିବନି ମୁଁ । ହାଁ ରେ ହାଁ ମୋ ପୁଅ ଶିଶୁପାଳ ହୋଇ ଫେରିବ । ହେବାକୁ ଦେବିନି ମୁଁ ।"

ନିଜ ପ୍ରତି ଅଣ୍ଡିରାଚଣ୍ଡୀ ଶବ୍ଦ ଶୁଣି ଶେଫାଳିର ମୁହଁ ଆହୁରି ଛୋଟ ହୋଇଗଲା । ରାଧିକା ବୁଝିପାରୁନଥିଲା ହଉଛି କ'ଣ ?

"ମଆ ଠିକ୍ କହୁଛି । ସେ ଅଣ୍ଡରାଚଣ୍ଡୀର ମୁହଁ ତଳକୁ ହେବା ଦରକାର । ଆଚ୍ଛା ଆଉ ଗୋଟେ କଥା । ଏଠି ମୋତେ କିଏ ବାହାହେବାକୁ ଚାହୁଁନାହାଁନ୍ତି । ମୋ ମୁଣ୍ଡରେ ଗୋଟିଏ ବୁଦ୍ଧିଆସିଛି ।"

"ରଖ ତୋ ବୁଦ୍ଧି ଶୁଦ୍ଧି । ଯଦି ତୁ ବାହାହେଇ ନ ଆସିବୁ ଗାଁ ମୁଣ୍ଡରେ ଛେଳିଟିଏ ସହ ତୋର ବାହାଘର କରିନେଇ ଆସିବି । ମନେ ରଖିଥା । ହଉ କହ । କ'ଣ କହୁଛୁ ।"

"ମାଆ । ଯଦି ସବୁଦିନ ପାଇଁ ସେ ଅଣ୍ଡିରାଚଣ୍ଡୀ ଶେଫାଳିକୁ ତୋ ଘରକୁ ବୋହୁକରି ଆଣିଦେବି, ତେବେ ତା ମାଆର ମୁହଁ ତ ସବୁବେଳ ପାଇଁ ବନ୍ଦ ହୋଇଯିବ । କ'ଣ କହୁଛୁ ?"

କିଛି ସମୟ ପାଇଁ ଚୁପ୍‌ଚାପ୍ ମାହୋଲ । ମନେ ମନେ ହସୁଥିଲା ରାଧିକା । ଟେନସନ୍ ବଢୁଥିଲା ଶେଫାଳିର । ନଖ ଚୋବୋଉଥିଲା ସେ ।

"ସବୁ ! ସେଠି ସେ ଅଣ୍ଡିରାଚଣ୍ଡୀ ଅଛି ?"

"ହଁ ମା ।"

"ସିଏ ତ ମୋ ଶତୃ । ରାଜି ହେବ ?"

"ତୁ ଖାଲି ହଁ କର । ମୁଁ ସବୁ ଠିକ୍ କରିଦେବି ।"

ଏହି ସମୟରେ ବୋଧେ କିଏ କ'ଣ କହିଲା, ମା ବିରକ୍ତି ହୋଇ କହିଲା - "ରହ ରହ ! ମୋ ପାଖରେ ସମୟ ନାହିଁ । ଆରେ ହେ ମାଧବ, ଶଙ୍କରା କୁଆଡେ ଗଲରେ ସଦୁର

 Magazine Downloaded from www.aahwaan.com

ସାଙ୍ଗସୁଙ୍ଗା । ମୋ ଶେଫାଳି ବୋହୁ ମୋ ଘରକୁ ଆସୁଛି । ସ୍ୱାଗତ ପାଇଁ ଲାଗିପଡ ।”

ଏ କଥା ଶୁଣି ସହଦେବ ଫୋନ ବନ୍ଦକରି ହସିଲେ ଏବଂ ହସିଲା ରାଧିକା ଶେଫାଳିର ମୁହଁ ଲାଜରେ ଲାଲ୍ ହେଇଗଲା ।

ଏତିକିବେଳକୁ ଅଜା ଭିତରକୁ ପଶି ଆସିଲେ ତାଙ୍କ ସହ ମଉସା ମାଉସୀ । ଅଜା କହିଲେ - “ଗାଁରୁ ମାଆର ଫୋନ ଆସିଥିଲା । ଏ ଖବର ଶୁଣି ଗାଁ ସାରା ମହଛବ ପରି ମାହୋଲ ।”

ମଙ୍ଗୁଲୁ ମଉସା ମାଳତୀ ମାଉସୀ ସବୁ ଆୟୋଜନ କରିଥିଲେ କେତେ ଖର୍ଚ୍ଚ କରି । ଅଜା ନିୟମ ଅନୁସାରେ ମଉସା ହାତରେ ବଢେଇଦେଲେ କିଛି ଧନ ରାଶି । କହିଲେ - “ଏତିକି ଗ୍ରହଣ କଲେ ହିଁ ମୋର ଅଧିକାର ଆସିବ କନ୍ୟାଦାନ ପାଇଁ । ତଥାପି ମୁଁ କାହିଁକି, ତମେମାନେ ଶେଫାଳିକୁ ଝିଅ କରି କନ୍ୟାଦାନ କର ।”

ସହଦେବ ଓ ଶେଫାଳି ମୁଣ୍ଡ ନୁଆଁଇଁ ଆଶିର୍ବାଦ ନେଲେ ଅଜା, ମଉସା ମାଉସୀଙ୍କର । ବେଣ୍ଡବାଜା ପୁଣି ବାଜି ଉଠିଲା ।

ବେଦିରେ ଶେଫାଳି ବରର ହାତରେ ହାତ ରଖି ହସ୍ତଗ୍ରନ୍ଥି ବେଳେ ଓଢଣୀ ତଳେ ଭାବୁଥିଲା ଏହା ସତ କି ସ୍ୱପ୍ନ । ସତରେ ସେ କ’ଣ ବାହାହେଉଛି । ଏ କେମିତିକା ବିବାହ ! କେଜାଣି ଗାଁରେ ମାଆର କ’ଣ ଅବସ୍ଥା ହେଉଥିବ । ଏହାକୁ ହିଁ କହନ୍ତି ଯାହା ପାଇଁ ଯିଏ । ଯୋଡି ତ ସ୍ୱର୍ଗରେ ତିଆରି ହୁଏ ବିବାହ ପରି ପବିତ୍ର ବନ୍ଧନ ପାଇଁ ।

ସଂପାଦକ - ଗଞ୍ଜାମର କବିତାଘର,
ମାର୍ଫତ - ପ୍ରଧାନ ଶିକ୍ଷକ, ଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ,
ଖଲ୍ଲିକୋଟ, ଗଞ୍ଜାମ - ୭୬୧୦୩୦,
ମୋ - ୮୨୮୦୨୨୩୬୪୪

 Magazine Downloaded from www.aahwaan.com

# ଅଭିଶପ୍ତ ଆଇନା



ଦୀପକ ଷଡ଼ଙ୍ଗୀ

ବିଶ୍ୱଜିତର ଥିଲା ଭୁବନେଶ୍ୱର ସହରରେ ଏକ ଘର ସାଜସଜ୍ଜା ସାମଗ୍ରୀର ଦୋକାନ । ତା ଦୋକାନରେ ପୁରୁଣା ସାମଗ୍ରୀ ଯେପରି ପୁରାତନ ମୁଦ୍ରା, ମୂର୍ତ୍ତି, ବାସନକୁସନ କାଠରେ ନିର୍ମିତ ଆସବାବପତ୍ର ଆଦି ଥିଲା । ପୁରାତନ ସାମଗ୍ରୀର ସେ ଥିଲା ଜଣେ ସଂଗ୍ରାହକ । ତା ଦୋକାନରେ ପୁରୁଣା ଜିନିଷ ସହିତ ନୂତନ ଧରଣର ହସ୍ତଶିଳ୍ପ କାରୁକାର୍ଯ୍ୟର ଥିଲା ଅପୂର୍ବ ସମ୍ଭାର । ଯେତେସବୁ ନୂଆ ଡିଜାଇନ୍ ବଜାରକୁ ଆସେ ଆଗ ତା ଦୋକାନରେ ହିଁ ଉପଲବ୍ଧ ହୋଇଥାଏ । ତା'ର କିଛି ଗ୍ରାହକ ଥିଲେ ଯେଉଁମାନେ କି ପୁରୁଣା ସାମଗ୍ରୀକୁ ମଧ୍ୟ ଆଦରରେ ନେଇ ତାକୁ ଭଲ ପଇସା ଦେଉଥିଲେ । ସେଥିପାଇଁ ବିଶ୍ୱଜିତ ଭାରତସାରା ବୁଲିବୁଲି ପୁରୁଣା ସାମଗ୍ରୀର ସନ୍ଧାନରେ ଥାଏ । ତା'ର ସମ୍ପର୍କ କିଛି ଐତିହାସିକ ଓ ଭୂତତ୍ୱବିଦମାନଙ୍କ ସହିତ ବି ଥିଲା । ସବୁବେଳେ ବିଶ୍ୱଜିତ ତାଙ୍କ ସହ ଫୋନରେ ବନ୍ଧୁତା ବନେଇ ରଖିଥାଏ । ଦିନେ ତା ପାଖକୁ ତା'ର ଏକ ବନ୍ଧୁ ଅମିତ ରାଜସ୍ଥାନରୁ ଫୋନକରି କହିଲା, "ଏଇଠି ଆମ ଆମ ଅଫିସ ପାଖରେ କିଛି ଲୋକ ଖୋଳାଖୋଳି କରି ବହୁତ ଗୁଡିଏ ପୁରୁଣା ସାମଗ୍ରୀ ପାଇଛନ୍ତି, ତୁ ଯଦି ଆସନ୍ତୁ ତେବେ ତୋ ଦୋକାନ ପାଇଁ ମଧ୍ୟ କିଛି ସାମଗ୍ରୀ ମିଳିଯାଆନ୍ତା । ମୋର ଏଠିକାର ସୁପରଭାଇଜର ସହ ଭଲ ଘନିଷ୍ଠତା ଅଛି ।" ବିଶ୍ୱଜିତ ଏ ସୁଯୋଗର ହାତଛଡା କରିବାକୁ ଚାହୁଁନଥିଲା । ତା' ପରଦିନ ଦୋକାନରେ କାମ କରୁଥିବା ରାଜୁକୁ ଡାକି ତାକୁ ଦୋକାନଭାର ସମ୍ଭାଳିବାକୁ କହିଦେଇ, ଭୁବନେଶ୍ୱର ଏୟାରପୋର୍ଟରୁ ସିଧା ବାହାରିଲା

 Magazine Downloaded from www.aahwaan.com

ରାଜସ୍ଥାନର ଜୟପୁର । ଏୟାରପୋର୍ଟରୁ ଅମିତର ଘର ପ୍ରାୟ ୧୦ କିମି ଥିଲା । ଅମିତ ଆସି ବିଶ୍ୱଜିତକୁ ଏୟାରପୋର୍ଟରୁ ସିଧା ତା ଘରକୁ ନେଇଗଲା । ଦୁଇସାଙ୍ଗ କିଛି ସମୟ ବସି କଥାବାର୍ତ୍ତା ହେବା ପରେ ବିଶ୍ୱଜିତ ଅମିତକୁ କହିଲା, "ଚାଲ୍ ଯିବା ଦେଖି ଆସିବା କଣ ସବୁ ଜିନିଷ ମାଟିତଳୁ ବାହାରିଛି ? ମୋର ଦୋକାନ ପାଇଁ କିଛି ଜିନିଷ ନବା ଯୋଗ୍ୟ ଅଛି ନା ନାହିଁ ।" ଅମିତ ବିଶ୍ୱଜିତକୁ ନେଇ ସୁପରଭାଇଜର ମୋହନ ସହ ଚିହ୍ନାପରିଚିତ କରେଇ ଦେଲା ଆଉ କହିକିଗଲା ଯେ କାମ ସରିଲେ ଫୋନ୍ କରିଦବାକୁ ଡ୍ରାଇଭରକୁ କହିବି ତତେ ଯାଇ ନେଇଆସି ମୋ ଘରେ ଛାଡିଦେବ । ବିଶ୍ୱଜିତ ତା କଥାରେ ସମ୍ମତି ଜଣେଇ ମାଟିତଳୁ କଣ ସବୁ ଜିନିଷ ବାହାରିଛି ତାକୁ ଦେଖିବାକୁ ମୋହନ ସହ ଗଲା । ମୋହନ ତାକୁ ନେଇ ଗୋଟେ ଅସ୍ଥାୟୀ ଟିଣପକା ଘର ଭିତରକୁ ନେଇଗଲା ଏବଂ କହିଲା, "ଆପଣଙ୍କର ଯାହା ପସନ୍ଦ କିଛି ଜିନିଷ ନେଇ ଯାଆନ୍ତୁ ଏବଂ ଅବଶିଷ୍ଟ ସାମଗ୍ରୀ ଆମେ ରାଜସ୍ଥାନ ରାଜ୍ୟ ସଂଗ୍ରହାଳୟକୁ ପଠେଇଦବୁ । ଏତିକି କହି ମୋହନ ସେଠାରୁ ଚାଲିଗଲା ଏବଂ କହିକି ଗଲା ଯେ ଜିନିଷ ବାଛି ସାରିଲେ ତାକୁ ଫୋନ୍ କରିଦେବା ପାଇଁ । ବିଶ୍ୱଜିତ ସବୁ ଜିନିଷକୁ ତନ୍ନତନ କରି ପରଖୁଥାଏ । ସେ ଦେଖିଲା ଯେ ଜିନିଷ ଗୁଡିକ ଭିତରେ ଥିଲା କିଛି ତମ୍ବା ବା ଅନ୍ୟ କୌଣସି ଧାତୁରେ ନିର୍ମିତ ହୋଇଥିବା କିଛି ଅଜବ ପ୍ରକାରର ମୂର୍ତ୍ତି ନା କୌଣସି ଠାକୁରଙ୍କର ନା କୌଣସି ମଣିଷଙ୍କର । ପିତ୍ତଳରେ ତିଆରି ହେଇଥିବା କଂସାବାସନ ଯାହା ଉପରେ କିଛି ଗୋଟେ ଭାଷାରେ ଲେଖା ଯାଇଥିଲା ଯାହାକୁ ପଢିବା ବିଶ୍ୱଜିତ ପକ୍ଷରେ ମୁସ୍କିଲ ଥିଲା । ସବୁ ଜିନିଷ ଗୁଡିକ ଧୁଆଧୁଇ ହୋଇ ରଖା ଯାଇଥାଏ । ମୋହନର କହିବା ଅନୁସାରେ ଜିନିଷ ଗୁଡିକ ପ୍ରାୟ ଦୁଇଶହରୁ ତିନିଶହ ବର୍ଷ ତଳର ଜିନିଷ ଥିଲା । ବିଶ୍ୱଜିତର ଆଖିରେ ପଡିଲା ଗୋଟେ ଆଇନା । ବଡ଼ ସୁନ୍ଦର ଆଇନାଟିଏ ହୋଇଥାଏ ପ୍ରାୟ ୪ରୁ ୫ ଫୁଟ

 Magazine Downloaded from www.aahwaan.com

ହେବ ଉଚ୍ଚତା । ତା'ର ଚାରିପାଖରେ ମୋଟ କାଠର ଏକ ଫ୍ରେମ ଲାଗିଥାଏ । ଆଇନାଟି ଦୁଇ ପାର୍ଶ୍ୱରୁ କାଠର ଷ୍ଟାଣ୍ଡ ଉପରେ ରଖା ହୋଇଥାଏ । ଯେପରି ଆଇନାଟି ତା ନିଜ ଅକ୍ଷ ଚାରିପଟେ ୩୬୦ ଡିଗ୍ରୀ ଘୁରିପାରିବ । ଯଦି ଆଇନାଠାରୁ ଜଣେ କିଏ ଗୋଟେ ହାତ ଦୂରରେ ଠିଆହେବ, ତେବେ ତାର ସମ୍ପୂର୍ଣ ଶରୀରକୁ ସେ ସେଥିରେ ଦେଖିପାରିବ । ଆଇନାଟି ବିଶ୍ୱଜିତର ଖୁବ୍ ପସନ୍ଦ ଆସିଲା । ମନେମନେ ସ୍ଥିର କଲା ଏହି ଆଇନାଟିକୁ ସେ ନିଜ ଦୋକାନ ପାଇଁ ନେବ । ସେ ଭାବିଲା ଯେ ଆଇନାଟିକୁ ଟିକେ ଭଲ କରି ଘଷିମାଜି ଦେଇ ଗୋଟେ ଭଲ ଷ୍ଟିକର୍ ଲଗେଇ ଦେଇ ୪୦୦ ରୁ ୫୦୦ ବର୍ଷ ପୁରୁଣା ଲେଖିଦେଲେ ନିଶ୍ଚୟ ସାତ/ଆଠ ହଜାରରୁ ଅଧିକ ଦାମରେ ବିକ୍ରି ହୋଇଯିବ । ବିଶ୍ୱଜିତ ଆଇନା ସହ ଆଉ ଦୁଇ ତିନୋଟି ଜିନିଷ ମଧ୍ୟ ପସନ୍ଦ କଲା । ମୋହନକୁ ଡାକି ତାକୁ କିପରି ଭୁବନେଶ୍ୱରରେ ସୁରକ୍ଷିତରେ ପହଞ୍ଚାଯାଇ ପାରିବ ସେ କଥା ତାକୁ ବୁଝେଇ ଦେଲା । ମୋହନ ସେ ଆଇନା ଏଠୁ ଚାଲିଯିବାର ଜାଣି ମନେମନେ ବହୁତ ଖୁସି ହେଲା ଓ କହିଲା, "ବିଶ୍ୱଜିତବାବୁ ଆପଣଙ୍କ ଜିନିଷ ଯାଇ ଆପଣଙ୍କ ପାଖରେ ଠିକ୍ ସମୟରେ ପହଞ୍ଚିଯିବ ।" ମୋହନକୁ ସବୁ କଥା ବୁଝେଇ ଦେଇ ବିଶ୍ୱଜିତ ଅମିତକୁ ଫୋନ୍ କଲା । ଅମିତର ଡ୍ରାଇଭର ଆସି ତାକୁ ଅମିତ ଘରେ ଛାଡି ଦେଲା । ବିଶ୍ୱଜିତ ଅମିତକୁ ସେ ଆଇନା କଥା କହିଲା । ଅମିତ ମଧ୍ୟ ଅତି ଖୁସି ହେଇ କହିଲା, "ତୁ ଗୋଟେ ଭଲ ଜିନିଷ ବାଛିଚୁ ।" ବିଶ୍ୱଜିତ ଅମିତକୁ ପଚାରିଲା, "ମୋର ଗୋଟେ କଥା ଜମା ବିଶ୍ୱାସ ହଉନି ଯେ ଏତେ ବର୍ଷ ପୁରୁଣା ହେଇ ମାଟିତଳେ ପୋତା ହେଇକି ମଧ୍ୟ ଆଇନାଟି ଭାଙ୍ଗିଲା ନାହିଁ କେମିତି ?" ଅମିତ ହସିହସି କହିଲା, "ଏ ଆଇନା ଏବେକାର ଆଇନା ନୁହେଁ ସେ କାଳରେ ରାଜା ମହାରାଜା ମାନେ ତାଙ୍କର ନିଜସ୍ୱ ପ୍ରଯୁକ୍ତିବିଦ୍ୟା ବଳରେ ଅଭଙ୍ଗା ଆଇନା ତିଆରି କରୁଥିଲେ । ତୁ ବଡ ଭାଗ୍ୟବାନ ଯେ ତୋ

 Magazine Downloaded from www.aahwaan.com

ହାତରେ ଏମିତି ଗୋଟେ ଅମୂଲ୍ୟ ଜିନିଷ ପଡିଲା । ଯାହାର ବଜାର ମୂଲ୍ୟ ଆଜିକା ତାରିଖରେ କମ ସେ କମ କୋଡିଏ ପଚିଶ ହଜାରରୁ କମ ହବନି ।” ବିଶ୍ୱଜିତର ଆଇନା ପସନ୍ଦ ହବା ନେଇ ଅମିତ ବହୁତ ଖୁସି ହୋଇ ଯାଇଥିଲା ଯାହାକି ବିଶ୍ୱଜିତକୁ ଟିକେ ଅସ୍ୱାଭାବିକ ଲାଗୁଥିଲେ ମଧ୍ୟ ସେ ତାକୁ ବେଶି କିଛି ପଚାରି ପାରିଲାନାହିଁ । ଦୁଇଦିନ ପରେ ବିଶ୍ୱଜିତ ଅମିତଠାରୁ ବିଦାୟ ନେଇ ଭୁବନେଶ୍ୱରରେ ଆସି ପହଞ୍ଚିଲା ଏବଂ ଅମିତକୁ କହିକି ଆସିଥିଲା ଯେ ସେ ଯେମିତି ସୁରକ୍ଷିତ ଅବସ୍ଥାରେ ଆଇନାଟିକୁ ପଠେଇବାର ବନ୍ଦୋବସ୍ତ କରିବ । ସେ ଆସିବାର ଦଶଦିନ ପରେ କୋରିୟରରେ ଆଇନାଟି ଆସି ପହଞ୍ଚିଲା । ବିଶ୍ୱଜିତ ବହୁତ ଖୁସିଥାଏ । ରାଜୁକୁ ଡାକି କହିଲା, “ଆଇନାଟିକୁ ଯତ୍ନ ସହକାରେ ନେଇ ଗୋଦାମ ଘରେ ରଖି ଦେ ପୋଛାପୋଛି କରି ରଙ୍ଗ ଦେଇ ସାରିଲେ ଆମେ ତାକୁ ଶୋରୁମ୍ ରେ ଆଣି ବିକ୍ରି ପାଇଁ ରଖିବା ।”

ସେଦିନ ବିଶ୍ୱଜିତ ସନ୍ଧ୍ୟା ବେଳକୁ କିଛି କାମରେ ଦୋକାନରୁ ଶୀଘ୍ର ବାହାରିଗଲା । ରାଜୁ ରାତି ଦଶଟା ବେଳକୁ ଦୋକାନ ବନ୍ଦ କରିବା ପାଇଁ ସଟର ପକେଇଲା ବେଳକୁ ତାକୁ କିଛି ଗୋଟେ ଜୋରରେ ଧଡଧଡ ହେବାର ଶବ୍ଦ ଗୋଦାମଘରୁ ଆସୁଥିବାର ମନେ ହେଲା । ସେ ଭବିଲା ମୂଷା କି ବିରାଡି ଏମିତି କରୁଥିବ ବହୁତ ଗୁଡିଏ ନୂଆ ପୁରୁଣା ସାମାନ ରଖା ହେଇଛି ନା । କିଛି ସମୟ ପରେ ପୁଣି ଜୋରରେ କିଛି ଜିନିଷ ପଡିବାର ଶବ୍ଦ । ଏଥର ରାଜୁ ଲାଇଟ୍ ଜଳେଇ ଗୋଦାମ ଭିତରକୁ ଗଲା । ଦେଖିଲା ବେଳକୁ କୋଉଠି କିଛି ନାହିଁ ସବୁ ଠିକଠାକ୍ ଅଛି । ଅଥଚ ଏ ଶବ୍ଦ କେଉଁଠୁ ଆସୁଛି ? ହଠାତ୍ ତା ଆଖି ପଡିଲା ସେଇ ଆଇନାଟି ଉପରେ । ତା ଉପରେ ଗୋଟେ କଳା କପଡା ଘୋଡା ହେଇ କି ରଖା ହୋଇଥାଏ । କୌତୁହଳବଶତଃ ସେ ଆଇନା ଉପରୁ କପଡାଟି କାଢିଦେଲା । ଆଉ କପଡା

 Magazine Downloaded from www.aahwaan.com

ବାହାରିଯିବା ପରେ ଆଇନା ଭିତରୁ ବାହାରିଲା ଏକ ବିଭତ୍ସ ବିକଟାଳ ଚିତ୍କାର । ସେ ଜାଣିପାରୁ ନଥିଲା ଚିତ୍କାରଟା ଗୋଟେ ସ୍ତ୍ରୀର କି ପୁରୁଷର । କିନ୍ତୁ ଚିତ୍କାରର ତୀବ୍ରତା ବଢିବଢି ଚାଲିଥାଏ । ତାକୁ ମନେହେଉଥାଏ ଯେପରି ତାର କାନର ଶିରାପ୍ରଶିରା ସବୁ ଫାଟିଯିବ । ହାତ କାନରେ ଦେଇ ଦେଇଦେଲା ଓ ଚଟ୍ କରି ନେଇ କପଡାଟି ପୁଣି ତା'ଉପରେ ଘୋଡେଇ ଦେଲା । ସଙ୍ଗେସଙ୍ଗେ ଚିତ୍କାର ବନ୍ଦ ହେଇଗଲା । ରାଜୁ ସ୍ଥାଣୁ ପାଲଟି ଯାଇଥାଏ । ଡରିକି ସେ ନା ଆଗକୁ ଯାଇ ପାରୁଥାଏ ନା ପଛକୁ । କେମିତି ସେ ଗୋଦାମ ଘରୁ ବାହାରିବ ସେଇ କଥା ଚିନ୍ତା କରୁଥାଏ । ପୁଣି ହଠାତ୍ ଆଇନାଟି ତା'ର ଅକ୍ଷ ଚାରିପଟେ କାଠର ଫ୍ରେମ୍ ଭିତରେ ଆପେ ଆପେ ଘୂରିବାକୁ ଲାଗିଲା ।  କଳା କପଡାଟି ଖସିଯିବା ପରେ ରାଜୁର ପୁରା ଶରୀର ସେଥିରେ ଦେଖା ଯାଉଥାଏ ।  ଆଇନାଟି ଘୁରିଘୁରି ହଠାତ୍ ସିଧା ହୋଇ ରହିଗଲା । କିନ୍ତୁ ଏ କଣ ତା ପଛରେ ଜଣେ କିଏ ଛିଡା ହୋଇଛି ଆଉ ତା ହାତଦୁଇଟା ରାଜୁର ବେକ ଆଡକୁ ମାଡି ଆସୁଛି । ରାଜୁ ଭୟରେ ପଛକୁ ଅନେଇଲା ବେଳକୁ କେହି କୁଆଡେ ନାହାଁନ୍ତି । ରାଜୁ ପୁଣି ଆଇନାରେ ଦେଖିଲା ବେଳକୁ ହାତ ଦୁଇଟି ତା'ର ବେକ ଚାରିପଟେ  ଗୁଡେଇ ହେଇ ଶକ୍ତ ହେବାକୁ ଲାଗିଲାଣି । ସେ ଅନୁଭବ କରି ପାରୁଥାଏ ତା ପାଦ  ଭୂମି ଉପରୁ ଉଠିଲା ଭଳି । ସେ ଯେତେ ମୁକୁଳି ବାକୁ ଚେଷ୍ଟା କରୁଥାଏ ତା ବେକ ସେତେ ଜୋରରେ ଚିପି ହୋଇ ଯାଉଥାଏ । ଆଇନାରେ ନିଜକୁ ସେ ଦେଖିଲା ବେଳକୁ ସେ ଚଟାଣ ଠାରୁ ଫୁଟେ ଉଚରେ ଥାଏ  ଏବଂ  ଗୋଟେ  ବିଭତ୍ସ ଭୟଙ୍କର ଚେହେରା ତା ଆଡକୁ ମାଡି ଆସୁଥାଏ । ରକ୍ତିମ ଆଖି, ଫୁଙ୍ଗୁଳା କେଶ କି ଭୟାନକ ଚେହେରା ।  ଦେଖିବାକୁ  ତା'ର ଆଉ ସାହସ ନ ଥାଏ । ଆଖିବୁଜି ଦେଇଥାଏ ସେ । ହାତର ବନ୍ଧନ ତା ବେକ ଚାରିପଟେ ଫାଶୀ ଦଉଡି ଭଳି ଗୁଡେଇ ହୋଇ ଯାଇଥାଏ । ତାକୁ ଲାଗିଲା ଆଉ କିଛି ସମୟ ପରେ ତା'ର ଜୀବନ

 Magazine Downloaded from www.aahwaan.com

ଚାଲିଯିବ । ଶେଷରେ ତା ମୁହଁରୁ ବାହାରି ଆସିଲା "ଜୟ ହନୁମାନ" । କଚାଡି ହୋଇ ରାଜୁ ତଳେ ପଡିଲା ।

ସକାଳ ନଅଟା ବେଳକୁ ଆସି ବିଶ୍ୱଜିତ ଦେଖିଲା ବେଳକୁ ଦୋକାନ ସଟର ଅଧା ଖୋଲା ହୋଇପଡିଛି । ବିଶ୍ୱଜିତ ଭବିଲା ଯେ ବୋଧେ ରାତିରେ ଦୋକାନରୁ ଚୋରି ହୋଇଛି ବୋଲି । ଭୀତତ୍ରସ୍ତ ହୋଇ ଭିତରକୁ ଗଲା । ସେ ଦେଖିଲା ବେଳକୁ ରାଜୁ ଗୋଦାମ ଘରେ ବେହୋସ ହେଇ ପଡିଛି । ପାଣି ଆଣି ତା ମୁଁହ ଉପରେ ଛଟିଂଲା । ରାଜୁର ଚେତା ଫେରିବା ପରେ ସେ ବିଶ୍ୱଜିତକୁ ସବୁକଥା କହିଲା । ଆଉ କହିଲା, "ବାବୁ ଯେ ପର୍ଯ୍ୟନ୍ତ ଏ ଆଇନାକୁ ଆପଣ ବାହାରକୁ ନ ଫୋପାଡିଛନ୍ତି ସେ ପର୍ଯ୍ୟନ୍ତ ମୁଁ ଆଉ ଦୋକାନକୁ ଆସିବିନି ।" ଏତିକି କହି ସେ ଦୋକାନ ଛାଡି ଦଉଡି କି ପଳେଇଲା । ବିଶ୍ୱଜିତ ଆଇନା ଆଡକୁ ଚାହିଁଲା ଦେଖିଲ ଆଇନା ଯେମିତି ଆସିଥିଲା ସେମିତି କଳା କପଡା ଘୋଡା ହେଇ କି ରଖା ହୋଇଛି । ସେ କପଡା ଆଇନା ଉପରୁ କାଢି ତାକୁ ଭଲ କରି ପୋଛାପୋଛି କରିଦେଲା । ମନେମନେ ରାଜୁକୁ ସେ ଗାଳି ଦେଉଥାଏ, "ଠକ କୋଉଠିକାର ରାତିରେ ଗୋଦାମ ଘରେ ଶୋଇ ପଡିଛି ଆଉ ସକାଳୁ ମୋ ଆଗରେ ଭୁତ ଗପ ଶୁଣଉଛି । କହୁଛି କଣ ନା ଆଇନା ଭିତରୁ ଭୂତ ବାହାରୁଛି ।" ତଥାପି ନିଜ ମନକୁ ଠିକ୍ ସେ ବୁଝେଇ ପାରୁ ନ ଥାଏ ବିଶ୍ୱଜିତ । ଆଜକୁ ପାଞ୍ଚ ବର୍ଷ ହେଲାଣି ରାଜୁ କାମ କରୁଛି ଏଠି କଣ ପାଇଁ ସେ ଏମିତି କହିବ ? ପ୍ରକୃତରେ କଣ ଆଇନା ଭିତରେ ଭୂତ ଅଛି । ଆସି କି ନିଜ ଚେୟାରରେ ବସିଲା । ସେଦିନ ତାକୁ ଜମା ଭଲ ଲାଗୁ ନଥାଏ । ଘଡି କି ଘଡି ଯାଇ ଗୋଦାମ ଘର ଭିତରେ ଆଇନାକୁ ଦେଖି କି ଆସୁଥାଏ । ସେଦିନ ବେପାର ବି କିଛି ଖାସ୍ ହେଲାନି । ମନ ଭାରାକ୍ରାନ୍ତ ହୋଇ ଯାଉଥାଏ ବିଶ୍ୱଜିତର । ରାତି ୧୦ଟା ବେଳକୁ ଦୋକାନ ବନ୍ଦ କରିବା ପାଇଁ ଗଲା

 Magazine Downloaded from www.aahwaan.com

ବେଳକୁ ତାକୁ ଲାଗିଲା ଯେପରି ଗୋଦାମ ଘରେ କେହି ଜଣେ ସ୍ତ୍ରୀ ଲୋକର ପାଉଁଜି ପିନ୍ଧି ଚାଲିବାର ଶବ୍ଦ । ନିଜର ମନର ଭ୍ରମ ବୋଲି ଭାବି ସଟର ଟାଣିବାକୁ ଗଲା ବେଳକୁ ଏଥର ଗୋଟେ ସ୍ତ୍ରୀ ଲୋକର କାନ୍ଦିବାର ଶବ୍ଦ ଗୋଦାମ ଘରୁ ଆସୁଛି ଯାହାକି ସେ ସ୍ପଷ୍ଟ ଶୁଣିପାରୁ ଥାଏ । କାନ୍ଥଘଣ୍ଟାକୁ ଅନେଇଲା ଦେଖିଲ ରାତି ସାଢେ ଦଶଟା । ସାହସ କରି ଗୋଦାମ ଭିତରକୁ ଗଲା ।  ଦେଖିଲା ଆଇନାଟି ସେମିତି କଳା କପଡା ଭିତରେ ଘୋଡା ହେଇ କି ରଖା ହୋଇଛି । ସବୁ ତ ଠିକଠାକ୍ ଅଛି । ହଠାତ ଦୁମ୍ କରି ଗୋଟେ ଶବ୍ଦ ହେଲା । ଚମକି ପଡି ପଛକୁ ଚାହିଁଲା ବେଳକୁ ପୁରୁଣା ମୂର୍ତ୍ତି ଗୋଟେ ତଳେ ପଡି ଚୁରମାର୍ ହୋଇଗଲା । ବିଶ୍ୱଜିତ ସାହସ ସଞ୍ଚୟ କରି ନିଜକୁ ପ୍ରକୃତିସ୍ଥ କରି ଛିଡାହେଲା । ସଙ୍ଗେସଙ୍ଗେ ଗୋଦାମ ଘରର ଆଲୁଅ ଗୁଡା ସବୁ ଲିଭିଗଲା । ଆଉ ସେ ଦେଖିଲା  ଆଇନା ଭିତରୁ  ଗୋଟେ ଆଲୁଅ ଜଳିଲା ଭଳି । ଏକଦମ ଡରି ଯାଇଥିଲା ବିଶ୍ୱଜିତ । ପାଦ ଚିପିଚିପି ଆଇନା ପାଖକୁ ଗଲା ଏବଂ ଧୀରେଧୀରେ ତା ଉପରୁ କଳା କପଡାଟା କାଢି ଦେଲା ।  ସଙ୍ଗେ ସଙ୍ଗେ ମନେ ହେଲା ତାକୁ  ଯେପରି ଆଇନା ଭିତରକୁ କିଏ ଟାଣି ନେଉଛି । ଆଉ ଏକ ବିକଟାଳ ପ୍ରଚଣ୍ଡ ଶବ୍ଦରେ ତା କାନ ଫାଟିପଡିଲା ପରି ଲାଗୁଛି । ହଠାତ୍ ଆଇନା ଉପରେ ଗୋଟେ ଚିତ୍ର ଆସିଲା ଭଳି ତାକୁ ଲାଗିଲା ଆରେ ସେ ଆଇନା ଆଗରେ ଏ ସବୁ କଣ ଦେଖୁଛି ଗୋଟେ ସ୍ତ୍ରୀ ଲୋକ ସେହି ଆଇନା ଆଗରେ ଛିଡା ହେଇ ସିନ୍ଦୁର ପିନ୍ଧୁଛି ଏବଂ ହଠାତ ଦୁଇ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ତା ପେଟକୁ ଛୁରା ମାରି ହତ୍ୟା କରୁଛନ୍ତି । ସ୍ତ୍ରୀ ଲୋକଟି ତଳେ ପଡି ଚିତ୍କାର କରି ପାଟି କଲାବେଳକୁ  ତାକୁ ଛୁରୀରେ ସେମାନେ ଭୁଷି ଚାଲିଛନ୍ତି । ତାକୁ ସାହାଯ୍ୟ କରିବା ପାଇଁ ତା ସ୍ୱାମୀ  ଆସି ସେ ଦୁର୍ବୃତ୍ତ ଦୁଇଜଣଙ୍କୁ ମାଡି ବସୁଛି । ଧସ୍ତାଧସ୍ତିରେ ମୁଖାଟା ସେ ଦୁଇଜଣଙ୍କ ମୁହଁରୁ ଫିଟି ଯାଉଛି । କିନ୍ତୁ ଏ କଣ ମୁଖା ଭିତରେ ଥିବା ଦୁଇଜଣ  ଦୁର୍ବୃତ୍ତ କଣ ମୋହନ

 Magazine Downloaded from www.aahwaan.com

ଆଉ ଅମିତ ? ମୋହନ ସେ ସ୍ତ୍ରୀ ଲୋକର ସ୍ୱାମୀକୁ ପଛରୁ ମାଡି ବସୁଛି ଆଉ ଅମିତ ସେହି ଛୁରାରେ ସେ ଲୋକର ପେଟକୁ ଭୁଶିବାରେ ଲାଗିଛି । ଛୁରାଭୁସିଲା ବେଳେ ସେଇ ରକ୍ତଛିଟା ଆସି ସେ ଆଇନା ଉପରେ ପଡି ଆଇନାଟିକୁ ପୁରା ଲାଲ୍ କରି ଦେଉଛି । ମୋହନ ହସିହସି ଅମିତକୁ କହୁଛି, "ଯାହାହଉ ଏବେ ଆମ ବିରୁଦ୍ଧରେ ଆଉ କେହି ସାକ୍ଷୀ ଦେଇ ପାରିବେନି ଦୁଇଜଣଙ୍କୁ ତ ଖତମ କରି ଦେଲେ ଚାଲ୍ ଆମେ ନେଇ ଏମାନଙ୍କୁ ଟ୍ରେନ ଲାଇନରେ ପକେଇ ଦେଇ ଆସିବା ଲୋକ ଜାଣିବେ ଯେ ଟ୍ରେନ ଦୁର୍ଘଟଣାରେ ମରି ଯାଇଛନ୍ତି ବୋଲି ।" ତା'ପରେ ବିଶ୍ୱଜିତକୁ ଲାଗିଲା ଯେ କେହି ଯେପରି ତାକୁ ଠେଲି ସେଇ ଆଇନା ଭିତରକୁ ବାହାର କରି ଦେଉଛି ଏବଂ ଆଇନା ଭିତରୁ କେହି କହୁଛି, "ମତେ ନେଇ ମୋ ଜାଗାରେ ରଖି ଦେଇ ଆସ ନ ହେଲେ ତୁ ବି ମରିବୁ ତାଙ୍କ ସହ ମୁଁ ସେମାନଙ୍କୁ ଛାଡିବିନି ।"

ବିଶ୍ୱଜିତ ଗଛ କଟିଲା ଭଳି ମୂର୍ଚ୍ଛା ହୋଇ ଟଳି ପଡିଲା ସେଇଠି । ପରଦିନ ସକାଳୁ କୋରିଅର ବାଲାଙ୍କୁ ଡାକି  କାହାକୁ କିଛି ନ ଜଣେଇ ଆଇନାକୁ ଯେମିତି ଆଣିଥିଲା  ସେମିତି ବନ୍ଧାବନ୍ଧି କରି ରାଜସ୍ଥାନ ପଠେଇ ଦେଲା ।  ଆଉ ସେ ଖବର ସେ ମୋହନ କି ଅମିତକୁ ଜଣେଇଲା ନାହିଁ । ରାଜୁକୁ ମଧ୍ୟ ଦୋକାନକୁ ପୁଣି ଫେରେଇ ଆଣିଲା । ସେ ଘଟଣାର ମାସେ ପରେ ସେ ଜାଣିବାକୁ ପାଇଲା ଯେ ଅମିତ ଆଉ ମୋହନ ଦୁଇଜଣଙ୍କୁ କିଏ ଜଣେ ଭଙ୍ଗାକାଚରେ ଗଳାକାଟି ହତ୍ୟା କରିଛି । ଆଉ ସେଇଦିନ ରାତିରେ ସେ ସ୍ୱପ୍ନ ଦେଖିଲା ଯେ ସେହି ସ୍ତ୍ରୀ ଲୋକ ଆସି ତାକୁ ସ୍ୱପ୍ନରେ କହୁଛି, "ମୋହନର ଚରିତ୍ର ବହୁତ ଖରାପ ଥିଲା । ସେ ଆମ ଗାଁର ଜଣେ ବିଧବା ମହିଳାକୁ ଅନ୍ତଃସତ୍ତ୍ୱା କରି ମାରିଦେଇ ଥିଲା ଏବଂ ତା ହତ୍ୟାର ମୁକସାକ୍ଷୀ ମୁଁ ଥିଲି । ତାକୁ ଏ ସବୁ ଖରାପ କାମ କରିବା ପାଇଁ ଅମିତ ମଧ୍ୟ ସାହାଯ୍ୟ କରୁଥିଲା । ସେମାନେ ମିଶି ସେ ବିଧବାକୁ କୂଅରେ ପକେଇ ମାରି ଦେଇଥିଲେ ଆଉ ସେ

 Magazine Downloaded from www.aahwaan.com

କାଣ୍ଡ ମୁଁ ମୋ ନିଜ ଆଖିରେ ଦେଖିଥିଲି । ସେଥିପାଇଁ ସେମାନେ ପୁଲିସ୍ କବଳରୁ ନିଜକୁ ରକ୍ଷା କରିବା ପାଇଁ ମୋତେ ହତ୍ୟା କଲେ । କିନ୍ତୁ ମୋ ନିର୍ଦ୍ଦୋଷ ସ୍ୱାମୀଙ୍କୁ ସେମାନେ କାହିଁକି ହତ୍ୟା କଲେ ? ଆଉ ସେଇ ପ୍ରତିଶୋଧ ନେବା ପାଇଁ ମୋ ଆତ୍ମା ଅମୋକ୍ଷ ହୋଇ ସେଇ ଆଇନା ଭିତରେ ରହିଥିଲା । କାରଣ ସେହି ଆଇନା ମୋ ପାଇଁ ମୋ ସ୍ୱାମୀ ଆଣିଥିଲେ ଯାହାକି ମୋର ସବୁ ଠାରୁ ପ୍ରିୟ ଜିନିଷ ଥିଲା । ସେମାନେ ବହୁତ ଚେଷ୍ଟା କରି ଥିଲେ ଏ ଆଇନାଟିକୁ ନଷ୍ଟ କରିଦେବା ପାଇଁ କିନ୍ତୁ ମୁଁ ତାହା ହବାକୁ ଦେଉ ନଥିଲି ଶେଷରେ ସେମାନେ ଗୋଟେ ତାନ୍ତ୍ରିକକୁ ଆଣି ତା'ର ପରାମର୍ଶରେ ଏହି ଆଇନାକୁ ସେ ଜାଗାଠାରୁ ଦୂରେଇ ଦେବାକୁ ଚେଷ୍ଟା କରୁଥିଲେ ଏବଂ ସେଥି ଯୋଗୁଁ ତୁମ ବନ୍ଧୁ ଅମିତ ମୋ କବଳରୁ ମୁକ୍ତି ପାଇବା ପାଇଁ ତୁମକୁ ରାଜସ୍ଥାନକୁ ପୁରୁଣା ଜିନିଷ ମିଳିବା ବାହାନା କରି ଡକେଇଥିଲା ।" ଚାଉଁକିନା ଭାଙ୍ଗିଗଲା ବିଶ୍ୱଜିତର ନିଦ । ଫୁଲ୍ ଏସିରେ ବି ସେ ପୁରା ଝାଳରେ ଭିଜି ଯାଇଥିଲା । ପରଦିନ ବିଶ୍ୱଜିତ ଦୋକାନ ଦାୟିତ୍ୱ ରାଜୁକୁ ଦେଇ ମନର ଶାନ୍ତି ପାଇଁ କିଛି ଦିନପାଇଁ ଚାଲିଗଲା ବୈଷ୍ଣୋଦେବୀଙ୍କ ଦର୍ଶନ କରିବାକୁ ।

ସହକାରୀ ଅଧ୍ୟାପକ

ରୋଲାଣ୍ଡ ଫାର୍ମାସୀ ମହାବିଦ୍ୟାଳୟ

ଖୋଡାସିଙ୍ଗୀ,ବ୍ରହ୍ମପୁର-୧୦

 Magazine Downloaded from www.aahwaan.com

# ନିର୍ବାକ ସଂପର୍କ



କଲ୍ୟାଣୀ ନନ୍ଦ

ସକାଳୁ ସକାଳୁ ଖୁବ୍ ଜୋରରେ ପାଟିତୁଣ୍ଡ ଶୁଣି ରାଜୁ ବାହାରକୁ ଆସି ଦେଖିଲା ନବଘନ ବାବୁଙ୍କ ଘର ଆଗରେ ଚାରି ପାଞ୍ଚଜଣ ଲୋକ ଘେରିଯାଇ କାହାକୁ ମାରପିଟ୍ କରୁଥିଲେ । ରାଜୁ ପ୍ରଥମେ ଯିବନି ଭାବୁଥିଲା, କିନ୍ତୁ ହଠାତ୍ କୁଁ କୁଁ କରି ଏକ ବିକଳ କାନ୍ଦଣା ସ୍ୱର ଶୁଣି ସେଠାକୁ ଯାଇ ଯାହା ଦେଖିଲା, ସେଥିରେ ସେ ସ୍ତବ୍ଧ ହୋଇ ଛିଡ଼ା ହୋଇ ରହିଲା । ଛୋଟ କୁକୁର ଛୁଆ ପଙ୍କକାଦୁଅରେ ଲଟପଟ ହୋଇ ଭୂଇଁରେ ପଡ଼ିଛି । ଲୋକେ ତାକୁ ବାଡ଼ି, ଚପଲ ଯାହା ପାଇଲେ ପିଟି ଚାଲିଛନ୍ତି । ଯେମିତି ଗୋଟିଏ ମହାନ କାର୍ଯ୍ୟଟିଏ କରି ଚାଲିଛନ୍ତି । ରାଜୁ ଦେଖିଲା, କୁକୁର ଛୁଆଟି ନିସ୍ତେଜ ହୋଇ ପଡ଼ିଲାଣି । ରାଜୁ ଆଉ ସହିନପାରି, ଦୌଡ଼ିଯାଇ କୁକୁରଟିକୁ କୋଳରେ ଧରି ପକାଇ ଖୁବ୍ ଜୋରରେ ପାଟି କରି ଲୋକମାନଙ୍କୁ ତାକୁ ମାରିବାକୁ ମନାକଲା । ହଠାତ୍ ଗୋଟିଏ ୧୦/୧୧ ବର୍ଷର ଛୁଆଟି ଏମିତି ଭାବରେ ପଙ୍କକାଦୁଅ ନେସି ହୋଇଥିବା କୁକୁର ଛୁଆଟିକୁ ନିଜ କୋଳରେ ଧରିନେବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇ ତାକୁ ଅନାଇଥାନ୍ତି । ନବଘନ ବାବୁଙ୍କ ମାର୍ବଲ ଚଟାଣ ସେଇ କୁକୁର ଛୁଆର ପଙ୍କକାଦୁଅ ନେସା ପାଦଚିହ୍ନରେ ଅସନା ହୋଇଥିବା ଯୋଗୁଁ ସେ ନିରୀହ କୁକୁର ଛୁଆଟି ଉପରେ ଏତେବେଳ ଯାଏ କିଛି ନ ବୁଝିସୁଝି ଲୋକେ ନିଜର ବୀରତ୍ୱ ଜାହିର କରି ଚାଲିଥିଲେ । ଅଥଚ ନିଜ ଦେହସାରା ସେଇ ପଙ୍କକାଦୁଅରେ ନେସି ହୋଇଗଲେ ବି ଏତେ ସାନ ଛୁଆଟି ତାକୁ ଖାତିର ନ କରି ଗୋଟେ ବାରବୁଲା କୁକୁରଟିକୁ ନିଜ କୋଳରେ ଆଶ୍ରା ଦେଇଥାଏ । ସମସ୍ତେ ନିଜର ଭୁଲ ବୁଝିପାରି ମୁଣ୍ଡ ତଳକୁ କରି ଫେରି ଯାଉଥିଲେ । ରାଜୁର କିନ୍ତୁ ସେ ଆଡ଼କୁ ନଜର ନଥାଏ । କୁକୁରଟି ଆଶ୍ୱାସନାର ପରଶ ପାଇ କୃତଜ୍ଞତାର ଚାହାଣୀରେ ରାଜୁକୁ ଚାହିଁଥାଏ ।

ସମ୍ବଲପୁର, ଓଡ଼ିଶା

 Magazine Downloaded from www.aahwaan.com

# ଗୌରୀ, ତୁ ଏ କୂଳର ନା ସେ କୂଳର



ଶିବାଶିଷ ନାଏକ

ମଦନପୁର ବୋଲି ଗୋଟିଏ ଗାଁ । ସେ ଗାଁରେ ଗୌରୀ ବୋଲି ଗୋଟିଏ ଝିଅ ହରି ସାହୁଙ୍କର । ସେ ବିଏ ପାସ୍ କରିଛି ଏବେ ତାକୁ ବିବାହ କରିବା ପାଇଁ ହରିସାହୁ ସଜବାଜ ହେଉଛନ୍ତି । ଗୌରୀ ଜନ୍ମ ବେଳେ ତା ମା'ର ମୃତ୍ୟୁ ଘଟିଥିଲା ସେଥିପାଇଁ ଗାଁର ଅନେକ ଲୋକ ତାକୁ ରାକ୍ଷସୁଣୀ ବୋଲି ଡାକୁଥିଲେ । ଗୌରୀ ମନରେ ବହୁତ କଷ୍ଟ ଯନ୍ତ୍ରଣା ଥିଲେ ସତ୍ତ୍ୱେ ସେ ଏହାକୁ ଦୂରେଇ ମନରେ ଖୁସି ରଖିବାକୁ ଚେଷ୍ଟା କରେ । ସେ ରାକ୍ଷସୁଣୀ ବୋଲି ତା ସଙ୍ଗରେ କେହିବି ଖେଳା ଖେଳି କରନ୍ତି ନାହିଁ । ସେ ବେଳେ ବେଳେ ଉଦାସୀ ହୋଇ ମନ ଭିତରେ କାନ୍ଦି ଉଠେ କହିଯାଏ; ହେ ପ୍ରଭୁ ମୁଁ କ'ଣ ସେ କର୍ମ ପାଇଁ ଦାୟୀ ଯେ ମୋ ମା'କୁ ମୁଁ କେମିତି ମୋ କୋମଳ ହାତରେ ମାରିପାରିବି । ଠିକ୍ ଏହି ସମୟରେ ଗୌରୀର ବାପା ହରିସାହୁ ଆସି ଗୌରୀର ଚକ୍ଷୁରୁ ଝରିଯାଉଥିବା ଲୁହକୁ ସାମୁକାରେ ପୋତିଦେଲେ; କହିଲେ ରେ ଝିଅ ତୁ ନୁହେଁ ସେ ରାକ୍ଷସୁଣୀ; ତୁ ତୋ ମଣିମୁକ୍ତାର ସେ ଗୋଭା ଯାହାକୁ ନେଇ ମୁଁ ବଞ୍ଚିଛି । ତୁ ଯଦି ଉଦାସୀନ ହୋଇଯିବୁ ତୋ ମା ତୋ ପ୍ରଭୁ ବି ଉଦାସୀନ ହୋଇଯିବେ । ବାପାଙ୍କର ସାନ୍ତ୍ୱନା ପାଇବାରେ ଗୌରୀ ମନରେ ଶକ୍ତି ସଂଚାର ହେଲା ସେ କହିଲା ଆଜି ତୁମେ ମୋ ପାଖରେ ଅଛ ବୋଲି ସିନା ମତେ ଶକ୍ତ କରିଦେଲ କିନ୍ତୁ ମୁଁ ବିବାହ ପରେ; ଯଦି ସେଠି କିଛି ଅମଙ୍ଗଳ ହୁଏ ସମସ୍ତେ ମୋତେ ଭୁଲ ବୁଝିବେ । ସେହି କ୍ଷଣରେ ତା ବାପା କୁହନ୍ତି ଗୌରୀ ତୁ ଏତେ ଦୂର କଥା କାହିଁକି ଭାବୁଛୁ କେହି କପାଳରେ ନିଜର ହସ୍ତ କାହାଣୀ ଲେଖିନାହାନ୍ତି; ସେ ବିଧାତା ଲେଖିଛି ତୋ ହସ୍ତ କାହାଣୀ; ତାଙ୍କ ଉପରେ ଛାଡ଼ିଦେଇ ନିଜର କର୍ମ କୁ ସମ୍ପାଦନ କର । ଏହି ସବୁ

 Magazine Downloaded from www.aahwaan.com

କଥାରେ ଗୌରୀ ସାହାସୀ ହୋଇଗଲା । ଗୌରୀର ବିବାହ ହିମଗିରିର ମଦନମୋହନ ସାହୁଙ୍କ ବଡ଼ ପୁଅ ନିତେଶ ସହିତ ହୋଇଗଲା । ଗୌରୀର ବିବାହରେ ସାହି ପଡିଶାରୁ କେହି ବି ତାକୁ ଆର୍ଶୀବାଦ କରିବାକୁ ଆସିଲେ ନାହିଁ; ଗୌରୀ ମନର କଥାକୁ ତା'ବାପା ଜାଣିପାରି ନିଜ ଲୁହକୁ ନିଜ ଛାତି ଭିତରେ ଚାପିଦେଲେ । ଗୌରୀ ଉଦାସୀନ ହୋଇ ତା'ବାପାକୁ ଛାଡି ହିମଗିରିକୁ ଚାଲିଗଲା । ଏଣେ ମଦନପୁରରେ ଖୁସିର ଅସରା କାହିଁକି ନା ସେ ଗୌରୀ ରାକ୍ଷସୁଣୀ ସବୁଦିନ ପାଇଁ ସେ ଗାଁରୁ ଚାଲିଗଲା । ହିମଗିରିରେ ପହଞ୍ଚି ଗୌରୀ ସମସ୍ତ ବଡ଼ ଗୁରୁଜନଙ୍କୁ ପ୍ରଣାମ କରିଲା ଏବଂ ସେ ସଭିଙ୍କ ଆପଣାର ହୋଇଗଲା । ଗୌରୀ ଆଗଭଳି ଆଉ ଉଦାସୀନ ନ ଥିଲା ସେ ଏକ ନୂତନତ୍ୱକୁ ନିଜ ମଧ୍ୟରେ ସଂଚାର କରିଥିଲା; ଏକ ଖୋଲା ଆକାଶର ଚଢେଇ ଭାବି ସେ ତା'ମନକୁ ବୁଝାଉଥିଲା ।

କିନ୍ତୁ ବିଧିର ବିଧାନ ଆଉ ଏକ କଳଙ୍କ ଲେଖିବାକୁ ଯାଉଥିଲା; ଯାହାକି ଗୌରୀ ସହ୍ୟ କରିପାରିବ କି ନାହିଁ ତାହା ସେ କହିବ । ନିତେଶର ମା ମେଲେରିଆ ଜ୍ୱରରେ ପିଡୀତ ଥିଲେ ଡାକ୍ତର ଔଷଧ ଦେଇ କହିଲେ ରେ ମା ଗୌରୀ ତୁମେ ତୁମ ମା'ଙ୍କୁ ଠିକ୍ ସମୟରେ ଔଷଧ ଦେବ । ଗୌରୀ ଡାକ୍ତରଙ୍କୁ ହଁ ଆଜ୍ଞା କହିବା ପରେ ଡାକ୍ତର କହିଲେ ମୁଁ ଯାଉଛି ମା । ଯେତିକି ଠୁ ଅଧିକ ସେବା ସୁଶ୍ରୁଷା କରିଲା । ଏହା ଦେଖି ନିତେଶ ବହୁତ ଖୁସି ହେଲା । ଏକ ଦିନ ରାତିରେ ଗୌରୀ ଶାଶୁ ମା'ଙ୍କୁ ଶେଷ ଔଷଧ ଦେଇ କହିଲା ମା ଏହାକୁ ତୁମେ ଖାଇନେବ ମୁଁ ସେପଟେ ଭାତ ବସେଇଛି; ବୋଧହୁଏ ଉତୁରି ଯିବ ଶାଶୁ ମା କହିଲେ ଠିକ୍ ଅଛି ମୁଁ ଖାଇନେବି । ବ୍ୟସ୍ତ ବିବ୍ରତା ମଧ୍ୟରେ ଗୌରୀ ଆଉ ଶାଶୁ ମା'ଙ୍କ ପାଖକୁ ଯାଇନାହିଁ କି ସେ ଦେଖିନାହିଁ ଶାଶୁ ମା ଶେଷ ଔଷଧ ଖାଇଛନ୍ତି କି ନାହିଁ । ସକାଳୁ ଗୌରୀ ଶାଶୁ ଘରେ କାନ୍ଦଣାର ଡେରା ଅନେକ ବାଟ ଅତିକ୍ରାନ୍ତ କରିଥାଏ । ଡାକ୍ତର ଆସି ଦେଖିଲେ ଗୌରୀ ଶାଶୁ ଆଉ ଏ ଦୁନିଆରେ ନାହାଁନ୍ତି । ଏକଥା ସମସ୍ତେ ଶୁଣି ନିସ୍ତବ୍ଧ ହୋଇଗଲେ । ତାଗିଦ୍ କଲେ

 Magazine Downloaded from www.aahwaan.com

ଗୌରୀକୁ ତୁ ଶେଷ ଔଷଧ ଦେଇଥିଲୁ ନାଁ ନାହିଁ । ଗୌରୀ ସଭିଙ୍କ ପ୍ରଶ୍ନର ଉତ୍ତର ଦେଇ କହିଲା; ହଁ ମୁଁ ଶେଷ ଔଷଧ ଶାଶୁମା'ଙ୍କୁ ଦେଇଥିଲି ଖାଇଦେବ ବୋଲି ଏପଟେ ଭାତ ବସିଥିଲା ଆଉ ଭାତ ଉତୁରି ବାର ଶବ୍ଦ ଆସିବାରୁ ମୁଁ ଚାଲି ଆସିଥିଲି । ସେ ପ୍ରଭୁଙ୍କ ରାଣ ନେଇ କହୁଛି ମୁଁ ମା'ଙ୍କୁ ଔଷଧ ଦେଇଥିଲି କିନ୍ତୁ ବ୍ୟସ୍ତ ବିବ୍ରତା ମଧ୍ୟରେ ମୁଁ ପଚାରିବାକୁ ଭୁଲି ଯାଇଥିଲି । ଠିକ୍ ଏହି ସମୟରେ ନିତେଶ କହିଲା ତୁମେ ତୁମ ମା'ଙ୍କୁ ଯେମିତି ଜନ୍ମରୁ ମାରିଥିଲ ସେମିତି ମୋ ମା'କୁ ତୁମେ ମାରିଛ; ତୁମେ ଗୋଟିଏ ରାକ୍ଷସୁଣୀ ତୁମେ ଗୋଟିଏ ରାକ୍ଷସୁଣୀ । ଗାଁର ସବୁ ଲୋକ ଗୌରୀକୁ ରାକ୍ଷସୁଣୀ କହି ଲାଞ୍ଛନା ଦେବାକୁ ଲାଗିଲ । ଏହି ଖବର ଗୌରୀର ବାପା ହରି ସାହୁଙ୍କ ପାଖକୁ ପହଞ୍ଚିଗଲା; ସେ ତାଙ୍କ ଗାଁରୁ ହିମଗିରି ଆସି ସଭିଙ୍କୁ କହିଲେ ମୋ ଝିଅ ରାକ୍ଷସୁଣୀ ନୁହେଁ ସେତ ମୋ ମଣିମୁକ୍ତା ତୁମେ ତାକୁ ଏମିତି କାହିଁକି କହୁଛ । କିନ୍ତୁ ଲୋକ ଓ ନିତେଶ ଓ ତା'ର ବାପା ଭାଇ ତାଙ୍କ ପରିବାର ବର୍ଗ ବାରମ୍ବାର ରାକ୍ଷସୁଣୀ ଗୌରୀ ରାକ୍ଷସୁଣୀ ଗୌରୀ କହି ଗାଁର କୋଳାହଳ ଥମିବାର ନାଁ ନେଇ ନଥାଏ । ଠିକ୍ ଏହି ସମୟରେ ଗୌରୀ କହିଲା ବାପା ତୁମେ ସିନା ମତେ ମଣିମୁକ୍ତା ବୋଲି ଭାବୁଛ କିନ୍ତୁ ମୋ ସ୍ୱାମୀ ମୋ ପରିବାର ଓ ଗାଁ ଲୋକ ସମସ୍ତେ ମତେ ରାକ୍ଷସୁଣୀର ଏକ ରୂପ ଦେଉଛନ୍ତି; ଠିକ୍ ଅଛି ମୁଁ ସେ ରାକ୍ଷସୁଣୀ ସେ ରାକ୍ଷସୁଣୀ ଆଉ କାହାରି ହେବନି ସେ ଚାଲିଯିବ ସେ ମରିଯିବ ତାକୁ ତୁମେ ଯେତେ ଖୋଜିଲେବି ପାଇବ ନାହିଁ । ଠିକ୍ ଏହି ସମୟରେ ଗୌରୀ ବାପା କହିଲେ; ରେ ମା ତୁ କ'ଣ ଏ ସବୁ କହୁଛୁ ତୋତେ ଯେପରି ରଖିଥିଲି ସେ ପରି ମୁଁ ରଖିବି ମୋ ସହିତ ମୋ ଗାଁ କୁ ଆ ପଳେଇବା ।

କିନ୍ତୁ ଗୌରୀ ନାରାଜ ସେ କାନ୍ଦି କାନ୍ଦି ଦୌଡ଼ି ଦୌଡ଼ି ଚାଲିଗଲା ପରେ । ଗୌରୀ ବାପା କହିଲେରେ ଗୌରୀ ତୁ ରହିଯାରେ ତୁ ରାକ୍ଷସୁଣୀ ନୁହେଁ । ଗୌରୀ ପଛରେ ଗୌରୀ ବାପା ଗୌରୀକୁ ଅଟକାଇବାକୁ ଦୌଡିଲେ ଗୌରୀ ଗୌରୀ କହି । ଠିକ୍ ଏହି ସମୟରେ ଗୌରୀର

 Magazine Downloaded from www.aahwaan.com

ସ୍ୱାମୀ ନିତେଶ ଓ ପରିବାର ବର୍ଗ ଓ ଗାଁ ଲୋକ; ରାକ୍ଷସୁଣୀ ଚାଲିଯା ରାକ୍ଷସୁଣୀ ଚାଲିଯା କହି ଗୌରୀ ପଛରେ ଦୌଡିଲେ । ଗୌରୀକୁ ବିଧାତା ଆଣି ଏକ ଗଭୀର ନଦୀରେ ନିମ୍ନଜିତ ହେବାକୁ ଇସାରା ଦେଲା; ଦୂରରୁ ଗୌରୀ ବାପା ଏହା ଦେଖି କହିଗଲେ ରେ ମା ତୁ ନଦୀକୁ ଝାମ୍ପ ଦେବୁନି । ଅନ୍ୟ ପକ୍ଷରେ ଗୌରୀ ସ୍ୱାମୀ ନିତେଶ ଓ ପରିବାର ବର୍ଗ ଓ ଗାଁ ଲୋକ କହିଗଲେ ତୁ ଝାମ୍ପ ଦେ ରାକ୍ଷସୁଣୀ ତୁ ଝାମ୍ପ ଦେ । ଶେଷରେ ଗୌରୀ ନିଜକୁ ଗଭୀର ନଦୀରେ ଝାମ୍ପ ଦେଲା । ଝିଅର ଏ ଦଶା ଦେଖି ହରି ସାହୁ ପାଗଳ ହୋଇଗଲେ; ତାଙ୍କୁ ତାଙ୍କ ଗାଁ ଲୋକ ତାଙ୍କ ଗାଁକୁ ନେଇଗଲେ । ହିମଗିରି ଲୋକ ଓ ଗୌରୀ ସ୍ୱାମୀ ଓ ତାଙ୍କ ପରିବାର ବର୍ଗ କହିଲେ; ରାକ୍ଷସୁଣୀ ଦୁନିଆରୁ ଗଲା । ନଦୀର ଗଭୀର ପାଣିରେ ଗୌରୀ ଝଟପଟ ହୋଇ କହିଗଲା ହେ ଈଶ୍ୱର ହେ ପ୍ରଭୁ ଯଦି ଆପଣ ସତରେ ଅଛନ୍ତି; ତେବେ ମତେ ରଖିବେ ଯଦି ମୁଁ ରାକ୍ଷସୁଣୀ ନୁହଁ । ଯଦି ମୁଁ ରାକ୍ଷସୁଣୀ ତେବେ ମତେ ଏ ନଦୀର ଗଭୀର ଜଳରେ ମାରିଦେବେ । ଏତିକି କହିବା ପରେ ଗୌରୀର ନିଃଶ୍ୱାସ ତା ଦେହରୁ ଛାଡ଼ି ଛାଡ଼ି ଯାଉଥାଏ ଶେଷରେ ସେ ନିଜକୁ ହାରମାନି ନିଃଶ୍ୱାସ ତ୍ୟାଗ କଲା ହେ ପ୍ରଭୁ କହି । କିନ୍ତୁ ବିଚିତ୍ର ଏ ଦୁନିଆ ବିଚିତ୍ର ଏ ରଙ୍ଗମଞ୍ଚ ବିଧାତାର ଲିଖନ କେ କରିବ ଆନ; ଗୌରୀର ପୋଡ଼ା କପାଳକୁ ବିଧାତା ଏକ ଲକ୍ଷ୍ମୀ ପ୍ରତିମାର ଚାତୁରୀରେ ଗଢ଼ିବାକୁ ଚାହିଁଲେ । ଗୌରୀର ଶରୀର ଗଭୀର ନଦୀର ଜଳରେ ଭାସି ଭାସି ଆସି ସତ୍ୟଭାମାପୁରରେ ଥିବା ନଦୀକୁ ଲାଗି ଏକ ବିଶାଳ ବାଲୁକା ସ୍ତୁପରେ ଅଟକି ଗଲା; ଏଣୁ ଆମେ କହିପାରିବା ରଖିଲେ ହରି ମାରିବ କିଏ । ଏକ ଋଷି ସେ ନଦୀ ଅବବାହିକା ଦେଇ ପଦ ରାସ୍ତେ ଯାଉଥିଲେ; ସେ ଦେଖିଲେ ଏକ ନାରୀ ନଦୀର ବାଲୁକା ସ୍ତୁପରେ କାହିଁକି ଶୋଇଛି । ସେ ଦୌଡ଼ି ଆସି ଦେଖିଲେ ସେ ନାରୀଟି ଗଭୀର ନିଦ୍ରାରେ ଶୋଇଛି ତା ଶରୀର ପୁରାପୁରି ଥଣ୍ଡା । ଋଷି ତାଙ୍କ ଶିଷ୍ୟ ମାନଙ୍କୁ ବଡ଼ ପାଟିରେ ଡାକି କହିଲେ ଚାଲିଆସ ମତେ ସାହାଯ୍ୟ କର । ଋଷିଙ୍କ ଶିଷ୍ୟମାନେ ଧାଇଁ ଆସି

 Magazine Downloaded from www.aahwaan.com

ସେ ନାରୀକୁ ଟେକି ନେଇ ଆଶ୍ରମରେ ଚିକିତ୍ସା କଲେ । ସେ ଋଷି ସିଦ୍ଧ ବଳରେ ସେ ନାରୀ ସହିତ ହୋଇଥିବା ଦୃଶ୍ୟକୁ ନିଜ ଚକ୍ଷୁରେ ଦେଖିଲେ । ଏହି ସବୁ ଦୃଶ୍ୟ ଦେଖି ଋଷି କାନ୍ଦି ଉଠିଲେ କହିଲେ ହେ ବିଧାତା ମୁଁ ଆଜିଠୁ ଏହାର ପିତା । ଦୀର୍ଘ ୫ ଦିନର ଚିକିତ୍ସା ପରେ ଗୌରୀ ଚକ୍ଷୁ ଖୋଲି ଦେଖିଲା ଏବଂ କାନ୍ଦି ଉଠିଲା । ଋଷି କହିଲେ ରେ ମା ମୋ ମଣିମୁକ୍ତା ଯଦି କାନ୍ଦିବ ମୁଁ ବି କାନ୍ଦିବି । ଗୌରୀ ଭାବିଲା ଏକଥା ତୋ ମୋ ବାପା କୁହନ୍ତି କିନ୍ତୁ ଏ ମହାନ୍ ଋଷି କିପରି ଜାଣିଲେ । ଋଷିଙ୍କ ଶିଷ୍ୟମାନେ କହିଲେ ରେ ମା ଆମ ଋଷିଦେବ ବଡ଼ ସିଦ୍ଧ ପୁରୁଷ ସେ ତୁମର ଅତୀତର ଘଟଣା ତୁମ ସହିତ ଯାହାବି ହୋଇଛି ସେ ସବୁ ଦେଖିଛନ୍ତି । ଗୌରୀ କାନ୍ଦି ଉଠି କହିଲା ବାପା ମୁଁ ତୁମକୁ ବାପା ବୋଲି ଡାକିପାରିବି କି ଋଷି ଦେବ । ଋଷି ଦେବ ହସି ଉଠି କହିଲେ; ତୁ ମତେ ବାପା ଡାକିବୁ ବୋଲି ପ୍ରଭୁ ତତେ ମୋ ପାଖକୁ ମୋ ଝିଅ କରି ପଠେଇଛନ୍ତି ରେ । ଆଉ ମୋ ସୁନା ଗୌରୀ ଆଉ କାନ୍ଦିବନି ହସିବ । ଋଷି କହିଲେ ସେ ପୁରୁଣା କଥାକୁ ଭୁଲିଯାରେ ମା ସେ ପ୍ରଭୁଙ୍କୁ ସେ ବିଧାତାଙ୍କୁ ତୁ ପ୍ରଶ୍ନ କରିଥିଲୁ ନାଁ ତୁ ରାକ୍ଷସୁଣୀ ନାଁ ରାକ୍ଷସୁଣୀ ନୁହଁ । ଗୌରୀ ମଉଳୀସ କଣ୍ଠରେ କହିଲା ଋଷି ଦେବ ନାଁ ନାଁ ବାପା ହଁ ମୁଁ ସେ ପ୍ରଭୁ ଓ ବିଧାତାକୁ ପଚାରିଥିଲି ଆଉ ସେ ମୋ ମନରେ ଥିବା ; ସେ ଦ୍ୱନ୍ଦକୁ ଦୂର କରି ଦେଲେ । ଏମିତି କିଛି ବର୍ଷ ଋଷି ଦେବ ଓ ଗୌରୀ ଖୁସିରେ ଜୀବନଯାପନ କଲେ  । ଋଷି ଦେବଙ୍କ ଆଶ୍ରମକୁ ଏକ ବ୍ରାହ୍ମଣ ପରିବାରର ସମସ୍ତ ସଦସ୍ୟ ଆସି ତାଙ୍କ ପୁତ୍ର ଦାମୋଦରର ବିବାହ ହେଉନି କାହିଁକି; ପଚାରିବାରୁ ଋଷି ଦେବ କହିଲେ ବିଧି ଯାହା ସହିତ ଯାହାକୁ ବାନ୍ଧିଛି ସେ ତାହାକୁ ମିଳିବ ; ହଁ ତୁମ ଦାମୋଦରର ବିବାହର ଦିନ ଖୋଲିଯାଇଛି । ଠିକ୍ ଏହି ସମୟରେ ଜଳ ନେଇ ଗୌରୀ ସେ ସମସ୍ତ ବ୍ରାହ୍ମଣ ପରିବାରର ସମସ୍ତ ଲୋକଙ୍କୁ ଜଳପାନ କଲା ବେଳେ ଦାମୋଦରର ଚକ୍ଷୁ ଗୌରୀର ସୌନ୍ଦର୍ଯ୍ୟ ଓ ତା'ର ବ୍ୟବହାରକୁ ଦେଖି କାମନାରେ ପୀଡ଼ିତ ହୋଇଗଲେ । ଋଷି ଦେବ

 Magazine Downloaded from www.aahwaan.com

ଜାଣିପାରିଲେ ଯେ ମୋ ଝିଅ ଗୌରୀକୁ ଏକ ଭଲ ପରିବାରରେ ବାନ୍ଧିବା ପାଇଁ । ଦାମୋଦରର ପିତା ମହେଶ କହିଲେ ଋଷି ଦେବ ଏ ଝିଅଟି କିଏ; ଋଷି ଦେବ କହିଲେ ଏ ମୋ ଝିଅ ଗୌରୀ ସବୁବେଳେ କାମ କାମ କାମ । ଠିକ୍ ଏହି ସମୟରେ ଦାମୋଦର କହିଲେ ଋଷି ଦେବ ସେ କେବଳ କାମ ହିଁ କରନ୍ତି ନାଁ କିଛି କଥା ବି କୁହନ୍ତି । ଋଷି ଦେବ ହସି କହିଲେ ଆରେ ବାବା ସେ କଥା ବି କୁହେ କାମ ବି କରେ । ଦାମୋଦରର ହାବଭାବକୁ ଦେଖି ପିତା ମହେଶ କହିଲେ; ଋଷି ଦେବ ଯଦି ଆପଣଙ୍କ ଆପତ୍ତି ନାହିଁ ତେବେ ଆପଣ ଆପଣଙ୍କ ଝିଅ ଗୌରୀ କୁ ଆମ ପୁଅ ଦାମୋଦର ସଙ୍ଗେ ବିବାହ ଦେବେ । ଋଷି ଦେବ ହସି ଉଠିଲେ କହିଲେ ; ମୁଁ ରାଜି ମୁଁ ମୋ ଝିଅ ଗୌରୀ ସଙ୍ଗେ କିଛି ଆଳାପ କରିବାକୁ ଚାହେଁ । ଦାମୋଦର ପିତା ମହେଶ କହିଲେ ଯା'ନ୍ତୁ ଋଷି ଦେବ ଶୀଘ୍ର ଖୁସି ଖବର ଆଣନ୍ତୁ । ଗୌରୀ କୁ ଏ ସବୁ କଥା ଋଷି ଦେବ କହିବା କ୍ଷଣରେ ଗୌରୀ ଭୟଭୀତ ହୋଇଗଲା କହିଲା ; ବାପା ସେମାନେ ମତେ ! ଆରେ ମା'ତୁ ରାକ୍ଷିଣୀ ନୁହଁ ତୁ ମୋ ମଣିମୁକ୍ତା ; ଋଷି ଦେବ ଙ୍କ କଥାରେ ଗୌରୀ ରାଜି ହୋଇଗଲା । ଋଷି ଦେବ ସଙ୍ଗେ ଗୌରୀ ଆସି ବ୍ରାହ୍ମଣ ପରିବାରର ସମସ୍ତ ସଦସ୍ୟ ଙ୍କୁ ପ୍ରଣାମ କଲା ; ଏହି ସମୟରେ ଦାମୋଦର ମା ଲକ୍ଷ୍ମୀ କହିଲେ ରେ ମା ତୁ ତୋ ମୋ ସୁନା ଟା । ଏମିତି ଖୁସିର ମାହଲ ଭିତରେ ଦାମୋଦର ସଙ୍ଗେ ଗୌରୀ ର ବିବାହ ହେଲା ; ଦୁହେଁ ବେଶ୍ ଖୁସିରେ ରହିଲେ । ପାଞ୍ଚ ବର୍ଷ ପରେ ଦାମୋଦର ଓ ଗୌରୀ ଙ୍କ ପୁତ୍ର ସନ୍ତାନ ଟିଏ ଜନ୍ମ ନେଲା ଓ ତାଙ୍କ ପରିବାର ଖୁସିରେ ଚାଲିଲା ।

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ , କେନ୍ଦୁଝର

ଓଡ଼ିଆ ସମ୍ମାନ ଛାତ୍ର, ଘର - ଜଘିଂରା , ଜିଲ୍ଲା - କେନ୍ଦୁଝର

ବାର୍ତ୍ତାଳାପ - ୯୬୬୮୬୦୩୮୭୧, ୭୯୭୮୧୫୭୯୩୬

ଇ-ମେଲ - shibasheeshnaikjgr@gmail.com

 Magazine Downloaded from www.aahwaan.com

# ଭିନ୍ନ ଏକ ବହୁରୂପୀ



ଜ୍ୟୋତିରଞ୍ଜନ ସାହୁ

ଏ କଥାଟି ଲେଖିବା ଆଗରୁ ମୋ ମନରେ ନାଚିଯାଉଛି ମୋ ପିଲାଦିନର ସେହି ସ୍ମୃତିସବୁ ଯାହା ଆଉ କେବେ ମୋ ଜୀବନରେ ଫେରିବ ନାହିଁ । ମୁଁ ଟିକିଏ ଏମିତି ହିଁ ଆଙ୍କା; ମାନେ ଟିକିଏ ଫ୍ଲାସବେକ୍କୁ ଚାଲିଗଲେ ଆଉ ସେଠାରୁ କିଛି ସମୟ ପାଇଁ ଫେରିପାରେନାହିଁ । କେମିତି ଫେରିବି କହିଲେ ! ସେହିଠାରେ ହିଁ ତ ମୁଁ ଖୋଜିପାଏ ମୋ ପିଲାଦିନର ସାଙ୍ଗସାଥୀ ମାନଙ୍କୁ; ଭେଟହୁଏ ମୋ ପିଲାଦିନ ସହ । କେବେ ଖାଲି ପାଦରେ ଏ ବିଲରୁ ସେ ବିଲ, ଏ ଆଡିରୁ ସେ ଆଡି ଦେଇ ଦୌଡି ଦୌଡି ଗୁଡିଉଡା ତ କେବେ ଫଟା ସାଇକେଲ ଟାୟାର ସହ ନିଜେ ଟାୟାର ହୋଇ ଗଡୁଥାଏ ଗାଁର ମୋରମ ସଡକଟା ଉପରେ । ମୋତେ ଅନେକ ପ୍ରଶ୍ନ କରନ୍ତି, "ହଇରେ ! ତୁ ଖାଲି ଫ୍ଲାସବେକ୍ ରେ ସାଙ୍ଗ ସହ ମିଶୁଛୁ, କେବେ ପ୍ରେଜେଣ୍ଟ ଷ୍ଟାଟସ୍ ଟା ଅପଡେଟ୍ କର ।" ମୁଁ ଏହାର କୌଣସି ପ୍ରତ୍ୟୁତ୍ତର ନଦେଇ ଖାଲି ଛୋଟିଆ ହସଟିଏ ହସିଦିଏ । କଣ ଆଉ ଉତ୍ତର ଦେବି ! କେମିତି କହିବି ଯେ ଏହା ଭିତରେ ଆମ ମୁହଁଟା ଲୁଚିସାରିଲାଣି ଗୋଟିଏ ମୁଖା ପଛରେ । ଯେଉଁ ମୁଖାଟା ପଛରେ ଏ ଚେହେରାଗୁଡା ସବୁ ଧୀରେ ଧୀରେ କେମିତି ଭୟଙ୍କର ହୋଇଉଠୁଛି । ସେଇଥିପାଇଁ ମୁଁ ଫେରିଯାଏ ମୋ ପିଲାଦିନକୁ । ପୁଣିଥରେ ଚିହ୍ନିବାକୁ ଚେଷ୍ଟାକରେ ନିଜକୁ ଆଉ ମୋ ସାଙ୍ଗ ମାନଙ୍କୁ । ଖୋଜିବୁଲେ ସେହି ସରଳ ମନ ଭିତରେ ଲୁଚିଥିବା ଆତ୍ମୀୟତାକୁ । ଆଜି ସମୟ ଯେ ଖାଲି ବଦଳି ଯାଇଛି ତା ନୁହେଁ ବରଂ ସମୟ ସହ ତାଳଦେଇ ବଦଳିଯାଇଛି ଆମ ମାନସିକତା ।

 Magazine Downloaded from www.aahwaan.com

ସମୟର ଜଟିଳ ପ୍ରବାହଟା ପରସ୍ତ ପରସ୍ତ କରି ଭିନ୍ନ ଏକ ମୁଖାରେ ଆଚ୍ଛାଦିତ କରିସାରିଲାଣି ଆମ ପରିଚୟ ଆଉ ବ୍ୟକ୍ତିତ୍ୱକୁ । ଆଜି ଆମେ ଯେତେ ଚେଷ୍ଟା କଲେ ମଧ୍ୟ ଖୋଲିପାରୁନାହୁଁ ସେ ମୁଖାଟିକୁ । ସେ ମୁଖା ପଛରେ ରହିରହି ଆମେ ଜଣେଜଣେ ବହୁରୂପି ପାଲଟିଗଲେଣି । ଆମେ ପିଲାବେଳେ ଦେଖିଥିବା ରଙ୍ଗବୋଳା ବହୁରୂପିର ମୁଖାଟା ସିନା ସହଜରେ ଖୋଲିଯିବ କିନ୍ତୁ ସମୟ ସଜାଇ ଦେଇଥିବା ବହୁରୂପିର ମୁଖାଟା ଏତେ ସହଜରେ ଖୋଲିନଥାଏ । ହେଲେ ମୋ କାହାଣୀର ବହୁରୂପିଟା ଟିକିଏ ଭିନ୍ନ । କାହିଁକିନା ଏ ବହୁରୂପିର କାହାଣୀଟା ଆରମ୍ଭ ହୁଏ ଆଜିକୁ ଷାଠିଏ ବର୍ଷ ପୂର୍ବରୁ । ଡଷ୍ଟରରୁ ଝଡିପଡିଥିବା ଚକ୍ ଗୁଣ୍ଡରେ ମୁହଁକୁ ରଙ୍ଗେଇ ଦେଇ ସାଙ୍ଗମାନଙ୍କୁ ଭୟଭୀତ କରାଇବାର ବୃଥା ପ୍ରୟାସ ପାଇଁ ଗୋଟିଏ ଦୁଇଟା ବେଗୁନିଆ ବାଡି ଭାଙ୍ଗିଦେଉଥିଲେ ସାର୍ ତା ପିଠିରେ । ହେଲେ ମାଡକୁ ଖାତିର୍ ନକରି ସେ ପ୍ରତିଦିନ ସଜାଇହେଉଥାଏ ଭିନ୍ନ ଭିନ୍ନ ଚରିତ୍ରରେ । ତାର ଏହି ଅଭ୍ୟାସଟା ହିଁ ତାକୁ ବହୁରୂପିର ପରିଚୟ ଦେଇଥିଲା ସାଙ୍ଗମାନଙ୍କ ଗହଣରେ । ସେବେଠାରୁ ବାପ ଛେଉଣ୍ଡ ରାମୁର ନାଁଟା ଲୁଚିଗଲା ବହୁରୂପିର ନାଁଟା ତଳେ ।

ସେହି ସମୟରେ ଯେତେବେଳେ ବହୁରୂପିଟିଏ ଗାଁ ଗାଁ ବୁଲି ନିଜ ଭିନ୍ନ ଭିନ୍ନ ଚରିତ୍ରକୁ ନ୍ୟାୟ ଦେବାକୁ ଚେଷ୍ଟା କରୁଥିଲା , ସେତେବେଳେ ରାମୁ ସହ ଗାଁର ଅନେକ ପିଲା ସେ ବହୁରୂପି ପଛେପଛେ ତାକୁ ଅନୁସରଣ କରୁଥିଲେ । ହେଲେ ଅନୁସରଣ କରୁକରୁ ରାମୁ କେତେବେଳେ ବହୁରୂପିକୁ ଅନୁକରଣ କରିବସିଲା ସେଇଟା କାହାରି ମନେନାହିଁ । ତେବେ ତାର ବହୁରୂପି ଅଭିନୟଟା ଥିଲା ଖୁବ୍ ଜୀବନ୍ତ । ସେ ଯେତେବେଳେ ସାଙ୍ଗ ମାନଙ୍କର ମେଳିରେ ପହଞ୍ଚିଯାଉଥିଲା ସେତେବେଳେ ସଭିଁକଂ ମୁହଁରେ ଖେଳିଯାଉଥିଲା ଟେନାଏ ହସ ଆଉ ସେହି ଗୋଟିଏ ବାକ୍ୟ " ହେଇରେ ବହୁରୂପି ଆସିଗଲା ! ବହୁରୂପି " । ଆଉ ଏହି

 Magazine Downloaded from www.aahwaan.com

କଥା ଶୁଣି ସିଏ କେବେ ରାଗିଥିବାର କାହାରି କାହିଁ ମନେନାହିଁ । ରାମୁର ସବୁ ସାଙ୍ଗ ତାକୁ ବହୁରୂପି ବୋଲି ଡାକୁଥିଲାବେଳେ ସେମାନଙ୍କ ଭିତରୁ ଜଣେ ଥିଲା ଯିଏ ତାକୁ କେବେ ବହୁରୂପି ଡାକିବାର କେହି ଶୁଣିନାହାନ୍ତି । ସେ ହେଉଛି ରାଜୁ । ରାଜୁ ହେଉଛି ରାମୁର ଜଣେ ଭଲ ସାଙ୍ଗ । ଦୁହେଁ ଗାଁର ପାଣି ପବନ ଧୂଳି ମାଟିରେ ସାଙ୍ଗ ହୋଇ ବଢିଛନ୍ତି । ଦୁହେଁ ଦୁହିଁଙ୍କର ସୁଖ ଦୁଃଖରେ ସବୁବେଳେ ସାଥୀ ହୋଇ ଛିଡା ହୋଇଛନ୍ତି । କେବେ ନଈରୁ ମାଛ ଧରୁଧରୁ ପେଟେ ପାଣି ପିଇ ପକାଇଛନ୍ତି ତ କେବେ କାହା ବାଡିରୁ ଆମ୍ବ, ପିଜୁଳି ଚୋରିକରୁକରୁ ଗଛରୁ ପଡି ଗୋଡ ହାତ ଭାଙ୍ଗିଛନ୍ତି । ଏହିଭଳି ଜୀବନର ଚଲାବାଟେ ଦୁହେଁ ସାଥୀ ହୋଇ ବିତାଇ ସାରିଲେଣି ଷାଠିଏଟି ବସନ୍ତ । ଧୀରେଧୀରେ ପଡିସାରିଲାଣି ସମ୍ପୂର୍ଣ୍ଣ ଶରୀରରେ ବର୍ଦ୍ଧକ୍ୟର ଛାପ । ଧୀରେ ଧୀରେ କଣ୍ଟକିତ ହୋଇଆସୁଥିବା ବାର୍ଦ୍ଧକ୍ୟର ଜୀବନ ପଥରେ ଚାଲିବା ପାଇଁ ଦୁହେଁ ଦୁହିଁଙ୍କର ପ୍ରେରଣାର ଉତ୍ସ । ଜଣେ ଆଉ ଜଣକୁ ଦେଖିଦେଲେ ଆତ୍ମବିଶ୍ୱାସରେ ଚାଲିଯାଏ ଥକା ପାଦରେ ଆଉ ଦୁଇ ପାହୁଣ୍ଡ ଆଗକୁ । ଏହା ଭିତରେ ସମୟର ସୁଅଟା ଭସାଇ ନେଇଛି ରାମୁ ଓ ରାଜୁର କିଛି ସାଙ୍ଗମାନଙ୍କୁ । ଆଉ ଏହି କିଛିଦିନ ହେବ ରାମୁର ଦେହଟା ବି ଭଲ ନାହିଁ । ରାଜୁ ମଝିରେ ମଝିରେ ଭଲ ମନ୍ଦ ବୁଝିଦେଇଯାଏ । ପିଲା ଦିନୁ ବାପ ଛେଉଣ୍ଡ ପୁଣି ଅବିବାହିତ ରାମୁ , ମା' କୁ ମଧ୍ୟ ହରାଇବା ପରଠାରୁ ତାର ଭଲ ମନ୍ଦ ବୁଝିବାକୁ ତାପାଖରେ ରାଜୁ ଅଛି । ଗାଁ ରେ କେହି ଯଦି ତାର ହାଲଚାଲ୍ ପଚାରେ , ସେ ତୁରନ୍ତ କହିଦିଏ " ଆରେ ମୋର କଣ ହେବ ! ରାଜୁ ଅଛି ପରା । ସିଏ ଥାଉ ଥାଉ ମୋର କି ଚିନ୍ତା " ! ହେଲେ ଆଜି ସକାଳୁ ସକାଳୁ ରାଜୁର ମନଟା କାହିଁକି କେଜାଣି ଜମାରୁ ଭଲ ଲାଗିଲାନି । ସେଇଥିପାଇଁ ସକାଳୁ ଉଠି ରାଜୁ ଧୀରେ ଧୀରେ ପାଦ ବଢାଇଲା ରାମୁ ଘରକୁ । କିଛି ଦୂର ଗଲା ପରେ ରାଜୁର ନଜର ପଡିଲା ରାମୁ

 Magazine Downloaded from www.aahwaan.com

ଘର ସାମନାଟା ଖୁବ୍ ଜନଗହଳି । ଭୟ ଆଉ ଆଶଙ୍କା ଭିତରେ ରାଜୁ ଯାଇ ପହଞ୍ଚିଲା ରାମୁ ଘରେ । ଦେଖିଲା ସାଙ୍ଗ ତାର ଚିର ନିଦ୍ରାରେ । ବାକ୍ ଶୂନ୍ୟ ରାଜୁର ଚାରିପଟେ ଅନ୍ଧକାର ଖେଳିଗଲା । ଆଖି ବନ୍ଦକରି କାନ୍ଥକୁ ଆଉଜି ହୋଇ ତଳେ ବସିଗଲା ରାଜୁ । ଏତିକିବେଳେ ତଳ ସାହି ବଣିଆ ଘର ପୁଅ ଆସି କହିଲା" ବାପା ସମୁଦି ଘରୁ ଫେରୁଛନ୍ତି । ସିଏ ନଆସିବା ପର୍ଯ୍ୟନ୍ତ ଦାଦାଙ୍କୁ ନେବେନି " । ଏତିକି ବେଳେ ଭିଡ ଭିତରୁ ହରି ସାହୁ କହିଲା " ହଁ ହଁ ! ଭାଇକୁ ଏବେ କେହି ନେବନାହିଁ । ମୋ ପୁଅ କଟକରୁ ଆସୁଛି । ଆରେ ଏହାରି ପାଇଁତ ସିଏ ଡାକ୍ତର ହେଲା । ମୋ ପୁଅ ପଢିବ ବୋଲି ପରା ଜମି ଦୁଇ ମାଣ ବିକିଦେଇଥିଲା । ସିଏ କହିଛି ଦାଦାକୁ ଶେଷ ଥର ନିଶ୍ଚୟ ଦେଖିବ " । ପୁଣି କିଏ ଜଣେ କହିଲା " ଆରେ ସିଏ ତ ମୋର ଭଗବାନ ରେ ! ମୋତେ ରକ୍ତ ଦେଇ ମୋ ଜୀବନ ବଞ୍ଚେଇ ଥିଲା ସିଏ । ମୋର ଏ ଜୀବନଟା ତାହାରି ଦାନ " । ଏହିଭଳି କିଏ କହୁଥାଏ ' ଇଏ ମୋ ପୁଅ ଠୁ ବଳି' ; କିଏ କହୁଥାଏ 'ମୋ ବାପା ମୋ ପାଇଁ ଯାହା କରି ନାହାନ୍ତି ମୋ ରାମୁ ଦାଦା ମୋ ପାଇଁ କରିଛନ୍ତି ' ; ପୁଣି କେହି ସାଙ୍ଗ କହୁଥାଏ 'ଆରେ ଏ ବହୁରୂପିଟା ପାଇଁ ମୁଁ ନିଜ ଗୋଡରେ ଛିଡା ହେଲି । ବାହା ସାହା ହୋଇ ପିଲାକୁଂ ମଣିଷ କଲି । ମୋତେ ଟିକିଏ କାନ୍ଧେଇବାକୁ ଦେବରେ । ନହେଲେ ଏ ବହୁରୂପିଟା ପାଖରେ ମୁଁ ଋଣି ହୋଇରହିଯିବି ' । ଚୁପଚାପ୍ ଏହି କଥାସବୁ ଶୁଣୁଶୁଣୁ ଥରଥର ଗଳାରେ ଚିତ୍କାର କରି ରାଜୁ କହିଲା " ଆରେ ଏ ରାମୁ ! ତୋର କେତେ ରୂପ ରେ ! କେତେବେଳେ କାହାପାଇଁ ବାପ ହୋଇଯାଇଛୁ ତ କେତେବେଳେ ଦାଦା ! କାହାପାଇଁ ଦାତା ହୋଇଗଲୁ ତ ମୋ ପାଇଁ ମୋ ସାଙ୍ଗ ରାମୁ ହୋଇଗଲୁ ଆଉ ଏ ହରିଆ ! ଏ ହରିଆଟା ପାଇଁ ତ ତୁ ଭଗବାନ ହୋଇଗଲୁ ରେ ! କାହିଁ ମୁଁତ ତୋର ଏ ରୂପଗୁଡା ଆଗରୁ କେବେ ଦେଖିନାହିଁ । ତାମାନେ , ତୁ ଯାଉ ଯାଉ ମୋ ସାଙ୍ଗରେ ବି ଛଳନା

 Magazine Downloaded from www.aahwaan.com

କରିଦେଇଗଲୁ ! ଠିକ୍ କହୁଥିଲେ ସାଙ୍ଗମାନେ ଯେ ତୁ ଗୋଟିଏ ବହୁରୂପିଟା । ହେଲେ ମୁଁ ମାନୁନଥିଲି । କିନ୍ତୁ ଆଜି ମୁଁ ମାନିଯାଉଛି ତୁ ସତରେ ଗୋଟିଏ ବହୁରୂପିଟାରେ ! ଆଜି ତୁ ତୋର ବହୁରୂପି ନାଁଟାକୁ ସାର୍ଥକ କରିଦେଲୁ । ଏ ବହୁରୂପି ! ତୋର ଏଇଟା କେଉଁ ରୂପ ! ସତରେ ତୋର ଏ ରୂପଟା ଦେଖି ମୋତେ ଭାରି ଭୟ ଲାଗୁଛିରେ । ଏ ସାଙ୍ଗ ! ଏଏଏ ... ଏତେ ଜୀବନ୍ତ ଅଭିନୟ କରନାରେ । ଏଥର ତ ଉଠିପଡ । ମୁଁ ମାନିଗଲି ତୁ ଗୋଟେ ବହୁରୂପି ବୋଲି । ମାନିଗଲି ସେଦିନର ସେ ଚକ୍ ଗୁଣ୍ଡରେ ନିଜକୁନିଜେ ସଜାଇ ହେଉଥିବା ବହୁରୂପିଟା ବାସ୍ତବ ଜୀବନରେ ବି ଗୋଟେ ବହୁରୂପି ବୋଲି । ଏ ବହୁରୂପି ଉଠୁ ; ଉଠୁ " । କିନ୍ତୁ ବହୁରୂପି ଆଜି ଶୋଇଥିଲା ନିଶ୍ଚଳ ହୋଇ । ସତେଯେପରି ଜୀବନ ସାରା ନାନାଦି ଚରିତ୍ରରେ ନିଜକୁ ଚିତ୍ରିତ କରି ଥକିପଡିଥିବା ବହୁରୂପିଟା ଆଜି ଯାଇଛି ତୃପ୍ତିର ନିଦ୍ରାରେ । କିଛି ସମୟ ପରେ ଶୁଭିଲା ରାମ ନାମ । ଚଳଚଞ୍ଚଳ ହୋଇଉଠିଲା ରାଜୁ । ଚିତାର ନିଆଁଟା ଆକାଶ ମୁହାଁ ହେଲା ଆଉ ତା ସହ ଦୀର୍ଘ ଶ୍ୱାସଟେ ଶବ୍ଦର ରୂପନେଇ ରାଜୁ ମୁହଁରୁ ବାହାରି ଆସିଲା " ହେଇରେ ସଭିଁଏ ଦେଖ ! ଆମ ବହୁରୂପିଟା ଆମକୁ ଛାଡି ଚାଲିଗଲା..." ! ||

ଜ୍ୟୋତିରଞ୍ଜନ ସାହୁ

jrs.2013rediffmail@gmail.com

 Magazine Downloaded from www.aahwaan.com

# ଗୋଲାପ



ରୁଖ୍‌ସାର୍ ବେଗମ୍

ଗୋଲାପ ଗଛଟିଏ । ଦି ବର୍ଷ ହେଲାଣି ସେମିତି ଠିଆହୋଇ ଥାଏ । ଖରାରେ ଶୁଖି ଡାଙ୍ଗ ନ ହଉଣୁ କାଳ ବୈଶାଖୀ ଆସି ଦୟା କରିଦେଇ ଯାଏ । ଜୀବନ ଆସିଯାଏ ଯେପରି ତା ମଧ୍ୟେ । ତା କଣ୍ଟା ପତ୍ରଡାଳ ଆଦି ସଂଘର୍ଷ କରୁଥାନ୍ତି ଗଛଟିକୁ ଜୀବିତ ରଖିବା ଲାଗି । କିଛି ଦିନ ପରେ ବସନ୍ତ ଆସେ । ରଙ୍ଗ ବେରଙ୍ଗର ଫୁଲ ଫୁଟିବାକୁ ଲାଗେ ଚାରି ଆଡ଼େ । ଗୋଲାପ ଗଛରେ ମଧ୍ୟ ଫୁଲ କିଛିଟା ଫୁଟିବା ଉପରେ ହୋଇଥାନ୍ତି । ଧୀରେ ଧୀରେ ଫୁଲର ସୌନ୍ଦର୍ଯ୍ୟ ପଥିକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲାଗିଲା । ଭଅଁରମାନଙ୍କ ସୁଅ ଛୁଟିଲା । କେହି କେହି ତ ଆସି ଫୁଲଟିକୁ ମୃଦୁସ୍ପର୍ଶ ଦେଇ ଆଉଁସି ଦେଇ ପଳାଉଥାନ୍ତି । ହେଲେ ଗଛଟି ଏସବୁଥିରୁ ଅଧିକ ପ୍ରସନ୍ନ ହୋଇ ପାରୁ ନଥାଏ । ସେ ବିଜ୍ଞ ଥିଲା ଏ କ୍ଷଣସ୍ଥାୟୀ ଅନୁଭୂତିର ସତ୍ୟତାକୁ ନେଇ । କିଛି ଦିନ ପରେ ଏ ଫୁଲ ଗୁଡିକ ମଉଳି ଯିବ । ଅତୀତର ସେ ସୁକ୍ଷ୍ମ ସ୍ଥିତି ପୁନର୍ବାର ଆସିବ ଯେବେ ସେ ପୁନର୍ବାର ସଂଘର୍ଷ କରିବ ବଞ୍ଚିବା ଲାଗି । ସେତେବେଳେ ଏ ଫୁଲମାନେ ନ ଥିବେ ନା ଆଉ ଆସିବେ ଏହାର ଭଅଁର କି ପ୍ରଶଂସକ । ସେହି ପତ୍ର କଣ୍ଟା ଓ ଡାଳ ମାନେ ହିଁ ଥିବେ ତା ସଂଘର୍ଷ ବେଳରେ । କାସ୍... କେହି ଆସି ତା ପତ୍ର କଣ୍ଟା ଆଉ ଡାଳକୁ ମଧ୍ୟ ଏତିକି ଭଲ ପାଇବା ଦିଅନ୍ତା । ସେମାନଙ୍କ ସଙ୍ଘର୍ଷ ଲାଗି ଆଜି ଫୁଲଗୁଡିକ ଅଛନ୍ତି କହି ସେମାନଙ୍କୁ ଧନ୍ୟବାଦ ଦିଅନ୍ତା । ସେମାନଙ୍କୁ ମଧ୍ୟ ଫୁଲ ସଦୃଶ ଆଦର ମିଳନ୍ତା । ସେମାନେ କଣ ଏସବୁ ପାଇବା ପାଇଁ ଯୋଗ୍ୟ ନୁହନ୍ତି ? ସୌନ୍ଦଯ୍ୟ ହିଁ କଣ ସବୁ କିଛି ? ? ? ଆକାର ଭିତ୍ତିରେ ବ୍ରହ୍ମାଣ୍ଡ ପରିଚାଳିତ ହେଉଥିଲେ ଆଜି ଆକାଶରେ ଅନିୟମିତ ଭାବେ ତାରା ମାନେ ଶୋଭା ପା'ନ୍ତେ ?

 Magazine Downloaded from www.aahwaan.com

# ପ୍ରତିଶ୍ରୁତି



ପ୍ରକାଶଚନ୍ଦ୍ର ପଣ୍ଡା

ସଂଧ୍ୟା ସମୟ, ରାସ୍ତାରେ ଚାଲି ଚାଲି କୁଆଡ଼େ ଯାଉଛନ୍ତି ସେ ନିଜେ ବି ଜାଣି ନାହାନ୍ତି । ଖରାଦିନ, ଅଫିସରୁ ଫେରିଲା ପରେ ଟିକେ ବୁଲି ଆସିଲେ ହାଲକା ଲାଗେ, ତା'ପରେ ଅଫିସରେ ଆଜିକାଲି ବହୁତ କାମ, ସରକାରୀ ଅଫିସ, କାମ ବହୁତ ଆବଶ୍ୟକ ଲୋକ କମ । ଏ ସବୁ କଥା ଭାବୁଭାବୁ ବହୁତ ବାଟ ଆସିଲେଣି ଜୀବନବାବୁ । ହଠାତ ତାଙ୍କ ଆଖି ପଡ଼ିଲା ଜଣେ ବୃଦ୍ଧବ୍ୟକ୍ତିଙ୍କ ଉପରେ, ବୟସର ଅପରାହ୍ଣରେ ପଦାର୍ପଣ କରିଛନ୍ତି ସେ, ବୋଧହୁଏ ସାଂଧ୍ୟଭ୍ରମଣରେ ଆସିଛନ୍ତି । ଆଗେଇ ଚାଲିଲେ ଜୀବନବାବୁ ମନରେ ଅନେକ ପ୍ରଶ୍ନ, ରାସ୍ତାର ଦୁଇକଡ଼ରେ ଗଛଗୁଡ଼ିକ ମୁଣ୍ଡଟେକି ଛିଡ଼ା ହୋଇଛନ୍ତି କେଉଁ ଅନାଦି କାଳରୁ, କଳା ମଚ ମଚ ପିଚୁ ରାସ୍ତାର ଦୁଇକଡ଼ରେ । ଏଇ ରାସ୍ତାରେ ସାଙ୍ଗମାନଙ୍କ ସହ କେତେ ଦଉଡ଼ବାଜି ସେ ଲଗାଇଛନ୍ତି । ଅବଶ୍ୟ ରାସ୍ତାର ଏହା ଭିତରେ ବହୁତ ଥର ନବକଳେବର ହୋଇଛି । ଭୁଲି ହେବନି ସେ ପିଲାଦିନକୁ, ସାଙ୍ଗ ମାନେ ବି କେ କୁଆଡ଼େ ଗଲେଣି, କେବଳ ତାଙ୍କର ଅତିପ୍ରିୟ ସାଙ୍ଗ ସାଗର ସହ ଦେଖା ହେଉଛି । ଆଜିକାଲି ସମାଜରେ ସେ ସାଗରବାବୁ ଭାବରେ ପରିଚିତ । କାହିଁ କେତେ ସମ୍ପତ୍ତି ତାହାର ହିସାବ ନାହିଁ ।

ଏବେ କିଛିଦିନ ହେବ ସାଗର ଆଉ ଆଗ ପରି ମିଶୁନାହିଁ । ହଁ, ବଡ଼ଲୋକିଆ କଥା ସବୁବେଳେ କଣ ସମାନ ଅଛି ? ସମୟର ପରିବର୍ତ୍ତନ ହେଉଛି । ସେ ବା କାହିଁ ଅଲଗା ହେବ ? ଚାଲି ଚାଲି ବହୁତ ବାଟ ଆସିଲେଣି ସେ ଏବେ ତାଙ୍କୁ ଫେରିବାକୁ ପଡ଼ିବ । ଘରେ

 Magazine Downloaded from www.aahwaan.com

ତେଣେ ସହଧର୍ମିଣୀ ଅପେକ୍ଷା କରିଥିବେ ବହୁତ ବିଳମ୍ବ ହେଲାଣି । ଡେରି ହେଲେ ପାଟି ବି ଶୁଣିପାରନ୍ତି । ହଁ ମ, ଏଇଟା କୋଉ ନୁଆ କଥା କି ? ମୁଁ ତ ଭାବୁଛି ସାମରିକ ବାହିନୀର ମୁଖ୍ୟ ଯିଏ ସେ ବି ତାଙ୍କ ପତ୍ନୀଙ୍କୁ ଡରୁଥିବେ । ଡରିବେନି, ତାଙ୍କ ହାତର ଝାଡୁକୁ କିଏ ବା ନ ଡରିବ ? ବରଂ ଭୀମର ଗଦାକୁ ଡରିବେନି, କିନ୍ତୁ ତାଙ୍କ ସବୁ । ଅବଶ୍ୟ ତାଙ୍କ ସ୍ତ୍ରୀ ଏତେ ଖରାପ ନୁହନ୍ତି । ଏକଥା ଭାବି ଭାବି ସେ ଆସି ପହଞ୍ଚିଗଲେ ଘର ପାଖରେ । ଥକ୍କା ହୋଇ ବସି ପଡ଼ିଲେ ସୋଫା ଉପରେ । ଡାକିଲେ ପ୍ରଭାତୀ ଟିକେ ପାଣି ଆଣିଲ...

ଏଇ ସମୟରେ ପଶି ଆସିଲେ ତାଙ୍କ ସ୍ତ୍ରୀ, ହାତରେ ଝାଡୁ । ଡରିଗଲେ ଜୀବନବାବୁ ଚୁପ୍ ଚାପ୍ ଛିଡ଼ା ହୋଇଗଲେ, ଏଇ ସମୟରେ କିଛି କହିବା ପୂର୍ବରୁ ପ୍ରଭାତୀ ଘର ଓଳେଇବାକୁ ଆରମ୍ଭ କଲେ, କହିଲେ ଚା' ଆଣୁଛି, କୁଆଡ଼େ ଯାଇଥିଲ ? ମନେମନେ କହୁଥିଲେ ମଣିଷ ବଞ୍ଚିଗଲା, ପ୍ରଭାତୀ ପଚାରିଲେ କିଛି କହିଲ ? ନାଁ ନାଁ ତୁମେ ଚା ଆଣ । ଆଜିକାଲି ଜୀବନ ବାବୁଙ୍କର ଜୀବନର ଗତିଧାରା ଯେମିତି ବଦଳି ଯାଉଛି । କଥାରେ ଅଛି ଯାହା ପୁଅକୁ ସାପ କାମୁଡ଼ିଥାଏ ତା ମା' ପାଳଦଉଡ଼ି ଦେଖିଲେ ଡରେ । ସେହିଭଳି ଘଟଣା ଘଟିଛି ଜୀବନବାବୁଙ୍କ କ୍ଷେତ୍ରରେ । ଏହା ଭିତରେ ହାତରେ ଚା ଧରି ପ୍ରଭାତୀ ଦୂରରୁ ଦେଖୁଥାନ୍ତି ଜୀବନବାବୁଙ୍କୁ । ଏ ସେଇ ଜୀବନ ନା ଯାହାକୁ ସେ ଭଲପାଇ ବିବାହ କରିଥିଲେ । ଯାହାକୁ ଭଲ ପାଆନ୍ତି ନିଜ ଜୀବନ ଠୁ ବେଶୀ । ସେଦିନର ସେ ଥଟା ମଜା କରୁଥିବା ଜୀବନ ଓ ଆଜିର ଜୀବନ ଭିତରେ ଅନେକ ଫରକ । ଯେମିତି ମୋତେ ଲାଗୁଛି ଜୀବନ କିଛି ଲୁଚାଉଛନ୍ତି । ନାଁ ସନ୍ଦେହ କରିବିନି । ଯାହା କଲେବି ଜୀବନକୁ ମୁଁ ଭଲପାଏ । ଚା ଥୋଇଦେଇ କହିଲେ ଜୀବନ ଚା ନିଅ । ମିଛଟାରେ ଖବର କାଗଜଟି ଉପରେ ଆଖି ରଖି ଜୀବନ ଭାବୁଥାନ୍ତି ତାଙ୍କ ପ୍ରଭାତୀଙ୍କୁ ଦେଇଥିବା ପ୍ରତିଶୃତି କଥା । ଏବେ ଆଉ ପ୍ରଭାତୀ

 Magazine Downloaded from www.aahwaan.com

ଆଗଭଳି ଜିଦ୍ କରୁନାହାନ୍ତି । ତଥାପି ଜୀବନ କଥା ଦେଇଛନ୍ତି ମାନେ ନିଶ୍ଚୟ ରଖିବେ । ବିବାହ ପରେ ପ୍ରଭାତୀ ଆଉ କିଛି ମାଗିନାହାନ୍ତି କେବଳ ଥରେ ଗୋଟିଏ ସୁନା ଚେନ୍ ମାଗିଥିଲେ । ଜୀବନ ହସିଦେଇ କହିଥିଲେ ହଁ ନିଶ୍ଚୟ ଦେବି । ସେଦିନର ସେ ପ୍ରତିଶୃତି ସେଇମିତି ରହିଗଲା । ଅବଶ୍ୟ ସେ ଦେଇଥିବା କଥାକୁ ଏବେ ବି ଭୁଲି ନାହାନ୍ତି । ସାମାନ୍ୟ କିରାଣୀ ଚାକିରୀରେ ସଂସାର ଚଳେଇବା ଭାରି କଷ୍ଟ । ତେବେ ସେ ଦେଇଥିବା ପ୍ରତିଶୃତି କଣ ସେମିତି ରହିଯିବ ? ନାଁ, କିଛି କରିବାକୁ ପଡ଼ିବ । କଥାରେ ଅଛି ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ନେପୋଲିୟନଙ୍କ ଭାଷାରେ ଅସମ୍ଭବ ଗୋଟିଏ ଶବ୍ଦ ମୁଁ ମୋ ଭାଷାକୋଷରେ ରଖିନାହିଁ । ନିଜର ସୀମିତ ରୋଜଗାର ଭିତରେ ଏହା ସମ୍ଭବ ନୁହେଁ । ମୋତେ ଅଲଗା କିଛି କାମ କରିବାକୁ ପଡ଼ିବ । ଦେଖିବା ସନ୍ଧ୍ୟା ସମୟରେ କିଛି ସମୟ ଦେଇ କିଛି ଅଧିକ ରୋଜଗାର କରି ପ୍ରଭାତୀଙ୍କୁ ଦେଇଥିବା କଥା ରଖିବାକୁ ପଡ଼ିବ ।

ସେଦିନ ଅଫିସ ଫେରିବା ରାସ୍ତାରେ ନଜର ପଡ଼ିଗଲା ଗୋଟିଏ ବିଜ୍ଞାପନ ଉପରେ, ଲେଖାଥିଲା କିଛି ସମୟ ଦେଇ ମାସିକ ଦରମା ୧୦ ହଜାରରୁ ୧୫ ହଜାର ରୋଜଗାର କରନ୍ତୁ । ବିଜ୍ଞାପନର ନିମ୍ନ ଭାଗରେ ଯୋଗାଯୋଗ କରିବାକୁ ଦୂରଭାଷ ନମ୍ବର ପ୍ରଦତ୍ତ ଥିଲା । କାଳବିଳମ୍ବ ନ କରି ଜୀବନବାବୁ ପକେଟରୁ ମୋବାଇଲ୍ ବାହାର କରି କଥାହେଲେ । କଥା ହେବା ସମୟରେ ତାଙ୍କ ମୁଖମଣ୍ଡଳରୁ ସେ ଭାରି ଖୁସିଥିବା ଭଳି ଜଣା ପଡୁଥିଲେ । ତାପରେ ସିଧା ସିଧା ଘରକୁ ଫେରିଲେ । ଘରେ ପହଞ୍ଚିବା ପରେ ଖୁବ ଜୋରରେ ଡାକ ପକାଇଲେ ପ୍ରଭାତୀ ଚା ଆଣ । ସବୁଦିନ ଅଫିସରୁ ଫେରି ଜୀବନବାବୁ ଚା ପିଅନ୍ତି । ଆଜି ଏତେ ଖୁସି କଣପାଇଁ ବୁଝି ପାରିଲେନି ପ୍ରଭାତୀ । ହଁ ନେଉଛି କହି ଟିକେ ଚିନ୍ତା କଲେ, କଥା କଣ ? ଆଜି କାହିଁକି ଜୀବନ ଭାରି ଖୁସି । ସହଜରେ ଗ୍ରହଣ କରି ପାରିଲେନି ପ୍ରତିଭା, ସମୟ ଦେଖି

 Magazine Downloaded from www.aahwaan.com

ପଚାରିନେବେ । ଏପଟେ ଜୀବନବାବୁ ଖୁବ୍ ସତର୍କରେ କାମ କରିବାକୁ ଚାଲିଯିବେ ଯେମିତିକି କେହି ଜାଣିପାରିବେନି ।

ସତରେ ପ୍ରତିଭାଙ୍କୁ ସେ ଭାରି ଭଲ ପାଆନ୍ତି । କିଛି ଦିନ ପରିଶ୍ରମ ହେଉପଛେ ସଂଧ୍ୟା ସମୟରେ ବୁଲିଯିବା ବାହାନାରେ କାମକରି କିଛି ପଇସା ରୋଜଗାର କରି ପ୍ରଭାତୀଙ୍କ ପାଇଁ ଗୋଟେ ହାର କିଣିବେ । ଆଜି ଯାଇ ଦେଖାକରି ଆସି କାଲି ଠାରୁ କାମ ଆରମ୍ଭ କରିଦେବେ । ହଁ କଥାରେ ଅଛି, ଶୁଭସ୍ୟ ଶୀଘ୍ରମ୍, ହାତରେ ଚା ଧରି ପହଞ୍ଚିଗଲେ ସହଧର୍ମିନୀ ପ୍ରଭାତୀ । ଚା’ ଟିକୁ ଖୁବ୍ ଶୀଘ୍ର ପିଇଦେଇ ପହଞ୍ଚିଗଲେ ଠିକ୍ ଜାଗାରେ । ମାଲିକ ପାଖରୁ କାମ ବିଷୟରେ ବୁଝିନେଲେ । କାମ ଆରମ୍ଭ କରି ପୂର୍ବରୁ ମାଲିକକୁ ଅନୁରୋଧ କରି କହିଲେ ମୁଁ ଏଠାରେ କାମ କରୁଥିବା ବିଷୟରେ କାହାକୁ ନ ଜଣାଇବା ପାଇଁ । ଜୀବନବାବୁଙ୍କର ସରଳ ବ୍ୟବହାର ଓ କେଇପଦ କଥାରେ ମାଲିକ ରାଜି ହୋଇଗଲେ । ଠିକ୍ ଅଛି ଜୀବନବାବୁ ମୁଁ ଆପଣଙ୍କ କଥା ନିଶ୍ଚୟ ରଖିବି । କିନ୍ତୁ ବୁଝିପାରୁନି ଜଣେଇଲେ ଅସୁବିଧା କଣ ? ମାଲିକଙ୍କୁ ଅନୁରୋଧ କରି ଜୀବନବାବୁ କହିଲେ ମୁଁ ଆପଣଙ୍କୁ ପରେ କହିବି ।

ଏହା ଭିତରେ ବିତିଯାଇଛି ବହୁତ ଦିନ । ପାଖାପାଖି ଛଅ ସାତମାସ ହେବ ଦିନ ପରେ ଦିନ ଗଡ଼ି ଚାଲିଛି । ଜୀବନବାବୁ ସବୁ କଥା ମାଲିକଙ୍କୁ ଜଣାଇ ଦେଇଛନ୍ତି । ଜୀବନ ବାବୁଙ୍କର ତାଙ୍କ ସ୍ତ୍ରୀ ପ୍ରତି ଥିବା ଭଲପାଇବା ବିଷୟରେ ଜାଣି ମାଲିକଙ୍କର ଆଖିରେ ଲୁହ ଆସିଗଲା । ଆଜିର ଏ ମିଛମାୟା ସଂସାରରେ ଜୀବନବାବୁଙ୍କ ଭଳି ଲୋକ ବିରଳ ।

ହଠାତ୍ ଦିନେ ଜୀବନବାବୁ ଆଉ ଆସିଲେ ନାହିଁ, ଦିନେ ଦୁଇଦିନ କଟିଗଲା । କଥାକଣ ମାଲିକଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଲା । ଅସୁସ୍ଥ ଅବସ୍ଥାରେ ବିଛଣାରେ ପଡ଼ି ରହିଥାନ୍ତି ଜୀବନବାବୁ । ପାଖରେ ବସି ରହିଥାନ୍ତି ପ୍ରଭାତୀ ଦେବି, ମନେ ମନେ ସ୍ୱାମୀଙ୍କୁ

 Magazine Downloaded from www.aahwaan.com

ଭଲ କରିବାରେ ଲାଗି ପଡୁଛନ୍ତି ସେ । ଏବେ ଧିରେ ଧିରେ ସୁସ୍ଥ ହୋଇଗଲେଣି ଜୀବନବାବୁ । ହସ୍ପିଟାଲର ବିଛଣା ଉପରେ ବସି ଚାହିଁଥାନ୍ତି ପ୍ରଭାତୀ ଆଡ଼କୁ । କହିଲେ ପ୍ରଭାତୀ ତୁମକୁ ଦେଇଥିବା କଥା ମୁଁ ରଖି ପାରିଲିନି । ଆଖିରୁ ବହି ଯାଉଥିଲା ଭଲପାଇବାର ଲୋତକ । ଏହି ସମୟରେ କବାଟ ପାଖରେ ରହି ସବୁ ଶୁଣିଥିବା ମାଲିକ ଜଣକ ସମୟକୁ ହାତଛଡ଼ା ନ କରି କହିଲେ ଜୀବନବାବୁ ମୁଁ ଭିତରକୁ ଆସି ପାରେକି ? ପକେଟରୁ ସୁନାହାର ବାହାର କରି ଜୀବନବାବୁଙ୍କ ହାତକୁ ବଢ଼େଇଦେଇ କହିଲେ ନିଅନ୍ତୁ ଜୀବନବାବୁ ପ୍ରଭାତୀ ମେଡମଙ୍କ ବେକରେ ପିନ୍ଧାଇ ଦିଅନ୍ତୁ ଓ ଆପଣଙ୍କ ପ୍ରତିଶୃତି ରକ୍ଷା କରନ୍ତୁ । ମାଲିକଙ୍କ ଆଖିରେ ଲୁହ ଆସିଗଲା, ପକେଟରୁ ରୁମାଲ୍ ବାହାର କରି ପୋଛି ପୋଛି ବାହାରକୁ ଚାଲିଗଲେ । ଏହି ସମୟରେ ପ୍ରଭାତୀ ଶ୍ୱାସରୁଦ୍ଧ କଣ୍ଠରେ କହି ପକାଇଲେ ଏବେ ମୁଁ ବୁଝିପାରୁଛି ଅଫିସରୁ ଫେରି ତୁମେ କୁଆଡ଼େ ଯାଉଥିଲ ।

କଲ୍ୟାଣପୁର, ଭୂଇଁପୁର, ପାଣିକୋଇଲି, ଯାଜପୁର
ଭ୍ରାମ୍ୟଭାଷ : ୮୭୬୩୫୨୫୫୩୫

 Magazine Downloaded from www.aahwaan.com

# ପିତେଇ ବାୟାଣୀ



ସୁଷମା ପରିଜା

ପିତେଇ ବାୟାଣୀ କେବେଠାରୁ ଆସି ଏଇ ଢେଙ୍କାନାଳ ମୁଖ୍ୟ ବସ୍ ଷ୍ଟାଣ୍ଡର ଯାତ୍ରୀ ପ୍ରତୀକ୍ଷାଳୟରେ ରହୁଛି ସେକଥା କେହି ସଠିକ୍ ଜାଣନ୍ତିନି, ତେବେ ବୟସ୍କ ମାନେ କହନ୍ତି, ସେ ପ୍ରାୟ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ହେବ ଏଠାରେ ଦୃଷ୍ଟିଗୋଚର ହେଉଛି । କୋଉଠୁ ଆସିଲା, କେମିତି ଆସିଲା, କାହିଁକି ଆସିଲା କି କାହା ସାଥିରେ ଆସିଲା ସେ କଥା କେହି କହି ପାରନ୍ତିନି । ତଥାପି ରାସ୍ତାରେ ଯିବା ଆସିବା କଲାବେଳେ ସମସ୍ତେ ତା'କୁ ଦେଖନ୍ତି । ବସ୍ ଷ୍ଟାଣ୍ଡରେ ଚାହା ଦୋକାନ, ପାନ ଦୋକାନ, ଜଳଖିଆ ଦୋକାନ, ନିଉଜ୍ ପେପର୍ ବିକାଳୀ ଭଳି ସିଏ ମଧ୍ୟ ଗୋଟିଏ ସବୁଦିନିଆ ବସ୍ତୁ । ସେଇଠି ବସିଥିବ ବସ୍ କୁ ଅନେଇଁ । ବିଡ୍ ବିଡ୍ ହୋଇ ଅନୁଚ୍ଚ ସ୍ୱରରେ କ'ଣ ଗୁଡାଏ ଗପୁଥିବ ସବୁବେଳେ, ଭୋକ ହେଲେ ସାମନା ଜଳଖିଆ ଦୋକାନ ଆଗରେ ଯାଇ ଠିଆ ହେବ,  ସିଏ ଗୋଟାଏ ଦୁଇଟା ବାସି ବରା କି ଗୁଲୁଗୁଲା ପକାଇଦେବେ ତା'ର ହାତକୁ । ସେତକ ଖାଇଦେଇ ବସ୍ ଷ୍ଟାଣ୍ଡରେ ଥିବା କଳରୁ ଆଞ୍ଜୁଳା ଆଞ୍ଜୁଳା କରି ପାଣି ପିଇବ, ପୁଣି ଯାଇ ବସି ପଡିବ ସେଇ ଚିରାଚରିତ  ଢଙ୍ଗରେ । ପଥଚାରୀମାନେ ଦୟା ପରବଶ ହୋଇ କିଛି ଦେଲେ ସେ ନେଇ କଣକୁ ଥୁଆ ହୋଇଥିବା ଗୋଟିଏ ମଇଳା ଲୋଚାକୋଚା ଗଣ୍ଠିଲି ଭିତରେ ପକାଇ ଦେବ । ପୁଣି ଚାହିଁ ବସିଥିବ ବସ୍ ଆଡ଼େ ସତେ ଯେମିତି ସେ କାହାରି ଆସିବାକୁ ଅପେକ୍ଷା କରୁଛି ।  ସତେକି ଏଇ ଅସରନ୍ତି  ପ୍ରତୀକ୍ଷା ତା'ର ଅନନ୍ତ କାଳରୁ ଚାଲି ଆସିଛି ।

 Magazine Downloaded from www.aahwaan.com

ସେଦିନ ଢେଙ୍କାନାଳର କୁଞ୍ଜକାନ୍ତରେ ଜଣେ ବନ୍ଧୁଙ୍କ ପୁଅର ଜନ୍ମଦିନ ଭୋଜିରେ ଯୋଗ ଦେବା ଲାଗି ମୁଁ ଭୁବନେଶ୍ୱରରୁ ସପରିବାର ଯାଇଥାଏ ବସ୍ ରେ । ମୁଁ, ମୋର ପତ୍ନୀ ଆଉ ଆମ ସହିତ ଯାଇଥାଏ ଆମ ପାଖରେ ରହୁଥିବା ଆମ ଝିଅର ତିନି ବର୍ଷର ପୁଅ ସ୍ୱାଗତ । ବସ୍ ଷ୍ଟାଣ୍ଡରେ ବସ୍ ଟି ରହିଲା ପରେ ଆଗେ ଓହ୍ଲାଇ ପଡ଼ିଲି ମୁଁ, ହାତରେ ନାତିକୁ ଧରି । ମୋ ପଛରେ ଥାଆନ୍ତି ମୋ ସ୍ତ୍ରୀ, ତାଙ୍କର ହାତରେ ଥାଏ ଆମର ଲୁଗାପଟା ଭର୍ତ୍ତି ଏୟାରବ୍ୟାଗ୍ ଟି । ନାତିକୁ ଟିକିଏ ଦୂରରେ ତଳେ ଠିଆ କରି ମୁଁ ସ୍ତ୍ରୀଙ୍କ ହାତରୁ ସେ ଓଜନିଆ ବ୍ୟାଗ୍ ଟି ଆଣୁଛି, ପଛରୁ ନାତିର ଚିତ୍କାର ଶୁଭିଲା । ତରତର ହୋଇ ବ୍ୟାଗ୍ ସମେତ ସ୍ତ୍ରୀଙ୍କୁ ତଳେ ଛାଡି ଦେଇ ଦୌଡ଼ିଲି ନାତି ପାଖକୁ । ଦେଖିଲା ବେଳକୁ ପାଗଳୀଟିଏ ଆସି ମୁଠାଇ ଧରିଛି ମୋ ନାତିର ହାତକୁ ଆଉ ତା'କୁ କାଖକୁ ନେବାକୁ ଚେଷ୍ଟା କରୁଛି ।ତା'କୁ ଦେଖି ମୋ ନାତି ରଡି ଛାଡି କାନ୍ଦୁଛି ଭୟରେ । ଗୋଟାଏ ମୁହୂର୍ତ୍ତ ପାଇଁ ମୁଁ ସ୍ତବ୍ଧ ହୋଇଗଲି କିଛି ଅନିଷ୍ଟ ଆଶଙ୍କାରେ । ମୋ ସ୍ତ୍ରୀ ତ ହାଉଳି ଖାଇ କାନ୍ଦିବାକୁ ଆରମ୍ଭ କରି ଦେଇଥିଲେ । ଦେଖୁ ଦେଖୁ କିଛି ଲୋକ ଜମା ହୋଇଗଲେ ସେଠି । ପାଗଳୀଟି ଜବର କରି ଭିଡି ଧରିଥାଏ ମୋ ନାତିକୁ, ଠିକ୍ ମା' ମାଙ୍କଡ ତା' ଛୋଟ ଶାବକକୁ ଜାବୁଡ଼ି ଧରିବା ଭଳି । "ମୋ ପୁଅ, ମୋ ପୁଅ" କହି ତା'ର ଛିଣ୍ଡା ଲୁଗାକାନିରେ ଘୋଡେଇ ପକାଉଥାଏ । ମୋର ଶତଚେଷ୍ଟା ସତ୍ତ୍ୱେ ମଧ୍ୟ ମୁଁ ପିଲାଟିକୁ ଛଡେଇ ପାରୁ ନଥାଏ ତା'ର କବଳରୁ, ଅନାଗତ ଅନିଷ୍ଟ ଚିନ୍ତା କରି ମୋ ଭଳିଆ ବୟସ୍କ ପୁରୁଷଟିର ବି ଦୁଇଆଖିରେ ଲୁହ ଜକେଇ ଆସୁଥାଏ । ଦେଖଣାହାରୀଙ୍କ ଭିତରୁ ମଧ୍ୟ କେହି ସାହସ କରି ଆଗେଇ ଆସୁ ନଥାନ୍ତି ପିଲାଟିକୁ ରକ୍ଷା କରିବା ଲାଗି । ମୋ ସ୍ତ୍ରୀ ତେଣେ କାନ୍ଦି କାନ୍ଦି ବିକଳ ହୋଇ ସମସ୍ତଙ୍କୁ ଗୁହାରି କରୁଥାଆନ୍ତି ଟିକେ ସାହାଯ୍ୟ କରିବା ଲାଗି । ନାତିଟି ମଧ୍ୟ କାନ୍ଦି କାନ୍ଦି ଆକ୍ତାମାକ୍ତା ହୋଇ ଝୋଲା ମାରିଗଲା ଭଳି ଅବସ୍ଥା ।

 Magazine Downloaded from www.aahwaan.com

ଏଇ ସମୟରେ ଲୋକଗହଳି ଭିତରେ ସେଠାରେ ପହଞ୍ଚିଲେ ଜଣେ ବୃଦ୍ଧ ଭଦ୍ରଲୋକ । ବୟସ ପଚସ୍ତରି କି ଅଶୀ ହେବ, ମଳିଚିଆ ହଳଦୀ ରଙ୍ଗର ଧୋତିଟି ଆଣ୍ଠୁ ଉପରକୁ ପିନ୍ଧିଥାନ୍ତି, କାନ୍ଧରେ ପଡିଥାଏ ଗୋଲାପି ରଙ୍ଗର ମାଣିଆବନ୍ଦୀ ଗାମୁଛା ଖଣ୍ଡିଏ ଚାରିଚଉତ ହୋଇ । ଭିଡ ଠେଲି ଧୀରେ ଧୀରେ ପାଗଳୀର ପାଖକୁ ଗଲେ ସେ । ଅନ୍ୟ ମାନଙ୍କୁ ଦେଖି ବାଡେଇ ଗୋଡାଉଥିବା ପାଗଳୀଟି ତାଙ୍କୁ ଦେଖି ଚୁପ୍ ଚାପ୍ ହୋଇ ବସି ରହିଲା । ହସି ହସି କହିଲା, "ବାପା ! ହେଇଟି ମୋ ପୁଅ ଆଇଚି ଦେଖ । ଆଉ ଦି ଦିନ ଗଲେ ତା' ବାପା ବଳେ ଆସିବନି କି ମତେ ନବାକୁ ।" କାନ୍ଦ କାନ୍ଦ ହୋଇଗଲା ବୃଦ୍ଧଙ୍କର ଆଖି ଦୁଇଟି । ଧୀରେ ଧୀରେ ସେ ହାତ ରଖିଲେ ପାଗଳୀର ମୁଣ୍ଡରେ । ମୁଣ୍ଡ ଆଉଁସି ଦେଇ କହିଲେ, "ହଁ ରେ ମାଆ ! ସତ କଥା କହିଲୁ । ତୋ ଜ୍ୱାଇଁ ଆଉ ଅଳ୍ପ ଦିନ ମଧ୍ୟରେ ଆସି ତତେ ନେଇଯିବ ବୋଲି ପରା ଖବର କରିଛି ମତେ । ତୁ ଆଗ ଚାଆଲେ ଘରକୁ, ଗାଧୁଆପାଧୁଆ କରି ସଫା ସୁତର ହୋଇ ଭଲ ଲୁଗାପଟା ପିନ୍ଧି ବସିଲେ ସିନା ତୋ' ଶାଶୁ ଘରକୁ ଯିବୁ, ନହେଲେ କେମିତି ଯିବୁ ? ଦେ, ତୋ'ର ପୁଅକୁ ମତେ ଦେ । ମୁଁ ତା'କୁ କିଛି ଖାଇବାକୁ ଦିଏ ଆଗ । ସବୁ ବୁଝିଗଲା ଯେମିତି ପାଗଳୀଟି । ହଁ, ହଁ କହି ସୁଧାର ପିଲାଟି ଭଳିଆ କୋଳରେ ଜବର କରି ଧରିଥିବା ପିଲାଟିକୁ ବଢେଇ ଦେଲା ବୃଦ୍ଧଙ୍କର ହାତକୁ । ତଳୁ ଉଠି ଝାଡି ଝୁଡି ହୋଇ ଲୁଗାପଟା ସଜାଡି ବୃଦ୍ଧଙ୍କର ପଛେ ପଛେ ଚାଲିବାକୁ ଆରମ୍ଭ କଲା । ତା'କୁ ଦେଖିଲେ ମନେ ହେଉନଥିଲା ଯେ ଏଇ ଟିକକ ଆଗରୁ ଉଗ୍ର ଭାବରେ ମାଡି ଆସୁଥିବା ପାଗଳୀଟାଏ ବୋଲି । ପୁଅକୁ କାନ୍ଧରେ ପକାଇ ଯିବା ସମୟରେ ବୃଦ୍ଧ ଜଣକ ମତେ ଆଖିର ଇଶାରାରେ ଜଣାଇଦେଲେ ତାଙ୍କ ପଛରେ ଆସିବା ଲାଗି । ମନ୍ତ୍ରମୁଗ୍ଧ ପରି ମୁଁ ଚାଲିଲି ତାଙ୍କ ପଛରେ ।

କିଛି ବାଟ ଗଲା ପରେ ଗୋଟିଏ ମୋଡ ପାଖରେ ସିଏ ଟିକେ ଧିମେଇ ଗଲେ ।

 Magazine Downloaded from www.aahwaan.com

ପାଗଳୀଟି କିନ୍ତୁ ତା'ର ବେଗ କମାଉ ନଥାଏ । ଲାଗୁଥାଏ ସେ ଯେମିତି ଏଇ ରାସ୍ତା ସହିତ ପୂର୍ବରୁ ପରିଚିତ । ଅଭ୍ୟସ୍ତ ପାଦ ତା'ର ମାଡି ଚାଲୁଥିଲା ଆଗକୁ ଆଗକୁ । ତାଙ୍କର ପଛେ ପଛେ ଅନୁସରଣ କରି ମୁଁ ତାଙ୍କ ଗାଁରେ ତାଙ୍କ ଘର ପାଖରେ ପହଞ୍ଚିଲା ପରେ ଦେଖିଲି ବୃଦ୍ଧ ଜଣକ କବାଟ ଖୋଲି ପାଗଳୀଟିକୁ ଘର ଭିତରକୁ ପଠାଇ ବାହାରୁ କବାଟ ବନ୍ଦ କରି ମୋ ହାତକୁ ମୋ ନାତିକୁ ବଢ଼ାଇଦେଲେ । ନାତିଟି ମୋର କାନ୍ଦି କାନ୍ଦି ହାଲିଆ ହୋଇ ଅନେକ ବେଳୁ ଶୋଇ ପଡିଥିଲା ତାଙ୍କର କାନ୍ଧରେ । ସେଇ ଅବସ୍ଥାରେ ମୋ କାନ୍ଧରେ ପକାଇ ପଛକୁ ଫେରି ଆସିବାକୁ ଉଦ୍ୟତ ହେଉଛି, ବୃଦ୍ଧ ଜଣକ ଆସି ହାତଯୋଡି ଛିଡ଼ା ହେଲେ ମୋ ଆଗରେ । କହିଲେ ଗାଁ ଲୋକଙ୍କ ପାଖରୁ ତୁମ ସହିତ ଘଟିଥିବା ଦୁର୍ଘଟଣା ବିଷୟରେ ଶୁଣିବା ପରେ ଆଉ ଥୟ ହୋଇ ରହି ପାରିଲିନି ଘରେ । ମୁଁ ଭଲ ଭାବରେ ଜାଣିଛି ସେ ମୋ ବ୍ୟତୀତ ଆଉ କାହାରି କଥା ଶୁଣିବନି । ତେଣୁ ବାଧ୍ୟ ହୋଇ ମତେ ଆସିବାକୁ ପଡିଲା । ତୁମେ ତୁମ ପିଲାକୁ ଧରି ଫେରିଯାଅ ବାବୁ । ସେ କିଛି ସମୟ ବାଡେଇ ପିଟି ହୋଇ କାନ୍ଦି କାଟି ଉଚ୍ଛନ୍ନ ହେବ ତା'ପରେ ଧୀରେ ଧୀରେ ଚୁପ୍ ହୋଇଯିବ । ସେ ମୋର ନିଜର ଝିଅ ନୁହେଁ ବାବୁ କିନ୍ତୁ ଝିଅ ଭଳି ।

ସେତେବେଳ ଯାଏ ଆମେ କେହି କାହାସହ ପଦୁଟିଏ ବି କଥା ହୋଇନଥିଲୁ । ମୋ ମୁହଁକୁ ଚାହିଁ ଦୀର୍ଘ ନିଶ୍ୱାସଟିଏ ପକାଇ କୋହଭରା କଣ୍ଠରେ କଥା ଆରମ୍ଭ କଲେ ସେ । ବାବୁ ! ମୋ ନାଁ ପିତାମ୍ବର ପ୍ରଧାନ । ମୋର ବୟସ ଥିଲା ବେଳେ ମୁଁ ରାଜମିସ୍ତ୍ରୀ କାମ କରୁଥିଲି । ଦୂର ଦୂରାନ୍ତକୁ ଯାଏ କାମ କରିବାକୁ । କାମ ସାରି ବସ୍ ରେ ଫେରେ ଘରକୁ । ଆଜିକୁ ଛବିଶି ବର୍ଷ ତଳେ ଦିନେ କାମରୁ ଫେରୁ ଫେରୁ ରାତି ଏଗାରଟା ବାଜିଗଲା । ବସରୁ ଓହ୍ଲାଇ ଗାଁକୁ ଯିବାକୁ ବାହାରିଛି, ଦେଖିଲି ଉଣେଇଶି କି କୋଡ଼ିଏବର୍ଷର ଝିଅଟିଏ ଜାକିଜୁକି

 Magazine Downloaded from www.aahwaan.com

ହୋଇ ବସି ରହିଛି ବସ୍ ଷ୍ଟାଣ୍ଡରେ ଗୋଟିଏ କଣକୁ । ଦି ଚାରିଜଣ ମଦୁଆ ଏପଟ ସେପଟ ହୋଇ ପଇଁତରା ମାରୁଛନ୍ତି ତା' ଚାରି ପଟେ ଡାହାଳ କୁକୁର ମାଉଁସ ଖଣ୍ଡକୁ ଶୁଙ୍ଘିଲା ପରି । ମୋ ମନ ସମ୍ଭାଳି ହେଲାନି । ମୁଁ ଝିଅଟି ପାଖକୁ ଯାଇ କୋଉଠୁ ଆସିଛୁ, କୁଆଡେ ଯିବୁ, ସାଙ୍ଗରେ କିଏ ଅଛି ବୋଲି ପଚାରିବାରୁ ସେ କାନ୍ଦି ପକାଇଲା । କହିଲା ତା'ର ସ୍ୱାମୀ ଏବଂ ପୁଅ ସାଥୀରେ ସେ ପାଲଲହଡ଼ାର କୋଉ ଗୋଟାଏ ଗାଁରେ ରହେ । ତା' ସ୍ୱାମୀ କୁଆଡେ ତା'କୁ ସକାଳ ଏଗାରଟା ବେଳୁ ବସେଇଦେଇ ପୁଅକୁ ସାଙ୍ଗରେ ନେଇ କୋଉ ହୋଟେଲକୁ ଖୁଆଇବାକୁ ଯାଇଛି ଯେ ଏଯାଏଁ ଫେରିଲାନି । ସେ ତାଙ୍କୁ ଅପେକ୍ଷା କରି ବସିଛି । ଅଗତ୍ୟା ଝିଅଟିକୁ ଜଗି ମତେ ସେଠି ବସି ରହିବାକୁ ପଡିଲା । ରାତି ପାହି ସକାଳ ହେଲା । ତେବେ ବି ତା'ର ସ୍ୱାମୀ ଫେରିଲା ନାହିଁ ।

ମୋ ମୁଣ୍ଡକୁ ନାନା ପ୍ରକାର ଦୁଶ୍ଚିନ୍ତା ଢୁକିଲା । ଝିଅଟି କାନ୍ଦି କାନ୍ଦି ସେମିତି ଭୋକ ଉପାସରେ ପଡିଥାଏ । ସକାଳୁ ମୁଁ କହିଲି ତୋ ସ୍ୱାମୀର ନାଆଁ ଠିକଣା କହ, ନହେଲେ ତୋ'ର ବାପଘର ନାଁ ଠିକଣା କହ, ମୁଁ ଚେଷ୍ଟା କରିବି ଖୋଜିବାକୁ । ସେ କଇଁ କଇଁ ହୋଇ କାନ୍ଦି ଉଠିଲା । କହିଲା, "ଆମ ଘର ମାଧପୁର, ଆଠ ବର୍ଷର ହୋଇଥିଲି ମା' ଛେଉଣ୍ଡ ହେଲି । ସାବତମାଆ ଆସିଲା ଯେ ନାହିଁ ନଥିଲା ଯନ୍ତ୍ରଣା ଦେଲା । ବାପ ଦିନ ମଜୁରିଆ, ସବୁବେଳେ ହାଣ୍ଡିଆ ପିଇବା ମାତାଲ୍ । ଗଡି ସଢି ବଢୁଥିଲା ବେଳେ ମୋ ବାପା ସାଙ୍ଗରେ କାମ କରୁଥିବା ଭେଣ୍ଡିଆ ବିନାୟକ ଆସିଲା ମୋ ଜୀବନକୁ । ଭାରି ସ୍ନେହ ଶ୍ରଦ୍ଧା କଲା, ବାପାକୁ ଲୁଚେଇ ଭଲ ମନ୍ଦ ଆଣି ଖୁଆଇଲା, କେତେ ନୂଆ ନୂଆ ସପନ ଦେଖାଇଲା, ତା'ରି ଉପରେ ଭରସା କରି ଦିନେ ରାତିରେ ଲୁଚି ଲୁଚି ଘରଛାଡି ପଳାଇଲି ତା' ସହିତ ଚାରି ବରଷ ତଳେ ପାଲଲହଡା । ବର୍ଷକ ପରେ ପୁଅଟିଏ ହେଲା, ପୁଅ ହେଲା ପରେ ଖର୍ଚ୍ଚ

 Magazine Downloaded from www.aahwaan.com

ବଢ଼ିଲା । ଦିନକ ମଜୁରୀ ନିଅଣ୍ଟ ହେଲା ପରିବାର ଚଳାଇବାକୁ । ସେଇଠୁ ସବୁବେଳେ ଚିଡ୍ ଚିଡା ହେଉଥିଲେ ବିନାୟକ । ଏବେ କୋଉଠି ଭୁବନେଶ୍ୱରରେ କୋଉ ଠିକାଦାର ପାଖରେ କାମ ବୁଝିଥିଲେ, ସେଇଠିକି ଯାଉଥିଲୁ ଆମେ । ମୁଁ କେବେ ବିନାୟକଙ୍କୁ ପଚାରିନି ତାଙ୍କ ନିଜ ଘରଦ୍ୱାର ବିଷୟରେ । ସେ ନିଜେ କହନ୍ତି ସେ ଅନାଥାଶ୍ରମରେ ବଢ଼ିଛନ୍ତି ବୋଲି । ମୁଁ ତମକୁ କାହା ନାଁ ଠିକଣା ଦେବି ତମେ କୁହ ମଉସା । ତମେ ତ ମୋର ବାପ ବୟସର ହେବ । ବାପ ସମାନ । ତମେ କୁହ ମୁଁ କ'ଣ କରିବି ?"

ମୋର ମୁଣ୍ଡ କିଛି କାମ କରୁନଥିଲା । ମୋର ନିମ୍ନମଧ୍ୟବିତ୍ତ ପରିବାର, ପୁଅ ବୋହୂର ଘର । ଧାନଚାଉଳ ଗଣ୍ଡାଏ ଅଛି ବୋଲି ବର୍ଷକ ଚଳିଯାଉ । ପୁଅ ବିଲବାଡି ଦେଖେ, ମୁଁ ନିଜେ ରାଜମିସ୍ତ୍ରୀ କାମ କରି ଉପର ଖର୍ଚ୍ଚ ତକ ଚଳାଏ । ସେଥିରେ ଯଦି ଏଇ ଅସହାୟା, ପତି ପରିତ୍ୟକ୍ତା, ସନ୍ତାନହରା ମା' ଟିକୁ ଘରକୁ ନେଇ ଆଶ୍ରୟ ଦେବି, ତେବେ ମୋ ପରିବାରର ଲୋକେ ମୋତେ ସମର୍ଥନ କରିବେ ତ ? ନିଅଣ୍ଟିଆ ଘରେ ଜଣେ କୁଣିଆଙ୍କୁ ରଖି ମୁଁ ସେମାନଙ୍କ ପ୍ରତି ଅନ୍ୟାୟ କରିବି ନାହିଁ ତ ? ଗାଁ ଲୋକଙ୍କ ହଜାରେ ପ୍ରଶ୍ନର ଉତ୍ତର ଦେଇ ପାରିବି ତ ? ଏମିତି ଅନେକ ଗୁଡିଏ କଥା ମୋ ମୁଣ୍ଡରେ ଖେଳି ବୁଲୁଥିଲା । ମୋର ନିଜର ଝିଅଟିଏ ନଥିଲା । ଏଇ ଦୁଃଖିନୀ ଝିଅଟିକୁ ଦେଖିଲାପରେ କେମିତି ଗୋଟାଏ ମାୟା ଆସୁଥିଲା ତା' ପ୍ରତି । ତା'ର ଦୁଃଖକାହାଣୀ ଶୁଣିବା ପରେ ମୋ ଅନ୍ତରାତ୍ମା କହୁନଥିଲା ତା'କୁ ଏକା ଛାଡ଼ି ଦେବାକୁ । ବହୁତ ଭାବି ଚିନ୍ତି ଶେଷରେ ସେ ଝିଅଟିକୁ ସାଙ୍ଗରେ ନେଇ ଘରକୁ ଗଲି । କିଛି ବିଷମ ପରିସ୍ଥିତି ସୃଷ୍ଟି ନହେଉ ବୋଲି ମନେ ମନେ ଈଶ୍ୱରଙ୍କୁ ଖୁବ୍ ପ୍ରାର୍ଥନା କରୁଥାଏ । କୌଣସି ମତେ ଘର ଲୋକଙ୍କୁ ବୁଝାଶୁଝା କରି ତା'କୁ ଆମ ଘରେ ରଖିଲି । ସେ ସେମିତି କନ୍ଦାକଟା କରୁଥାଏ । ମୁଁ କିଛି ଲୋକଙ୍କୁ କୁହାବୋଲା କରି ରଖିଥାଏ ତା'କୁ କିଏ

 Magazine Downloaded from www.aahwaan.com

ଆସି ଖୋଜିଲେ ମୋତେ ଖବର ଦେବାକୁ । ହେଲେ ତା' ସ୍ୱାମୀ ତ ଯୋଜନା କରି ତା'କୁ ଛାଡି ଦେଇ ଯାଇଥିଲା ସିଏ ବା ଆଉ କାହିଁକି ଫେରନ୍ତା ? ଖାଲି ପ୍ରତିମା ନାଁ ଟି ଛଡା ତା' ପାଖରେ ଆଉ କିଛି ନଥିଲା । ଧୀରେ ଧୀରେ ସେ ଟିକେ ସାମାନ୍ୟ ହୋଇ ଆସୁଥିଲା ସେତିକିବେଳେ ଆଉ ଏକ ବଡ ଦୁର୍ଘଟଣା ଘଟିଥିଲା ତା' ସାଥୀରେ । ଆମ ଗାଁରେ ଜାଗର ମେଳା ହେଉଥାଏ, ପ୍ରତିମାକୁ ଛାଡି ବାକି ଘର ଲୋକେ ସମସ୍ତେ ଯାଇଥାନ୍ତି ମନ୍ଦିର । କ'ଣ କହିବି ବାବୁ ! କହିଲାବେଳକୁ ଲାଜ ଲାଗୁଛି, ମୋ ନିଜ ପୁଅ ତା'ର ତିନି ଜଣ ସାଙ୍ଗଙ୍କ ସହିତ ମଦ ପିଇ ଆସି ଘରେ ପଶି ପ୍ରତିମାର ଇଜ୍ଜତ୍ ଲୁଟିନେଲେ । ଝିଅଟା ଏତେ ଦୁଃଖ ସହି ପାରିଲାନି ବାବୁ ! ପାଗଳୀ ହୋଇଗଲା । ଆମ ଘର ଲୋକେ ବଦନାମ କରିଦେଲେ ତା'କୁ । ସେମାନଙ୍କ ରାଣ ନିୟମ, ଧମକ ଚମକ ମୋ ମୁହଁକୁ ବନ୍ଦ କରି ଦେଲା, ମୁଁ ସତ୍ୟ ଜାଣି ମଧ୍ୟ ଚୁପ୍ ରହିବା ବାଧ୍ୟ ହେଲି । ଗାଁ ଲୋକେ ଜିଦ୍ ଧରିଲେ ପ୍ରତିମାକୁ ଘରେ ରଖିଲେ ମତେ ଏକଘରିକିଆ କରିଦେବେ ବୋଲି, ପୁଅ ଧମକ ଦେଲା ସତକଥା କହିଲେ ସେ ଆତ୍ମହତ୍ୟା କରିଦେବ, ସମସ୍ତଙ୍କ କଥା ରଖି ମୁଁ ମୋର ଆତ୍ମାକୁ ମାରିଦେଲି ବାବୁ ! ପ୍ରତିମାକୁ ଘରୁ ବାହାର କରିଦେଲି ଡାହାଳ କୁକୁରଙ୍କ ଖାଦ୍ୟ ହେବାକୁ । ସେଦିନ ଠାରୁ ପ୍ରତି ମୁହୂର୍ତ୍ତରେ ମୋ ଅନ୍ତରାତ୍ମା କାନ୍ଦୁଛି, ମତେ ଦୋଷୀ ସାବ୍ୟସ୍ତ କରୁଛି ।

ଆଉ ସେଇଦିନ ଠାରୁ ସେ ଏଇ ବସ୍ ଷ୍ଟାଣ୍ଡରେ ଆଶ୍ରା ନେଇଛି । ନିଜର ଇଜ୍ଜତ ବଞ୍ଚାଇବାକୁ ଯାଇ ସେ କେବେ କାହାକୁ ଟେକାପଥର ମାରୁଛି ତ କେବେ ପେଟ ଭୋକକୁ ସମ୍ଭାଳି ନପାରି କାହାର ଦେହ ଭୋକକୁ ମେଣ୍ଟାଉଛି । ପ୍ରତିମା ପିତେଇ ବାୟାଣୀ ହୋଇ ଯାଇଛି । ଗାଳି ଗୁଲଜ ଖାଉଛି, ଟେକାପଥର ମାଡ ବି ଖାଉଛି । ତଥାପି ଆଶା କରୁଛି କେବେ ନା କେବେ ତା'ର ସ୍ୱାମୀ ତା' ପୁଅକୁ ନେଇ ଏଠାକୁ ଫେରିବ ।

 Magazine Downloaded from www.aahwaan.com

ସେଥିଲାଗି ଯେତେ ଯାହା ହେଲେ ବି ସେ ଏଇ ବସ୍ ଷ୍ଟାଣ୍ଡ ଛାଡି ଯାଉନି । ତା' ଆଖି ଦୁଇଟି ଲାଖି ରହୁଛନ୍ତି ସବୁ ବସ୍ ଉପରେ । ଆଜି ଯାହାସବୁ ଘଟିଗଲା ତାହା ପିତେଇ ବାୟାଣୀ ଭିତରେ କିଞ୍ଚିତ ବଞ୍ଚି ରହିଥିବା ପ୍ରତିମାର ପ୍ରତିଫଳନ ମାତ୍ର । ଯାଆନ୍ତୁ ବାବୁ ! ଆଜି ଯାଏଁ ଛାତି ତଳେ ଲୁଚାଇ ରଖିଥିବା ପାପକୁ ଆପଣଙ୍କ ନିକଟରେ ସ୍ୱୀକାର କରି ମୋ ମନରୁ ବୋଝ ଉତୁରି ଗଲା । ମତେ ଲାଗୁଛି ମୁଁ ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ମୋର ଦୋଷ ସ୍ୱୀକାର କରିଛି । ତେଣିକି ସେ ମତେ ଯାହା ବି ଦଣ୍ଡ ଦେବେ ଦିଅନ୍ତୁ । ଆଖିରୁ ଲୁହ ପୋଛି ସେ ଫେରୁଥିଲେ ଘରକୁ ଆଉ ମୁଁ ? ଆଖିରେ ଲୁହ ଆଉ ଛାତିରେ ପ୍ରତିମା ପାଇଁ ବେଜାଏ ଦରଦ ନେଇ ନାତିକୁ କାନ୍ଧରେ ପକାଇ ଫେରୁଥିଲି ସେଇ ବସ୍ ଷ୍ଟାଣ୍ଡକୁ ଯୋଉଠି ପ୍ରତିମା ପିତେଇ ବାୟାଣୀ ପାଲଟିଥିଲା ।

ଶାରଳାଭବନ, ପୋତାପୋଖରୀ, ନୟାବଜାର

କଟକ, ୭୫୩୦୦୪, ଓଡ଼ିଶା

ଭ୍ରାମ୍ୟଭାଷ : ୯୩୩୭୭୭୨୬୪୭

 Magazine Downloaded from www.aahwaan.com

# ତିନୋଟି ଅଣୁଗଳ୍ପ



ଆଶୁତୋଷ ବରାଳ

## ୧. ଇର୍ଷ୍ୟା

ନିଜର ନିକଟତମ ଲୋକଟିର ସଫଳତା ଦେଖିଲେ ମନଟା କେମିତି ଇର୍ଷ୍ୟାନ୍ୱିତ ହୋଇ ଉଠେ । ଉପରେ ଉପରେ ତାକୁ ଅଭିନନ୍ଦନ ଜଣାଉଥିଲେ ମଧ୍ୟ ଇର୍ଷ୍ୟାର ନିଆଁରେ ହୃଦୟଟା ଜଳିଉଠେ । ଆକାଶର ଆଜି ଠିକ୍ ସେଇ ଅବସ୍ଥା । ମାନସ ବ୍ୟାଙ୍କ ପିଓ ପରୀକ୍ଷା ଫାଇନାଲ୍ କ୍ଲିୟର କରିଛି ବୋଲି ଖବର ପାଇବା ମାତ୍ରେ ଆକାଶର ମନଟା ଛଟପଟ ହୋଇ ଉଠୁଥାଏ । ଆକାଶ ଓ ମାନସ ଦୁଇଜଣ ଭଲ ସାଙ୍ଗ । କଲେଜରେ ପଢ଼ିବା ବେଳେ କେତେ ଥଟ୍ଟାତାମସା ଓ କେତେ ଅନୁଭୂତି ସେ ସବୁ ଲେଖିଲେ ବୋଧହୁଏ ଗୋଟାଏ ବହି ହେବ । ଅନ୍ୟମାନେ ସେ ଦୁଇଜଣଙ୍କ ବନ୍ଧୁତ୍ୱର ଉଦାହରଣ ଦିଅନ୍ତି । କଲେଜ କ୍ୟାରିୟର ସରିବାପରେ ଉଭୟେ ନିଷ୍ପତ୍ତି ନେଲେ ଭୁବନେଶ୍ୱର ଯାଇ କମ୍ପିଟେଟିଭ୍ ପାଇଁ ପ୍ରିପାୟେର୍ ହେବେ । ଭୁବନେଶ୍ୱରରେ ରହିବା ସମୟରେ କେତେ ସାଙ୍ଗ ସେଇ ରୁମରେ ରହିଲେ ଓ ଛାଡ଼ିଲେ କିନ୍ତୁ ଏ ଦୁଇଜଣ କେବେ ଅଲଗା ରହିବାର ନିଷ୍ପତ୍ତି ନେଇନାହାନ୍ତି । ଆଜି କିନ୍ତୁ କଥା ପୁରା ଅଲଗା, ଉପରେ ଉପରେ ମାନସକୁ ଭଲ ପାର୍ଟିଟାଏ ଦେବୁ ବୋଲି କହୁଥିଲେସୁଦ୍ଧା ଆକାଶ ମନେ ମନେ ଭାବୁଥାଏ ମୌଖିକ ରାଉଣ୍ଡରେ ମାନସ କଟି ଯାଆନ୍ତା କି ଆଉ !

## ୨. ଠିକଣା

ଆମ ଦାଣ୍ଡ ଅଗଣାର ଠିକ୍ ମଝିଭାଗରେ ଗୋଟିଏ ବଡ଼ ଗଙ୍ଗଶିଉଳୀ ଗଛ । ଗଛମୂଳରେ ସିମେଣ୍ଟର ଛୋଟ ଚଉତରାଟିଏ । ଛୋଟପିଲା ଥିଲାବେଳେ ଶୀତଦିନେ ରାତିଯାକ ଗଛରୁ ଫୁଲସବୁ ଝଡ଼ି ସକାଳ ପାହିବା ବେଳକୁ ତଳେ ଧଳା ଆଉ କମଳା ରଙ୍ଗର ଗୋଟାଏ ବହଳା ଆସ୍ତରଣ ବିଛେଇ ହୋଇ ପଡ଼ିଥିବା ଦେଖିଛି । ଯୁବକ ସମୟରେ ଶରତର

 Magazine Downloaded from www.aahwaan.com

କେତେ ଜହ୍ନରାତି ତାରି ମୂଳରେ କଟିଛି ତା'ର ହିସାବ ନାହିଁ । ତା ଫୁଲ ବାସ୍ନା ମନଟାକୁ କେମିତି ଗୋଟାଏ ମିଠା ଆବେଶରେ ବାନ୍ଧିପକାଏ । ଗଛଟି ସହ ଆମ ଘରର କେମିତି ଗୋଟାଏ ସମ୍ପର୍କ ଯୋଡ଼ି ହୋଇଯାଇଥାଏ । ଆମଘର ଠିକଣା ପଚାରିଲେ ଯେ କେହି ଆଙ୍ଗୁଠି ଦେଖେଇ କହିଦିଅନ୍ତି ସାହି ମଝିରେ ଯାହାଘରେ ଗଙ୍ଗଶିଉଳୀ ଗଛ ଅଛି ସେଇ ଘରଟା । ଆଜି କିନ୍ତୁ ଗଛଟାକୁ କାଟିବାକୁ ପଡ଼ିବ । ନୂଆ କାରଟି ଆଉ କଣ ଦାଣ୍ଡରେ ରହିବ ? ତେଣୁ ଗଛଟାକୁ କାଟିବାପରେ ସେଇଠି ଗୋଟାଏ କାର୍ ସେଡ୍ ତିଆରି ହେବ । ବାସ୍ ସେଇଠି ରହିବ ଆମ ନୂଆ ଗାଡ଼ି । ଆଉ ତା'ପରେ ଆମ ଘର ଠିକଣା ପଚାରିଲେ ଯେ କେହି କହିବ ସାହି ମଝିରେ ଯେଉଁ ବ୍ଲୁ କଲର ସ୍ୱିଫ୍ଟ୍ ଗାଡ଼ି ଠିଆ ହୋଇଛି ସେଇଟା ତାଙ୍କ ଘର !

## ୩. ପ୍ରଶ୍ନ

ବୟସ ହେଲାପରେ ବାପା ଆଜିକାଲି ଛୋଟଛୁଆଙ୍କ ଭଳି ବ୍ୟବହାର କରୁଛନ୍ତି । ଯୋଉ କଥା କହୁଥିବେ ବାରମ୍ବାର ରଟୁଥିବେ । ଗୋଟିଏ କଥାଏ ହଜାରେ ପ୍ରଶ୍ନ । ତାଙ୍କ ପ୍ରଶ୍ନବାଣରୁ ବଞ୍ଚିବାକୁ ମୁଁ ଜାଣିଶୁଣି ଘରକୁ ଡେରିରେ ଫେରେ । ଘରେ ଥିବା ସମୟରେ ତାଙ୍କ ସହ ମୁହଁମୁହିଁ ନହେବାକୁ ଯଥାସମ୍ଭବ ଚେଷ୍ଟା ଚଳେଇଥାଏ ।

ସେଦିନ ରୀତାର ଦେହ ଖରାପ ଥିବାରୁ ପୁଅକୁ ସ୍କୁଲ୍ ନେଇଯିବାର ଥାଏ । ଗାଡ଼ିରେ ବସେଇ ନେଲାବେଳେ ରାସ୍ତାରେ ସେ ଯାହା ଦେଖୁଥାଏ ତା ବିଷୟରେ ହଜାରେ ପ୍ରଶ୍ନ ପଚାରୁଥାଏ । ମୋତେ କିନ୍ତୁ ବିରକ୍ତ ଲାଗିବା ବଦଳରେ ଖୁସି ଲାଗୁଥାଏ ଦରୋଟି ଭାଷାରେ ପଚାରୁଥିବା ତାର ସେଇ ପ୍ରଶ୍ନଗୁଡ଼ିକ । କାହିଁକି କେଜାଣି ତା'ର ପ୍ରଶ୍ନଗୁଡ଼ିକ ମୋତେ ମୋର ପିଲାଦିନ ମନେ ପକାଇଦେଲା । ମୁଁ ମଧ୍ୟ ମୋ ବାପାଙ୍କ ସାଇକେଲର ଆଗରେ ବସି ସ୍କୁଲ ଗଲାବେଳେ ଏମିତି ହଜାରେ ପ୍ରଶ୍ନ ତାଙ୍କୁ ପଚାରୁଥିଲି ଆଉ ସେ ମଧ୍ୟ ଟିକେ ବି ବିରକ୍ତ ନ ହୋଇ ମୋ ସବୁ ପ୍ରଶ୍ନର ଉତ୍ତର ଦେଉଥିଲେ ।

 Magazine Downloaded from www.aahwaan.com

# ବିରାଟ ପରିବର୍ତ୍ତନ



ଶିଶିର ପଣ୍ଡା

ରାଧାମୋହନ ସିଂ ଚୌଧୁରୀ, ଜଣେ ଜଣାଶୁଣା ଶିଳ୍ପପତି ବାଘଲପୁର ଅଞ୍ଚଳର । ତାଙ୍କର ଦୁଇ ପୁଅ, ଆମେରିକାର ନିଉୟର୍କରେ ସ୍ଥାୟୀ ଭାବେ ସେଠାରେ ରହି ଆସୁଛନ୍ତି । ବଡ଼ ପୁଅ ଅମି ଚାଟାର୍ଡ ଆକାଉଣ୍ଟାଟ ଓ ସାନ ପୁଅ ବାଇନ ଜଣେ ଡାକ୍ତର । କଦବା କ୍ୱଚିତ୍ ସେମାନେ ଘରକୁ ଆସନ୍ତି । ରାଧାମୋହନଙ୍କ ପତ୍ନୀ ଶୋଭନୀୟା ଶାନ୍ତ, ସରଳ ସ୍ୱଭାବର ହେଲେ ହେଁ ମାନସିକ ଚାପରେ କାଳାତିପାତ କରନ୍ତି । ତାଙ୍କ ଇଚ୍ଛା ତାଙ୍କ ପିଲାମାନେ ତାଙ୍କ ପାଖରେ ରୁହନ୍ତୁ । କିଛି ନ ହେଲେ ବାକି ଜୀବନ ନାତି, ନାତୁଣୀଙ୍କ ମୁହଁ ଚାହିଁ ଶାନ୍ତିରେ ବ୍ୟତୀତ କରି ପାରନ୍ତେ । କିନ୍ତୁ ବାବୁଙ୍କ ସବୁବେଳେ ଚିନ୍ତା ଦୁଇଟା ପୁଅ ତ ଆମେରିକାରେ ରହିଲେ, ମୋ ଶିଳ୍ପ, ବ୍ୟବସାୟ କିଏ ସମ୍ଭାଳିବ । ଯେତେ ବୁଝାଇଲେ ବି ପିଲାମାନେ ବୁଝିବାକୁ ନାରାଜ । ସେମାନଙ୍କ ପାଶ୍ଚାତ୍ୟ ଶୈଳୀର ଜୀବନ ଯାପନ ବାବୁଙ୍କୁ ଜମା ପସନ୍ଦ ନୁହେଁ ।

ସେ ନିଜେ ତାଙ୍କ ମା, ବାପାଙ୍କ କଥା ମାନିଥିଲେ ବୋଲି ଆଜି ଚାରି, ପାଞ୍ଚଟା ଶିଳ୍ପ ସଂସ୍ଥାର ମାଲିକ । ଉତ୍ତରାଧିକାରୀ ସୂତ୍ରରେ ବାପାଙ୍କ ଠାରୁ ଗୋଟିଏ ସୂତାକଳ ପାଇଥିଲେ । ନିଜର ବୁଦ୍ଧି ଓ ପରଶ୍ରମ ବଳରେ ଆଉ ଚାରୋଟି ସଂସ୍ଥା ନିଜେ ଠିଆ କରେଇ ପାରିଲେ । ପିଲାବେଳୁ ବହୁତ ସୁଖରେ ବଢ଼ି ଆସିଛନ୍ତି । ଆଜି କୋଟି କୋଟି ଧନ ସମ୍ପତ୍ତିର ମାଲିକ କିନ୍ତୁ ମନରେ ସବୁବେଳେ ଅଶାନ୍ତି, ଏ ବୟସରେ ଘର ହସି ଉଠିବା କଥା ପୁଅ ବୋହୁ, ନାତି, ନାତୁଣୀଙ୍କ ମେଳରେ କେତେ ଆନନ୍ଦରେ ତାଙ୍କର ଓ ତାଙ୍କ ପତ୍ନୀଙ୍କ ସମୟ ଅତିବାହିତ

 Magazine Downloaded from www.aahwaan.com

ହୋଇଯାନ୍ତା ।

ଦିନେ ସନ୍ଧ୍ୟା ସମୟରେ ବାଲକୋନିରେ ବାବୁ ଚା ପିଉଥାନ୍ତି, ଘର ଭିତରୁ ସନ୍ଧ୍ୟା ଆଳତୀ କରିସାରି ପତ୍ନୀ ଶୋଭନୀୟା ଦେବୀ କହି ଆସୁଥାନ୍ତି,-“ହେଇ ଶୁଣୁଚ, ଅମି କି ବାଇନ ସହ ଆଉ କଥା ହେଇଥିଲ ? ମୋତେ ଆଦୌ ଭଲ ଲାଗୁନି, ବେଶୀ ସେ ଛୁଆ ଦୁଇଟାଙ୍କ କଥା ଭାରି ମନେ ପଡୁଚି । ନିଜ ଜନ୍ମଭୂମି, ନିଜ ଦେଶକୁ ଆସିବାକୁ ମଧ୍ୟ ନାରାଜ । ଛୁଆ ଦିଟା ଜେଜେ, ଜେଜେମାଙ୍କ ସ୍ନେହ ଶ୍ରଦ୍ଧା ବୋଲି କଣ ଜାଣିଲେନି । ଏତେ ପଇସା ଖର୍ଚ୍ଚ କରି ସବଠାରୁ ଦାମୀ ସ୍କୁଲ, କଲେଜରେ ପଢାଇ ମଣିଷ କଲେ, କ'ଣ ବୁଢ଼ାବେଳେ ଏ ଅବସ୍ଥା ଦେଖିବାକୁ ।”

ପତ୍ନୀଙ୍କୁ ସାନ୍ତ୍ୱନା ଦେବାକୁ କହିଲେ, “ହଁ ଆମ ସମୟ ଥିଲା ଆମେ ମା, ବାପାଙ୍କ କଥା ମାନୁଥିଲେ, ସେମାନେ ଯାହା ଚାହିଁଲେ ସେଇଆ କରୁଥିଲୁ । ସେମାନଙ୍କ ମନରେ କେବେ କଷ୍ଟ ଦେଉ ନ ଥିଲେ । ଆମର ପିଲାମାନେ ସମ୍ପୂର୍ଣ୍ଣ ଓଲଟା । ଭଲ ଦାମୀ ସ୍କୁଲ ଦେଖି ପିଲାଙ୍କୁ ଛାଡ଼ିଲେ କି ଭଲ ମଣିଷ ହେବେ । ତୁମର ମନେ ଥିବ ପିଲାଙ୍କ ଡାଇରୀରେ ସ୍କୁଲ କର୍ତ୍ତୃପକ୍ଷ ଲେଖିଥିଲେ ଯେ ଆମେ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ କରୁଛୁ, ମାନସିକ, ବୌଦ୍ଧିକ, ଆତ୍ମୀକ ବିକାଶ କରି ଜଣେ ଜଣେ ମାନବ ମଣି ତିଆରି କରୁଛୁ । କାହିଁ କୁଆଡେ ଗଲେ ସେମାନଙ୍କ ମଣିରତନ । ଯଦି ପ୍ରକୃତରେ ମଣିଷ ତିଆରି କରୁଥାନ୍ତେ ଆଜି ଆମ ଭାରତର ପିଲମାନେ ନିଜ ମାତୃଭାଷା, ନିଜ ଐତିହ୍ୟ, ସଂସ୍କୃତିକୁ ଭଲ ପାଉଥାନ୍ତେ,ଦେଶ ଦଶର ହିତ ପାଇଁ କାର୍ଯ୍ୟ କରୁଥାନ୍ତେ ।”

ବାବୁଙ୍କ କଥା ଶୁଣି ବାବୁଆଣୀ କ୍ରୋଧିତ ସ୍ୱରରେ କହିଲେ, “ବେକାର ସବୁ ବେକାର, ଖାଲି ପଇସା କମେଇବା ପାଇଁ ଏସବୁ ପ୍ରଚାର । ପିଲାଙ୍କୁ ଇଂରାଜୀରେ କି ଶିକ୍ଷା ଦେଉଛନ୍ତି

 Magazine Downloaded from www.aahwaan.com

କେଜାଣି ପିଲା ବଡ଼ ହୋଇ ନିଜ ବୋପା, ମା'ଙ୍କୁ ପଚାରୁ ନାହାନ୍ତି । ନିଜ ଦେଶ, ଭାଷା ତ ବହୁତ ଦୂର କଥା । ପ୍ରଣାମ, ନମସ୍କାର ବଦଳରେ ହାଲୋ, ହାଏ, ଗୁଡ଼ ମର୍ଣିଙ୍ଗ କହୁଛନ୍ତି । ପାଦଛୁଇଁ ମୁଣ୍ଡିଆ ମାରିବା ଶିଖିଲେନି ।”

ରାଧାମୋହନ ବାବୁ ମନକୁ ବୁଝାଇ କହିଲେ, “ହଉ ଛାଡ଼ । ଆମ ଭାଗ୍ୟରେ ଅଛି ଭୋଗିବାକୁ ଦୁଃଖ, କଷ୍ଟ । ଗତ ମାସରେ ମୋର ଛାତିରେ ଭୀଷଣ ଯନ୍ତ୍ରଣା ହେଲା, ଯୋଗକୁ ଫାକ୍ଟ୍ରୀ ପିଲା ମାଲିଆ ଥିଲାବୋଲି ମେଡ଼ିକାଲରେ ସେବା କରି ମୋତେ ଭଲ କଲା । ଆମ ମଣି ଦିଟା ଶୁଣିକରି ମଧ୍ୟ ସମୟ ହେଲାନି ଆସି ଦେଖିବାକୁ ।” ଏହି ସମୟରେ ତାଙ୍କ ରୋଷେଇଆ ନିରୁ ଆସି ପହଞ୍ଚି ଗଲା, ବାବୁଆଣୀ ତାକୁ କାମ ବତେଇବାରେ ଲାଗିଗଲେ ।

ଏମିତି କିଛି ଦିନ ଗଡ଼ି ଚାଲିଲା, ବାବୁଙ୍କ ଦୁଃଖ ଦିନୁ ଦିନ ବଢ଼ି ଚାଲୁଥାଏ ଯଦିଚ ଚାକରବାକରଙ୍କ କମି ନାହିଁ । ହେଲେ ନିଜ ପିଲାମାନେ ପାଖରେ ନ ରହିଲେ କି କାମରେ ସାହାଯ୍ୟ ନ କଲେ ମନ କ'ଣ ବୁଝିବ ? ଦିନେ ସକାଳୁ ସକାଳୁ ଭ୍ରମଣ କରୁଥାନ୍ତି, ତାଙ୍କ ମୁଣ୍ଡକୁ ଏକ ନୂତନ ଚିନ୍ତା ପ୍ରବେଶ କଲା - ଦେଖିବାକୁ ଗଲେ ଧନସମ୍ପଦର କିଛି ଅଭାବ ନାହିଁ । ମୋ ଜୀବନ ଖାଲି ଟଙ୍କା କମେଇବାରେ ଗଲା, ନା ସମାଜ, ନା ଦୁନିଆ ପାଇଁ କିଛି କରିପାରିନି । ଯେଉଁ ପିଲା ଦିଟାକୁ ମଣିଷ କଲି ସେମାନେ ନିଜ ନିଜ ସ୍ୱାର୍ଥରେ ବଶ ହୋଇ ବୁଢ଼ା ମା, ବାପାଙ୍କୁ ଭୁଲି ଗଲେ । ନା ଏଣିକି ଆଉ ନୁହେଁ, ବାକି ଜୀବନ ଓ ଧନକୁ ସମାଜ ସେବାରେ ଲଗାଇବି । ଏଭଳି ଭାବନାରେ ତାଙ୍କ ଦିନ ବିତିବାକୁ ଲାଗିଲା ।

ତାପରେ ତାଙ୍କ ଜୀବନର ଗତିପଥ ସମ୍ପୂର୍ଣ୍ଣ ବଦଳି ଗଲା । ସେ ନିଜ ପଞ୍ଚାୟତର କିଛି ବିଶିଷ୍ଟ ଲୋକଙ୍କୁ ନିମନ୍ତ୍ରଣ କରି ଏକ ସଭା ଆୟୋଜନ କଲେ । ସେଥିରେ ସେ ପୂର୍ବରୁ ଲିପିବଦ୍ଧ କରି ରଖିଥିବା କେତେକ ଜନମଙ୍ଗଳ ଯୋଜନା ସେମାନଙ୍କୁ ଶୁଣାଇଲେ । ସମସ୍ତେ

 Magazine Downloaded from www.aahwaan.com

ତାହା ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଓ ଭାବିବାକୁ ଲାଗିଲେ ଓହ କି ପରିବର୍ତ୍ତନ ! ତା ପରଦିନ ଠାରୁ ନିଜ ଅଞ୍ଚଳ ଲୋକଙ୍କ ସହାୟତାରେ କାମ ଆରମ୍ଭ ହବାକୁ ଲାଗିଲା । ଗାଁ ବିଦ୍ୟାଳୟର ଯଥେଷ୍ଟ କୋଠରୀ ନ ଥିଲା ସେଗୁଡ଼ିକ ହେଲା, ସେ ଅଞ୍ଚଳରେ ଏକ ବାଳିକା ବିଦ୍ୟାଳୟ ସ୍ଥାପନା କରାଇଲେ । ସମସ୍ତ ଗରିବ ପିଲାଙ୍କୁ ବାବୁଙ୍କ ସଂସ୍ଥା ତରଫରୁ ଶିକ୍ଷା ସହିତ, ଖାଦ୍ୟ ବସ୍ତ୍ର ଆଦି ସମସ୍ତ ସୁବିଧା ଯୋଗାଇ ଦିଆଗଲା । ପରିବେଶ ସୁରକ୍ଷା ନିମନ୍ତେ ସେ ଅଞ୍ଚଳରେ ଲୋକଙ୍କ ସହ ମିଶି ବାବୁ ନିଜେ ବୃକ୍ଷ ରୋପଣ କଲେ । ଏବଂ ଷାଠିଏ ବର୍ଷ ଉପରାନ୍ତେ ମଧ୍ୟ ନିଜେ ସାଇକଲ ଚାଳନା କରି ଅନ୍ୟମାନଙ୍କୁ ଉତ୍ସାହିତ କରି ବୁଝାଇଲେ ଅଚଥା ଗାଡ଼ିର ବ୍ୟବହାର ନ କରିବାକୁ, ଗାଁ ବୃଦ୍ଧ ବ୍ୟକ୍ତିମାନଙ୍କୁ ଏକାଠି କରି ଭାଗବତ ଟୁଙ୍ଗୀରେ ସନ୍ଧ୍ୟାବେଳେ ଭଗବତ ଚର୍ଚ୍ଚା ସହ ସାମାଜିକ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରାଇଲେ ।

ଯୁବକ ଯୁବତୀ ମାନଙ୍କ ନିମନ୍ତେ ବ୍ୟାୟାମଶାଳା ମଧ୍ୟ କରାଇ ସେମାନଙ୍କୁ ଶାରୀରିକ ଶିକ୍ଷା ଓ ଆଧ୍ୟାତ୍ମିକତାର ଯୁଗୋପଯୋଗୀ ଶିକ୍ଷା ଦେବାର ବ୍ୟବସ୍ଥା କରାଇଲେ । ଗାଁର ପିଲାମାନେ ପାଠସାଠ ପଢ଼ି ପଥଭ୍ରଷ୍ଟ ନ ହୁଅନ୍ତୁ ସେଥିପାଇଁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ବ୍ୟବସ୍ଥା କରାଇଲେ ।

ଏସବୁରେ ତାଙ୍କ ପତ୍ନୀ ମଧ୍ୟ ତାଙ୍କ ସହିତ ଯୋଗ ଦେଇ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ।

ଦେଖୁ ଦେଖୁ କିଛି ବର୍ଷ ଭିତରେ ତାଙ୍କ ଜନ୍ମସ୍ଥାନ ବାଘଲପୁର ଅଞ୍ଚଳ ଏକ ଆଦର୍ଶ ଅଞ୍ଚଳରେ ପରିବର୍ତ୍ତନ ହୋଇଗଲା । କେତେକ ଲୋକ ପ୍ରଥମେ ପ୍ରଥମେ ସମାଲୋଚନା କରି କେତେ କଥା କହୁଥିଲେ ଅବି ସବୁ ଅବାକ୍ । ଜୀବନର ଶେଷ ବେଳକୁ ତାଙ୍କ ପୈତୃକ ଘରଟି ଛାଡ଼ି ବାକି ସବୁ ଅର୍ଥ, ସମ୍ପତ୍ତି ଜନ କଲ୍ୟାଣାର୍ଥେ ଉଇଲରେ ଲେଖିଦେଲେ । ତାଙ୍କର ଅନେକ

 Magazine Downloaded from www.aahwaan.com

ଜନମଙ୍ଗଳ କାର୍ଯ୍ୟ ଦେଖି ସମସ୍ତେ କହିବାକୁ ଲାଗିଲେ, "ଯୁଗ ପରିବର୍ତ୍ତନ ବେଳାର ଏସବୁ ଲକ୍ଷଣ, ରାଧାମୋହନ ବାବୁଙ୍କ ପରି ଯଦି ଧନୀକ ଗୋଷ୍ଠୀ ଏହିପରି ଚିନ୍ତା କରି କିଛି କରନ୍ତେ ତ ଦୁନିଆ ଆଜି ସୁନାର ଦୁନିଆ ହୋଇଯାନ୍ତା । ତାଙ୍କ ପିଲାମାନେ ଗାଁକୁ ଯେତେବେଳେ ଆସିଲେ ଏସବୁ ବିଷୟରେ ଜାଣିବା ପରେ ତାଙ୍କୁ ବିଗିଡ଼ି ଯାହା ଇଚ୍ଛା ତାହା କହିଗଲେ କିନ୍ତୁ ସେ ଖାଲି ପଦୁଟିଏ କହିଥିଲେ, "ଯାଅ ଫେରିଯାଅ ତୁମର ସେହି ଆମେରିକାକୁ । ଆମର ତୁମପରି ପିଲା ଆବଶ୍ୟକ ନାହିଁ ।" ଶୋଭନୀୟା ଦେବୀ ମଧ୍ୟ ନିଜ ପତିଙ୍କୁ ସମର୍ଥନ କଲେ । ପୁତ୍ର ଦୁଇ ଜଣ ସେମାନଙ୍କ ପରିବାର ସହ ଫେରିଗଲେ ।

ପ୍ରାୟ ବାର ବର୍ଷ ପରେ ରାଧାମୋହନ ବାବୁଙ୍କ ଦେହାନ୍ତ ହେଲା, ପିଲାମାନେ ଆସିଲେ ହେଲେ ବାବୁଙ୍କ ଇଚ୍ଛାନୁସାରେ ସେହି ଅଞ୍ଚଳର ଲୋକମାନେ ତାଙ୍କର ଶବ ଦାହ କଲେ । ବାବୁଆଣୀ ନିଜ ଜିଦରେ ଅଟଳ ରହିଲେ ନିଜ ପତିଘର ଛାଡ଼ି ପିଲାଙ୍କ ସହ ନ ଯିବା ପାଇଁ ।

ଲୋକମାନେ ସମସ୍ତେ ଏକସ୍ୱରରେ କହିଲେ, "ଆମେ ସମସ୍ତେ ଅଛୁ, ବାବୁଆଣୀଙ୍କ କିଛି ଅସୁବିଧା ହେବାକୁ ଦେବୁ ନାହିଁ ।" ଏସବୁ ଦେଖି ଦୁଇ ପୁଅଙ୍କ ହୃଦୟ ଦହି ହୋଇ ଯାଉଥାଏ ।

ଶିଶିର ପଣ୍ଡା, କଟକ ।

 Magazine Downloaded from www.aahwaan.com

# ସନ୍ୟାସୀବାବାଙ୍କ ପ୍ରତ୍ୟାବର୍ତ୍ତନ



ବାଲ୍ମୀକି ନାୟକ

ମୁଁ ଏହା ପୂର୍ବରୁ ଗୋଟିଏ ଗଳ୍ପ "ମୋ ସାଙ୍ଗ ସନିଆ ଓରଫ ସନ୍ୟାସୀ ବାବା"ରେ ସନ୍ୟାସୀର ଜୀବନ ବୃତ୍ତାନ୍ତ ଓ ତା'ର ବିଚାରଧାରା ସମ୍ପର୍କରେ ଲେଖିଥିଲି । ଆମର ଚାଳିଶି ବର୍ଷର ବ୍ୟବଧାନ ପରେ ଦୁହେଁ ମିଶିଥିଲୁ । ଆମେ ପିଲାଦିନର ଅନ୍ତରଙ୍ଗ ସାଙ୍ଗ ହୋଇଥିବାରୁ ଆମ ଭିତରେ କିଛି ଲୁଚା ଛପା ରହୁ ନଥିଲା । ସେଦିନ ସେ ମୋ ଆଗରେ ତା'ର ଜୀବନର ସବୁକିଛି ପାପ ଓ ପୁଣ୍ୟର କାହାଣୀ ବଖାଣି ଦେବାକୁ ଚାହିଁଥିଲା । କାରଣ ଆମର ଚିନ୍ତାଧାରା ପ୍ରାୟ ଏକାଭଳି ଥିଲା । ପିଲାଦିନେ ଦୁହେଁ ମନ୍ଦିରକୁ ଯାଉ କେବଳ ଭୋଗ ଖାଇବା ପାଇଁ । ଠାକୁରଙ୍କୁ ପୂଜା କରୁନଥିଲୁ । କାଳେ କିଛି ଅନିଷ୍ଟ ଘଟିଯିବାର ଭୟ ତ ମନରେ ରହୁଥିଲା କିନ୍ତୁ ଆମେ ଦେଖୁଥିଲୁ ଯେ ଯେଉଁ ଦିନ ଆମେ ପୂଜା କରିନାହୁଁ ସେଦିନ ତ ଆମର କିଛି ଅନିଷ୍ଟ ହେଉନାହିଁ । କାର୍ତ୍ତିକ ମାସର ପଞ୍ଚୁକ ପାଞ୍ଚ ଦିନରେ ମଧ୍ୟ ଆମେ ହୋଟେଲରେ ଆମିଷ ଭୋଜନ କରିଛୁ । କିଛି ତ ଅଘଟଣ ଘଟିନି । ଥରେ ଆମ ଗାଆଁର ଗୋଟିଏ ଲୋକର ବାର୍ଷିକ ଶ୍ରାଦ୍ଧ ହେଉଥାଏ । ମୃତ ବ୍ୟକ୍ତିଙ୍କ ବଡ଼ପୁଅ ତାଙ୍କ ଘରେ ପୂଜା କରିସାରି ପିଣ୍ଡ ଦାନ କରିବାପାଇଁ ଚାରି ଗୋଟି କାକରା ପିଠା,ତାଟିଏ ଖିରୀ ଆଦି ଆଣି ଗାଁ' ବାହାରେ ଥିବା ବାପାଙ୍କର ସମାଧି ଉପରେ କଦଳୀ ପତ୍ରରେ ବାଢ଼ିଦେଇ, ସମାଧିକୁ ମୁଣ୍ଡିଆ ମାରିଚାଲିଗଲେ । ଆମେ ଦୁଇ ସାଙ୍ଗ ସେତିକିବେଳେ ସେହି ବାଟେ କୌଣସି କାମରେ ଯାଉଥିଲୁ। ସେ କ'ଣ କରୁଛି ଦେଖିବାକୁ ଖଣ୍ଡେ ଦୂରରେ ଠିଆ ହୋଇଥିଲୁ । ଲୋକଟି ଚାଲିଗଲା ପରେ ମୁଁ କହିଲି -

 Magazine Downloaded from www.aahwaan.com

"ସନିଆ ଦେଖ୍ କି ବଢିଆ କାକରା ପିଠା, ଖିରୀ ବଢ଼ା ହୋଇଛି । ଏଠାରେ ତ କାଉ କି କୁକୁର କିଛି ନାହାନ୍ତି ।କେହି ଲୋକ ମଧ୍ୟ ଦେଖିବାକୁ ନାହାନ୍ତି । ଆମେ ସେସବୁ ଖାଇଦେଲେ କ'ଣ ହେବ ?"

ସେ କହିଲା - "କିଛି ହେବନି । ତା' ବାପା ମଲାଣି ବର୍ଷେ ହେଲାଣି ଆଉ ଆତ୍ମା ଆସି ଆମକୁ ଡ଼ରାଇବ କଅଣ ?"

ଆମେ ଆଉ କାଳ ବିଳମ୍ବ ନ କରି ଦୁହେଁ ସବୁତକ ଖାଇ ଦେଲୁ । ତାପରେ ସତରେ ଆମର କିଛି ବି ହେଲାନି । ଏମିତି ଅନେକ ଘଟଣା ପରେ ଆମର ମନରୁ ଭୟ ଦୂର ହୋଇଯାଇଥାଏ ।

ଆମେ ମାଟ୍ରିକ ପଢିବା ବର୍ଷ ପୁରୀରେ ଜଗନ୍ନାଥଙ୍କ ନବ କଳେବର ଯାତ୍ରା ହେଲା । ଆମେ ଦୁଇସାଙ୍ଗ ଗଲୁ ରଥ ଯାତ୍ରା ଦେଖିବା ପାଇଁ । ଦୁହେଁ ଖୁବ ମସ୍ତି କଲୁ । ସମୁଦ୍ରରେ ଗାଧୋଇବା, ବାଲିରେ ଖେଳିବା, ରାସ୍ତାକଡ଼ ଦୋକାନରୁ ମନ ସୁଆଦିଆ ଖାଦ୍ୟ କିଣି ଖାଇବା, ସିନେମା ଦେଖିବା, ଦିନରେ ମନ୍ଦିରର ଅବଢ଼ା ଖାଇ, ରାତିରେ ହୋଟେଲରେ ମାଂସ ଭାତ ଖାଇଲୁ । ଆମେ ଭକ୍ତଙ୍କ ଭିତରେ ପଶି ରଥ ଦଉଡି ଟାଣିବାକୁ ମୋଟେ ଗଲୁନାହିଁ । ଆମେ ଦୁଇ ଦିନ ପରେ ଗାଆଁକୁ ଫେରିବା ବାଟରେ ସନିଆ କହିଲା - "ଆରେ ଆମେ ଯେଉଁ କାମ ପାଇଁ ପୁରୀ ଯାଇଥିଲେ ସେହି କାମ ତ କଲେ ନାହିଁ । କାଳେ କିଛି ଅଘଟଣ ଘଟିବକି ?" ମୁଁ କହିଲି - "ନାଇଁରେ ! ଆଜି ପର୍ଯ୍ୟନ୍ତ କିଛି ହେଲାନି ଆଉ କ'ଣ ହେବ ?" ସତରେ କିଛି ବି ହେଲାନି ।

ଆମ ଦୁହିଁଙ୍କ ମଧ୍ୟରେ ଆଧ୍ୟାତ୍ମିକ ବିଚାରଧାରା ସିନା ଏକା ଥିଲା କିନ୍ତୁ ଆମ ଦୁହିଁଙ୍କ ଚରିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା । ସେ ଯୌବନର ତାଡ଼ନାରେ କିଛି ଭୁଲ କରିଦେଉଥିଲା ଯାହା

 Magazine Downloaded from www.aahwaan.com

ସମାଜ ଦ୍ୱାରା ଗ୍ରହଣୀୟ ନୁହେଁ । ମୁଁ ସେ ସବୁର ଧାରଧାରେ ନାହିଁ । ତା'ର ଥିଲେ ଏକାଧିକ ପ୍ରେମିକା, ମୋର ଗୋଟିଏ ବି ନଥିଲେ । ସେଇ ଗୋଟିଏ ଭୁଲ ଯୋଗୁ ସିଏ ଘର ଛାଡିବାକୁ ବାଧ୍ୟ ହୋଇଥିଲା ।

ମୁଁ ଗତ ଥର ତା'ର ପ୍ରବଚନ ମଣ୍ଡପରେ ମିଶି ଥିଲି । ସେ ମୋତେ ତା'ର କୋଠାଘରକୁ ନେଇଯାଇଥିଲା । ସେତେବେଳେ ସେ ଅବିବାହିତ ଥିଲା । ତା'ର ସୁସଜିତ କୋଠରୀରେ ଆମେ ଦୁହେଁ ଗୋଟିଏ ରାତି କେବଳ ବାର୍ତ୍ତାଳାପରେ ବିତେଇ ଥିଲୁ । ସେ ସେତେବେଳେ ନିଜ ଜୀବନରେ ନାସ୍ତିକରୁ ଆସ୍ତିକ କିପରି ହେଲା ? ପରେ ସେ ପୁଣି ନିରୀଶ୍ୱରବାଦକୁ କାହିଁକି ସମର୍ଥନ କରୁଛି ? ତଥାପି ଏହି "ବାବା" ପଦ କାହିଁକି ଛାଡି ପାରୁନି ଇତ୍ୟାଦି ଉପରେ ସେ ମୋତେ ତର୍କ ସଙ୍ଗତ ଭାବେ ବୁଝାଇ କହିଥିଲା ।

ମୁଁ ତାକୁ ପରାମର୍ଶ ଦେଇଥିଲି - "ତୁ ଯଦି ବୁଝି ପାରିଛୁ ଯେ ଈଶ୍ୱର ଓ ଧର୍ମ ବୋଲି କିଛି ନାହିଁ ତେବେ ଏବେ ଏହି "ବାବା" ଖୋଳ ତ୍ୟାଗ କରିଦେଲେ କୌଣସି ଅସୁବିଧା ହେବନି । ଏପରିକି ବାବା-ବେଶରେ ଥାଇ ମଧ୍ୟ ଲୋକମାନଙ୍କୁ ଧାର୍ମିକ ପ୍ରବଚନ ବଦଳରେ ବୈଜ୍ଞାନିକ ଚିନ୍ତନ ପ୍ରଚାର କରିପାରିବୁ । ସମାଜରେ ଆହୁରି ଅନେକ ପ୍ରକାର ସେବା କର୍ମ ରହିଛି , ଯାହାକୁ କରିବାପାଇଁ ଜନ ସମର୍ଥନ ମଧ୍ୟ ପାଇବୁ । ତୋର ବୟସ ମଧ୍ୟ ବେଶୀ ହୋଇନାହିଁ । ତୁ' ଚାହିଁଲେ ମନ ପସନ୍ଦର ସ୍ତ୍ରୀଟିଏ ମିଳିପାରିବ । ତୋ' ପାଖରେ ବର୍ତ୍ତମାନ ଧନ ସମ୍ପତ୍ତିର ଅଭାବ ନାହିଁ । କେବଳ ଜୀବନ ସାଥିଟିଏ ମିଳିଗଲେ ସବୁ କିଛି ଆହୁରି ସହଜ ହୋଇଯିବ ।"

ଇତି ମଧ୍ୟରେ ଗୋଟିଏ ବର୍ଷ ବିତି ଯାଇଥିଲା । ସନିଆ ସହିତ ମୋର ଫୋନରେ ମଝିରେ ମଝିରେ କଥାବାର୍ତ୍ତା ମଧ୍ୟ ହେଉଥିଲା । ସେ ଧାର୍ମିକ ପ୍ରବଚନ ଦେବା ଧିରେ ଧିରେ ବନ୍ଦ କରିଦେଇଥିଲା । ନିଜେ ଅକ୍ଲାନ୍ତ ପରିଶ୍ରମ କରି ନିଜର ବାସଭବନରେ ଗୋଟିଏ

 Magazine Downloaded from www.aahwaan.com

'ଅନାଥାଳୟ' ଖୋଲିଦେଇଥିବା କଥା କହୁଥିଲା । ରାସ୍ତା କଡ଼ରୁ ଭିକ ମାଗୁଥିବା ପିଲାଙ୍କୁ ମନେଇ ନିଜ ଘରକୁ ନେଇ ଆସୁଥିଲା । ସେମାନଙ୍କ ପାଇଁ ଖାଇବା ଓ ରହିବାର ସୁବିଧା କରି ପାଠ ପଢ଼ାଇବା କାମ ବି କରୁଥିଲା । ଏଥିପାଇଁ କିଛି ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳୁଥିଲା । ମୁଁ ତା'କୁ ଅଭିନନ୍ଦନ ଜଣାଇ ଉତ୍ସାହିତ କରୁଥିଲି ।

ମୁଁ ତା'ର ଏହି ପରିବର୍ତ୍ତନ ଦେଖିବାକୁ ଥରେ ତା'ର ସହରକୁ ଯିବା ଅତ୍ୟନ୍ତ ଜରୁରୀ ମନେ କଲି । ତା'କୁ ପୂର୍ବ ସୂଚନା ନ ଦେଇ ଦିନେ ସିଧା ତା' ଘରେ ପହଞ୍ଚି ଗଲି । ସେ ମୋତେ ଦେଖି ଭାବାବେଗରେ କୁଣ୍ଢାଇ ପକାଇଲା । ମୋ ହାତ ଧରି ଟାଣି ନେଇଗଲା ତା'ର ସେହି ପୂର୍ବ କୋଠରୀକୁ । ଯେଉଁଠି ଆମେ ବସି ସିଗାର ଟାଣୁଥିଲୁ । କୋଠରୀଟି ପୂର୍ବ ଭଳି ସଜେଇ ହୋଇ ରହିଛି । ମୁଁ ଦେଖିଲି ତା'ର ଆଲମିରାରେ ପୂର୍ବ ଭଳି ବହି ସବୁ ଭର୍ତ୍ତି ହୋଇଛି କିନ୍ତୁ ଧର୍ମଗ୍ରନ୍ଥ ଗୁଡିକ ନାହିଁ । ତା' ବଦଳରେ ଅନେକ ଜ୍ଞାନ ବିଜ୍ଞାନର ଶିକ୍ଷଣୀୟ ବହି ଅଛି ।

ମୁଁ ପଚାରିଦେଲି - କିରେ ସେଗୁଡିକ କାହିଁ ?

ସେ କହିଲା - "ସେ ସବୁକୁ ମୁଁ ଗଣ୍ଠିଲି ବାନ୍ଧି ଷ୍ଟୋର ରୁମରେ ସାଇତି ଦେଇଛି ।"

ମୁଁ କହିଲି - ଆଜି ଆଉ ସିଗାର ଟାଣିବାକୁ ଦେବୁ ନାହିଁ ?

ସେ କହିଲା - "ନାହିଁ ! ମୁଁ ସବୁ ନିଶାଦ୍ରବ୍ୟ ସେବନ କରିବା ଛାଡି ଦେଇଛି ।"

ଏହି ସମୟରେ ଜଣେ ସୁନ୍ଦର, ସୁଠାମ ବୟସ୍କା ସ୍ତ୍ରୀଲୋକ କୋଠରୀକୁ ପଶି ଆସିଲେ । ହାତରେ କେବଳ ଦୁଇ ଦୁଇ ପଟ ସୁନା ଚୁଡ଼ି, ମୁଣ୍ଡରେ ସିନ୍ଦୁର ନାହିଁ କିନ୍ତୁ ଗୋଟିଏ ଛୋଟ ନାଲି ଟିକିଲି ଲଗାଇଛନ୍ତି । ସୁନ୍ଦର ଦାମିକା ଶାଢୀରେ ଭଦ୍ର ମହିଳା ଗୋଟିଏ ସମ୍ଭ୍ରାନ୍ତ ଘରର ଗୃହିଣୀ ଭଳି ଲାଗୁଥିଲେ । ମୁଁ କିଛି କହିବା ପୂର୍ବରୁ ସେ ମୋତେ ଅତି ନମ୍ରତାର ସହ ନମସ୍କାର ଜଣାଇଲେ । ମୁଁ ବି ପ୍ରତି ନମସ୍କାର ଜଣାଇଲି । ଭାବୁଥିଲି -ସନିଆର କେହିଜଣେ

 Magazine Downloaded from www.aahwaan.com

ନାରୀ ବନ୍ଧୁ ହୋଇଥିବେ ।

ସେ ମୋତେ ଆଶ୍ଚର୍ଯ୍ୟ କରିବା ପାଇଁ କହିଲେ - "ମୁଁ ଆପଣଙ୍କୁ ଜାଣେ । ଆପଣ ସନ୍ୟାସୀ ବାବୁଙ୍କର ପିଲାଦିନର ଅତି ପ୍ରିୟ ସାଙ୍ଗ । ଆପଣଙ୍କର ଗୋଟିଏ ଫୋଟ ଆମର ଶୟନ କକ୍ଷରେ ଟଙ୍ଗା  ହୋଇଛି ।"

ମୁଁ ପ୍ରଶ୍ନବାଚୀ ଦୃଷ୍ଟିରେ ଏହାର ଉତ୍ତର ଜାଣିବାକୁ ସନିଆକୁ ଚାହିଁଲି ।

ସନିଆ ଦୁଷ୍ଟାମୀ ଆଖିରେ ମୋତେ ଚାହିଁ କହିଲା - "ସେ ହେଉଛନ୍ତି ତୋ' ପାଇଁ ସରପ୍ରାଇଜ । ସେ ବର୍ତ୍ତମାନ ମୋର ଜୀବନ ସାଥି । ଆମର ଯଥାରୀତିରେକୋର୍ଟ ମ୍ୟାରେଜ ହୋଇଛି । ତାଙ୍କ ନାଁ 'ସୁନନ୍ଦା' ।"

ମୁଁ ତ ସତରେ ସରପ୍ରାଇଜ ହୋଇ ପଡିଲି । କହିଲି - "ତୁମ ଦୁହିଁଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।"

ସନିଆ କହିଲା - "କ୍ଷମା ଚାହୁଁଛି । ତୋତେ ଆମର ବିବାହ ବେଳକୁ ଜାଣି ଶୁଣି ନିମନ୍ତ୍ରଣ କରିନାହିଁ । ତୁ' ଯେମିତିକା ଲୋକ ମୋତେ ହଜାରେ ପ୍ରଶ୍ନ କରିଥାନ୍ତୁ । ସେହି ଭୟରେ ତୋତେ କେବଳ ସରପ୍ରାଇଜ ଦେବା ପାଇଁ ଏହି ଖବରଟି ଲୁଚାଇ ଦେଇଥିଲି ।"

ଏଥର ସୁନନ୍ଦା ଖୁବ ଆତ୍ମୀୟତାର ସହ ତାଙ୍କର ପରିଚୟ ଦେଇ କହିଲେ - " ମୁଁ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ । ନିକଟସ୍ଥ ଗୋଟିଏ ହାଇସ୍କୁଲରେ ପଢାଉଛି । ଗତ ଛଅ ବର୍ଷ ହେଲା ମୋ ସ୍ୱାମୀଙ୍କର ଦେହାନ୍ତ ହୋଇଯାଇଛି । ମୋର ଗୋଟିଏ ପୁଅ ଉଚ୍ଚ ଶିକ୍ଷିତ । ସେ ବିବାହିତ ଏବଂ ବର୍ତ୍ତମାନ ବିଦେଶରେ ଅଛି ।ମୁଁ ଘରେ ନିହାତି ଏକାକୀ ଥିଲି । ସନ୍ୟାସୀ ବାବୁଙ୍କ ପ୍ରବଚନ ଶୁଣିବାକୁ ମୁଁ କେବେ ଆସି ନାହିଁ । ମୁଁ ଜଣେ ବିଜ୍ଞାନର ଛାତ୍ରୀ ଏବଂ ମୋର ବୈଜ୍ଞାନିକ ଦୃଷ୍ଟିକୋଣ  ଅଛି । ସେ ଯେତେବେଳେ ନିଜ ଘରେ ଅନାଥାଳୟ ଖୋଲିଲେ ମୁଁ ଭାବିଲି ମୋର

 Magazine Downloaded from www.aahwaan.com

ଖାଲି ସମୟ ତକ ବିତାଇବା ପାଇଁ ଏହା ଏକ ଉପଯୁକ୍ତ ସ୍ଥାନ । ମୁଁ ସନ୍ୟାସୀ ବାବୁଙ୍କୁ ପ୍ରସ୍ତାବ ଦେଲି - "ମୁଁ ବିନା ଦରମାରେ ପିଲାଙ୍କୁ ବିଜ୍ଞାନ ପଢାଇବି ।" ସେ ଖୁସିରେ ମୋର ପ୍ରସ୍ତାବ ଗ୍ରହଣ କଲେ । ମୁଁ ମୋର ଫ୍ରି ସମୟରେ ଆସେ । ପିଲାଙ୍କୁ ପାଠ ପଢ଼ାଏ । ସନ୍ୟାସୀ ବାବୁଙ୍କ ସହ ବେଳେ ବେଳେ ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ରୂଢିବାଦୀ ପରମ୍ପରା ଉପରେ ଆଲୋଚନା ହୁଏ । ମୁଁ ଧିରେ ଧିରେ ତାଙ୍କର ତର୍କ ସଙ୍ଗତ ଉତ୍ତର ଶୁଣି ତାଙ୍କୁ ପସନ୍ଦ କରିବାକୁ ଲାଗିଲି । ଆମ ଦୁହିଁଙ୍କ ବିଚାର ମେଳ ଖାଉଥିବାରୁ ଦୁହେଁ ଦୁହିଁଙ୍କୁ ଭଲ ପାଇବାରେ ଅସୁବିଧା ହେଲାନି । ମୋ ବିଷୟରେ ସେ ସବୁ ଜାଣି ସାରିଥିଲେ ତେଣୁ ଆମେ ଦୁହେଁ ନିଷ୍ପତି କଲୁ ବିବାହ କରି ରହିଲେ କୌଣସି ଅସୁବିଧା ନାହିଁ । ମୁଁ ମୋର ପୁଅକୁ ମଧ୍ୟ ବୁଝାଇଲି । ସେ ବି ଖୁସିରେ ସମ୍ମତି ପ୍ରଦାନ କଲା । ଆମେ ଦୁହେଁ ମିଶି ବର୍ତ୍ତମାନ ଅନାଥ ପିଲାମାନଙ୍କ ଦାୟିତ୍ୱ ସମ୍ଭାଳୁଛୁ । ଗୋଟିଏ କଥା କିନ୍ତୁ କହିବାକୁ ମୁଁ ଭୁଲିବି ନାହିଁ ଯେ ଆପଣଙ୍କ ଉଚିତ ମାର୍ଗ ଦର୍ଶନ ଯୋଗୁ ହିଁ ସେ ନିଜ ଜୀବନରେ ଏତେ ବଡ଼ ପରିବର୍ତ୍ତନ ଆଣି ପାରିଛନ୍ତି ବୋଲି ସେ ମୋତେ ବାରମ୍ବାର କହିଛନ୍ତି । ତେଣୁ ଆପଣଙ୍କୁ କେବେ ଦେଖିବି ବୋଲି ପ୍ରତୀକ୍ଷା କରିଥିଲି ।”

ମୁଁ ଭଦ୍ର ମହିଳାଙ୍କର ସ୍ୱଷ୍ଟ ଓ ଦୃଢ଼ ବକ୍ତବ୍ୟ ଆଗରେ ନିରୁତ୍ତର ହୋଇଗଲି ।

ସନ୍ୟାସୀକୁ 'ସନିଆ' ବୋଲି ଡାକୁଥିବା ସାଙ୍ଗ ପ୍ରତି ମୋର ଶ୍ରଦ୍ଧା ଓ ସମ୍ମାନ ବଢିଯାଇଥିଲା । ସେଦିନ ରାତିରେ ସୁନନ୍ଦାଙ୍କ ହାତରନ୍ଧା ଖାଦ୍ୟ ମୋତେ ଅମୃତ ତୁଲ୍ୟ ସ୍ୱାଦିଷ୍ଟ ଲାଗିଥିଲା ।

ଆମର ଖାଇବା ଶେଷ ହେବା ପରେ ସୁନନ୍ଦା ଆମକୁ ଛାଡି ଅନ୍ୟ କାମରେ ଚାଲିଗଲେ ।

 Magazine Downloaded from www.aahwaan.com

ସନିଆ ମୋତେ କହିଲା - "ଏଥର ତୋତେ ଆଉ କିଛି ମଜା କହୁଛି ଶୁଣ - ସାଧୁ ବା ବାବାମାନଙ୍କ ଠାରୁ ଲୋକମାନେ କ'ଣ କ'ଣ ଆଶା କରୁଛନ୍ତି ତା'ର ଉଦାହରଣ ଦେଉଛି । ଗୋଟିଏ ଶିକ୍ଷିତ ଧନୀ ପରିବାରରେ ବିଧବା ଶାଶୁ, ପୁଅ ଓ ବୋହୂ ରହୁଛନ୍ତି । ତାଙ୍କ ଘରେ ଶାଶୁ ଓ ବୋହୂଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ରହୁଥାଏ । ମୋ ସମ୍ପର୍କରେ ଶୁଣି ଦିନେ ଶାଶୁ ଆସି ମୋ ସହିତ ଏକାକୀ କଥାବାର୍ତ୍ତା କରିବାପାଇଁ ଅନୁରୋଧ କଲେ । ମୁଁ ତାଙ୍କୁ ସମୟ ଦେଲି ।  ସେ ଆସି କହିଲେ - "ମୁଁ ଗତ ଦଶ ବର୍ଷ ହେଲା ବିଧବା ହେଲିଣି । ଧନ ସମ୍ପତ୍ତିର ଅଭାବ ନାହିଁ । ଏକ ମାତ୍ର ପୁଅକୁ ପାଠ ପଢାଇ ମଣିଷ କଲି । ଦେଖି ଚାହିଁ ଭଲ ଘରର ଶିକ୍ଷିତା ଝିଅଟିଏ ସହ ବିବାହ କରାଇଲି । ବୋହୂର ବାକି ସବୁ ଭଲ ହେଲେ ମୋ ପୁଅକୁ ବଶ୍ୟ କରି ରଖିଛି । ଆଗରୁ ମୋତେ ନ ପଚାରି ପୁଅ କୌଣସି କାମ କରୁ ନଥିଲା । ଏବେ ସେ କେବଳ ତା'ର ସ୍ତ୍ରୀ କଥା ମାନୁଛି, ମୋ କଥା ଜମାମାନୁନି । ବାବା ଆପଣ କିଛି ଚମତ୍କାର କରିଦିଅନ୍ତୁ ଯେ ମୋ ପୁଅ ମୋ କଥା ମାନିବ । ଆପଣ ଯାହା ମାଗିବେ ମୁଁ ଦେବାକୁ ରାଜି ଅଛି ।"

ମୁଁ ତାଙ୍କ କଥା ଶୁଣି ହସିବି କି କାନ୍ଦିବି ବୁଝି ପାରୁ ନଥାଏ । ତଥାପି ତାଙ୍କ କଥା ଧୈର୍ଯ୍ୟଧରି ଶୁଣି ସାରି କହିଲି - ଦେଖ ମାଆ, ମୁଁ ତୁମ କଥା ବୁଝି ପାରୁଛି । ଏଥିରେ ତୁମର ପୁଅ ବା ବୋହୂର କିଛି ଦୋଷ ନାହିଁ । ପୁଅ ତ ଭଲ ବୋଲି ତୁମେ ଜାଣିଛ । ବୋହୂଟି ମଧ୍ୟ ବାକି ସବୁରେ ଭଲ ବୋଲି କହୁଛ । ବର୍ତ୍ତମାନ ସମସ୍ୟା ହେଉଛି - ତୁମର ଆତ୍ମସମ୍ମାନକୁ ବାଧା ଲାଗୁଛି । ଆଜି ଯାଏଁ ପୁଅ ତୁମର ପଣତ କାନି ତଳେ ରହୁଥିଲା । ବର୍ତ୍ତମାନ ଗୋଟିଏ ଯୁବତୀ ତା' ଜୀବନରେ ଆସିଛି । ପୁଅର ପ୍ରାକୃତିକ ଆବଶ୍ୟକତା କେବଳ ସେ ହିଁ ପୂରଣ କରୁଛି । ତେଣୁ ତୁମ ପୁଅ ସ୍ୱାଭାବିକ ଭାବେ ତା' ସ୍ତ୍ରୀର କଥାକୁ ମାନିବ । ତୁମେ ଟିକିଏ

 Magazine Downloaded from www.aahwaan.com

ଭଲଭାବେ ମନେ ପକାଅ ଯୌବନ କାଳରେ ତୁମ ସ୍ୱାମୀ ତୁମ କଥା ମାନୁଥିଲେ କି ନାହିଁ ? ଯେବେ ନ ମାନୁଥିଲେ ତୁମକୁ ଦୁଃଖ ଲାଗୁଥିଲା କି ନାହିଁ ? ତୁମ ବୋହୂକୁ କୌଣସି ଯାଦୁ ମନ୍ତ୍ର ଜଣା ନାହିଁ । ସେ କେବଳ ତା'ର କର୍ତ୍ତବ୍ୟ କରୁଛି । ତୁମେ ଯଦି ସତରେ ତୁମ ପୁଅକୁ ଭଲ ପାଉଛ ତେବେ ଯେଉଁ ଝିଅଟି ତୁମ ପୁଅକୁ ଖୁସି ଦେଉଛି ତୁମେ ମଧ୍ୟ ସେହି ଝିଅଟିକୁ ଭଲ ପାଅ ।  ବର୍ତ୍ତମାନ ତୁମର ବୟସ ଅନୁସାରେ ଘର ଜଞ୍ଜାଳରୁ ନିଜକୁ ମୁକ୍ତ କରି ଦିଅ । ସେମାନେ ଘର ସମ୍ଭାଳନ୍ତୁ । ତୁମେ ଧର୍ମ କର୍ମରେ ମନ ଦିଅ ଘରେ ଆପେ ଶାନ୍ତି ଫେରି ଆସିବ ।"

ମୁଁ ଏତିକି କହି ତାଙ୍କ ମୁହଁକୁ ଚାହିଁଲି । ସେ ମୋ କଥାରେ ଟିକିଏ ମଧ୍ୟ ଖୁସି ହେଲେନି । ମୁହଁରେ ବିରକ୍ତି ଭାବ ପ୍ରକଟ କରି ଉଠି ଚାଲିଗଲେ । ତା'ପର ଦିନ ଖବର ପାଇଲି ସେ ମୋ ବିଷୟରେ କୁତ୍ସା ରଟନା କରୁଛନ୍ତି - "ସନ୍ୟାସୀ ବାବା ଜଣେ ମହାଠକ ତା ପାଖରେ କୌଣସି ଦୈବୀଶକ୍ତି ନାହିଁ ।"ଇତ୍ୟାଦି ଇତ୍ୟାଦି ।

ତାଙ୍କର ବୋହୂ ଶୁଣିଲା ଯେ ଶାଶୁ ମୋ ପାଖକୁ ଆସିଥିଲେ । ସେ ବି ଦିନେ ଆସି ମୋ ସହ ଏକଲାରେ କଥା ହେବାକୁ ଅନୁରୋଧ କଲା । ମୁଁ ସମୟ ଦେଲି ।  ସେ କହିଲା - "ବାବା ମୋ ଶାଶୁ ଆପଣଙ୍କ ପାଖକୁ ଆସିଥିଲେ ବୋଲି ଶୁଣିଲି । ତେଣୁ ମୋର ଦୁଃଖ ମଧ୍ୟ ଆପଣ ଶୁଣନ୍ତୁ । ମୋର ସ୍ୱାମୀ ବହୁତ ଭଲ, ହେଲେ ମୋ ଶାଶୁ ସବୁବେଳେ ତାଙ୍କୁ ନିଜ ପଣତ କାନିରେ ବାନ୍ଧି ରଖିବାକୁ ଚାହୁଁଛନ୍ତି । ଆପଣ ମୋତେ ଟିକିଏ ସାହାଯ୍ୟ କଲେ ମୋର ଦୁଃଖ ଦୂର ହେଇପାରିବ । ଆପଣ ଯେତିକି ଟଙ୍କା ଚାହିଁବେ ମୁଁ ଦେବି ।"

ମୁଁ ତାକୁ ବୁଝାଇବା ପାଇଁ କହିଲି -"ମୁଁ ତୋର ଶାଶୁଙ୍କୁ ବୁଝାଇ ଦେଇଛି । ତୁ' ବି ବୁଝିବାକୁ ଚେଷ୍ଟା କର । ଯଦି ତୋ ସ୍ୱାମୀ ତାଙ୍କ ମାଆଙ୍କୁ ଭକ୍ତି କରୁଛନ୍ତି ଓ ତାଙ୍କ କଥା

 Magazine Downloaded from www.aahwaan.com

ମାନୁଛନ୍ତି ତେବେ ତୁ' ତାଙ୍କ ପାଇଁ ଗର୍ବ କରିବା କଥା ଯେ ତାଙ୍କ ଭଳି ଜଣେ ଶ୍ରେଷ୍ଠ ପୁରୁଷକୁ ତୁ' ସ୍ୱାମୀ ଭାବେ ପାଇଛୁ । ନଚେତ ଆଜିର ଯୁଗରେ ପୁଅମାନେ ବିବାହ କରିବା ପରେ ନିଜର ବାପା ଓ ମାଆଙ୍କୁ ଅବହେଳା କରୁଥିବା ଦୃଶ୍ୟ ବେଶୀ ଦେଖିବାକୁ ମିଳୁଛି । ତୁ' ତ ଏହି ଘରକୁ କାଲି ଆସିଛୁ । ତା' ପୂର୍ବରୁ ତୋ ସ୍ୱାମୀର ସମସ୍ତ ଦାୟିତ୍ୱ ତ ତାଙ୍କ ମା' ହିଁ ତୁଲାଉଥିଲେ । ତାଙ୍କୁ ଯୋଗ୍ୟ କରିଥିବାରୁ ତ ତୁ' ସ୍ୱାମୀ ଭାବେ ଗ୍ରହଣ କଲୁ । ତେଣୁ ତୁ' ଯଦି ତାଙ୍କ ମା'ଙ୍କୁ ସମ୍ମାନ ଦେବୁ, ତାଙ୍କର ମନଜାଣି ସେବା କରିବୁ ତେବେ ତୋ ସ୍ୱାମୀ ମଧ୍ୟ ତୋତେ ବେଶୀ ଭଲ ପାଇବେ । ଏଥିରେ ସନ୍ଦେହ ନାହିଁ । ତୋର କୌଣସି ଦୁଃଖ ରହିବନାହିଁ ।"

ମୁଁ ଦେଖିଲି - "ମୋ କଥା ଶୁଣି ଝିଅଟିର ମୁହଁରେ ମଧ୍ୟ ଖୁସି ନାହିଁ । ସେ ମଧ୍ୟ ଉଦାସ ହୋଇ ଫେରିଗଲା । ସେ ଦୁହେଁ ଚାହୁଁଥିଲେ - (ମିଛରେ ହେଉ ପଛେ ) ମୁଁ ତାଙ୍କୁ କିଛି ଚମତ୍କାରୀ ମନ୍ତ୍ର ପଢାଇ ଥା'ନ୍ତି କିମ୍ବା ମନ୍ତ୍ରସିଦ୍ଧ ତେଉଁରିଆ ବା ତାବିଜ ଦେଇଥା'ନ୍ତି । ସେଥିପାଇଁ ମୁଁ ଯେତେଟଙ୍କା ମାଗିଥା'ନ୍ତି ସେ ଦେଇଥା'ନ୍ତେ ।"

ଆଉ ଗୋଟିଏ ଉଦାହରଣ ଶୁଣିବୁ ? ଜଣେ ଧନୀ ଓ ଶିକ୍ଷିତ ମଧ୍ୟ ବୟସ୍କ ବ୍ୟକ୍ତି ମୋ ପାଖକୁ ଆସି କହିଲେ - "ବାବା ମୋତେ କ୍ୟାନସର ହୋଇଛି ବୋଲି ଡାକ୍ତର କହୁଛନ୍ତି । ମୁଁ କିନ୍ତୁ ବିଶ୍ୱାସ କରୁନି । ଆପଣ ତ ଜଣେ ସିଦ୍ଧ ପୁରୁଷ । ତେଣୁ ଆପଣ ଚାହିଁଲେ ଦୈବୀଶକ୍ତି ବଳରେ ମୋତେ ଆରୋଗ୍ୟ କରି ଦେଇପାରିବେ ।"

ମୁଁ ତାଙ୍କୁ କହିଲି - "ଡାକ୍ତର ପରୀକ୍ଷା କରି ଯଦି କ୍ୟାନସର ହୋଇଛି ବୋଲି କହୁଛନ୍ତି, ଆପଣ ତାହା ବିଶ୍ୱାସ କରନ୍ତୁ । ଆଜିକାଲି ଚିକିତ୍ସା ବିଜ୍ଞାନ ବହୁତ ଉନ୍ନତି କଲାଣି । ଆପଣ କୌଣସି ଭଲ ହସପିଟାଲକୁ ଯାଇ ଚିକିତ୍ସା କରାନ୍ତୁ, ନିଶ୍ଚୟ ଆରୋଗ୍ୟ ହୋଇଯିବେ ।"

 Magazine Downloaded from www.aahwaan.com

ମୋ କଥା ଶୁଣି ସେ ଓଲଟା ମୋତେ ପ୍ରଶ୍ନ କଲେ - "ଆପଣଙ୍କ ପାଖରେ ଯଦି କୌଣସି ଦୈବୀଶକ୍ତି ନାହିଁ ତେବେ ଆପଣ କାହିଁକି ସାଧୁବାବା ସାଜି ବସିଛନ୍ତି ?"

ମୁଁ କହିଲି - "ଆପଣ ଠିକ କହିଛନ୍ତି । କେବଳ ମୋ ପାଖରେ ନାହିଁ, ଦୁନିଆର କୌଣସି ସାଧୁବାବା ପାଖରେ ମଧ୍ୟ ଦୈବୀଶକ୍ତି ନାହିଁ । ଆପଣ ଯାଇ ବିଭିନ୍ନ ବାବାଙ୍କ ପାଖରେ ପରୀକ୍ଷା କରିପାରନ୍ତି । ଏଇଟା ସତ କଥା ଯେ ଆପଣ ଯଦି କୌଣସି ଡାକ୍ତରୀ ଚିକିତ୍ସା ନକରିବେ ତେବେ ଆପଣ ଆରୋଗ୍ୟ ଲାଭ କରିବେ ନାହିଁ । ତେଣିକି ଆପଣଙ୍କ ଇଚ୍ଛା ।"

ସେଦିନ ମୁଁ ଭଲ କରି ଅନୁଭବ କଲି ଯେ ଅନ୍ଧଶ୍ରଦ୍ଧାର କୌଣସି ସୀମା ନାହିଁ । ଲୋକମାନେ କେବଳ ମିଥ୍ୟା ଆଶ୍ୱାସନା ଚାହୁଁଛନ୍ତି । ମୁଁ ଆଗରୁ କେବଳ ସେହିଭଳି ଅନ୍ଧଭକ୍ତମାନଙ୍କୁ ଠକୁ ନଥିଲି ବରଂ ମୁଁ ନିଜକୁ ମଧ୍ୟ ଠକୁ ଥିଲି । ସେତେବେଳେ ତୋ କଥା ମନେ ପଡିଲା । ମୁଁ ଏହି ସାଧୁ ବେଶରେ ରହି ମଧ୍ୟ ସମାଜ ସେବା କରିପାରିବି । ମୋର ଜ୍ଞାନ ଉଦୟ ହେଲା । ମୋର ଏହି ପ୍ରତ୍ୟାବର୍ତ୍ତନ ପାଇଁ ତୁ' ହିଁ ମୋର ଗୁରୁ ହୋଇ ଯାଇଛୁ ।

ମୁଁ କହିଲି - "ଶିଷ୍ୟ ଯଦି ଜ୍ଞାନ ଗ୍ରହଣ କରିବାର ଯୋଗ୍ୟ ନଥାଏ, ତେବେ କୌଣସି ଗୁରୁଙ୍କର ମୂଲ୍ୟ ନାହିଁ । ତେଣୁ ଅସଲ ସମ୍ମାନର ଅଧିକାରୀ ତୁ', ମୁଁ ନୁହେଁ ।”

ସେ ହସିଲା, କହିଲା - "ତୋତେ ପାରି ହେବନିରେ ସାଙ୍ଗ ।"

ବେଙ୍ଗାଲୁରୁ, କର୍ଣ୍ଣାଟକ

ଭ୍ରାମ୍ୟଭାଷ : ୯୪୮୨୦୧୬୨୬୦

 Magazine Downloaded from www.aahwaan.com

# କବିତା ବିଭାଗ

 Magazine Downloaded from www.aahwaan.com

# ତିନୋଟି ଛୋଟ କବିତା



ବେବିସ୍ମିତା କର

## ୧. ସ୍ମୃତି

ସ୍ମୃତିକୁ ତୁମର ସାଇତି ରଖିଛି
ରଖିଥିବି ଥିବା ଯାଏଁ
ଦିନ ପଛେ ଯାଉ
ତୁମେ ଥାଅ ମୋର
ପ୍ରତି
ନିଶ୍ୱାସରେ, ସ୍ପନ୍ଦନରେ ।

## ୨. ତୁମ ବିନା

ସ୍ୱପ୍ନ ମୋ ଅଧୁରା
ତୁମ ବିନା ସାଥି
ସୁର ମୋ ବେସୁରା
ତୁମ ବିନା
ଯେତେଥର ଦେଖେ
ତୁମକୁ ପାଖରୁ
ଲାଗମତେ କାହିଁ ଚିହ୍ନା ଚିହ୍ନା ।

## ୩. କବି

ଦେଖିନି ତୁମର ଚେହେରା ମୁଁ କେବେ
ଆଙ୍କିନି ମୁଁ ତୁମ ଛବି
ହେଲେ ମନ ମୋର
ଚାହେଁ ବାରମ୍ବାର
ସାଜିବାକୁ କାହିଁ କବି ?

 Magazine Downloaded from www.aahwaan.com

# ମୁଁ କଣ ଖରାପ ସତରେ



ପ୍ରିୟଙ୍କା ପ୍ରିୟଦର୍ଶିନୀ

ସତରେ କ'ଣ ମୁଁ ଏତେ ଖରାପ...

ଏକ ସୁନ୍ଦର, ନିରାପଦ ସ୍ଥାନରେ ଧିରେ ଧିରେ ବୃଦ୍ଧି ଘଟୁଥିବା ଜୀବନଟି

ଆଜି ଏକ ଛୋଟ ପରୀକ୍ଷା ପରେ ଏକଦମ ଠପ୍ ।

ଶୃଗାଳ, ଶ୍ୱାନ, ଶାଗୁଣା ମାନଙ୍କ ପାଇଁ ଉଚ୍ଛିଷ୍ଟ

ଅବା ମନୁଷ୍ୟ ସମାଜର ଏକଦମ ନିକୃଷ୍ଟ... 'ମୁଁ'

ସତରେ କ'ଣ...

ସମସ୍ତେ ପଢ଼ିଲେ, ବଢ଼ିଲେ

ଆଉ ମୁଁ ପାରିଲିନି

ଜେଜେ ମା କହିଲା, 'ଲୋ ରେବ, ଲୋ ନିଆଁ, ଲୋ ଚୁଲି'

ଚକ୍ଷୁର ଜ୍ୟୋତିକୁ ଜାଣି ଜାଣି ଅନ୍ଧ ପୁଟୁଳି ବାନ୍ଧିଲି

ଗାନ୍ଧାରୀ ସାଜିଲି...

ସତରେ କ'ଣ....

ସମୟ ଗଡ଼ି ଗଡ଼ି ଯାଏ

ଆଉ ବୟସ ତାଳ ଦେଉଥାଏ

କାଲିର ବାଲ୍ୟ ଜୀବନ

ଆଜି ଯୌବନ ଚମକରେ ଝଲସୁଥାଏ...

ହେଲେ ଏ କ'ଣ ?

 Magazine Downloaded from www.aahwaan.com

ମୁଁ ସାଜିଲି ସଖି କଣ୍ଢେଇ,

ଚାଲେ ସ୍ୱୟଂବର...

ମନ ଚାହୁଁଥାଏ

କର୍ଣ୍ଣ ସମ ବର

କୃଷ୍ଣପରି ରୂପ

ଆଉ ପାର୍ଥପରି ବୀର

ହେଲେ ଭାଗ୍ୟ ଆଉ ନିୟତି

ସେ ନାରୀକୁ ପାଞ୍ଚାଳୀ ସଜାନ୍ତି

ସତରେ କ'ଣ...

କାଲିର ଜନକ ରାଜନନ୍ଦିନୀ

ଅତି ସୁକୁମାରୀ, ଲବଣୀ ପିତୁଳୀ

ପତିବ୍ରତ ପାଇଁ ବାଛିନେଲେ

ଜଂଗଲରେ କାଠିକୁଟାର କୋଠରୀ

ଘୋର ଘନ ବନ

ଲଙ୍କେସ୍ ପାଶେ ବହୁଦିନ

ବହୁ ଅତ୍ୟାଚାର, ଦୁର୍ଦ୍ଦଶା, ଦୁର୍ଦ୍ଦିନ

ଆହା ଟିକେ ସ୍ଫୁରୁ ନଥିଲା ସେ ପ୍ରାଣ

ପର ହିତରେ ସ୍ୱାମୀ

ତେଜିଲେ କନକ ସୁନ୍ଦରୀ

ସତୀତ୍ୱର ରକ୍ଷା ପାଇଁ

 Magazine Downloaded from www.aahwaan.com

ଅଗ୍ନିରେ ଝାସିଲେ ସେ ନାରୀ

ନିଆଁରେ ଜଳିବ ଯେତେ

ସୁବର୍ଣ୍ଣ ଚମକିବ ସେତେ

ମାନିଲାନି ମନ...

ବୁଝିପାରିଲେନି ନିଜ ଦୋଷର କାରଣ...

ଅଶ୍ରୁଧାରରେ ଭିଜୁଥିଲା ଗୌରାଙ୍ଗ

ସ୍ୱୟଂ ସମର୍ପି ହେଲେ ଯାଇ ଧରିତ୍ରୀର ବକ୍ଷ

ମେଲାଣି ନେଉଥିଲା ଆଉ ଏକ ଅଧ୍ୟାୟ...

ସତରେ କ'ଣ...

କାଲି ବି ଅକାରଣେ, ଯାଉଥିଲା ଜୀବନ

ଆଜି ବି ଅଦିନେ ଝରିପଡ଼େ, ବହୁ ଜନମନ

କି ବିଭତ୍ସ, କି ଭୟଙ୍କର

ସେ ଦୃଶ୍ୟ ହୋଇଥିବ

କେତେ ବୁକୁଫଟା

ସେ କ୍ରନ୍ଦନ ଶୁଭୁଥିବ

ଯେତେବେଳେ ମନୁଷ୍ୟରୂପୀ

ପିଶାଚମାନଙ୍କ ଆଘାତରେ ମଉଳିଯାଉଥିବ

ଫୁଟି ଉଠୁଥିବା ପୁଷ୍ପ

ଅବା ଛୋଟ ଛୋଟ ସୁନ୍ଦର କଳିକା ଗୁଚ୍ଛ

ଯୁଗ ଆସୁଛି ଆଉ ଯାଉଛି

 Magazine Downloaded from www.aahwaan.com

ହେଲେ ଆଜି ବି ଝଲମଲ କରୁଥିବା 'ଦିଲ୍ଲୀ' ହେଉ

କିମ୍ବା ମାନଚିତ୍ରରେ ଅସ୍ପଷ୍ଟ 'କୁନ୍ଦୁଲି' ହେଉ

ସବୁଠି ନାରୀ କାନ୍ଦୁଛି, ସହୁଛି ଆଉ ମାରୁଛି

ସତରେ କ'ଣ ମୁଁ ଏତେ ଖରାପ ?

ରାତି ଆଉ କେତେ କ୍ଷଣ

ସୂରୁଜ ଉଇଁବ ଉଇଁବ ହେଉଛି

'ମୁଁ'ର ଜାଗ୍ରତ ଧ୍ୱନୀ ଶୁଭୁଛି ।

ସେ ଆଖିର ଲୁହକୁ ପୋଛିବ

ଲହୁର ଧାରକୁ ରୋକିବ

ମସ୍ତକ ଟେକି ରାଜରାସ୍ତାରେ

ନିଜର ଅଧିକାର ସାବ୍ୟସ୍ତ କରିବ ।

ସେଦିନ ଏ ଧରା ହସିବ

ରାଧାଙ୍କ ପ୍ରେମ ମନେପଡ଼ିବ

ସତୀଙ୍କ ସତୀତ୍ୱ ଦିଶିବ

ନାରୀର ସମ୍ମାନ

ନାରୀର ସାହାସେ

ଆମ ସମାଜ ସ୍ୱତନ୍ତ୍ର ସାଜିବ

'ମୁଁ' ବି ଏଥର ଉକୁଟିବ

ଆମ ଧରାକୁ ଉଜ୍ଜ୍ୱଳ କରିବ ।

 Magazine Downloaded from www.aahwaan.com

# ବାପା



ସୁଶାନ୍ତ କୁମାର ଧଳ

ବୟସ ଅପରାହ୍ନରେ ପାଦ ଦେଇଥିବା

ବୁଢ଼ା ବରଗଛ ସିଏ,

ସେହି ଗଛେ ଆମେ ମେଲିଯାଇଥିବା

ଶାଖା ପ୍ରଶାଖା ସଭିଏଁ ।

କାହିଁ କେତେଦିନୁ ପରିବାର ବୋଝ

କାନ୍ଧରେ ତାଙ୍କର ବୋହି

ଥକି ପଡ଼ିଲେଣି ସଂସାର ଭିତରେ

କେତେ ଦୁଃଖ ସହି ସହି ।

ଜୀବନ ସାରା ସେ ଆମ ସୁଖ ପାଇଁ

ନିଜ କଥା ଭୁଲିଗଲେ

ନିଜ ଖୁସି ନିଜ ମନ ଆବିଳତା

ମନରୁ ପାଶୋରି ଦେଲେ ।

କେବେ ମୁଁ ଦେଖିନି ମନଖୋଲି ସିଏ

ଜୀବନକୁ ଜୀଇଁଛନ୍ତି

ଆମପାଇଁ ନିଜ ସୁଖ ସ୍ୱାଛନ୍ଦ୍ୟକୁ

ଜଳାଞ୍ଜଳୀ ଦେଇଛନ୍ତି ।

ନାନା ଆଦି ଦ୍ରବ୍ୟ ଦେଇଛନ୍ତି ସିଏ

ଆଣି କେତେ ସରାଗରେ

ନିଜ ପାଇଁ କିଛି ଆଣିବାର କେବେ

ଦେଖିନି ମୁଁ ନୟନରେ ।

ହୃଦୟଟା ତାଙ୍କ କେତେ ବଡ଼ ସତେ

ତ୍ୟାଗର ଯେ ମାପ ନାହିଁ

ତାଙ୍କର ଏ ଋଣ ଶୁଝିପାରିବାକୁ

ମୋ ପାଖରେ ଶକ୍ତି ନାହିଁ ।

ଚରଣେ ତାଙ୍କର ରଖିବି ଭକତି

ହୃଦୟ ମନ୍ଦିରୁ ମୁହିଁ

ତାଙ୍କ ପଦରେଣୁ ମୋ ପାଇଁ ଚନ୍ଦନ

ଆନ କିଛି ଲୋଡ଼ା ନାହିଁ ।

ବ୍ରାହ୍ମଣୀକୂଳ, ଜୟନ୍ତରା, ଯାଜପୁର

୭୫୫୦୦୬, ଓଡ଼ିଶା

ଭ୍ରାମ୍ୟଭାଷ : ୮୩୩୮୯୩୪୫୨୭

 Magazine Downloaded from www.aahwaan.com

# ଜୟ ହନୁମାନ



ଡମ୍ବରୁଧର ବାଗ୍

ଆହେ ହନୁମାନ ପବନ ନନ୍ଦନ
ଘେନ ବାରେ ମୋ ପ୍ରଣାମ ।
ଉଡି ବୁଲୁଥାଅ ଗଗନେ ପବନେ
ଆନନ୍ଦରେ ପକ୍ଷୀ ସମ ।
କେଡେ ପରାକ୍ରମୀ ତୁମେ ହେ ଠାକୁର
ଦେଖି ମୁଁ ଯେ ଆଚମ୍ବିତ ।
ସୂର୍ଯ୍ୟ ଦେବତାଙ୍କୁ ଗିଳିଦେଇ ତୁମେ
ବିଶ୍ୱକୁ କଲ ଚକିତ ।
ସମୃଦ୍ର ଲଂଘିଲ ଲଙ୍କାକୁ ପୋଡିଲ
ଧନ୍ୟ ତୁମେ ମହାବଳୀ ।
ମୁଁ ଟିକି ସନ୍ତାନ ଦେଖି ତୁମ ରୂପ
ସଦା ହେଉଅଛି ଭାଳି ।
ରାମଚନ୍ଦ୍ରଙ୍କର ପରମ ଭକ୍ତ ଯେ
ତୁମେ ଆହେ ବଜରଙ୍ଗ ।
ତୁମ ରୂପ ଦେଖି ଭୟଭୀତ ସର୍ବେ
ଦେଇଥାନ୍ତି ଛତ୍ରଭଙ୍ଗ ।
ଟିକି ସିନା ମୁହିଁ ମୋ ସପନ ମହତ
ହେବାକୁ ଯେ ତୁମ ପରି ।

ଆକାଶେ ଉଡିବି ସମୃଦ୍ର ଲଂଘିବି
ଉଠାଇ ଆଣିବି ଗିରି ।
ବିଦ୍ୟା ବୁଦ୍ଧି ଜ୍ଞାନ ଗୁଣର ସାଗର
ତୁମେ ହେ ଅଞ୍ଜନା ସୁତ ।
କରୁଛି ମିନତୀ ଦିଅ ଦିବ୍ୟ ଜ୍ଞାନ
ମାଗୁଛି ବଢାଇ ହାତ ।
ହସ୍ତେ ତୁମ ଗଦା କର୍ଣ୍ଣରେ କୁଣ୍ଡଳ
ଦିଶେ କେଡେ ଶୋଭାବନ ।
ଅଧମ ଅକ୍ଷମ ସନ୍ତାନ ର ଭାଗ୍ୟେ
ଦେଇଯାଅ ଦରଶନ ।
ଶିରରେ ମୁକୁଟ ଶୋଭାପାଏ ଯେହ୍ନେ
ଗଳାରେ ମୋତିର ହାର ।
ଜୟ ହନୁମାନ କେଶରୀ ନନ୍ଦନ
ଧରୁଛି ତବ ପୟର ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି ଫୋନ ନମ୍ବର -
୯୧୭୮୨୨୫୭୬୪ ।

 Magazine Downloaded from www.aahwaan.com

# ଅତିଥି ବନାମ ଗେଷ୍ଟ



ସସ୍ମିତା ସାହୁ

ସାଙ୍ଗ ଟିଏ ଆଜି ଦେଖା ହେଲା ମୋତେ
କଲେଜ ପାଖ ଛକରେ ।
ଏତେ ଦିନ ପରେ ଭେଟା ଭେଟି ହେଲୁ
ଗପିଲୁ ଭାରି ଖୁସିରେ ।।
କଥାରେ କଥାରେ ପଚାରିଲା ମୋତେ
କହ ତୁ ମୋତେ ବୁଝାଇ ।
ଅତିଥି ଆଉ ଗେଷ୍ଟ ଭିତରେ
ଫରକ ଅଛିକି ନାହିଁ ।।
ତା କଥା ଶୁଣି ଭାବିଲି ସାଙ୍ଗ ମୋ
ଭଲ ପ୍ରଶ୍ନ ପଚାରିଲା ।
ଉତ୍ତର ମୁଁ ତାର କେମିତି ଦେବି ଯେ
ମୁଣ୍ଡ ମୋର ଘୁରି ଗଲା ।।
ତଥାପି ମନକୁ ସ୍ଥିର କରି ତାକୁ
କହିଲି ସାଙ୍ଗ ମୋହର ।
ମନ କର୍ଣ୍ଣ ଦେଇ ବୁଝିବାକୁ ହେବ
ଥଣ୍ଡା କରି ମୁଣ୍ଡ ତୋର ।।

ଅତିଥି ଯିଏ ସେ ନ କହି ଆମକୁ
ଅଚାନକ ଆସିଥାନ୍ତି ।
ବିନା ତିଥି ବିନା ସମୟରେ
ଆସି ଘରେ ଆମ ପହଞ୍ଚନ୍ତି ।।
ତାଙ୍କ ପାଇଁ କିଛି ବ୍ୟବସ୍ଥା ନ ଥାଇ
କରୁଆମେ ସତ୍କାର ।
ଆଦର ସମ୍ମାନ କରୁ ତାଙ୍କୁ ଆମେ
ଦେଇ ପାନୀୟଆହାର ।।
ଯେତେ ଦିନ ରହୁ ଆମ ଘରେ ସିଏ
ହୁଏ ନାହିଁ ମନ ଦୁଃଖ ।
ସିଏ ପରା ଆମ ନିଜ ପାଖ ଲୋକ
ତା ପାଇଁ ପାଉ ସୁଖ ।।
ଶୁଣି ସାଙ୍ଗ ମୋର ସନ୍ତୋଷ ହୋଇଲା
କହିଲା ଗେଷ୍ଟ କଣ ।

 Magazine Downloaded from www.aahwaan.com

କୁହ ମୋତେ ଏବେ ବୁଝାଇ ସାଥି ହେ
ତୁମକୁ ମୋର ରାଣ ।।
ଗେଷ୍ଟ ଯିଏ ସେ ପଚାରିକି ଆସେ
ବୁଝିଆମରି ଖବର ।
କେତେବେଳେ ଯିବି ଘରେ ଅଛ କି ନା..
.ଫୋନକରି ବାରମ୍ବାର ।।
ତା କଥା ଶୁଣି ଭିଡି ଯାଉ ଆମେ
ଆଗୁଆ ପ୍ରସ୍ତୁତି ପାଇଁ ।
ଖାଇବା ବସିବା ଶୋଇବା ରହିବା
ସବୁ ବ୍ୟବସ୍ଥା ହୁଅଇ ।।
ଆହୁରି ଶୁଣିଥା କହୁଛି କଥାଟେ
ଆଜିକାଲି ଦୁନିଆର ।
ସମ୍ପର୍କ ଏଇଠି କେମିତି ଚାଲିଛି
ନିଜ ହେଉ କି ସେ ପର ।।
ବାପା ମା' କିମ୍ବା ଭାଇ କି ଭଉଣୀ
ଆସିଲେ ଆମରି ଘର ।
ଆମେ କହୁ ତାଙ୍କୁ ଗେଷ୍ଟ ଆସିଛି
ଏହା ଆମରି ସଂସ୍କାର।।
ଧନ୍ୟ କଳି ଯୁଗ ଧନ୍ୟରେ ଦଇବ
ଏ କି ସମ୍ପର୍କ ଆମ ।
ଆପଣା ଲୋକଙ୍କୁ ଗେଷ୍ଟ କହୁଛେ
ଏ କେମିତିକା ଭ୍ରମ ।।
ଆହୁରି କଥାଟେ ଶୁଣିଥାରେ ସାଙ୍ଗ
ଏମିତି ହେଉଛି ଘରେ ।
ଶୁଣି ନଥିବୁ ତୁ ଏମିତି ଖବର
କହୁଛି ମୁଁ ଧିରେ ଧିରେ ।।
ଗେଷ୍ଟ ହେଉ କି ହେଉ ସେ ଅତିଥି
ଯଦି ରହେ ବେଶୀ ଦିନ ।
ମନରେ ଆମର ପ୍ରଶ୍ନ ଉଠୁଥାଏ
କେବେ କରିବେ ଗମନ ।।
ମନ କଥା ମନେ ମାରି ରଖି ଥାଉ
କହୁନା କିଛି କାହାକୁ ।
ଗଲା ପରେ କହୁ ଏତେ ଦିନ ପରେ
ଫ୍ରି ପାଇଲି ଆଜିକୁ ।।
ବୁଝିଲୁ ତ ସାଙ୍ଗ ଗେଷ୍ଟ ଅତିଥି
କ'ଣ କେମିତି ଅଟେ ।
ଭାବି ଚିନ୍ତି ଏବେବିଚାର କରିବୁ
ଅତିଥି ହେବୁ ନା ଗେଷ୍ଟ ।।..

 Magazine Downloaded from www.aahwaan.com

# ସବୁ ଭାବନାର ପ୍ରତିକ୍ରିୟା



ଅନସୂୟା ପଣ୍ଡା

କିଛି କଲାବେଳେ;

କେବଳ ତାକୁ ହିଁ ଚିନ୍ତାକର,

ପୂଜା କର

କିଛି ସମୟ ପାଇଁ ହୃଦୟର ଗଭୀରତମ ପ୍ରଦେଶରୁ

ସମସ୍ତ ଭକ୍ତି ସେଥିପାଇଁ ଢ଼ାଳିଦିଅ,

ମନପ୍ରାଣ ଦେଇ ତାକୁ ପ୍ରେମ କର

ପୁରାପୁରି ନିଜକୁ ସେଥିପାଇଁ ସମର୍ପଣ କର ।

ତା'ଠାରୁ ଅଧିକ ଆଗକୁ, ଅନ୍ୟ ଜିନିଷକୁ ଭାବନି ।

କେବେ କୌଣସି ସମସ୍ୟାରେ ବିଚଳିତ ହୁଅନି

ନିଜ ସମସ୍ୟାଟା ସବୁବେଳେ ନିଜର

ଆଉ ସମାଧାନ ବି ତୁମର

ଜୀବନକୁ ଯେତେ ହାତମୁଠାରେ ଜାବୁଡ଼ି ଧରିବ

ସେତେ ହୁଗୁଳି ତଳେ ପଡ଼ିଯିବ

ଅତି ସାବଧାନ ହେଲେ ବିପଦ ପାଦେ ପାଦେ ଗୋଡ଼ାଇବ

ପ୍ରତିପତ୍ତି ସମ୍ମାନ ହରାଇବାକୁ ଡରିଲେ ସତରେ ହଜିଯିବ

ଡରିଲେ ଡର ମାଡ଼ିବସିବ ।

ସବୁ ଭାବନାର ପ୍ରତିକ୍ରିୟା ।

ତୁମର ସବୁ ଭାବନା ତୁମରି ଉପରେ ପ୍ରତିଫଳିତ ହୁଏ ।

ଆମ ଭିତରେ ହିଁ ସବୁକିଛି ଅଛି

ପରିସ୍ଥିତିକୁ ସାମ୍ନା କର,

ବିଚାର କର,

ହେଲେ ନିର୍ଣ୍ଣୟ ନେବାରେ ହଡ଼ବଡ଼ ହୁଅନି ।

 Magazine Downloaded from www.aahwaan.com

ଗୋଟେ ଦୁଃଖକଷ୍ଟପୂର୍ଣ୍ଣ ଋତୁର ଯନ୍ତ୍ରଣା
ଯେମିତି
ଅନ୍ୟ ଦିନର ସୁଖ ସବୁକୁ ନଷ୍ଟ କରି ନଦିଏ ।
ସମୟର ପ୍ରଲେପ ସବୁ ଠିକ୍ କରିଦେବ
ଭଲ ସମୟ ନିଶ୍ଚେ ଆସିବ, ଆଉ ବିଲକୁଲ୍
ତୁମର ହୋଇ ଆସିବ ।
ପ୍ରଥମେ ସଜାଡ଼
ନିଜର ବ୍ୟକ୍ତିତ୍ୱକୁ, ଚିନ୍ତାଧାରାକୁ
ଅନ୍ୟ ସବୁ ଆପେ ଆପେ ଆସିବ ତୁମ ପାଖକୁ ।

ପ୍ରଥମେ ଜାଣ;
ନିଜକୁ, ନିଜ ବିଷୟରେ ସତ୍ୟକୁ
ତୁମେ ଅନେକଙ୍କୁ ଆଲୋକ ଦେଖାଇ ପାରିବ ତା'ପରେ ।
କ'ଣ ଅନ୍ୟକୁ ଦେବ ପ୍ରଥମେ ଠିକ କର,
ତାକୁ ନିଜ ଭିତରେ ଧରି ରଖିବାକୁ ନିଜକୁ ପ୍ରସ୍ତୁତ କର ।
ତା'ପରେ ଯାଇ ଅନ୍ୟକୁ ଦେବାକୁ ଠିଆ ହୁଅ ।
ଖୁସି ହୁଅ;
ଅମୂଲ୍ୟ ଜୀବନ ପାଇଁ,
ଆଜିଯାଏଁ ଯାହା ପାଇଛ ସେଥିପାଇଁ
ଯାହା ତୁମେ ଇଛା କରୁଛ ନୁହେଁ
ଯାହା ତୁମର ଦରକାର ତୁମେ ନିଶ୍ଚେ ପାଇବ,
ସମୟ ଅନୁସାରେ ସବୁ ତୁମର ହିଁ ହେବ ।

Magazine Downloaded from www.aahwaan.com

# ସିଏ ସିନା କବି



ସୁରେନ୍ଦ୍ର କୁମାର ମଲ୍ଲିକ

ବନ୍ଧୁର ପ୍ରସ୍ତର କଣ୍ଟକିତ ବନ
ତାକୁ ଯିଏ ମଣେ ନନ୍ଦନକାନନ
ଜହ୍ନରାଇଜରେ ଜାଗା ଖଣ୍ଡେ କିଣି
ତୋଳେ ଅଟ୍ଟାଳିକା ନଭଶ୍ଚୁମ୍ବି ପୁଣି ।
ତୃତୀୟ ନେତ୍ରରେ ଆଙ୍କିପାରେ ଛବି
ଜଗତ ଆଖିରେ ସିଏ ସିନା କବି ।
ବିନା ମେଘେ ସୃଜିପାରେ ଯେ ଦାମିନୀ
ମନ ମରୁଭୂମେ ରଚେ ମନ୍ଦାକିନୀ
ଫୁଟାଏ କମଳ ଶୁଷ୍କ ଜଳାଶୟେ
କାଉଁରୀ ଦେଶର ଯାଦୁକର ପ୍ରାୟେ
ବାଣୀ ଆକାଶର ନବୋଦିତ ରବି
ଜଗତ ଆଖିରେ ସିଏ ସିନା କବି ।

ଲେଖନୀ ଖଡ୍‌ଗର ଶାଣଦିଆ ଧାରେ
ସ୍ୱେଚ୍ଛାଚାରୀ ରାଜା ଶୀର କାଟିପାରେ
ହତସୁଖ ମୁଖେ ତୋଳି ହାସରେଖା
ପ୍ରଶସ୍ତି ପତ୍ରରେ ନ କରି ଅପେକ୍ଷା
କବିତା ଯା’ ପୂଜା ଭାଷା ଯା’ର ଦେବୀ
ଜଗତ ଆଖିରେ ସିଏ ସିନା କବି ।
ନିର୍ଜୀବର ଦେହେ ସଂଚରେ ଜୀବନ
କୁରୂପରେ ଦିଏ ଅପରୂପ ମାନ
ମାଟି ଆଉ ମାଆ ମମତାର କଥା
କବିତା ଯା’ ଗାଏ ବୀରଜାତି ଗାଥା
ବଇରୀରେ ମୈତ୍ରୀ ପାରେ ଯେ ସମ୍ଭବି
ଜଗତ ଆଖିରେ ସିଏ ସିନା କବି ।

 Magazine Downloaded from www.aahwaan.com

ପ୍ରଚଣ୍ଡ ରୌଦ୍ରରେ ବସନ୍ତର ଛୁଆଁ

ଶ୍ରାବଣ ଧାରାରେ ଜାଳେ ଦେହେ ନିଆଁ

କାଚଠାରେ ଦେଖେ କାଞ୍ଚନର ଗୁଣ

ବିନା ଅସ୍ତ୍ରେ ଜିଣେ ପ୍ରଜ୍ଞାପୃଷ୍ଟ ରଣ

ପ୍ରଜାପତି ଭାବେ ଗଢ଼େ ସେ ପୃଥିବୀ

ଜଗତ ଆଖିରେ ସିଏ ସିନା କବି ।

ଶୋଭିତ କୁସୁମେ ପ୍ରେୟସୀ କବରୀ

ନୀଳାକାଶେ ଦୀପ୍ତ ତାରାଗଣ ପରି

ପୂର୍ଣ୍ଣିମାର ଚାନ୍ଦ ଟିକିଲି ପରାଏ

ତୋଳିଆଣି ତା'ର ଲଲାଟେ ସଜାଏ

ପ୍ରେରଣାର ଉତ୍ସ ମନେ ତାକୁ ଭାବି

ଜଗତ ଆଖିରେ ସିଏ ସିନା କବି ।

ଦୁଃଖ ଶସ୍ୟ କ୍ଷେତ୍ରୁ ସୁଖର ଅମଳ

'ଦୁଃସ୍ଥ' ବିଶେଷଣ ଶବ୍ଦ କରି ମାଳ

ନ ଜଳିଲେ ପଛେ ସବୁଦିନ ଚୁଲି

କାନ୍ଧେ ଝୁଲୁଥାଏ ସାହିତ୍ୟିକ ଝୁଲି

ସାଉଣ୍ଟେ ଆନନ୍ଦ ବୀଣାପାଣୀ ସେବି

ଜଗତ ଆଖିରେ ସିଏ ସିନା କବି ।

 Magazine Downloaded from www.aahwaan.com

# ଶେଷମାନବର ବିଳାପ



ପ୍ରିୟଙ୍କା ସାହୁ

କାହିଁ ଗଲ ତାତ କାହିଁ ଗଲ ମାତଃ
ସବୁଶୂନ୍ୟ ଲାଗୁଅଛି ,
କାହିଁକି ବଞ୍ଚିଛି ସ୍ରଷ୍ଟା କି ପାଞ୍ଚିଛି
ନର୍କ ଭୋଗ କରୁଅଛି ।

କ୍ଷୁଧାତୁର ମୁହିଁ ବୁଦ୍ଧି ଦିଶୁନାହିଁ
କିଏ ଭୁଞ୍ଜାଇବ ବସି ,
କା ଆଗେ କହିବି ଅଝଟ କରିବି
ଶଶୀ ଚାହେଁ ଉପହାସି ।

ବନ୍ଧୁ ମିତ୍ର ସଖା କେହି ନାହିଁ ଦେଖା
ଦଇବ ସାଧିଲା ଦାଉ,
ଆଶାହେଲା ଶେଷ ରହିଗଲା କ୍ଲେଶ
ମରେ ବଞ୍ଚି ଥାଉ ଥାଉ ।

ଆସିଲା ପ୍ରଳୟ ଲୁଟିଲା ମଳୟ
ସବୁହେଲା ଶମଶାନ୍,
ଏବେ ବାସସ୍ଥାନ ଭୟର ଆସ୍ଥାନ
ଅଲୋଡା ବାକି ଜୀବନ ।

ସାହାନିଆଜ ପୁର, କଟକ

 Magazine Downloaded from www.aahwaan.com

# ନୂଆ ବରଷ ହେ



ସମ୍ବିତ
ସତ୍ୟପ୍ରକାଶ ମିଶ୍ର

ମନର ଆକାଶେ ଭାସେ ଅମୃତ ଚିନ୍ତନ
ଆସିବା ହେଉ ହେ ବନ୍ଧୁ ତୁମ ଆଗମନ ।୧ ।
ଭରିଦିଅ ହୃଦୟରେ ପ୍ରେମର ଜୁଆର
ହସି ଉଠୁ ପୁରପଲ୍ଲୀ ସହର ନଗର ।୨ ।
ଆନନ୍ଦେ ଜୀବନ ସଙ୍ଗୀତର ହେଉ ଜୟ ଜୟ ଗୀତି
ନୂଆ ବରଷ ହେ ତୁମ ପାଦେ ଅଶେଷ ପ୍ରଣତି ।୩ ।
ଆସ ହେ ନୂଆ ବରଷ ନୂଆ ଆଶା ନେଇ
ସତ୍ୟ ଧର୍ମ ଶାନ୍ତି ଧେୟ ହେଉ ଆମ ଦେଶ ପାଇଁ ।୪ ।
ହସି ଉଠୁ ପ୍ରାଣ ନ ରହୁ ଯନ୍ତ୍ରଣା
ଆବଳବୃଦ୍ଧବନିତା ଧିରେ
ଅର୍ଘ୍ୟ ପୁଷ୍ପାଞ୍ଜଳି ମଣ୍ଡିତ ହେଉ
ଶତଦଳ ସ୍ୱର୍ଣ୍ଣ ଶୋଭା ତୁମ ପୟରେ ।୫ ।
ତୁମ ଯାତ୍ରା ପଥ କୁସୁମିତ ହେଉ,
ମଙ୍ଗଳ ଦୀପାଳି ଜାଳୁ ସଜଳ ନୟନେ
ବାଢୁଅଛି ବିନମ୍ର ଭକତି ,
ସ୍ୱାଗତ ସ୍ୱାଗତ ଶୁଭୁ ତୁମ ଆଗମନେ ।୬ ।

ଠିକଣା : ଗୁଡିଆନାଳୀ, ଢେଙ୍କାନାଳ, ୭୫୯୦୦୧
ଇମେଲ ଠିକଣା :- sambitsm1987@gmail.com

 Magazine Downloaded from www.aahwaan.com

# ଆସ ନୂଆବର୍ଷ



ସତ୍ୟବ୍ରତ ସାହୁ

କରୁଛି ସ୍ୱାଗତ ଆସ ନୂଆବର୍ଷ

ଓଠରେ ଫୁଟାଇ ହସ

ଭୁଲିଯିବ ନାହିଁ ପ୍ରିୟାଠାରୁ ମୋର

ଆଣିବା ପାଇଁ ସନ୍ଦେଶ ।୧

ଗତ ଚିଠିରେ ତା' ଲେଖିଥିଲା ପ୍ରିୟା

ତୁମ ହାତେ ଦେବ ବାର୍ତ୍ତା

କେମିତି ବିତିଛି ସାରା ବରଷଟି

ଲେଖିବ ସେ ସବୁ କଥା,

ବର୍ଷା, ବସନ୍ତ, ଶରତ ଓ ଶୀତ

କେ ଦେଇଛି ଦୁଃଖ କିଏ ବା ଦେଇଛି

ହସ ।୨

ନୂଆବର୍ଷ ପାଇଁ ଜଣାଇଥିବ

ସେ ଅନେକ ଅଭିନନ୍ଦନ

ପ୍ରିୟାର ବାରତା ପାଇବା ପାଇଁକି

ବ୍ୟାକୁଳିତ ମୋର ମନ,

ଶୀତସିନା ଏବେ ଦେଉଛି ଯାତନା

ଭୁଲି ବି ମୁଁ ସବୁ

ପ୍ରିୟା ମୋ ଥିଲେ ହରଷ ।୩

କରୁଛି ସ୍ୱାଗତ ଆସ ନୂଆବର୍ଷ

ଓଠରେ ଫୁଟାଇ ହସ,

ଭୁଲିଯିବ ନାହିଁ ପ୍ରିୟାଠାରୁ ମୋର

ଆଣିବାପାଇଁ ସନ୍ଦେଶ...

ପଲ୍ଲାସାହି, କମାଳପୁର, ଅହିୟାସ, ଯାଜପୁର

୭୫୫୦୩୬, ଓଡ଼ିଶା

ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

 Magazine Downloaded from www.aahwaan.com

# ନବବର୍ଷ



ସନାତନ ମହାକୁଡ଼

ମୂଳ ହିନ୍ଦୀ : ବିଷ୍ଣୁ ଗୁପ୍ତା
ଓଡ଼ିଆ ଭାଷାନ୍ତର : ସନାତନ ମହାକୁଡ଼

ଅନ୍ତିମ ପ୍ରହର
ଅନ୍ତିମ ଦିବସ
ଉଦ୍ଦୀପ୍ତ ସୂର୍ଯ୍ୟର ରସ ସରସ ।
ଶୀତ ସନ୍ଧ୍ୟାର
ଶୀତଳ ପବନ
ହର୍ଷିତ, ଉନ୍ମୁକ୍ତ, ଉନ୍ମତ୍ତ ଭୁବନ ।
କିଞ୍ଚିତ ସନ୍ଦେହ, କିଞ୍ଚିତ ସଂଘର୍ଷ
ସଂଘର୍ଷ ସ୍ୱେଦରେ ଅଛି
ନିଶ୍ଚଳ ହର୍ଷ ।
ସମାପ୍ତପ୍ରାୟ ଏ ସମୟ ଦୁର୍ଦ୍ଧର୍ଷ
ଆଗନ୍ତୁକ ହେ, ନବଧର୍ମ ନବବର୍ଷ ।

ଗ୍ରା : ବେରୁଆଁବାରୀ, ୭୫୨୦୮୨,
ନୟାଗଡ଼ ଜିଲ୍ଲା, ଓଡ଼ିଶା,
ଭ୍ରାମ୍ୟଭାଷ : ୦୯୩୩୯୭୧୦୧୭୮
ଇମେଲ୍ : sanmahakud@gmail.com

 Magazine Downloaded from www.aahwaan.com

# ନବବର୍ଷ



ବନଜ୍ୟୋତ୍ସ୍ନା ପଣ୍ଡା

ନବ ପ୍ରଭାତର ନବୀନ ଅରୁଣ
ଢାଳି ଦେଉଅଛି ପହିଲି କିରଣ
ନୂତନ ଆଶାର ଆଲୋକ ସଞ୍ଚାରି
ନବ ବର୍ଷ ଆଜି ପୁନଃ ଆଗମନ ।

ସ୍ୱାଗତ କରୁଛୁ ହେ ନୂଆ ବରଷ
ଅନ୍ତରରେ ଲଭି ଖୁସିର ପରଶ
ନବ ସୁଗୁଣରେ ପୂର୍ଣ୍ଣ ହେଉ ଚିତ୍ତ
ଘୁଞ୍ଚିଯାଉ ସର୍ବ ମନରୁ ନିରାଶ ।

ନବ ଉଲ୍ଲାସରେ ଉଲ୍ଲସିତ ପ୍ରାଣ
ନବ ଚେତନାରେ ଭରିଯାଉ ମନ
ହେଉ ପୁଲକିତ ସବୁରି ହୃଦୟ
ନବ ପ୍ରୀତି ରସେ ମଜ୍ଜିଯାନ୍ତୁ ଜନ ।

ଦୂର ହୋଇଯାଉ ଯେତେ ଭୟ ଭ୍ରାନ୍ତି
ନବ ପ୍ରେମ ଫଲ୍ଗୁ ହେଉ ପ୍ରବାହିତ
ନବ ପଲ୍ଲବରେ ହସିଉଠୁ ଧରା
ନବ କୁସୁମରେ ହେଉ କୁସୁମିତ ।

ଅପସରି ଯାଉ ମନୁ ହିଂସା ବାଦ
ହଟିଯାଉ ଦେଶୁ ଭିନ୍ନତାର ଭାବ
ନବ ଏକତାରେ ହୋଇ ଏକତ୍ରିତ
ନବ ମୈତ୍ରୀ ପ୍ରେମେ ହଜିଯାନ୍ତୁ ସର୍ବ ।

ବାଲେଶ୍ୱର

Magazine Downloaded from www.aahwaan.com

# ନବବର୍ଷ ୨୦୧୯



ରମା କାନ୍ତ ମିଶ୍ର

କାନ୍ଥ ଉପରେ ଟଂଗା ହୋଇଥିବା,

କାଲେଂଡରର ସବୁ ପୃଷ୍ଠା ଗୁଡିକ ସରିଗଲା ।

ଯତ୍ନର ସହିତ ରଖା ଯାଇଥିବା ଜିନିଷଟି,

ପୁରା ମାତ୍ରାରେ ଅଦରକାରି ହୋଇଗଲା ।

ଜଣା ପଡିଲା ନୂଆ ବର୍ଷ ଆସିଗଲା ।

ଗୋଟାଏ ବର୍ଷର ୩୬୫ ଦିନ,

କେଉଁ ଛଟକରେ ସରିଗଲା ।

କେତେ ହସ କାନ୍ଦର ଘଟଣା ଗୁଡିକ

ନିଜ ଭିତରେ ଲୁଚାଇ ବର୍ଷଟିଏ ସରିଗଲା

ବର୍ଷ ଆସୁଥିବ, ବର୍ଷ ଯାଉଥିବ,

ସମୟ ତା ବାଟରେ ଗତି କରୁଥିବ ।

ସମୟର ସ୍ରୋତ ସହିତ ତାଳ ଦେଇ

ଆମକୁ ଚାଲିବାକୁ ହେବ ।

ନୂଆବର୍ଷ ଆସିଛି ନୂତନ ସମ୍ଭାର ଧରି,

ପ୍ରତିଦିନ ଆସିବ ନିତ୍ୟ ନୂତନ ରୂପ ଧରି,

 Magazine Downloaded from www.aahwaan.com

ଦିନ ପରେ ଦିନ ପ୍ରତିଦିନ ଚାଲିଥିବ,

ଆମେ ଆଜିକୁ ଅଛୁ, କାଲିକି ନ ଥିବୁ ।

ନବବର୍ଷ ଆସୁ ନିତ୍ୟନୂତନ ସନ୍ଦେଶ ଧରି,

ନବବର୍ଷ ଆସୁ ସଭିଁଂକ କଲ୍ୟାଣ ବାର୍ତ୍ତା ଧରି

ଏ ବର୍ଷରେ ନ ହେଉ କାହାରି ଦୁଃଖ,

ସର୍ବେ ରହନ୍ତୁ ସୁଖରେ ଏ ବର୍ଷରେ,

ପରିବେଶ, ସମାଜ, ଦେଶ ହେଉ ସମୃଦ୍ଧଶାଳୀ ।

ନ ରହୁ କାହାରି  ଦୁଃଖ, ଶୋକ ଯାତନା ଆଉ,

ଆତଂକ ବାଦର ଲହରୀ,

ଧରା ଧାମ ରହୁ ସ୍ୱର୍ଗ ପରି,

ନବବର୍ଷରେ ଏହି କାମନା ଆମରି ।

ଶ୍ରୀ ରମା କାନ୍ତ ମିଶ୍ର

ଭି.ଆଇ.ଏମ. - ୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ୱର - ୭୫୧୦୨୧

ମୋବାଇଲ - ୯୯୩୭୨୬୮୦୧୨

 Magazine Downloaded from www.aahwaan.com

# ନୂତନବର୍ଷର ଶୁଭେଚ୍ଛା



ବେଦବ୍ୟାସ ମାଝୀ

ଦିନ ଦିନ କରି    କେତେ ଦିନ ଗଲା
ପାହିଗଲା କେତେ ରାତି
କାହିଁକି କେଜାଣି    ଆଜି ମୋ ଶରୀରେ
ଶିହରଣ ଯାଏ ମାତି ।
ଆମ ଏ ସଂପର୍କେ    ଗୋଟିଏ ବର୍ଷ ଯେ
ମିଶାଣ ହେଲାତ ଆଜି
ତୋ ସାଥେ ଥିଲି ମୁଁ    ରହିଥିବି ସଦା
ରଥର ସାରଥି ସାଜି ।
ମୋ ମନ ମନ୍ଦିରେ    ତୋତେ ଲୋ ରୂପସୀ
କରିଅଛି ଠାକୁରାଣୀ
ପୂଜକ ସମାନ    ମାଳା ମୁଁ ଗୁନ୍ଥିବି
ଆକାଶୁ ତାରକା ଆଣି ।
ତୋ ମନ ଜମିରେ    ହସର ମଞ୍ଜିକୁ
ଦେବି ପରା ମୁହିଁ ବୁଣି
ଯେତେ ଦୁଃଖକଷ୍ଟ    ଆସିଲେ ଏ ବର୍ଷେ
ଛିଡ଼ା ହେବି ସାଥେ ପୁଣି ।
ନୂତନ ବର୍ଷର    ନୂଆ ଦିନରେ ମୁଁ
ଦେଉଛି ଶୁଭେଚ୍ଛା ତତେ
ଭଗବାନ ତମ    ଦୂରେଇ ଦିଅନ୍ତୁ
ଦୁଃଖକଷ୍ଟ ଥାଉ ଯେତେ ।

କୁଚିପାଲି, ବରଗଡ଼, ଓଡ଼ିଶା

 Magazine Downloaded from www.aahwaan.com

# ନୂଆ ଦିବସ



ଦିଲ୍ଲୀପ କୁମାର ସାମଲ

ଆଜି ତୁମକୁ ସ୍ୱାଗତ

ଆସ ଆସ ମନ ମଧ୍ୟେ ଭେଦିଯାଅ

ଆନନ୍ଦର ଢେଉସବୁ ଦେଖି ଭଲ ଲାଗେ

ତୁମେ ଶୀଘ୍ର କାହିଁ ଚାଲିଯାଅ ।

ଦୁକ୍ ଦୁକ୍ ହୃଦୟରେ କେତେ ଯାଅ ଆସ

ତୁମକୁ ବା କଣ ମନା ଅଛି

ସବୁବେଳେ ପ୍ରହସନପରି ଲାଗେ ସତେ

ଠିକ୍ ସମୟରେ ରହିଯାଏ ଅବଶୋଷ ।

ତାଲା ପକେଇ ରଖିବି ତୁମକୁ

ନୂଆ ହୋଇ ଆସ ଫେରୁଆରେ ପୁରୁଣା ହୋଇ ପ୍ରବେଶ

ଯାହା ସବୁ ଭଲମନ୍ଦ ଘଟେ ସମୟରେ

ରହିଯାଏ କାଳକାଳକୁ ।

ନୂଆ ବୋଲି କେତେ ନାଚକୁଦ

କେତେ ଭୋଜି ଭାତ

ହେଲେ ଜାଣି ପାରୁନା ଫେରୁଆରେ ପଶିଗଲା ସେତ

ତଥାପି ମନରେ କେତେ ବାଦବିବାଦ ।

 Magazine Downloaded from www.aahwaan.com

ଜାଣି ମଧ୍ୟ ଅଜଣାରେ ନୂଆ ବୋଲି କେତେ ସ୍ୱାଗତ

ହେଲେ ସର୍ବଜଣା ଇଏ ଦିନେ ଯିବ

ତଥାପି ଜାଣିପାରୁନା ମୃତ୍ୟୁକୁ ଜନ୍ମ ଦିବସରେ ସ୍ୱପ୍ନରେ

ପାଳିଥାଏ ଏ ମଣିଷ ଜଗତ ।

ଇଏ ଏକ ସଞ୍ଜ ସଳିତା ଜଳିବ ଆଲୋକ ହୋଇ

ବେସିନୁହେଁ କିଛି କ୍ଷଣପାଇଁ

ବଳିଯିବ କଳା ପାଉଁଶ

ପାଉଁଶରେ ରହିଯିବ ଭଲମନ୍ଦ ପୁଣି କଳା ସଂସ୍କୃତିର ଛାଇ ।

ହେ ନୂଆ ଦିବସ ଆଜି ତୁମକୁ ସ୍ୱାଗତ

ଆସ ବାଟଦେଇ ଚାଲିଯାଅ

ଖୁସିର ଲହରିରେ ଭରିଦିଅ ଏ ଜଗତ

ପୁରିଉଠୁ ଏଇ ଶସ୍ୟଶ୍ୟାମଳ ଧରା ଲାଗିରହୁ ବିଶ୍ୱେ ଶାନ୍ତି

ଈଶ୍ୱର ତୁମକୁ ସାଷ୍ଟାଙ୍ଗ ପ୍ରଣିପାତ ।

ରାଇପୁର, ନୟାଗଡ଼

ମୋ.ନଂ- ୯୮୫୩୫୭୦୦୧୯

 Magazine Downloaded from www.aahwaan.com

# ନୂଆ ବରଷ



ରାହାସ କୁମାର
ବେହେରା

ଘାସ ଗାଲିଚାରେ

କାହା ପାଦ ଚିହ୍ନ ଆଲୋ ସଜନୀ

ମୁହଁଟି ସଜଫୁଟା ସୁରୁଜ ମୁଖ

ଦେହ ସୋରିଷ ଫୁଲର ଚାଦର

ଦେଖିଦେଲେ ଲାଗେ ନିଜର ନିଜର

ଯେଣୁ ସିଏ ସଭିଙ୍କୁ ଭାବେ ନିଜ ଭାଇ ବନ୍ଧୁ କୁଟୁମ୍ବ ବୋଲି

କାହାକୁ କରେନି ନିଜଠୁ ପର

ଭଲପାଏ ସ୍ନେହ ଦିଏ ସଞ୍ଜ ଓ ସକାଳ ।

ସିଏ ଅବୁଝା ଝିଅ ନୁହେଁ

ସିଏ ଅବୁଝା ନଇଟିଏ ଆସେ ଠିକି ଏତିକିବେଳେ

ଛାତି ଫୁଲିଯାଏ ମନ ଗୁନ୍ଥିଦିଏ

ସଭିଙ୍କୁ ବିମୋହିତ କରେ କିବା ଯୁବ,ଯୁବତୀ

ପିଲାଠୁ ବୁଢ଼ାଯାଏ ଆନନ୍ଦରେ ଆତ୍ମହରା ହୁଏ ମଣିଷ

କୁରୁଳିଯାଏ ଦେହ ,ମନ /ଚୈତନ୍ୟ ।

 Magazine Downloaded from www.aahwaan.com

ଦିନପରେ ଦିନ ମୌସୁମୀ ବାନ୍ଧେ ପଣତ କାନିରେ

କେବେ ଖରା କେବେ ବର୍ଷା ର ଏ ଜୀବନ

ଯେଉଁଟି ଆରମ୍ଭ ବୁଣିଦିଏ ଖୁସିର ମାହୋଲ

କେବେ ବନ୍ୟା ପୁଣି କେବେ ସିଂହାସନ ଖସିବାର ଭୟ

ସରକାର ବଦଳେ ଠିକି ଯେମିତି ମନ ବଦଳେ

ସକାଳ ପାଇଲେ ସୁରୁଜ ଅଛି ହେଲେ ସଞ୍ଜକୁ ନାହିଁ ।

ପରିବର୍ତ୍ତନ କାହାର ନିୟମ

ଖାଲି ଭାବନାର, ଚିନ୍ତା ଚେତନାର ନା'କାନ୍ଥରେ ଟଣା

କ୍ୟାଲେଣ୍ଡରର, ସବୁ ଏଠି ସମାନ ସ୍ଥିରନୁହେଁ

ନିଜକୁ ସୁହାଇବା ଭାବନାର କଳ୍ପନା

ଖାଲି ଗୋଟେ କାହାଣୀ, କବିତା/

କର ଲେଉଟାଉଥିବା ମନର ଖେଳନୁହଁ

ଏକ ପରିପକ୍ୱ ଇତିହାସର

ଖାଲି ସୁନ୍ଦର ସୁନ୍ଦର ସବୁଜ ସ୍ୱାକ୍ଷର

ଅବା ହିଂସାର କିଛି ରକ୍ତିମ ହସ୍ତାକ୍ଷର ।

ବାଲ୍ୟମ୍ବା ,ଢେଙ୍କାନାଳ -୭୫୯୦୧୫

ଦୂରଭାଷ:୯୪୩୮୧୧୪୩୭୮

 Magazine Downloaded from www.aahwaan.com

# ସ୍ୱାଗତ ହେ ନବାଗତ



ଡା ନୀଳମାଧବ କର

ଦି ଦିନର କଳିକା ତମେ

ଟିକି ଟିକି ମୁହଁ ତମ

କିଶଳୟ ଭିତରେ ଭିତରେ

ଜୁଳୁ ଜୁଳୁ ତାରା ପରି

ସ୍ଫଟିକ ସ୍ୱଚ୍ଛ ଦୃଷ୍ଟିରେ ତମ

ଆଗାମୀ ଦିନର ଶପଥ

ଉଜ୍ଜ୍ୱଳ ପ୍ରତିଶ୍ରୁତି

.

ତଳ ବରଡ଼ା ସବୁ ଝରି ଯାଉଛନ୍ତି

ଅଧା ଯୁଗର ପଥଶ୍ରାନ୍ତ

ବାଟୋଇ - ମଝି ବରଡ଼ା -

ତା ନିସଂଗତା ଫେଡ଼ି

ହସି ହସି ପଡ଼ୁଛି

ତମେ, ସ୍ୱାଗତ ହେ ନବାଗତ

ବିଶ୍ୱାସ କର ବା ନ କର

ତମକୁ ହିଁ ବୋହିବାକୁ ହେବ

ଯୁଗର ମଶାଲ -

ଆଗାମୀ ଦିନର

ତମ ଉପର ବରଡ଼ାମାନଙ୍କ ପାଇଁ

.

ଆଗେଇ ନେବାକୁ ହେବ

ସ୍ନେହ ପ୍ରେମ ମୈତ୍ରୀର ସନ୍ଦେଶ

କରୁଣାର ଧାରା

ଓଲଭରହାମ୍ପଟନ, ୟୁକେ

nmadhab@yahoo.com

Magazine Downloaded from www.aahwaan.com

# ଅତିଥି ୨୦୧୯



ଚନ୍ଦ୍ରଶେଖର ଗୋ

ତମେ ଆସିଚ ଏ ଧରାକୁ
ମୋ' ସୁଖଦୁଃଖର ଗାଁକୁ ଦୂର ସହରକୁ
କିଛିଦିନ ଥାଇ ପଳେଇବ ପୁଣ
ହସ ଅବା ଲୁହ ଯାହା ବି ଦିଅ ଉପହାର
ପାଲଟିଯିବ ସବୁ ଅପାଶୋରା ସ୍ମୃତି
କାହିଁକି କି ନା' ତମେ ପ୍ରକୃତ ଅତିଥି ।

ତମେ ଆଶା ଆକାଂକ୍ଷାର ସାହିତ୍ୟ -
ଜନ ସମାଜର ସ୍ୱଚ୍ଛ ଦର୍ପଣ ।
ତମେ ଭୋକଶୋଷର ରାଜନୀତି
ତୃପ୍ତି ଅତୃପ୍ତି ସହ ନିତିଦିନ ଭେଟାଭେଟି ।
ତମେ ଲାଭକ୍ଷତିର ଅର୍ଥନୀତି
ଚାଷି ଆତ୍ମହତ୍ୟାର ପ୍ରତ୍ୟକ୍ଷଦର୍ଶୀ ।
ତମେ ଘଟଣା ବହୁଳ ଭୂଗୋଳ
ଯେଉଁଠି ହିଂସାର ଜ୍ୱାଳାମୁଖୀ ଆନ୍ଦୋଳନର ପାଦଚିହ୍ନ ।
ତମେ ସମ୍ପର୍କର ଜ୍ୟାମିତି

 Magazine Downloaded from www.aahwaan.com

ସଫଳତା ଓ ବିଫଳତାର ଅଙ୍କନ ।

ତମେ ଆୟୁ ପରମାୟୁର ଗଣିତ

କାହାକୁ ବା ଜଣା ସମାଧାନର ସୂତ୍ର !

ତମେ ସୃଷ୍ଟି ଅବା ଧ୍ୱଂସର ବିଜ୍ଞାନ

ନୂଆନୂଆ ଆବିଷ୍କାର ଓ ଉଦ୍ଭାବନ ।

ତମେ ଶେଷେ ପାଲଟିଯାଅ ଇତିହାସ

ଯା'ର ପ୍ରତିଟି ପୃଷ୍ଠାର ଲେଖକ କେବଳ ସ୍ରଷ୍ଟା

ପଢ଼ିବାକୁ ଚାହିଁଲେ ବି ପାରିବେନି କେହି ମୁଁ ଅବା କିଏ ?

ପଢ଼ି ବସିଲେ ନିଦ୍ରା ନୁହଁ ଚିରନିଦ୍ରା ଘୋଟିବ

ହେବ କେବଳ ଅପଚେଷ୍ଟା ।

ତମେ ଆଣିଚ ସମ୍ବାଦ ଶାସନ ବିବର୍ତ୍ତନର

ସମ୍ବାଦ ହଉ ସୁସମ୍ବାଦ ଶାସନ ହଉ ସୁଶାସନ

ଶୋଷିତ ନିଷ୍ପେସିତ ମାଟିର ମଣିଷ

ଆଜି ବି ରହିଛି ସଧୈର୍ଯ୍ୟ ପ୍ରତୀକ୍ଷାରେ

ବିଜୟ ଲଭୁ ଗଣତନ୍ତ୍ର

ତା'ର ମର୍ଯ୍ୟାଦା ଓ ସ୍ୱାଭିମାନ ।

 Magazine Downloaded from www.aahwaan.com

ଆଜି ବି ସ୍ମୃତିକର୍ଣ୍ଣେ ଶୁଭିଯାଏ

ବଳାତ୍କାର ଓ ପରେ ଆତ୍ମଦାହ କରିଥିବା

କେତେ କୁଆଁରୀ କନ୍ୟାର କରୁଣ କ୍ରନ୍ଦନ

ନବାଶ୍ରେ ଦୀକ୍ଷିତ ଏ ମନ ହର୍ଷିତ ହୃଦୟ

ତଥାପି କହୁଚି ସମସ୍ତଙ୍କୁ ନୂଆ ବର୍ଷର ଅଭିନନ୍ଦନ ।

ତମେ ଦିନ ରାତିର ସମାହାର

ଋତୁଚକ୍ର ଉଆଁଷପୂର୍ଣ୍ଣିମାର ଖେଳ

ଏଠି ସିନା ଲଢ଼େଇ ଧର୍ମ ଧର୍ମର

ତମେ ପ୍ରଚାରକ ମାନବଧର୍ମ ଓ ମହିମାକର୍ମର ।

ସତ୍ୟ-ଧର୍ମ-ଶାନ୍ତି-ମୈତ୍ରୀ-ପ୍ରୀତି

କରିଯାଅ ସଂସ୍ଥାପନ

ଏତକ ମୋର ନିବେଦନ ।

କର୍ଲାଖମାର,ସିନାପାଲି, ନୂଆପଡ଼ା

ମୋ - 8658180756

 Magazine Downloaded from www.aahwaan.com

# ନବବରଷଟି ଆସୁଛି



ତପନ କୁମାର ସ୍ୱାଇଁ

ଶୀତ ଯାଇନାହିଁ,

ଖରା ଆସିନାହିଁ,

ବଦଳିନି ପାଣି ପବନ,

ଛୁଇଁନାହିଁ ମାଟି

ଗିରୀଷମ ତାତି

ତଥାପି ହସୁଛି ଭୁବନ ।

ଚାରିଆଡ଼େ ଶୁଭେ

ଆତସବାଜିର

ଟମକ ନିଶାଣ ଶବଦ,

ବିନା ବଜ୍ରପାତେ

କମ୍ପୁଛି ମେଦିନି

ଢୋଲ, ମହୁରୀର ଆବାଜ ।

ଆଲୋକ ମାଳାରେ

ଝଲସୁଛି ଧରା

ନବ ବରଷଟି ଆସୁଛି,

ସାରା ରାତି ଆଜି

ଫୁଲରେ ଅତରେ

ମହ ମହ ହୋଇ ବାସୁଛି ।

ଆସ ସାଙ୍ଗସାଥି

ଭେଦଭାବ ଭୁଲି

ନାଚିବା, ଗାଇବା, ହସିବା,

ରଙ୍ଗତୁଳୀ ଧରି

ନୂଆ ବରଷର

ନୂଆ ଛବି ଆଙ୍କି ବସିବା ।

 Magazine Downloaded from www.aahwaan.com

ଭୁଲିଯିବା ଆମେ

ରାଗରୁଷା ମନୁ

ଯାହା ଦେଇଥିଲା ଅଠର,

ଉଣେଇଶି ଆଣୁ

ସୁଖର ବେଭାର

ନକରି ଛାତିକୁ କଠୋର ।

ସଭିଙ୍କ ଓଠରେ

ଭରିଦେଉ ହସ

ଖୁସିର ପସରା ମେଲେଇ,

ଦୁଃଖ ଦରିଆରେ

ଭାସିଯାଉ ନାଆ

ଟାଣି ସୁଖ,ଶାନ୍ତି ତଲେଇ ।

ଅଇବିଲ, ତିର୍ତ୍ତୋଲ, ଜଗତସିଂହପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୭୫୯୭୭୫୧

 Magazine Downloaded from www.aahwaan.com

# ଅଭିନନ୍ଦନ ୨୦୧୯



ଶିବାଶିଷ ନାଏକ

ପ୍ରୀତି ଭରା ଆଶା
ପ୍ରୀତି ଭରା ଭାଷା
ଏହି ତୋ ନୂତନ ଦିଗ ।୧ ।
ପ୍ରତି ପ୍ରାଣ ଧାରେ
ତୁମ୍ଭେ ରହିଅଛ
ଆପଣାର ହୋଇ ମୋର ।୨ ।
ହେଉ ଅବା ସୁଖେ
ଅବା ସେ ଦୁଃଖେ
ରହିଅଛ ବୁକୁ ଧାରେ ।୩ ।
ଏମନ୍ତ ଏ ସନ୍ଧି
ରଖିବା ହେ ବନ୍ଧୁ
ରହିଥିବ ଚିରକାଳ ।୪ ।
ମାଗେ ଏ ପ୍ରଣତି ପ୍ରଭୁପାଦେ ଘେନି
ହସୁଥାଅ ନିରନ୍ତର
ଲୁହର ଶ୍ରାବଣ
ଘେନୁ ସେ ପବନ
ସମୁଦ୍ରେ ହେଉ ଲିନ ।୫ ।
ଜୀବନର ଏହି
ରଙ୍ଗମଞ୍ଚ ଧାରେ
କାହିଁ କରିବା ହେ କଳି
ଜୀବନର ପାତ୍ର ସୂତାଏ ଗଣା
କେଉଁ ସମେ ଯିବା ଢଳି ।୬ ।
ଦେଖୁଛି କାଳିଆ
ବାଙ୍କ ଚାହେଁ ରହି
କେଉଁଠି ଅଛି ମୋ ଭାବ
ଅଭାବ କୁ ମୋର ପୂରଣ କରିବ
ସାଲବେଗ ପରି ଭାବ ।୭ ।
ଗଢ ତୁମ୍ଭେ ମତେ
ଯେଉଁ ପ୍ରତିମେ
ହେବି ମୁଁ ସେଠି ଲିନ

 Magazine Downloaded from www.aahwaan.com

ଭାବ ପ୍ରେମ ଥିଲେ ବଳରାମ ପରି
ଖୋଲିବି ମୋ ଚକାନୟନ ।୮ ।
ପିତା ମାତା ପ୍ରେମ ଅଟଇ ସ୍ୱର୍ଗ
ସେ ସ୍ୱର୍ଗେ ଅଛି କେତେ ସ୍ୱଭାବ
ଦିଅନାହିଁ ତାକୁ ଜାଳି
କ୍ଷଣେ ହେଉ ଅବା ପ୍ରତିକ୍ଷଣେ ହେଉ
କରିନିଅ ଗଳାମାଳି ।୯ ।
ପ୍ରେମ ଯଦି କର
ବିଶ୍ୱସ୍ତେ କର
ଦିଅ ନାହିଁ ପ୍ରତାରଣା
ପ୍ରେମର ପୂଜାରୀ ରହିଅଛି ଚାହିଁ
ବଜାଇବ ବଂଶୀ ସ୍ୱନା ।୧୦ ।
ଯେମନ୍ତ ମାପିବ
ସେମନ୍ତ ଫଳିବ
କର୍ମ ହିଁ ଶାଶ୍ୱତ ଧ୍ୱନି ।୧୧ ।
କର୍ମ କରି ଚାଲ
ଫଳ ସେ ଦେବ
କର୍ମେ ନ ହୁଅ ଋଣି ।୧୨ ।
ବିଗତେ ଯା ରହିଅଛି
ଆଗତେ ପୂରଣ କର
ରଖିଲେ ଚେଷ୍ଟା
ଦେବ ସେ ରାସ୍ତା
ପଥ ନୁହଁ ବହୁ ଦୂର ।୧୩ ।
ସବୁରୀ ମାଲିକ ରହିଅଛି ଚାହିଁ
ଦେଖାଇବାକୁ ପଥ
ଶ୍ରଦ୍ଧା ସବୁରୀ ରଖିବା ହେ ମନେ
ହେବେ ପଥ ସାଇନାଥ ।୧୪ ।

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ,
କେନ୍ଦୁଝର, ଓଡ଼ିଆ ସମ୍ମାନ ଛାତ୍ର
ଘର - ଜଘିଂରା, ଜିଲ୍ଲା - କେନ୍ଦୁଝର, ଓଡ଼ିଶା
ବାର୍ତ୍ତାଳାପ - +୯୧୯୬୬୮୬୦୩୮୭୧ ,
+୯୧୭୯୭୮୧୫୭୯୩୬
ଇ-ମେଲ ଠିକଣା - shibasheesh-
naikjgr@gmail.com

 Magazine Downloaded from www.aahwaan.com

# ବିଦାୟ ୨୦୧୮



ମନୋରଞ୍ଜନ ମୁଦୁଲି

ସମୟଟା ଅତି ବଳବାନ୍ ...

ଦିଏ ନାହିଁ କାହାକୁ ରହିବାକୁ ତା ଇଲାକାରେ,

ଆସିଥିଲ ନୂଆବର୍ଷ ହୋଇ ତୁମେ....

କେତେ ସଜବାଜ ନାଚଗୀତ ଆସର ମେଲେଇ,

ବାଜା ବାଣ ଫୁଲରେ ସଜେଇ...

ଅଭିନନ୍ଦନ ରାସ୍ତାଘାଟେ ସବୁଠି ତୁମରି ।

ଶୁଭକାମନା କରି ଡାକିଲେ ସମସ୍ତେ ତୁମକୁ

ସମୟଟା ବାଧକ ହେଲା କି ତୁମକୁ... ?

ଦିନରାତି ଗଣିଲା କେମିତି ତଡିବ ତମକୁ,

ହିସାବ ଖାତାରେ ଲେଖିଲା ପ୍ରତିଟି ମୂହୂର୍ତ୍ତ

ମାସ ଦିନ ବାର ଘଣ୍ଟା ମିନିଟ୍ ସବୁକୁ,

ଗୋଟିଏ ମୂହୂର୍ତ୍ତ ବି ଛାଡିଲାନି ଏ ଧରାପୃଷ୍ଠରେ ତୁମେ ରହିବାକୁ ।

ପୁରୁଣା କରିଦେଲା ସମୟ ତା ଚକ୍ରବ୍ୟୂହରେ ତୁମକୁ ।

ନିର୍ମମ କେତେ ଏ ସମୟଟା...

 Magazine Downloaded from www.aahwaan.com

ସୁନା ସଂସାର ଦିଏ ଚୂନା କରି,

କାହାକୁ ଦେଲା ପାଟ ଛତାରେ ସଜେଇ...

କାହାପାଇଁ ଶୁଭରାତି... କାହା ଘରେ ଜଳିଲାନି ବତୀ ।

ସମୟ ବଡ଼ ବଳବାନ ସମସ୍ତେ କହନ୍ତି ।

ତୁମେ ତ ଚାଲିଯିବ କେତେ କଥା ଇତିହାସ ଲେଖି,

ପଢ଼ିବାକୁ ଆମେ ଥିବୁ ଆଉ କେଇଘଣ୍ଟା ବାକି,

ସମୟଟା ଛାଡିବନି ତା ଇଲାକାରେ କାହାରିକୁ ରଖି,

ଲେଖିଯିବା ଏ ଯୁଗପାଇଁ କିଛି....

ଆସିବେ ଅନେକ ଆଗନ୍ତୁକ ଏ ଦୁନିଆକୁ...

ଟିକିଏ ତ ଆମପାଇଁ ହେବେ ଖୁସି... ! !

Magazine Downloaded from www.aahwaan.com

# ଅସରନ୍ତି ଆଶାର ଗନ୍ତାଘର



ରତ୍ନାକର ଶୀଘ୍ର

ଖୋଜିବାର ପ୍ରୟାସରେ
ଖୋଜି ଚାଲିଛି ଅହରହ
ଜ୍ଞାନୋଦୟରୁ ଆରମ୍ଭରୁ
ପାଇବାକୁ ହାତ ପାହାନ୍ତାରେ
ଅପୂର୍ବ ଆନନ୍ଦର ଅନୁଭବ ।

ଅଭିବୃଦ୍ଧି ଘଟିଛି ଅନୁଭୂତିର
ସମାଜ ସହ ତାଳଦେଇ ମୁହୂର୍ତ୍ତରୁ ମୁହୂର୍ତ୍ତ
ଦୁଃଖଭରା ଅସନ୍ତୁଷ୍ଟ ମନରେ
ପ୍ରାପ୍ତ ପାଇଁ ସନ୍ତୁଷ୍ଟିର ପୂର୍ଣ୍ଣିମ ପୂର୍ଣ୍ଣିମା
କିନ୍ତୁ ଭୋକିଲା ଭୋକିଲା ଲାଗେ
ସ୍ୱର୍ଗସୁଖ ପାଇବା ଆଶାରେ ।

ସୁଖଦୁଃଖ ହସକାନ୍ଦ ଜୁଆର ଓ ଭଟା
ଏକ ମୁଦ୍ରାର ଦୁଇପାର୍ଶ୍ୱ କାହାକୁ ଅଛପା
ତଥାପି ଖାଣ୍ଟି ସୁଖର ମହା ଆନନ୍ଦକୁ

 Magazine Downloaded from www.aahwaan.com

ଖୋଜି ବୁଲୁଛି ଅହରହ
ଏଠି ସେଠି ସବୁଠି
ଭୁଲିଯାଇ ବାସ୍ତବତା ଓ ଚିରନ୍ତନ ସତ୍ୟକୁ
ଖାଲ ଢିପ ଉଠାଣି ଗଡ଼ାଣି ଭଳି
ବିପରୀତ ଶବ୍ଦକୁ ।

ଅବାନ୍ତର ଲାଗିଲେ ବି ସତ
ଆଉ ସ୍ୱାଭାବିକ ମଧ୍ୟ
ଖୋଜିବିନି କାହିଁକି
ମନ ପରା ଅସରନ୍ତି ଆଶାର ଗନ୍ତାଘର ।

ଶିକ୍ଷକ, ରାଇପଲ୍ଲୀ, ଆସିକା, ଗଞ୍ଜାମ
ଭ୍ରାମ୍ୟଭାଷ : ୮୭୬୩୫୯୯୯୪୨

Magazine Downloaded from www.aahwaan.com

# ଆମେ ଓଡ଼ିଆ



ତପନ କୁମାର ସାହୁ

ପ୍ରାତଃ ସ୍ମରଣୀୟ

ସାଧକ ଗଣଙ୍କୁ

ମନେପକେଇ

ଫୁଲ ମାଳଟିଏ

ଲମ୍ବେଇ ଦେଇଥାଉ

ତାଙ୍କ ପ୍ରତିମୂର୍ତ୍ତିରେ

ଗର୍ବରେ କହୁ ଆମେ ଓଡ଼ିଆ

ତୁମେ ଦେଇଥିଲ ବୋଲି ସ୍ୱାଭିମାନର ପରିଚୟ ॥

ମିଛ ଅନୁଭବ ସହ

ଖୋଳପା ଭିତରୁ

ଅଣ ଓଡ଼ିଆ ଡାକ

ଛାପ ଛାଡିବା ଆଗରୁ

ଅତିଶୟ ନିରାଶ ଭିତରେ

ସଚେତନାର ଦୁର୍ଗ ସବୁ

 Magazine Downloaded from www.aahwaan.com

କାଗଜ ଓ କାଳି ରେ  ଲିପିବଦ୍ଧ

ହୋଇ ସାରିଛି ବୋଲି......

ନିଜେ ନିଜକୁ ସାହେବ ଠାଣିରେ

ଇଂରାଜୀ ବିଦ୍ୟାଳୟର

ଅଧ୍ୟାପକ କରି....

ଅଧ୍ୟୟନ ଓ ସାଧନା ଭିତରେ

ଭାଷାର ଶବ୍ଦାର୍ଥ କୁ

ଖୋଜି ହୋଇଥାଏ.....

ସଂପନ୍ନ ଓ ସ୍ୱଚ୍ଛଳ ଲେଖକଟିଏ

ବିଭାଜିତ ସ୍ୱାଭିମାନର

ପରିଚୟ ନେଇ....... ॥ ॥

ଭାଷାପ୍ରୀତି ଓ ମାତୃଭାଷା ର ମମତା ଆଜି ସ୍ରୋତହୀନ

ଇଂରାଜୀ ଆନୁଗତ୍ୟ ଭିତରେ

ଲୁପ୍ତ ଲେଖକର ଲେଖା

କୁଳୀନ ପରମ୍ପରା ସଂସ୍କୃତି ର ପରିଚୟ ନେଇ

ମହାଭାରତ ରାମାୟଣ

ଓ ମାତୃବୋଧ ନେଇ

 Magazine Downloaded from www.aahwaan.com

ସେ ସବୁକୁ

ପ୍ରସାଦ ଭାବୁଥିବା

କ୍ରମଶଃ ପାଠକ ଭିତରେ

ବଞ୍ଚିଥିବା ଓଡ଼ିଆଣୀ ଟିଏ.....

ଇଂରାଜୀ ର ଦୁର୍ବଳତା ଭିତରୁ

ବାହାରି ପାରେନାହିଁ

ତଥାପି

ପ୍ରାଣରେ ଓଡ଼ିଆକୁ

ନେଇ ଗର୍ବକରେ

ଓଡ଼ିଶାର ମୁଁ ଉତ୍କଳ ପୁତ୍ର

ଆଜି ଏପ୍ରିଲ ପହିଲା...

ପାଳନ କରି ନୀରବେ ନିସଙ୍ଗନିର୍ଜନ ଇଲାକାରେ ll

କଳାହାଣ୍ଡି

ମୋ.. ୭୩୨୮୦୦୧୫୭୫

Magazine Downloaded from www.aahwaan.com

# ବିଦାୟ ବେଳା



ଆଶୁତୋଷ ମେହେର

ବେଳ ଆସିଲେ
ରାସ୍ତା ବି ଚାଲିଯାଏ
ବାଟ କାଟେ
ଏ ମଣିଷକୁ ।।

ଶୂନ୍ୟ ରେ ଭାସିଭାସି
ଉଡି ଗଲା ବେଳେ ଲାଗେ
ସତେ କେତେ ନିଃସହାୟ
ଏ ମଣିଷ ଟା' ।।
କୋଠାବାଡି
ଧନ ସଂପତ୍ତି
ସବୁ ତହ ତହ,
ମୁରୁକି ମୁରୁକି ହସି
ହାତ ହଲାଉ ଥାନ୍ତି
ବିଦାୟ ବେଳାରେ ।।

ଏମିତି ରେ
ଖାଲି କେମିତି
ଚିହ୍ନ ଟି'ଏ
ଖୋଜି ପାଏ ମୁଁ
ପବନ ରେ
ମହକ ଟି'ଏ
ଭଲ ଏକ ମଣିଷ ର
ଗଂଧ ମୁଠେ ।।

୫୪, ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ
ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Magazine Downloaded from www.aahwaan.com

# ଡାକ୍ତର



ରୋଜା ପଣ୍ଡା

ଅଦ୍ଭୁତ ଏ ଡାକ୍ତରଙ୍କ ଜୀବନ ଭାବଭଙ୍ଗୀ.......

ରକ୍ତ ଜୁଡୁବୁଡୁ କ୍ଷତାକ୍ତ ଶରୀରେ,

ନିଜ ଦକ୍ଷତା ଓ କୌଶଳ ବଳରେ,

ଆରୋଗ୍ୟ କରନ୍ତି ସେଇ ଶରୀରକୁ

ପୀଡାରୂପୀ ଦାନବକୁ ଦୁରକୁ ଫିଙ୍ଗି ।୧ ।

ହେଇଥାଉ ପଛେ ଅସ୍ଥି ଖଣ୍ଡ ଖଣ୍ଡ .........

ଚିକିତ୍ସା ପନ୍ଥାର ଅସ୍ତ୍ରୋପଚାରରେ,

ଭଗ୍ନାବସ୍ଥାକୁ ସେ ନୂଆ ପ୍ରଣାଳୀରେ,

ଭିନ୍ନ ଢାଞ୍ଚା ଦେଇ ସେ ଭଙ୍ଗା ଅସ୍ଥିକୁ

ଭରନ୍ତି ପୁନଃ ପ୍ରାଣରେ ପିଣ୍ଡ ।୨ ।

ସନ୍ଧିପ୍ରଦାହ ଓ ଗଣ୍ଠିବାତ ପରି କଷ୍ଟ..........

ଦୂର କରିବାକୁ ହୁଅନ୍ତି ସକ୍ଷମ,

ଯଦ୍ଦ୍ୱାରା ରୋଗୀଙ୍କୁ ମିଳେ ଉପଶମ,

ଜୈବ ଯୌଗିକର ଭାଗମାପ ଦେଇ

ଭୂତାଣୁ, ବୀଜାଣୁ କରନ୍ତି ନଷ୍ଟ ।୩ ।

ସମୟ ଠିକଣା ନରଖି ନିଜର.......

 Magazine Downloaded from www.aahwaan.com

ରୋଗୀର ସୁରକ୍ଷା ଆଗେ ଚିନ୍ତାକରି,

ଅଧ ରାତ୍ରି ହେଉ ଅବା ଦିନ ଘଡି,

ଦୌଡୁ ଥାଆନ୍ତି ପାଇଲେ ଖବର

ନଭାବି ମନରେ ଆପଣା ପର ।୪ ।

ରୋଗୀ ପାଇଁ ଭୁଲନ୍ତି ସେ ନିଜ ସଂସାର......

ତଥାପି ଅକସ୍ମାତ ଆୟୁଷ ପୁରିଲେ,

ଚିକିତ୍ସା କାଳରେ ରୋଗୀ ମୃତ ହେଲେ,

ବିନା ଦୋଷେ ପୁଣି ଡାକ୍ତର ସହନ୍ତି

ପରିଚାଳକର ଦୁର୍ବ୍ୟବହାର ।୫ ।

ବୁଝିବାକୁ ହେବ ତାଙ୍କରି ମୂଲ୍ୟ........

ସମାଜ ଯାହାକୁ ସମ୍ମାନ ଦିଏ,

ଦ୍ୱିତୀୟ ଈଶ୍ୱର ବୋଲାନ୍ତି ଯିଏ,

ସଭିଏଁ ତାହାଙ୍କୁ ସମର୍ଥନ କରି

ଭକ୍ତି କରୁଥିବା ଈଶ୍ୱର ତୁଲ୍ୟ ।୬ ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର,

ମଧୁପାଟଣା, କଟକ-୭୫୩୦୧୦

Email-roja.saumya@gmail.com

Magazine Downloaded from www.aahwaan.com

# ଶୀତ



ଅର୍ଚ୍ଚନା ପଟ୍ଟନାୟକ

ଯେତେ ସବୁ  ଅକ୍ଷମତାକୁ
ଢାଙ୍କିଢୁଙ୍କି ଛିଣ୍ଡା କନ୍ଥା ତଳେ
ଜାକିଜୁକି ଆଖିବୁଜେ ଶୀତର ରାତିରେ ।
ହୋଇପାରେ ମୁଁ
କବିତାର ଚରିତ୍ରଟିଏ
ଆଖିମେଲିଲେ
ସବୁଲାଗେ  ସ୍ଥିର ଚିତ୍ର
ମୋ ସୁଖ କଣ  ? ଦୁଃଖ ସବୁ
ଆଖିରେ,ପେଟରେ,ଗୋଡରେ ,ହାତରେ
ଛନ୍ଦିହୁଏ; ଦୋଳି ଖେଳୁଥାଏ ।
ତୁମଘରେ ଶୀତଥାଏ
ଶୀତଥାଏ ବନ୍ଦ ଦରଜାରେ,
ଶୀତ କିନ୍ତୁ ମୋ ଦେହକୁ ମାଡିବସିଥାଏ
ରାସ୍ତା କଡ,ଭଙ୍ଗାଘର,ଦେଉଳ ପିଣ୍ଡାରେ ।
କାହାକୁ କହିବି ଆଉ ନିଜ କଥା
ଶୀତ ସଙ୍ଗେ ବସିଲିଣି ମିତ
ଚୁପ୍-ଚାପ୍  ଗାଉଥାଏ ଜୀବନ ସଙ୍ଗୀତ
ମିତ୍ର ପଣରୁ ଭରସା ଉଠିଗଲେ...

 Magazine Downloaded from www.aahwaan.com

# ନାରୀ ହୋଇଯିବେ ଲୁପ୍ତ



କେ ନିର୍ମଳ

ସ୍ୱାଧୀନ ଦେଶରେ ପରାଧୀନ ଆମେ
ଜୀବନର ସଙ୍ଗ୍ରାମରେ,
ଦୁରାଚାରି ଏଠି ପ୍ରବଳୁ ପ୍ରବଳ
ରାକ୍ଷସର ରୁପ ଧରେ ।

ଖିନ୍ ଭିନ୍ କରି ରକତ ଶୋଷନ୍ତି
ମେଣ୍ଟାଇ ଆଦିମ ଶୋଷ,
ତଥାପି ମେଣ୍ଟିନି ରାକ୍ଷସୀ ପିପାସା
ରହିଛି ତା ଅବଶୋଷ ।

ନାରୀ ଜନ୍ମ ସତେ ପାପ ତ ଏଇଠି
ମରତ ନରକ ଆଜି ।
କେଉଁ ଅପରାଧେ ଦଣ୍ଡ ଦିଏ ପ୍ରଭୁ
ମଣିଷ ରାକ୍ଷସ ସାଜି ।

ସଂସାରଟା ଆଜି ଲାଗୁଛି ଯେମିତି
ନାରୀଜାତି ହେବ ଲୋପ ,
ଭଗିନୀ ଜନନୀ ଜାୟା ନ ରହିଲେ
ସଂସାର ହେବ ବିଲୋପ ।

ଭଦ୍ରକ, ବାସୁଦେବପୁର(ଜଗନ୍ନାଥି)
ମୋବାଇଲ:-୯୫୬୭୧୧୩୭୦୭
ଇମେଲ୍ :- nirmaln270@gmail.com

Magazine Downloaded from www.aahwaan.com

# ଗୌରବାନ୍ୱିତ ମନେ କରୁଛି



ଶୁଭକାନ୍ତ ଗୌଡ଼

ପରାଧୀନତାର ଶୃଙ୍ଖଳକୁ କରି ଛିନ୍ନ
ଅତୀତର ଗୌରବଗାଥାକୁ କରି ବିମଣ୍ଡନ
ଏବେ ବିଶ୍ୱବିଜୟିନୀ ସାଜିଛି,
ଏ ଦେଶ ମାଟିରେ ଜନମ ଲଭି ମୁଁ
ଗୌରବାନ୍ୱିତ ମନେ କରୁଛି ।

ଯା ଚରଣ ଧୁଏ ଅତଳ ସାଗର
ମସ୍ତକରେ ଶୋଭେ ଶୁଭ୍ର ଗିରିବର
ଦେଶ ପରି ଦେଶ ପାଇଛି
ଏ ପୂଣ୍ୟ ମାଟିରେ ଜନମିଛି ବୋଲି
ଗୌରବାନ୍ୱିତ ମନେ କରୁଛି ।

ପୁରାତନ ତା'ର ଐତିହ୍ୟ ସଂସ୍କୃତି
ମହକାଇ ଦିଏ ବାଣ୍ଟି ପ୍ରେମପ୍ରୀତି
ସାରା ବିଶ୍ୱେ ନାରା ବାଜୁଛି
ସ୍ୱର୍ଗସମ ଦେଶେ ଜାତ ହେଲି ଭାବି
ଗୌରବାନ୍ୱିତ ମନେ କରୁଛି ।

ବେଦ ହେଉ ଅବା ଶାସ୍ତ୍ର କି ପୁରାଣ
ରଚିଛନ୍ତି ମହୀୟାନ ଋଷିଗଣ
ଗ୍ରନ୍ଥ କାଳଜୟୀ ସାଜିଛି,
ପବିତ୍ର ଦେଶରେ ଜନମି ଏବେ ମୁଁ
ଗୌରବାନ୍ୱିତ ମନେ କରୁଛି ।

ମୋ ଭାରତମାତା ଅଦ୍ୟ ଉଲ୍ଲସିତ
ସୈନ୍ୟଯାଏ ଖେଦି ରଖିବାକୁ ଟେକ
ବିଜୟର ନେତ ଉଡୁଛି
ବୀର ରଣାଙ୍ଗନା ଦେଶରେ ଜନମି
ଗୌରବାନ୍ୱିତ ମନେ କରୁଛି ।

 Magazine Downloaded from www.aahwaan.com

# ସବୁଠି ଲୁଚି କି ଥାଅ



ସେଠୀ କାର୍ତ୍ତିକ ଚନ୍ଦ୍ର

କେଉଁ ହୃଦ ନେଇ  ଡାକିବି ପ୍ରଭୁ ହେ
ଯେ ହୃଦୟେ ତୁମେ  ନାହଁ
ଥରି ଉଠେ ଯେବେ  ହୃଦୟ ମନ୍ଦିର
ସେ ମନ୍ଦିରୁ କି ନ ଚାହଁ  ! !

ଲୁହ ଟିଏ ହୋଇ  ବହି ଯାଅ ଯେବେ
ଶୀତଳ ବାଆ ରେ ଥାଅ
ପ୍ରେମ ଅଗଣାରେ   ପିକ ଟିଏ ସାଜି
କୁହୁତାନ  ଭରିଦିଅ  ।।

ଆମ୍ବ ବଉଳ ର    ସୁରଭିତ ମନେ
ମଧୁପେ ପାଛୋଟି ନିଅ
ଝରା ଶେଫାଳି ର ସୁବାସିତ ଓଷ୍ଠେ
ଧରିତ୍ରୀ କୁ ଚୁମି ଦିଅ  ।।

ସବୁଠାରେ ତୁମ  ଅନାହତ ଗୀତି
ଭାବୁକେ ଶୁଣାଇ ଥାଅ
ଭାବହୀନ ମୁଁ ଯେ  ନ ଶୁଣି ପାରିଲେ
ଲୁଚାଇ ପାରିବ କୁହ  ??

କେଉଁ ହୃଦ ନେଇ   ଡାକିବି ପ୍ରଭୁ ହେ
ଯେ ହୃଦୟେ ତୁମେ ନାହଁ
ଭାବ ବିନୋଦିଆ   ଲଗାଇ ହୁନ୍ଦର
ସବୁଠି ଲୁଚି କି ଥାଅ  ।।

ଚଉମୁଖ ,ବାଲେଶ୍ୱର

ଦୂରଭାଷ: ୬୨୮୧୬୯୪୮୯୨

 Magazine Downloaded from www.aahwaan.com

# ହେ ସମୟ ତୁମେ ଫେରିଯାଅ



ସିଦ୍ଧେଶ୍ୱର ତ୍ରିପାଠୀ

ଫେରି ଆସନ୍ତାକି ସେ ସମୟ
ଗୀତଗୀତିକାରେ ଭାସି ଆସନ୍ତା
ଅନିତ୍ୟ ମହାନ୍ତି ଙ୍କ ମିଠା କଣ୍ଠ ସ୍ୱର ।

ବିଦ୍ୟାଳୟ ଯିବାକୁ ଇଛା
ନହେବା ବେଳକୁ
ପକେଇ ଦିଅନ୍ତା ଝିପି ଝିପି ବର୍ଷା ।

ଫେରି ଆସନ୍ତେ କି
ସେଇ ପ୍ରିୟ ମଣିଷ ମାନେ
ଯେଉଁ ମାନଙ୍କ ଦେହ
ଜଳି ସାରିଛି ମଶାଣୀ ଛାତିରେ ।

ଘଣ୍ଟାର କଣ୍ଟା ଗୁଡାକ
ଫେରି ଯାଆନ୍ତା କି କିଛି ବର୍ଷ ପୂର୍ବକୁ
ଯୋଉଠି ମୁଁ ଖେଳନ୍ତି
ତା ସହିତ ବାଲି ଖେଳ ।

ସକାଳୁ ସକାଳୁ ଦୁଇଟଙ୍କାର
ବାରମଜାକୁ ନେଇ
ଆମ ଭାଇ ଭଉଣୀ ଭିତରେ ଲାଗନ୍ତାଣି କଳି
ଘଡ଼ିଏ କୁଆଡେ ଗଲେ
ବାପା ମା ପକାନ୍ତେଣି ଖୋଜା ।

ଯୋଉଠି ଖୋଜିବାକୁ
ପଡନ୍ତାନି ପ୍ରେମ
ନଥାନ୍ତା ତୁମ ପ୍ରତାରଣା

 Magazine Downloaded from www.aahwaan.com

ଯୌବନ ଜୁଆରରେ
ଗରଜୁ ନଥାନ୍ତା ଏ ଦେହର ଭୋକ ।

ମୋ ମୁଣ୍ଡରେ ଲଦା ହୁଅନ୍ତାନି
ତୁମକୁ ନଛୁଇଁବି ଛୁଇଁବାର ଦୋଷ
ଅମୃତକୁ ଛୁଇଁବାକୁ ଅହରହ ଦଉଡୁ ଦଉଡୁ
ମିଳନ୍ତାନି ବିଷ ।

ମୋ କର୍ଣ୍ଣ ଗହ୍ୱରରେ ଅହରହ ପ୍ରତିଧ୍ୱନିତ ହୁଅନ୍ତାନି
ଜୀବନ ଜୀବିକା ର କରୁଣ ଚିତ୍କାର ।

ଶବ୍ଦରେ ଶବ୍ଦ ଗୁଡାକ ଯୋଡି
ଗୁଡାଏ ମିଛ କାହାଣୀ ଲେଖୁ ଲେଖୁ
ମୋ ଜୀବନ ର ସତ ଲାଗୁଥିବା ଚରିତ୍ର ଗୁଡାକ
ପାଲଟି ଯାଆନ୍ତେନି ମିଛ ।

ମୁଁ ଭୁଲିଯା'ନ୍ତି ସବୁ ଦୁଃଖ
ମୋର ନଥାନ୍ତା କିଛି ଅବଶୋଷ
ମୋ ଦେହ ମନକୁ ନଷ୍ଟ କରୁ ନଥାନ୍ତା
ଏ ଅଦେଖା ଦହନ ।

ମୋ ଓଠରେ ଭରିଦିଅ ହସ
ହେ ସମୟ ତୁମେ ଫେରିଆସ ।

 Magazine Downloaded from www.aahwaan.com

# ପଛଧାଡ଼ିର ମଣିଷ



ପ୍ରଦୀପ ବନ୍ଧ

ଦିଶାହରା ଜ୍ୱଳନ୍ତା ଜୁଇରେ
ନିଜକୁ ଶୁଆଇ ଦେଇଛି
ଅମାଅନ୍ଧାରରେ ଭେଟିବାକୁ
ତୁମ ଭଳି ଘୁରିବୁଲୁଥିବା
ଶହ ଶହ ନାମକରା
ଅନ୍ଧାରି ପୁରୁଷୋତ୍ତମ ମାନଙ୍କୁ,

ଆଞ୍ଜୁଳା ଆଞ୍ଜୁଳା ଲୁହ ପିଇ
ଅପେକ୍ଷା କରିଛି
ଯାହା ସାନ୍ନିଧ୍ୟରେ
ମୁଁ ଭୁଲି ଯାଆନ୍ତି
ମୋ ମଣିଷ ପଣିଆକୁ
ଆଉ ଖୋଜିବାକୁ ପଡ଼ନ୍ତାନି
ଏମିତି ତୁଚ୍ଛ ମନ ନେଇ,

ଯାହାର କଲମ ମୁନରେ ଲୁଚି
ରହିଛି ଇତିହାସ
ଯାହାର ପ୍ରତିଟି ଶବ୍ଦରେ
ପ୍ରଲେପିତ ହୋଇଛି
ଶାନ୍ତିର ଅମୃତଭଣ୍ଡା
ଓଠତଳେ ଚାପି ଗୁମୁରି
ଉଠେ ସପ୍ତ ସ୍ୱର
ଯିଏ ନିଜ କଲମ କୁ
ତୃତୀୟ ପାଣ୍ଡବର ଅସ୍ତ୍ର ଭାବି
ଲୁଚେଇ ଏବେବି ଚମକ ସୃଷ୍ଟି
କରିପାରିନଥିଲା,

ଯିଏ
ନିଜକୁ ଅଗ୍ନି ପେଣ୍ଡୁଳାର
ଧାପରୁ ଦୁରେଇ ପାରିନି

 Magazine Downloaded from www.aahwaan.com

ଆକାଶ ତଳେ ଥାଇ ମଧ୍ୟ
ବାଦଲ କୁ ନେଇ ଯିଏ
ଆଙ୍କେ ପୃଥିବୀ ଛାତିରେ
ନିଜ ମନର ଭଙ୍ଗା
ଆଜି ସେ ବାନ୍ଧି ହେଇଯାଇଛି
ସମୟର ନାଗଫସରେ,

ଏବେବି ଖୋଜୁଛି ଅହର୍ନିଶ
ପୃଷ୍ଠା ଆଡେଇ ଆଡେଇ
ଇତିହାସର ଲୁଚି ରହିଥିବା
ଫୁଙ୍ଗୁଳା ମାନଙ୍କର ଅତୀତକୁ
ପୁରୁଣା ଗପ ବହିରେ

କେଉଁ ଏକ ପୁସ୍ତକ ମେଳରେ
ଉଇ ଲଗା ଖଣ୍ଡିଆ
ପାଣ୍ଡୁ ଲିପିରେ,
ଏବେ କିନ୍ତୁ ସବୁ ଆଗକୁ
ମାଡି ଘୁଂଚିଗଲେଣି
ପଛକୁ ପକେଇ ଦେଇ
ବହୁ ପଛକୁ
ହାତ ବଢ଼େଇଲେ ପାଉନି ,
ନିରାଶ ହୋଇ କେବଳ ଜୀଇଛି
ଏକା ଏକା,,, । ।

ଭଦ୍ରକ ବାସୁଦେବପୁର,
ରାଜଘରପୋଖରୀ, ସାନମଛୁଆଘାଇ,
ମୋ–୮୦୭୨୨୮୩୨୨୦,
bandhpradeep@gmail.com

Magazine Downloaded from www.aahwaan.com

# ଝିଅ ତୁ ଏକ ନମ୍ବର



ସୌମ୍ୟରଞ୍ଜନ ପାଲ

ଝରକା ସେପାରୁ
ଝରିଆସେ ମହୁ
ଝାଞ୍ଜି ଖରା ଲାଗେ ତୁଚ୍ଛ ,
ଝଲସି ଉଠଇ
ଝାଉଁଳା ମୁହଁଟା
ଝୁମେ ସମ କେକୀ ପୁଚ୍ଛ ।
ଝରଣା ପରିକା
ଝାଳ ବହିଯାଏ
ଝର ବହେ ଯେନ କୁଣ୍ଡେ ,
ଝଙ୍କାର ଅନ୍ତର
ଝାଡ଼ିଦେଇ ଆସେ
ଝଣ ଝଣ ଭାବ ରୁଣ୍ଡେ ।

ଝାଇଁ ପ୍ରକାଶରେ
ଝାଉଁ ବଣ ସମ
ଝଡେ ପ୍ରୀତି ହସ ତୋ'ର ,
ଝଗଡା ସବୁକୁ
ଝାଡୁ ମାରିନିଏ
ଝିଅ ତୁ ଏକ ନମ୍ବର ।

ଗ୍ରା/ପୋ:- ବଡ଼ଶୋଳ
ଭାୟା - ଝାରପୋଖରିଆ
ଜିଲ୍ଲା - ମୟୂରଭଞ୍ଜ
ପିନ - ୭୫୭୦୮୬
ଦୂରଭାଷ - ୯୯୩୭୮୮୯୮୩୩

 Magazine Downloaded from www.aahwaan.com

# ମାଆ ପାଇଁ ପଦେ



ପ୍ରିୟବ୍ରତ କର

ଦିଅଁ ଦେବତାଙ୍କୁ ମାନସିକ କରି
ମାଆ ଜନମିଲା ପୁଅ ,
ସେଇ ପୁଅ ଆଜି ମାଆକୁ ପିଟୁଛି
କାହାକୁ କହିବି କୁହ ।
ପର ଘରେ ମାଆ ବାସନ ମାଜିକି
ପଢ଼ାଇଲା ତା'କୁ ପାଠ ,
ଘରୁ ଟଙ୍କା ନେଇ କଲେଜ ନଯାଇ
ଝିଅ ପଛେ କଲା ନାଟ ।
ମାଆର ମମତା କହିବାକୁ ଗଲେ
ସତେକି ଚିଲିକା ହ୍ରଦ,
ସେହି ମମତାକୁ ଭୁଲିଯାଇ ପୁଅ
ନିଇତି ପିଉଛି ମଦ ।
ମଦ ପାଇଁ ଆଜି ଟଙ୍କା ନ ଦେବାଟା
ହେଲା ତା' ମାଆର ଦୋଷ ,
ଗୋଇଠା ମାରି ବି ମନ ବୁଝିଲାନି
କହୁଛି ଢାଳିବ ବିଷ ।

ପୁଅ ତା' ବୁଝୁନି ମାଆ ହୃଦୟରେ
ବହୁଛି ଗ୍ରୀଷ୍ମ ବତାସ ,
ତଥାପି ପୁଅର ଶୁଭ ମନାସି ମା'
କରେ ଜାଗର ଉପାସ ।
ବୁଝିବ ନିଶ୍ଚିତ ସେଇ ପୁଅ ଦିନେ
କରିଥିବା ସବୁ ପାପ ,
ବୁଝିଲା ବେଳକୁ ଲିଭି ଯାଇଥିବ
ମାଆର ଜୀବନ ଦୀପ ।
ବଞ୍ଚି ଥାଉ ଥାଉ ଭୁଲ ବୁଝିପାରି
ଋଣ କର ପରିଶୋଧ ,
ମାଆର ଓଠରେ ହସ ଦେଖିବାକୁ
କରୁଛି ମୁଁ ଅନୁରୋଧ ।

ଗ୍ରାମ - ସୋରିଷକୋଠା, ପୋ: - ପାଳଶିଆ
ଭାୟା - ଗଡ଼ଦେଉଳିଆ, ଜିଲ୍ଲା - ମୟୁରଭଞ୍ଜ
ପିନ - ୭୫୭୦୮୨

 Magazine Downloaded from www.aahwaan.com

# ଅଳସୀ ଜହ୍ନ



ଗୌରାଙ୍ଗ ଚରଣ ବେଉରା

ଝାପ୍ସା କୁହୁଡିରେ ଅଳସୀ ଜହ୍ନଟା
ପାଦ ଥାପିଥାପି ଉଁଏ,
ଶିଶିର ବିନ୍ଦୁର ମୁକ୍ତା ଅଳଂକାରେ
ନବ ବଧୂ ସାଜିଥାଏ ॥
ରୂପ ରାଇଜର ରୂପା ପଲଂକରେ
ହସଇ ଧରଣୀ ରାଣୀ,
ଅଝଟ ବାଦଲ ଉପଛାୟା ଢାଳି
ସଜାଇ ଥାଏ ତା ବେଣୀ ॥
ଲଣ୍ଡା ପାହାଡଟା ମୁରୁକି ହସଇ
ଅନ୍ଧାର ବେଦୀରେ ବସି,
ପଲ୍ଲୀ ଗାଆଁ ଦାଣ୍ଡ ଲୁଚକାଳି ଖେଳେ
ଜହ୍ନକୋଳେ ଯେହ୍ନେ ଶଶୀ ॥

ନିଃଶବ୍ଦ ସନ୍ଧ୍ୟାରେ ଶୀତ ସବାରୀରେ
ସନ୍ଧ୍ୟାରାଣୀ କାଢି ମୁହଁ,
ପ୍ରଦୀପ ଶିଖାରେ ପ୍ରଣତି ଘେନଇ
ଧରଣୀକୁ କରି ସ୍ନେହ ॥
ଗେଣ୍ଡୁଫୁଲେ ମହୀ ହସୁଥାଏ ରହି
ସତେ କି ସେ ଫୁଲବାଲୀ,
ରଂଗ ବଳୟରେ ରଂଗୀନ ବେଦୀରେ
ସାଜି ସେ ଫୁଲେଇ କଲୀ ॥
ଶୀତୁଆ ସମୀର ହିମ ଲହରୀରେ
ଚାମର ହଲାଇ ଧୀରେ,
ପଲ୍ଲବରେ ବୋଳି ବାଳ ହିମରେଣୁ
ପାଦରେ ପ୍ରଣତି ବାଢେ ॥

ପ୍ର.ଶିକ୍ଷକ, କୁଲିଆମାଲ ଉଚ୍ଚ ବିଦ୍ୟାଳୟ

 Magazine Downloaded from www.aahwaan.com

# ଆମେ ଘାସଫୁଲ



ଜଗନ୍ନାଥ ତରେଇ

ଭାଇ ଯାଏ ମୋର ପାଠ ପଢିବାକୁ
ଘରେ ମୁଁ ବସାଏ ଭାତ
ଘର ପାଇଟି କୁ କରି ନ ପାରିଲେ
ସହିବାକୁ ପଡେ ନାତ
ଝିଅ ହୋଇ ପରା ଜନମ ନେଇଛି
ଏଇ ତ ମୋହର ପାପ
ପାଠ ପଢି ମୁହିଁ ବଡ ଯେ ହୁଅନ୍ତି
ବୁଝେ ନାହିଁ ମୋର ବାପ
କୁନା ମୁନା ବୁନା ଇସ୍କୁଲୁ ଯାଆନ୍ତି
ଦେଖି ଲାଗେ ବଡ ଖୁସି
କୁନି ରୁ ଯଦି ମୁଁ କୁନା ହୋଇଥାନ୍ତି
ଯାଆନ୍ତି ସାଙ୍ଗରେ ମିଶି
ହାଣ୍ଡି କି ମାଜିବା ବିଲରେ ଖଟିବା
ଏଇ ମୋ ଜନମ ଫଳ
ମାଡ ଗାଳି ଖାଇ କବାଟ କୋଣରେ
କଟେ ମୋର ଦିନ କାଳ
କୁନା ହେଲାବେଳେ ଗାଁ ଯାକ ବାପା
ବାଣ୍ଟିଲା ବୁନ୍ଦିଆ ଲଡୁ
କୁନି ବୋଲି ଯେବେ ଆସିଲି ଜଗତେ
ପାଖକୁ କେବେ ନ ଭିଡୁ
ଖାଇଛି କି ନାହିଁ ଶୋଇଛି କି ନାହିଁ
ଖବର କେବେ ନ ରଖ
କୁନା ପାଇଁ କେତେ ନାନାଦି ଦରବ
ଯେଉଁଥିରେ ତାର ସୁଖ
ଖତ ସାର ଦେଇ କୁଣ୍ଡ ର ଗଛକୁ
ଯତନ କରନ୍ତି କେତେ
ଅଳିଆ ଗଦାର ଛୋଟ ଫୁଲଗଛେ
ସାର କି ପଡଇ ସତେ ?
ବଡ ବଡ ଫୁଲ ସୁନ୍ଦର ଦିଶନ୍ତି
ରହିଛି ତାହାର ମୂଲ
ଆମ କଥା କିଏ ପଚାରେ ଜଗତେ
ଆମେ ପରା ଘାସଫୁଲ...

କୁଳିଅଣା,ମୟୂରଭଞ୍ଜ
ଇ ମେଲ୍ : jagannath-
tarei88@gmail.com

 Magazine Downloaded from www.aahwaan.com

# ଗାଁଟି ମୋର



ଡ: ଅମରେଶ ପଟ୍ଟନାୟକ

ଗାଁ ଟି ମୋର ସଫାସୁତର  ଅଟଇ ଅତି ଆପଣାର

ଗାଁର ଚିହ୍ନ ବର୍ଣ୍ଣ ନାହିଁ   ପାଲଟିଛି ଏବେ ସହର

ଗାଁର ଶୋଭା  ଅଟଇ ମନଲୋଭା ଗାଁ ମୁଣ୍ଡ ବରଗଛର ଆଭା

ପିଣ୍ଡାରେ ବସି ତାସ ଖେଳ ବର ଓହଳରେ ପିଲାଂକ ଦଳ ବଢ଼ାଇ ଦିଏ ତା ଶୋଭା

ଗାଁ ଶେଷରେ ଭାଗବତର ଟୁଙ୍ଗୀ

ସମାବେଶରେ ପିଲା, ବୁଢା ଓ ଗୁଙ୍ଗି

ସଭିଏଁ ମିଳନ୍ତି ସଭିଏଁ ଶୁଣନ୍ତି ଅଟେ

ଭିନ୍ନ ଭିନ୍ନ ତାଙ୍କ ଦୃଷ୍ଟି ଭଙ୍ଗୀ

ମାଟିରାସ୍ତାର ଅକାଳ ଚଡ଼କ

ବଞ୍ଚିବେନି ଆଉ କାଉ ଓ ବକ

ସମସ୍ତେ ମରିବେ ଭୋଗିବେ ମରଣାନ୍ତକ

ଏହାହିଁ କଂକ୍ରିଟ ଜଙ୍ଗଲ ର ସନ୍ତକ

ଚଷା ଭାଇର ବାରବାଟୀ ଚାଷ

ଆଜିନାହିଁ ଜାଇଛି ଫସରଫାସ

ତଥାପି ମନରେ ବାନ୍ଧିଛି ସାହାସ

ଦାଦନଖଟି ଯିବ ସୁରାଟ ଦେଶ

 Magazine Downloaded from www.aahwaan.com

ମନରେ ଅନାବିଳ ପ୍ରେମ

ଗାଁ ମାଟିର ଅଟେ ସମମ୍ମାନ

ଏହାହିଁ ନର୍କ ଏହାହିଁ ସ୍ୱର୍ଗ ଜଣାପଡେ

ଫେରି ଦୂରଦେଶୁ ଖଟି ଦାଦନ

ବାପା, ମା, ଦାଦା, ଖୁଡି ସମସ୍ତେ ବସନ୍ତି ଯୋଡିଯୋଡି

କକେଇ, ଦେଠେଇ, ଭାଇ, ଭାଉଣୀ ଜଣେ ଚାଲେ ଆଉ ଜଣକୁ ଭିଡ଼ି

ଆଉ ନ ଶୁଭେ ଏ ଚଷାଭାଇର ଗୀତ

ଉଜୁଡି ଯାଇଛି ଯାର ସୁବର୍ଣ୍ଣ କ୍ଷେତ

ହାତକୁ ହାତ ବର୍ଷାରେ ଶୀତ ବସନ୍ତ ରାମାୟଣ, ମହାଭାରତ, ଗୀତା ଓ ଭାଗବତ

ମନ୍ଦିରେ ଉଡ଼ଇ ନେତ ମର୍କଟ କେଶରୀଙ୍କ ଉତ୍ପାତ

ଆମ୍ବତୋଟା ଥିଲା ଶତଶତ ଯାହା ଗୋଚର ଭୂମି ରେ ପରିଣତ

ଯାହା ଗୋଚର ଭୂମି ରେ ପରିଣତ........

ବିଜ୍ଞାନ ଶିକ୍ଷକ

ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ

ପୋଲସରା, ଗଞ୍ଜାମ, ୭୬୧୧୦୫

ଦୂରାଭାଷ–୭୮୭୩୦୨୩୦୦୫

 Magazine Downloaded from www.aahwaan.com

# ପ୍ରେମ - ଏକ କାହାଣୀ



ପ୍ରତିଭା ପ୍ରିୟଦର୍ଶିନୀ

ପ୍ରେମକୁ ଦେଖିଲି ସେଦିନ
ବସିଥିଲା ରାଜରାସ୍ତା ଧାରେ ।
ଖୁବ୍ ଥକି ଯାଇଥିଲା ସେ
ମିଥ୍ୟା, ଛଳନା ଓ ପ୍ରତାରଣାର
ବୋଝ ବୋହି ବୋହି ।
ଭଗ୍ନ ବିଶ୍ୱାସରେ ତାଳିପକା
ଛିଣ୍ଡା ଲୁଗା ଖଣ୍ଡେ ପିନ୍ଧି
ପ୍ରେମର ଭିକ ମାଗୁଥିଲା ।

ଅଶ୍ରୁ ବତୁରା ତା ନମନୀୟ ଦେହ ଦେଖି
ଭାବୁଥିଲି ପ୍ରେମ ନିଶ୍ଚେ ନାରୀ ଟିଏ,
ପରିତ୍ୟଜନ ର ଚାଦର ଘୋଡେଇ
ଶିଶୁଟିଏ ଗୁଣ୍ଡିହୋଇ ବସିଥିଲା ପ୍ରେମ ପାଖେ
ନାଁ ତା'ର "ବନ୍ଧୁତା".....

କେଜାଣି ସେମାନେ ଫେରି ପାରିବେକି ନାହିଁ
ତାଙ୍କର ସେହି ପୁରୁଣା ଘରକୁ !
ମଣିଷ ମାନଙ୍କ ହୃଦୟ,
ଯେଉଁଠି ଏତେକାଳ ରହିଥିଲେ ସୁଖେ ।
ପ୍ରେମ ଆଜି ମଥାନୋଇଁ ଘୁରିବୁଲେ
ପଥପ୍ରାନ୍ତେ,
ଖୋଜୁଥାଏ ପ୍ରତିଟି ଆଖିରେ
କେହି କାଳେ ଲେଉଟାଇ ନେବ,
ତା'କୁ ତା'ର ପୁରୁଣା ବସାକୁ.....

ହାତେ ନେଇ ଭିକ୍ଷାପାତ୍ର
ପ୍ରେମ ମାଗୁଥାଏ ମୂଲ୍ୟ, ତା ଯୋଗ୍ୟପଣର...
ଖୋଜୁଥାଏ ଟିକେ ଶ୍ରଦ୍ଧା ।
ଆମେ କିନ୍ତୁ ଅତିକ୍ରମି ଯାଉ
ତା ଶୂନ୍ୟ ଆଖିକୁ ଅନାଇ ।
ଉପେକ୍ଷିବା ପାଇଁ
ନିଜ ବିବର୍ତ୍ତନର ବିକାର,
ଯାହା ଖାଲି ଶ୍ରେଷ୍ଠତ୍ୱର ସ୍ୱପ୍ନ ଦେଖେ ।

ପ୍ରେମ ଏବେ ସ୍ୱାକ୍ଷରଟେ ମାତ୍ର
ମୂଲ୍ୟହୀନ ଏକ ଅଦୃଶ୍ୟ ରାଜିନାମାରେ,
ଆମେ କ୍ଷତିକୁ ଘୃଣା କରୁ,

 Magazine Downloaded from www.aahwaan.com

ଆଉ ପ୍ରେମ ଏବେ କ୍ଷାନ୍ତ
ଲାଭଜନକ ବ୍ୟବସାୟ ଦୌଡରୁ ।

ଏବେବି ତା ପିଲା "ବନ୍ଧୁତା" କୁ ସେ ଶିଖାଏ
ଏ ଦୁନିଆଟା ଖୁବ୍ ସୁନ୍ଦର ବୋଲି ।
ପୂର୍ଣ୍ଣ ହୋଇଥିବା ଭଗ୍ନ ପ୍ରତିଶ୍ରୁତିର
ତାହାମିଛ ପ୍ରହେଳି ଦେଖେଇ ।

ବନ୍ଧୁତା ବି ଝୁଣ୍ଟିପଡି ଛିଡାଇଛି ଆଣ୍ଠୁ
ଅନ୍ଧାରୀ ରାଜପଥର ବହଳ ଶୂନ୍ୟତାରୁ
ଶୁଭୁଛି ତା କାନ୍ଦିବାର କରୁଣ ଚିତ୍କାର ।

ପ୍ରତ୍ୟୟହୀନ ପାଲଟିଛି ପୃଥିବୀ,
ଆବେଗ ଶଢୁଛି ଅଳିଆଗଦାରେ ।
ଭାଙ୍ଗି ଯାଇଥିଲେ ଯୋଡିହୁଏ ସିନା
କିନ୍ତୁ ପ୍ରତ୍ୟୟ ମରାମତି କରି ହୁଏନା
ଜୀବନ୍ତ ଆତ୍ମାଙ୍କ ଆହତ ଶ୍ମଶାନ ଭୂଇଁରେ ।

ଏଇ ଦେଖତ,
ପ୍ରେମ ଓ ବନ୍ଧୁତା
କେମିତି ଶୋଇଛନ୍ତି
ଭଗ୍ନ ଆବେଗର ଭଙ୍ଗା ପଥର ଶେଯରେ ।

ମୁଁ ବି ଦିନେ ମାଗିଥିଲି ପ୍ରେମ,
ଖୋଜିଥିଲି ଅମର ବନ୍ଧୁତା,
ଏବେ ଉନ୍ମେହଇ ଜାଳିବି
ପରିହାସିତ, ଉପେକ୍ଷିତ, ତିରସ୍କୃତ
ମୋ ଭାବନା ସବୁର.....
ତା'ରି ପାଖରେ ବସି କହିବୁ କାହାଣୀ
ମୁଁ, ପ୍ରେମ ଓ ବନ୍ଧୁତା ।
ଗୋଟାଏ ହୃଦୟର ବାରମ୍ବାର ଭଙ୍ଗାଯୋଡା କଥା,
ସେଇ ହୃଦୟଟା ମୋର,,,
ହଁ, ତୁମର...
ଯିଏ ପଢୁଛ...
ତୁମର ବି ହୋଇପାରେ..... ! ! !

କଟକ

 Magazine Downloaded from www.aahwaan.com

# ଶୀତ ସକାଳ



ଶୁଭସ୍ମିତା ବେହେରା

ଯେବେ ଯେବେ ତୁମେ ମନେ ପଡ଼

ଦୁଃଖ ବଦଳରେ ସୁଖ ହୁଏ ଭାରୀ

କାହିଁକି ଜାଣ ?

ତୁମ ପ୍ରଶ୍ନର ମୁଁ ଏକ ଉତ୍ତର

ତୁମ ଭୁଲ୍‌ର ମୁଁ ଏକ ପରିସମାପ୍ତି ।

ମୋ କୋହର ତୁମେ

ଏକା ହିଁ ଲାଘବ

ମୋ ସୁନେଲି ସ୍ୱାର୍ଥର

ତୁମେ ଗୋଟିଏ ହିଁ କିରଣ ।

ତୁମ ପ୍ରତାରଣା ସତ୍ତ୍ୱେ

ମୁଁ ଆଜି ବି ବିରହିଣୀ

ଆଜି ବି ମୁଁ ଅନେଇ ରହିଛି

ସେ ସୀମାହୀନ ପଥକୁ ମୁଁ

ଝର୍କାରେ ଦେଖେ ଶୀତ ପ୍ରାତଃର ନବ କର ।

ଆଉ ତା' ମଧ୍ୟୁ ତମେ

ଉଦ୍ଭାସିତ ହୁଅ ଟିକେ ନୁହେଁ

ଥରେ ଅଧେ ନୁହେଁ ବରଂ ବାରବାର

କହିବକି ପ୍ରିୟ ଏପରି କାହିଁକି ହୁଏ ?

ଉଦୟନାଥ ଅଟୋନୋମସ୍ କଲେଜ (ଅଡ଼ଶପୁର)

Magazine Downloaded from www.aahwaan.com

# ସ୍ୱପ୍ନ



ଜୟଶ୍ରୀ ମହାରଣା

ଶୀତରାଣୀ ଆସିଥିଲା
ମୋର ରାଇଜକୁ
ଥରାଇଲା ଆବେଗରେ
ମନ, ଶରୀରକୁ ।୧

ଅମାନିଆ ନୟନରେ
ସ୍ୱପ୍ନର ଲହଡି
ସ୍ମୃତିଭିଜା ସକାଳର
ସତେ କି କୁହୁଡି ।୨

ପ୍ରୀତିପର୍ଣ୍ଣା ନିଶିଥିନୀ
ପ୍ରେମର ନିଶାରେ
ଭିଜିଥିଲା କିଛିକ୍ଷଣ
ପ୍ରକୃତି କୋଳରେ ।୩

ଧୀରେ ଧୀରେ ହଜୁଥିଲା
ରାତ୍ରିର ଅନ୍ଧାର
ହୃଦୟରେ ଖେଳୁଥିଲା
ପ୍ରେମର ଜୁଆର ।୪

ସେହି ଶୁଭ ମୁହୂର୍ତ୍ତରେ
ଆସିଥିଲ ପ୍ରିୟ
ଆଲିଙ୍ଗନେ ଛାତିତଳୁ
ଭୁଲିଗଲି ଭୟ ।୫

ନଇଁଗଲା ଆଖିପତା
ଲାଜ ଶରମରେ
ପ୍ରୀତିନୀରେ ଭିଜିଗଲି
ତୁମ୍ଭ ଚୁମ୍ବନରେ ।୬

ଉଷ୍ମ ନିଃଶ୍ୱାସର ସ୍ପର୍ଶେ
ଦେଲି ଆଖିଖୋଲି
ବୁଝିଗଲି ସତ ନୁହେଁ
ସ୍ୱପ୍ନଟିଏ ବୋଲି ।୭

ବାଣପୁର,ଖୋର୍ଦ୍ଧା

 Magazine Downloaded from www.aahwaan.com

# ଆହ୍ୱାନ



ବିଦ୍ୟାଧର ସେଠୀ

ନୂଆ ବର୍ଷ ଆସିଗଲା

ଚାଲ... !

ସଭିଏଁ ମିଶି ସଙ୍ଖୋଳିବା

ପୂରୁବ ଆକାଶରେ ସିନ୍ଦୁରା ଫାଟିଲେ

ନବ ରବିକୁ ସ୍ୱାଗତ କରିବା ।

ଚାଲ... !

ଶପଥ କରିବା

ଶାନ୍ତି, ମୈତ୍ରୀ ଅହିଂସାର ରେଣୁ ବିଛୁରାଇ

ସନ୍ତ୍ରାସର ବିଭୀଷିକା

ଲୋପ କରିଦେବା ।

ଚାଲ... !

ଧର୍ମ ନାମରେ ବ୍ୟଭିଚାରକୁ

ଜଉମୁଦ ଲଫାଫାରେ ବନ୍ଦ କରିଦେବା

ମାନବତାକୁ ପାଥେୟ କରି

ଧର୍ମର ନୂଆ ସମ୍ବିଧାନ ଲେଖିବା ।

ଚାଲ... !

ହୃଦୟରେ ହୃଦୟ ମିଶାଇ

ବିଭିନ୍ନତା ଭୁଲିଯିବା

ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ

ନବବର୍ଷକୁ ସାର୍ଥକ କରିବା ।

ବ୍ୟକ୍ତିଗତ ସହାୟକ

ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର

ଓଡ଼ିଶା, ୭୫୬୦୦୧

 Magazine Downloaded from www.aahwaan.com

# ସୈନିକ



ତୁଷାରକାନ୍ତ ପ୍ରସାଦ

ମାଟିର ସେବାରେ ଅମୂଲ୍ୟ ଜୀବନ,
ବୀର ଦେଇପାରେ କେବଳ ବଳିଦାନ ।
ମାଟି ମାଟି ଗାଏ ଯା ହୃଦ ସ୍ପନ୍ଦନ,
ହେ ବୀର ତୁମକୁ କୋଟି କୋଟି ନମନ । ।

ଯାହାଙ୍କ ନିଶ୍ୱାସେ ତ୍ରିରଙ୍ଗା ଉଡଇ,
ଦେଶପ୍ରେମ ଗଙ୍ଗା ଯା ହୃଦୟେ ବହଇ ।
ସିଂହ ପରି ଯୁଝେ ରଣକ୍ଷେତ୍ରେ ସେହି,
ଇତିହାସ ରଚେ ସେ ଦେଶ ଜାତି ପାଇଁ । ।

ମାଟିର ସେବାରେ ଯିଏ ଲହୁ ଢାଳେ,
ଅନ୍ଧକାର ନାଶି ଯେ ଦୀପଶିଖା ଜାଳେ ।
ବୀର ପ୍ରସବିନୀ ଆମ ମାତୃଭୂମି,
ଶତ୍ରୁକୁ ନିପାତ କରିଛି କାଳେ କାଳେ । ।

ସେନା ପାଇଁ ସାରା ଦେଶ ପରିବାର,

Magazine Downloaded from www.aahwaan.com

ସୁରକ୍ଷା ରେ ସାଜେ ଯେ ସଶକ୍ତ ପ୍ରାଚୀର ।
ମାଟି ମାଆ ପାଇଁ ସେ ଶ୍ରେଷ୍ଠ ସେବକ,
ସେବାରେ ଝରାଏ ସେ ଛାତିରୁ ରୁଧିର । ।

ଜାତି, ଧର୍ମ ନାମେ ଆମେ କରୁ କଳି,
ସୀମା ପରେ ବୀର ଦିଏ ଜୀବନ ବଳି ।
ନିଶ୍ୱାସ ଆମର ଯାର ବଳିଦାନ,
ଧର୍ମ ନାମେ ଲଢ ଥରେ ମନରେ ଭାଳି । ।

କେତେ ବୀର ଆସି ଗଲେ ଏ ମାଟିରେ,
ଉଦାହରଣ ଲୋଡା ନାହିଁ ସମ୍ମୁଖରେ ।
ବନ୍ଦଇ ଜନନୀ ତୋ ବୀର ସନ୍ତାନ,
ଦେଶପ୍ରେମ ପାଇଁ ଯେ ସାଜେ ସୈନିକରେ । ।

ବରୀ, ଯାଜପୁର
ମୋ - ୯୮୫୩୦୯୨୬୩୦

 Magazine Downloaded from www.aahwaan.com

# ମୋ ଗାଁର ସୌନ୍ଦର୍ଯ୍ୟ



ପ୍ରେମଶିଳା ରାଉତ

ଦୂରେ ଥାଇ ଆଜି ମନେପଡେ ମୋର
ଜନମ ଭୂଇଁ ମୋ ଗାଆଁ
ଜୀବନରେ କେବେ ଭୁଲିପାରିବିନି
ତାହାର ଛୋଟିଆ ନାଆଁ ।
ନାଆଁଟି ତାହାର ଛୋଟିଆ ହେଲେବି
ଗୁଣ ଗୌରବେ ପୂରିତ
ସୌନ୍ଦର୍ଯ୍ୟରେ ତାର ମୋହି ନିଏ ମନ
ଦେଖି ଲାଖି ରହେ ନେତ ।
ଚଉଦିଗେ ତାର ମନ୍ଦିର ଗୁଡିକ
ଗଛଲତା ଆଉ ନଦୀ
ତା ସାଥେ ପୁଣି ଶୋଭା ପାଇଥାଏ
ଚାଷ ଜମି ଧାନଖାନ୍ଦି ।
ଘର ବାଡିରେ ଫୁଲ ଫଳ ଗଛ
ଅଛି ପ୍ରତି ଘରେ ଘରେ
ଦିଶଇ ସୁନ୍ଦର ମନଲୋଭା କେତେ
ଭାବୁଥାଏ ଥରେ ଥରେ ।
ଗାଆଁ ମଝିରେ ବର ଗଛ ମୂଳେ
ବଗ ବଗୁଲିର ଭିଡ
ଦେଖି ସତେ ମନ ନେଇଥାଏ କିଣି
କପୋତ କପୋତି ନିଡ ।

ଗାଆର ଯବାନ ଗଛ ତଳେ ବସି
କରନ୍ତି ଯେ ଗପସପ
ଖେଳରେ ଖଟିରେ ମଉଜ କରନ୍ତି
ଗଛ ତଳେ କରି ଜପ ।
ଭଲ ଲାଗେ ବେଶୀ କୀର୍ତ୍ତନ ମଣ୍ଡପ
ଅଛି ଆମ ଗାଆଁ ମଝିରେ
ନା ନା ରଙ୍ଗେ ସତେ ଦିଶଇ ସୁନ୍ଦର
ଚିତ୍ର ବିଚିତ୍ର ରୂପରେ ।
ଗାଆଁ ଟି ମୋହର ସବୁଜ ସୁନ୍ଦର
ଲାଗେ ମୋତେ ଭାରି ଭଲ
ତାହାରି କୋଳରେ ଜନମ ମୋର
ଅଟଇ ସରଗ ପୁର ।

ଗ୍ରାମ- ବୃନ୍ଦାବାହାଲ, ବ୍ଲକ - ଗୋଲାମୁଣ୍ଡା
ଜିଲ୍ଲା- କଳାହାଣ୍ଡି, ଓଡ଼ିଶା

 Magazine Downloaded from www.aahwaan.com

# ମା



ଭାଗିରଥୀ ଯାନୀ

ଜନମ ଦେଇ ପାଳିଛି ଯିଏ
ଛୋଟରୁ ବଡ ଯାଏ,
ନ ଖାଇ ଯିଏ ଖୁଆଇ ଦିଏ
ଖାଇ ଜାଣିବା ଯାଏ । ।୧ । ।

ସ୍ନେହ ମମତା ତାହାର ଯେତେ
ନାହିଁ ତା' ପଟ୍ଟାନ୍ତର,
ଭାଇ, ବନ୍ଧୁ ଓ କୁଟୁମ୍ବ ଯେତେ
କରେ ସେ ଆପଣାର । ।୨ । ।

ବଡ ହୋଇଲେ ପୂର୍ଣ୍ଣ କରିବା
ତାଙ୍କରି ଯେତେ ଆଶା,
ସେ ପରା ଆମ ପ୍ରଥମ ଗୁରୁ
ସେ ହିଁ ଆମ ଭରସା । ।୩ । ।

ଯେତେ ଦିନ ଏ ଜୀବନ ଥିବ
କରିବା ତାଙ୍କ ସେବା,
ଆମ ଜୀବନେ ସର୍ବଦା ତାଙ୍କୁ
ଖୁସିରେ ରଖୁଥିବା । ।୪ । ।

ଦୁଃଖରେ ହେଉ ଅବା ସୁଖରେ
ସେ ହିଁ ଆମର ସାହା,
ରୁଷିଲେ ଯିଏ ଗେହ୍ଲ କରଇ
ସେ ପରା ଆମ ମାଆ । ।୫ । ।

ଗ୍ରାମ-ଦଳପଡା,ଡା.ଘ.-ଦଳପଡା,
ଭାୟା-ଖଜୁରୀପଡା,
ଜିଲ୍ଲା-କନ୍ଧମାଳ,ପିନ୍-୭୬୨୦୧୨,
ଭ୍ରାମ୍ୟଭାଷ-୯୪୩୮୦୨୬୮୪୮

 Magazine Downloaded from www.aahwaan.com

# ମାଆ



ମନୋଜ କୁମାର ପ୍ରଧାନ

ମାଆ ମୋର ଈଶ୍ୱରଙ୍କ ଜୀବନ୍ତ ପ୍ରମାଣ
ମାଆ ଜଗତରେ ଏକାଭରେ ସବୁ ପ୍ରାଣ,
ମାଆ ଦୁଃଖର ଝାଞ୍ଜିରେ ଶୀତଳ ଚନ୍ଦନ
ମାଆ ପରା ବିସ୍ତୀର୍ଣ୍ଣ ଖୁସିର ମଇଦାନ,
ମାଆଠାରୁ କରିଛି ମୁଁ ଜୀବନ ଆସ୍ୱାଦନ
ମାଆ ମୋର ଜୀବନର ସକଳ ବନ୍ଦନ,
ମାଆ ନାମେ ଉଦ୍ଭାସିତ ହୃଦ ପୁଷ୍ପବନ
ମାଆ ଦେଲା ଆତ୍ମାକୁ ରୂପର ଲେଖନ,
ମାଆ ତାର ପିଲାଟିର ଅସୀମ ବିଶ୍ୱାସ
ମାଆଯୋଗୁଁ ନୂଆପ୍ରାଣ ନେଇଥାଏ ଶ୍ୱାସ,
ମାଆ ଏକା ମମତାର ଅଥଳ ସାଗର
ମାଆ ସ୍ନେହ ବିକାଶର ଅସରା ଅମ୍ବର,,
ମାଆ ବାତ୍ସଲ୍ୟ ପ୍ରେମର ଶାଶ୍ୱତ ଝରଣା
ମାଆ ସାହସର ହିମାଳୟ ମଳୟ ଭରଣା,
ମାଆ କୁନି ଚଢ଼େଇର ଅସରା ଆକାଶ
ମାଆ ମୃତ୍ୟୁ ବନ୍ଧନରେ ଜୀଇଁବା ବିଶ୍ୱାସ,,

 Magazine Downloaded from www.aahwaan.com

ମାଆ  ମନ ମରୁ ପରେ   ଶ୍ରାବଣର ଧାର

ମାଆ କଢ଼ିଠାରୁ ଫୁଲଯାଏ ମହକ ବିସ୍ତାର,,

ମାଆ ଦେଇପାରେ ଦୁନିଆରେ ପରିଚୟ

ମାଆ ନାମାମୃତ ପାନେ  ଦୂର ବରାଭୟ,,

ମାଆ ମୋର  ଜୀବନର  ପହିଲି କିରଣ

ମାଆ ମାଆ  ଜପି ଯାଉ  ମନୁର ପରାଣ,,

ମନୋଜ କୁମାର ପ୍ରଧାନ, ମନୁ

ବ୍ରଜରାଜ ପାଟଣା, ନିଶ୍ଚିନ୍ତକୋଇଲି, କଟକ

 Magazine Downloaded from www.aahwaan.com

# କହ ଝିଅ ତୁ କଣ ହେବୁ ?



ବନ୍ଦିତା କର

କହ ଝିଅ ତୁ କଣ ହେବୁ  ?
ମଥା ପାତି ସହୁଥିବୁ, ଆଶଂକାରେ ଜିଉଁଥିବୁ ?
ପାପିଷ୍ଠର କ୍ରୁର ଆଘାତକୁ..
କଳଂକର ବେଡିକରି ପିନ୍ଧୁଥିବୁ ?
କହ ଝିଅ ତୁ କ'ଣ ହେବୁ ?
ଉଆଁଶର କଳା ଓଢଣୀରେ ...
ମୁହଁ ଲୁଚେଇ କାନ୍ଦୁଥିବା ଜହ୍ନ ହେବୁ ନା
ଅନ୍ଧାରର ଛିତି ଚିରି ମିଟ୍ ମିଟ୍ ହସୁଥିବା ତାରା ହେବୁ ?
କହ ଝିଅ, ତୁ କ'ଣ ହେବୁ ?
କହ ବୋହୁ, ତୁ କ'ଣ ହେବୁ ?
ଦୁଃଖ ସବୁ ଗଣୁଥିବୁ ? ନୀରବରେ ଶୁଣୁଥିବୁ ?
ଅଗଣିତ ନିନ୍ଦା ଅସୂୟାକୁ ..
ପଣତେ କଉଡି କରି ବାନ୍ଧୁଥିବୁ ?
କହ ବୋହୁ, ତୁ କ'ଣ ହେବୁ  ?
ତେଲ ଲୁଣ ସଂସାର ଚୁଲାରେ....
ଇର୍ଷା ଆଉ ବିଦ୍ୱେଷର କୁହୁଳା ଧୂଆଁ ହେବୁ ନା
ବିଶ୍ୱାସର ବୃନ୍ଦାବତୀ ମୂଳେ ଦିକିଦିକି ଦୀପାଳିର ନିଆଁ ହେବୁ ?
କହ ବୋହୁ, ତୁ କ'ଣ ହେବୁ ?

ନୂଆ ବନ୍ଧସାହି
ନବରଂଗପୁର

Magazine Downloaded from www.aahwaan.com

# ମହାମାୟୀ



ଚିତ୍ତରଞ୍ଜନ ସାହୁ

ଜୟ ହେ ଦେବୀ ମହାକାଳୀ
ତୋ ପାଖେ ମୋର ଏହି ଅଳି
ତୋ ନାମ ଯିଏ ସୁମରିବ
ପାପ ତାହାର ହରି ଯିବ
ମଙ୍ଗଳକାରିଣୀ ମଙ୍ଗଳା
ଦୁଃଖନାଶିନୀ ମା ବିମଳା
ତୁ ମାତା ଅନ୍ନ ବସ୍ତ୍ର ଦେଉ
ଏ ରୂପେ ଜଗତ ପାଳଉ
ବିପଦ ବେଳେ ସାହାହେଉ
ପୁତ୍ରକୁ ଉଦ୍ଧାର କରଉ
କମଳ ବାସିନୀ କମଳା
ଝଙ୍କଡ଼ ବାସିନୀ ଶାରଳା
ବ୍ରହ୍ମାଣ୍ଡେ ଆଦିଶକ୍ତି ତୁହି
ଜଗଜ୍ଜନନୀ ମହମାୟୀ
ସବୁଠୁ ନିରାଶା ମିଳିଛି
ତୋ ପାଦେ ଶରଣ ପଶିଛି
ଆଶାକୁ ମୋର ପୂର୍ଣ୍ଣକର
ଗୁହାରି ଶୁଣ ମା ପୁତ୍ରର
ତୋ ରୂପ ଦେଖି ଦୁଷ୍ଟ ପାପୀ
ଭୟରେ ଏଣେତେଣେ ଦେଖି
କୁଆଡେ ନଯାଇ ପାରନ୍ତି
ତୋ ପାଖେ କ୍ରନ୍ଦନ କରନ୍ତି
ଶରଣ ଦେଉ ସାହାହୋଇ
ଧନ୍ୟ ଧନ୍ୟ ତୁ ମହାମାୟୀ

ସିଙ୍ଗିର, ଆଳି, କେନ୍ଦ୍ରାପଡା
ଭ୍ରାମ୍ୟଭାଷ : ୭୩୭୭୭୬୮୭୩୮
schittaranjan93@gmail.com

Magazine Downloaded from www.aahwaan.com

# ଦୂରେଇ ଗଲାପରେ



ଅଜୟ କୁମାର ବେହେରା

ମୋର ସବୁଦିନ ସବୁରାତି
କଟୁଥିଲା ତୁମ ଭାବନାରେ
ଆଜି ମୁଁ ଦୂରେଇ ଗଲା ପରେ
ଭାବୁଛି ତୁମେ ଥିବ ଭଲରେ.(୧)

ଦୋଷ ଥିଲା ମୋର କେଉଁଥିରେ
କହିବ କି ଖାଲି ତୁମେ ଥରେ
ଆଜି ବି ଅଛ ମୋ ହୃଦୟରେ
ଥିଲେ ପଛେ ତୁମେ ଯେତେ ଦୂରେ.....(୨)

କରିଥିଲି ତୁମକୁ ନିଜର
ସହି ସବୁ ନିନ୍ଦା ସମାଜର
ନ ରଖି ଅବା ବାଛ ବିଚାର
କାହିଁ ଭାଙ୍ଗିଲ ମନ ମୋର...(୩)

ତୁମକୁ ମୁଁ ଭୁଲି ପାରୁ ନାହିଁ
ରାତିରେ ତ ଶୋଇ ପାରୁନାହିଁ
ପ୍ରିୟା ଯେବେ ମୋର ପାଖେ ନାହିଁ
ବଞ୍ଚିବି ମୁଁ କାହା ବାଟ ଚାହିଁ.(୪)

ଭାଙ୍ଗି ଦେଇ ତୁ ହୃଦୟ ମୋର
ଗଢିବୁ କି ତୁ ଖୁସିର ଘର
ଯଦି ହୁଏ ଏ ବିଚାର ତୋର
ଧିକ ଖାଲି ଏ ଜୀବନ ମୋର........(୫)

ଏତେ ଭଲ ତ ପାଇଲ ମୋତେ
ମୋ ପାଇଁ ଦୁଃଖ ସହିଲ କେତେ
ଏ କି ଅଭିନୟ ଥିଲା ସତେ
କୁହ ଖାଲି ତୁମେ ଥରେ ମୋତେ.....(୬)

ଆଜି ମୁଁ ଅଛି କେତେ ଦୁଃଖରେ
ଆସି ଦେଖି ଯାଅ ଖାଲି ଥରେ
ଜୀବନ ମୋ ବିତେ ରାସ୍ତା ଧାରେ
ଦୁନିଆ ନିନ୍ଦା ନେଇ ସାଥିରେ.......(୭)

ମୋରଡ଼ା,ମୟୂରଭଞ୍ଜ ।।

 Magazine Downloaded from www.aahwaan.com

# ମୁଁ ଯେବେ ତୁମକୁ ଭେଟିଲି



କସ୍ତୁରୀ ଚରଣ
ରାଉତ

ମୁଁ ଯେବେ ତୁମକୁ ଭେଟିଲି
କୁଆଁ କୁଆଁ ରାବ କରୁଥିଲ
ଏଣ୍ଟୁଡିଶାଳର ନିଆଁରେ
ଦେହ ସେକୁଥିଲ । ୧

ମୁଁ ଯେବେ ତୁମକୁ ଭେଟିଲି
ଲୁଚକାଳି ଖେଳ ଖେଳୁଥିଲ
ବର୍ଷା ରେ ଭିଜି ଭିଜି
କାଗଜର ଡଙ୍ଗା ଭସାଉଥିଲ । ୨

ମୁଁ ଯେବେ ତୁମକୁ ଭେଟିଲି
ତୁମେ ଖାଲି ସ୍ୱପ୍ନ ଦେଖୁଥିଲ
ରଙ୍ଗୀନ ପ୍ରଜାପତି ପରି
ତୁମେ ଖାଲି ଉଡି ବୁଲୁଥିଲ । ୩

ମୁଁ ଯେବେ ତୁମକୁ ଭେଟିଲି
ସ୍ଥିତପ୍ରଜ୍ଞ ପରି ବସିଥିଲ
ହାରିବା ଜିଣିବାର ଦୋ ଛକିରେ
ଲାଭ କ୍ଷତିର ଅଙ୍କ କଷୁଥିଲ । ୪

ମୁଁ ଯେବେ ତୁମକୁ ଭେଟିଲି
ବାର୍ଦ୍ଧକ୍ୟ ର ଶୀତ ରେ ତୁମେ ଥରୁଥିଲ
ଅଲୋଡା ଅଖୋଜା ପରି ଘର କୋଣେ
ଚୁପ୍ ଚାପ୍ ତୁମେ ପଡିଥିଲ । ୫

ମୁଁ ଯେବେ ତୁମକୁ ଭେଟିଲି
ଶ୍ମଶାନ ରେ ତୁମେ ଜଳୁଥିଲ
ଜଳନ୍ତା ଜୁଇର କୋମଳ ଛୁଆଁ ରେ
ତୁମେ ହସୁଥିଲ । ୬

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ,
ଦେଓଗାଁ, ବଲାଙ୍ଗୀର,
ମୋ ନଂ-୯୯୩୭୯୮୨୮୪୬

 Magazine Downloaded from www.aahwaan.com

# ଗୁହାରୀ ଶୁଣ ମୋ ଭୋଳାଶଙ୍କର



କୁମାର ଲୋକେଶ

କାକୁତି ମିନତୀ ହୋଇ ମୁଁ ଡାକୁଛି
ପଡୁ ନାହିଁ ତମ କାନେ
ସକାଳରୁ ସଞ୍ଜ ଜପଛି ତମକୁ
ଦେଇଣ ଏକାମ୍ର ଧ୍ୟାନେ,
ଶୁଣ ମୋ ଗୃହାରୀ ହେ ଭୋଳା ଶଙ୍କର
ଦିଅ ନାହିଁ ଏତେ କଷ୍ଟ
ଜୀବନେ କେବେ ମୋ ଆଲୋକିତ ହେବ
ହେଲିଣି ପୁରା ମୁଁ ନଷ୍ଟ,
ଜନମଠୁ ପରା ମରଣ ବଡ ଯେ
କେତେ ବେଳେ ମରିଯିବି
ତମେ ଯଦି ପ୍ରଭୁ ରଖିବନି ମୋତେ
ସତରେ ମୁଁ ଚାଲିଯିବ,
ଅନାଥର ନାଥ କୈଳାସର ପତି
ପଥର କାହିଁକି ହୁଅ
ହୃଦୟ ଭିତରୁ ଡାକୁଛି ତମକୁ
ପାଦ ତଳେ ଜାଗା ଦିଅ ।

କୁମାର ଲୋକେଶ୍
ଢେଙ୍କାନାଳ
ଗୋରଡାପାଳ
୭୯୮୧୩୧୦୭୧୯

 Magazine Downloaded from www.aahwaan.com

# ସ୍ରଷ୍ଟାର ସୃଷ୍ଟି



ଅମ୍ବିକା ସ୍ୱାଇଁ

ସ୍ରଷ୍ଟା କରେ ସୃଷ୍ଟି ନିଜସ୍ୱ ଭଙ୍ଗୀ ରେ
ସାହିତ୍ୟ କଳା ସଂସ୍କୃତି ସଙ୍ଗୀତ
କେତେ ରକମର କଳାର ଚାତୁରେ
ଆଙ୍କି ଦିଏ ନିଜସ୍ୱ ଭାବରୁ ଚିତ୍ର ।
ଯେତେବେଳେ ସ୍ରଷ୍ଟା କରିଥାଏ ସୃଷ୍ଟି
ଭାବନା ଜାଗେ କେତେ ମନରେ
ସେହି ଭାବନାକୁ ସେ ଆଙ୍କି ଦେଇଥାଏ
ତା କଳା ଯାଦୁର ରୂପ ଶୈଳୀରେ ।
ଲେଖନୀରେ ହେଉ ବା ତୂଳୀରେ ହେଉ
ସ୍ୱର ତାଳ ହେଉ ବା ନୃତ୍ୟରେ
ଫୁଟାଇବାକୁ ସେ ଚେଷ୍ଟା କରିଥାଏ
ସୁନ୍ଦର କରି ପ୍ରାଞ୍ଜଳ ଭାବରେ ।

ଯେତେବେଳେ ସୃଷ୍ଟି ହୁଏ ତରଙ୍ଗାୟିତ
ଜନ ମାନସର ସମ୍ମୁଖରେ
ସେହି ଜନତା ହିଁ ପରଖି ବସନ୍ତି
କେତେ ଚୁଇଁଚି କାହା ହୃଦୟରେ ।
ହୃଦୟ କୁ ଯଦି ପାରିଲା ସେ ଛୁଇଁ
ସ୍ରଷ୍ଟା ପାଇ ଯାଏ ତାର ସ୍ୱୀକୃତି
ଆହୁରି ଆଗକୁ ବଢ଼ି ଚାଲିବାକୁ
ସଦା ନେଇ ଚାଲେ ମନେ ନିଷ୍ପତ୍ତି ।

ଭୁବନେଶ୍ୱର, ଓଡ଼ିଶା
ଭ୍ରାମ୍ୟଭାଷ : ୯୭୭୭୫୯୯୬୯୫

 Magazine Downloaded from www.aahwaan.com

# ଆଇନା



ଜ୍ୟୋତିରଞ୍ଜନ
ମହାରଣା

ନିଶ୍ଚଳ ମନର ମାନ ସରୋବରେ
ତରଙ୍ଗଟି କାହୁଁ ଆସିଲା
ମନର ମାନିନୀ ମାନସୀ ଯେବେଠୁ
ପ୍ରେମ ଅଙ୍କ ମିଶି କଶିଲା. !!!! ୧
ଚାନ୍ଦିନୀ ପରି ସେ ଚମକି ପଡ଼ଇ
ତାରା ମାନେ ସବୁ ଘୁମୁରା
ସାରସ୍ୱତ ପ୍ରେମ ମାଗିଲେ ମିଳେନା
ଦରକାର ଖାଲି ଆଖି ଇସାରା !!!! ୨
ଢଳ ଢଳ ସେହି ମୃଗୁ ଚାହାଣି ଟା
ପ୍ରେମରେ ବାନ୍ଧୁଛି ମୋତେ
ଆଜି ବି କାହିଁକି ସ୍ତବ୍ଧ ହୋଇପଡେ
ତା ପ୍ରେମ ଘାରୁଛି ସତେ !!!! ୩
ମୃତ ହୃଦୟ ଟା ଜୀବନ୍ୟାସ ପାଏ
ପ୍ରେମ ଭରା ସ୍ୱର୍ଶ ପାଇ
ମୋ ପ୍ରିୟା ଆଜି ମୋ ଅନ୍ତରଙ୍ଗ ବନ୍ଧୁ
ସିଏ ମୋ ଦେହର ଛାଇ !!!! ୪

ସିଠାଳ, ନିଆଳି, କଟକ
୭୫୪୨୯୪, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୮୫୭୪୪୮

 Magazine Downloaded from www.aahwaan.com

# ଆନନ୍ଦବନ୍ଧନ ଅଭିନନ୍ଦନ



ମଦନ ମାଝୀ

ନୂତନ ବରଷ ସ୍ୱାଗତ ହେ ବାନ୍ଧବ ମାନେ,
ଫୁଟି ରହିଥାଅ ଜଗତ ଫୁଲ ଉପବନେ । ।
ତାରକା ପରି ଏ ଜୀବନ ଘେନିବା'ନନ୍ଦନ,
ଫୁଲ ପରି ଶୋଭ ପାଉଥା ମୋର ଏ ଜୀବନ । ।
ଗରଜିଲେ ମେଘ ଶୂନ୍ୟେ ମାଟି କରେ ସ୍ୱାଗତ,
ହେ ବାନ୍ଧବ ତୁ ଜଳଦ ଭିଜା ମୋ ମାଟି ଦେହ । ।
ଭାସୁଅଛୁ କାହିଁ ଗଗନେ ତୁ କରି କି ଆଶା,
ଅବିଳମ୍ବେ ତୁମ ପରଶ ମୋ ଦେହର ଭିଜା । ।
ଝିପିଝିପି ହୋଇ ବରଷା ଯେ ମାଟିରେ ପଡେ,
ପ୍ରଫୁଲ୍ଲେ ମୃତ୍ତିକା ପାଣିକୁ ଆନନ୍ଦରେ ଭିଡେ । ।
ତରୁ ମାନେ ଶୋଷି ନିଅନ୍ତି ଜଳ ମାଟି ମେରୁ,
ମମତା ମହିମାଆଁଟି ଭାବେ ନାହିଁ ସେ ସରୁ । ।
କେତେ ଯୁଗକେ ବରଷ ହୋଇ ଗଲାଣି ସରୀ,
ସୁମିତ'ଛନ୍ତି ପାହାଡ ହାତେ ହାତକୁ ଧରି । ।
ଅଭିନନ୍ଦନରେ ସ୍ୱାଗତ ନୂତନ ବରଷ,
ପ୍ରଫୁଲ୍ଲେ ରହୁତ ଜୀବନ ମୋର ଏ ଆଶିଷ । ।

ଗ୍ରାମ. କୁଚାଗାଁ, ବ୍ଲକ. ଜୟପାଟଣା
ଜିଲ୍ଲା: କଳାହାଣ୍ଡି, ୭୬୬୦୧୮, ଓଡିଶା

 Magazine Downloaded from www.aahwaan.com

# ତୁମେ ଗଲାପରେ



ସାଗର ପ୍ରଧାନ

ତୁମେ ଗଲା ପରେ ନଈ ତ ଝୁରୁନି
ସାଗର ମିଳନ ପାଇଁ
ତୁମେ ଗଲା ପରେ ନିର୍ଝର ଝରଣା
ନୀରବେ ଯାଉଛି ବହି ।୧

ତୁମେ ଗଲା ପରେ ବସନ୍ତେ ବହୁନି
ମଳୟ ମିଳନ ବାଆ
ତୁମେ ଗଲା ପରେ ଶ୍ରାବଣ ଲାଗୁନି
ବରଷାର ମିଠା ଛୁଆଁ ।୨

ତୁମେ ଗଲା ପରେ ବଂଶୀ ତ ଗାଉନି
ମିଳନର ମଧୁ ଛନ୍ଦ୍
ତୁମେ ଗଲା ପରେ ଫୁଲରୁ ଝରୁନୀ
ପ୍ରୀତି ମହକର ଗନ୍ଧ ।୩

ତୁମେ ଗଲା ପରେ ଫଗୁଣ ଆଣୁନି
ହୋଲିର ରଙ୍ଗ ପସରା
ତୁମେ ଗଲା ପରେ ଏକାକୀ ବଞ୍ଚିଛି
ହୋଇଗଲି ବେସାହାରା ।୪

 Magazine Downloaded from www.aahwaan.com

# ମୋ ମାନସ ସନ୍ତାନ...



ଅର୍ପିତା ରଣା

ଆଜି ଅନେକ ଦିନ ପରେ

କାଗଜ କଲମ ମୁଁ ଧରିଛି,

ମାଟିର ପିତୁଳା ଟିଏ ଗଢ଼ି ମୁଁ ବସିଛି ।

ଆଜି ଅନେକ ଦିନ ପରେ କୁଆଁରୀ ମା ମୁଁ ସାଜିଛି,

ଲହୁ ନୁହଁ ଲୁହରେ ସନ୍ତାନ ଟେ ଗଢୁଛି ।

ହଁ, ଗଢୁଛି ମୁଁ ସନ୍ତାନ

ଲହୁ ଭଳି ଲୁହ ଦେଇ,

ଭାବନା ଦେଇ , ବେଦନା ସହି,

ମାନସ ତର୍ପଣ ଦେଇ, ବୃକ୍ଷର ଅମୃତ ଦେଇ ।

ଏଇତ, ଗଢିହେଲା ସନ୍ତାନଟିଏ

ଠିକ୍ ମୋ ଭଳି,

ମୋ ମାନସର ପ୍ରତିଛବି,

ମୋ ଅନ୍ତର୍ଯ୍ୟାମୀ ପ୍ରତିବିମ୍ବ,

ହାଏ; କି ସୁନ୍ଦର ତାର ଦୃଷ୍ଟି,

ଦୁନିଆକୁ ଭିନ୍ନ ନଜରରେ ଦେଖିବାର

ଓ ଦେଖାଇବାର ତାର ଭଙ୍ଗି ।

 Magazine Downloaded from www.aahwaan.com

ମୋର ଏଇ ମାନସ ସନ୍ତାନ ର

ନାଁ ଟିଏ କ'ଣ ଦେବି ଭାବୁ ଭାବୁ

ବୁଡ଼ି ଗଲି ମୁଁ ଭାବନା ଓ ଶବ୍ଦର ସମୁଦ୍ରରେ,

ଉବୁଟୁବୁ ହେଲି ମାୟାର ସାହିତ୍ୟରେ,

ଏ ମାୟା ମତେ କାବ୍ୟିକ ଚେତନାରେ କରିଦେଲା ଆକ୍ତାମାକ୍ତା

ଓ ମୋ ମାନସ ସନ୍ତାନ ହେଲା ଗୋଟେ "କବିତା"  ।

ପଦ୍ମପୁର, ରାଜବୋଡାସମ୍ବର

ବରଗଡ଼

 Magazine Downloaded from www.aahwaan.com

# ପ୍ରଜାପତିର ଡେଣା



ଅଶ୍ୱିନୀ ଦାସ

ପୃଥିବୀର ସବୁ ଦୃଶ୍ୟ ବଦଳିବେ,

ସବୁ ଫୁଲ,ପତ୍ର,ଫଳ

ଆଉ ସବୁ ଋତୁ ।

ମୁଁ ଜାଣେ

ବଦଳିବୁନି ତୁ ।

କିଛି ଦୂର ଯାଏଁ ଉଡିପାରିବୁ ତୁ,

ଏମିତି ସମୁଦ୍ର ବି ତୋର

ନିଜର ନୁହଁ ।

ତୁ ଯେବେ ଝୁଣ୍ଟି ଯିବୁ

ମୁରୁକି ହସିବେ ସେମାନେ ।

ସୁନ୍ଦର ଡେଣା ଯୋଡ଼ି ତୋର

ଛାଇ ପରି

ତୋ ରାସ୍ତାରେ ।

ତୁ ବଦଳିଗଲେ

ସବୁ ଦୃଶ୍ୟ , ସବୁ ଜୀବନ୍ତ

ନିଜ ପଥ ଭୁଲିଯିବେ,

ସମୁଦ୍ର ଓ ଆକାଶ କୋଳେଇ ନେବେ ,

ଏହା ହିଁ ସବୁଠୁ ଆଶ୍ଚର୍ଯ୍ୟ

ମୁଁ ଜାଣେ ଓ ତୁ ବି ।

 Magazine Downloaded from www.aahwaan.com

# ଯନ୍ତ୍ରଣା ଏକ ଅବ୍ୟକ୍ତ ମନର



ପରେଶ ଚନ୍ଦ୍ର ଦାସ

ଏତେ ଫୁଲେଇ ହୁଅ ନା ମ
ଦେଖୁନୁ ,,,,ମୁଁ ବି ଦିନେ ଆସିଥିଲି
ରୋଷଣୀ ଓ ଆତସବାଜିରେ ।
ରଙ୍ଗ ବେରଙ୍ଗର ଫର୍ଦ୍ଦ ଫର୍ଦ୍ଦ
ମନ ମତାଣିଆ ଶବ୍ଦ ର ଛନ୍ଦରେ ।
ହେଲେ କଣ ସୁଖ ଦେଇ ପାରିଲି
ସମସ୍ତଙ୍କୁ ???
ଲିଭିଯିବି କେଇଟା ଦିନ ପରେ
ଲୁଚି ଯିବି ବିସ୍ମୃତି ର କରାଳ ଗର୍ଭରେ ।
ମୁଁ ବି ଦିନେ ଥିଲି ସମସ୍ତଙ୍କ ପ୍ରିୟପାତ୍ର ।
କେତେ ଗାରିମା, କେତେ ପରାକ୍ରମ, କେତେ
ଆଶା, ସମ୍ଭାବନା, ବାଣ୍ଟି ଥିଲି ମୁଁ ।
କେତେ ଦୁଃଖ, କେତେ ଛଳନା, ପ୍ରତାରଣା
କେତେ ବିଭତ୍ସ, କୁତ୍ସିତ, ଯନ୍ତ୍ରଣାଦାୟକ
ଘଟଣା,
ଅନିଚ୍ଛା ସତ୍ତ୍ୱେ ଲେସିଗଲେ ମୋ ଦେହରେ ।
ଲାଗିଗଲା କଳଙ୍କ ର କଳା ।
ଅକୁହା ହୃଦୟ ଫଟା ଯନ୍ତ୍ରଣାରେ
କେତେ ଛଟ ପଟ ନ ହୋଇଛି ମୁଁ ???
କେତେ ନ କାନ୍ଦିଛି ଶାର୍ଦ୍ଦୁଳ ଭଳି ଯେବେ
ଝୁଣି ଖାଉ ଥିଲେ କୁଆଁରୀ ମାଂସ ???
ମୁଁ ଥିଲି ମୁକ ସାକ୍ଷୀ ।
ଝରଣା ର ସ୍ୱଚ୍ଛ ପାଣି ହୋଇ ଗଡ଼ି ଯାଉ ଯାଉ
ଏ ସ୍ୱାର୍ଥପର କଳୁଷିତ କଲେ ମୋ ପାଣିକୁ ,
ମୋର ବା ଦୋଷ କଣ ଥିଲା ???
ମୁଁ ଖାଲି ଦେଖୁଥିଲି, ଶୁଣୁଥିଲି,
ନିରବ ଦ୍ରଷ୍ଟା ସାଜି, ଅନ୍ଧ ମୁକ ବଧିର ସାଜି ।
ତୁ ବି ଦେଖିଚାଲ ତୋ ଭାଗ୍ୟ ରେଖା ।
ଫୁଲେଇ ହୁଅ ନା ମ,,,,,,,,,

ଗୋପାଳପୁର, ଭୋଗରାଇ, ବାଲେଶ୍ୱର

 Magazine Downloaded from www.aahwaan.com

# ଗୁରୁ ମହାନ



କଳ୍ପନା ଜେନା

ଜୀବନ ତ ମୂଲ୍ୟବାନ ଏଇ ଧରାରେ
ସପନ ବି ଛବି ଆଙ୍କେ ଆମ ମନରେ
ଶିଶୁରୁ କୈଶୋର ବାଲ୍ୟରୁ ସ୍ଥବିର ଦେବା ସମ୍ମାନ
ଗୁରୁ ମହାନ ଆମ ଗୁରୁ ମହାନ ।।(୧)
ଗୁରୁ ଆମ ବ୍ରହ୍ମା ବିଷ୍ଣୁ ଗୁରୁ ଆମ ମହେଶ୍ୱର
ଗୁରୁଜୀଙ୍କ ପ୍ରେରଣାରେ ଅନ୍ଧକାର ହେଉ ଦୂର
ଗୁରୁଙ୍କୁ ମାନିବା ଆଦେଶ ପାଳିବା ଦେବା ସମ୍ମାନ
ଗୁରୁ ମହାନ ଆମ ଗୁରୁ ମହାନ ।।(୨)
ଗୁରୁଭକ୍ତି ମନେ ଥିଲେ ସଂଘର୍ଷରେ ଜିତିଯିବୁ
ଜୀବନରେ ପ୍ରଗତି ଓ ସଫଳତା ବାର୍ତ୍ତା ଦେବୁ
ଆସ ହେ ପାଠକ ଆସ ହେ ଶାସକ ଦେବା ସମ୍ମାନ
ଗୁରୁ ମହାନ ଆମ ଗୁରୁ ମହାନ ।।(୩)
ନିଜ ପୁତ୍ର କନ୍ୟା ଭାବି କ୍ଷମା ଦେବ ଆମ ଦୋଷ
ରାଗ ରୋଷ ଦ୍ୱେଷ ଭୁଲି ଢାଳିଦିଅ ହେ ଆଶିଷ
ତାରଣ କର ହେ ଶରଣ ଦିଅ ହେ ରଘୁନନ୍ଦନ
ଗୁରୁ ମହାନ ଆମ ଗୁରୁ ମହାନ ।।(୪)

ସହକାରୀ ଶିକ୍ଷୟତ୍ରୀ
ବେଣୁଦା ନୋଡାଲ ଉପ୍ରା ବିଦ୍ୟାଳୟ ,ଭୋଗରାଇ, ବାଲେଶ୍ୱର
୮୪୫୬୦୯୮୦୭୩

Magazine Downloaded from www.aahwaan.com

# ସ୍ମୃତି ସଦନ



ଅନିଲ କୁମାର
ମହାରଣା

ଆଖିରେ ଆଖିକୁ ମିଶାଇ ପ୍ରେୟସୀ
ଦେଲ ମୋତେ ଅନୁମତି,,
ଭରିଦେଲ ଦେହେ ଉଷ୍ମ ଶିହରଣ
ମିଶାଇ ଛାତିରେ ଛାତି,,, ।

ପ୍ରତି ଲୋମକୂପେ ,ତୁମ ଯଉବନ
ମହକକୁ ଦେଲ ଭରି,,
ଲୋଟି ମୋ ଛାତିରେ,ଶୀତୁଆ ରାତିରେ
ଶେଫାଳି ଫୁଲଟେ ପରି,,, ।

କବରୀକୁ ଫେଡି ରେଶମୀ କେଶରେ
ଦେଲ ମୋ ଚେହେରା ଢାଙ୍କି,,
ମଦନ ଆରତେ ପ୍ରେମ ଅର୍ଘ୍ୟ ଢାଳି
ରତିମନ୍ତ୍ର ଦେଲ ଫୁଙ୍କି,,, ।

ଅଧର ମଧୁରେ ତୀବ୍ର ନିଃଶ୍ୱାସର
କାଦମ୍ବରୀ ଦେଲ ଢାଳି,,
ପ୍ରଣୟ ବହ୍ନିରେ ଦେହ ସଳିତାକୁ
ତିଳତିଳ ଦେଲ ଜାଳି,,, ।

କଳଙ୍କ କାଳିମା ଦେହରେ ବୋଳିଲ
ଦେଇ ସମ୍ପର୍କର ନାମ,,
ନାହିଁ ତା'ର ତୁଲ୍ୟ ଅମୂଲ୍ୟ ସମ୍ପର୍କ
ରଖିଲ ତା'ନାମ ପ୍ରେମ,,, ।

ପଦ୍ମିନୀ'ଗୋ ପଦ୍ମ ପାଖୁଡା ପ୍ରସାରୀ
ଦେଲ ତୁମେ ପ୍ରୀତିଦାନ,,
ଦେହ ଭୋକ ମେଣ୍ଟି,ପାପ ନଦୀତୀରେ

 Magazine Downloaded from www.aahwaan.com

କଲ ସିନା ମହାସ୍ନାନ,,, ।

ମୋ'ଠାରୁ ଦୂରେଇ ଯିବନାହିଁ ବୋଲି
ମଥାଛୁଇଁ ଦେଲ କଥା,,
ବିଶ୍ୱାସ ପ୍ରାଚୀର ଭାଙ୍ଗିଲ ନିମିଷେ
ଦେଲ ଅସରନ୍ତି ବ୍ୟଥା,,, ।

ଆଉ କାହାନାମେ ନାଇଲ ସିନ୍ଦୁର
କେମିତି ହେଲ ଆଶ୍ୱସ୍ତ,,
ନିଜହାତେ ଗଢି ପ୍ରେମର ସୌଧକୁ
କରିଦେଲ ତୁମେ ଧ୍ୱସ୍ତ,,, ! ! !

ନାରୀ ଜୀବନର ମୂଲ୍ୟ ସର୍ବସ୍ୱକୁ
ଲଗାଇ ପ୍ରେମରେ ବାଜି,, !
କେମିତି ସହିଲ ନିରବ ରହିଲ
ପାରିଲିନି ପ୍ରିୟା ବୁଝି,,, ?

ଦେଲ ଉପହାର ,ଲୁହ ଦୁଇଧାର
ତୁମ ପ୍ରେମ ସ୍ମୃତିଚିହ୍ନ,,
ସେ ସ୍ମୃତି ସାଇତି,ଗଢିଛି ମୁଁ ବସା
" କଲ୍ୟାଣି ସ୍ମୃତି ସଦନ ",,, ।

ଅନିଲ୍ କୁମାର ମହାରଣା
ନୟାଗଡ,ଭାପୁର,ବଡସହରା
ଦୂରଭାଷ;୮୫୯୮୮୩୨୮୮

 Magazine Downloaded from www.aahwaan.com

# କବିତା ମୋ ପ୍ରେମିକା



ନୂତନ କୁମାର
ବେହେରା

କବିତା ମୋ ପ୍ରେମିକା ,
ଭଲ ପାଏ ତାକୁ
ଜୀବନ ଦେଇ
ଦେଇ ନାହିଁ ସେ
ଆଜି ଯାଏଁ ମୋତେ ଧୋକା ।
ଜୀଇଁବି ମରିବି
ସାଥେ ତାର ସାଥି ହୋଇ ,
ସେ ମୋ ଜୀବନ ବୀଣାର ସୁକ୍ଷ୍ମ ତନ୍ତ୍ରୀ
ହୃଦୟର ସ୍ପନ୍ଦନ ସଙ୍ଗେ
ସ୍ୱର ଝଙ୍କାର ତୋଳି
ଆବେଗତାର ସଂଗୀତ ଦିଏ ଗାଇ ।

କବିତା ମୋ ପ୍ରେମିକା ,
ତା ବିନା ଭଲ ଲାଗେ ନା ଏକା ଏକା ।
ସେ ମୋ ପ୍ରାଣ ପ୍ରଣବର ପଲ୍ଲବରେ
ଓଁ କାର ହୋଇ ତୋଳେ ମଧୁର ମୂର୍ଚ୍ଛନା ,
ପ୍ରେମର ମନ ମନ୍ଦିରରେ ନିତି
ମୋ ପାଇଁ ଜାଳେ ସେ ଜାଗର
କରି ଏକାତ୍ମରେ ପୂଜା ଅର୍ଚ୍ଚନା ।
ସେ ମୋ ଭାବ ଭାବନାର ଅର୍ଘ୍ୟଥାଳ ,
ଅଛି କାୟ ମନ ବାକ୍ୟରେ ଦୃଢ
ସାଥେ ପୁଣି ରହିଥିବ କାଳ କାଳ ।

କବିତା ମୋ ପ୍ରେମିକା,
ହୃଦ ପାରାବାରେ ତରଙ୍ଗାୟିତା ତରଙ୍ଗିଣୀ
ପ୍ରୀତିର ଆହୁଲା ମାରି
ଆଶାର ବେଳାଭୂମିକୁ ଛୁଆଁଏ
ମୋ ସପନ ନଉକା ।
ସେ ମୋ ସଂସାର ସାଗରରେ ଶାମୁକା,

 Magazine Downloaded from www.aahwaan.com

ଚେତନାର ମହାଶୂନ୍ୟରୁ ଟୋପାଏ ଜଳ ପିଇ

ମୁକୁତାଟିଏ ଦାନକରେ

ହୋଇ ମୋ ଜୀବନ ଜୀବିକା ।

କବିତା ମୋ ପ୍ରେମିକା ,

ଭଲପାଏ ମୋତେ ସେ ଗୋଟା ପଣେ

ଚଲାପଥର ଦୋଛକିରେ ହୁଏ

ବିବେକର ସହାୟିକା ।

ଶଙ୍କା ସନ୍ଦେହର ବଳୟ ଭିତରେ

ସେ ମୋ ଅଟଳ ବିଶ୍ୱାସ ,

ପ୍ରତି ପ୍ରଶ୍ୱାସ ନିଶ୍ୱାସରେ

ସେ ମୋ ପ୍ରାଣାୟାମର ଉଚ୍ଛ୍ୱାସ ।

କବିତା ମୋ ପ୍ରେମିକା,

ତା ବିନା ବଞ୍ଚି ପାରିବିନି ମୁଁ ଏକା ଏକା ।

କୋହି, ଗଡିଆ, ମୟୂରଭଞ୍ଜ ।

 Magazine Downloaded from www.aahwaan.com

# ମୋ ଗାଁ



କ୍ଷମାନିଧି ସାହୁ

ଗାଁ ଟି ମୋହର ସରଗପୁର
ଯେଉଁ ଗାଁ ରେ ଜନମ ମୋର
ଅରଣ୍ୟର ତଳେ ଅବସ୍ଥାନ କରେ
ଜାମପାଲି ଅଟେ ନାମ ତାହାର
ଗାଁ ଟି ମୋହର ସରଗପୁର ।।

ଗାଁ ରେ ରହିଛି ପ୍ରଭୁଙ୍କ ମନ୍ଦିର
ପ୍ରଭୁଥିଲେ ମୋର କାହାକୁବା ଡର
ଶଙ୍ଖଘଣ୍ଟ ବାଜେ ସକାଳେ ସନ୍ଧ୍ୟାରେ
ନାହିଁ ତା'ର ପଟ୍ଟାନ୍ତର
ଗାଁ ଟି ମୋହର ସରଗପୁର ।।

ସଂକରାନ୍ତି ହୁଏ ପ୍ରତ୍ୟେକ ମାସର
ଆସ ଆସ ପ୍ରଭୁ ହେ ଚକ୍ରଧର
ଜୀବନ ସାର୍ଥକ ଭାଗବତ ରସେ
ପଥଦିଏ ମୁକତିର
ଗାଁ ଟି ମୋହର ସରଗପୁର ।।

ଚାଷକାମ ଚାଲେ କୃଷକ ଭାଇର
ବାସି ତୋରାଣିରେ ସାହସ ତାହାର
ଧାନ,ଲଙ୍କା ସାଥେ ସବୁ ଚାଷ ହୁଏ
ବେପାରି ମାନଙ୍କ ବଢେ ଆଦର
ଗାଁ ଟି ମୋହର ସରଗପୁର ।।

ଗାଁ ରେ ଶିକ୍ଷିତ ଭ୍ରାତା ମୋହର
କିଏ କବି ହେଲେ କିଏ ଭାଷ୍ୟକାର
ସୁସାହିତ୍ୟ ସାଥେ ବିଜ୍ଞାନର ହୁଏ
ଆଲୋଚନା ବାରମ୍ବାର
ଗାଁ ଟି ମୋହର ସରଗପୁର ।।

ଦେବାଦେବୀଙ୍କ କରୁଣା ଅପାର
ଆଶୀର୍ବାଦ ସଦା ଥାଏ ଯେ ତାଙ୍କର
ଘଣ୍ଟ ଘୋଡାଇଣ ରଖିଛନ୍ତି ସେତ
ସତ୍ୟ,ଶିବ ଓ ସୁନ୍ଦର
ଗାଁ ଟି ମୋହର ସରଗପୁର ।।

ଜାମପାଲି,ମେଲଛାମୁଣ୍ଡା,ବରଗଡ
ମୋ:-୭୦୭୭୦୫୯୩୪୯

 Magazine Downloaded from www.aahwaan.com

# ସପନରେ ପ୍ରିୟା ତୁମେ



ଶରତ କୁମାର ଦାସ

ସପନେ ଆସିଲ ପ୍ରିୟା ତୁମେ ଝୁମି
ନିଦକୁ କରିଲ ଚୋରି
ଶୀତୁଆ ରାତିର ନିଥର ପ୍ରହରେ
ଅମୃତ ପଡିଲା ଝରି ।।

ନୁପୂର ରାଗିଣୀ ରଣୁଝୁଣୁ ସୁର
ଭାଙ୍ଗିଦେଲା ନୀରବତା
ମଲାସ୍ୱପ୍ନ ମୋର ଗୁଂଜରିତ ହେଲା
ପଲ୍ଲବିତ ନିଃସଙ୍ଗତା ।।

ମୁକୁଳିତ ହେଲା ମନର ଭାଷା ମୋ'
ଶବ୍ଦରୁ ଝରିଲା ମଧୁ
ଜୀବନ କାହାଣୀ ଜୀବନ୍ତ ହୋଇଲା
ପ୍ରୀତି-ଫଲ୍ଗୁ ହେଲା ସିନ୍ଧୁ ।।

ଦଗ୍ଧ ତପୋବନ ଶିହରିତ ହେଲା
ହୃଦ ହେଲା ପୁଲକିତ
ଶୁଷ୍କ ଅଗଣା ମୋ' କୁସୁମିତ ହେଲା
ପ୍ରାଣ ହେଲା ପ୍ରେମସିକ୍ତ ।।

ଦୀପ୍ତିମନ୍ତ ହେଲା ଆଶାର ଦୀପାଳି
ତମିସ୍ରା ବଳୟ ଭେଦି
ହାତ ପାପୁଲି ରେ ଜହ୍ନ ଖେଳୁଥିଲା
ସୁରଭିତ ଯଜ୍ଞବେଦୀ ।।

ଦୂର ଶାଳବଣେ ଦୋଳି ଖେଳୁଥିଲା
ଚଗଲା ପବନ ଧୀରେ
ଅତନ୍ଦ୍ର ନୟନ ମୁଦି ହୋଇଗଲା
ସପନର ଧାରେ ଧାରେ ।।

 Magazine Downloaded from www.aahwaan.com

ମହୁଲି ନିଶାରେ ରାତି ଝୁଲୁଥିଲା
ଝିଙ୍କାରୀ ଝଂକାର ତାଳେ
ଗୋଲାପ ଫୁଲରେ ଶେଯ ବାସୁଥିଲା
ମୋ' ପ୍ରିୟା ପଣତ ତଳେ ।।

ସପନରେ ହେଉ ଅବା ଜାଗରଣେ
ନିଝୁମ୍ ରାତିର ସାଥୀ
କାବ୍ୟକୁଂଜେ ତୁମେ ଶବ୍ଦର କଳିକା
ମଧୁଝରା ତୁମ ଗୀତି ।।

ସ୍ମୃତି ଫରୁଆରେ ରଖିବି ସାଇତି
ପ୍ରୀତି ଫୁଲେ ଉପହାର
ସରଗରୁ ଶଶୀ ତୋଳି ମୁଁ ଆଣିବି
ମେଘରୁ ଦେବି ମହ୍ଲାର ।।

ନଈ ସେ ପାରିରେ ଜହ୍ନ ହସୁଥିବ
ପାହାଡ ପଛରେ ଲୁଚି
ଉଦାସ ମନ ମୋ ଭିଜୁଥିବ ସଦା
ଜୋଛନା ରେ ନାଚି ନାଚି ।।

 Magazine Downloaded from www.aahwaan.com

# ଗଲାଦିନ



ବିନୟ ମହାପାତ୍ର

ଆଷାଢ ଯଦି ବରଷି ଯାଏ

ଲୁହର ଟୋପା ଯେତେ,

ଶ୍ରାବଣ ଯଦି ନିଅଇ ଧୋଇ

ମନର ସୁଖ ସତେ ।।

ବସନ୍ତ କିବା ପାରିବ ବୋଳି

ମନରେ ଆଉ ରଙ୍ଗ,

ଚକୋର ଯେତେ ବାହୁନି ହେଲେ

ମିଳିବ କି ଆଉ ସଙ୍ଗ ।।

ଆଷାଢ ଶେଷେ ଶ୍ରାବଣ ଆସେ

ବରଷେ କେତେ ପାଣି,

ବସନ୍ତ ଆସେ ମଳୟ ବୋହେ

ହୁଏନା ଆଉ ଜାଣି ।।

କୋଇଲି ଗାଏ ପଞ୍ଚମ ତାନେ

ଭ୍ରମର ଖୋଜେ ମଧୁ,

ଶୋରିଷ ଫୁଲ ମୁରୁକି ହସେ

ସାଜି ନିରିମାଖି ବଧୁ ।।

ବରଷ ଯାଏ ବୟସ ବଢେ

ସରେନା ପ୍ରେମର ଆଶା,

ଯଉବନର ଚମକ ସରେ

ବଦଳେ ପ୍ରେମର ଭାଷା ।।

କାମର କାମନା ନଥାଏ ମନେ

ପ୍ରେମିକା ପ୍ରଣୟ ପାଇଁ,

ତଥାପି ଟିକିଏ ପ୍ରେମ ନଥିଲେ

ଜୀବନ କି ହୁଏ ଜିଇଁ ।।

ଦେବାକୁ ନେବାକୁ ନଥାଏ ବାକି

ଜୀବନର ସଞ୍ଜ ବେଳେ,

ଚନ୍ଦନ କାଠ କି ଅଲୋଡା କେବେ

ଥାଏ ଶୁଷ୍କ ତରୁ ଡାଳେ ।।

ପଟିଆ, ଭୁବନେଶ୍ୱର, ଓଡିଶା

 Magazine Downloaded from www.aahwaan.com

# ଜୀବନର ଧର୍ମ



ସନ୍ତୋଷ ପଟ୍ଟନାୟକ

ଜୀବନଟା ଏକ ରଙ୍ଗମଞ୍ଚ ଏଠି
ସୁଖ ଦୁଃଖ ଦୁଇ ପଥ
ମଣିଷଟା ଏଠି ଅଭିନୟ କରେ
ପେଟପାଇଁ କରି ନାଟ

ନିର୍ଦ୍ଦେଶକ ଏଠି ସ୍ୱୟଂ ପରଂବ୍ରହ୍ମ
କର୍ମଟି ଅଟଇ ମୁଖ୍ୟ
ସୁକର୍ମ ଆଦରି ଅଭିନୟ କଲେ
ଥୁଆଟି ସୁଖ ସୌଭାଗ୍ୟ

ସୁକର୍ମ ଆଦରି କର ଅଭିନୟ
ସାହା ହେବେ ଦୟାମୟ
ଜୀବନ ଦର୍ଶନ ମୂଲ୍ୟାୟନ ବେଳେ
ନଥିବ ପାପର ଭୟ

କୋଟି ପୂଣ୍ୟବଳେ ମିଳିଅଛି ଯଦି
ଆମ ଏ ମଣିଷ ଜୀବନ
ଅନ୍ୟ ଜୀବେ ଦୟା ଭାବ ପରଶିବା
ଏହାହିଁ ଆମରି ଧର୍ମ

ହସି ହସେଇବା ହଉ ଆମ ବ୍ରତ
ମନରହୁ ପରୋପକାରେ
ମାନବ ସେବା ହିଁ ମାଧବଙ୍କ ସେବା
ଲକ୍ଷ୍ୟ ରହୁ ଜୀବନରେ

ବେଗୁନିଆପଡା ବ୍ଲକ୍, ତିରିଡା /ଗଞ୍ଜାମ
ଭ୍ରାମ୍ୟଭାଷ : ୭୯୮୪୨୫୯୦୮୦

Magazine Downloaded from www.aahwaan.com

# ଆଞ୍ଜୁଳାଏ ସ୍ମୃତି



ଜ୍ୟୋତ୍ସ୍ନାମୟୀ ପାତ୍ର

ବିଦଗ୍ଧ ଅତୀତଟା ମୋର
ସବୁକିଛି ଲୁଟିନେଲାପରେ
ହଠାତ୍ ଏକ ଉଦ୍ଭଟ ମାନସିକତା
ସବାର ହେଲା ମୋ ମସ୍ତିଷ୍କରେ ।

ମୁଁ ଖୋଜିଲି ହାଡ଼ଭଙ୍ଗା ଶୀତରେ
ମୁଣ୍ଡଫଟା ଖରାରେ ଏବଂ
ଶ୍ରାବଣର ଧାମ୍ ଧମ୍ ବର୍ଷାରେ,
ଛଟପଟ୍ ମନର କିଛି
ବୁକୁଫଟା ଦୀର୍ଘଶ୍ୱାସ
ହଜମ ହୋଇଥିବା ବିଗତ ଦିନର
କିଛି ଛିନ୍ନ ଇତିହାସ
ବର୍ତ୍ତମାନ ଜୀବନ୍ତ କାହାଣୀ ର କିଛି
ସ୍ମୃତି ଆଉ ବାସ୍ତବ ଅନୁଭୂତିକୁ ,,,, ।।

ତା'ପରେ ସମୟକୁ ଖୋଜିଲି
ସାଇତିବି ବୋଲି ମୋ ପଣତ କାନିରେ
କିଛି କହିବି ବୋଲି ବିଗତ ସନ୍ଧ୍ୟାର
ଅଭୁଲା ସଂଳାପ, ଆଉ କିଛି
ଅସଜଡ଼ା ସାଉଁଟା ଗୋଲାପ,
ଆଞ୍ଜୁଳା ଆଞ୍ଜୁଳା ସ୍ମୃତି ଓ
ଲୁହଭିଜା ହାଡ଼ଥରା ଶୀତ ରାତିର
କିଛି ଅସ୍ପଷ୍ଟ ଆବୃତ୍ତି,, ।।

 Magazine Downloaded from www.aahwaan.com

ଏଇ ଖୋଜିବା ଭିତରେ

କେତେ ପାଇଛି ତ କେତେ ହରେଇଛି

କେତେ ବାଣ୍ଟିଛି ତ କେତେ ସାଉଁଟିଛି

କେତେ କାନ୍ଦିଛି ତ କେତେ ହସିଛି

କେତେ ହରିଛି ତ କେତେ ଜିତିଛି

ପାଇବା ହରେଇବାର ଦୋ'ଛକିରେ

ମୁଁ ବ୍ୟସ୍ତ ବିବ୍ରତ ଓ ଅଣନିଃଶ୍ୱାସୀ

ହୋଇ ପଡିଛି,

କାହିଁକି   ?

କ'ଣ ପାଇଁ  ,,,,,,, ?

ଜ୍ୟୋତ୍ସ୍ନାମୟୀ ପାତ୍ର, ନାମି, ମଞ୍ଜୁରରୋଡ,

ଶିକ୍ଷୟିତ୍ରୀ ନାମି ନୋଡାଲ ପ୍ରାଥମିକ ବିଦ୍ୟାଳୟ, ଭଦ୍ରକ,

ମୋ-୯୧୭୮୫୪୭୧୩୨,

 Magazine Downloaded from www.aahwaan.com

# ହେ ପୁଣ୍ୟାତ୍ମା କୃଷକ



ନାରାୟଣ ଚନ୍ଦ୍ର
ସେନାପତି

ହେ ନିଷ୍କଳଙ୍କ କର୍ମଠ ସାଧକ
ସୁଖ ସୌନ୍ଦର୍ଯ୍ୟକୁ ଦେଇ ଜଳାଞ୍ଜଳି
ଯେବେ ଆଦର୍ଶ ଦିନଚର୍ଯ୍ୟାକୁ କର ଆବାହନ
ଶୃଙ୍ଖଳା ଓ ସଂସ୍କାର ପାଇଁ ବିଶ୍ୱହୁଏ ସ୍ତବ୍ଧ
ତୁମ ସତ୍ୟ ନିଷ୍ଠା ଉଦ୍ୟମରେ
ଦରଦ୍ର ବୁଭୁକ୍ଷୁର ଥାଳ ପୁରିଯାଏ
ପ୍ରାଣ ସ୍ପନ୍ଦନ ପୁଲକିତ ହୁଏ
ସ୍ୱଚକ୍ଷୁରେ ଦେଖି ଦିବ୍ୟ ଅନ୍ନପୂର୍ଣ୍ଣା ॥
ହେ ନିଷ୍କପଟ ତପସ୍ୱୀ ସାଧକ
ନିଜ ରକ୍ତ ମାଂସକୁ କରି ସମର୍ପଣ
ଯେବେ ନରକଙ୍କାଳରେ ମହୀ ସାଥେ କର ମଲ୍ଲଯୁଦ୍ଧ
କଳିଙ୍ଗଯୁଦ୍ଧ ବି ଓଡିଆ ଭୁଲିଯାଏ
ସଭିଙ୍କ ଚକ୍ଷୁରୁ ବିଗଳିତ ହୁଏ ଆନନ୍ଦାଶ୍ରୁ
ଦରଦୀ କଣ୍ଠେ କରନ୍ତି ପ୍ରଣାମ
ପାଇ ତବ ଅନ୍ନଦାନ
ଅନ୍ତରେ ପୂଜନ୍ତି କହି..
ହେ ଦାନବୀର ପୁଣ୍ୟାତ୍ମା କୃଷକ ॥
ହେ ବିଶ୍ୱ-ଜାତିପ୍ରେମୀ କର୍ଣ୍ଣଧାର
ଖରା ବର୍ଷା ଶୀତ କାକରକୁ ନ କରି ଭ୍ରୂକ୍ଷେପ
ଯେବେ କାଦୁଅ ବୋଲି କୁହ ଚନ୍ଦନ

 Magazine Downloaded from www.aahwaan.com

ଗୋଳିଆ ପାଣିକୁ ଭାବ ଗଙ୍ଗାଜଳ
ସଭିଙ୍କ ଆଖିରୁ ଆଳସ୍ୟ ଭୂତ ବି ଅପସରୀ ଯାଏ
ଅହଙ୍କାର ବୈଧବ୍ୟ ଯନ୍ତ୍ରଣା ଭୋଗେ
ଦିବ୍ୟଚକ୍ଷୁ ଖୋଲିଯାଏ
ତୁମ ନିଃସ୍ୱାର୍ଥପରତା ନିଷ୍ଠା ଚିତ୍ରପଟରେ
ଭକତିର ମଥାଟେକି ସଭିଏଁ କରନ୍ତି ପୂଜା
କହି..ହେ ଧର୍ମାତ୍ମା ମାଟିର ମଣିଷ ॥
ହେ ଚିରସ୍ରୋତା ମହାଦାନୀ କର୍ଣ୍ଣ
ବିଳାସ ବ୍ୟସନକୁ ଶ୍ରାଦ୍ଧ ଦେଇ
ପରହିତେ ଢାଳ ଯେବେ ଶ୍ରଦ୍ଧା
କୃପଣ ସମ୍ଭ୍ରାନ୍ତମାନେ ପ୍ରମାଦ ଗଣି ଦୌଡନ୍ତି ଶୁଣି ତୁମ ବାଣୀ
"ଶ୍ରମ ମୋର ପୂଜା"
"କର୍ମ ହିଁ ଭଗବାନ"
ସ୍ତବ୍ଧ ହୁଅନ୍ତି ଭଗବାନ
ଦେଖି ତୁମ ନିଃଷ୍କାମ ଭକ୍ତି ଅମର ପ୍ରେମ
ଅବସରେ ତୁମ ଭଜନ ଓ କୀର୍ତ୍ତନ
ଅବିଳମ୍ବେ ଘୋଷଣା କରନ୍ତି କହି
ହେ ଭକ୍ତ ଶ୍ରେଷ୍ଠ...
ଜାତିପ୍ରେମୀ ବିଶ୍ୱପ୍ରେମୀ ଦରଦୀ କୃଷକ
ଦୀର୍ଘଜୀବୀ ହୁଅ... ॥

 Magazine Downloaded from www.aahwaan.com

# ନୂଆ ସକାଳ



ଧିରେନ୍ ବାଗ୍

ପୁଣି ରାତିକ
ପ୍ରତୀକ୍ଷାପରେ ଏକ
ନୂଆ ସକାଳ ଆସିବ
ନ ରହିବେ କେହି ଭୋକିଲା
ଅବା ହୋଇ ଲଙ୍ଗଳା ।

ନା ଥିବ ହାତହତିଆର
ନା ଜଳିବ ଜୁଇ
ନା ବହିବ ଲୋତକ
ମା' ଆଖିରୁ କାହାର ।

ଭାବି ନୂତନତା
ଭୁଲି ଆଦିମତା
ହଟିବ ଭେଦଭାବ
ଉଚ୍ଚନୀଚ ବିଚାର ।

ଏ ନୂଆ ସକାଳ ଆଣୁ
ନୂଆ ବାରତା
ଦେଉ ସଭିଙ୍କ ମନେ
ପ୍ରେମ, ଆନନ୍ଦ ଭାତୃତ୍ୱ ।

ଗଉଡରମା, କୁଳିଅଣା, ମୟୁରଭଞ୍ଜ
ଭ୍ରାମ୍ୟଭାଷ : ୯୬୯୨୧୮୮୦୮୧

 Magazine Downloaded from www.aahwaan.com

# ସ୍ମୃତିରୁ ଫର୍ଦ୍ଦେ



ଲୀନାରାଣୀ ଧଳ
ମଙ୍ଗରାଜ

ସ୍ମୃତିର ଚିତ୍ର ଆଙ୍କିଲାବେଳେ

ଦରକାର ହୁଏ ହଜିଲା ଅତୀତ

କେବେ ପାଉଁଜିରୁ ହଳେ,

ପୁଣି କେବେ ବର୍ଷା ଓ ଶୋରିଷ ଫୁଲିଆ ଶୀତ ।

ତୁ ଆସିଥିଲୁ

ତୁ ଆସିଥିଲୁ

ଦିନେ

କଅଁଳ ମୁରୁଜ ଖରାରେ

ସ୍କୁଲ୍ ବ୍ୟାଗ ସଜାଡ଼ୁ ସଜାଡ଼ୁ

ଆଇସ୍‌କ୍ରିମ୍ କାଠିକୁ ଲୁଚେଇବା କଳାରେ ।

କେବେ ବୋଉର ପୂଜା ବେଳେ ପଛପଟୁ

ଭୋଗ ଚୋରେଇବା ଆଶାରେ ତ

ପୁଣି କେବେ ବୋଉର ଗାଳିପରେ

ବାପାଙ୍କ କୋଳେଇ ନେବା ସମୟରେ ।

କେବେ ବାପା ଲଗେଇଥିବା ନିମ୍ବଗଛ

ଉହାଡ଼ରୁ କାଠହଆ ଚଢ଼େଇର ଠକ୍ ଠକ୍

 Magazine Downloaded from www.aahwaan.com

ଶବ୍ଦରେ,

କେବେ ଧଡ଼ିଲି ଆଇସ୍‌କ୍ରିମରୁ କହୁଣୀ

ତଳକୁ ବୋକି ଯାଉଥିବା ନାଲି

ନାଲି ପାଣିରେ ତ କେବେ ଦାଢ଼ିଆ

ବୁଢ଼ାର ଶୂନ୍ ପାମ୍ପଡି ଖିଆରେ ।

ରାଗରଷା ହେଉଥିବା ଶୋନପାମ୍ପଡ଼ି

ହେଉଛି, ବୁଢ଼ାର ପାଚିଲା ଦାଢ଼ୀ ବୋଲି

ଭାଇର ଚିଡ଼ାରେ ।

କେବେ କଳାବାଦଲ ପରେ ସାତରଙ୍ଗର

ଇନ୍ଦ୍ରଧନୁ ଦେଖାରେ ତ,

କେବେ ସଫା ଆକାଶରେ

ପଶୁପକ୍ଷୀ ଖୋଜିବାର ନିଶାରେ ।

କେବେ ଚଉଁରା ମୂଳେ ବୋଉର ସଞ୍ଜଦିଆ,

ଆମ୍ବଗଛରେ ଛିଣ୍ଡିଯାଇଥିବା

ଗୁଡ଼ି ଆଉ ସୁତା

ସାଇକେଲ୍ ପଛପଟେ ନାଲିରଙ୍ଗ

ଛିଟ ଛତା ।

ସାଙ୍ଗ ସହ କଥାକଟି ସୂର୍ଯ୍ୟୋଦୟ ବେଳେ

ସୂର୍ଯ୍ୟର ରଙ୍ଗ କମଳା ନା ହଳଦିଆ ।

 Magazine Downloaded from www.aahwaan.com

ଆଗରେ ପାର୍କ

ପାର୍କର କାଗଜଭୂତ

ମଲ୍ଲିକ ସାରଙ୍କ ଅଙ୍କଠୁଁ

ଆହୁରି ଲାଗୁଥିଲା ଅଦ୍ଭୁତ ।

ଖେଳ ପଡ଼ିଆ ଗେଟର ଫୁଟବଲ

ସମ୍ପୂର୍ଣ୍ଣ ମାନସିକତାର

ଯେଉଁଠି ଆରମ୍ଭ, ସେଇଠି ଶେଷ

ସମ୍ପୂର୍ଣ୍ଣ ଗୋଲ ।

ଅନାହତ ପ୍ରାଚୁର୍ଯ୍ୟର ଅତୀତ

ବିବଶତା, ବର୍ତ୍ତମାନର

ସୀମାହୀନ ସଙ୍କେତ ।

ମାର୍ଫତ : ଶ୍ରୀ ଏଲ୍.କେ.ମଙ୍ଗରାଜ

ଶତାବ୍ଦୀ ନଗର, ୟୁନିଟ୍ - ୮

ଭୁବନେଶ୍ୱର

 Magazine Downloaded from www.aahwaan.com

# ପ୍ରେମାମୃତ



ସସ୍ମିତା ମିଶ୍ର

ସେଇଟା କି ନଖଟିଆ ଚିଜ
ପୁଂଜେ ଦେଇ ପୁଂଜେ ଦେବି ରଖି
ବୃଥା ଭୟେ ଭ୍ରମି
ସଞ୍ଚି ଦେବି କାନ୍ଥକୁରାଟାରେ
ପିଲାଝିଲା ମୋ ନାତି ନାତୁଣୀ
ନିକଟିଆ ଲୋକ ମୋର ଯେତେ
ଅବା ତାଙ୍କ ଭାଗ ଯିବ କମି
କେଉଁ ମନ୍ଥନରୁ ତାର ଉତ୍ପତ୍ତି
ଉଦ୍ଭବ ବିକାଶ
ମୁଁ କି ଜାଣେ ? ?
ହଁ ଜାଣେ ଯାହା
ଅସରନ୍ତି ଭାଣ୍ଡଟିଏ ସିଏ
ଅହରହ ରସ ସ୍ରବୁ ଥାଏ
ମନବୋଧ କରି ଦେଲାପରେ
ମନବୋଧ ହେଲା ପରି ରହେ
କି କାର୍ପଣ୍ୟେ ? ? ?
ସନ୍ତର୍ପେ ବାଣ୍ଟିବି
ବୃଥା ଭୟେ ଭ୍ରମି
କିଏ ଜାଣେ
ପବନ ଟା କେବେ ଯିବ ଥମି
ପତି ଠାରୁ ପତଙ୍ଗ ପର୍ଯ୍ୟନ୍ତ
ଜୀବ ଠାରୁ ଜଙ୍ଗମ ପର୍ଯ୍ୟନ୍ତ
ପ୍ରତିବେଶୀ ଠାରୁ ପରଦେଶୀ ଯାବତ
ବିତରିବି
ବିତରିବି ପୂର୍ଣ କରି ଭାଣ୍ଡ
ତଥାପି ସେ ଥିବ ପରିପୂର୍ଣ
ଯେବେ ମୋର ଛାଡ଼ିଯିବ ପିଣ୍ଡ

ମହାନଦୀବିହାର ମହିଳା ମହାବିଦ୍ୟାଳୟ
କଟକ,

 Magazine Downloaded from www.aahwaan.com

# ଅନ୍ନଦାତାର ଆର୍ତ୍ତନାଦ



ବିକେଶ ସାହୁ

ସକାଳ ନ ହେଉଣୁ ଉଠିପଡେ ସନେଇ
ସତେଜ ମନରେ କେତେ ଯେ ସତେଜ ସ୍ୱପ୍ନ ବୁଣି
ଛିଣ୍ଡା ଖଟିଆରୁ ପ୍ରଥମ ପାଦ ଥାପେ ମାଟି ଉପରେ
ଆଖି ମଲି ମୁହଁ ଧୁଏ
ଦନେଇ ବୋଉ ନ ଉଠୁଣୁ
କାଳିଆ କସରାକୁ ସାଙ୍ଗରେ ନେଇ
ବାହାରି ପଡେ ସେଇ ଚିର ସାଥି କରମ ଭୁଇଁକୁ
ମାଟି ସହ ମାଟି ହେବାକୁ
ନିର୍ଜୀବ ସେଇ ସ୍ୱପ୍ନ ସବୁକୁ
କଙ୍କାଳସାର ଶରୀରରୁ ରକ୍ତ ସିଞ୍ଚି
ହ...ହ ... ତ...ତ..ଗୋଡ ...ଗୋଡର
ସଞ୍ଜୀବନୀ ମନ୍ତ୍ରରେ ଜୀବନ୍ୟାସ ଦେବାକୁ ।

ଫି’ ଦିନ ପରି
ସୁରୁଜ ନ ଉଠୁଣୁ

 Magazine Downloaded from www.aahwaan.com

ଆରମ୍ଭ କରିଦିଏ ତାର ଗବେଷଣା

ସୁନା ଫସଲ ଫଳେଇବାର ସ୍ଥିର ସିଦ୍ଧାନ୍ତରେ

ମାଟି ସହ ଆରମ୍ଭ କରେ ତାର କସରତ

ଦି' ମୁଠା ଦାନା ଆଉ ଦି' ହାତ କନା ପାଇଁ

ପୁଣି ତା ଉପରେ ନିର୍ଭର କରେ

ଦନେଇ ବୋଉର ଚିରା ଶାଢୀ ବଦଳରେ ନୂଆ ଶାଢୀର ବରାଦ

ଦନେଇର ନୂଆ ଜାମା ,ପାଠ ପଢା ବହି ଖାତା

ବୁଢା ବାପାର ଦୂରାରୋଗ୍ୟ ରୋଗ ପାଇଁ ଔଷଧ

ବତାସରେ ଉଠିପଡ଼ି ଥିବା ଦରଭଙ୍ଗା ଛାତର ଭବିଷ୍ୟତ ।

ସେଇଥି ପାଇଁ ତ

ସବୁଦିନ ପରି ଆଜି ବି ସେ ମାତେ ଗବେଷଣାରେ

ସେଇ ନୁଖୁରା ମାଟିର ପରୀକ୍ଷାଗାର ଭିତରେ

ମାଟି ସହ ନିଜକୁ ମାଟି କରି

ଶରୀରରୁ ବୁନ୍ଦା ବୁନ୍ଦା ଝାଳ ବଦଳରେ ରକ୍ତ ନିଗାଡ଼ି

ସେ ସ୍ୱପ୍ନ ବୁଣେ

ଭାରି ନୀରବ ସ୍ୱରରେ

ନିର୍ଜୀବ ସେଇ ସ୍ୱପ୍ନ ସବୁର

ଅନ୍ଧାରୁଆ ଭବିଷ୍ୟତ ଭିତରେ

 Magazine Downloaded from www.aahwaan.com

ଧାରିର ଆଶାର ଆଲୋକକୁ ସାହାରା କରି

ସେ ଲଢି ଚାଲେ  ଖରା, ବର୍ଷା, ଶୀତ, ଝଡ, ତୋଫାନ ସାଥିରେ

ନିଜ ପାଇଁ ନୁହେଁ ପର ପାଇଁ

ଚାରି ହାତର ଶରୀରରେ ଚାରି ଆଙ୍ଗୁଳିର କନା ଘୋଡେଇ  ।

ତଥାପି ସେ ହାରେନି

ହୃଦୟର ଅସଂଖ୍ୟ ଆର୍ତ୍ତନାଦକୁ

ହୃଦୟରେ ଚାପି ଦେଇ

ଭାରି ସହଜରେ ହଜମ କରିନିଏ

ପୁଣି ବସି ରୁହେ

ତାର ଅନିର୍ଦ୍ଦିଷ୍ଟ ଭବିଷ୍ୟତର

ବିନ୍ଦୁଏ ଆଶାର ଆଲୋକ ହାତରେ

ନିଜର ସମଗ୍ର ଭବିଷ୍ୟତକୁ ସମର୍ପି ଦେଇ

ଆଉ ଏକ ସୂର୍ଯ୍ୟୋଦୟର ଅପେକ୍ଷାରେ  ।

ଭୁଷଲାଡ଼ ,ସିନ୍ଧେକେଲା ,ବଲାଙ୍ଗୀର

ମୋ – ୯୩୩୭୧୬୭୧୨

 Magazine Downloaded from www.aahwaan.com

# ଶାନ୍ତିଦୂତ



ପ୍ରକାଶ ଚନ୍ଦ୍ର ପଣ୍ଡା

ଶାନ୍ତିଦୁତଟିଏ କରିଦିଅ ପ୍ରଭୁ
ଶାନ୍ତିର ବାର୍ତ୍ତା ନେଇ
ଦେଶରୁ ବିଦେଶ ତୁମରି ସନ୍ଦେଶ
ସାଥିରେ ନେବି ମୁଁ ବୋହି ।
ଚାଲି ଚାଲି ପାଦେ ଭ୍ରମଣ କରିବି
ସ୍ଥଳ, ସମୁଦ୍ର ଓ ନଇ,
ସବୁରି କାନରେ ଅହିଂସାର ଗାଥା
ଆନନ୍ଦେ ମୁଁ ଗାଇ ଗାଇ ।
ଅହିଂସାର ପଥ ଗ୍ରହଣ କରିବେ
ବିଶ୍ୱ ସମୁଦାୟ ଭାଇ
ହିଂସାର ମାର୍ଗକୁ ଭୁଲିଯାଇ ସବୁ
ସ୍ୱାର୍ଥକୁ ଦେବେ ଦୂରେଇ ।
ପ୍ରେମର ବନ୍ଧନେ ବାନ୍ଧି ହୋଇଯିବେ
ନଥିବ ବାଛ ବିଚାର
ସଭିଏଁ ଗାଇବେ ଏକତାର ସୁରେ
କିଏ ଆପଣା କେ ପର ।

ସବୁରି ମନରେ ଉଦ୍ରେକ ହେବ ହେ
ସେହି ଯେ ଗୋଟିଏ କଥା
ହିଂସାଦ୍ୱେଷ ଭୁଲି ସବୁ ହେବେ ଏକା
ଗାଇବେ ଶାନ୍ତିର ବାର୍ତ୍ତା ।
ଶାନ୍ତିଦୁତ ଟିଏ କରିଦିଅ ପ୍ରଭୁ
ଶାନ୍ତିର ବାର୍ତ୍ତା ନେଇ
ଦେଶରୁ ବିଦେଶ ପ୍ରେମର ସନ୍ଦେଶ
ସାଥିରେ ନେବି ମୁଁ ବୋହି ।

ବିଜ୍ଞାନ ଶିକ୍ଷକ
କଲ୍ୟାଣପୁର, ଭୂଇଁପୁର, ଯାଜପୁର
ପାଣିକୋଇଲି, ଓଡ଼ିଶା
ଭ୍ରାମ୍ୟଭାଷ : ୮୭୭୩୫୨୫୫୩୫

 Magazine Downloaded from www.aahwaan.com

# ରାଧେକୃଷ୍ଣ



ଅକ୍ଷୟ କୁମାର ବେହେରା

ଭାବୁ ଭାବୁ ରାଇ ଦିନ ସରିଯାଇ
ସଞ୍ଜ ଆସିଲାଣି ନଇଁ,
ସଜ ମନେ ମନେ ଯିବେ କୁଞ୍ଜବନେ
ରାଧା ତୋ କୃଷ୍ଣଙ୍କ ପାଇଁ ।
ନୁପୂର ପାଦରେ ଓଢ଼ଣୀ ମଥାରେ
କପାଳେ ହସୁଛି ବିନ୍ଦୀ,
ନାଲି ଅଧରରେ ମୁକ୍ତା ହସ ଝରେ
ଗଭାରେ ଗଜରା ଛନ୍ଦି ।
କୁଞ୍ଜବନୁ ଶୁଣ ଆସୁଛି ଭାସିଣ
କାହ୍ନୁବଇଁଶୀର ସ୍ୱର,
ମନ କନକନ ଶୁଣି ବଂଶୀସ୍ୱନ
ଯିବାକୁ ପ୍ରାଣ ଆତୁର ।

ହୋଇ ବାଟବଣା ଶୁଣନ୍ତି ଗଂଜଣା
ଚନ୍ଦ୍ରସେଣାଙ୍କର ଭାଜ୍ୟା
କୃଷ୍ଣଙ୍କ ପାଖରେ ପ୍ରେମାମୃତ ଝରେ
ଭୁଲିଯାନ୍ତି ଲୋକଲଜ୍ଜ୍ୟା ।
କୃଷ୍ଣଙ୍କ କରୁଣା ଝରେ ତ ଝରଣା
ମେଣ୍ଟିଯିବ ସବୁ ତୃଷ୍ଣା
ରାଧାକୃଷ୍ଣ ନାମେ ମୁକ୍ତି ଏ ଜନମେ
ଗତିନାହିଁ ତାଙ୍କ ବିନା ।
ଏ କଳିଯୁଗରେ ମାୟା ସଂସାରରେ
'ରାଧେକୃଷ୍ଣ' ମୁଖେ ଭଜ
କହୁଛି ଅକ୍ଷୟ ନାହିଁ ତୋ ସମୟ
ମନେ ଏଇ କଥା ହେଜ ।

କେନ୍ଦୁଡ଼ିହା, ବଡ଼ସାହି, ମୟୁରଭଞ୍ଜ

 Magazine Downloaded from www.aahwaan.com

# ରକ୍ତର ନମୂନା



ଏମ୍ ବିଜୟ କୁମାର

ଭେନ୍‌ରୁ କାଢ଼ କି
ଅଙ୍ଗୁଠିରୁ ନିଅ
ରକ୍ତର ନମୂନା
ପରୀକ୍ଷା କରାଅ ।
ସେହି ମଣିଷର
ଲାଲ କଚାରକ୍ତ
ତୁମ ଦେହରେ ବି
ସେଇ ଏକା ରକ୍ତ ।
ହେଲେ କାହି ଏତେ
ଛୁଆଁଛୁତ କର୍ମ
ରକ୍ତର ବି କଣ
ହୁଏ ଜାତିଧର୍ମ ।

ଅଲଗା କରିଣ
ଦେଖାଇ ପାର କି
ମିଶିଗଲା ପରେ
ବାରି ପାରିବ କି ।
ନଦୀ ସମୁଦ୍ରରେ
ହୋଇଯାଏ ଲୀନ
ରକ୍ତର ବିପ୍ଲବ
ନୁହେଁ ଭିନ୍ନାଭିନ୍ନ ।

ଉତ୍ତରା ଶାସନ, ଗଙ୍ଗୋତ୍ରୀ ନଗର
ଭୁବନେଶ୍ୱର- ୦୨, ଓଡ଼ିଶା
ଭ୍ରାମ୍ୟଭାଷ : ୭୯୭୮୭୮୪୧୩୦

Magazine Downloaded from www.aahwaan.com

# କବିର କବିତା



ତିଳ ରାଉତ

ଲେଖେ ନାହିଁ କେବେ କବି ସେ କବିତା
ପାଇବାକୁ ଯଶ ମାନ,
ନିଃସ୍ୱାର୍ଥ ଭାବରେ ସମାଜ ହିତରେ
କରେ ତାକୁ ସମର୍ପଣ ।
କବିର କବିତା ଅମୃତ ବାରତା
ସମାଜର ହିତ ପାଇଁ,
କୋଟି ଜନମନେ ବିଶ୍ୱାସକୁ ବୁଣେ
ସମାଜ ଗଢ଼ିବା ପାଇଁ ।
କଲମ ମୂନରେ ଭାବନା ଶକ୍ତିରେ
ଜୀବନ୍ୟାସ ତାହା ପାଏ
ସଂସ୍କାର ସଂଯମ ଆଉ ଶୀଳଗୁଣ
ପ୍ରତି ପ୍ରାଣେ ଭରିଦିଏ ।
ଅମର ଅକ୍ଷରେ କାଳର ବକ୍ଷରେ
କହେ ସେ ଅମର ବାଣୀ
ସମାଜ ଗଠନେ ରତ ପ୍ରତିକ୍ଷଣେ
ସେସବୁ ସାଜି କାହାଣୀ ।

 Magazine Downloaded from www.aahwaan.com

# ରାଗ ଅନୁରାଗ



ରାମ କଲତା

କେମିତି ଅବୁଝା ଜହ୍ନରାଣୀ ତୁମେ
କେମିତି କହିବ ସେ କବି
ରୁଷିଗଲ ତୁମେ କଥା ପଦକରେ
ଚାହିଁଲନି ଜମା ତା' ଛବି ।
ବୁଝିଲନି ଜମା ରାଗ ଅନୁରାଗ
ଅଭିମାନ କଲ ପ୍ରେମରେ
ତୁମ ରାଗରୁଷା ଭଲଲାଗେ ବୋଲି
ଚାତକ ପରି ଚାହିଁଛିରେ ।
ଲେଖି ଲେଖି ତାର ଶିରା ପ୍ରଶିରାରେ
ପଡ଼ିଲାଣି କେତେ ଯେ ଦାଗ
ରହି ପାରୁନାହିଁ ଜହ୍ନରାଜା ତମ
ବୁଝି କି ପାରୁଛ ତ ଭାବ ?
ପ୍ରେମ ଯଦି ତାର ଅବଶୋଷ ରହେ
ଜମା କରିବନି ସେ ଦୁଃଖ
ଖୁସିର ଲହରୀ ଖେଳେ ତା ଜୀବନେ
ସେ ପରା ପ୍ରକୃତି ପ୍ରେମିକ ।

 Magazine Downloaded from www.aahwaan.com

# ପ୍ରେମର ମିଠା ଦୁର୍ଘଟଣା



ସୁଧାଂଶୁ ଶେଖର ମଣ୍ଡଳ

ଏ ଆକର୍ଷଣ ମୋର ପ୍ରଥମ

ଏ ଶୀହରଣ ମୋର ପ୍ରଥମ

ଏଇ ବୟସରେ ପ୍ରଥମ ପ୍ରଥମ

ହେଇଛି ମୁଁ ବାଟବଣା

ଏଇ ବୋଧେ

ପ୍ରେମର ମିଠା ଦୁର୍ଘଟଣା ।

ମୁଁ ଆଉ ମୁଁ ହେଇନାହିଁ

ଗୋଟାପଣେ ଏବେ ତା'ର

ତା ଆଖିରେ କି ନିଶା କେଜାଣି

ତା ହସରେ କି ମିଠା କେଜାଣି

ମୁଁ ମନ୍ତ୍ରମୁଗ୍ଧ, ମୁଁ ମୋ ବାଟଭୁଲି

ତା ବାଟେ ଚାଲୁଛି

ଆଉ ପାଉନାହିଁ ମୋ ଠିକଣା...

ଏଇ ବୋଧେ

ପ୍ରେମର ମିଠା ଦୁର୍ଘଟଣା ।

ବାଲେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

# ଅଭିମାନ



ପ୍ରିୟଙ୍କା
ପ୍ରିୟଦର୍ଶିନୀ ଦାସ

ଅଶାନ୍ତ ମୋ ପଦମାଳା

ଅସଂଯତ ଶବ୍ଦମେଳା

ଦେଖି ତୁମେ ରୁଷିଲେ ରୁଷିବ;

କେବେହେଲେ କିନ୍ତୁ ଥରେ

ମୌନେ ବିଜନେ ଅନ୍ତରେ

ଦିନେ ଏ ମୋ' ପଦ ତ ଦିଶିବ ।୧

ପ୍ରତିଥର ଦୃଷ୍ଟିପାତେ

ପ୍ରତି ପଦମାଳା ସାଥେ

ଶୁପ୍ତଭାବ ଉଠୁଥିବ ଫୁଟି;

ଘେନି ନବରବି ଜ୍ୟୋତି,

ନବଯଉବନ ତାତି

ପୁଲକ ତୁମର ଯିବ ଲୋଟି ।୨

ନିଷ୍ଟେ ଦିନେ ବିଚରିବ

ବିଶାଳ ଶବ୍ଦ ବିଭବ

ପରେ ଚକ୍ଷୁ ରଖି ନିବଦ୍ଧିତ;

ଖୋଜି ପ୍ରତି ଛନ୍ଦ ଅର୍ଥ,

ଘାଣ୍ଟିବ ମୋର ସାହିତ୍ୟ

ନେତ୍ର ତୁମ ଥିବ ଉନ୍ମିଳିତ ।୩

ଅର୍ଥ ମତେ ଶବ୍ଦ ଖୋଜି

ଆଙ୍କିବି ଶକ୍ତି ନିୟୋଜି

ପ୍ରାଚୀ ନଭେ ନବ ସୂର୍ଯ୍ୟୋଦୟ;

ପତୀତିରେ ଧିରେ ଧିରେ

ଆଙ୍କିବି କଲମଗାରେ

ଘନରାତ୍ରୀ ଅନ୍ଧକାରମୟ ।୪

 Magazine Downloaded from www.aahwaan.com

ଭରା ଅଜଣା ଔତ୍ସୁକ୍ୟ

ମନେ ମୋ କରିବ ନୃତ୍ୟ

ଭରିଥିବ କେତେ ମାଦକତା;

ତୁମ ଚକ୍ଷୁ ତଳେ ତଳେ

ନୟନର ଉଷ୍ମ ଜଳେ

ଥିବ ତୁମ ପ୍ରୟାସ ବ୍ୟର୍ଥତା ।୫

ଦିନେ ତ ଆସିବ ଫେରି

ଅତୀତକୁ ଝୁରି ଝୁରି

ଦେବ ପ୍ରାଣସଙ୍ଗିନୀଠି ମନ;

ମୋ ସାଥିରେ ମିଶିବ ତ

କରିନେବ କୋଳାଗ୍ରତ

ନ ରଖିବ ରାଗ ଅଭିମାନ ।୬

 Magazine Downloaded from www.aahwaan.com

# ନୀଳ ଦରିଆ



ସତ୍ୟବ୍ରତ ବାରିକ

ନୀଳ ଦରିଆ ତୁ ନୀଳ ଦରିଆ

ଯେତେ ଦେଖୁଥିଲେ ଲାଗୁଛୁ ନୁଆ ।

ଲୁଚି ରହିଛି ତୋର ଅନେକ ସ୍ମୃତି

ସାଧବ ପୁଅମାନେ ଯାଉଥିଲେ ତତେ ଦେଖି ।

ବୋଇତ ବନ୍ଦଉଥିଲେ ତୋ'ରି ପାଶେ

ବେପାର କରିବାକୁ ଜାଭା ସୁମାତ୍ରା ଦେଶେ ।

ଶଙ୍ଖଧ୍ୱନୀରେ ସାଧବ ବୋହୁମାନେ ଶୁଭ ମନାସି

ବିଦାୟ ଦେଉଥିଲେ ତାଙ୍କୁ ସେ ହସି ହସି ।

ଆଣୁଥିଲେ କେତେ ହୀରା, ମୋତି ମାଣିକ

ବୋହୁମାନେ ଦେଖୁଥିଲେ ଦୁର୍ଲଭ ଜିନିଷ ।

ବତୀଘର ତୋତେ ରହିଛି ଚାହିଁ

ସବୁଦିନ ରହିଥିବ ତୋ ସାଥି ହୋଇ ।

 Magazine Downloaded from www.aahwaan.com

# ମା



ସସ୍ମିତା ପାତ୍ର

ଦଶମାସ ଦଶଦିନ ଧରେ ସେ ଗର୍ଭରେ

ମା ବୋଲି ଡାକିଲେ ପୂରେ ଆନନ୍ଦରେ

ଖରାବରଷାକୁ ଖାତିର ନ କରି ସହିଲା ଯେ କେତେ କଷ୍ଟରେ

ଚାତକ ପରି ଚାହିଁଥାଏ ସେ ମା ଡାକ ଶୁଣିବା ଅପେକ୍ଷାରେ

ମା' ନୁହେଁ ସେ ମମତାଟିଏ ଦୁଃଖକୁ ଆଦରି କରୁଛି ସିଏ

କରିପାରିବ କି ପୂରଣ କେହି ଏ ସ୍ଥାନର ଅଭାବଟିଏ

ପଦ୍ମ ପାଖୁଡ଼ା ଭଳି ହୃଦୟ ତା କୋମଳ

ବୁକୁରେ ଝରୁଛି ତା'ର ଅମୃତର ଧାର

ପୁତ୍ରର ସ୍ନେହରେ ବାନ୍ଧି ହୋଇଛି ଏ ସଂସାରେ

ହସଟିକେ ଦେଖିବାକୁ ପୂରିଯାଏ ଆଖିରେ

ବାତ୍ସଲ୍ୟ ମମତାକୁ ଘେନିଛି ଆଦରି

ଦୁଃଖଯନ୍ତ୍ରଣାକୁ କରୁଛି ତୁଚ୍ଛ ମନେକରି

ଲୁହ ନୁହେଁ ସେ ଲହୁର ଆଧାର

ସଂସାର ବନ୍ଧନ କରୁଛି ଅତି ନିଜର

ପେଟପାଇଁ କରୁଥାଏ କେତେ ଯେ ସଂଘର୍ଷ

ପ୍ରତିଦାନେ ମିଳିଥାଏ ଜନ ଉପହାସ

 Magazine Downloaded from www.aahwaan.com

ମା'ର ଗୁଣକୁ ବୁଝି ନ ପାରିବ କେହି

କଷ୍ଟ ଉପରେ କଷ୍ଟ ଦେଇ ଚାଲିଯାଆନ୍ତି କେହି

ମାଗିଯାଚି କଲା ପୁଅକୁ ଯେ ମଣିଷ

ପୁଅ ନୁହେଁ ସେ ହୋଇଗଲା ପୁରାପୁରି ଅମଣିଷ

ମା'ର ମମତାକୁ ବୁଝିବ ଯିଏ

ହୋଇଯିବ ସ୍ୱାର୍ଥପ୍ରାପ୍ତି ସିଏ

ସଂସାର ବନ୍ଧ କଲା ଯେ ମା'କୁ

କର୍ତ୍ତବ୍ୟ ସାରି ଚାଲିଥିଲା ଆରପାରିକୁ

ପୁରୁଷୋତ୍ତମ ରାମଚନ୍ଦ୍ର ଥିବ ପୁଅ ଯାହାର

ଭାଗ୍ୟ କରିଥିବ ମା' ଜନ୍ମଜନ୍ମାନ୍ତର ।

ଭୋଗରାଇ, ବାଲେଶ୍ୱର, ଓଡ଼ିଶା

ଭ୍ରାମ୍ୟଭାଷ : ୮୦୧୮୦୨୬୬୨୯

 Magazine Downloaded from www.aahwaan.com

# ଆରତୀ



ସ୍ୱର୍ଣ୍ଣପ୍ରଭା ଖଟୁଆ

ପାରିଜାତ ଫୁଲ ହୋଇ ପାରିଲିନି
କରିଦିଅ ଗଙ୍ଗଶିଉଳୀ
କ୍ଷଣ ଆୟୁ ହୋଇ
ଈଶ୍ୱରଙ୍କ ପାଦେ ଲାଗିଥାଏ ବାବା ସାଇ
ସନ୍ଧ୍ୟାରେ ଫୁଟିକି ସକାଳକୁ ଝଡ଼େ
ଚତୁର୍ଦ୍ଦିଗ ମହକାଇ
ପ୍ରକୃତି ସୌନ୍ଦର୍ଯ୍ୟ ବଢ଼ାଇ ପାରେନି
ଅବଶୋଷ ମୋର ନାହିଁ
ନାରୀଜନ୍ମ ମୋର ସାର୍ଥକ କର ହେ
ସୁଗୃହିଣୀ କରିଦେଇ
ଶ୍ୱଶୁର ଘରକୁ ମନ୍ଦିର ଭାବିକି
ଦିବାନିଶି ଯାଉ ପାଇ
ପିତାମାତାଙ୍କର ସୁସନ୍ତାନ ସାଜି
ଜୀବନ ଯାଉ ଯେ ବିତି
ମମତାର ସୌଧ ଶାନ୍ତିର ସମାଜ
ଗଢ଼ିବାକୁ ଦିଅ ଭକ୍ତି
ଗାଁରେ ଆଦର୍ଶ ରାଜ୍ୟରେ କୋଣାର୍କ
ଗଢ଼ିବାକୁ ଦିଅ ଶକ୍ତି
ସାଙ୍ଗସାଥୀ ଭାଇଭଉଣୀ ମାନଙ୍କ
ଜୀବନେ ଭରେ ମୁଁ ଖସି
ଅବିଶ୍ୱାସ ଆଉ ଅସନ୍ତୋଷ ଭାର
ତୁଟିଯାଉ ଏ ଜୀବନେ

ସାହାସପୁର (ତୁରଙ୍ଗ), ବାଟିଯୋଡ଼ା
ଜେନାପୁର ଥାନା, ଯାଜପୁର
୭୫୫୦୨୩, ଓଡ଼ିଶା
ଭ୍ରାମ୍ୟଭାଷ : ୭୭୪୯୮୦୦୨୦୭

Magazine Downloaded from www.aahwaan.com

# ଫେରିଆସ ପରଦେଶୀ



ପୂର୍ଣ୍ଣଚନ୍ଦ୍ର ରାଣା

ପରଦେଶୀ ତମେ ଫେରିଆସ ସେହି
କାଳ୍ପନିକ ଯୁକ୍ତ ଦୂର ଦେଶରୁ,
ତମ ବିନା ସବୁ ଲାଗୁଛି ଅଲଗା
ଭାବନା ଆସୁଛି ବୁକୁ ଭିତରୁ ।୧

ଏ ଘର ଏରୁଣ୍ଡି ଝୁରୁଛି ତମକୁ
ଝୁରୁଛନ୍ତି ପୁଣି ତୋ ବାପା ମାଆ
ଘର ଚାରିକାନ୍ଥ ବାହୁନି କହୁଛି
ଫେରିଆସ ପରଦେଶୀ ତୋ ଗାଆଁ ।୨

ଝୁରୁଛି ତମ ଗାଁ ଅଙ୍କା ବଙ୍କା ରାସ୍ତା
ମନେ ପକାଉଛି ତମ ଗାଁ ନଇ
ବରଷା ଦିନର କାଗଜ ଡଙ୍ଗାଟି
ଅପେକ୍ଷା କରିଛି ତମକୁ ଚାହିଁ ।୩

କୁନି କୁନି ଓଠେ ତମ କୋଳ ପିଲା
ଗାଇ ଯାଉଅଛି ସେ ମନେ ମନେ,
ବାପା ବାପା କହି ହାତକୁ ବାଢ଼େଇ
ଶୋଇ ଯାଉଅଛି ମାଆର ସ୍ତନେ ।୪

ମୋ ମନ କାହିଁକି ଝାଉଁଳି ପଡୁଛି
ଜାଣି ପାରୁନାହିଁ ନିଜକୁ ନିଜେ
ପଡ଼ିଉଠି ମୁହିଁ ଜୀବନ ଜୀଉଁଛି
ମୋ ମନ ଭିତରେ ତମକୁ ଖୋଜେ ।୫

ପର କରିବନି ପରଦେଶୀ ତମେ
ଭୁଲିବନି ତମେ ଜନମ ମାଟି
ଅପେକ୍ଷାରେ ତମ ପତ୍ନୀ, ପିଲା ଛୁଆ
ଅପେକ୍ଷାରେ ପୁଣି ତମ ମାଆଟି ।୬

ଡେରି କରନାହିଁ ପରଦେଶୀ ତମେ
ଫେରିଆସ ତମ ନିଜ ଗାଁକୁ,
ହସିବ ତମ ଗାଁ ହସିବ ଦୁନିଆଁ
କରିବେ ନିଜର ସବୁ ତମକୁ ।୭

ହାଟସିଂହାପୁର, ଯାଜପୁର
ଭ୍ରାମ୍ୟଭାଷ : ୮୮୭୨୯୦୭୦୮୬

 Magazine Downloaded from www.aahwaan.com

# ଈଶ୍ୱରଙ୍କ ସନ୍ଧାନରେ



ଦେବଦତ୍ତ ମିଶ୍ର

ମନ୍ଦିରରେ ଘଣ୍ଟମାରି,
ଚର୍ଚ୍ଚରେ କ୍ୟାଣ୍ଡେଲ୍ ଜାଳି,
ମସଜିଦରେ ଚାଦର ଚଢ଼େଇ
ଈଶ୍ୱରଙ୍କୁ ଖୋଜିବାରେ କି ପ୍ରୟୋଜନ !୧
କ'ଣ ଲୋଡ଼ା ଦେବତ୍ୱର !
ପୂଜା, ନୀତି, ମୋକ୍ଷ, ମୁକ୍ତି,
ସଂସ୍କାର ଓ ପାପପୂଣ୍ୟ ପ୍ରାପ୍ତି !୨
ମଣିଷ ମଣିଷଟେ ହେଉ
ନିଜ ଭିତରେ ଖୋଜୁ ମାନବତ୍ୱକୁ ।
ଈଶ୍ୱରଙ୍କ ସେବା ନୁହେଁ
କରୁ ଜଗତ କଲ୍ୟାଣ ।୩
ନିଜ ଭାଗ୍ୟ ନିଜେ ଗଢୁ
ହାତେ ଧରି କର୍ମର ନିହଣ ।
ଈଶ୍ୱର ତ ଆପେ ଆସିଯିବେ
ଦୁଃଖୀ ରଙ୍କି ଗରିବ ବେଶରେ ।୪
ସର୍ବହୃଦେ ସ୍ଥିତ ତାଙ୍କ ସତ୍ତା
ଜୀବଜନ୍ତୁ, ବୃକ୍ଷ୍ୟଲତା,
ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ରୂପରେ ।୫
ଲୋଡ଼ାନାହିଁ ଧୂପଦୀପ ନୈବେଦ୍ୟ
ଓ ଅକ୍ଷତର ଥାଳି,
ପ୍ରେମ, ଭକ୍ତି, ଶାନ୍ତି ପୂରୁ
ହିଂସା, କ୍ରୋଧ, ଅସୂୟାକୁ ଜାଳି ।୬
ଖାଲି ଯାହା ଆବଶ୍ୟକ
ରାଗ ଦ୍ୱେଷ ବଦଳରେ
ଦୁଇଘଡ଼ି ଶାନ୍ତିର ନିଶ୍ୱାସ ।
ରକ୍ତପାତ ବଦଳରେ
କେଇଦିନ ଅଧିକ ଜୀବନ ।୭
ଚାଲ, ଖୋଜିବା ମାନବତ୍ୱକୁ
ଈଶ୍ୱରଙ୍କୁ ଖୋଜିବାରେ କି ପ୍ରୟୋଜନ !

ବବକରପୁର, କେନ୍ଦ୍ରାପଡ଼ା, ଓଡ଼ିଶା
ଭ୍ରାମ୍ୟଭାଷ : ୯୦୪୦୭୦୦୩୦୩

Magazine Downloaded from www.aahwaan.com

# କାନ୍ଦୁଛି ଜଙ୍ଗଲ ପରିବାର



ସୌମ୍ୟରଞ୍ଜନ ହୋତା

ମୁଁ କଣ ଲୁପ୍ତ ହୋଇଯିବି ?
ବିଲୀନ ହୋଇଯିବି
ଧରାପୃଷ୍ଠରେ
କେବଳ ଯେ ଫଟୋ
କାନ୍ଥ ଉପରେ ଛଟପଟ
କିଛି କାଗଜର
ଲେଖା ମାଧ୍ୟମରେ
ଅବା ଡୋଡୋ ପକ୍ଷୀପରି
ସାହିତ୍ୟର ଶବ୍ଦକୋଷ ଭିତରେ
ନାଁ ଲୁଚିଯିବି ?

ମୋ ଠାରୁ କଣ ଅଲଗା କରିଦେବେ ?
ସୁନ୍ଦର ଶ୍ୟାମଳ ଭରା ସ୍ୱର୍ଗ
ସେ ହିଂସ୍ର ଜାତି
କଣ ମୋ ପରିବାର ଠୁ ଭି ।
ବହୁଦୂରେ ଛାଡ଼ିଦେଇ
କଣ ମିଳେ ସେଥିରୁ ।
କିଛି ଶାନ୍ତି ଅବା ଆଉ କଣ ?

କଣ ଅପରାଧ ମୋ ?
ନିଷ୍ଠୁର ବ୍ୟବହାର କରି
ମୋ ସଂସାର ଭାଙ୍ଗି
ପବନର ତାଳେ ତାଳେ ନୃତ୍ୟର ଚିତାକର୍ଷକ
ସେ ସିନ୍ଧୁସାଗର ଅବା ନଦୀ
ନାହିଁ ଆଜି ସ୍ଥାନ କୋଉଠି
ରାଇଜ ଜାଳି ଅବା କେଉଁ ସୁଖେ
ସୁଖମୟ ଏ ନିର୍ଲଜ
ମାନବ ସମାଜର ଜାତି
ପଶୁ ଏଠି କିଏ ?
ମୁଁ ଅବା ସେ ?

 Magazine Downloaded from www.aahwaan.com

ଏ ଶ୍ୟାମଳ ଭରା ସ୍ୱର୍ଗ

ତା ଭିତରେ ଆମ ସଂପର୍କ

ଅବା ସେ ଜୀବଜନ୍ତୁ

କଣ ରହିବେନି ?

ଉଙ୍କିମାରେ ଏ ପ୍ରଶ୍ନ

କଣ ସତରେ ?

ଭୟ ଲାଗେ

ମୁଁ ତ ଅସହାୟ ବନ୍ୟପ୍ରାଣୀ

କଣ କରିପାରେ ମୁଁ ?

ବିଧ୍ୱଂଶ ଆଡ଼କୁ ଟାଣି ନେଉଛନ୍ତି

ସେ ମାନବ ଜାତି

ଭୁଲିଯାଇ ସବୁ ମାନବିକତା ।

ସାଇ ବିନାୟକ ଉଚ୍ଚ ଶିକ୍ଷାନୁଷ୍ଠାନ

ନବରଙ୍ଗପୁର, ଓଡ଼ିଶା

 Magazine Downloaded from www.aahwaan.com

# ଦିପୁ ଦୁନିଆରେ ତପୁ



ସାଗର ନାୟକ

ଦିପୁ ସ୍ୱରଠାରୁ ଦୂରେ ତପୁ ଦୁନିଆ ଥିଲା ବେସୁରୀ
ତୋ ସ୍ୱରେ ଢଳି ପ୍ରିୟ ହେଲି ମୁଁ ବାଂଶୁରୀ
ଗନ୍ଧକୁ ତୋ ଛୁଇଁ କସ୍ତୁରୀ ମୁଁ ହେଲି
ଫିକା ଫିକା ଥିଲି ଏବେ ତୋ ସାଜିଲି
ତୋ ଆକାଶେ ମେଘ ହୋଇ ଝିପିଝିପି ବରଷିବି
ପୂର୍ଣ୍ଣିମୀର ଇନ୍ଦୁ ପରି ସବୁ ରାତି ତୋତେ ଝୁରୁଥିବି
ଆଖିକୁ ତୋ ନିଦ ହେଲେ ସ୍ୱପ୍ନଟିଏ ସାଜିବି,
ମୁଁ ସ୍ୱପ୍ନଟିଏ ସାଜିବି ...

ଚାହାଣୀକୁ କାଳିକରି ଲେଖିଲୁ ନୂଆ କାହାଣୀ
ମୋ ହୃଦୟ କିଆରୀରେ ତାକୁ ଦେଲୁ ବୁଣି
ମତୁଆଲା କଲା ତୋ ଆଖିର ନିଶା
ପଢିନେଲି ସବୁ ତୋ ମନର ଭାଷା
ତୋ ନଦୀର ଭଉଁରୀ ହୋଇ ଧୀରେ ଧୀରେ ବହୁଥିବି
ସାଗରେ ଲହରୀ ପରି ତୋ ସାଥେ ଝୁମୁଥିବି
ଆଖିକୁ ତୋ ନିଦ ହେଲେ ସ୍ୱପ୍ନଟିଏ ସାଜିବି,

 Magazine Downloaded from www.aahwaan.com

# ମୁଁ ସ୍ୱପ୍ନଟିଏ ସାଜିବି....

ମୋ ନିଶ୍ୱାସରେ ଚାଲୁ ତୁ ବାଟ ମୁଁ ତୋର
ଯିବୁ ନାହିଁ ଛାଡ଼ି କେବେ କରି ଦେଇପାର
ରହିବୁ ମୋ ସାଥିହୋଇ ଦେ ଆଜି କଥା
ଭୁଲିବୁନି ଆସିଲେ ଯେତେ ସାରା ବାଧା
ତୋ ଖୁସିରେ ହସିବି ଦୁଃଖରେ ତୋ କାନ୍ଦିବି
ସାଥିରେ ତୋ ଚେଇଁବି ସାଥୀ ହୋଇ ଚାଲିବି
ଆଖିକୁ ତୋ ନିଦ ହେଲେ ସ୍ୱପ୍ନଟିଏ ସାଜିବି,
ମୁଁ ସ୍ୱପ୍ନଟିଏ ସାଜିବି
ମୁଁ ସ୍ୱପ୍ନଟିଏ ସାଜିବି
ମୁଁ ସ୍ୱପ୍ନଟିଏ ସାଜିବି

ରିୟାଧ୍, ସାଉଦି ଆରବିଆ
ଭ୍ରାମ୍ୟଭାଷ : +୯୬୮୯୦୮୩୧୮୮୪
ଇମେଲ୍ : sagaranayaksagu143@gmail.com

Magazine Downloaded from www.aahwaan.com

# ମୁଁ... ପାରଳା



ରିଭୁ ଆଭୁଷଣ ପଣ୍ଡା

ଦାନବ ପରିବେଶେ ଦୂଷିତ ନାଳ
ମୋ ନିରୀହ ବୁକୁରେ ବହୁଛି ଅନଳ ।
ଲିଭି ଯାଇଛି ରମଣୀୟ ବସନ୍ତଦୂତ ସ୍ୱର
ରାସ୍ତାଘାଟେ ଶୁଣାଯାଏ କେବଳ କଥା ଅଭଦ୍ର ।
ଶ୍ରୀମନ୍ଦିର ପ୍ରାଙ୍ଗଣ ହୋଇଯାଇଛି ଦନୁଜ ପୋଖରୀ
କଳୁଷିତ ରାଜନୀତି ଦେଲା ମୋ ହୃଦୟ ଚିରି ।
ସାହିଛକରେ କୁକୁର ଘୁଷୁରୀ ମାଳମାଳ
ନାହିଁ ବୃକ୍ଷ୍ୟ, ଦୁଃଖରେ କାନ୍ଦୁଛି ଶୈଳ ।
ସୁନ୍ଦର ବଗିଚାରେ ଦେଖାଯାଏ ଅଳିଆ
ମୋବାଇଲ୍ ଧରି ଗାଡ଼ି ଚଳାଉଛି ମଦୁଆ ।
ସଭ୍ୟ ପରିବାର ବି ଦୂରେଇ ଗଲେଣି ମୋ ଭୂମିଠାରୁ
ନର ପାଲଟିଲା ଅସୁର, ପୀଡ଼ା ସଂଗୀତ ବାହାରେ ମୋ ହୃଦୟରୁ ।
ଏ ସବୁ ପାପପାଇଁ ପଡ଼ିଲା ଡିତ୍‌ଲି ବଜ୍ର
ହେ ଚକାଆଖି, ମୁଁ... ପାରଳା... ମୋତେ ରକ୍ଷାକର ।

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

 Magazine Downloaded from www.aahwaan.com

# ଏହି ଦରବାରେ



ହୃଦୟାନନ୍ଦ ପଧାନ

ଏହି ଦରବାରେ ନ୍ୟାୟ ମିଳିବନି ମିଳିବ ଯଦିତ ଯନ୍ତ୍ରଣା
ଅନ୍ଧ ଧୃତରାଷ୍ଟ୍ର ବସିଅଛି ଏଠି କି ନ୍ୟାୟ ଦେବ ସେ ତାକୁ ଜଣା !
ଦୁର୍ବଳ ଉପରେ ସବଳର ଯଦି ଚାଲିଥାଏ ଏଠି ଅତ୍ୟାଚାର
ଏହି ଦୁନିଆରେ ଧର୍ମ ରହିବନି ଅଧର୍ମ ହୋଇବ ସୃଷ୍ଟିମୟ !
ଅନ୍ୟାୟ ଚାଲିଛି ଅଧର୍ମ ଚାଲିଛି କୁକର୍ମରେ ସବୁଗଢ଼ା
ପରିବର୍ତ୍ତନର ନା ଏଠି ନାଇଁ ସମସ୍ତେ ହେଲେନି ସଂସାରଛଡା !
ଧର୍ମନାରେ କେତେ ଭଣ୍ଡ ବାବା ଜନ୍ମିଲେଣି ଏଇ ସଂସାରେ
କଳଙ୍କିତ ହୋଇ ଜେଲଖାନା ଗଲେ ପ୍ରତିଦିନ ପ୍ରତିପୃଷ୍ଠାରେ !
ଧର୍ମ ହୋଇଛି ପଇସାର ତରି ଯିଏ ଚାହିଁ ବିକେ ସବୁ ସ୍ଥଳେ
ସଂସାର ସାଗରେ ସବୁବେଳେ ଖାଲି କିଣା ବିକା ଲାଗିଥାଏ !
କେତେଦିନ ଆଉ ଏମିତି ଚାଲିବ ଏ ସ୍ୱାର୍ଥାନ୍ଧ ଦରବାରେ
ତୁମରି ରାଇଜେ ନ୍ୟାୟ ଗଲାକାଇଁ ଏ ସଂସାର କାରବାରେ........... !

ଅମର ପାଲି , ବିରାମହରାଜପୁର
ସୁବର୍ଣ୍ଣପୁର ଜିଲ୍ଲା, ଓଡ଼ିଶା

Magazine Downloaded from www.aahwaan.com

# ଏମିତି ହୁଅଇ ମାଆ



ମହେଶ୍ୱର ସାହୁ

କର୍ମ ଦୁନିଆରେ ସ୍ୱାର୍ଥାନ୍ଧ ସକଳେ
ଅର୍ଥ ଲୋଭର ଲାଳସା
ଅର୍ଥ ଯେ ଆସିବ ଦେଖୁ ଦେଖୁ ଯିବ
ଅର୍ଥ ପରା ଏକ ନିଶା ।
କର୍ମରୁ ଫେରିଲେ ଭୋଜନ ପୂର୍ବରୁ
ପରିବାର ବର୍ଗ ଆସି
ପଚାରି ଚାଲନ୍ତି ଆବଶ୍ୟକଦ୍ରବ୍ୟ
ଏକ ସାଥି ହୋଇ ମିଶି ।
ପିଲାପିଲି ଆସି କୁହନ୍ତି ଗେହ୍ଲେଇ
କଅଣ ଆଣିଛ ବାପା
ନ ମିଳିଲେ କିଛି କରନ୍ତି ପ୍ରଳୟ
ରାଗରେ ହୋଇଣ ଖପ୍ପା ।
ବାପା ପଚାରନ୍ତି କେତେହେଲା ଆଜି
କେମିତି କରୁଛୁ କାମ
ପତ୍ନୀ ଶାଢ଼ୀ ଚୁଡ଼ି ଘର ସରଞ୍ଜାମ
ଆଣିବାର ନିଏ ନାମ ।
ଭାଇ ଭଉଣୀଏ ଆବଶ୍ୟକ ଥିଲେ
ମାଗିଥାନ୍ତି ନାନା ଦ୍ରବ୍ୟ
ନିଜ ସ୍ୱାର୍ଥ ପାଇଁ ସରବେ ବ୍ୟାକୁଳ
କଳ୍ପନା ହୋଇବ କାବ୍ୟ ।
କର୍ମରୁ ଫେରିଲେ ଏକା ନିଜ ମାଆ
ଦେଖଇ ପ୍ରଥମେ ପେଟ
ଖାଇଛୁ କି ନାହିଁ ପଚାରିଥାଏ ସେ
ରହିଥିଲା ଜଗି ବାଟ ।
ଏମିତି ହୁଅଇ ଜନ୍ମଦାତ୍ରୀ ମାତା
ଶେଷ ଶ୍ୱାସଯାଏଁ ତା'ର
ପୁତ୍ରକନ୍ୟା ପାଇଁ ଦାନ ଓ ଅର୍ପଣ
ଥାଏ ତାର ନିରନ୍ତର ।

ଗୋପୀବିନ୍ଧା, ବ୍ରାହ୍ମଣଗାଁ, ବାଲେଶ୍ୱର (ଭଦ୍ରକ)

 Magazine Downloaded from www.aahwaan.com

# ନାହିଁ / ହଁ ? ?



ସ୍ମିତା ମିଶ୍ର

ନିଃସ୍ୱ ହେଲା ପରେ ହିଁ,

କରି ହୁଏ "ପ୍ରାପ୍ତି",

କ୍ଷୁଧା ଥିଲେ ହିଁ,

ମିଳିଥାଏ "ତୃପ୍ତି".. ୧

ନିଃସଙ୍ଗତା ଥିଲେ ହିଁ,

ଆପଣାର ଲାଗେ କୋଳାହଳ,

ପ୍ରାୟଶ୍ଚିତ କଲେ ହିଁ ,

ମିଳିଥାଏ "ଶାନ୍ତି" ..୨

ନେତୀ ନେତୀର ଦୁନିଆରେ ,

ହିଁ ଅନୁଭବ ହୁଏ "ଆସ୍ତି"ର ମୂଲ,

ମନ୍ଦର ସାନ୍ନିଧ୍ୟରେ,

ବୁଝିହୁଏ କଣ "ଭଲ" ..୩

ସବୁ ଅଭାବରେ ହିଁ ,

ମନ ଖୋଜେ ଭାବ,

ସୁଖରେ ସେତେ "ସୁଖ" ନ ଥାଏ,

ଯେତିକି ସୁଖ ସାଥେ ନେଇ

ଆସିଥାଏ "ଦୁଃଖ" .......୪

ବସନ୍ତ କୁଞ୍ଜ ,ନୂଆଦିଲ୍ଲୀ

 Magazine Downloaded from www.aahwaan.com

# ସୁନ୍ଦରୀ ସୁକନ୍ୟା



ରାଜଶେଖର (ଟିମା)

ବିନୀତ ବୃକ୍ଷପତ୍ର ପଛରେ ଫଳ ଫୁଟନ୍ତାଫୁଲ କଳିକା ଲୁଚିଛନ୍ତି,
ମେଘାଛନ୍ନ ଆକାଶ ପଛରେ ସୂର୍ଯ୍ୟ ଚନ୍ଦ୍ର ଗ୍ରହ ତାରକା ଲୁଚିଛନ୍ତି,
ଆମ୍ରଗଛ ଶାଖା ପଛରେ କୁହୁ କୁହୁ ଗାଉଥିବା କୋଇଲି ଲୁଚିଛନ୍ତି,
ଛାୟାମେୟ ଛାୟାତରୁଙ୍କ ପଛରେ ସୁନ୍ଦରୀ ସୁକନ୍ୟା ଲୁଚିଛନ୍ତି ।୧।

ମଧୁକର ମଧୁଚକ୍ର ଭିତରେ ମଧୁମୟ ମଧୁ ଲୁଚିଛି,
ପ୍ରସ୍ଫୁଟିତ ପୁଷ୍ପ ଭିତରେ ମକରନ୍ଦ ମହକ ଲୁଚିଛି,
ଉପମାଦ ଉପମେୟ ଉପତ୍ୟକା ଭିତରେ ଝରାଝୋର ଝରଣା ଲୁଚିଛି,
ଲଳନାଙ୍କ ଲାବଣ୍ୟ ଲୋଚନ ଭିତରେ ଲଜ୍ଜାଶୀଳ ଲୟ ଲୁଚିଛି ।୨।

ଶ୍ରୀ ସୀତାରାମ ରାଧାକୃଷ୍ଣଙ୍କ ମଧ୍ୟେ ଅସୀମ ଅନୁରାଗ ଲୁଚିଛି,
ଶ୍ରୀ ଜଗନ୍ନାଥ ଶ୍ରିମହାଲକ୍ଷ୍ମୀଙ୍କ ମଧ୍ୟେ ସ୍ନିଗ୍ଧ ସୌହାର୍ଦ୍ଦ୍ୟ ଲୁଚିଛି ,
କେଦାର ଗୌରୀଙ୍କ ମଧ୍ୟେ ପ୍ରଫୁଲ୍ଲିତ ପ୍ରହ୍ଲାଦକ ପ୍ରୀତି ଲୁଚିଛି,
ପ୍ରିୟତମ ପ୍ରିୟତମା ଙ୍କ ମଧ୍ୟେ ପ୍ରମୋଦିତ ପ୍ରମୋହି ପ୍ରେମ ଲୁଚିଛି ।୩।

ଘନଘନ ଘନାଛନ୍ନ ଘନାଘନ ଭିତରେ ବିପୁଳ ବର୍ଷା ବିନ୍ଦୁ ଲୁଚିଛନ୍ତି,

 Magazine Downloaded from www.aahwaan.com

ସୁପରିପୂର୍ଣ୍ଣ ସମୁଦ୍ର ଭିତରେ ଜୀବନ୍ତ ଜୀବ ମଣି ମୁକ୍ତା ଲୁଚିଛନ୍ତି,

ଭୁବନେଶ୍ୱରଙ୍କ ଭୁବନକୋଷ ଭିତରେ ପାତାଳଗଙ୍ଗା କାଞ୍ଚନଖଣି ଲୁଚିଛନ୍ତି,

ପ୍ରୀତିକର ପ୍ରିୟତମ ପ୍ରବୃତ୍ତି ଭିତରେ ଇନ୍ଦୁବଦନାଙ୍କ ସୁନେଲି ସପନ ଲୁଚିଛନ୍ତି ।୪।

ଅମୃତଫଳ ଆମ୍ରଫଳ ଭିତରେ ଅମୃତମଧୁର ଅମୃତରସ ଲୁଚିଛି,

ଡଉଲିଆ ଡାଳିମ୍ବ ବୀଜ ଭିତରେ ଅମ୍ଳ ମଧୁର ରୁଚିକର ସ୍ୱାଦ ଲୁଚିଛି,

ନିରୁପାଧି ନାରିକେଳ ଭିତରେ ପରିଶୁଦ୍ଧ ପବିତ୍ର ପାଣି ଲୁଚିଛି ,

ପ୍ରେମିକ ହୃଦୟ ଭୀତରେ ସୁନ୍ଦରୀ ସୁକନ୍ୟା ହେତୁ ପଲ୍ଲବିତ ପ୍ରଣୟ ଲୁଚିଛି ।୫।

ରଚନା : ଶ୍ରୀ ରାଜଶେଖର ସି 'ଟିମା'

 Magazine Downloaded from www.aahwaan.com

# ମାଆ ମଙ୍ଗଳା



ହରେରାମ ପଣ୍ଡା

( ଯାଜପୁର ଜିଲ୍ଲା ଦଶରଥ ପୁର ବ୍ଲକର କୁଆଁସ ମଙ୍ଗଳାଙ୍କ ପୀଠ ଏକ ପ୍ରମୁଖ ଶକ୍ତିପୀଠ ଭାବରେ ବେଶ୍ ପ୍ରଖ୍ୟାତ , ସେହି ମାଆଙ୍କ ଉଦ୍ଦେଶ୍ୟରେ ଏହି ଭଜନଟି ସମର୍ପିତ )

ସିଂହ ବାହିନୀ ମା ମହିଷ ମର୍ଦ୍ଦିନୀ<br>
ଦୟାମୟୀ ମା'ଗୋ କୁଆଁସ ମଙ୍ଗଳା !<br>
ଦୂରିତ ନାଶିନୀ ମା' ମଙ୍ଗଳ ଦାୟିନୀ<br>
ଗଳାରେ ଶୋହେ ତୋ ମନ୍ଦାର ମାଳା ॥<br>
ଜାଣେନା ଭକତି ନାହିଁ ମୋ ଶକତି -<br>
କେମିତି କରିବି ତୋ ପୂଜା ଅର୍ଚ୍ଚନା ?<br>
ତୋ ଦୟାରେ ମାତ ପଙ୍ଗୁ ଲଙ୍ଘେ ଗିରି -<br>
ଦୂରହୁଏ ଭକତର ଦୁଃଖ ଯାତନା ॥<br>
ତୋର ଛଡ଼ାଫୁଲ , ତୋ ବେଲପତର -<br>
ତୋ ଚରଣାମୃତ ମଥାର ସିନ୍ଦୁର ,<br>
ସକଳ ଦୂରିତୁଁ କରିଥାଏ ପାର -<br>
ଦୟାମୟୀ ମା' ତୋ କରୁଣା ଅପାର ॥

 Magazine Downloaded from www.aahwaan.com

କି ସୁଆଦ ଆହା ତୋ କ୍ଷୀରି ଖେଚୁଡ଼ି -

ବାସନାରେ ମନ ଯାଇଥାଏ ଭରି ,

ତୋ ବଡ଼ ସିଂହାର ବେଶ ଦରଶନେ -

ଜୀବନର ଦୁଃଖ ଯାଏ ଅପସରି ॥

ଜାଣେନା ମୁଁ ମନ୍ତ୍ର , ପୂଜା ଆରାଧନା ,

ମନେ ନାହିଁ ଉଚ୍ଚ ହେବାକୁ ବାସନା ,

ଚାହେଁନା ମୁଁ ଧନ ମାନ ସନମାନ -

ତୋହରି ଦର୍ଶନେ ଏ ଜୀବନ ଧନ୍ୟ ,

ଏତିକି ମାଗୁଣି ତୋ ସିଂହ ଦୁଆରେ -

ତୋର ନାମ ଗାଇ କଟୁ ମୋ ଦିନ ॥

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ,

କୁଆଁସ , ମେରଦା କାଟିଆ ଛକ .

ଯାଜପୁର ,

ଭ୍ରାମ୍ୟଭାଷ - ୯୪୩୮୦୬୫୧୯୫ .

Magazine Downloaded from www.aahwaan.com

# ଅନ୍ତରେ ଜ୍ୱଳନ ତୁମପାଇଁ ସାଥୀ



ସୁଜ୍ଞାନ କୁମାର
କହଁର

ଯେବେ ଦେଖା ହେଲା ତୁମ ସହ,
ବହୁ ବର୍ଷ ପରେ ଅକସ୍ମାତ ।
ଦିନ ପରେ ଦିନ ବିତି ଯାଇଥିଲା,
ମାସପରେ ମାସ ବିତି ଯାଇଥିଲା,
ବିତି ଯାଇଥିଲା ଚାରି ବର୍ଷ ।
ଏତେ ବର୍ଷ ଏକା ମୁଁ କେମିତି କାଟିଲି,
ଭାବିଛ କି କେବେ ?
ନିରାଶର ମରୁ ମରିଚିକା,
ଦେଖିଥିଲି କେତେ ?
ଯନ୍ତ୍ରଣା ବି ପାଇଲି କେତେ ?
ବିରହର ଅନଳ ପରେ ଜଳିଛି କେତେ ?
କେବଳ ତୁମ ବିନା ଏକାଏକା ।
ଚାରିବର୍ଷ କାଳ ନିଃସଙ୍ଗ ହିଁ
ସାଥି ହୋଇ ରହିଥିଲା ।
ମୁଁ ଏକା ଏକା ପାଉଥିଲି କେତେ ଯନ୍ତ୍ରଣା ?

ହୁଏତ ତୁମେ କେବେ ଅନୁଭବ କରି ନଥିବ,
ଅନୁଭବ କରିନଥିବ ଏତେ ଯନ୍ତ୍ରଣା ।
ନିଃସଙ୍ଗ ତାର ବେଳାଭୂମି ରେ ,
ଏକା ଏକା କାଟିଛି ସମୟ,
ଚକ୍ଷୁ ରୁ ଲୋତକ ଅବିଶ୍ରାନ୍ତ ବୁହାଇ ।
ଛଳଛଳ ନୟନରେ କେବଳ ତମକୁ ଖୋଜିଛି
ପ୍ରିୟା,
ପ୍ରତି ମୂହୁର୍ତ୍ତ ରେ ଆଶା ଅଶ୍ରୁରେ ଭିଜି ।
ମୁଁ ମାନିନୀ ଦିନ ଅବା ରାତି,
ଜଳିଛି ଦିନ ପରେ ଦିନ ।
କେବଳ ବିରହ ଜୁଇରେ ଜଳି ।

ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ଦେଶୁଘାଟି

 Magazine Downloaded from www.aahwaan.com

# ପ୍ରଭୁ ତୁମେ ଶୁଣୁଛ ନା...



ସ୍ୱାବିତ କୁମାର ପାତ୍ର

ଏ ସଂସାର ବିକଳାଙ୍ଗ
ହେବାକୁ ବସିଲାଣି
ଦେଖୁଛି ନା ନାହିଁ ତୁମ
ଦୟାଳୁ ନୟନ
ଏଠି ବିଶ୍ୱାସ ଓ ସରଳତାକୁ
ତ କେବେଠୁ ଟଣ୍ଟି ଚିପି
ହତ୍ୟା କରି ସାରିଲେଣି ।

ଏ ଦୁନିଆ ବଗିଚାରେ
ମାନବିକତା ର
ଫୁଲ ଆଉ କାହିଁ ?
ନାରୀ ପ୍ରତି ଦୁର୍ବ୍ୟବହାର
ନିର୍ଲଜ ପୁଅର ବାପ,ମାଁ ପ୍ରତି
ଏତେ ଅତ୍ୟାଚାର
ଆଉ ଦେଖି ହଉନି ।

ଥକି ଗଲିଣି ଅପେକ୍ଷା କରି
ସେ ଦିନ କେବେ ଆସିବ
ଯେଉଁ ଦିନ ନାରୀ
ଶୁନଶାନ୍ ରାସ୍ତା ରେ
ଏକୁଟିଆ ଚାଲିପାରିବ ।

ଆଜି ପାପ ଓ ପୂଣ୍ୟର
ଲଢେଇ ରେ କେବଳ
ହଉଛି ଅଧର୍ମ ର ଜୟ
ତବ ନାମେ ଛଳନା
ମଣିଷ ରୂପୀ ଭଣ୍ଡ ବାବା
କହୁଛି ମୁଁ ଭଗବାନ
ଚାରିଆଡେ କେବଳ
ହିଂସା ପରିମର୍ଷ ।

 Magazine Downloaded from www.aahwaan.com

ହଁ ଅବଶ୍ୟ ସତ

ଏ ଅନ୍ଧାର ସମାଜରେ

ଉଜ୍ଜ୍ୱଳ ପ୍ରତ୍ୟୟର ସ୍ଥାନ

ଖୋଜିଲେ କେଉଁଠୁ ମିଳିବ

ଏଠି ପାପର ପ୍ରଭୁତ୍ୱ

ଏତେ ବିଶାଳ ଯେ

ସତ୍ୟକୁ ବି ମିଥ୍ୟା କରେ ଓ

ଅନୁଦ୍ଧତ କୁ ଦୁର୍ଦ୍ଦାନ୍ତ ।

ସ୍ୱାବିତ କୁମାର ପାତ୍ର

ଧର୍ମଗଡ଼, କଳାହାଣ୍ଡି

ନଂ-୮୪୫୭୮୦୩୫୯୦

Magazine Downloaded from www.aahwaan.com

# ତପ୍ତ ଅନୁଭବ



ମମତା ଦାଶ

ମୋର ଏହି ତପ୍ତ ଅନୁଭବରେ
ଗଭୀର ଆତ୍ମୀୟ ଆଉ ଆତ୍ମାର ବେଦନା
ଚିତ୍କାର କରି, ଗର୍ଜନ କରି
ଚାହିଁ ଦେଖିଲି
ଦୂର ଦିଗବଳୟରେ
ଅସ୍ତଗାମୀ ସୂର୍ଯ୍ୟର ଅସ୍ତିତ୍ୱ
ମୋ ଛାତି ହେଲା ଧକ୍-ଧକ୍
ପଚାରିଲି ତୁ କିଏ ?
ମୁଁ ଷଡଯନ୍ତ୍ର
ଘରେ, ବାହାରେ, ଚାରିଆଡେ
ମୁଁ ହିଁ..... ମୁଁ..... ଷଡଯନ୍ତ୍ର
ମନେ ପଡିଲା ମୋର ପୁରୁଣା କଥା
ଅଭିମନ୍ୟୁ ଚକ୍ରବ୍ୟୁହର ସେହି ଷଡଯନ୍ତ୍ର
ଶକୁନି, ମନ୍ଥରା ଆଉ ଦୁର୍ଯ୍ୟୋଧନର ଷଡଯନ୍ତ୍ର
ଆଜି ମୋ ପଛରେ ପଡିଯାଇଛି ସେହି ଷଡଯନ୍ତ୍ର
ଦେହ ମୋର କମ୍ପିଗଲା
ଶରୀରରୁ ଗମ୍-ଗମ୍ ଝାଳ ବୋହିଗଲା

 Magazine Downloaded from www.aahwaan.com

ଦୁନିଆକୁ ଦେଖି ଜିଭ ମୋର

ହାତେ ଲମ୍ବା ହୋଇ ବାହାରିଗଲା

ଉଦବିଗ୍ନ ମୁଁ

ଦୌଡି ପଳାଇବାକୁ ଚେଷ୍ଟା କଲି

କିନ୍ତୁ ଷଡଯନ୍ତ୍ର ମୋ ପଛେ ପଛେ ହିଁ

ଦୌଡୁଥିଲା.....

ଅକସ୍ମାତ ମୁଁ ସ୍ତବ୍ଧ ହୋଇ ରହିଗଲି

ଆଉ ଷଡଯନ୍ତ୍ର ବି.....

ହାସ୍ୟାସ୍ପଦ ଅଭିନୟ ମୁଦ୍ରାରେ

ଷଡଯନ୍ତ୍ର

ବିଭ୍ରମ ! ଆଦର୍ଶବାଦ

କେତେ ଲମ୍ବା ତୁ ଦୌଡିବୁ

ଏ ରାଜ୍ୟ ତ ମୋର

ମୁଁ ବିବ୍ରତ

ଧଇଁସଇଁ ହୋଇ ହାତଯୋଡି

ଆଣ୍ଠୁମାଡି ବସିଗଲି

ସହାୟତା ଲାଗି ପ୍ରାର୍ଥନା କଲି

ଅଚାନକ ଷଡଯନ୍ତ୍ରର ହାତ

ଲମ୍ବା ପ୍ରତୀତ ହେଲା

ମୋ କେଶକୁ ଛୁଇଁ

 Magazine Downloaded from www.aahwaan.com

ନରମୁଣ୍ଡ ବେକରେ ପକାଇ

ସୌର୍ଯ୍ୟ ବିରତ୍ୱ ଗାନ କରି

ଦୁଃଶାସନ ପରି ହା...ହା... କରିବାକୁ ଲାଗିଲା

ଅସହାୟ, ନିଃସହାୟ

ମୁଁ ବ୍ୟତିଗ୍ରସ୍ଥ,

କଇଁ କଇଁ କାନ୍ଦିବାକୁ ଲାଗିଲି

ଦୃଢ ମୁର୍ତ୍ତି ସ୍ତମ୍ଭ ପରି

ଠିଆ ହୋଇ ରହିଲି

ମୋ ଆଗରେ ଚିର ପରିଚିତ ଅନ୍ଧକାର

ସଂଶୟ, ଅନିଶ୍ଚୟଗ୍ରସ୍ଥ ଥଣ୍ଡା ମୁଦ୍ରାରେ

ଶବ୍ଦଭେଦୀ ଚୁପଚାପ୍

ଖାଇରେ ଅଟକି ଥିବା ମନୁଷ୍ୟ ପରି

ତ୍ରିଶଙ୍କୁ ପ୍ରାୟ

ସତ୍ୟ ଅହିଂସା ଏଠି ଜଳିଗଲା

ହୋଇ ହୁତହୁତ

ରକ୍ତର ଉତପ୍ତ ଲହଡିରେ

ମୁଁ ବିକଳ-ବିଭ୍ରାନ୍ତ

ଗଗନର ଶୂନ୍ୟତାରେ ମୁଁ ହେଲି

ଧିରେ ଧିରେ ନିରୁଧିଷ୍ଟ

କ୍ଷ୍ୟୁଧିତ ଅଧର ମୋର

 Magazine Downloaded from www.aahwaan.com

ଆକୁଳ ଶବ୍ଦ

ନିରୁପାୟ ହୋଇ ମୁଁ ପାଲଟିଗଲି ମୂର୍ତ୍ତି-ସ୍ତମ୍ଭ

ସହସା ଦେଖିଲି ମୁଁ ସୂର୍ଯ୍ୟର ଦୀପ୍ତ ଆଲୋକ

ଜନତନ୍ତ୍ର, ତ୍ୟାଗ, ସ୍ୱତନ୍ତ୍ରତା, ସଂସ୍କୃତି, ଶାନ୍ତି, ମନୁଷ୍ୟତା ର

ସ୍ୱର୍ଣ୍ଣ ଅକ୍ଷରର ଲିପି

ଅପରିଚିତ ଶବ୍ଦ ପରି ଉଭେଇଗଲା

ସ୍ତବ୍ଧ

ମୁଁ ସ୍ୱୟଂକୁ ପଚାରୁଥିଲି

ନିଜ ବାହାନାରେ ସମସ୍ତ ଅସଫଳ ଲୋକଙ୍କୁ ଭାବୁଥିଲି

ଯେଉଁମାନେ ମୋର ନିଜର ଥିଲେ

ଶାସକ, ସୁରକ୍ଷା, ରୋଜଗାର, ଶିକ୍ଷା, ଶାନ୍ତି, କ୍ରାନ୍ତି, ଏକତା

ସବୁକିଛି ଧଇଁ-ସଇଁ, ହାଇଁ-ପାଇଁ, କାଇଁ-ଭାଇଁ

ଶବ୍ଦରେ ଦେଖିଲି ମୁଁ ସହସା ସୂର୍ଯ୍ୟର ଦୀପ୍ତ ଆଲୋକ

ଭବିଷ୍ୟତର ସୁନ୍ଦରତମ ସ୍ୱପ୍ନରେ

ନୁହେଁ ଦୁଃଖି ହେବାର ସମୟ

କିଛି ଖାସ ପରିବର୍ତ୍ତନର ଆଶା

ଜୀବନ ସେଇ ପୁରୁଣା ଢାଞ୍ଚାରେ ଚାଲୁଛି

କିଛି ଫର୍କ ନାହିଁ, କାହାପାଇଁ କିଛି ତର୍କ ନାହିଁ

ପୁରୁଣା ସେହି ସୂର୍ଯ୍ୟ ଉଦୟର ସ୍ୱପ୍ନ........

ଲକ୍ଷ୍ନୌ, ଉତ୍ତର ପ୍ରଦେଶ

 Magazine Downloaded from www.aahwaan.com

# ସଂଚାର



ସୌରଭ ପାଣିଗ୍ରାହୀ

ଲୁହ ବି ବୋହୁଛି
ରକତ ଲିଭୁଛି ।
ଝଡ଼ର ତରଙ୍ଗ ସମୁଦ୍ର ଗର୍ଭକୁ
ନିଆଁ ରେ ଭିଜେଇ ଦେଉଛି ।

ସୂରୁଜ ଉଇଁଲା
ଭୂଇଁ ଫଟେଇ ଫୁଲଟି ଫୁଟିଲା,
ଅଶାନ୍ତ ମେଘଟି
ନୀଳବସ୍ତ୍ର ଘେନି
ଇନ୍ଦ୍ରଧନୁ ଆଙ୍କିଦେଲା ।

ଖୁସିର ଅତଳ ସମୁଦ୍ର ମଧ୍ୟରେ
ବୁଡିଗଲା ସମୁଦ୍ର ରାଣୀର ହୃଦୟ ।

ଇଂରାଜୀ ଅଧ୍ୟାପକ
ସୁନ୍ଦରଗଡ଼ ଇଂଜିନୀୟରିଙ୍ଗ୍ ସ୍କୁଲ

 Magazine Downloaded from www.aahwaan.com

# କପଟିଆ ଜଗନ୍ନାଥ



ପ୍ରଶାନ୍ତ କୁମାର ପ୍ରଧାନ

ସର୍ବସ୍ୱାନ୍ତ କରି ରଖିଅଛ କିଆଁ
ନିଶ୍ୱାସ ଟିକକ ବାକି
କେଉଁ ଯଶ ତୁମେ ଲଭିବାକୁ ଆଉ
ଛଳ କର ଚକାଆଖି ।।

ଜୀବନ ଖାତାରେ ଲେଖିଅଛି ଯଦି
ଗର୍ବ ବୋଲି ଗୋଟେ ପଦ
"ବଳି" ପରି ମୋତେ ଚାପିଦିଅ ପ୍ରଭୁ
ନାଭିରୁ ଅଙ୍କୁରି ପାଦ ।।

ସଂକଟରେ ଥରେ ଡାକିଥିଲା ଗଜ
ଶୁଣିଥିଲ କାନଡେରି
ମୋତେ କିଆଁ ଏବେ ଅଣଦେଖା କର
ଗୋବର୍ଦ୍ଧନ ଗିରିଧାରୀ ।।

ଅଭିମନ୍ୟୁ ପରି ଫସେଇ ଦେଇଛ
ଚକ୍ରବ୍ୟୁହ ନାଗଫାଶେ
ଉଦ୍ଧାର କର ଏ ବନ୍ଧନରୁ ମୋତେ
ଆସି ନାଗାର୍ଜୁନ ବେଶେ ।।

 Magazine Downloaded from www.aahwaan.com

ଦ୍ୱାପର ଯୁଗରେ  କପଟିଆ ନାମେ

ହୋଇଥିଲ ବୋଲି ଖ୍ୟାତ

ଏ  କଳିରେ  କିଆଁ  କପଟ କରୁଛ

କପଟିଆ   ଜଗନ୍ନାଥ      । ।

ମାଟିର ଦେହକୁ ମାଟିରେ ମିଶାଅ

ପଞ୍ଚଭୂତେ ହେଉ ଲୀନ

ଚରଣେ  ତୁମର  ଆଶ୍ରିତ  କରାଅ

ହେବନାହିଁ   ପୁନର୍ଜନ୍ମ      । ।

ନାମ-ପ୍ରଶାନ୍ତ କୁମାର ପଧାନ

ଗ୍ରାମ-ବୁରୋମୁଣ୍ଡା

ଜିଲ୍ଲା-ବରଗଡ

 Magazine Downloaded from www.aahwaan.com

# ଆଇନା



ସୌମ୍ୟରଞ୍ଜନ ସ୍ୱାଇଁ

ତୁ ନାହୁଁ ବୋଲି ଫଗୁଣ ଯାଇଛି ରୁଷି,
ମୋ ଆକାଶରେ ଜହ୍ନ ଆଉ ନାହିଁ.
ରୌଦ୍ର ତାଣ୍ଡବ ରଚେ ତୋ ବିରହରେ,
ମଳୟ  ଗଲା ବଇଶାଖି ଝାଞ୍ଜି ଦେଇ.

ତୁ ନାହୁଁ ବୋଲି ଆଉ ଗାଉନି କୋଇଲି,
ଶୁଣିବାକୁ ମିଳେ ନାହିଁ ମିଠା କୁହୁ ତାନ.
ଉଜାଗରେ ମୋର ପାହିଯାଏ ଏବେ ରାତି,
ନିଦ ହଜିଗଲା ପରେ ବହୁ ଦୂରେ ସ୍ୱପ୍ନ.

ଭାବନାର ପରିଧି କୁ  ମୋ ତଥାପି ତୁ ଆସୁ,
ମନ ଆକାଶରେ କୋହର ବାଦଲ ସାଜି.
କେବେ ବରଷି ଯାଉ ଆମାନିଆ ମେଘ ପରି,
ଲୁହ ବରଷାରେ ଆଖି ମୋର ଯାଏ ଭିଜି.

ସ୍ମୃତି ତୋ କସ୍ତୁରି ମହକେ ହୃଦୟ ମୋର,

 Magazine Downloaded from www.aahwaan.com

ପ୍ରତି କୋଣ ଅନୁକୋଣେ ତୋ ଚିହ୍ନ.

ତୁ ଗଲା ପରେ ମୁଁ ନାହିଁ ମୋ ଭିତରେ,

ଖୋଜୁଛି ତୋ ସ୍ପର୍ଷ ମୋ ଅବୁଝା ମନ.

ତୋ ବିନା ବଞ୍ଚିବା ଲାଗେ ନିଶ୍ୱାଷକୁ ଛାଡି,

ଉଡନ୍ତା ପକ୍ଷୀ ର ଡେଣା କାଟି ଦେଇ.

ପ୍ରତିକ୍ଷା ମୋ ଅନ୍ତ କରି ଆସିବୁ ତୁ ଫେରି,

ମୋ ଜୀବନେ ନୁଆ ଆଶାର କିରଣ ନେଇ.

 Magazine Downloaded from www.aahwaan.com

# ରାତି ଆହୁରି ଅନେକ ବାକି



ଅଭିଷେକ ପାଢ଼ୀ

ନିଶୁନ୍ ରାସ୍ତାରେ କୁଆଁ କୁଆଁ ଡାକି ଗଲା ତ ଯାଇଛି ସୁଖୀ,

କାଳ ମତେ ତାସ୍ତଲ୍ୟଠାଣିରେ କହେ, କି ଲାଭ ଏ ଅଭିଶପ୍ତ ଜୀବନ ରଖି । ।୧

ଦେହେ ଖଇ ଖଇ ତାତି ଯେ ଫୁଟୁଛି,କଳା ଟିକା ସେକି  ମାଥେ ମୋ ନାଇଛି,

ନିଜର କିଏ ମୁଁ ଜାଣିନ ପାରୁଛି,ବୋଧେ କାହା ନଜର ଲାଗିତ ଯାଇଛି । ।୨

କୁକୁର ବିଲୁଆ ରଡିତ ଛାଡୁଛି, କୁନି ହୃଦୟ କି ମୋ ସମ୍ଭାଳି ପାରୁଛି,

ପଣତ କାନିର ଆସରା ଲୋଡୁଛି,ନିଶାର କୋଳେ କି ନିଦ ବି ଆସୁଛି । ।୩

ଅବୋଧ ଶିଶୁ ମୁଁ କି ଦୋଷ କରିଛି, ଝିଅଟି ବୋଲି ମୁଁ ସେ ଯେ ଛାଡିତ ଯାଇଛି,

ସଂସାର ଆଖିରେ କିଏ ସେ ପଟି ଯେ ବାନ୍ଧିଛି,ବିବେକ ଘରେ ସେ କୋଲପ ମାରିଛି । ।୪

ଭବିଷ୍ୟତ କି ମୋ ଅନ୍ଧାର ହୋଇବ,ଅନାଥ ଅଗାରେ ମୋ ଜୀବନ ରହିବ,

ଅଲକ୍ଷଣି ନା ଜାରଜ ନାମରେ ସତେ କଣ ମତେ ଏ ଦୁନିଆ ଡାକିବ । ।୫

ତୁ ଗଲା ପରେ ଏ ରାତିବି ପାହିନି, ମମତାର ଅୟସ୍କାନ୍ତ ତୋ ଭିଡି ଧରିବ ବୋଲି ମୁଁ ଆଶା ବି ଛାଡିନି,

ପାରୁଛୁ ଯଦି ମା କୋଳେଇ ନେବୁକି, ଏବେ ବି ରାତି ଆହୁରି ଅନେକ ବାକି । ।୬

ଓୟୁଏଟି, କୃଷି ଛାତ୍ର, କଟକ

 Magazine Downloaded from www.aahwaan.com

# ଆଦିମ ପ୍ରବୃତ୍ତି



ପ୍ରଫୁଲ୍ଲ କୁମାର ନାହାକ

ଅବକ୍ଷୟ ଇତିହାସ ତଳେ
କବର ନେଇଛି ବୁଦ୍ଧଙ୍କ ବାଣୀ
ଦୁଃଖର ବିନାଶ ଘଟଛି ସଂପ୍ରତି
ତ୍ୟାଗ ଅପେକ୍ଷା ପ୍ରାପ୍ତିର ଅଭିଳାଷରେ ପୁଣି ।
ଧର୍ମ ହୋଇଛି ଉପଭୋଗର ମାଧ୍ୟମ
ବିଶ୍ୱାସର ମୁଖାତଳେ ଉଙ୍କିମାରେ
ଉଷ୍ମ ତନୁକୁ ଶୀତଳ କରିବାର
ଆଦିମ ଯୌନାଚାର ।
ପ୍ରକୃତିର ତାଡ଼ନା ଆଗେ
ଶୃଙ୍ଖଳା, ଶୀଳ, ସଦାଚାର ଅର୍ଥହୀନ
ସଂସାରର ପାର୍ଥିବତା ହିଁ
ମଣ୍ଡଳ, ମୁଦ୍ରା ଓ ମୈଥୁନରେ ଆସନ୍ନ ।
ନିବୃତ୍ତି ଅପେକ୍ଷା ପ୍ରବୃତ୍ତିର ଡାକ
ଏକାନ୍ତ ଆଦିମ
କାମନା-ବାସନାର ପରିପୂର୍ଣ୍ଣତାରେ
ଅଛି ମୋକ୍ଷ ତଥା ନିର୍ବାଣର ପୂଣ୍ୟ ।
ଏଣୁ ଆଦିମ ପ୍ରବୃତ୍ତିର ମୋହ
ଅତୀବ ପ୍ରାଚୀନ
ଅନୁକୂଳ ପରିସ୍ଥିତିରେ ହୁଏ
ଏହା ଚିର ନବୀନ ।।

(ଗବେଷକ), ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ ।

 Magazine Downloaded from www.aahwaan.com

# ଧର୍ଷଣ ଛାପ



ଶାରଦା ପ୍ରସନ୍ନ ସାହୁ

ଝିଅ ଜନମିଲେ ଡରୁଛି ବାପ
ନୁହେଁ ଯୌତୁକ ଧର୍ଷଣ ଛାପ,
ସମାଜର ଶ୍ରେଷ୍ଠ ମଣିଷ ଜାତି
ପାଲଟିଛି ଆଜି ଦାନବ ପତି ।।
ହାଡ଼,ମାଂଶ ଗଢା ଝିଅ ଶରୀର
ଲାଗଇ ତାକୁ କଣ୍ଢେଇ ଘର,
ଲଙ୍ଘି ମର୍ଯ୍ୟାଦା କୁତ୍ସିତ ପୁରୁଷ
ମେଣ୍ଟାଏ ନିଜ ଦେହ ମନ ର ଶୋଷ ।।
କାମନା ପିପାସା ତାକୁ କରେ ପିଶାଚ
ନାରୀ ରକତରେ ସ୍ନାନ ପାଇଁ ହଉନି ପଛ,
ବାଳୁତ ଠୁ ବୃଦ୍ଧ କାମନା ଗ୍ରାସ
ପୁରୁଷ ଜାତି ହୋଇଣ ବୁଦ୍ଧି ନାଶ ।।
ପଶୁ ଠୁ ହୀନ ଏ ମଣିଷ ଜାତି
ଜନ୍ମିଲା ଝିଅ କୁ କରେ ବିକୃତି,
ଖେଳୁଛି ପୁରୁଷ ଏଠି ନାରୀ ଚରିତେ
ଆହା କି ବିଚିତ୍ର ଏ ଦଇବ ଜଗତ ।।
ନିଜ ଜନମ କୁ ନାରୀ ବୋଲାଏ ପାପ
ପୁରୁଷ ସମାଜ ସତେ ତା ଲାଗି ଅଭିଶାପ,
ଝିଅ ଜନମ ନୁହେଁ ଏଠି ଦୋଷ
ମଣିଷ ସାଜେ ଏଠି ଦାନବ ବେଶ ।।

 Magazine Downloaded from www.aahwaan.com

ଦେଖି ବିଚଳିତ ନାରୀ ଶରୀର
ଉଜାଡ଼ି ଦିଏ ସେ ସପନ ଘର,
ସ୍ୱାଧୀନ ଦେଶେ ପରାଧୀନ ନାରୀ
ବଂଚିବା ପାଇଁ ପୁରୁଷ କୁ କରେ ଗୁହାରି । ।
ରାଜରାସ୍ତେ ନାରୀ ନୁହଁ ସୁରକ୍ଷିତ
ସବୁଠି ଆଙ୍କି ଉଠେ ଧର୍ଷଣ ର ଚିତ୍ର,
କାହିଁ ଆଇନ ଏଠି ଅର୍ଥର ଦାସ
ନ୍ୟାୟ ନ ପାଇ ଧର୍ଷିତା ବେକରେ ଫାସ । ।
କାନ୍ଦୁଛି ଭାରତ ପାଇ ନାରୀ ନିର୍ଯ୍ୟାତନ
ଚୁପ ରହିବ ତୁମେ ଆଉ କେତେ ଦିନ,
ଜାଗ ତରୁଣ ଜାଗ ତରୁଣ
ସୁପ୍ତ ରହିବ ଆଉ ତୁମେ କେତେ କ୍ଷଣ ?
ହାତ ରେ ହାତ ମିଶାଇ କରିବା ପଣ
ସମାଜ ରୁ ହଟିବ ଗଣଧର୍ଷଣ । ।

କୃଷି ସ୍ନାତକ (ଓୟୁଏଟି),ଚିପିଲିମା,ସମ୍ବଲପୁର
ଚର୍ତୁଥ ବର୍ଷ
କିଶିନାପୁର,ସାଲେପୁର, କଟକ

 Magazine Downloaded from www.aahwaan.com

# ଶସ୍ତା ପ୍ଲାଷ୍ଟିକ



ପଙ୍କଜ କୁମାର ମାହାନା

ଚାରିଆଡେ ଖାଲି ପ୍ଲାଷ୍ଟିକ୍
କେଉଁଠି ଧବ ଫରଫର
ପୁଣି କେଉଁଠି ରଙ୍ଗ ବେରଙ୍ଗର
ଶସ୍ତା ପ୍ଲାଷ୍ଟିକ.....
ସରକାରଙ୍କର ନୀତିକୁ  ମାନୁଛି କିଏ ?
ଲୋକ ଦେଖାଣିଆ ଉପରେ ସାଧୁ
ଭିତରେ ଭିତେର ପୁରା ଅସାଧୁ  ।
ଗରିବ ଠାରୁ ଧନୀ ଯାଏ
ସଭିଙ୍କ ଘରେ ଗଡୁଛି
ସେଇ ଶସ୍ତା ପ୍ଲାଷ୍ଟିକ୍  ।
ସଭିଏଁ ଏବେ ପ୍ଲାଷ୍ଟିକ୍ ଠାରୁ
ମୁକ୍ତିପାଇଁ ରାହା ଖୋଜୁଛନ୍ତି  ।
ଶସ୍ତା ପ୍ଲାଷ୍ଟିକ୍...

 Magazine Downloaded from www.aahwaan.com

# ହଁ, ତୋ'ରି ପାଇଁ



ଶତ୍ରୁଜିତ ସିଂହ

ତୁ....

ଅଳସୀ କନ୍ୟା
ଅପରୂପ ଯୌବନ
ଅସରନ୍ତି କଳ୍ପନା
ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ
ଅବିଚ୍ଛେଦ୍ୟ ଅଙ୍ଗ
ଅନବଦ୍ୟ ସୃଷ୍ଟି
ଅବିଶ୍ୱସନୀୟ ସମ୍ପର୍କ
ଅତୁଳନୀୟ ମାଧୁର୍ଯ୍ୟ
ଅଫୁରନ୍ତ ଆନନ୍ଦ
ଅଦ୍ଭୁତ ଚିନ୍ତାଧାରା
ଅବୟବ ଚେତନା
ଅତୁଟ ଭାବନା
ଅଭେଦ୍ୟ ଦୁର୍ଗ
ଅକ୍ଳେଶ ଚେଷ୍ଟା
ଅକ୍ଳାନ୍ତ ପରିଶ୍ରମ
ଅଲୌକିକ ଶକ୍ତି
ଅବ୍ୟକ୍ତ ଉକ୍ତି

ହଁ, ତୋ'ରି ପାଇଁ......

ଅସୁମାରି ସ୍ୱପ୍ନ
ଅସରନ୍ତି ରାତି
ଅଫେରା ବାଟ
ଅସୀମ ଦୂରତ୍ୱ
ଅଜଣା ଦୁନିଆ
ଅସହ୍ୟ ଯନ୍ତ୍ରଣା
ଅଭାବଗ୍ରସ୍ତ ଅବସ୍ଥା

 Magazine Downloaded from www.aahwaan.com

ଅବାଧ୍ୟ ମନ

ଅବାସ୍ତବ କଳ୍ପନା

ଅକାମୀ ହୃଦୟ

ଅଚଳ ସ୍ପନ୍ଦନ

ଅକୁହା ନୀରବତା

ଅଲିଭା ଦାଗ

ଅତିରିକ୍ତ ତିକ୍ତତା

ଅସହିଷ୍ଣୁ ସମାଜ

ଅଶାନ୍ତ ସମୁଦ୍ର

ଅବସନ୍ନ ପୃଥିବୀ

ଅସ୍ପଷ୍ଟ ଭବିଷ୍ୟତ

ଅଲୋଡା ଜୀବନ

ଅସହାୟ ଶରୀର

ଅସୁରକ୍ଷିତ ବିଶ୍ୱାସ

ଅକଥନୀୟ ଅତ୍ୟାଚାର

ଅବିଚାର୍ଯ୍ୟ ବ୍ୟକ୍ତିତ୍ୱ

ଅବିସ୍ମରଣୀୟ ଅତୀତ

ଅହର୍ନିଶି ଜାଗ୍ରତ

ଅପୂରଣୀୟ କ୍ଷତି

ଅକ୍ଷମଣୀୟ ଅପରାଧ

ଅତୃପ୍ତ ଏ ଆତ୍ମା ।

ନିକିରାଇ, କେନ୍ଦ୍ରାପଡ଼ା,

ଭ୍ରାମ୍ୟଭାଷ - ୯୦୯୦୯୦୯୭୬୮

Satrujit25@gmail.com

 Magazine Downloaded from www.aahwaan.com

# ସ୍ୱାର୍ଥପର ପ୍ରେମ



ସୁଧାଂଶୁ ଶେଖର ସାହୁ

ରଖିଦେ...

ତୋ ସ୍ୱାର୍ଥପର ପ୍ରେମକୁ

ତୋ ହୃଦୟରେ ସାଇତି

ରଖିଦେ

ତୋ ମିଠା ମିଠା କଥା

ତୋ ମିଛ ପୀରତି...

ଦେଖେଇ ଦେ

ଥରେ ପ୍ରିୟା ତୁ

ତୋ ମାୟାବିନୀ ଚେହେରାକୁ

ମୁଣ୍ଡପାତି ନେବି ଯେ ସହି...

କହି ଦେ

ଥରେ ପ୍ରିୟା ତୁ

ମୋ ଭୁଲଟା କେଉଁଠି

ଯାଇଛି ରହି...

ଦୋରଡ଼, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୬୮୪୯୯୧୭୧

 Magazine Downloaded from www.aahwaan.com

# କାଗଜ ଖୋଜେ କଲମ



ଜୟନ୍ତ କୁମାର ସାହୁ

କାଗଜ ଖୋଜେ କଲମକୁ
ଖୋଜେ ସେ ବିଦ୍ରୋହକୁ
ଯେଉଁ ଭାବ ଦିନେ ତୁମ ହାତ
ଆଙ୍କୁଥିଲା ଅକ୍ଷରେ ଅକ୍ଷରେ
ଖୋଜେ ସେ ନିରବ ମୁହୂର୍ତ୍ତକୁ
ଯାହା ଝଲମଲ ଆଖିର
ଲୁହ ମଧ୍ୟରେ ଆଙ୍କୁଥିଲା
ସାହିତ୍ୟର ପ୍ରତିବିମ୍ବକୁ ।

କୁଆଡ଼େ ଆଜି ହଜିଯାଇଛି
ସେହି ମାନବିକତା ।
ଭୁଲିଯାଇଛି ନିଜ ରାସ୍ତା
ମନରେ ଭରି ଦେଇଛି ଗର୍ବ
କ'ଣ ନା ମୂଲ୍ୟହୀନ
ପ୍ରତ୍ୟେକ ଅକ୍ଷରର ଛବି ।
କ'ଣ ନା ଅର୍ଥହୀନ
ଜୀବନର ବାସ୍ତବତା ।

ତଥାପି କାହିଁକି
କଲମ ଖୋଜୁଛି ତୁମ ହାତର
ସ୍ପର୍ଶରେ ଆଙ୍କୁଥିବା ଛବିକୁ
କ'ଣ ବୁଝିପାରୁନ
ଆଜି ବି ଅଧୁରା
ସେହି ବିଦ୍ରୋହର ବିଗୁଲ
ତୁମ ବିନା ।

ଆଜିବି ଅଛି ତୁମ ଅପେକ୍ଷା
ଏବେ ବି ଅଛି ସେହି ନିରବମୁହୂର୍ତ୍ତ
ଖାଲି ମନରୁ ଟିକେ ଗର୍ବକୁ
ଅଲଗାକରି ବଜାଇ ଦିଅ ବିଦ୍ରୋହର ଘଣ୍ଟ
ଦେଖାଅ ନିଜ କଲମର ତୁଳୀରେ
ଦୁନିଆକୁ ଏକ ନିରାଟ ସତ୍ୟ ।
ହଁ ତୁମେ ପାରିବ
ହଁ କାଗଜ ଖୋଜେ କଲମକୁ
ଆଉ ଖୋଜେ ତୁମ ପ୍ରତ୍ୟେକ ଲେଖାକୁ ।

 Magazine Downloaded from www.aahwaan.com

# ଦୁଃଖ ଏ ଦେହଜୀବିର



ମାନସ ରଞ୍ଜନ
ବେହେରା

ହଁ, ହଁ ମୁଁ ବେଶ୍ୟା...

ହେଲେ କାହାପାଇଁ ଆଜି

ମୋ ଏ ଅବତାର ?

ମୁଁ କାଳେ ଅପରୂପା ସୁନ୍ଦରୀ

ଏଥିରେ ଦୋଷ କଣଥିଲା ମୋର,

ମନପ୍ରାଣ ଦେଇ ଯାହାକୁ ଭଲ

ପାଇଲି

ସେ ଯେ ଏକ ନର ପିଶାଚ

ଭଦ୍ର ମୁଖାଧାରୀ ରାକ୍ଷସ

ତା ପ୍ରତାରଣା ଭଉଁରୀରେ

ଭ୍ରମି ଭ୍ରମି ଆଜି ସେ

ବଦ୍‌ନାମ ଗଳିର ରାଣୀ

ମହୁମାଛି...

କେତେ ଟାହିଟାପରା ଏ କାନ

ଶୁଣୁଛି, ହେଲେ ବି ଖାତିର

ନାହିଁ...

ଭୋକର ଜ୍ୱାଳା ଆଗରେ

ସବୁ ତୁଚ୍ଛ...

ତା ଆଖିରେ କେତେ ଯେ ଲୁହ

ଅମାପ କୋହକୁ କିଏ ବା ଦେଖେ !

ନିରବେ ଏକାକୀ ଲାଜ, ଯନ୍ତ୍ରଣା

ସହି ବି ବିକିଚାଲେ ତା ଯୌବନକୁ

ଦେହ ପିପାଶୁ କାପୁରୁଷ ମାନଙ୍କୁ !

ଆଉ ପ୍ରଭୁଙ୍କୁ ଡାକିଚାଲେ...

ହେ ପ୍ରଭୁ

ରକ୍ଷାକର ଏ ନିରୀମାଖି ମାନଙ୍କୁ

ଏ ନର ପିଶାଚ ମାନଙ୍କ

କବଳରୁ....

Magazine Downloaded from www.aahwaan.com

# ଅଫେରା ରାଇଜ



ଅମରେନ୍ଦ୍ର କର

ହେ ମୋର ନାଉରୀ କରିଦେ ତୁ ପାରି

ସମୟ ଯାଉଛି ସରି

ବେଳ ଗଡ଼ି ଯିବ ଦିନ ବୁଡି ଯିବ

ଶମନ ଆସିଛି ଧରି

ଆୟୁଷ ହାଟରୁ ବୟସ ସଉଦା

କାଲିଠୁ ଦେଲିଣି  ସାରି

କଳା ପାପ ପୁଣ୍ୟ ହିସାବ କରିକି

ଖାତା କୁ ଆଣିଛି ଧରି

ସେପାରି ରେ ମୋର ମାଲିକ ଅଛନ୍ତି

ପାଉଣା ଦେବାକୁ ମୋତେ

ସଅଳ ସଅଳ ପାରି ତୁ କରିଦେ

ସମୟ ନାହିଁ ମୋ ହାତେ

ବନ୍ଧୁ ପରିଜନ କେହି ଯଦି ଖୋଜେ

ବୁଝେଇ ଦବୁରେ ତାକୁ

ଅଫେରା ରାଇଜ ଚାଲି ସେ ଯାଇଛି

ବାଟ ନାହିଁ ଫେରିବାକୁ .

ରାଉରକେଲା, ଓଡ଼ିଶା

 Magazine Downloaded from www.aahwaan.com

# ଭ୍ରଷ୍ଟରାତ୍ରୀ



ବିକାଶ୍ କୁମାର ପାଲ

ଏହି ରାତ୍ରୀର ବିଦାୟ ନେଉଛି ସାଥି
ଦେଖିବି କି ପାରିବି ଜୀବନର ତିଥି ।
ଅନ୍ଧକାର ରାତ୍ରୀରେ ସବୁ ଯାଏ ବିତିରେ
ଆଲୋକର ଧାରା ଦେଖିବି କି ନିତିରେ ।
ଯାଉଛି ଫେରି ନିଶିରୁ ହୋଇ ଅତି
ରବି କନକକିରଣେ ନଥିବ ସ୍ଥିତି ।
ଏହି ସଂସାର ମାୟା ନାହିଁ ଏଠି କିଛି
ନଶ୍ୱର ଦେହେ ନର ଗର୍ବ କରୁଅଛି ।
ସାଧାରଣତ ଜନତାର ଅଣ୍ଟି ମାରି
ବଡ଼ ପଣ ଦେଖାଏ ଦିନେ ଯିବ ମରି ।
ମୃତ୍ୟୁକୁ ଭୁଲି କରି ପାପ କରୁଥାଇ
ଏରୁଣ୍ଡିର ଆଗରେ କାଳ ଗର୍ଜୁ ଥାଇ ।
ଶୋଷଣର କଷଣେ ବିଦ୍ରୋହ ଜନମ
ବିଦ୍ରୋହ ଯନ୍ତ୍ରଣାର କରେ ଉପସମ ।
ଆସେରେ କୃଷକ ଭାଇ ଆସ ଶୋଷକ
ଆସରେ ପିନ୍ଧିବା ବିଦ୍ରୋହର ପୋଷାକ ।
ବିଦ୍ରୋହର ପୋଷାକ ଗଢିବା ମନରେ

 Magazine Downloaded from www.aahwaan.com

ସେ ପୋଷାକ ପିନ୍ଧନ୍ତୁ ସକଳ ଜନରେ ।

ରଜନୀର ଆମେ କେତେଦିନ ବାଟୋଇ

ନିଶିର କାଳରେ ଆମେ କାହାର ଛାଇ ।

ଦେହରେ ଝାଳ ବୋହାଇ କ୍ଷତେ ଖଟୁଛୁ

ସୁନା କଣିକା କେତେ ଅଣ୍ଟିରେ ମାରୁଛୁ ।

ତୁମ ବଟୁଆକୁ ତୁମ ହାତରେ ଭାଙ୍ଗି

ତୁମକୁ ଦିଅନ୍ତି ଗଛ ଡାଳରେ ଟାଙ୍ଗି ।

ପଶାକାଠି ହୋଇ ଆମେ ଦାଣ୍ଡେ ଭିକାରୀ

କ୍ଷତି ସହି ଆମେ ହୋଇଲେ ଭ୍ରଷ୍ଟାଚାରୀ ।

ଅତୀତର ସବାଶେଷ ଲୋକ କୁ ଦେଖ

କେଉଁ ଦିନ ସେ ଟିକିଏ ପାଇଛି ସୁଖ ।

ରାଜନୀତିର କପଟଫାସେ ପଡ଼ିଲ

ଅଯାଚକ ପଣେ ଧନ ଯାଚି ବିକିଲ ।

ଧନକୁ ଖଣ୍ଟର ହସ୍ତେ କରି ଅର୍ପଣ

ଖଣ୍ଟ ପରଖିଲା ତୁମ ସରଳ ପଣ ।

ସରଳ ପଣ ତୁମ ହୋଇଲା ଶୋଷଣ

ଭ୍ରଷ୍ଟଚାରୀ ତୁମକୁ ନଦେଲେ ମରଣ ।

ସେମାନଙ୍କ ମୃତ୍ୟୁ ନୁହେଁ ଚିରନିଦ୍ରାର

ବଞ୍ଚିବା ମଧ୍ୟ ଅଭିନୟ ଶୋଇବର ।

(ନିର୍ଗଣ୍ଡି,ଭଦ୍ରକ)

 Magazine Downloaded from www.aahwaan.com

# ବେଳେ ବେଳେ



ପ୍ରଦ୍ୟୁତ କୁମାର
ମହାଖୁଡ଼୍

ବେଳେବେଳେ ମୋର ମନଟା କାହିଁକି
ଟିକେ ବାଟ ବଣା ହୁଏ
ମୁରୁକି ହସି କି ହୃଦୟ ଟା କହେ
ମନେ ପକାଉଛି ସିଏ ।।

ବାଟେ ଚାଲୁ ଚାଲୁ ଝୁଣ୍ଟି ପଡେ ଯେବେ
କେତେ ପ୍ରଶ୍ନ ଉଙ୍କି ମାରେ
ତୁମେ ମୋ ଶାମୁକା ଆଗୋ ସାଗରିକା
ଗଣ୍ଡୁକୀ ନଦୀର ଧାରେ ।।

ରାତି ତମାମ ମୁଁ ଲହୁ ଲୁହାଣ ରେ
ତୁମ ଛବି ଆଙ୍କି ବସେ
କାହିଁକି କେଜାଣି ତୁମ ପ୍ରତିଛବି
ସପନେ ମୋ ନିତି ଆସେ ।।

ଅଚାନକ କେବେ ଡାହାଣ ଆଖି ଟା
ଡେଉଁ ଥାଏ ବାରମ୍ବାର
ଆଖି କହେ ମୋତେ ମୁଁ କଣ କରିବି
ଖୋଜୁଛି ସାଥୀ କୁ ମୋର ।।

ଖାଇବା ବେଳରେ ହାତରୁ ମୋହର
ଖାଦ୍ୟ ଯେ ପଡ଼ଇ ଖସି
ହାତ କି ଜାଣିଛି ପୁରୁଣା ସ୍ମୃତି ଟା
ହଲେଇ ଦିଏ ସେ ଆସି ।।

ତୁମ ବିନା ଲାଗେ ସବୁ ଅସଜଡ଼ା
ତୁମ ବିନା ସବୁ ଫିକା
ଅଫେରା ବାଟକୁ ଚାହିଁ ମୁଁ ବସିଛି
କେବେ ହେବ ସତେ ଦେଖା ।।

କଣ୍ଟାପାଳ, ଢେଙ୍କାନାଳ

 Magazine Downloaded from www.aahwaan.com

# ମୋ କଳା କହ୍ନେଇ



ଭାରତୀପ୍ରଭା ପଣ୍ଡା

ଧନ ମାନ ପରା ଦେଇନୁ କାଳିଆ
ଯଶ ମୋର ନାହିଁ କିଛି
କିପରି କାହାର ହୃଦୟ ଜିତିବି
ଶରଣ ତୋତେ ଯାଉଛି !!

ଛାଇ ଆଲୁଅର ଏପରି ସମ୍ପର୍କ
କିପରି ଭୁଲିବି ତୋତେ
କାୟା ହେଲେ ତୁହି ଛାୟା ମୁଁ ତୋହର
ଧାଉଁ ଥିବି ପଛେ ପଛେ !! !!

ଭୁଲିଯିବି କାଳେ ତୋତେ ମୁହିଁ ବୋଲି
ଦୁଃଖ ତ ଓଜାଡ଼ି ଦେଉ
ହୃଦୟ ମୋହର ଦ୍ରବିଭୁତ କରି
ତୋର ଛବି ଆଙ୍କି ଥାଉ !!

ସୁଖର ସମୟେ ଭୁଲିବି ସହଜେ
ସୁଖ ସପନରେ ହଜି
ଦୁଃଖରେ ହୃଦୟ ତୋତେ ଝୁରୁଥିବ
ଆଖିଲୁହେ ଭିଜି ଭିଜି !!

ବାଣ୍ଟିଦେଲେ ଦୁଃଖ ତୋ ସାଥିରେ ସବୁ
ସବୁକିଛି ଯାଏ ଭୁଲି
ଯେତେ ରାଗରୁସା ତୋର ମୁହଁ ଦେଖି
କ୍ଷଣିକରେ ଯାଏ ଚାଲି !!

ବଂଶୀ ତୁ ବଜାଉ ପ୍ରାଣ ଏ ମୋହର
ଆନନ୍ଦରେ ଯାଏ ପୁରି
ମଧୁରତା କେତେ ଅଛି ସେଇଥିରେ
ହଜିଯାଏ ଶୁଣି ଶୁଣି !!

 Magazine Downloaded from www.aahwaan.com

ଛୋଟ ପିଲାଟିଏ ହୋଇଯାଉ ତୁହି
  ଚାଲୁ ମୋର ହାତ ଧରି,
ମୁଁ ତୋର ଯଶୋଦା ତୁ ମୋହର କାହ୍ନୁ
  ଝୁଲୁଥାଉ କୋଳେ ଢଳି ! !

ଏହିଭାବ ମୋର ରହୁ ନିରନ୍ତର
  ହୃଦୟର ବୃନ୍ଦାବନ
ଲିଳାଖେଳା ତୋର ଚାଲିଥାଉ ନିତି
  ଜାଗ୍ରତ ଅବା ସପନ ! !

ବିଶ୍ୱରୂପ ତୋର ଦେଖୁଥିବି ନିତି
  ଦୁନିଆର କୁରୁକ୍ଷେତ୍ରେ
ସବୁଠାରେ ତୁହି ତୋହଠାରେ ସବୁ
  ସମାହିତ ଦେଖେ ନେତ୍ରେ ! !

କ୍ଷଣ ଏକ ପାଇଁ ଯିବୁନାହିଁ ଦୂର
  ଦେବୁନା କେବେ ଭଣ୍ଡାଇ
ଯଶୋଦା ପରି ତୁ ଛାଡ଼ି ଯିବୁନାହିଁ
  ପୁଣି ଜୀବନେ କନ୍ଦାଇ ! !

ଏଇଠି ତୋ ଗୋପ ମଥୁରା ବି ଏଠି
  ସଜାଇବି ମୋର ହୃଦେ
ବହୁଥିବ ଏଠି ଯମୁନାର ନଦୀ
  ସଖା ସଖି ତୋର ଥିବେ ! !

ବନସ୍ତରେ ଏଠି ଗାଈ ଚରାଇବୁ
  ବସି ତୁ କଦମ୍ବ ବନେ
ତୋ ବଂଶୀ ସ୍ୱନରେ ଝୁମୁଥିବେ ନିତି
  ଗୋପର ବାଳିକା ମାନେ ! !

ଚୋରାଇ ଖାଇବୁ ସର ଲବଣୀ ତୁ
  ଗୋପର ବାଳକ ସଙ୍ଗେ
ଗୋପିମାନଙ୍କର ଗୁହାରୀ ଶୁଣିବି
  ହସି ହସି ମୋର କାନେ ! !

ବାନ୍ଧି ଦେବି ତୋତେ ଭକ୍ତିର ଦଉଡ଼ି
  ପାଦରେ ତୋହର ଟାଣି
ଝରି ଯାଉଥିବ ଲୁହ ମୋ ଆଖିରୁ
  ମାଆ ମାଆ ଡାକ ଶୁଣି ! !

 Magazine Downloaded from www.aahwaan.com

ସପତ ବ୍ରହ୍ମାଣ୍ଡ ଦେଖିବି ତୋହର
ହାଇ ମାରିଲେ ତୁଣ୍ଡରେ
ହଜିଯିବି ମୁହିଁ ତୋ ରୂପ ଦର୍ଶନେ
ହାତ ରଖି ମୋ ମୁଣ୍ଡରେ !!

ଦେଖିବି ତୋହର ସବୁ ଲିଳା ଖେଳା
ଧରିବୁ ମନ୍ଦର ହାତେ
କୋପଭରେ ଇନ୍ଦ୍ର ଯେବେ ବରଷିବ
ସପ୍ତ ଦିନ ସପ୍ତ ରାତ୍ରେ !!

ଦେବି ନାହିଁ କେବେ ଯିବାକୁ ମୁଁ ତୋତେ
ଆସିଲେ ଅକ୍ରୁର ସାଥେ
ବଞ୍ଚି ନ ପାରିବି ଆଉ ଥରେ ମୁହିଁ
ମଥୁରାକୁ ଛାଡ଼ି ତୋତେ !!

ମୁହିଁ ତୋ ଯଶୋଦା ମୁହିଁ ତୋ ଦେବକୀ
ଛାଡ଼ି ଯିବୁ ନାହିଁ କେବେ
ଦଶମାସ ଗର୍ଭ ସହି ଅଛି ମୁହିଁ
ଦୁନିଆର କାରାଗର୍ଭେ !!

ବିରହ ବେଦନା ସହିଛି ଯଶୋଦା
ସହିଛି ଦେବକୀ କେତେ
ଫେରିବାକୁ କଷ୍ଟ କରି ଯାଇଥିଲୁ
ନ ଫେରିଲୁ ଆଉ ଗୋପେ !!

ରାମ ଅବତାରେ ଯାଇଛି ତ୍ରେତୟା
ଦ୍ୱାପରରେ ତୁହି କୃଷ୍ଣ
ଆଜି ଏ କଳିର ଘୋର ପ୍ରଭାବରେ
ଶ୍ରୀମନ୍ଦିରେ ତୁ ମଉନ !!

 Magazine Downloaded from www.aahwaan.com

# ମୋ ଅଗଣାକୁ ଆ



ବି ନିରୁପମା

ମୋଅ ଅଗଣାକୁ ଆ'...ଆ ଥରେ କାହ୍ନୁ
ଦୁଧ,ଦହି,ସର ଖା'...
ମନ ହରଷରେ-ମଧୁର ତାନରେ
ମୁରଲୀ ବଜେଇ ଯା'... ।(୦)

ମିଠା,ମିଠା ତୋର କଥାରେ କହ୍ନେଇ ,
ଅବୁଝା ମନକୁ ଦେଇଯା' ମନେଇ ;
ଅଭିଯୋଗ ଆଉ କରିବିନି ଯାଇ-
ତୋ ନାମେ ,ନିଶ୍ଚିନ୍ତ ଥା'... ।(୧)
ଦୁଧ,ଦହି,ସର ଖା'.... ।

ମୋଅ ଅଗଣାକୁ ଆ'...ଆ ଥରେ କାହ୍ନୁ
ଦୁଧ,ଦହି,ସର ଖା'...
ମନ ହରଷରେ-ମଧୁର ତାନରେ
ମୁରଲୀ ବଜେଇ ଯା'... ।

କରିଅଛୁ ତୁ ରେ ମୋତେ ଯେତେ ସରି ,
ଆଗକଥା ସବୁ ଦେବି ମୁଁ ପାସୋରି ;
ରଖିବିରେ ତୋତେ ଗଳାମାଳି କରି-
ଦରଶନ ଦେଇ ଯା'... ।(୨)
ଦୁଧ,ଦହି,ସର ଖା'....

ମୋଅ ଅଗଣାକୁ ଆ'...ଆ ଥରେ କାହ୍ନୁ
ଦୁଧ,ଦହି,ସର ଖା'...
ମନ ହରଷରେ-ମଧୁର ତାନରେ
ମୁରଲୀ ବଜେଇ ଯା'...

*ମାମୁରିଆ, ଛେଣ୍ଡିପଦା,ଅନୁଗୋଳ ।*

 Magazine Downloaded from www.aahwaan.com

# ଭୁଲି ମୁଁ ପାରୁନି...



ଭଗବାନ ବେହେରା

ଭଲପାଇ ଦିନେ ଭାବିଲନି ପ୍ରିୟା
ତୁମେ ଭୁଲିଗଲ ମୋତେ
ଆଖିର ଲୁହକୁ ଓଠରେ ପିଇ ମୁଁ
ତୁମକୁ ଝୁରୁଛି କେତେ
ଭୁଲ ହୋଇଗଲା ସତେ
ତୁମରି ମନକୁ ପରଖିନି ବୋଲି
କଷ୍ଟ ପାଉଅଛି ଏତେ ।।

ତୁମେ ଚାଲିଗଲ ମୋ ଠାରୁ ଦୂରକୁ
ନିସଙ୍ଗତେ ଦିନ ବିତେ
ଏକୁଟିଆ ବସି ଜହ୍ନ ଆଲୁଅରେ
ତୁମ କଥା ଭାବେ ଯେତେ
ଜହ୍ନ ଈର୍ଷାକରେ ମୋତେ
ଖତେଇ କହେ ସେ ଭଲ ପାଇବାର
ଛଳନା କରିଲା ତୋତେ ।।

ଆଜିବି ଭରଷା କରିଛି ତୁମକୁ
ଫେରିବ ଫଗୁଣ ସାଥେ
ମୋ ହାତୁ ସିନ୍ଦୁର ସିନ୍ଥି ରେ ପିନ୍ଧିବ
ସଜଳେ ଚାହିଁଛି କେତେ
ଯଦି ନ ଫେରିବ ସତେ
ଜୀବନରେ ଆଉ ଦେଖି ପାରିବନି
ହଜିଯିବି କୋଉ ଗର୍ତ୍ତେ ।।

ବାରକୋଟ, ଦେବଗଡ,
ମୋ–୭୯୮୧୧୭୩୮୮୪,

 Magazine Downloaded from www.aahwaan.com

# ପ୍ରଶ୍ନୋତ୍ତର



ପ୍ରମୋଦ ରାୟ

ଶୀତୁଆ ଏଇ ଯାମିନୀ ପ୍ରିୟା
ଲାଗୁଛି ମୋତେ ଆଜି ଗୋ ନୂଆ
ତୋ ସେ କଥା ଭାବି
ଏମିତି ଏକ ପଉଷ ମାସେ
ଆସିଲୁ ସହି ଧାଇଁ ମୋ ପାଶେ
ଅଳପ ହସି ଲାଜୁଆ ସ୍ୱରେ
କହିଲୁ ପ୍ରିୟା କାନେ ସଧିରେ
ପାଇଲ କିଆଁ ଭଲ ଗୋ ମୋତେ
କହିବ କିହେ କବି ?
ତୁ କି ଜାଣୁନା ପ୍ରିୟା ଗୋ ମୋର
କାହାଣୀ ସେଇ ପତଙ୍ଗଟିର
ମରଣ ଯିଏ ଜାଣିବି ପ୍ରିୟେ
ବରଣ କଲା ଅନଳ ହାର
ନ ପାରୁ ଯଦି କହି
କେମିତି କହ ଦେବି ଉତ୍ତର
ପାଇଲି କିଆଁ ତୋତେ ଗୋ ଭଲ
ଆଜି ମୁଁ ଏତେ ସହି !

ପୂର୍ବାଶା, ସମରାଇପୁର, ଭଦ୍ରକ,
ଓଡିଶା-୭୫୬୧୦୦,
ମୋ..୯୪୩୭୦୬୦୧୭୪

Magazine Downloaded from www.aahwaan.com

# ନୂଆ କର ଚିନ୍ତାଧାରା



ନିରୁପମା ନାୟକ

ପୁରାତନ କଥା କହିଲେ ନ ସରେ
ନୂତନ ଯୁଗରେ ଆମ
ପୁରାତନ ନୀତି, ରୀତି ଓ ସଂସ୍କୃତି
ବେଦ ଭାଗବତ ସମ । ୧

ବିତିଯାଇଥିବା ଘଟଣା ସବୁ ତ
ଭୂତକାଳ ହୋଇଯାଏ
ଯାହା ଅଛି ଏବେ ବର୍ତମାନ କାଳେ
ଭବିଷ୍ୟ କୁ ଦର୍ଶାଏ ।୨

ବର୍ଷ ନୂଆ ହର୍ଷ ନୂଆ ହୁଏ କିନ୍ତୁ
ରୋଗ ଦୁଃଖ ଯେ ପୁରୁଣା
ଇର୍ଷା, ଭେଦଭାବ , ଲୋଭ ତ୍ୟାଗ କରି
ହୃଦ ରେ ରଖ କରୁଣା ।୩

ତୋର-ମୋର କିଛି ଅନ୍ତର ନ କରି
କରିଚାଲ ନିଜ କାମ
ଜାତି-ଧର୍ମ ଓ ବର୍ଣ ନିର୍ବିଶେଷ ରେ
ସଭିଙ୍କୁ ଭେଟିବେ ଯମ । ୪

କିଛି ନୂଆ କିଛି ପୁରୁଣା ମିଶାଇ
ଚଳି ଚାଲ ମହିକାଳେ
ଯୁଗ ପୁରୁଣା ରୁ ଆବିର୍ଭାବ ଆମ
ଚାଲୁ କିନ୍ତୁ ନୂଆ ତାଳେ । ୫

ନୂତନ ପୋଷାକ, ଆଭୂଷଣ ଆଦି
ପିନ୍ଧୁଥାଅ ବର୍ଷସାରା
ପଛେ ଛାଡି ଚାଲ ପୁରୁଣା କଥା କୁ
ନୂଆ କର ଚିନ୍ତାଧାରା । ୬

 Magazine Downloaded from www.aahwaan.com

# ଯମୁନା ଡାକେ ରାଧିକା



ରାମପ୍ରସାଦ ସିଂହ

ଯମୁନା ତଟେ ଛୁଟୁନି ରାହାସ ଖେଳ

ହୋଇଯାଇଛି ସିଏ କାହିଁ ଏକା

ଅତୀତ ହୋଇଯାଏ ଭାବ ଖେଳ

ପ୍ରଶ୍ନ ମନେ ଉଙ୍କି

ନ ଆସନ୍ତି ସେ ପ୍ରେମୀ ଯୁଗଳ

ଶୁଭେନା ସେ ମୁରଲୀ ପ୍ରେମ ସ୍ୱର

ବରଷେନା ସଂଗୀତ ପ୍ରେମ ମୂରଛନା

ହଜିଗଲା କି ଶୋଭନୀୟ ଉପସ୍ଥିତି

ପାଲଟିଯାଏ ଯମୁନା ଦୁଃଖେ ଏକା

ମନେ ଦିଏ ଡାକ ପ୍ରେମରେ

ଆସ ହୋ, ଆସ ହୋ, ରାଧିକା

ଆସ ହୋ ରାଧିକା

ହେଲିଣି ମୁଁହି ଥକା...

ରାମ ପ୍ରସାଦ ସିଂହ

ସୁକରପଡା, କଟକ

 Magazine Downloaded from www.aahwaan.com

# ଅସହାୟ



ଗୌରୀ ପଣ୍ଡା

ମାଆଛେଉଣ୍ଡ ପିଲାଟିରେ ସତେ
ହୁଏ କେତେ ଅସହାୟ ।
ଦୁନିଆ ବକ୍ଷେ ଅସହାୟ ବୋଲି
ନାରୀକୁ ହୁଅ ସହାୟ ।
ପିତାମାତା ବି ଅସହାୟ ଆଜି
ସଂସାରରେ ଦେଖ ହାଏ ।
ବିଧବା କେତେ ଆଜି ଅସହାୟ
ସାହା ହେବ ତାର କିଏ ?
ସାମର୍ଥ୍ୟ ସିନା ସରକାର କହେ
ଭିନ୍ନକ୍ଷମ ଅସହାୟ,
ବିନା ସାହାଯ୍ୟେ କେମିତି କଟିବ
ବଞ୍ଚିବ କେମିତି ହାୟ ?
କାବୁଲି ପାଖେ ଛେଳି ଅସହାୟ
ନିଶ୍ଚୟ ହୋଇବ ଫ୍ରାଏ
ଧନୀ ଆଗରେ ଗରିବ ତ ଠିଆ
ହାତ ପତେଇକି ହାଏ ।
ଶିକ୍ଷକ ଆଜି ଅତି ଅସହାୟ
ସମାଜରୁ ନିନ୍ଦା ପାଏ,
ସ୍କୁଲ୍ ଆରମ୍ଭ ନିର୍ବାଚନେ ଶେଷ
ଦୁଃଖ ବୁଝିବ ତା କିଏ ?

ଠାକୁର ଏଠି ଅତି ଅସହାୟ
ଅବଢ଼ା ଭୋଗ ନ ପାଏ
ଦେଉଳ ଏଠି ଚାବି ଖୋଲେନାହିଁ
ଭକ୍ତ କିନ୍ତୁ ଜଗିଥାଏ ।
ମାଟିମାଆ ଆମ ଅସହାୟରେ
ସୈନ୍ୟ ସୀମା ଜଗିଥାଏ
ହେଲେ ବି ଶତ୍ରୁ ଲୁଚି ପଶିଯାଇ
ରକ୍ତମୁଖା ହୋଇଯାଏ ।
ରାଜନୀତିରେ ଅସହାୟ ବୋଲି
ମୂର୍ଖ ନେତା ହୋଇଯାଏ
ଶାସନ ତାଙ୍କ ହାତେ ଦେଇ ଆମେ
କେମିତି ବଞ୍ଚିଛେ ହାଏ ?
ନିଜକୁ ନିଜେ ବୁଝାଇ ଦେଉଛେ
ଆମେ ସବୁ ଅସହାୟ
ଧନୀ, ଗରୀବ ସଭିଏଁ ତ ଏଠି
ପରସ୍ପର ଯେ ସହାୟ ।

ଜୟପୁର, ଓଡ଼ିଶା

 Magazine Downloaded from www.aahwaan.com

# ଅଜଣା ପକ୍ଷୀ



ମନୋଜା ନାୟକ

ଅଜଣା ପକ୍ଷୀ

ମନୋଜା ନାୟକ

ତୁମେ ତ ଅଜଣା ପକ୍ଷୀଟିଏ
ଦେଖି ତୁମ ସୁନେଲୀ ପକ୍ଷ
ଆଶା ମୁଁ ବାନ୍ଧୁଛି ଉଡ଼ିଯିବି
ଇପ୍‌ସିତ ମନର ପଥ ।
କାହିଁ କେଉଁ କାଳୁ ଅନେଇ ବସିଛି
ତୁମର ଯେ ସମ ଦର୍ଶନେ
ବିଧିର ବିଧାନ ଆଜିକି ପୂରିଲା
ହେଲା ତୁମ ଦରଶନ ।

କୋଟି ତାରା ମେଳେ ଦିଶେ ତୁମ
ଶୁଭ୍ର ଜ୍ୟୋତି ରେଖା
ନିଶବ୍ଦେ ନିସଙ୍କୋଚ ଆଶ୍ରିତ ହେବି
ପାଇ ତୁମର ଯେ ଶାଖା ।
ନିର୍ଦ୍ୱନ୍ଦ ମନରେ କାକଳି କରିବି
ମୋର ସବୁ ଅଭିମାନ
ବ୍ୟଥିତ ପରାଣେ ଶାନ୍ତି ଭରିଦେବ
ତୁମର ସେ ନିଦର୍ଶନ ।

ଅନୁଗୁଳ, ଓଡ଼ିଶା

 Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

 Magazine Downloaded from www.aahwaan.com

# କୁକ୍ରା ଉବାଚ



ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

କୁକ୍ରା କହୁଛେ ତାର୍ ଛୁଆକେ
ସୋର୍ ରଖିଥିବୁ ମୋର୍ କଥାକେ
ଆଉଛେ ନୂଆଁ ବଛର୍,
ହିଁସାରେ ଭରତି ବୁଢର୍ ରାଏଜ୍
ମୁନୁଷ୍ ସବୁ ତ ରାବନ୍ ଆଏଜ୍
ମୁଇଁ ହେଇଛେ ବତର୍ ।୧
ମୋର୍ କଥାକେ ମାନି
ହେଉଥିବୁ ହୁର୍‌ଗୁନି
ମୁଇଁ ଜିଁଇମି ଦିନା କେତେ
ନାଇଁ ହେବୁ ଲଭ୍‌ରା
ତୁଇ ମୋର ସୁଂଦ୍‌ରା
ମାଁ ବଲି ନି ଖୁଜବୁ ମତେ ।୨
ଦିନେ ତୋର୍ ବୁଆ ଥିଲା
ସେ ଆଁଏଖ୍ ମୁଜିଦେଲା
ମଲା ତ ଇ ମୁନୁଷ୍‌ର ହାତେ
ଇହାଦେ ଆଇଛେ ସେ ସମିଆ
ଛାଡିଯିମି ପୁତା ତୁମର୍ ଦୁନିଆଁ
ଲାଗ୍‌ଲା ଭାଏ ବହେନ୍ ତତେ ।୩
ଚାଁଟି ମାର୍‌ଲେ ଦୁଃଖ ଲାଗ୍‌ସି
କୁକ୍‌ରା ମାରି ହେବା ଭସନାଖ୍
ସରିଗଲେ ଇ ସତର୍,
ଆମ୍‌କେ ଗଢ଼ିଛେ ବିଧାତା
ଦୁସ୍‌ରା ସୁଖେ ଜୀବନଦାତା
ଦୁଃଖ୍ ନି ହେବୁ ମାତ୍‌ର ।୪
ଜନମ୍ ସିନେ ଦେଇଛେ ମୁଇଁ
କରମ୍ ତତେ ନି ପାରେଁ ଦେଇ
ବଏସ୍ ହେଲେ ସବୁ ବୁଝବୁ,
ଜନମ ହେଲେ ମରନ୍ ଅଛେ
ଦେଖ୍‌ଲା ବାଲା ସବୁ ଦେଖୁଛେ
ଆର୍ ମାଁ କେ ନେଇଁ ଖୁଜବୁ ।୫

ବଙ୍କିଆ, ମୁର୍ଷୁଣ୍ଡି
ବୀରମହାରାଜପୁର, ସୁବର୍ଣ୍ଣପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୮୬୫୮୪୮୦୫୬୫
ଇମେଲ୍ : akhurdia999@gmail.com

 Magazine Downloaded from www.aahwaan.com

# ମନର୍ କଥା



କବି ପ୍ରସାଦ

ମୋର୍ ମନର୍ କଥା ପଦେକ୍
କହୁଛେଁ ଗୁରୀ ଗା ଶୁନ୍
ତୋର୍ ବିନେ ମୋର୍ ଜୀବନ୍ ସିଠା
ଯେନ୍ତା ନୁନର୍ ବିନେ ତୁନ୍ ।
ହସୁଥିଲେ ତୁଇ ମୋର୍ ପୁନିରାଏତ୍
ହେଇଥିଲେ ଭିଲ ଉଆଁସ୍
ମୁହଁ ଫୁଲେଇ ବସିଦେଲେ ତୁଇ
ଫଗୁନ୍ ଜନ୍ ଭିଲ ବିରସ୍ ।
ତୁଇତ ଗୁରୀ ମୋର୍ ମନ୍ ମଝୁରୀ
କଲାମେଘ୍ ମୁଇଁ ତୋର୍
ତୋର୍ ଖୁସି କାଯେ ଗରଜୁଥିମି
ନାଚୁଥିବୁ ଫୁଲେଇ ଚୁଲିକେ ତୋର୍ ।
ତୁଇତ ମୋର୍ କୁଇଲି ରାନୀ
ତୋର୍ ମହୁଲିଆ ଧୁକା ମୁଇଁ
ତୋର୍ ପିରତିର୍ ଗୀତ୍ ଶୁନୁଥିମି
ଜୀବନ୍ ଝାରେ ବୀନା ବଜେଇ ।

ରାଗ୍ ରିଷା ତୋର୍ ଚାହାନିଚାଖି
ଲାଗସି ମତେତ ବନେ
ତୋର୍ କଥା ପଦେକ୍ ନି ଶୁନଲେ
ମନ୍ ହେସି ଏନେତେନେ ।
ତୋର୍ ମୋର୍ ଭାବ୍ ଗୁଁଥା ଗୁଟେ ଡୁରେ
ଯେନ୍ତା ମଲିର୍ ଗଜରା
ତୁଇତ ମୋର୍ ଜୀବନ୍ ଜୁଲି
ମୁଇଁ ନାଗର ଗଉର ପିଲା ।
ମନର୍ ବଏଁଶି ବାଜସି ଅହରହ
ଛାଡିଗଲେ ଘଡେକ୍ ମତେ
ତୋର୍ ବିନେ କାହିଁ ବଁଚିପାର୍ମି
ବିରହର୍ ଜୁଏଥିଁ ଜଲିଯିମିନ ସତେ ।

ସର୍ଗିଗୁଡା, ମଣ୍ଡଳ, ବେଲପଡା,
ବଲାଙ୍ଗୀର, ଓଡିଶା
ପିନ୍ -୭୬୭୦୨୬
ମୋବାଇଲ୍ -୭୬୦୬୦୫୧୩୯୫

 Magazine Downloaded from www.aahwaan.com

# ଇ ପୂଜାବିଧି



ଏମ୍ ବିଜୟ କୁମାର

ଇ  ପୂଜାବିଧି
ଖାଏବାର ବୁଧି
ଛାଡ଼ବୋ ଜଲଦି
ଜୀବନ-ନିଆ ବୁଧି

ମୁନୁସ୍ ଜାତି
ବନାଇଛେ ନୀତୀ
ଜାନବୋ ଜାନ
ମିଛକେବି ଜାନ
ସତ୍ ମନପୁରତି

ହେଇ ଉସତ
ମଜା କରୁ ସତ
ଝାନବୋ ଝାନ
ଚିଟ୍ କି ଝାନ
କୁକୁଡ଼ା-ମଦ
ଇ ଦେଏ ଦେବତା
ନାଇଖାଏ ରକତ

ବଦନି କରି
ଦେଉଛନ ବଲୀ
ମାନବୋ ମାନ
ପହେଲା ତ ଜାନ
ଏ ହାର ଗୁହାରି
ସୁଖେ ରଖବୁ ବଲି

ନାଇଜାନି ବଲି
ଅରକଲେ ପଡ଼ି
କରୁଛନ ପୂଜା
ଭାବବେ ଭକତି
ଦେମୁ ଛେଲ ମେଢି
ପୋଢ଼ ଆର ଗନ୍‌ଜା

ରେମଣ୍ଡା, ସଇନ୍ତଲା,ବଲାଙ୍ଗୀର-୩୨
ମୋ- ୭୯୭୮୭୮୪୧୩୦

 Magazine Downloaded from www.aahwaan.com

# ପେଟର୍ କାଜେ ତୋ



ଜ୍ୟୋତିରାଦିତ୍ୟ ପୁଝାରୀ

କେନ୍ ଆରୁ ବର୍ନୀ ଦିଛେ କେଁ !
ତଥାପି
ମୁଡ଼େ ମାଠିଆ ବୁହି ଖଣ୍ଡାର୍ ଧାରେ ଚାଲି
ପଶେକ୍ ପଶେକ୍ ସପନ କାନିପନତେ
ଠୁଲଉଛେ ଢୋଲ୍ ବଜାର୍ ତାଲେ ।

କହେମି ବେଲେ ହଜାର୍ କଥାନୀ ଅଛେ
ହେଲେ କଲଁକ୍‌ର ପଛଫାଲେ
ନୂଆଁ ଫୁଲର ମହକ୍‌କେ ଦୁନିଆ
ବାରିପାର୍‌ବା ବଲି ଚିମ୍‌ରା ପରିଛେ ।

ଖରାର୍ ଟାନ୍, ବର୍‌ଷାର୍ ଭୁର୍‌କୁଟି
ଜାଡ଼ର୍ କଁପକେ ଚାଖି ମୁଡ଼ାହିରେ
ଦମ୍‌ଖମ୍ ଠାଡ୍ ହେଇ
"ଛାଡ୍ ବେ !" ବାକ୍ୟଥି
ଦରଦ ହଜେଇ ଦେବାର୍‌ଟା ।

କଟ୍‌କଟୁଛେ ଡଙ୍ଗର୍
ସେଠାନୁ ମକଡ୍‌ଦମ୍‌ର ହେଁଟାଲ୍ ଶୁନି
ତୁମୁନ୍ ଗୁମୁନ୍ ଜୁରା ଜୀବନ୍
ଝରନର୍ ମୁହାଁ ହେଇ ନର୍‌ଦୁଛନ୍ ।

ସଁସାର୍ ହାଟେ ଚାହ୍‌ନୀ ଡାବୁ ଧରି
ଦିଆ ନିଆ, ଘିନା ବିକା ସବୁ
ପେଟର୍ କାଜେ ତୋ ।

କୁଲିଗାଁ, ବଡ଼ମହେଶ୍ୱର, ଖଡ଼ିଆଲ
ନୂଆପଡ଼ା, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୧୫୩୦୦୩

Magazine Downloaded from www.aahwaan.com

# ସମ୍ବଲପୁରୀ ନନୀ



ଫିରୋଜ୍ କୁମାର ପଟେଲ୍

ଏ ବେଟୀ....ଦମ ଧର..

ମାଁର୍ ପନତକାନି ନ ଥିମି ବଲି

ଏଁନ୍ତା ଫୁଲେଇ ହେଲେ କେଂତା ହେବା ?

ତୋର ଅଂଟାହଲା ସମକୁ ବାଇ କରସି ଯେ ;

ଗାଁର୍ ପିଂଦ୍ଧାନ ଚପକି ଗଲେ ନାଇଁ ବନେ

ଗାଁ ତରାର୍ ଜୋର ଲହଁକି

ତତେ ରାଇଜ ଜିତବାର କେ ହେବା ।

ଦଗଦଗଉଥିସି ତୋର ସମ୍ବଲପୁରୀ ଶାଢ଼ୀ

ଖିରପିନି ପଏଁରୀ ଟାଢ଼ ବାହାଁସୂତା

ସବୁ ଚମକୁ ଥିବା..

ତୋର ଗୁଡର୍ ଲାଲ ଜରଜର ଅଳତା

ଗୁଭାନ ମଲିଫୁଲର୍ ଗଜରା

ବନେ ସୁନ୍ଦର ଦିସସି ..ମାନୁଛେଁ;

ହେଲେ ବେଲ କାଲ କେ ଦେଖି

ତତେ ଗାଲେ ଟିକେ ପାଉଡର

ଓଠେ ଲିବିସ୍ଟିକ୍ ,ଆଁଖି କାଜଲ

ସବୁ ଲଗେଇ କେ ହେବା

ନାଇଁତ ଏଭର ଧଙ୍ଗରା

ତତେ ଫଟ୍ କରି ବାଉନି ଦେବା ।

ଢୋଲ ପାହାରେ ଢୁଲିଆ ତତେ ହେନ୍ତା ନଚାବା

ତାସା ନିଶାନର୍ ତାଲେ ମଚାନ୍ ଗର୍ଯିବା

ହେଲେ ମୁହୁରିଆର୍ ମୁହୁରି ସୁରେ

ତୋର ତୁଣର୍ ଡାଳଖାଇ

ଖାଲି ଆଦି କାଲର୍ କଥା କହେଲେ

ଏଭର ଦେଖନହାରୀକେ ଅଡୁଆ ନାଇ ହେବା ?

ବେଟୀ ଗୋ ..

ତତେ ଏଭର କଥା ବି କହିକେ ହେବା ।

 Magazine Downloaded from www.aahwaan.com

ଶୁନଶାନ୍ ଝାରେ ତୁଇ

ଗର୍ବର୍ ଚଉସିଙ୍ଘା ହିରନ୍ ହ କି

ମହକନର୍ କସ୍ତୁରୀ ମୃଗ

ହେଲେ,ଲା ଲା କରୁଥିବାର

ଆଧୁନିକତାର୍ ବାଘର୍ ଗର୍ଜନ ବି

ତତେ ବାରିକେ ହେବା

ନାଇଁ ତ, ଛନେ ଗଲେ

ନା ତୁଇ ଥିବୁ ନା ତୋର ନାଁ

ଯିବା ଯିବା..ସବୁ ମେଟି ଯିବା ।

ଏ ବେଟୀ ...ବୁଝିଯା

ଅଂଟା ଭିଡ଼..ଆଗକେ ବଢ

ସୃଷ୍ଟି ଆରୁ ଶୃଙ୍ଗାର୍ ସାଙ୍ଗେ କର

ତେହେରୁ ଦେଖବୁ

ଯୁଗ ଆଏବା ଯୁଗ ଯିବା

ହେଲେ ଖାସ ତୋର ଲାଗି

ଫି-ରୋଜ ମଚାନ୍ ଗରଜୁଥିବା ।

ଅବନକେଲା,ସୁନ୍ଦରଗଡ଼-୧୯

 Magazine Downloaded from www.aahwaan.com

# ମା



ଆକାଶ ଚୌହାନ

ଚଇତ ମାସର ମଏଧାନ୍ ହେଇଛେ ଆମର ପରାର୍ ଗାଁ ଖୁଲିଁ ଛୁଆ ନୁଁ ବୁଢ଼ା ତକ ସଭେ ମନତନ ଦେଇକରି ମାଁ ସରମଙ୍ଗଲା କେ ଦେଖୁଛନ୍ । ଦେହେରିର୍ କଥାକେ ଧିଆନ୍ ଦେଇକରି ସୁନୁଛନ୍ । କାଣା କେନ୍ତା କଲେ ଗାଁ କେ ମାତା ମର୍ ଭି ନେଇ ଆସବା, ଗାଁର ଗେ ଗରୁ ପୋଢ଼ ଭଇଁଷ କେ ରୋଗ ନେଇ ହେବ ସେ କଥା ଦେହେରି ଠାନୁ ସୁନୁଛନ୍ । କେ କେ ତ ଟଁଣେଇ, ଟାଙ୍ଗେନ୍, ନସେନ୍, ପାଙ୍ଗେନ୍ ଲାଗି ଡଁଅରିଆ ମାଗୁଛନ । ଇ ସମିଆ ଥି ମୁଇଁ କଲେଜନୁ ପଢ଼ିକରି ଫିରୁଛେଁ, ମୋର୍ ମନ ଭି ଲାଗଲା ଛନେ ମୁଇଁ ଭି ଦେଖମି । ଦେହରିର୍ ଗୀତ୍ ଆରୁ ବଜାର ସୋର ଜେନତା ମୋନ୍ କେତାର ଠାନକେ ଘିନି ନେଉଥିଲା । ମାଁ ସରମଙ୍ଗଲାର ଯେନ୍ତା ଆଶୀରବାଦ ସମକୁରର୍ ଠାନକେ ବାଆଁଟୁ ଥିଲା । ଖେଲ୍ ଦେଖେଇ ସାରଲା ଉତାରୁ ଯାହା ଯାହା ଲୋକ ଦେଖୁଥିଲେ ସଭେ ଘର ମାନକୁ ଯେଇକରି ଯାହାର ଯାଣା ହେଲା ଧାନ, ଚଉଳ ପଏସା ଆନିକରି ଦେଲେ । ମୁଇଁ ଭି ଟଙ୍ଗାଟେ ଦେଲି । ସଭେ ଯେନ୍ତି ଘର ମାନକୁ ଗଲେ ଦେହେରି ସବୁ କେ ଗଦା କଲା ଆରୁ ମୁନା ଥି ଭରି ବସଲା । ମୁଇଁ ତାର୍ ପାଖ କେ ଯେଇକରି ପଚ୍ରାଲି ଏତେ ସବୁ ଇ ଧାନ ଚଉଳ କାଣା କରବ ? ମୋର କଥା ସୁନିକରି ଟିକେ ହସିଁକରି କହେଲା ଇଥିଁ ମୋର୍ କୁଟୁମ୍ ଚଲବା । ମୋର ଛୁଆ ପିଲା ଖାଏବେ । ଏତେ କାଣା ତୁମ କୁଁ ପୁରବା ଭେଲ ? ହଁ କହେଲା ମା ସରମଙ୍ଗଲା ଆସିରବାଦ ଥି ଛୁଟେ ମୁଟେ କରି ଚଲିଯିବା । ଗାଁ ଥି ତୁମର ଆଉ ଦେଖାମି ତେଲ ଯେ ।

ମୁଇଁ ଛନେ ଅଧେ ସୁଇ କରି ବେଲବୁଡ଼ା ଆଡ଼େ ସାଙ୍ଗ ମାନକର ସାଙ୍ଗେ ପଡ଼ିଆ କେ

 Magazine Downloaded from www.aahwaan.com

ଖେଲି ଗଲୁଁ ଇ ସମିଆ ଥି ପଡ଼ିଆର ମହୁଲ ଗଛ ତଲେଁ ଗୁଟେ ପୁଆଲ ଥିନର କୁରମା ଟେ ମରା ହେଇଛେ । ଖେଡ଼ ଖେଡ଼ି ମେହେଜି ଟେ ଆରୁ ତାର ଭଉଁରେ ଗୁଟା ଚାରେପାଁଚେ ଛୁଆ ସେନ କିନ୍ଦରୁଛନ । ଛୁଆମାନେ ଭି ମେହେଜି ଲେଖେଁ କଲା ପଟ୍ ପଟ୍, ଖେଡ଼ ଖେଡ଼ା, ଖେଡ଼ ଖେଡ଼ି, ମୁଁଢେ଼ଁ କଏଁରା କଏଁରା ବାଲ୍, ଆରୁ ଡେଲାଢେଲା ଏଁଖଁ କରି କରି କିନ୍ଦରୁଛନ୍ । ଜରୁହା ତପୁଆ ଦେହେ ଧରି କରି ଲୋକ ଗୁଟେ ସେ କୁର୍‌ମା ତରେଁ ଘୁଡୁଘୁଡୁଛେ । ମୁଇଁ ତ ଯାନି ନେଇ ପରଲି କେନ ମାନେ ଅନ ସେଟା ଆରୁ ହେନ କାଁ କରି ଥିଲେ ଯେ । ମୋର ସାଙ୍ଗ ମାନକୁ ପଚରାଲି କେ ଏବୁ ହେଟା ? ଇ ପଡ଼ିଆ ନ ଅଛନ ଯେ । ସାଙ୍ଗ ମନକର ଭିତରୁ ଜଣେ ବଏଲା ହେ ଟା ସେ ସରମଙ୍ଗଲା ବାଲା ବୋ ଯେ ଆଏଜ୍ ମଏଧାନେ ଗାଁଥି ଦେଖେଉଥିଲା । ହଁ ହଁ ସେମାନେ ଇନ ରହୁଛନ କେ ? ଆମେ ସଭେ ବେଲ ବୁଡ଼ାକେ ଘର କେ ପଲେଇ ଆସଲୁଁ । ତାର ଆରଦିନ ଭି ହେନ ଥିଲେ ହେନ୍ତା ସେ ଛୁଆ ମାନକର ଅବସ୍ଥା । ଛୁଆମାନେ କେ କାନ୍ଦୁଥିଲେ ଆରୁ ସେ ଲୋକ ସେ ତରେ ହେନ୍ତା ପଡ଼ିଥିଲା । ଦିନେ ଗଲା ଦୁଇଦିନ ଗଲା, ମତେ ହେ ମାନକର ଅବସ୍ଥା ଦେଖି କରି କେନ୍ତା କେନ୍ତା ଲାଗୁଥିଲା । ତାକର ପାଖକେ ଯିବାର୍ କେ ଦମ୍ ନେଇ ପୁରୁ ଥେଇଁ ଡର୍ ଲାଗୁଥିଲା । ଆର୍ ଦିନ ଗଲି କଥା ହେମୋ ବଲି ସେ ମେହେଜି ମୋର ସାଁଗେ କଥା ହେବାର କେ ଡରଲା । ମତେ ଘେ ଦେଖୁଥେ ଆରୁ ସେ ସୁଇଲା ଲୋକ କେ ଆରୁ ଡରର ମାଢ଼େ ଥରୁ ଥେ ମତେ ବଢ଼ା ଗୁଲଗୁଲା ଲାଗଲା ପଲେଇ ଆସିଲିଁ । ତାର ଆରଦିନ ଗଲିଁ ଆରୁ ଦେଖଲି ଯେ ସେ ଲୋକଟା ନେଇନ ସେ ସମିଆଥି ଯେଇକରି ସେ ମେହେଜି କେ କେନ ଗାଁର ଆରୁ ଇନ ସବୁ ଦିନ କେନ୍ତା ଇନ ଅଛ ବଲିଁ ପଚରାଲିଁ ।

ଯେତେବେଳେ ତାକର ପାଖକେ ଗଲିଁ ଛୁଆମାନେ ମତେ ଦେଖୁଛନ ଆରୁ ମୋର ପଛେ ପଛେ କିନ୍ଦରୁଛନ କଥା ନି ହେବାର । ମୋର ସାଟ୍ ପେଁଟକୁ ଦେଖୁଛନ ଆରୁ ଯେନ୍ତା

 Magazine Downloaded from www.aahwaan.com

ସେମାନେ ପିନ୍ଧବାର କେ ମନ କରୁଛନ । ମୁଇଁ ଯେଇକରି ଛୁଆ ମାନକର ମାଁ କେ ପଚରାଲି କେନ ଗାଁର ଗୋ ତୁମେ, ତୁମର ଘର ଦୁଆର ନେଇନଁ କେଁ ଇନ ସବୁଦିନ ଅଛ ଯେ ନେଇ ଜନ କେଁ । ମତେ ଦେଖିକରି ସେ ମେହେଜି କହେଲା ତୁଇଁ କାଁ କରବୁରେ ବାବୁ ଯାନି କରି ଇଟା । ମୁଇଁ କହେଲି କିଛି ନି ହେନ୍ତା ପଚରଉ ଥିଲିଁ । ମୁଁ କେତେଦିନ ହେଲା ଦେଖୁଛେଁ ତୁମେ ମାନେ ଯେତେ ବେଲେଁ ଦେଖଲେଁ ଏନ୍ତା ଦୁଃଖେ ଅଛ ଯେ । କାଣା ଅଭାବ୍ ଅଛେ ଯେ ? ଏନ୍ତା ଚଲୁଛ ? ସରମଙ୍ଗଲା ବାଲା ତ ସବୁଦିନ ଧାନ ଚଉଲ ପଏସା ଆନୁଛେ କାଣା ନେଇ ପୁରବାର କେଁ । ମୋର କଥା ସୁନିକରି ସେ ମେହେଜି ବୁପରି ମୁରକି ହଁସି ଟେ ହସିନେଲା । ଯେନ୍ତା ଉଆଁସ ରାତି ଖଳି ଜନ ଉଦଲେ ଯେନ୍ତା ଦିସବା ହେନ୍ତା । ଯେନ୍ତା କେତେ ବରଷ ହେଲା ନେ ହସିଥେଇଁ । କିଛି ନେଇ କହେଲା । ମୁଇଁ କେତନି କେତେ କହେଲିଁ ଉଁ ନେଇଁ କି ଚୁଁ ନେଇ । କେତନି ଟେ କହେଲା ପରେ ମୋର ମୁହୁଁ କେ ଦେଖିକରି କହେଲା;

ମୁଁ ଇଟା ମୋର ପାଁଚଟା ଛୁଆ ଆରୁ ହେନ ଯେନ ଘୁଡୁଘୁଡୁ ଥିସି ମୋର ଗୁସିଆଁ । ହେ ସୋଚ କେ ନେଇ ସୁଇ ଥି ମଦ ପି କରି ଘୁଡଘୁଡୁ ଥିସି । ଆମର ଘର ଦୁଆର ସବୁ ଥିଲା, ମୋର ମାଁ, ବୁଆ, କୁଟୁମ୍, ବାଟମ୍ ସବୁ ଥିଲେ ହେଲେଁ କା କରବୁ ଇ ମୋର ମୁନୁଷ ଲାଗିଁ ଇହାଦେ କିଛି ନେଇନ । ମୋର ବୁଆର ମୁଇଁ ଗୁଟେ ବଲି କରି ଟୁକେଲ ମୋର ଉପରେ ଦୁଇଟା ଦାଦା । ଇ ସରମଙ୍ଗଲା ବୁଲାବାରଟା ଆମର ପେଷା କବାର ଏ । ଇ ଥି ଯାହା ପଏସା ପତର ଧାନ ଚଉଲ ମିଲସି ସବୁ କେ ଖେଇପିକରି ଚଲସୁ ଆରୁ ଲୋକମାନକର ଆଗାଡେ ମାଁ ସରମଙ୍ଗଲାର ଆସିରବାଦ ବାଆଁଟି ସୁଁ । ମୋତେ ଦେଖୁଛୁ ମୋର ମୁଡେଁ ବାଲ ନେଇ କି ମୋର ଦିହେ ପତରେ ଛାଲ୍ ନେଇ । ମୁଇଁ ଯେନ୍ତା ଥିଲି ହେନ୍ତା ସୁନ୍ଦରଟା ଆମର ଗାଁ ଥି କିହେ ନି ଥେଇଁ । ମୁଇଁ ଯଦି ତୋର ଲେଖେଁ କପଡା ଲତା ପିନ୍ଧି ଥିଲେ ଲୋକ ମାନକର ନଜର ମୋଅ ଦିହୁଁ ନେଇ ଖସରୁଁ ଥେଇଁ । ଯେତେ ବେଳଁ । ମତେ ଷୁଲହ ବରଷ

 Magazine Downloaded from www.aahwaan.com

ହେଲା ମୋର ବୁଆ ମୋର ବିହା ଲାଗିଁ ପିଲା ଦେଖିବସଲା । ଆହର ଯେତ ମନକୁ କାଁ ହେଲା ଯେ ଯଲଦି ବିହା କରସନ । ମୁଁ ବଢା ଉସତ୍ ବିହା ହଜମି ବଲିକରି ଘେଏକେ ଛନକେ ଦରପନ ଦେଖୁଥେଁ । ମୁଡର ବାଲ କେ ରାପିଁ ନଉଥେ । ମୋର ମାର କପଟା କେ ପିନ୍ଧି କରି ଘର ଭିତରେ କିନ୍ଦରି ନେଉଥେଁ ଇହାଦେ ସୋର୍ କଲେଁ ସେଟା ମତେ ଲେଜ୍ ଲାଗୁଛେଁ । କେତେଦିନ ଗଲା ମୋର ବୁଆ ମୋର ବୁଆ ଗୁଟେ ପିଲା ଦେଖଲା  । ଦେଖବାର କେ ପିଲା ବଢ଼ା ସୁନ୍ଦର ଥିଲା ମୋର ମନକେ ପାଏଲା । ସବୁ ସଜବତର ହେଲା ବିହାହେବାର ସମିଆ ଦିନ ଆସଲା । ଆମର ଘର ଲୋକବାକ ଗଜଗଜଉ ଛନ । ରାତି ବରାତି ଆସବାର ଅଛେ ଇ ସମିଆଥିଁ ବର ପିଲାଘରୁ ଜଣେ ଆସଲା ଆରୁ କହେଲା ବରପିଲା ଟୁକେଲ ଗୁଟେ ନେକରି ଉଦଲିହା ପଳେଇଗଲା । ମୋର ବୁଆ ତ ହସାଁ ଉଡିଗଲା ପାଗଲ ମାନକର ଲେଖେଁ ବିଲବିଲେଇ ହେଲା । ଯାହା କେ ଯାଣା ପାରଲା କହିବସଲା । ମତେ କିଏ ବିହା ହେବା ବଲି କାନ୍ଦି ବସଲା । ଇ ସମିଆ ଥି ଆମର ପରାର ଗୁଟେ ପିଲା ମୁଇଁ ବିହା ହେମି ବଲି କହେଲା । ମୋର ବୁଆ ହଁ କହେଲା ହେ ପରେ ଭି ସରମଙ୍ଗଲା ବାଲା ଥିଲା । ବିହାହେବାର ପହେଲା ପହେଲ ମୁଇଁ ବଢାସୁଖେ ଥିଲିଁ ଯେନ୍ତା ବଛରେ ହେଲା ମୋର ଛୁଆ ଗୁଟେ ଜନମ କଲି ମୁଇଁ ମାଁ ହେଲିଁ ମୋର ଉସତ କହନନି । ମୋର ସଂସାର ବଢ଼ା ସୁଖେ ଚାଲିଥିଲା କମାନି ଧମାନି ବଢିଆ ଚାଲିଥିଲା କେହେଲା କେ ଯାନେ ମୋର ଗୁସିଆଁ ଖାଲି ମଦପିଇ ବସଲା । କାହାର କଥା ନେଇ ସୁନଲା, ରାତି ଆସିକରି ମତେ ଖାଲି ମାରମି ପିଟମି ବଲି ବସିଲା ଆରୁ ତାମ ମନ ଯେନ୍ତା ଲାଗଲା ପଶୁ ମାନକର ଲେଖେଁ କରି ବସଲା । ମୋର ମାଁ, ବୁଆ, ଦାଦା ମାନକର ସାଁଗେ ମାର ହେଲା । ମୋତେ ସବୁବେଲେ ଛିର ଛାକର କରି ବସଲା । ମୋର ଉପରେ ସବୁ ବେଲେ ତାର ଜୋର ଚଲାଲା ଆରୁ ଗୁଟେ ଗୁଟେ କରି ପାଚଁଟା ଛୁଆ ଜନମ କରେଇ ବଏଲା । ପାଁଚ ପାଁଚଟା ଛୁଆକେ ଜନମ କରି ଗୁରସ ପିଏଇ

 Magazine Downloaded from www.aahwaan.com

ପିଏଇ ମୋର ରକତ ମାଉଁସ ସବୁ ସରିଗଲା । ମୋର ଇ ବୟସେ ଯେନଠାନେ ଗୁଟେ ଛୁଆକେ ପାଲବାର ମୁସକିଲ ଏ ହେନ ମୁଇଁ ପାଁଚ ପାଁଚଟା ପୁସୁଛେଁ । ମୁଇଁ ଯେତେ କହେଲେଁ ନେଇ ବଲେ କହେ ମୋର ଯେତେଟା ଛୁଆ ହେବେ ହେତେ କମାନି ହେବା ତୁଇଁ କାଣା ଜାନିଛୁଁ । ମୁଇଁ ମୋର ମୁନୁଷ ବଲି ସବୁ ସହେଲି ଛୁଆ ଜନମ କଲି ମୋର ରକତ କେ ଗୁରସ କରି ପାଲଲି । ଦେଖୁଛୁ ହେଟ ବଢ଼ଖା ଟା ଆରୁ ଇ ମୁଇ ପେଟ୍ ଲେଇଛେଟା ଛୁଆଟା । ବଢ଼ଖା ଟା କଜ ଆଠ ବରଷ ଆରୁ ସାନଟାକେ ବରଷେ ପିଇବାର ଟା ନେଇ ଛାଡ଼େତେଲ । ଦିନେ କାଣା ହେଲା ମୋର ବୁଆ କାଣା ଗୁଟେ କହିନେଲା ଯେ ମୋର ଘଏତା କେ ମୋର ବୁଆ । ମୋର ଘଏତା ମୋର ବୁଆ କେ ପିଟିନେଲା । ଗାଁ ଥି ମିଟିଂ ବସଲା ଆରୁ ଆମକୁ ଗାଁ ନୁ ଖେଦିନେଲେ ଆମର ଯାତି ପରେ ବଡ଼ ଲୁକକେ ପିଟଲେ ମାରଲେ ତାର ଲାଗି ଗାଁ ଥି ଠାନ ନେଇ । ଆମେ ହେତେ ଦିନୁ ଇ ଗାଁ ନୁ ସେ ଗାଁ ସେ ଗାଁନୁ ଇ ଗାଁ ହେଉଛୁନ ଥାନ ନେଇ ନ । ଦିନୁ ଦିନକେ ଇଏ ଯେତେ କମାନି କରୁଛେ ସବୁ କେ ମଦ ପିଇକରି ସାରି ନଉଛେ । ସରମଙ୍ଗଲା ବୁଲେଇ ଆଏଲା ବାଟେ ପିଇ କରି ପଲେଇ ଆସୁଛେ ଆମେ ଅଛୁ କି ନେଇ ଯେ ତାର ସୋର ଖବର କିଛି ନେଇ । ଇ ଛୁଆମାନେ ଖେବାର ପିଁବାର କେ ନେଇ ପେଇ କରି ସଢ଼ି ଗଲେନ । ମଦ ପିଇକରି ଆସି କରି ମତେ କେତନି କେତେ କେଚେକେଚା କରୁଛେ । ଘଜ ଘେ ମନ ଲାଗସି ଯେ ଇହାଦେ ବିଷ ମହରା ଖେଇକରି, ରସ୍‌ଶି ଲଗେଇ କରି ଉଚକି ହେଇ କରି ମରି ଯେତିଁ । ଫେର୍ ଇ ଛୁଆ ମାନକର ମୁହୁଁ କେ ଦେଖିଲେ ଘୁଚିବସସିଁ ମୁଇ ମରିଗଲେ ଜେ ଯତନ ନେବା ଇ ମାନକର । ଇମାନେ ତ ମୋର ସବୁ ଆନ ଆରୁ ତାକର ଲାଗି ମୁଇଁ ।

ଇ ସବୁ କହୁଛେ ଆରୁ ତାର ଆଖିଁ ନୁ ପେନ ନଦିର ଧାର ଲେଖେଁ ବାହାରୁଛେ । ମୋର ଆଖିଁର ପେନ ତରାତରା ହେଇଗଲା । ମତେ କହେଲା, ବାବୁରେ ତୁଇଁ ବିହା ବରପନ ଜ

 Magazine Downloaded from www.aahwaan.com

ଯାନବୁ କୁଟୁମ୍ କଲେ କାଣା ହେସି ଯେ ମୋତେ କଥା ତତେ ଘେ ଦୁଃଖ ଲାଗବା ତୋର ଉପରେ ପଡ଼ଲେ ଜିବନ ଥିବାର ତର ସୋର କରୁଥିବୁ । ତମର ଘରେ ଯଦି ଛୁଆକର ଫଟା ଟୁଟା ଅଲଗାଲା ପେଁଟ୍ କୂର୍ତ୍ତା ଅଛେ ବଏଲେ ଖନିଦେବୁ ଇ ଛୁଆମାନେ ପିନ୍ଧବେ । ମାହାପୁରୁ ତ ତତେ କେତେ ଧନ ଦେଇଛନ । ଇ ମାନେ ପିନ୍ଧବେ ବଙ୍ଗଲା ଭୁତଲା ହେଇ ବୁଲୁଛନ । ଆରୁ ତୋର ମାଁ କେ କହେବୁ ଯେ କାଏଲ ସଖାଲୁ ରାତିର ଅବିଳଲା ଫଖାଲ ଟିକେ ଦେବା ଅଏକ କରି ବନେଦିନ ହେଲାନ ନେଇ ଖେବାର ତେଲ । ମୁଁ ହଁ କହେଲି ଆରୁ କେଲକେ ସକାଲୁ ନେଇ ଆସବ ବଲି କହିକରି ପଲେଇ ଆସଲି । ମୁଇଁ ସେଠାନୁ ମନେ ମନେ ଭାବତେଲ ଆଏଲିଁ ସମିତା କାଏଁଟା ନି କରୁଛେଁ । ରାତି ଯେତେ ହେ ଛୁଆକର ଲାଗି ଅଲଗାଲା ପେଁଟ୍ ସାଟ ସବୁ ଗୁଟେ ମୁନା ଥିଁ ଭରି କରି ରଖଲି ଆରୁ ମୋର ମାଁ କେ କହେଲିଁ ପଖାଲ ଗୁଡ଼ାଦୁ ରଖି ନେବୁ ସେ ସରମଙ୍ଗଲା ବାଲାର କନିଆଁ ଆସଲେ ଦେଇନେବୁ ।

ସକାଲୁ ଉଠଲି ଆରୁ କାଠି ଗୁଟେ ଧରି କରି ବନକେ ଗଲିଁ । ଯେନ ଆଡ଼କେ ଦେଖଲେଁ ଲୋକ ଟୁରୁ ଫୁସୁ ହେଉଛନ । ମୁଁ ନେଇ ଜାନଲି କାଣା ହେଲାଯେ । ଯେତେବେଳେଁ ବନ୍ଦନୁ ଫିରଲି ଆରୁ ସେ ସାଟ୍ ପେଁଟକେ ଭରି ଥିବାର ମୁନାକେ ଧରି କରି ବଡ଼ାଉସରଥି ହଲେଇଁ ହଲେଁ ଯାଉଛେ । ମୋର ବବା ଗୁଟେ କେ ଦେଖଲିଁ କେନ କେ ଯଉଛୁଁ ହେ ଆଡ଼େ କେ ଯାନି ପୁଲିସ ଆସିଛନ ପଲେଇ ଆ । ମୁଇଁ ନେଇ ସନଲି ତାର କଥା ମତେ ରିସମି ହେଲା ଆରୁ କିଛି ନେଇ କହିକରି ପଲାଲା । ମୁଇଁ ମୋର ବାଟେ ଚାଲିଛେଁ । ପଡ଼ିଆ ନିକେ ପହୁଁଚିଲି । ପଡ଼ିଆ ଭରଭର ଲୋକ ମହୁଲ ତଲେଁ ସରମଙ୍ଗଲା ବାଲାର କୁରମା ଆଗାଡେ ଜହ ଭିଡ଼ । କାଣା ହଉଥିଲା ନେଇ ଯାନି ପାରଲି ଲୋକ ଗୁଟେ କେ ପଚରାଲି କାଣା ହେଇଛେଁ ବଲିଁ । ସରମଙ୍ଗଲା ବାଲାର କନିଆଁ ନରି ଯେଇଛେ ପରେ ବୋ । ମୋର ହାତଗୋଡ଼ ଥରିବସଲା ଧରିଥିଲି ମୁନା ପଡ଼ିଗଲା । କେନ୍ତା କରି ମରିଗଲା ବଲି ପଚରାଲି ସେ କହେଲା, ସରମଙ୍ଗଲା

 Magazine Downloaded from www.aahwaan.com

ବାଲା ପରେ ତାର ବଡ଼ ଛୁଆ ଟୁକେଲ କେ କାହାର ବିକି ନେଉଥିଲା । ହେଥିର ଲାଗି ତାର କନିଆ ସାଙ୍ଗେ ମାର ଲାଗଲେ ଆରୁ ସରମଙ୍ଗଲା ବାଲା ରାଗ ହେଇକରି କାଠ ଫାଲଥି ପିଟି ନେଲା ଯେ ମରିଗଲା । ମୁଇଁ ଆରୁ ସମଲେଇ ନେଇ ପାରଲିଁ, ଆରକୁ ମଲା ଦିହେକଜ ଦେଖବାର ଲାଗିଁ ଲୋକକୁଁ ଠେଲି ଠେଲି ମୁରଦାର ପାସକେ ପୁହୁଁଚ ଗଲି । ଯେନ୍‌ଟା ସେନ ଦେଖଲି ମୋର ମୁହୁଁ ନୁ ଆପେ ଆପେ ବାହରି ଗଲା ହଁ ଇ ଥିର ଲାଗିଥ ମା ବଲି ଗୁଟେ ମାହାପୁରୁ ଗଢ଼ିଛେଁ ।

ମୁରଦର ପଡିଛେଁ ଯେନତା ସେଟା ଆଏଜ ଗୁଟେ ନୁଆ ଜିବନ ପେଇଛେଁ ଦିନେ ମୁଡ୍ ସବୁ ଚକଚକେଇ ଯଉଛେ । ମୁହେଁ ତାର ମୁଲକୀ ହସିଁ ଯେନତା ସରଗର ସବୁ ସୁଖ ପେଇଛେଁ ବଲବ । ଆଏଁଖ ମୁଜିକରି ଯେନ୍ତା ଯୁଗଯୁଗ ପରେ ଆଏଜ ସୁଇଛେଁ । । ମୁରଦାର ପାଖେ ପାଖେ ପାଁଚ ହି ଛୁଆ ବସିଛନ । ବଡ଼ଖଟା ଡଗ ଡଗ ଖାଲି ମୁହୁଁ କେ ଦେଖୁଛନ ଆରୁ ତିନଟା ରାତିର ଭାର ହେଣ ଯେନଟା ମାରହେଲା ବେଲେ ପଢିଛେ ଖଉଛନ । ଆଉ ସବୁଥୁରୁ ସାନଟା ମୁରଦାର ଉପରେ ବସିକରି ଗୁରସ ପିଇବାର କାନ୍ଦୁଛେ । ଘେନେ ଛନକେ ଯେଇ କରି ଥନେ ମୁହେ ଘିଛି ଦେଖୁଛେ ଗୁରସ ବାହାରୁଛେ ନି ନେଇ ପଲେଇ ଆସୁଛେ । ସତେ ଯେନ୍ତା ମରିଗଲା ଉତାରୁ ବି ସେ ମାଁ ତାର ଛୁଆକେ ଗୁରସ ପିଅଉଛେ । ଆରୁ ମନା ମୁହେଁ ମୁଲ୍ ମୁଲ୍ ହସୁଛେ ।

ତାରତାର ଯେନ୍ତା କହିହେଉଛେଁ ମୁଇଁ ପରେ ମାଁ ଏଁ । ମୋର ଜୀବନ ଥିବାର ତକ ମୁଇଁ ମୋର ଛୁଆର ଲାଗି ମରିଗଲା ଉତାରୁ ଭିଁ ତାକର ଲାଗି । ସବୁଦିନେ ମୋର ଛୁଆପୁତା ସୁଖ ରହୁନ । ଇ ସବୁ ମନେ ଭାବି ଦେଖିକରି ମୋର ମୁହୁଁ ନୁ ବାହାରି ଆଏଲା । ହେ ମାହାପୁରୁ ଇ ଧରତି ଥି ଯେତେ ଜିଁଇଲା ଲୋକ ଅଛନ ସମକୁ ମାଁ ଦେ ଆରୁ ତାର ମୁହେଁ ସବୁବେଲେ ହଁସି ଲଗଡ଼ା ମାରୁଥଉ ।

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

Magazine Downloaded from www.aahwaan.com

# ବିତର୍କିତ ରାମସେତୁ ବନାମ ଶ୍ରୀରାମ



ଡ: ଲକ୍ଷ୍ମଣ ସାହୁ

କିଛି ଦିନ ତଳେ ବିଭିନ୍ନ ଗଣମାଧ୍ୟମରେ ରାମସେତୁ ଓ ରାମଙ୍କୁ ନେଇ ବିତର୍କ ଘଟିଥିଲା । ଯୁକ୍ତିଥିଲା ପୁରାଣବର୍ଣ୍ଣିତ ରାମସେତୁବନ୍ଧ କେତେ ଦୂର ସତ୍ୟ, ଶ୍ରୀରାମ ସ୍ୱୟଂ ଅବତାରୀ ପୁରୁଷ ନା ସାଧାରଣ ମଣିଷ, ଯାହାଙ୍କୁ ନେଇ ଇତିହାସ କାଳକ୍ରମେ ପୁରାଣ ପାଲଟି ଯାଇଛି । ବାଲ୍ମିକୀ କ'ଣ ସତରେ ରାମ ଜନ୍ମଠାରୁ ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ ପାଖେ ପାଖେ ରହି ସବୁ ଟିକିନିଖି ବିବରଣୀ ଲେଖୁଥିଲେ, ଏସବୁ କହିବାର ମୂଳ ଉଦ୍ଦେଶ୍ୟ ଯାହା ହେଉନା କାହିଁକି ତର୍କ କରି କାହାର ଆଧ୍ୟାତ୍ମିକ ବିଶ୍ୱାସକୁ ଆଘାତ ଦେବା ଉଚିତ୍ ନୁହେଁ, ସହସ୍ର ବର୍ଷତଳେ ରାମ ସେତୁବନ୍ଧ ନିର୍ମାଣ ବେଳେ ପଥର ଭାସିବା ମିଥ୍ୟା ହେଉ ଅବା ଅଲୌକିକ ସତ୍ୟ ହେଉ, ବିଜ୍ଞାନର ତଥ୍ୟକୁ ନେଇ ଏହା ଅମୂଳକ ବୋଲି କୁହାଯାଇ ନପାରେ, ବା କୁହାଗଲେ ବୈଜ୍ଞାନିକ ତଥ୍ୟର ପ୍ରମାଣକୁ ଗ୍ରହଣ କରାଯାଇପାରେ । ଗୋଟିଏ ଲୋକଭିତ୍ତିକ ପ୍ରବଚନ ଅଛି, "ବିଶ୍ୱାସେ ମିଳନ୍ତି ହରି, ତର୍କେ ବହୁଦୂରେ ।"

ରାମାୟଣ ଏକ କାଳ୍ପନିକ ମହାକାବ୍ୟ ନୁହେଁ, ଏହା ଭାରତୀୟ ଜୀବନ ଓ ସଂସ୍କୃତିର ଇତିହାସ । ରାମ କେବଳ ଏହାର ମୁଖ୍ୟନାୟକ ନୁହଁନ୍ତି, ବରଂ ସେ ଜଣେ ଆଦର୍ଶ ମର୍ଯ୍ୟାଦାବନ୍ତ ପୁରୁଷ ଭାବରେ ଭାରତୀୟ ମାନଙ୍କ ହୃଦୟରେ ଯୁଗ ଯୁଗ ଧରି ଜୀବନ୍ତ ଥାଇ ଭାରତୀୟ ମାନଙ୍କ ଆଧ୍ୟାତ୍ମିକ ଜୀବନକୁ ନିୟନ୍ତ୍ରଣ କରି ଆସୁଛନ୍ତି । ସେତୁବନ୍ଧ 'ରାମରାଜ୍ୟ' ସ୍ଥାପତ୍ୟର ଏକ ଜ୍ୱଳନ୍ତ ସଙ୍କେତ । ଲଙ୍କାଗଡରୁ ରାବଣର କବଳରୁ ମା' ସୀତାଙ୍କୁ ଉଦ୍ଧାର ନିମନ୍ତେ ରାମଙ୍କ ପରିକଳ୍ପିତ ଏ ସେତୁବନ୍ଧର ନିର୍ମାଣ । ବାଲ୍ମିକୀ ରାମାୟଣରେ ଉଲ୍ଲେଖ ଅଛି

 Magazine Downloaded from www.aahwaan.com

ହନୁମାନ ରାମନାମ ତୁଣ୍ଡରେ ଜପକରି ଲୋମେ ଲୋମେ ପାହାଡ ଟେକି ଆଣି ସମୁଦ୍ରରେ ପକାଇଲା, କିନ୍ତୁ ପର୍ବତ ନ ଭାସିବାରୁ ଏଥିରେ ରାମଚନ୍ଦ୍ର କ୍ରୋଧାନିତ୍ୱ ହୋଇ ଶର ମାରି ସମୁଦ୍ରକୁ ଶୁଖାଇ ଦେଲେ, ବରୁଣ ରାମଙ୍କ ଶରଣଗତ ହୋଇ ପଥର ଭସାଇବାର ପ୍ରତିଶୃତି ଦେବାଫଳରେ, ମନୁଷ୍ୟଛଡା ସତ୍ୟ, ନ୍ୟାୟ, ଧର୍ମର ପକ୍ଷପାତୀ କରୁନଥିବା ଜୀବଜନ୍ତୁ ଭଲ୍ଲୁକ, ବାନର ଆଦି ସେତୁ ନିର୍ମାଣ ଲାଗିଥିଲେ, ଏପରିକି ଗୋଟିଏ ଗୁଣ୍ଡୁଚିମୂଷା ସେତୁବନ୍ଧ ପକାଇରେ ସାହାଯ୍ୟ କରିଥିଲା । ଲଙ୍କାର ରାବଣ ରାମଙ୍କ ସେତୁକୁ ବାରମ୍ବାର ଭାଙ୍ଗିଦବାରୁ ଶେଷରେ ଶ୍ରୀରାମ ରାବଣର ଇଷ୍ଟଦେବତା ଶିବଲିଙ୍ଗ ସ୍ଥାପନା କରି ସେତୁବନ୍ଧ ନିର୍ମାଣ କରିଥିଲେ ।

ସେତୁ ଯାହାକୁ ସାଧାରଣ ଅର୍ଥରେ ପୋଲ କୁହାଯାଏ । ଅନ୍ୟ ଅର୍ଥରେ ଏକରେ ଏକ ମିଳନକୁ ସେତୁ ବୁଝାଇଥାଏ । ରାମଚରିତ ମାନସରେ ସ୍ୱୟଂ ରାମଙ୍କ ନାମକୁ ସେତୁ ବୋଲି ବୁଝା ଯାଇଛି । କାରଣ, ଯେତେବେଳେ ଶ୍ରୀରାମଚନ୍ଦ୍ର ତାଙ୍କର ମନ୍ତ୍ରୀମାନଙ୍କୁ ଡାକି କହିଲେ, ବିଳମ୍ବ ନକରି ସେତୁ ନିର୍ମାଣ କର, ସେନାମାନେ ପାର ହେବେ, ସେତେବେଳେ ଜାମ୍ବବାନ ହାତ ଯୋଡି କହିଲେ, ହେ ଭାନୁକେତୁ ପ୍ରଭୁ ଶ୍ରୀରାମ ଶୁଣନ୍ତୁ, ହେ ନାଥ, ସବୁଠାରୁ ବଡ ସେତୁ ତ ଆପଣଙ୍କ ନାମ, ଯାହାଙ୍କ ନାମ ଆଶ୍ରୟରେ ମାନବ ସଂସାର ରୂପକ ସମୁଦ୍ର ପାର ହୋଇ ଯାଆନ୍ତି : ରାମଚରିତ ମାନସରେ-

'ସୁନହୁ ଭାନୁକୁଲ କେତୁ ଜାମବନ୍ତ କର ଜୋରି କହ
ନାଥ ନାମ ତବ ସେତୁ ନର ଚଢି ଭବସାଗର ତରହିଁ ।'

ଶେଷରେ ଜାମ୍ବବାନ ନଳ ଓ ନୀଳ ଦୁଇଭାଇଙ୍କୁ ଡକାଇ ମନରେ ପ୍ରଭୁ ଶ୍ରୀରାମଙ୍କ ମହିମା କଥା ସ୍ମରଣ କରି ସେତୁ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇ ପୁର୍ନବାର କହିଥିଲେ, ପ୍ରଭୁ ଶ୍ରୀରାମଙ୍କ ପ୍ରତାପ ଯୋଗୁ ତୁମ୍ଭଙ୍କୁ ଟିକିଏ ବି ପରିଶ୍ରମ ପଡିବ ନାହିଁ । ଏପରିକି

 Magazine Downloaded from www.aahwaan.com

ବାନରମାନଙ୍କୁ ଡକାଇ କହିଲେ ହୃଦୟରେ ଶ୍ରୀରାମ ଚରଣ କମଳ ଧ୍ୟାନ କରି ପର୍ବତମାନ ଉପାଡି ଆଣି ସେତୁ ନିର୍ମାଣରେ ନଳ ନୀଳଙ୍କୁ ଦିଅ, ଜାମ୍ବବାନଙ୍କ ନିର୍ଦ୍ଦେଶ ପାଇ ବାନର ଓ ଭଲ୍ଲୁକମାନେ ଉଚ୍ଚ ଉଚ୍ଚ ପର୍ବତ ଓ ବୃକ୍ଷମାନ ଉପାଡି ନଳ ନୀଳଙ୍କୁ ଦେବାରୁ, ସେ ଦୁହେଁ ଉତ୍ତମ ଭାବରେ ସେତୁ ନିର୍ମାଣ କରିଥିଲେ । ରାମଚରିତ ମାନସରେ :

'ଅତି ଉତଙ୍ଗ ଗିରି ପାଦପ ଲୀଲହିଁ ଲେହି ଉଠାଇ
ଆନି ଦେହି ନଲ ନୀଲହି ରଚହିଁ ତେ ସେତୁ ବନାଇ ।'

ରାମସେତୁ ସମ୍ପର୍କରେ ବାଲ୍ମିକୀ ରାମାୟଣରେ ଉଲ୍ଲେଖ ଅଛି ରାମଚନ୍ଦ୍ର ତିନିଦିନ ପର୍ଯ୍ୟନ୍ତ ଧାରଣା ଦେବା ପରେ କ୍ରୋଧାନିତ୍ୱ ହୋଇ ସମୁଦ୍ର ଶୁଖାଇବା ପାଇଁ ବୈଷ୍ଣବାସ୍ତ୍ରର ସନ୍ଧାନ କରିଥିଲେ । କିନ୍ତୁ ସଂସ୍କୃତ ମହାଭାରତର ରାମ ଉପଖ୍ୟାନରେ ବର୍ଣ୍ଣନା ଅଛି ରାମଚନ୍ଦ୍ର ବିଶ୍ୱକର୍ମାସୁତ ନଳର ଚମତ୍କାର ଶକ୍ତି ବଳରେ ପଥର ଜଳରେ ଭାସିବା ପାଇଁ ସ୍ୱପ୍ନ ଦେଖିଥିଲେ । ଯାହା ଫଳରେ ନଳଙ୍କୁ ଡାକି ସେତୁବନ୍ଧ ନିର୍ମାଣର ଦାୟିତ୍ୱ ଅର୍ପଣ କରିଥିଲେ ଓ ଶ୍ରୀରାମଙ୍କ ଆଜ୍ଞାରେ ନଳ ପ୍ରତ୍ୟେକଟି ପଥରେ ପ୍ରଭୁଙ୍କ ନାମଲେଖି ପଥର ସମୁଦ୍ରରେ ପକାଇବାରୁ ତାହା ଭାସମାନ ଥିଲା । ଯଦିଓ ଏହା କାବ୍ୟିକ ଅତିରଞ୍ଜନ ହୋଇପାରେ, ତା ସତ୍ତ୍ୱେ ବି ଏଥିରେ ଐତିହାସିକ ସତ୍ୟତା ନିହିତ ଅଛି ।

ଏପରିକି ଲଙ୍କାସାଗର ଓ ସେତୁର ଦୃଶ୍ୟକୁ କାଳିଦାସଙ୍କ ତାଙ୍କ ରଘୁବଂଶ କାବ୍ୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି । ରାମଚନ୍ଦ୍ର ପୁଷ୍ପକଯାନରେ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ସମୁଦ୍ର ଭିତରେ ସ୍ୱନିର୍ମିତ ସେତୁର ମନୋହର ଦୃଶ୍ୟରାଶିକୁ ଦର୍ଶାଇ ସୀତାଙ୍କୁ କହିଥିଲେ-

'ବୈଦହୀ, ପଶ୍ୟାମଳୟାତ୍ ବିଭକ୍ତମ୍
ମତ୍ ସେତୁନା ଫେନିଳମମ୍ବୁରାଶିମ୍

 Magazine Downloaded from www.aahwaan.com

ଛାୟାପଥେନେବ ଶରତ୍ ପ୍ରସନ୍ନମ୍

ଆକାଶମାବିଷ୍କୃତ ଚାରୁତାରମ୍ ।'

ଏହାକୁ ଅନୁବାଦ କରି ଭକ୍ତ କବି ମଧୁସୂଦନ ଉଲ୍ଲେଖ କରିଛନ୍ତି ।

'ବିଦେହନନ୍ଦିନୀ; ଦେଖ ମଳୟ ପର୍ଯ୍ୟନ୍ତ

ବିଭକ୍ତ ସେତୁରେ ମୋର ସିନ୍ଧୁ ଫେନବନ୍ତ ।

ଯେସନେ ଶରଦେ ଚାରୁ ତାରା ବିମଣ୍ଡିତ

ଗଗନେ ଦିଶଇ ଛାୟାପଥେ ଦ୍ୱିଖଣ୍ଡିତ ।'

ପ୍ରଭୁ ଶ୍ରୀରାମଙ୍କ ମହିମାରେ ସମୁଦ୍ରରେ ଲହରୀର ଉଦବେଳନ ନାହିଁ, ସ୍ଥିର ନିଥର ଶାନ୍ତ ଲବଣାମ୍ବୁରାଶି । ସମୁଦ୍ରରେ ଖଣ୍ଡ ବିଖଣ୍ଡିତ ଏକ ଅସ୍ପଷ୍ଟ ରେଖା ଦିଗ୍ୱଳୟକୁ ଭେଦ କରିଥିବା ସ୍ପଷ୍ଟ ଦୃଷ୍ଟିକୁ ଆସେ । କହିବାକୁ ଗଲେ, ସେତୁର ପୂର୍ବ ଗୌରବ ଏବେ କ୍ଷୁଣ୍ଣ, ମନୋରମ ସୌନ୍ଦର୍ଯ୍ୟ ମଳିନ ପଡିଛି । ଏହା ବର୍ତ୍ତମାନ ବହୁ କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପରେ ବିଭକ୍ତ ହୋଇଯାଇଛି, କେବଳ ମଧ୍ୟେ ମଧ୍ୟେ ଗଭୀର ଲବଣାକ୍ତ ଜଳରାଶି ବିସ୍ତାର ଲାଭକରିଛି । ରାମେଶ୍ୱର ଠାରୁ ମାନ୍ନାର ପର୍ଯ୍ୟନ୍ତ ଏହି ସେତୁଟିର ଦୈର୍ଘ ୬୦ ମାଇଲ୍ ପର୍ଯ୍ୟନ୍ତ ବିସ୍ତୃତ । ଏପରିକି ମାଣ୍ଡାପମ୍ ଠାରୁ ପାମ୍ୱାନ ପର୍ଯ୍ୟନ୍ତ ୨ ମାଇଲ୍ ବିସ୍ତୃତ ଥିବା ଏକ ଜଳମଗ୍ନ ପାହାଡ ରହିଛି ଓ ଏହି ପର୍ବତଟି ଗନ୍ଧମାଦନର ଅଂଶ ବୋଲି ଜନଶ୍ରୃତିରେ ରହିଛି । ସମୁଦ୍ର ଭଟ୍ଟା ସମୟରେ ଏହା ଉପରେ ଲୋକମାନେ ଯାତାୟାତ କରୁଥିଲେ । ପାମ୍ୱାନରୁ ୨ ମାଇଲ୍ ଦୂରରେ ୧୧ ମାଇଲ ଦୀର୍ଘ ଓ ୬ ମାଇଲ ପ୍ରସ୍ଥ ବିସ୍ତୃତ ରାମେଶ୍ୱର ଦ୍ୱୀପ ରହିଛି, ଏଠାରେ ୧୬ ମାଇଲ ଭଗ୍ନ ସେତୁଟିର ଭଟ୍ଟା ସମୟରେ ବାଲି ଓ ପଥର ଗୁଡିକୁ ଦେଖିବାକୁ ମିଳେ । ପୁନଶ୍ଚ ୧୯ ମାଇଲ୍ ଦୀର୍ଘ ଓ ୨୪ ମାଇଲ ବିସ୍ତୃତ ମାନ୍ନାର ଦ୍ୱୀପ ରହିଛି, ଯାହା ଏବେ ଜନବସତିରେ ପୂର୍ଣ୍ଣ । ଏହି ଦ୍ୱୀପପୁଞ୍ଜରୁ ଲଙ୍କା ଆରମ୍ଭ ହୋଇଛି । କୁହାଯାଏ ପୂର୍ବେ ଏହି

 Magazine Downloaded from www.aahwaan.com

ସେତୁ ଉପର ଦେଇ ଭାରତରୁ ଲଙ୍କା ପର୍ଯ୍ୟନ୍ତ ଲୋକମାନଙ୍କ ଯିବା ଆସିବା ଥିଲା, ଏପରିକି ଏହି ପଥଦେଇ ଲଙ୍କାବାସୀ ଭାରତ ଆକ୍ରମଣ କରିଥିବା ଜଣାଯାଏ । ୧୪୮୪ ଖ୍ରୀଷ୍ଟାବ୍ଦରେ ଭୀଷଣ ଝଞ୍ଜାଜନିତ ପ୍ରଳୟ ତରଙ୍ଗାଘାତରେ ସେତୁଟି ଭଗ୍ନରୂପରେ ପରିଣତ ହୋଇଛି ଓ ସେହି ଦିନରୁ ଲଙ୍କାଠାରୁ ଭାରତର ଗମନାଗମନ ସୁବିଧା ବିଚ୍ଛିନ୍ନ ହୋଇପଡିଛି ।

ଜନଶ୍ରୃତି ଓ ଲୋକବିଶ୍ୱାସ ଅଛି ଯେ, ଲଙ୍କା ଯୁଦ୍ଧର ଅବସାନ ପରେ ପରେ ଏହି ସେତୁ ଉପରେ ଶ୍ୱାନାଦି ଜୀବ ଗମନାଗମନ କରିବା ଫଳରେ ରାମଙ୍କ ପ୍ରତିଷ୍ଠିତ ପବିତ୍ର ସେତୁ ଓ ମହାତୀର୍ଥ ସମୁଦ୍ର ଜଳ ଅପବିତ୍ର ହେବାରୁ ବରୁଣ ପ୍ରଭୁ ଶ୍ରୀରାମଙ୍କ ନିକଟରେ ଗୁହାରି କରିଥିଲେ । ଯାହାଫଳରେ ପ୍ରଭୁ ଶ୍ରୀରାମ ଏହାର ପ୍ରତିକାର ସ୍ୱରୂପ ସେତୁଟିକୁ ଶରାଘାତ ଦ୍ୱାରା ଛିନ୍ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଓ ଭାତୃ ଭକ୍ତ ଲକ୍ଷ୍ମଣ ତାହା ତତକ୍ଷଣାତ୍ ପାଳନ କରିଥିବାର କିମ୍ବଦନ୍ତୀ ରହିଛି ।

ଇଂରେଜମାନେ ଏହି ସେତୁର ନାମ Adam's bridge ନାମରେ ନାମିତ କରିଥିଲେ । ପୁରାଣ ବର୍ଣ୍ଣିତ ଓ ଆଧ୍ୟାତ୍ମକ ବିଶ୍ୱାସାନୁଯାୟୀ ଭାରତରୁ ଲଙ୍କା ପର୍ଯ୍ୟନ୍ତ ଏହି ସେତୁ ମଧ୍ୟରେ ୨୪ ଟି ପବିତ୍ର ତୀର୍ଥ ରହିଛି । ଏହି ତୀର୍ଥ ଗୁଡିକ ମଧ୍ୟରେ ଚକ୍ର ତୀର୍ଥ, ପାପ ବିନାଶକ ତୀର୍ଥ, ସୀତାସର ତୀର୍ଥ, ହନୁମତ୍ ତୀର୍ଥ, ଅଗସ୍ତ୍ୟ ତୀର୍ଥ, ଶ୍ରୀରାମ ତୀର୍ଥ, ଶ୍ରୀଲକ୍ଷ୍ମଣ ତୀର୍ଥ, ଜଟା ତୀର୍ଥ, ଚକ୍ର ତୀର୍ଥ, ଗଙ୍ଗା ତୀର୍ଥ, ଯମୁନା ତୀର୍ଥ, କୋଟି ତୀର୍ଥ ଓ ଧନୁଷ୍କୋଟୀ ତୀର୍ଥ ଆଦି ବହୁ ପବିତ୍ର ତୀର୍ଥ ଭାରତୀୟ ମାନଙ୍କ ଅବା ହିନ୍ଦୁମାନଙ୍କ ଆଧ୍ୟାତ୍ମିକ ବିଶ୍ୱାସକୁ ଜାବୋଡି ଧରିଛି । ରାମାୟଣ ଆଧାରିତ ଏ ସବୁ ତୀର୍ଥଗୁଡିକର ଉତ୍ପତ୍ତି ସମ୍ପର୍କରେ ଗୋଟିଏ ଗୋଟିଏ ସୁନ୍ଦର କିମ୍ବଦନ୍ତୀ ମୂଳକ କାହାଣୀ ପ୍ରଚଳିତ ଅଛି । ଏସବୁ ତୀର୍ଥ ବ୍ୟତିତ ଏହି ରାମସେତୁରେ ୧୭ଟି ଉପତୀର୍ଥ ମଧ୍ୟ ରହିଛି । ନିଃସ୍ୱାର୍ଥପର ଭାବରେ ଶ୍ରୀରାମଙ୍କୁ ସେତୁବନ୍ଧ ନିର୍ମାଣରେ ସାହାଯ୍ୟ କରିଆସିଥିବା ତଥା ତାଙ୍କର ପରମ ଭକ୍ତ ପାଲଟି ଥିବା ରାମଙ୍କ ବିଭିନ୍ନ ସେନାପତି ଓ

 Magazine Downloaded from www.aahwaan.com

ସୈନ୍ୟମାନଙ୍କ ନାମରେ ଅନେକ ଉପତୀର୍ଥ ରହିଛି, ଯାହାକୁ ଦର୍ଶନ କଲେ ସର୍ବପାପ କ୍ଷୟ ହୁଏ ଓ ମାନବ ଜନ୍ମରୁ ମୁକ୍ତି ମିଳେ । ଅଦ୍ୟାପି ସେହି ପବିତ୍ର ସେତୁର ତୀର୍ଥ ଦେବାଦେବୀଙ୍କର ରକ୍ଷଣାବେକ୍ଷଣ ଓ ସମସ୍ତ ପୂଜାର ବ୍ୟବସ୍ଥା ସେଠାକାର ରାଜାମାନେ ବଂଶାନୁକ୍ରମେ କରି ଆସୁଥିବା ଜଣାଯାଏ । ତାସତ୍ତ୍ୱେ ଏହି ତୀର୍ଥମାନଙ୍କ ଭିତରେ ଧନୁଷ୍କୋଟୀ ତୀର୍ଥ ପ୍ରଧାନ । କାରଣ ରାବଣର ବଧ ପରେ ରାକ୍ଷାସମାନେ ଯେପରି ଭାରତକୁ ଆସି ନପାରନ୍ତି, ସେଥିପାଇଁ ଶ୍ରୀରାମ ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ସେହି ସ୍ଥାନକୁ ଧନୁର କୋଟୀରେ କର୍ତ୍ତନ କରିବାକୁ । ଫଳରେ ଭାଇଙ୍କ ଆଦେଶରେ ଲକ୍ଷ୍ମଣ ସେତୁବନ୍ଧର ସେହି ସ୍ଥାନକୁ ଧନୁର କୋଟୀରେ କର୍ତ୍ତନ କରିଥିବାରୁ ତାହାକୁ ଧନୁଷ୍କୋଟୀ ତୀର୍ଥ କୁହାଯାଇଥିବା ଜନଶ୍ରୃତି ରହିଆସିଛି ।

ରାମାୟଣ ପ୍ରସିଦ୍ଧ ଏହି ଲଙ୍କା କେବଳ ଭାରତବାସୀଙ୍କ ପାଇଁ ପରିଚିତ ନୁହେଁ ତାହା ବିଶ୍ୱ ପରିଚିତ । ସିଂହହନ୍ତା ସିଂହ ବାବୁଙ୍କ ପୁତ୍ର ବିଜୟ ସିଂହଙ୍କ ନାମାନୁଯାୟୀ ଏହାର ନାମ ସିଂହଳ ରଖାଯାଇଛି । କିନ୍ତୁ ପାଶ୍ଚାତ୍ୟ ଦେଶବାସୀଙ୍କ ନିକଟରେ ଲଙ୍କା ବା ସିଂହଳ ସିଲୋନ୍ ନାମରେ ପରିଚିତ ହୋଇଆସିଛି । ସେଦିନର ଦଶାନନ ରାବଣର ଥିବା ସ୍ୱର୍ଣ୍ଣମୟ ଲଙ୍କା ଆଜି ଆଉ ନାହିଁ । ଏହାର ୧୧/୧୨ ଅଂଶ ପ୍ରଳୟ ସମୁଦ୍ର ଗର୍ଭରେ ବୁଡିଯାଇଛି । ଏପରିକି ୧୫୦୦ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରଭୁ ଶ୍ରୀରାମ ନିର୍ମିତ ସେତୁବନ୍ଧ ଉପରେ ଜନସାଧାରଣଙ୍କ ଯାତାୟାତ ଥିଲା । କୁହାଯାଏ ଅତ୍ୟାଧିକ ଝଞ୍ଜା ଓ ତରଙ୍ଗାଘାତରେ ଏହି ରାମସେତୁ ଭଗ୍ନ ଓ ଜଳମଗ୍ନ ପାଲଟିଗଲା । ଯାହାଫଳରେ ସେହି ଦିନଠାରୁ ଲଙ୍କା ଭାରତ ଭୂମିରୁ ପ୍ରାକୃତିକ ଭାବରେ ବିଚ୍ଛିନ୍ନ ହୋଇ ପଡିଛି ।

ରାମାୟଣର ରାମସେତୁ ସତ କି ମିଛ, ରାମଙ୍କ ଅଲୌକିକ ପ୍ରତାପରେ ଜଳରେ ପଥର ଭାସିବା ସତ୍ୟ କି ମିଛ, ରାମଙ୍କୁ ବିତର୍କ ମଧ୍ୟକୁ ଠେଲିଦେବା ଭାରତ ଭଳି ଏକ ଧର୍ମ

 Magazine Downloaded from www.aahwaan.com

ନିରପେକ୍ଷ ରାଷ୍ଟ୍ରରେ ପ୍ରଶ୍ନ ଉଠାଇବା ଶୋଭା ପାଏନାହିଁ । କାହାପାଇଁ କୋରାନ୍ ଯେତିକି ସତ୍ୟ ଆଉ ପବିତ୍ର, କାହାଲାଗି ବାଇବେଲ୍ ଯେତିକି ସତ୍ୟ ଓ ପବିତ୍ର ହୁଏ, ଠିକ୍ ସେଭଳି କାହା ପାଇଁ ଏ ରାମାୟଣ ସତ୍ୟ ଓ ପବିତ୍ର ପାଲଟି ଯାଏ । ଏହାକୁ କେବେ କବିର ଅତିରଞ୍ଜନ କଳ୍ପନା କହିବା ଯଥାର୍ଥ ନୁହେଁ । ହୁଏତ ରାମସେତୁ ବିଜ୍ଞାନ ସମ୍ମତ ହୋଇପାରେ ବା ହୋଇ ନପାରେ, ତଥାପି ଅଲୌକିକ ଶକ୍ତିର ପ୍ରତାପକୁ କେବେ ଅସ୍ୱୀକାର କରିପାରେ ନାହିଁ । ଯେଉଁମାନେ ରାମସେତୁ ପଥର ଭାସିବା ଉପରେ ପ୍ରଶ୍ନବାଚୀ କରନ୍ତି, ତାହା ବିଜ୍ଞାନ ସମ୍ମତ ହୋଇଥାଇ ପାରେ, ସେମାନେ ଟୋପାଏ ଜଳ ସୃଷ୍ଟି କରିପାରନ୍ତି, କିନ୍ତୁ ଗୋଟିଏ ସମୁଦ୍ର ଜଳ ସୃଷ୍ଟି କରିପାରନ୍ତି ନାହିଁ, ପ୍ରକୃତିର ଶକ୍ତି ପାଖରେ ସମସ୍ତେ ହାରମାନିବେ ।

ତଥାପି ଏ ରାମସେତୁ ଐତିହାସିକ ସତ୍ୟ ହେଉ ଅବା ପୌରାଣିକ କଳ୍ପିତ ଇତିକଥା ହେଉ, ଏହି ରାମସେତୁ ନିର୍ମାଣ ପାଇଁ ଶ୍ରୀରାମଙ୍କ ପ୍ରତି ହନୁମାନ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ, ନଳ, ବିଭୀଷଣ, କପି ସୈନ୍ୟ ଓ ଭଲ୍ଲୁକ ସୈନ୍ୟ ଆଦି ବିନା ସ୍ୱାର୍ଥରେ କରିଥିବା ଉପକାରର ତୁଳନା ନାହିଁ । ଗୁଣ୍ଡୁଚି ମୂଷା ସେତୁବନ୍ଧ ବେଳେ ନିଜ ଶରୀରରେ ଧୂଳି ବୋଳି ହୋଇ ବନ୍ଧ ଉପରେ ଝାଡି ସମତୁଲ କରିବା ଅପୂର୍ବ ଦୃଶ୍ୟ ଓ ପ୍ରଭୁ ଶ୍ରୀରାମ ଗୁଣ୍ଡୁଚି ମୂଷାର ଉପକାରର ପ୍ରତିଦାନରେ ତା'ର ପୃଷ୍ଠଦେଶରେ ସ୍ନେହରେ ଆଙ୍କି ଦେଇଥିବା ତିନୋଟି ରେଖା ଜନଶ୍ରୁତିରେ ତାହା ସ୍ମରଣୀୟ ହୋଇ ରହିଛି । ଏହାର ସତ୍ୟତା ଅଧିକ ଗବେଷଣା ସାପେକ୍ଷକୁ ଅପେକ୍ଷା ରଖେ ।

ଅଧ୍ୟାପକ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ,
ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ,
ଦୂରଭାଷ : ୯୪୩୭୭୪୦୨୮୦

 Magazine Downloaded from www.aahwaan.com

# ଭଗବାନ କେଉଁଠି ?



କୃଷ୍ଣ ଦାସ

ଆଧ୍ୟାତ୍ମିକ ମାର୍ଗ ହେଉ ଅବା ବିଜ୍ଞାନ ଯୁଗ, ଉନ୍ନତି ପଥରେ ଅନେକ ପ୍ରଶ୍ନ ମଣିଷ ଭିତରେ ସ୍ୱତଃ ଉଙ୍କି ମାରେ । ଆଜି ମଣିଷ ଏହି ଖୋଜିବାର ପ୍ରୟାସରେ ଅତ୍ୟାଧୁନିକ ତଥା ବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ପହଞ୍ଚିଛି । ଆଜି ଭଗବାନଙ୍କ ସ୍ଥିତିକୁ ନେଇ ଅନେକ ଯୁକ୍ତି ତର୍କ ଚାଲିଛି । କିନ୍ତୁ ଅନେକ ବିଜ୍ଞ ବ୍ୟକ୍ତିଙ୍କ ଠାରୁ ଏହାର ହୃଦୟସ୍ପର୍ଶୀ ଉତ୍ତର ମିଳେ ନାହିଁ କିମ୍ବା ପ୍ରଶ୍ନବାଚି ବ୍ୟକ୍ତି ଆତ୍ମସନ୍ତୋଷ ପାଏ ନାହିଁ । "ଭଗବାନ କେଉଁଠି ଅଛି ଦେଖାଇଦିଅ, ଦେଖି ଡ଼ାକିଲ ଆସିବେ, ଯଦି ଚତୁଃପାର୍ଶ୍ୱରେ ସବୁଠି ବିଦ୍ୟମାନ ।" ଏହା ଆଜିର ୯୯ ପ୍ରତିଶତ ଲୋକଙ୍କର ପ୍ରଶ୍ନ ଓ ଉପହାସ ।

ଯଦି ମଣିଷ ନେଉଥିବା ନିଃଶ୍ୱାସକୁ ଦେଖାଇପାରେ ନାହିଁ, ଯାହା ବଂଚିବାରେ ପ୍ରତିଟି ମୁହୂର୍ତ୍ତରେ ସାହାଯ୍ୟ କରେ, ତାହାଲେ ସେହି ଅଦୃଶ୍ୟ ସ୍ରଷ୍ଟାକୁ ଦେଖିବା କଣ ଏତେ ସହଜ ? ଏହା ଉପରେ ବହୁ ପ୍ରସଙ୍ଗ ଆଲୋଚନା ହେଇଛି, କେଉଁଠି କମ କ୍ୱଚିତ ଏହାର ପ୍ରମାଣ ମଧ୍ୟ ମିଳିଛି । କିନ୍ତୁ ଆମେ ପ୍ରତିଟି ମଣିଷ ଏହା କରିପାରୁ ନାହୁଁ, ସେଥିପାଇଁ ଆମକୁ ଏହା ଅସମ୍ଭବ ଓ ମିଥ୍ୟା ଲାଗେ ।

ଏକଦା ବିଶ୍ୱର ମହାନ ପୁରୁଷ ସ୍ୱାମୀ ବିବେକାନନ୍ଦ, ଯାହାଙ୍କ ନାମ ଉଚ୍ଚାରଣ ଦ୍ୱାରା ମୁଣ୍ଡ ଆପେ ଆପେ ନଇଁଯାଏ, ତାଙ୍କର ଜୀବନ କାହାଣୀ ଉପରେ ଆଦୃତ୍ତ ଏକ ପୁସ୍ତକରେ କିଛି ଏହିପରି ଲେଖାଯାଇଥିଲା, "ସ୍ୱାମୀଜୀ ସର୍ବଦା ସମସ୍ତ ବିଜ୍ଞ ବ୍ୟକ୍ତିଙ୍କୁ ପଚାରିଥିଲେ, ଯଦି ସତରେ ଭଗବାନ ଅଛନ୍ତି ତା'ହେଲେ ଦେଖାଇ ପାରିବ ? କ'ଣ ଆପଣ ଭଗବାନଙ୍କୁ

 Magazine Downloaded from www.aahwaan.com

ଦେଖିଛନ୍ତି ? କାହାଠାରୁ ଏହାର ଉତ୍ତର ମିଳିନଥିଲା । ଯେତେବେଳେ ସେ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହ ସାକ୍ଷାତ କରିଛନ୍ତି ଏବଂ ଏକା ପ୍ରଶ୍ନ ପୁନରାବୃତ୍ତି କରିଛନ୍ତି, ଶ୍ରୀ ରାମକୃଷ୍ଣ ପରମହଂସ ଅତି ସହଜରେ ଏହାର ଉତ୍ତରରେ କହିଛନ୍ତି, "ହଁ, ମୁଁ ତମକୁ ଯେପରି ପ୍ରତ୍ୟକ୍ଷ ଦେଖୁଛି, ସେହିପରି ସବୁବେଳେ ଦେଖେ । ଏହା ଶୁଣି ସ୍ୱାମୀ ବିବେକାନନ୍ଦ ସ୍ତବ୍ଧ ହୋଇଗଲେ । ତା'ପରେ ତାଙ୍କର ବିଶ୍ୱାସ ଆସିଛି ଯେ, ଶ୍ରୀ ରାମକୃଷ୍ଣ ପରମହଂସଙ୍କୁ ଗୁରୁ ରୂପରେ ପାଇଲେ ମୋ ଜୀବନର ସମସ୍ତ ପ୍ରଶ୍ନର ଉତ୍ତର ମିଳିଯିବ ।

ଆମେ ଏହା କଦାପି ଜାଣିପାରିବ ନାହିଁ, ଯେ ଶ୍ରୀ ରାମକୃଷ୍ଣ ପରମହଂସ ଏପରି କଣ ଦେଖାଇଲେ ଯେ ସ୍ୱାମୀ ବିବେକାନନ୍ଦ ତାଙ୍କୁ ଗୁରୁ ରୂପରେ ଗ୍ରହଣ କରି ଭଗବତ ଶକ୍ତି ଓ ଭଗବତ ଚେତନାକୁ ସାରା ବିଶ୍ୱରେ ପ୍ରଦର୍ଶନ କରି, ବିଶ୍ୱ ବିଜୟୀ ସ୍ୱାମୀ ବିବେକାନନ୍ଦ ରୂପରେ ପ୍ରସିଦ୍ଧି ଲାଭ କଲେ, ଯାହା ଆଜି ପର୍ଯ୍ୟନ୍ତ ବିଶ୍ୱ ପାଇଁ ଅଦ୍ୱିତୀୟ ।

ଆଶ୍ଚର୍ଯ୍ୟର କଥା ଏହିକି ଯେ ସେହି ମହାନ ପୁରଷଙ୍କର ଭୂମିରେ ଜନ୍ମ ହୋଇ ମଧ୍ୟ ଆଜି ପ୍ରଶ୍ନବାଚକ ବାକ୍ୟରେ ସୀମିତ ହୋଇ ରହିଛେ । ସ୍ୱାମୀ ବିବେକାନନ୍ଦଙ୍କର ସ୍ମରଣ ଶକ୍ତିକୁ ନେଇ ଆଜି ବି ବିଜ୍ଞାନ ଓ ବୈଜ୍ଞାନିକ ବିସ୍ମିତ ! ଆଧ୍ୟାତ୍ମିକ ଜଗତର ପରିମାର୍ଜିତ ଓ ପରମାର୍ଥ ପୁରୁଷ, ଯିଏ ବିଶ୍ୱ ପାଇଁ ଅଦ୍ୱିତୀୟ, ଏହି ହିନ୍ଦୁ ଧର୍ମର ଏକମାତ୍ର ଯୁବକ, ୧୯ ବର୍ଷ ବୟସରେ ନିଜ ଜ୍ଞାନ, ପ୍ରତିଭା, ସ୍ମରଣ ଶକ୍ତି ଓ ବାକଶକ୍ତି ଦ୍ୱାରା ବିଶ୍ୱକୁ ଆଚମ୍ବିତ କରିଥିଲା, ସେହି ଧର୍ମ ସେହି ମାଟିରେ ଜନ୍ମ ହୋଇ ଆମେ ଆଜି କେତେ ନିମ୍ନ ପ୍ରଶ୍ନ ଓ ନିମ୍ନ କର୍ମରେ ପଡିରହିଛେ, ନିଜକୁ ନିଜେ ପଚାରିନେବା ଉଚିତ ।

ତେବେ ଆମର ପ୍ରଶ୍ନ ହେଉଛି, "ଭଗବାନ କେଉଁଠି ।" ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଭାଗବତ ଗୀତାରେ ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କର କଥୋପକଥନ ବିଷୟରେ ଊଣା ଅଧିକେ ସମସ୍ତେ ଜାଣିଥିବେ । ଅର୍ଜୁନ ମଧ୍ୟ ଏକ ପ୍ରଶ୍ନ ପଚାରିଛନ୍ତି, ଅନେକ ଜ୍ଞାନର ବାର୍ତା ପରେ ଓ ବିଭୁତି

 Magazine Downloaded from www.aahwaan.com

ଯୋଗର ପରିସମାପ୍ତି ପରେ, ସ୍ୱୟଂ ଶ୍ରୀ ହରି ତାଙ୍କ ବିଶ୍ୱରୂପ ଦର୍ଶନ ଦେଇଛନ୍ତି ।

ଏଠି ପ୍ରଶ୍ନ ଉଠେ, ଯିଏ ପ୍ରତିଟି କାଳରେ ବିଦ୍ୟମାନ ସେ ଚାହିଁଥିଲେ ପ୍ରାରମ୍ଭରୁ ନିଜ ବିଶ୍ୱରୂପ ଦେଖାଇ, ନିଜର ସମ୍ପୂର୍ଣ୍ଣ ପରିଚୟ ଦେଲା ପରେ ଜ୍ଞାନର ବାର୍ତ୍ତା ଦେଇପାରିଥାନ୍ତେ । କିନ୍ତୁ ଶ୍ରୀକୃଷ୍ଣ ସେହିପରି କରିନଥିଲେ । ଏହାଦ୍ୱାରା ସେ ସଂସାରକୁ ସତ୍ୟତା ପ୍ରମାଣ ଦେଇଛନ୍ତି ଯେ, ଭଗବାନଙ୍କୁ ଖୋଜିବା ଓ ପାଇବାପାଇଁ ଆସ୍ପୃହା ଓ ଜ୍ଞାନ ରୂପକ ପାହାଚରେ ପାଦ ରଖି ଆଗକୁ ବଢ଼ିଲେ, ତାହାର ସତ୍ୟତା ଯେ କୌଣସି ବ୍ୟକ୍ତି ସ୍ୱତଃ ଜାଣିପାରିବ ।

ପ୍ରଥମତଃ ଯୁକ୍ତିବାଦ ପାଇଁ ପ୍ରଶ୍ନ ପଚାରିବ ଓ ଦ୍ୱିତୀୟତଃ ଉତ୍ତର ଜାଣିବା ପ୍ରୟାସରେ ପ୍ରଶ୍ନ ପଚାରିବା ସମ୍ପୂର୍ଣ୍ଣ ପାର୍ଥକ୍ୟ । ୮୦ ପ୍ରତିଶତ ଲୋକ ପ୍ରଥମତଃ ପରିସରରେ ରହିଯାନ୍ତି ।

ଯେତେବେଳେ ଅର୍ଜୁନ ନିଜ ଆତ୍ମଜ୍ଞାନ ଖୋଜିବାର ପ୍ରୟାସ କରି ଅନେକ ଅଲୌକିକ ପ୍ରଶ୍ନର ଉତ୍ତର ଶ୍ରୀ ହରିଙ୍କ ଠାରୁ ପାଇଛନ୍ତି, ତା'ପରେ ହିଁ ଦର୍ଶନ ଅଭିଳାଷି ହୋଇ ଭଗବାନଙ୍କ ବିଶ୍ୱରୂପ ଦର୍ଶନର ଯୋଗ୍ୟ ହୋଇଛନ୍ତି ।

ସେହିପରି ଆମେମାନେ ମଧ୍ୟ ପ୍ରଥମେ ନିଜ ମଧ୍ୟରେ ଅନ୍ତଃ ସତ୍ତାକୁ ଖୋଜିବା ଆବଶ୍ୟକ, ଏହା ହିଁ ପ୍ରଥମ ସୋପାନ ଅଟେ । ଖୋଜିବାର ପ୍ରୟାସରେ ହିଁ ଅନ୍ତଃଜ୍ଞାନ ସ୍ୱତଃ ଉଦ୍ଭାସିତ ହେବ, ତତସହ କିଛି ରାସ୍ତା ଉନ୍ମୁକ୍ତ ହୋଇଉଠିବ । ଏହି ସ୍ତରରେ ହିଁ ଜଣେ ଭଗବାନଙ୍କ ବିଷୟରେ ପଚାରିବାର ଯୋଗ୍ୟ । ଆତ୍ମଜ୍ଞାନର ପଥରେ ଅନେକ ଉତ୍ତର ସ୍ୱତଃସ୍ଫୂର୍ତ୍ତ ମିଳିଯାଏ । ଏହିସ୍ତରରେ ହିଁ ପ୍ରୟାସ କରି ବିଶ୍ୱବିଜୟୀ ବିବେକାନନ୍ଦ, ପୂର୍ଣ୍ଣାଙ୍ଗ ଯୋଗର ସୃଷ୍ଟିକର୍ତ୍ତା ଯୋଗୀ ଶ୍ରୀ ଅରବିନ୍ଦ ପରି ଆମ୍ଭେ ମଧ୍ୟ ଭଗବାନ କେଉଁଠି ର ଉତ୍ତର ପାଇଁ ପାରିବା ଏବଂ ଏହା ହିଁ ସଠିକ ମାର୍ଗ ।

ଇଟାମାଟି, ନୟାଗଡ

 Magazine Downloaded from www.aahwaan.com

# ବଞ୍ଚାଅ, ବଢ଼ାଅ, କନ୍ୟାରତ୍ନକୁ



ନାରାୟଣ ଚନ୍ଦ୍ର
ସେନାପତି

ମୋତେ ମାରି ଦିଅନା ବାପା, ମୋତେ ମାରିଦିଅନା ମା, ମୁଁ ପରା ତୁମ ଗେହ୍ଲା ଝିଅ । ମୋର କିଛି ଲୋଡା ନାହିଁ, ମୁଁ କେବଳ ବଞ୍ଚିବାକୁ ଚାହେଁ । ମାତୃଗର୍ଭରୁ କନ୍ୟାଭୃଣର ଆତୁର ଚିତ୍କାର, ଏଇ କରୁଣ ରୋଦନ ଯା'ର କର୍ଣ୍ଣପାତ ହୋଇଛି, ସେ ସ୍ତବ୍ଧ ଚକିତ ହୋଇଯାଇଛି, ତା'ର ହୃଦୟଟା ଭୟ, ଆଶଙ୍କାରେ ଥରି ଉଠିଛି । ହେଲେ ତା'ର ଦରଦୀ ଆତ୍ମାର ଅନ୍ତର୍ଦ୍ଧ୍ୱନି ସାଂପ୍ରତିକ ସମାଜରେ ନିଷ୍ଫଳ ପ୍ରାର୍ଥନା ପାଲଟିଛି । କାହିଁକି ? କ'ଣ ପାଇଁ ?

ଯିଏ ସ୍ରଷ୍ଟାଙ୍କ ଏକ ଅନୁପମ ସୃଷ୍ଟି, ଭବିଷ୍ୟତରେ ବଡ ହୋଇ ସୃଷ୍ଟିକରିବ ଶତ ସହସ୍ର ପ୍ରତିଭା ତା'ର ଆର୍ତ୍ତନାଦକୁ ଏବେର ମାନବିକତା ବିହୀନ ମାନବ ନୀରବ ଦ୍ରଷ୍ଟା ଓ ବଧୀର ଶ୍ରୋତା ପରି ଅବାକ୍ ହୋଇ ଦଣ୍ଡାୟମାନ ହୋଇଛି ।

ଏସବୁକୁ ଦେଖିଲେ ମନେ ପଡେ ସେହି ପୁରାଣ, ଆଦି ଯୁଗର କେତେକ ଅମୃତବାଣୀ; କନ୍ୟାରତ୍ନ.... ମହାରତ୍ନ, କନ୍ୟାଜନ୍ମ କଲେ ଜୀବନ ସାର୍ଥକ, କନ୍ୟାଦାନ ମହାପୁଣ୍ୟ । ସେ କାଳରେ ଯାହାଘରେ କନ୍ୟା ସନ୍ତାନ ଜନ୍ମ ନେଉଥିଲା, ତା' ଘରେ ଲକ୍ଷ୍ମୀ ବିଜେ କଲେ ଶୁଣା ଯାଉଥିଲା । ଲୋକେ କହୁଥିଲେ ଧନ୍ୟ ସେ ଯୋଗଜନ୍ମା ପିତାମାତା କନ୍ୟାରତ୍ନଟେ ଜନ୍ମ କରିଛନ୍ତି । କିଏ ତା ଜନ୍ମକଲା କନ୍ୟାକୁ ବିବାହ ଦେଉଥିଲେ ଶୁଭେ, ଆଃ କନ୍ୟାଦାନ କରି ମହାପୁଣ୍ୟ ଲାଭ କଲେ । ମୁନିଋଷିମାନେ କହୁଥିଲେ ସାତଟି ବୃକ୍ଷରୋପଣ କରି ପୁଣ୍ୟ ଲଭିବା ଯାହା ଗୋଟିଏ କନ୍ୟା ଜନ୍ମ କରିବା ତାହା । ମାତ୍ର ଏସବୁ ଭୁଲିଯାଇଛି ଏବେର

 Magazine Downloaded from www.aahwaan.com

ବିଜ୍ଞାନ ଯୁଗର ଅଜ୍ଞାନ ମାନବ । କାହିଁକି ? କ'ଣ ପାଇଁ ?

ପୂର୍ବେ ମଣିଷ ସରଳ ଓ ନିରାଡମ୍ବର ଜୀବନ ଯାପନ କରୁଥିଲା । ରାତାରାତି ବଡଲୋକ ହେବା, ଧନ ଦୌଲତ ପଛରେ ମାରାଥାନ୍ ଦୌଡି ବିଶାଳ ସମ୍ଭ୍ରାନ୍ତ ଅହଙ୍କାରର ପାହାଡ ସୃଷ୍ଟି କରିବା ଚିନ୍ତାକରୁ ନ ଥିଲା । ତେବେ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ତା ମେରୁଦଣ୍ଡ ବଙ୍କାଇଦେଲା ତ ସ୍ୱଚ୍ଛଳତାର ହୃତପିଣ୍ଡକୁ ଥରାଇଦେଲା । ଝିଅଟିଏ ଜନ୍ମକରି ବଡକରି ବିବାହ ଦେବାବେଳେ ଯାନି ଯୌତୁକ ଦେବାପାଇଁ ତା ଘରବାଡି ବିକ୍ରିକରିବା ସଙ୍ଗେସଙ୍ଗେ ଋଣପାଇଁ ପରଦୁଆରେ ହାତ ପତାଇଲା । ସର୍ବସ୍ୱାନ୍ତ ଓ କାଙ୍ଗାଳ ହୋଇଗଲା । ଝିଅ ଥିବା ଭାଇ ଓ ଝିଅ ନ ଥିବା ଭାଇଙ୍କ ସମାନ ସମ୍ପତ୍ତି ଥିଲେ ଝିଅ ଥିବା ଭାଇ ଦୀନଦରିଦ୍ରରେ ପରିଣତ ହେବା ସଙ୍ଗେ ସଙ୍ଗେ ମାନସିକ ଭାରାକ୍ରାନ୍ତ ହୋଇ ଆତ୍ମସମ୍ମାନହାନୀ ଓ ଅଳ୍ପାୟୁ ହେଲା । ତପ୍ରରେ ଝିଅଟିକୁ ପାଠ ପଢେଇ ଶିକ୍ଷିତ କଲାପରେ ଉପଯୁକ୍ତ ବରପାତ୍ରରେ ବିବାହପାଇଁ ଅର୍ଥସଂଗ୍ରହ ତା ସ୍ୱଚ୍ଛଳତା ଭିଟାମାଟିକୁ ଖୋଳି ଗର୍ତ୍ତ କରିଦେଲା । ତୁଳନା ଓ ବିକାରଗ୍ରସ୍ତ ପିତାମାତା ସମାଜରେ ବଞ୍ଚିବା ଓ ସମ୍ମାନ ବଜାୟ ପାଇଁ ଘୃଣାକଲେ କନ୍ୟାସନ୍ତାନ ଜନ୍ମ କରିବାକୁ ।

ଆରମ୍ଭହେଲା ଭୃଣହତ୍ୟା ପ୍ରକ୍ରିୟା । ବିଜ୍ଞାନର ଅଗ୍ରଗତିରେ ଅର୍ଥଦେଇ କଲେ ଲିଙ୍ଗ ନିରୂପଣ ଓ ଔଷଧ ତଥା ଗର୍ଭପାତ କରାଇ କନ୍ୟାଭ୍ରୁଣ ହତ୍ୟା ସାଜି ଦୁର୍ଦ୍ଧର୍ଷ ଘାତକ ଘାତିକା ।

ଦୈବାତ୍ କନ୍ୟାସନ୍ତାନ ଭୂମିଷ୍ଠ ହେଲେ ସେ ହେଲା ଘୃଣିତା, ଅବହେଳିତା । ପୁଅ ଝିଅଙ୍କୁ ଭଲପାଇବାର ପକ୍ଷପାତିତା । ଶିକ୍ଷା ଅଧିକାରରୁ ବଞ୍ଚିତ ଯୌତୁକ ଦେବା ଭୟରେ । ଦୋଷ ନ ଥାଇ ତାକୁ ଦଣ୍ଡ, କଠୋର ଅନୁଶାସନ । ତା ସ୍ୱାଧୀନତା, ସମାନତାର ପାଚେରୀ

 Magazine Downloaded from www.aahwaan.com

ଭାଙ୍ଗି ଚୁରମାର ହୋଇଗଲା । ତା ଧୈର୍ଯ୍ୟ, ସହନଶୀଳତାର ହିମାଳୟରୁ ଝରିଲା ପତିତପାବନୀ ଗଙ୍ଗା । ବାଃ ବାଃ ରେ ଦୁନିଆ ।

ଭୁଲିଗଲା ମଣିଷ ସେ ମନିଷୀଙ୍କ ଅମୃତବାଣୀ-ଦୁହିତା ଦୁଇକୁଳକୁ ହିତା । ବଡହୋଇ ବିବାହ କରି ସେ ସାଜେ କୂଳବଧୂ, ସେ ପବିତ୍ରା । ଜୀଅନ୍ତା ଶ୍ରାଦ୍ଧ ଦେଇ ନିଜ ପିତାମାତାଙ୍କୁ ସେ ଶାଶୁଘରେ ଶାଶୁ ଶଶୁରନଙ୍କ ମୃତ୍ୟୁପରେ ପିଣ୍ଡଦାନ କଲେ । ପତ୍ନୀ ବିନା ଶୁଭ, ଯାଗ ଯଜ୍ଞ ଫଳବତୀ ହୁଏନା ।

ଅବହେଳିତ ଝିଅକୁ ଅତ୍ୟାଚାର, ବ୍ୟଭିଚାର କରିବାକୁ ପଛାଏ ନାହିଁ ସମାଜ । ନାବାଳିକାକୁ ବଳାତ୍କାର, ଧର୍ଷଣ, ବେଶ୍ୟାବୃତ୍ତି ପାଇଁ ବିଦେଶ ଚାଲାଣ କରିବାକୁ ସେ ପଛାଏ ନାହିଁ । ଟିକିଏ ବି ଚିନ୍ତା ଲରେନା ଯେ କୁନିଝିଅଟିଏ ହୋଇ ପରିବାରର ହସ ସଂଚାର କରେ, ଭଉଣୀଟିଏ ହୋଇ ମମତା ବାନ୍ଧେ, ସ୍ତ୍ରୀ ଟିଏ ହୋଇ ତ୍ୟାଗୀ ସେବିକା ସାଜେ, ମା'ଟିଏ ହୋଇ ବାତ୍ସଲ୍ୟମମତା ଦିଏ ଓ ବଂଶବୃଦ୍ଧି କରାଏ, ତା ପାଇଁ କେମିତି ଏ ଅବିଚାର କରିବି ?

ଯୁଗ ବଦଳିଗଲାଣି, ଜନସଂଖ୍ୟା ନିୟନ୍ତ୍ରଣ ସଙ୍ଗେ ସଙ୍ଗେ କନ୍ୟା ଜନ୍ମହାର ଏତେ କମିଗଲାଣି ଯେ ଘୃଣିତ କନ୍ୟା ଏବେ ହିଂସୁକ ଅମଣିଷ ମାନବ ଏବେ ବୁଝିଲାଣି ନିଜକୁ । ଦୁତି, ପି.ଟି.ଉଷା, ସାନିଆ, କଳ୍ପନା, ଲତା ଲକ୍ଷ୍ମୀବାଈ, ସରୋଜିନୀ, ରମାଦେବୀ ଓ ଚଳଚ୍ଚିତ୍ର ନାୟିକାଙ୍କ ପାରଦର୍ଶିତା ଦେଖି କନ୍ୟାପ୍ରତି ଘୃଣା ଘନେଇ ଆସିଲାଣି । ସତେ ଯେମିତି ତାକୁ କିଏ କହୁଛି, କନ୍ୟା - ଅବଳା..ଦୁର୍ବଳା ନୁହଁ, ସେ ସର୍ବଗୁଣସମ୍ପନ୍ନା ସବୁ କରିପାରେ । ଏବେ କେତେକ ପୁତ୍ର ତାଙ୍କର ବୃଦ୍ଧ ବୃଦ୍ଧା ପିତା ମାତାଙ୍କୁ ଅଣଦେଖା, ନିର୍ଯ୍ୟାତନା ଦେଉଥିବା ବେଳେ ଝିଅଟି ବ୍ୟାକୁଳତାରେ ସହାୟ ହୋଇପାରୁଛି । ଏବେର ସଚେତନତା ଝିଅ ପଢିଲେ ଦେଶ ଉଜ୍ଜ୍ୱଳ, ମା'ହେଲେ ପାଠୋଇ .. ଦେଶଯିବ ଆଗେଇ ତା'ର ଉତ୍ସୁକତାକୁ ତ୍ୱରାନ୍ୱିତ କରି

 Magazine Downloaded from www.aahwaan.com

କହୁଛି କନ୍ୟାକୁ ଭଲ ପାଇବା ପାଇଁ । ମ୍ୟାଡାମ୍ କ୍ୟୁରୀ ଓ ପ୍ରତିଭା ପାଟିଲ୍ ଙ୍କ ଦାନ କ'ଣ କମ୍ ? ସାବିତ୍ରୀ, ସୀତା, ଅନସୂୟାଙ୍କ ସ୍ମୃତି ଭାଳି ଗାନ୍ଧାରୀ, ମୀରାବାଇଙ୍କ ଗୁଣଗାନ କରିକରି ସମାଜ ଖୋଜୁଛି ଏମିତି ସଜେଇବାକୁ କନ୍ୟାରତ୍ନକୁ । ଇଣ୍ଟରନେଟ୍ ର କାମଠାରୁ କନ୍ୟାର କାମ ବହୁତ ଉଚ୍ଚରେ । ଏ ଗୁଣାବଳୀକୁ ତନ୍ନ ତନ୍ନ କରି ବୁଝିଲେ, ଆଦରିଲେ ଯେ କୌଣସି ମଣିଷର ମନ, ଅନ୍ତର ଓ ଆତ୍ମା ନିଶ୍ଚୟ କହିବ ... ବଞ୍ଚାଅ .. ବଢାଅ... ଏ କନ୍ୟାରତ୍ନକୁ

*ବରିଷ୍ଠ ଶିକ୍ଷକ,

ସରକାରୀ ଉ.ପ୍ରା. ବିଦ୍ୟାଳୟ,

ଡିମିରିଆ,ତେଲକୋଇ,କେନ୍ଦୁଝର*

*ଦୂରଭାଷ-୯୪୭୭୮୨୪୩୨, ୭୯୭୮୭୯୯୬୬*

 Magazine Downloaded from www.aahwaan.com

# ଏଇ ଦେଶର କଣ ହେବ କେଜାଣି



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବିଦେଶରୁ ଭ୍ରମଣ ସାରି ଘରକୁ ଫେରିବା ପରେ ରମେଶ ଚାରିପାଖରେ ପୁରା ପରିବାର ଏକତ୍ରିତ ହୋଇଗଲେ । କାହାପାଇଁ କଣ କଣ ସବୁ ଉପହାର ଅଣାଯାଇଛି ଦେଖିବା ପାଇଁ ସମସ୍ତେ ଉତ୍ସୁକ । ସମସ୍ତଙ୍କ ମନ ଜାଣି ରମେଶ ଘରର ମୁରବୀ ଭଳି ସବୁ କଥା ବୁଝେ । ଘରର ଭଲମନ୍ଦ ସୁଖଦୁଃଖରେ କାହାକୁ ଅଭାବ ଅନୁଭବ କରାଇ ଦିଏନାହିଁ । ସୁଟକେଶ୍ ଖୋଲିଦେଇ ରମେଶ ପିଲାମାନଙ୍କୁ ଖେଳନା, ବାପାଙ୍କୁ ହାତଘଣ୍ଟା ଆଉ ବୋଉଙ୍କୁ ସୁନାମୁଦିଟିଏ ଦେବାପରେ, ସୁଟ୍ ପିସ୍ କନା ପକେଟ ଧରେଇ ଦେଲେ ବଡ଼ ଭାଇକୁ । ଭାଇ ଖୁସିରେ ଆତ୍ମହରା ହୋଇଗଲେ । ତାଙ୍କ ପରେ ପାଳି ଭାଉଜଙ୍କର । ରମେଶ ପୁଣି ଏକ ସମାନ ପ୍ୟାକେଟ୍ ଖୋଲି ଦେଲା । ଜିନ୍ ପ୍ୟାଣ୍ଟ ଆଉ ଟପ୍ । ଭାଉଜ ଆଁ କରି ଚାହିଁଛନ୍ତି ଭାଇ କହିଲେ, "କିରେ ତୁ ପାଗଳ ହେଲୁ ନା କଣ ? ତୋ ଭାଉଜ ଏ ସବୁ ପିନ୍ଧିବ ? କେବେ ସେ ପିନ୍ଧିଥିଲା ?" ଲୁଗା କାନିକୁ ମୁହଁ ସାମନାରେ ଧରି ଠିଆ ହୋଇଥିବା ଭାଉଜ ଲାଜେଇ ଯାଇ କହିଲେ, "ରମେଶ, ତମେ ଜାଣିନ ମୁଁ କଣ ପିନ୍ଧେ ?" ରମେଶ କହିଲା, "କୋଉ ଯୁଗରେ ରହୁଛ ତୁମେ ସବୁ ? ଲୋକ ଯାଇ ଚନ୍ଦ୍ରରେ ପହଞ୍ଚିଗଲେଣି । ଫେସବୁକ୍ ଆଉ ଗୁଗୁଲ୍ ଦୁନିଆକୁ ଛୋଟ କରିଦେଲାଣି । ଭାରତର ମହାକାଶଯାନ ମଙ୍ଗଳ ଗ୍ରହରେ ପାଦ ଦେଲାଣି । ହେଲେ ବି ସେଇ ପୁରୁଣା କାଳିଆ ଚିନ୍ତା ?" ଭାଇ କହିଲେ, "ହେ ରଖ୍ ତୋ ମଡର୍ଣ୍ଣ ଚିନ୍ତାଧାରା । କହିଲା ନା କଣ ଯୁଗ ବଦଳିଗଲାଣି । ତୋ ଭାଉଜ ସବୁବେଳେ ଶାଢ଼ୀ ପିନ୍ଧି

 Magazine Downloaded from www.aahwaan.com

ଆସିଛି ଆଉ ଆଗକୁ ମଧ୍ୟ ସେ ଶାଢ଼ୀ ହିଁ ପିନ୍ଧିବ । ତୋ ଯୁଗ ବଦଳି ଯାଇଛି ଯଦି ତୁ ଫରେନର୍ ହେଇ ଯା, ଆମେ ବଦଳି ପାରିବୁନି ।” ରମେଶ ପୁଣି କହିଲା, “ଭାଇ ଯାହା କହୁଛ ସେସବୁର ଅର୍ଥ ଆଜିକାଲି ଆଉ ନାହିଁ । ଆମ ଘର ପରିବାର ଯଦି ଯୁଗ ସହ ନ ବଦଳିବ ତା ହେଲେ ଅସୁବିଧା । ଆଉ ତାପରେ ଭାଉଜ କଣ ପିନ୍ଧିବେ ନ ପିନ୍ଧିବେ ସେ ବିଷୟରେ ତମେ କାହିଁକି ଏତେ ଦୃଢ଼ ମତବାଦୀ ହେଉଛ ? ସେଇଟା ତାଙ୍କ ଇଚ୍ଛା । ମହିଳା ମାନଙ୍କର କଣ କିଛି ଆତ୍ମସମ୍ମାନ ନାହିଁ । ସବୁବେଳେ ସେମାନେ କାହିଁକି ତମ କଥାରେ ଚାଲିବେ ?” ଏଥର ଭାଇ ରାଗିଯାଇ କହିଲେ, “କଣ ଦି ଚାରି ଦେଶ ବୁଲିଦେଲୁ ଯେ ନିଜକୁ ବଡ଼ ଜ୍ଞାନୀ ବୋଲାଉଛୁ । ସେ ସବୁ ବିଦେଶରେ ହେଉଥିବ, ଏଇଟା ଆମ ଦେଶ ଭାରତ । ଏଠି ଆମ ପରିବାରର ସ୍ୱତନ୍ତ୍ର ନୀତିନିୟମ ରହିଛି, ଚାଲିଚଳନ ରହିଛି, ଏ ସବୁ ବଦଳିବ ନାହିଁ । ମୁଁ ତ ଆଜି କହୁନି ଭାଉଜ କଣ ପିନ୍ଧିବ କି ଖାଇବ ? ଏଇଟା କେଉଁ ଯୁଗରୁ ଚଳି ଆସିଛି, ମୋ ପୂର୍ବରୁ ବାପା ବି ବୋଉ କଥା ବୁଝୁଥିଲେ ଆଉ ତା ପୂର୍ବରୁ ଜେଜେବାପା ଜେଜେମା’ କଥା ବୁଝୁଥିଲେ । ଏମିତି ତୁ ବିଦେଶୀ ନୀତିନିୟମ ଆଣି ଥୋପିଦେଲେ ଆମେ କଣ ବଦଳିଯିବୁ ।”

ରମେଶ ଏଥର ହସିଲା । ରମେଶର ହସ ଦେଖି ସବୁ ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ । କହିଲା, “ଭାଇ, ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ବିଷୟରେ କଥା ହେବାବେଳେ ଆପଣ କଣ କହୁଥିଲେ ? କଣ ନା ସମାଜ ନାରୀ ମାନଙ୍କୁ ଦବେଇ କି ରଖିବାକୁ ଚାହୁଁଛି । ନାରୀ ମାନଙ୍କର ଅଧିକାରକୁ ସମ୍ମାନ ଦିଆଯାଉନି । ଆଉ କେତେ କଣ ? ସେ ସବୁ କଣ ଖାଲି ସଭାସମିତିରେ କହିବା ପାଇଁ କହୁଥିଲ ନା ସତରେ ସେ କଥାର କିଛି ଅର୍ଥ ବୁଝୁଥିଲ ?” ଭାଇ ପଚାରିଲେ, “ସାବରିମାଲା ବିଷୟ ସହ ଆମ ପରିବାରର ଚଳଣୀର କି ସମ୍ପର୍କ ?”

 Magazine Downloaded from www.aahwaan.com

"ଭାଇ, ସାବରିମାଲା ଆମ ଦେଶର ଏକ ବିଶ୍ୱାସ ବା ଆସ୍ଥାର କେନ୍ଦ୍ର । ଯଦି ଏଇଟା ଆମ ପରିବାର ସେଇଟା ଆମ ଦେଶ ଆମ ଘର କଥା । ଯେଉଁ ମନ୍ଦିରକୁ ମହିଳାମାନେ କାଳ କାଳରୁ କେବେ ଯାଉନଥିଲେ ଏବେ ସେଠି ଯାଇ ପୂଜା କରିବାକୁ କହିବା ବା ଜିଦ୍ କରିବା ବା ଏକ ରକମ ଧମକ ଦେବା କଣ ଯୁକ୍ତିଯୁକ୍ତ ହେଉଛି ? ପ୍ରତ୍ୟେକ ମନ୍ଦିର ହେଉ ବା ମସଜିଦ୍ ବା ଚର୍ଚ୍ଚଘର, କିଛି ନା କିଛି ନୀତିନିୟମକୁ ମାନି ଚଳନ୍ତି । ସେଇ ନୀତି ହେଉଛି ସେଇ ମନ୍ଦିରର ଧର୍ମ । ଯଦି ସେଠାକୁ ପୁରୁଷ ମାନଙ୍କୁ ହିଁ ଯିବା ପାଇଁ ଅନୁମତି ମିଳୁଛି ଏବଂ ବର୍ଷର ମାତ୍ର କିଛି ମାସ ପାଇଁ ସେଇ ଅନୁମତି ମିଳୁଛି, ସେଇଟା ପଛରେ କିଛି ବୈଜ୍ଞାନିକ କାରଣ ନିଶ୍ଚୟ ଭାବରେ ଥିବ, ଏହାକୁ ଆମେ ମାନିବାକୁ ପଡ଼ିବ । କାରଣ ଯେଉଁମାନେ ଏତେ ବଡ଼ ବଡ଼ ମନ୍ଦିର ନିର୍ମାଣ କରିଥିଲେ, ଆଉ ଦେବୀ ଦେବତାଙ୍କୁ ପୂଜା ବିଧି ସବୁ ସୃଷ୍ଟି କରିଥିଲେ ସେମାନେ ତ ଆଉ ମୂର୍ଖ ନଥିଲେ ! ଏତେ ବିଶାଳ ମନ୍ଦିର ନିର୍ମାଣରେ ବ୍ୟବହୃତ ଯନ୍ତ୍ରୀ ହୁଅନ୍ତୁ ବା କାରିଗର ସେମାନେ ସବୁ ନିଶ୍ଚୟ ଜ୍ଞାନୀ ଥିଲେ । ସେହିପରି ମନ୍ଦିର ଭିତର ଦେବାଦେବୀ ଆଉ ପୂଜାପୂଜି ବ୍ୟବସ୍ଥା ସବୁ ଜ୍ଞାନୀ ବ୍ୟକ୍ତିମାନେ ହିଁ ତିଆରି କରିଥିଲେ । ମୂର୍ଖ ହୋଇଥିଲେ ସେମାନେ ମନ୍ଦିର କାହିଁକି କରିଥାନ୍ତେ ? ଯଦି ସେମାନେ କହୁଛନ୍ତି ଯେ ମନ୍ଦିରରେ ମହିଳା ମାନଙ୍କ ପ୍ରବେଶ ମନା ତା ହେଲେ ତା'ର ମଧ୍ୟ ନିଶ୍ଚୟ କିଛି କାରଣ ରହିଥିବ ।

ମସଜିଦରେ ମହିଳା ମାନଙ୍କ ପ୍ରବେଶ ବାରଣ କରାଯାଉଛି । କାହିଁକି ? ସେଇଥିରେ ମଧ୍ୟ କୌଣସି ପ୍ରକାର ଆସ୍ଥା ବା ବିଶ୍ୱାସ ଥାଇପାରେ । ତା ବୋଲି ଆମେ କଣ ଜିଦ୍ କରିବା ଯେ ଆମେ ମହିଳାଙ୍କୁ ମ୍ସଜିଦରେ ପ୍ରବେଶ କରାଇବୁ । ଏହାଦ୍ୱାରା କଣ ଲାଭ ହେବ ? କେବଳ ଅଶାନ୍ତି ହେବ ସିନା ଏହାର କୌଣସି ସୁଫଳ ମିଳିବ ନାହିଁ ।

ମହିଳାଙ୍କୁ ସମାନ ଅଧିକାର ଦିଆଯାଇ ସେମାନଙ୍କୁ ପ୍ରବେଶାଧିକାର ମିଳୁ ବୋଲି ଦାବୀ

 Magazine Downloaded from www.aahwaan.com

କରୁଥିବା ଲୋକମାନେ ହୁଏତ ଜାଣୁନାହାନ୍ତି ବିଶ୍ୱର କିଛି ଏମିତି ସ୍ଥଳ ବା ସ୍ଥାନ ଅଛି ଯେଉଁଠି କେବଳ ମହିଳା ମାନଙ୍କୁ ପ୍ରବେଶାଧିକାର ମିଳିଛି ଏବଂ ସେଠାରେ ପୁରୁଷ ମାନଙ୍କୁ ପ୍ରବେଶାଧିକାର ନାହିଁ । ଆମେ କାହିଁକି ଜିଦ୍ କରିବା ଯେ ସାବରିମାଲାରେ ମହିଳାଙ୍କୁ ପ୍ରବେଶ କରିବାକୁ ଦିଆଯାଉ । ଏହାଦ୍ୱାରା କଣ ଲାଭ ହେବ । ମନ୍ଦିରକୁ ଆମେ କଣ ଗୋଟିଏ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ? ତା'ପରେ ଅନ୍ୟ କୌଣସି ମନ୍ଦିର ଏବଂ ସାବରିମାଲା ମଧ୍ୟରେ ଅନେକ ବିଭେଦ ରହିଛି । ଯେମିତି ଏହି ମନ୍ଦିର ବର୍ଷର କେବଳ ନିର୍ଦ୍ଦିଷ୍ଟ କେଇ ମାସ ହିଁ ଖୋଲାରହେ । ଏବଂ ଏଠାରେ ପ୍ରବେଶ କରିବାକୁ ହେଲେ ନିଷ୍ଠାର ସହ ଏକ ମାସ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କଳାବସ୍ତ୍ର ପରିଧାନ କରିବାକୁ ହୁଏ । ଖାଦ୍ୟ ପାନ, ପୂଜା ବିଧି ସବୁ ମଧ୍ୟ ରହିଛି । ଏମିତିକି ସାଂସାରିକ ବ୍ୟକ୍ତି ନିଜ ପରିବାର ଠାରୁ ଦୂରରେ ରହି ଏହି ଧାର୍ମିକ ନୀତିନିୟମକୁ ପାଳନ କରିବାକୁ ପଡ଼େ । ବୈରାଗ୍ୟର ଜୀବନ ବିତାଇବା ପରେ ମାସାନ୍ତରେ ମନ୍ଦିରକୁ ଯାଇ ପୂଜା କରିବାକୁ ହୋଇଥାଏ । ଏହା ସବୁ ପାଳନ କରିବା ସମ୍ଭବତଃ ସମସ୍ତଙ୍କ କ୍ଷେତ୍ରରେ ସହଜ ନ ହୋଇପାରେ, ତେଣୁ ମନ୍ଦିରରେ ପ୍ରବେଶ କରିବାକୁ ଜିଦ୍ କରିବାକୁ ଆଦୌ ସ୍ପୃହଣୀୟ ଲାଗେନାହିଁ । ଏହା କେବଳ ହିନ୍ଦୁ ଧର୍ମର ଏକ ବିଶେଷ ପୂଜାସ୍ଥଳୀକୁ ଅପବିତ୍ର କରିବାର ଏକ ଅସଫଳ ପ୍ରୟାସବୋଲି କୁହାଯାଇପାରେ ।”

ଘରେ ସମ୍ପୁର୍ଣ୍ଣ ନିରବତା, ସମସ୍ତେ ଚୁପଚାପ ଶୁଣୁଥିଲେ । ବଡ଼ଭାଇ ମଥାପାତି ବସିଥିଲେ । ଭାଉଜ କହିଲେ, “ରମେଶ ତମେ କେତେ କଥା ଜାଣିଛ ! ମୁଁ ଭାବୁଥିଲି ମନ୍ଦିରରେ ମହିଳା ମାନଙ୍କୁ ପ୍ରବେଶ ଅଧିକାର ନ ଦେଇ ଆମ ପ୍ରତି ଅନ୍ୟାୟ କରାଯାଉଛି ବୋଲି, ଏବେ ଭାବୁଛି ତମେ ଯାହା କହୁଛ ସବୁ ନିଶ୍ଚୟ ଭାବରେ ସତ । ସମସ୍ତେ ତମ ଭଳି ଚିନ୍ତା କରିଲେ କେତେ ଭଲ ହୁଅନ୍ତା । କିନ୍ତୁ ଯଦି ସତରେ କେହି ମହିଳା ମନ୍ଦିରକୁ ଯାଇ ପୂଜା

 Magazine Downloaded from www.aahwaan.com

କରିବାକୁ ଚାହିଁଥିବ ? ଏବେ ପୁରୀରେ ଜଗନ୍ନାଥଙ୍କୁ ପୂଜା କରିବାକୁ ଭକ୍ତ ସାଲବେଗ ମଧ୍ୟ ଚାହିଁଥିଲେ । ଅନ୍ୟ ଧର୍ମର ହେଲେ ବି ବେଳେ ବେଳେ ମନରେ ଆସକ୍ତି ଆସିଯାଏ । ସେମିତି ବି ହୋଇପାରେ ନା ।”

ରମେଶ ଭାଉଜକୁ ଚାହିଁ କହିଲା, “ହଁ ହେବନି କାହିଁକି ? ନିଶ୍ଚୟ ହୋଇପାରେ । ଭକ୍ତି କାହାପାଇଁ କେତେବେଳେ ଆଉ କେମିତି ଜାଗ୍ରତ ହେବ କିଏ କହିବ । ହେଲେ ଭକ୍ତି କରିବା ପାଇଁ ମନ୍ଦିର ଭିତରକୁ ଯାଇ ପୂଜା କରିବା ପାଇଁ ଜିଦ୍ କରିବା କେମିତିକା କଥା ? ଯଦି ବିଶ୍ୱାସ ଅଛି ତା ହେଲେ ଭଗବାନ ଯେକୌଣସି ସ୍ଥାନରେ ଯେକୌଣସି ରୂପରେ ଦେଖା ଦେଇ ପାରିବେ ଆଉ ଭକ୍ତର ଭକ୍ତିକୁ ସ୍ୱୀକାର କରିବେ । ସାଲବେଗ ବି ତ ସେମିତି ହିଁ କରିଥିଲେ ନା । ଏ ସବୁ ଲୋକ ଦେଖାଣିଆ କଥା ଭାଉଜ । ଅସଲ କଥା ହେଉଛି ଲୋକ ମାନଙ୍କର ଧାର୍ମିକ ଭାବନାକୁ ଆହତ କରିବା । କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହା ଆଢୁଆଳରେ ଆମର ବିଭିନ୍ନ ଧାର୍ମିକ ଅନୁଷ୍ଠାନକୁ କଳୁଷିତ କରିବାକୁ ଲାଗିଛନ୍ତି ।

ଭାରତର ସମ୍ବିଧାନ ଆମକୁ ଅଧିକାର ଦେଉଛି ଆମେ ଯେ କୌଣସି ଧର୍ମକୁ ଅବଲମ୍ବନ କରି ପାରିବା । ଏହା ଆମର ବ୍ୟକ୍ତିଗତ ବ୍ୟାପାର କିନ୍ତୁ ଅନ୍ୟ ଧର୍ମପ୍ରତି ଅସହିଷ୍ଣୁ ହେବା ଅନୁଚିତ । କିନ୍ତୁ ସାମ୍ପ୍ରତିକ ସମୟରେ ଦେଶରେ ଅନେକ ଏମିତି ସଂଗଠନ ବା ଗୋଷ୍ଠୀ ଜନ୍ମ ନେଇଛନ୍ତି ଯେଉଁମାନେ ସମତା ଓ ସମାନ ଅଧିକାରର ଦ୍ୱାହୀ ଦେଇ ଆମର ଧାର୍ମିକ ଭାବନାକୁ ବାରମ୍ବାର ଆଘାତ କରୁଛନ୍ତି । ଆଉ ଜାଣତରେ ହେଉ ବା ଅଜାଣତରେ ଆମେ ନିଜେ ହିଁ ଆମ ଧର୍ମକୁ ନ୍ୟୁନ କରି ଦେଉଛୁ । ହସି କରି କହିଦେଉଛୁ, ଯୁଗ ବଦଳିଲାଣି ଆଉ ସେ ପୁରୁଣାକାଳିଆ ରୀତିନୀତି କିଏ ମାନୁଛି । ମନ୍ଦିରରେ କଣ ଅଛି ଯେ ଏତେ ଜିଦ୍ କରୁଛ । ଯଦି ମହିଳା ଯିବା ପାଇଁ ଚାହୁଁଛନ୍ତି ଛାଡ଼ି ଦେଉନ ?

 Magazine Downloaded from www.aahwaan.com

ଭାଉଜ ଚିନ୍ତା କରି ଦେଖ, ମନ୍ଦିରରେ ପ୍ରବେଶ କରିବା ଅଧିକାର ଯଦି କୋର୍ଟ୍ ପାଖରେ ଅଛି ଏବଂ କୋର୍ଟ୍ ଚାହିଁଲେ ମନ୍ଦିରର ନୀତିନିୟମ ସବୁ ବଦଳି ଯାଉଛି, ତା ହେଲେ ମନ୍ଦିରରେ ବସିଥିବା ଭଗବାନଙ୍କ କୌଣସି ନିୟମ କୋର୍ଟ୍ ସମ୍ମୁଖରେ ତୁଚ୍ଛ ବୋଲି ଧରିନିଅ । ସେମିତି ହେଲେ ମନ୍ଦିର ଯାଇ ଲାଭ କଣ ? ବରଂ କୋର୍ଟ୍ ଯାଇ ପୂଣ୍ୟ ପାଅ । ଆଶ୍ଚର୍ଯ୍ୟ ବିଷୟ ସାବରିମାଲା ମନ୍ଦିରରେ ପ୍ରବେଶ ପାଇଁ ଲଢୁଥିବା ଓକିଲ ଏବଂ ପ୍ରବେଶାଧିକାର ପାଇବା ପାଇଁ ଚାହୁଁଥିବା ମହିଳା ସମସ୍ତେ ଅଣହିନ୍ଦୁ । ଏବଂ ସେମାନଙ୍କୁ ସୁରକ୍ଷା ଦେବାପାଇଁ କେରଳରେ ଆୟୋଜିତ ଶୋଭାଯାତ୍ରାରେ କେବଳ ମୁସଲମାନ ଏବଂ ଖ୍ରୀଷ୍ଟିୟାନ୍ ମହିଳା ହିଁ ଦେଖାଯାଉଛନ୍ତି । ଯେଉଁ ମହିଳାମାନେ ଯୁଗଯୁଗରୁ ନିଜକୁ କଳା ବୁର୍ଖାରୁ ସ୍ୱାଧୀନ କରାଇ ପାରୁନାହାନ୍ତି, ନିଜ ଧର୍ମର ମସଜିଦରେ ପ୍ରବେଶ କରିବା ଭଳି ଅଧିକାର ପାଇଁ ତୁଣ୍ଡ ଖୋଲି କଥା ପଦେ କହି ପାରୁନାହାନ୍ତି ସେମାନେ ଆଜି ଗୋଟିଏ ହିନ୍ଦୁ ମନ୍ଦିରରେ ଅଣହିନ୍ଦୁ ମହିଳାଙ୍କୁ ଅଯୌକ୍ତିକ ଭାବରେ ପ୍ରବେଶ କରାଇବା ପାଇଁ ଦାବୀ କରୁଛନ୍ତି ? ଏହା ସବୁ ରାଜନୈତିକ କାର୍ଯ୍ୟକ୍ରମ ଭଳି ମନେ ହେଉନି ?"

ସମସ୍ତେ ଚୁପ ଥିଲେ । ବାପା କହିଲେ, "ଏଇ ଦେଶର କଣ ହେବ କେଜାଣି ! ଆମ ଘର ଲୋକ ତ ଠିକ୍ ନାହାନ୍ତି କାହାକୁ ଆଉ ଦୋଷଦେବା ?" ବଡ଼ଭାଇ ମୁହଁ ଆମ୍ବିଳା ହୋଇଗଲା । ସେ ସ୍ଥାନ ଛାଡ଼ି ଯାଉ ଯାଉ କହିଲେ, "ଯାଅ, ରମେଶକୁ କିଛି ଖାଇବାକୁ ଦିଅ । ବହୁତ ବାଟ ଯାତ୍ରା କରି ଆସିଛି ।"

ବି.ଦ୍ର. : ଏହି ଆଲେଖ୍ୟ କୌଣସି ଧର୍ମକୁ ବା କାହାର ଧାର୍ମିକ ଭାବନାକୁ ଆଘାତ ଦେବା ଉଦ୍ଦେଶ୍ୟରେ ଲେଖାଯାଇନାହିଁ, କିମ୍ବା କୌଣସି ରାଜନୈତିକ ଦଳ ବା ଗୋଷ୍ଠୀର ମତବାଦକୁ ପ୍ରଶ୍ରୟ ଦିଆଯାଇ ଲେଖାଯାଇନାହିଁ । ଏହା ସମ୍ପୂର୍ଣ୍ଣଭାବରେ ଏକ ବ୍ୟକ୍ତିଗତ ମତ । ଆପଣଙ୍କ

 Magazine Downloaded from www.aahwaan.com

# ସୁରକ୍ଷା ଶିକ୍ଷା



ରମା କାନ୍ତ ମିଶ୍ର

କେହି କେବେ ହେଲେ କୌଣସି ଆଚରଣକୁ ଧରି ଜନ୍ମ ହୋଇ ନ'ଥାନ୍ତି । ବ୍ୟକ୍ତି ବିଶେଷଙ୍କର ଆଚରଣ ଗୁଡ଼ିକ ଜୀବନଯାତ୍ରା ମାଧ୍ୟମରେ ହିଁ ଆହରଣ କରାଯାଇ ଥାଏ । ଆମର ଆଚରଣ ଆମ ବ୍ୟବହାରକୁ ସଂଚାଳନ କରେ । ଅର୍ଥାତ ଆମର ବିଭିନ୍ନ ଅଭ୍ୟାସ, ଆମେ ନିଜ ମଧ୍ୟରେ ଏବଂ ସମାଜରେ କିପରି ଭାବରେ ଚଳୁ, ଆମର ନିଜ ଆଚରଣ ଭଲ ବା ଖରାପ - ଏ ସବୁର ପ୍ରଭାବ ଆମ ଚାରିପାଖେ ଥିବା ବିଭିନ୍ନ ବ୍ୟକ୍ତିଙ୍କ ଉପରେ ପ୍ରତିଫଳିତ ହୁଏ । ଆମର ଦୈନିକ ଜୀବନରେ ବିଭିନ୍ନ କାର୍ଯ୍ୟର ସମ୍ପାଦନ ଆମେ ଆମଦ୍ୱାରା ରଚିତ ଓ ବର୍ଦ୍ଧିତ ଆଚରଣ ମାଧ୍ୟମରେହିଁ କରିଥାଉ ।

ଶିଳ୍ପ ମାନଙ୍କରେ ବିଭିନ୍ନ କାର୍ଯ୍ୟ କ୍ଷେତ୍ରରେ ଯେଉଁ ମାନେ କାର୍ଯ୍ୟ କରନ୍ତି, ସେମାନଙ୍କ ଆଚରଣ ଉପରେ ତେଣୁକରି ସୁରକ୍ଷା ଓ ସମୃଦ୍ଧି ବିଶେଷ ଭାବରେ ନିର୍ଭର କରେ । ସେମାନଙ୍କର ଉତ୍ତମ ସୁରକ୍ଷା ଆଚରଣ ଉପରେ ହିଁ ଶିଳ୍ପର ସମୃଦ୍ଧି ନିର୍ଭର କରେ । କାରଣ ସୁରକ୍ଷାରୁ ହିଁ ସମୃଦ୍ଧି ଆଉ ଦୁର୍ଘଟଣାରୁ ଦୁର୍ଗତି ।

ଯେହେତୁ କୌଣସି ଆଚରଣ ବା ଅଭ୍ୟାସ ଜନ୍ମରୁ ଆସି ନଥାଏ ଓ ଏହାକୁ ଜୀବନ କାଳ ମଧ୍ୟରେ ହିଁ ଆହରଣ କରାଯାଇଥାଏ ତେଣୁ କରି ଏହାକୁ ସୁରକ୍ଷା ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ପରିବର୍ତ୍ତନ ମଧ୍ୟ କରାଯାଇପରେ । ଏଥିପାଇଁ ଉତ୍ତମ ଆଚରଣର ଶିକ୍ଷା ଯେତେ ଶୀଘ୍ର ହେବ ତାହା ସେତେ ଭଲ ଫଳ ଦେବ । ଶିକ୍ଷାବିତ ଓ ବ୍ୟବହାର ବିଜ୍ଞାନୀମାନେ ଏହା

 Magazine Downloaded from www.aahwaan.com

ପ୍ରମାଣିତ କରି ସାରିଛନ୍ତି ଯେ ଛୋଟ ବୟସରେ ଉତ୍ତମ ଆଚରଣ ଶିକ୍ଷା ଯେତେ ଫଳପ୍ରସୂ ହୁଏ, ପରିଣତ ବୟସରେ ସେତେ ହୁଏ ନାହିଁ । ପ୍ରାଥମିକ ଓ ନିମ୍ନ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ସୁସ୍ଥ ଆଚରଣ ବିକାଶ ପାଇଁ କାର୍ଯ୍ୟକ୍ରମ ହେଉଛି ପ୍ରକୃଷ୍ଟ ସମୟ । ଏ ବୟସରେ ପୂର୍ବରୁ କୌଣସି ଆଚରଣ ପ୍ରତିଷ୍ଠା ହୋଇ ନ ଥିବାରୁ ନୂତନ ଆଚରଣ ଶୀଘ୍ର ଅଭ୍ୟାସରେ ପରିଣତ ହୋଇଯାଏ । କିନ୍ତୁ ବୟସ୍କମାନଙ୍କର ଆଚରଣ ବଦଳାଇବା ପ୍ରକୃତରେ ଏକ ସମସ୍ୟା । ସେମାନଙ୍କର ଆଚରଣ ବଦଳାଇବାକୁ ହେଲେ ପୂର୍ବର ମନ୍ଦ ଆଚରଣ ଗୁଡିକୁ ପରିଷ୍କାର କରିବା ଦରକାର ହୁଏ । ପୂର୍ବ ଆଚରଣ ମୁଣ୍ଡରୁ ନ ଲିଭିଲେ ନୂତନ ଆଚରଣ ଫଳପ୍ରସୂ ହେବ ନାହିଁ । ଏହି କାରଣରୁ ହିଁ ବୟସ୍କମାନଙ୍କ ଠାରେ ପରିବର୍ତ୍ତନ ପ୍ରତି ପ୍ରତିରୋଧର ଭାବନା ଯଥେଷ୍ଟ ଅଧିକ ପରିମାଣରେ ରହିଥାଏ ।

ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷିତ କାର୍ଯ୍ୟ, ସୁରକ୍ଷିତ ଆଚରଣ ଏବଂ ଅଭ୍ୟାସର ବିକାଶ ଦିଗରେ କୌଣସି ସୁରକ୍ଷା ଶିକ୍ଷା କାର୍ଯ୍ୟକ୍ରମ ଫଳପ୍ରସୂ ହେଉଛିକି ନାହିଁ ତାହାର ପ୍ରମାଣ ମିଳେ ସେମାନଙ୍କର ଆଚରଣ ପରିବର୍ତ୍ତନ ମାଧ୍ୟମରେ । ଯଦିଓ ଏ କଥା ଠିକ ଯେ ସୁରକ୍ଷା ସଂସ୍କୃତି ଗଢି ତୋଳିବା ଲାଗି ସୁରକ୍ଷା ସଚେତନତାକୁ ବର୍ଦ୍ଧିତ କରିବାକୁ ହେବ; କିନ୍ତୁ ଏହା ସେ ସମୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ନାହିଁ ଯେତେବେଳ ପର୍ଯ୍ୟନ୍ତ ଶ୍ରମିକମାନେ ଆଚରଣ ଗତ ପରିବର୍ତ୍ତନ ପାଇଁ ମାନସିକ ଭାବରେ ପ୍ରସ୍ତୁତ ଓ ଶାରୀରିକ ଭାବରେ ତାକୁ ବ୍ୟବହାର କରିବା ପାଇଁ ଚେଷ୍ଟା ନ କରିଛନ୍ତି । ଶ୍ରମିକମାନେ ପରିବର୍ତ୍ତନ ପ୍ରକ୍ରିୟାକୁ ମାନସିକ ଭାବରେ, ହୃଦୟର ସହିତ ଗ୍ରହଣ ନ କରିବା ପର୍ଯ୍ୟନ୍ତ ସେମାନଙ୍କ ଆଚରଣରେ ଉନ୍ନତି ହେବ ଅସମ୍ଭବ । ତେଣୁକରି ଶ୍ରମିକ ଶିକ୍ଷକମାନଙ୍କୁ ଏ କଥାକୁ ମନରେ ରଖି ପାଠ୍ୟକ୍ରମର ବିଷୟବସ୍ତୁ ଚୟନ ଓ ତାହାର ଉପସ୍ଥାପନାକୁ ଏକ ଆହ୍ୱାନ ଭାବରେ ଗ୍ରହଣ କରିବାକୁ ହେବ । ବିଶେଷ ଭାବରେ

 Magazine Downloaded from www.aahwaan.com

ଶିଳ୍ପ ଶ୍ରମିକ ସୁରକ୍ଷା ଶିକ୍ଷା କାର୍ଯ୍ୟକ୍ରମ ମାନଙ୍କରେ ଯେଉଁମାନେ ପ୍ରଶିକ୍ଷଣ ଦେବେ ସେମାନଙ୍କର ଏ ଦିଗରେ ଯଥେଷ୍ଟ ଅନୁଭବ ଥିବା ଆବଶ୍ୟକ ।

କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାର ବିଶେଷ ମହତ୍ତ୍ୱ ରହିଅଛି କାରଣ ସୁରକ୍ଷିତ ବ୍ୟବହାର ହିଁ ଦୁର୍ଘଟଣା ନିବାରଣରେ ବିଶେଷ ଭାବରେ ସାହାଯ୍ୟ କରିଥାଏ । ପରିଚାଳନା କର୍ତ୍ତୃପକ୍ଷ ଏବଂ ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷା ସମ୍ବନ୍ଧରେ ଏକା ପ୍ରକାର ଚେତନା ନ ଆସିବା ପର୍ଯ୍ୟନ୍ତ ସୁରକ୍ଷା ସଂସ୍କୃତିର ବିକାଶ ସମ୍ଭବପର ନୁହେଁ ।

ସୁରକ୍ଷା, ଗୁଣବତ୍ତା ଏବଂ ଉତ୍ପାଦକତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ ଏବଂ ଏ ଗୁଡିକ ସମପରିମାଣରେ ମହତ୍ତ୍ୱପୂର୍ଣ୍ଣ । ଏ ଗୁଡିକର ତୃଣମୂଳ ପର୍ଯ୍ୟାୟରେ ଉପଯୁକ୍ତ ଭାବରେ ପ୍ରତିଫଳନ ନ ହେଲେ ପରିଚାଳନା କର୍ତ୍ତୃପକ୍ଷ କେବେହେଲେ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ କରିପାରିବେ ନାହିଁ । ଯେ କୌଣସି ଶିଳ୍ପରେ କଞ୍ଚାମାଲର ଯେତିକି ମହତ୍ୱ, ମାନବ-ସମ୍ବଳର ମହତ୍ୱ ତତୋଧିକ । ମାନବ-ସମ୍ବଳର ବିକାଶ ହିଁ ଶିଳ୍ପ ବିକାଶ ମୂଳ । ତେଣୁ ସୁରକ୍ଷା ବା ଉତ୍ତମ ଗୃହସଜ୍ଜା ବା ଉତ୍ପାଦକତାର ବିକାଶ ଲାଗି କାର୍ଯ୍ୟରତ ମାନବ ସମ୍ବଳର ବିକାଶ ଏକାନ୍ତ ଆବଶ୍ୟକ । କାରଣ କାର୍ଯ୍ୟରତ ମାନବ ସମ୍ବଳର ଗୁଣବତ୍ତାରେ ବୃଦ୍ଧି ନ ହେବ ପର୍ଯ୍ୟନ୍ତ ଉତ୍ପାଦନର ଗୁଣବତ୍ତାରେ ଉନ୍ନତି ଅସମ୍ଭବ ।

ପରିଚାଳନା କର୍ତ୍ତୃପକ୍ଷଙ୍କର ସର୍ବପ୍ରଥମ ଆବଶ୍ୟକତା ହେଲା ଯେ ସେମାନେ କାର୍ଯ୍ୟରତ ଶ୍ରମିକଙ୍କର ସୁରକ୍ଷା ଏବଂ ସୁରକ୍ଷିତ ଉତ୍ପାଦନ ପ୍ରଣାଳୀ ପ୍ରତିଷ୍ଠା ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ । କେବଳ ସୁରକ୍ଷା ପଦ୍ଧତି ପ୍ରଣୟନ କଲେ କିଛି ଲାଭ ହେବ ନାହିଁ, ତାହା କାର୍ଯ୍ୟରେ ବିନିଯୋଗ ହେଉଛି କି ନାହିଁ, ତଳଠାରୁ ଉପର ପର୍ଯ୍ୟନ୍ତ ସମସ୍ତେ ସେ ପଦ୍ଧତିକୁ ପୂର୍ଣ୍ଣ ପ୍ରାଣରେ ମାନୁଛନ୍ତି କି ନାହିଁ ଦେଖିବା ଏବଂ ସମସ୍ତଙ୍କର ଅଭ୍ୟାସରେ ପରିଣତ

 Magazine Downloaded from www.aahwaan.com

କରାଇବାହିଁ ଅଧିକ ମହତ୍ୱପୂର୍ଣ୍ଣ । ସୁରକ୍ଷା ଅଧିକାରୀଙ୍କ ମହତ୍ୱ ମଧ୍ୟ ଏହି କାର୍ଯ୍ୟ ଉପରେ ନିର୍ଭର କରେ ।

ବିଭିନ୍ନ ସୁରକ୍ଷା ତଥ୍ୟରୁ ଏହା ପ୍ରମାଣିତ ହୋଇ ସାରିଛି ଯେ ଶିଳ୍ପରେ ନୂତନ କରି ଯୋଗ ଦେଇଥିବା ଶ୍ରମିକମାନଙ୍କର ଦୁର୍ଘଟଣା ହାର ଅଧିକ । ଏଥିପାଇଁ ଯେଉଁମାନେ ନୂତନ କରି କରି ସଂସ୍ଥାରେ ଯୋଗଦାନ କରନ୍ତି ସେମାନଙ୍କର ସଂଶୋଧନ ପାଇଁ ମୂଳରୁ ବନ୍ଦୋବସ୍ତ କରିବାକୁ ହେବ । ଏ ପ୍ରକାର ପ୍ରଶିକ୍ଷଣ ବ୍ୟବସ୍ଥା ପ୍ରତ୍ୟେକ ନୂତନ କର୍ମଚାରୀ ତାଙ୍କ ନିର୍ଦ୍ଧାର୍ଯ୍ୟ କାର୍ଯ୍ୟ କ୍ଷେତ୍ରରେ ଯୋଗଦାନ କରିବା ପୂର୍ବରୁ ହେବା ବିଧେୟ । ଏହି ପ୍ରଶିକ୍ଷଣ ମାଧ୍ୟମରେ ହିଁ ନୂତନ କର୍ମଚାରୀମାନଙ୍କୁ ସେମାନଙ୍କର କାର୍ଯ୍ୟ, କାର୍ଯ୍ୟ ପାଇଁ ଉପଯୁକ୍ତ ପୋଷାକ, କାର୍ଯ୍ୟ ପାଇଁ ସାଧାରଣ ଜ୍ଞାନ, କାର୍ଯ୍ୟର ସୁରକ୍ଷା, ସାଧାରଣ ସୁରକ୍ଷା ନିୟମ ଆଦିକୁ ଜଣାଇ ଦିଆଯାଇ ମୂଳରୁ ସେମାନଙ୍କର ସୁରକ୍ଷା ଆଚରଣକୁ ଉନ୍ନତ କରିବା ପାଇଁ ପ୍ରଯତ୍ନ କରା ଯାଇଥାଏ । ଏହା ଛାଡ ମୂଳରୁ ନୂତନ କର୍ମଚାରୀଙ୍କ ସାଙ୍ଗରେ ସୁରକ୍ଷା ଆଲୋଚନା କଲେ ସେମାନଙ୍କର ମଧ୍ୟ ସଂସ୍ଥା ପ୍ରତି ସମ୍ମାନ ବଢିଥାଏ । ଏ ଦିଗରେ ସୁରକ୍ଷା ବିଭାଗର ଯଥେଷ୍ଟ ଅବଦାନ ରହିଅଛି ।

ଯେ କୌଣସି ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ରହିଥାଏ । ପ୍ରଥମଟି ହେଲା ଶିକ୍ଷାର୍ଥୀମାନଙ୍କୁ କାର୍ଯ୍ୟକୁ ଉପଯୁକ୍ତ ପ୍ରଣାଳୀରେ କରିବା ପାଇଁ ପ୍ରବର୍ତ୍ତାଇବା ଏବଂ ଦ୍ୱିତୀୟଟି ହେଲା ପ୍ରଶିକ୍ଷଣ ପରେ ସୁନିଶ୍ଚିତ କରିବା ଯେ ଶିକ୍ଷାର୍ଥୀ ମାନେ ଉପଯୁକ୍ତ ପ୍ରଣାଳୀରେ କାର୍ଯ୍ୟ କରି ପାରୁଛନ୍ତି କି ନାହିଁ ।

ସବୁବେଳେ ମନେ ରଖିବାକୁ ହେବ ଯେ ସେହି ବ୍ୟକ୍ତି ଶିକ୍ଷା ଗ୍ରହଣ କରେ ଯେ ଏଥିପାଇଁ ସ୍ୱତଃ ପ୍ରବୃତ୍ତ ଭାବରେ ଇଚ୍ଛା ପ୍ରକାଶ କରେ । ବାଧ୍ୟକରି କାହାରିକୁ ବିଶେଷ ଭାବରେ

 Magazine Downloaded from www.aahwaan.com

କାରଖାନାର ପୁରାତନ କର୍ମଚାରୀଙ୍କୁ ଶିକ୍ଷା ଦେବା ଏତେ ସହଜ କାମ ନୁହେଁ । ଯେତେବେଳ ପର୍ଯ୍ୟନ୍ତ ସେମାନେ ତର୍କ ସଂଗତ ଭାବରେ ଏହାକୁ ଗ୍ରହଣ ନ କରିଛନ୍ତି, ତାହା ନିଷ୍ଫଳ ହେବ । ଆମ୍ଭେ ଘୋଡାର ମୁହଁକୁ ପାଣିକୁଣ୍ଡ ଭିତରେ ବୁଡାଇ ଦେଇ ପରିବା, କିନ୍ତୁ ଘୋଡା ପାଣି ପିଇବ କି ନାହିଁ ତାହା ନିର୍ଭର କରେ ତା ଉପରେ । ଯେତେବେଳ ପର୍ଯ୍ୟନ୍ତ ଘୋଡା ନିଜେ ପାଣି ପିଇବାକୁ ଇଚ୍ଛା ପ୍ରକାଶ ନ କରିଛି, ସଂସାରର କୌଣସି ବାହ୍ୟ ଶକ୍ତି ତାକୁ ପାଣି ପିଆଇ ପାରିବ ନାହିଁ । ଉତ୍ତମ ପ୍ରଶିକ୍ଷକମାନେ ଏ କଥାକୁ ଭଲ ଭାବରେ ହୃଦୟଙ୍ଗମ କରିଥାନ୍ତି । ତେଣୁ କରି ସେମାନେ ଶିକ୍ଷାର୍ଥୀ ମାନଙ୍କର ଜ୍ଞାନ, ଅନୁଭବ, ଶିକ୍ଷା, କାରିଗରୀ କୌଶଳର ମାନଦଣ୍ଡ ଅନୁଯାୟୀ ବିଷୟବସ୍ତୁକୁ ସେମାନଙ୍କ ଗ୍ରହଣଯୋଗ୍ୟ ଭାଷାରେ ଉପସ୍ଥାପନ କରନ୍ତି । ଏଥିପାଇଁ ପ୍ରଥମେ ମାନସିକ ସ୍ତରରେ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରିବାକୁ ପଡିଥାଏ । ସେମାନେ ଜାଣିଥିବା ଜ୍ଞାନରୁ ଆରମ୍ଭକରି ନ ଜାଣିଥିବା ବିଷୟବସ୍ତୁ ପର୍ଯ୍ୟନ୍ତ ଆଗେଇ ନବାକୁ ହୋଇଥାଏ ।

ସୁରକ୍ଷା କାର୍ଯ୍ୟଶାଳା ମାନଙ୍କରେ କେବଳ କଥାରେ ନ କହି ଯଥା ସମ୍ଭବ ବିଭିନ୍ନ ମଡେଲ ମାଧ୍ୟମରେ ଶିକ୍ଷା ଦେଲେ ତାହା ବିଶେଷ ଭାବରେ ଫଳପ୍ରଦ ହୁଏ । କାରଣ ଆମର ବିଭିନ୍ନ ଇନ୍ଦ୍ରିୟ ମାନଙ୍କ ମଧ୍ୟରୁ ଚକ୍ଷୁ ମାଧ୍ୟମରେ ଆମେ ଯେଉଁ ଶିକ୍ଷା ଗ୍ରହଣ କରୁ ତାର ସ୍ଥାୟୀତ୍ୱ ଅଧିକ । ବିଭିନ୍ନ ପ୍ରକାରର ଭିଡିଓ କ୍ୟାସେଟ ମାଧ୍ୟମରେ ସୁରକ୍ଷା ଶିକ୍ଷାର ଦ୍ରୁତ ପ୍ରଚାର କରାଯାଇ ପାରିଅଛି ।

ସୁରକ୍ଷିତ କାର୍ଯ୍ୟ ପ୍ରଣାଳୀ, ଆଚରଣ ଶୁଦ୍ଧତା ଏବଂ ଅଭ୍ୟାସରେ ପରିବର୍ତ୍ତନ କରିବା ଏତେ ସହଜ କାର୍ଯ୍ୟ ନୁହେଁ । ବର୍ଷ ବର୍ଷର ଖରାପ ଆଚରଣକୁ ଦିନକର ସୁରକ୍ଷା ଶିକ୍ଷା ମାଧ୍ୟମରେ ସୁଧାରି ହେବ ନାହିଁ । ଏହି ଶିକ୍ଷାକୁ ବାରମ୍ବାର ଦେଇ ଅଭ୍ୟାସରେ ପରିଣତ ନ

 Magazine Downloaded from www.aahwaan.com

ହେବ ପର୍ଯ୍ୟନ୍ତ ଚେଷ୍ଟା କରିବାକୁ ହେବ । ଏଥିପାଇଁ ଯେ କୌଣସି ସୁରକ୍ଷା ଶିକ୍ଷା ପୂର୍ବରୁ ଶିକ୍ଷାର୍ଥୀ ମାନଙ୍କର ବ୍ୟକ୍ତିଗତ ଆଚରଣର ତାଲିକା ପ୍ରସ୍ତୁତ କରି, ସୁରକ୍ଷା ଶିକ୍ଷା ପରେ ସେମାନଙ୍କ ଆଚରଣରେ କି କି ପରିବର୍ତ୍ତନ ହେଲା ନିୟମିତ ଭାବରେ ତାହାକୁ ଅନୁଧ୍ୟାନ କରିବାକୁ ହେବ ଏବଂ ବାରମ୍ବାର ଶିକ୍ଷାର ବ୍ୟବସ୍ଥା କରିବାକୁ ହେବ । ଏ ପ୍ରକାର ପରିବର୍ତ୍ତନ ଆଣିବାରେ ସୁରକ୍ଷା ଅଧିକାରୀଙ୍କ ଅବଦାନ ସର୍ବାଧିକ ।

- ଜୟ ସୁରକ୍ଷା -

ଶ୍ରୀ ରମା କାନ୍ତ ମିଶ୍ର

ଭି.ଆଇ.ଏମ - .୨୬୮

ଶୈଳଶ୍ରୀ ବିହାର

ଭୁବନେଶ୍ବର -୭୫୧୦୨୧

ମୋବାଇଲ -୯୯୩୭୨୬୮୦୧୨

ଆହ୍ୱାନ ଇ-ପତ୍ରିକା ପାଇଁ ଆସିଥିବା ସମସ୍ତ ଲେଖାର ତାଲିକା ଆମର ଆଣ୍ଡ୍ରଏଡ୍ ଆପ୍‌ରେ ଆପଣ ଦେଖି ପାରିବେ । ଏବଂ ନିଶ୍ଚୟ ହୋଇପାରିବେ ଆପଣଙ୍କ ଲେଖା ଆମର ହସ୍ତଗତ ହୋଇଛି କି ନାହିଁ । ସେଥିପାଇଁ ଆହ୍ୱାନ ଇ-ପତ୍ରିକାର ଆପ୍ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଆଜି ହିଁ ଡାଉନ୍‌ଲୋଡ୍ କରନ୍ତୁ ।

Magazine Downloaded from www.aahwaan.com

# ବିଶେଷ ଅନୁରୋଧ




ଆହ୍ୱାନ ଓଡ଼ିଆ ବ୍ଲଗ୍ ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ :

https://play.google.com/store/apps/details?id=com.aahwaan.tathya

ଉପରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ ।




ଆହ୍ୱାନ ଇ-ପତ୍ରିକା ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ :

https://play.google.com/store/apps/details?id=com.aahwaan.aahwaanePatrika

ଉପରେ ଦିଆଯାଇଥିବା ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ଏବଂ ଡାଉନଲୋଡ୍ କରନ୍ତୁ ।

**ନିମ୍ନରେ ଦିଆଯାଇଥିବା ଆହ୍ୱାନ ପତ୍ରିକାର ଇମେଲ୍ ଗ୍ରୁପରେ ଯୋଗ ଦିଅନ୍ତୁ:-**

**https://groups.google.com/forum/#!forum/aahwaan-epatrika**

 Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଫେବୃଆରୀ ୨୦୧୯

ଲେଖା ପଠାଇବାର ଶେଷ ତାରିଖ : ୩ ଫେବୃଆରୀ ୨୦୧୯

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : February 2019

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

## aahwaan@gmail.com